# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଜାନୁୟାରୀ ୧୭/୨୦୨୦ (୨୦ ପୃଷ୍ଠା) Sambalpur, Friday, January 17 / 2020 ★★

୧୬ଶ ଭାଗ ୩୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




## ସୋନମଙ୍କୁ ଉବର ଡ୍ରାଇଭରଙ୍କ ଦୁର୍ବ୍ୟବହାର

ବଲିଉଡ୍ ଅଭିନେତ୍ରୀ ସୋନମ୍ କପୁର ଲଣ୍ଡନରେ କ୍ୟାବ୍‌ରେ ଯାତ୍ରା କରୁଥିବାବେଳେ ତାଙ୍କ ସହ ଜଣେ ଉବର ଡ୍ରାଇଭର ଦୁର୍ବ୍ୟବହାର କରିଥିଲେ ବୋଲି କହିଛନ୍ତି।

୧୨

୧୯

## ସାନିଆ ସେମିଫାଇନାଲରେ

ସାନିଆ ମିର୍ଜା ହୋବାର୍ଟ ଇଣ୍ଟରନ୍ୟାଶନାଲ ମହିଳା ଡବଲ୍ସ ଟେନିସ ଟୁର୍ନାମେଣ୍ଟ ସେମିଫାଇନାଲରେ ପ୍ରବେଶ କରିଛନ୍ତି।



# ସୁପରଫାଷ୍ଟ ଏକ୍ସପ୍ରେସ୍ ଲାଇନ୍‌ଚ୍ୟୁତ

- କଟକ ନିର୍ଗୁଣ୍ଡି ଷ୍ଟେଶନ ନିକଟରେ ଟ୍ରେନ୍ ଦୁର୍ଘଟଣା
- ୪୦ରୁ ଊର୍ଦ୍ଧ୍ୱ ଆହତ, ୫ ଗୁରୁତର
- ୮ ବଗି ଲାଇନ୍‌ଚ୍ୟୁତ
- ଷ୍ଟେଶନ ମାଷ୍ଟରଙ୍କ ସମେତ ୪ ନିଲମ୍ବିତ
- ତଦନ୍ତ କରିବେ ସିଆର୍‌ଏସ୍

କଟକ ଅଫିସ/ଚୌଦ୍ୱାର(ଡି.ଏନ୍.ଏ.),୧୬।୧

କଟକ ଜିଲା ନିର୍ଗୁଣ୍ଡି ରେଳ ଷ୍ଟେଶନ ନିକଟସ୍ଥ ସର୍ଦ୍ଧୋଳା ନିକଟରେ ଗୁରୁବାର ସକାଳ ୬ଟା ୫୦ ମିନିଟ୍‌ରେ ଏକ ମାଲ୍‌ବାହୀ ଟ୍ରେନ୍‌କୁ ଧକ୍କା ଦେଇ ମୁମ୍ବାଇ-ଭୁବନେଶ୍ୱର ଲୋକମାନ୍ୟ ତିଲକ ସୁପରଫାଷ୍ଟ ଏକ୍ସପ୍ରେସ୍ ଲାଇନ୍‌ଚ୍ୟୁତ ହୋଇଛି। ଏହି ଦୁର୍ଘଟଣାରେ ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ଆହତମାନଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରାଯାଇ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ କଟକ ଏସ୍‌ସିବି ମେଡିକାଲକୁ ପଠାଯାଇଛି। ଅନ୍ୟପକ୍ଷରେ ରେଲୱେ ସୁରକ୍ଷା ଅଧିକାରୀଙ୍କ ପକ୍ଷରୁ କରାଯାଇଥିବା ପ୍ରାଥମିକ ତଦନ୍ତରେ ଏକ୍ସପ୍ରେସ୍‌ଟି ନିୟନ୍ତ୍ରଣ ବାହାରେ ଥିବାବେଳେ ଘନ କୁହୁଡ଼ିକୁ କାରଣ ଭାବେ ଧରାଯାଇଛି। ଏହି ଦୁର୍ଘଟଣା ପାଇଁ ନିର୍ଗୁଣ୍ଡି ଷ୍ଟେଶନ ମାଷ୍ଟରଙ୍କ ସମେତ ଏକ୍ସପ୍ରେସ୍ ଟ୍ରେନ୍‌ର ଲୋକୋ ପାଇଲଟ, ସହକାରୀ ଲୋକୋ ପାଇଲଟ ଓ ମାଲବାହୀ ଟ୍ରେନ୍‌ର ଗାର୍ଡଙ୍କୁ ନିଲମ୍ବିତ କରାଯାଇଥିବା ଇଷ୍ଟକୋଷ୍ଟ ରେଲୱେ ମୁଖ୍ୟ ଜନସମ୍ପର୍କ ଅଧିକାରୀ ଜ୍ୟୋତିପ୍ରକାଶ ମିଶ୍ର କହିଛନ୍ତି। ଉକ୍ତ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ନିମନ୍ତେ କମିଶନର ଅଫ ରେଲୱେ ସେଫ୍ଟି (ସିଆର୍‌ଏସ୍) ଅଭୟ କୁମାର ରାୟ ଶୁକ୍ରବାର କଟକ ଆସୁଥିବା ମିଶ୍ର ସୂଚନା ଦେଇଛନ୍ତି। ରିପୋର୍ଟ ଲେଖାଯିବା ବେଳକୁ ଏସ୍‌ସିବି ମେଡିକାଲରେ ୩୦ ଜଣ ଯାତ୍ରୀ ଚିକିତ୍ସାଧୀନ ଅଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ବମ୍ବେରୁ କଟକ ଆସୁଥିବା ଲୋକମାନ୍ୟ ତିଲକ ସୁପରଫାଷ୍ଟ ଏକ୍ସପ୍ରେସ କଟକ ରେଳଷ୍ଟେଶନରେ କିଛି ସମୟ ପରେ ପହଞ୍ଚିଥାନ୍ତା। ସକାଳୁ ଘନ କୁହୁଡ଼ି ଆଚ୍ଛାଦିତ ହୋଇ ରହିଥିଲା। ସକାଳ ପ୍ରାୟ ସାଢେ ୬ଟାରୁ ୬ଟା ୫୦ ମଧ୍ୟରେ ଏକ୍ସପ୍ରେସ୍ ଟ୍ରେନ୍ ଆସୁଥିବା ଟ୍ରାକ୍‌ରେ ପୂର୍ବରୁ ଏକ ମାଲ୍‌ଗାଡ଼ି ଛିଡ଼ା ହୋଇ ରହିଥିଲା। କୁହୁଡ଼ି ଯୋଗୁ ଏକ୍ସପ୍ରେସ୍ ଟ୍ରେନ୍‌ର ଲୋକୋ ପାଇଲଟ୍ ଦେଖିପାରି ନ ଥିଲେ। ଫଳରେ ଏକ୍ସପ୍ରେସ୍ ଟ୍ରେନ୍‌ଟି ମାଲ୍‌ଗାଡ଼ି ପଛରେ ଥିବା ଗାର୍ଡ ବଗିକୁ ଧକ୍କା ଦେଇଥିଲା। ଏଥିରେ ଏକ୍ସପ୍ରେସ୍ ଟ୍ରେନ୍‌ର ୮ଟି ବଗି ଲାଇନଚ୍ୟୁତ ହୋଇଥିଲା। ଦୁର୍ଘଟଣା ଘଟିବା ଖବର ଶୁଣି ସ୍ଥାନୀୟ ଲୋକେ ତୁରନ୍ତ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ଟାଙ୍ଗୀ ପୋଲିସ, ଅଗ୍ନିଶମ ବିଭାଗ, ସ୍ଥାନୀୟ ଅଞ୍ଚଳର ଯୁବକ ସଂଘ, ଗ୍ରାମବାସୀ ଓ ଆଖପାଖ ବିଭିନ୍ନ କ୍ଲବର କର୍ମକର୍ତ୍ତାମାନେ ପହଞ୍ଚି ଆହତ ଯାତ୍ରୀମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ମେଡିକାଲକୁ ପଠାଇଥିଲେ। ଏଥିସହ ଅନ୍ୟ ଯାତ୍ରୀମାନଙ୍କୁ ବସ୍‌ରେ ଘରକୁ ପଠାଇବାର ବ୍ୟବସ୍ଥା କରିଥିଲେ। ଦୁର୍ଘଟଣାର ୨ଘଣ୍ଟା ପରେ ରେଳ ବିଭାଗର ୪ଟି ବଗି ବିଶିଷ୍ଟ ଏକ ମେଣ୍ଟେନାନ୍ସ ଟ୍ରେନ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ରେନ୍ ବଗି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ଗୁରୁବାର ସକାଳୁ ଏହି ଟ୍ରାକ୍ (ଶାଳଗାଁ-ନିର୍ଗୁଣ୍ଡି ଅପ୍ ଲାଇନ)ରେ ରେଳ ଚଳାଚଳ ବନ୍ଦ ରହିଛି। ଏହି ରେଳପଥ ଦେଇ ଚଳାଚଳ କରିବାକୁ ଥିବା ଟ୍ରେନ୍‌ଗୁଡ଼ିକୁ ଭାୟା ନରାଜ ଦେଇ ଗତିପଥ ବଦଳାଯାଇଛି।



ମାଲବାହୀ ଟ୍ରେନ୍‌କୁ ଧକ୍କା ଦେଇଥିବା ମୁମ୍ବାଇ-ଭୁବନେଶ୍ୱର ଲୋକମାନ୍ୟ ତିଲକ ସୁପରଫାଷ୍ଟ ଏକ୍ସପ୍ରେସ୍। (ଅଧିକ ରିପୋର୍ଟ, ଫଟୋ: ପୃଷ୍ଠା-୧୧)

# ସହମତିରେ ସମୀର ଭାଜପା ରାଜ୍ୟ ସଭାପତି

## ଆଜି ବିଧିବଦ୍ଧ ଘୋଷଣା, ଦାୟିତ୍ୱ ଗ୍ରହଣ



ସମୀର ମହାନ୍ତି

ଭୁବନେଶ୍ୱର,୧୬।୧(ବ୍ୟୁରୋ)

ଭାଜପା ରାଜ୍ୟ ସଭାପତି ପଦବୀକୁ ନେଇ ଦୀର୍ଘଦିନ ଧରି ଲାଗି ରହିଥିବା କଳ୍ପନାଜଳ୍ପନାର ଅନ୍ତ ଘଟିଛି। ସଭାପତି ଦୌଡ଼ରେ ଥିବା ସବୁ ନେତାଙ୍କୁ ବାଦ୍ ଦେଇ ସହମତି ଭିତ୍ତିରେ ବରିଷ୍ଠ ନେତା ସମୀର ମହାନ୍ତି ଏହି ପଦବୀ ହାତେଇଛନ୍ତି। ଦଳର କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ନରେନ୍ଦ୍ର ସିଂ ତୋମାର ରାଜ୍ୟ ସଭାପତି ଭାବେ ସମୀରଙ୍କ ନାମ ଘୋଷଣା କରିଛନ୍ତି। ଆସନ୍ତା ୩ ବର୍ଷ ପର୍ଯ୍ୟନ୍ତ ସେ ଏହି ପଦବୀରେ ରହିବେ। ଗୁରୁବାର ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ସଭାପତି ପଦ ପାଇଁ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମାତ୍ର ସଭାପତି ପଦ ପାଇଁ ସମୀର ଏକମାତ୍ର ପ୍ରାର୍ଥୀ ହୋଇଥିଲେ। ତେଣୁ ଭୋଟର କୌଣସି ଆବଶ୍ୟକତା ପଡିଲା ନାହିଁ। ଯଦି ଆଉ କେହି ପ୍ରାର୍ଥିପତ୍ର ଦାଖଲ କରିଥାଆନ୍ତେ, ତେବେ ୧୭ ତାରିଖରେ ଭୋଟ ପ୍ରକ୍ରିୟା ହେବା ସହିତ ନୂଆ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଥାଆନ୍ତା। ଯେହେତୁ ସହମତି ଭିତ୍ତିରେ ଏକମାତ୍ର ପ୍ରାର୍ଥୀ ଭାବେ ସମୀରଙ୍କ ନାମରେ ମୋହର ବାଜିଲା, ତେଣୁ ଗୋଟିଏ ଦିନ ଆଗରୁ ଏହି ପ୍ରକ୍ରିୟାରେ ପୂର୍ଣ୍ଣଚ୍ଛେଦ ଟାଣି ଦିଆଯାଇଛି। ଅନ୍ୟପଟେ ଦଳର ସାମ୍ବିଧାନିକ ନିୟମାନୁଯାୟୀ ସମୀରଙ୍କ ନାମ ଶୁକ୍ରବାର ବିଧିବଦ୍ଧ ଭାବେ ଘୋଷଣା କରାଯିବ। ଦଳର ରାଜ୍ୟ ପ୍ରଭାରୀ ଅରୁଣ ସିଂ କିମ୍ବା ରାଜ୍ୟ ନିର୍ବାଚନ ଅଧିକାରୀ ରଞ୍ଜନ ପଟେଲଙ୍କ ଦ୍ୱାରା ପୂର୍ବାହ୍ନ ୧୧ଟାରେ ଘୋଷଣା କରାଯିବ। ଏହାପରେ ବସନ୍ତ ପଣ୍ଡାଙ୍କଠାରୁ ସମୀର ସଭାପତି ଦାୟିତ୍ୱ ଗ୍ରହଣ କରିବେ।

ସୂଚନାଯୋଗ୍ୟ, ୨୦୦୪ରୁ ବର୍ତ୍ତମାନ ପର୍ଯ୍ୟନ୍ତ ଲଗାତର ପଶ୍ଚିମ ଓଡ଼ିଶା ନେତାଙ୍କ ହାତରେ ଦଳର ସଭାପତି ପଦ ରହିଆସୁଥିଲା। କିନ୍ତୁ ୨୦୧୯ ସାଧାରଣ ନିର୍ବାଚନରେ ପଶ୍ଚିମ ଓଡ଼ିଶାରେ ଭାଜପା ଭଲ ପ୍ରଦର୍ଶନ କରିବା ପରେ ଏଥର ସଭାପତି ପଦବୀରେ ଉପକୂଳ ଅଞ୍ଚଳର କୌଣସି ନେତାଙ୍କୁ ଦାୟିତ୍ୱ ମିଳିପାରେ ବୋଲି ଚର୍ଚ୍ଚା ଚାଲିଥିଲା। ସମୀରଙ୍କୁ ଦାୟିତ୍ୱ ମିଳିବା ପରେ ଏହା ସତ ହୋଇଛି। ସମୀର ୧୯୭୭ରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି), ଭୁବନେଶ୍ୱର ୟୁନିଟ୍‌ର ଯୁଗ୍ମ ସଚିବ ଭାବେ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। ୧୯୮୩ରେ ସେ ଭାଜପାରେ ଯୋଗଦେଲେ। ୧୯୮୪-୮୫ ପର୍ଯ୍ୟନ୍ତ ସମୀର ଭାଜପା ଯୁବ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ରହିଥିଲେ। ୧୯୯୫-୨୦୦୦ ପର୍ଯ୍ୟନ୍ତ ସେ ଭାଜପାର ଭୁବନେଶ୍ୱର ଜିଲା ଉପସଭାପତ, ୨୦୦୦-୨୦୦୫ ଯାଏ ୪ ସାଙ୍ଗଠନିକ ଜିଲା ଦାୟିତ୍ୱ ଏବଂ ୨୦୦୯ରେ ଏକାମ୍ର ବିଧାନସଭା ନିର୍ବାଚନମଣ୍ଡଳୀ ପ୍ରାର୍ଥୀ ହୋଇଥିଲେ। ଏହାପରେ ସେ ବିଭିନ୍ନ ଜିଲାର ପ୍ରଭାରୀ ଏବଂ ଦଳର ମୁଖପାତ୍ର ରହିସାରିଛନ୍ତି। ବର୍ତ୍ତମାନ ☞ପୃଷ୍ଠା-୪



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ପୁରୀ ମ୍ୟୁନିସିପାଲିଟି ମାର୍କେଟ ପଡ଼ିଆରେ ଐତିହ୍ୟ ଭିତ୍ତିଭୂମି ଏବଂ ଅନ୍ୟାନ୍ୟ ଉନ୍ନୟନମୂଳକ ପ୍ରକଳ୍ପ ସମୂହର ଶିଳାନ୍ୟାସ କରୁଛନ୍ତି।


ଆଜିର ସମ୍ପାଦକୀୟ

ଆହ୍ୱାନପୂର୍ଣ୍ଣ

ମାଟ୍ରିକ ପରୀକ୍ଷା ସାଥୀ ଦେଖନ୍ତୁ
ପୃଷ୍ଠା - ୧୦-୧୧

ମିଖାଇଲ୍ ମିଶୁଷ୍ଟିନ୍ ରୁଷିଆ ପ୍ରଧାନମନ୍ତ୍ରୀ
........୯........

ଆଜି ଆଇଏଏସ୍ ଅଫିସର ସମ୍ମିଳନୀ
........୩........



Taste the difference! Vencobb FRESH CHICKEN

16.01.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 73 | 123 | 133 |
| CTC | 75 | 126 | 136 |
| DKL | 75 | 126 | 136 |
| BDK | 72 | 122 | 132 |
| BLS | 72 | 122 | 132 |
| ANG | 77 | 128 | 138 |
| BHM | 75 | 126 | 136 |

*Conditions Apply

Issued in the Interest of Consumers


# ସୌନ୍ଦର୍ଯ୍ୟରେ ଝଲସିବ ଶ୍ରୀକ୍ଷେତ୍ର

ପୁରୀ ଅଫିସ,୧୬।୧

ପୁରୀ ହେବ ବିଶ୍ୱ ଐତିହ୍ୟ ସହର। ବଦଳିଯିବ ଏହାର ରୂପରେଖ। ସୌନ୍ଦର୍ଯ୍ୟରେ ଝଲସି ଉଠିବ। ଦେଶର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବେ ଏହା ପରିଗଣିତ ହେବ। ଭକ୍ତ, ପର୍ଯ୍ୟଟକଙ୍କୁ ମିଳିବ ଅତ୍ୟାଧୁନିକ ସେବା ସୁବିଧା। ଏଥିପାଇଁ ଭିତ୍ତିଭୂମିର ବିକାଶ, ନୂଆ ବହୁଥାକିଆ ରାସ୍ତା, ସେତୁ, ହ୍ରଦ, ମାର୍କେଟ କମ୍ପ୍ଲେକ୍ସ, ପାର୍କିଂ ଆଦି କରାଯିବ। ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନର ପୁରୀ ନେବ ବାସ୍ତବ ରୂପ। ଏଥିପାଇଁ ଗୁରୁବାର ୭ଟି ମେଗା ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ଅବସରରେ ସେ ସିଂହଦ୍ୱାରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ବୁଲି ଦେଖିବା ସହ ବଡ଼ଦାଣ୍ଡରେ ବସି ଶ୍ରୀମନ୍ଦିର ହେରିଟେଜ୍ କରିଡର ନକ୍ସାର ସମୀକ୍ଷା କରିଥିଲେ।

ମଧ୍ୟାହ୍ନ ୧୨ଟାରେ ସିଂହଦ୍ୱାର ନିକଟ ନୂଆ ବ୍ୟାରିକେଡ ପ୍ରବେଶ ପଥରେ ମୁଖ୍ୟମନ୍ତ୍ରୀ ପହଞ୍ଚିଥିଲେ। ସେଠାରୁ ଏକ ବ୍ୟାଟେରିଚାଳିତ ଗାଡ଼ିରେ ବସି ସିଂହଦ୍ୱାର ସମ୍ମୁଖରେ ଓହ୍ଲାଇଥିଲେ। ତାଙ୍କୁ ପ୍ରଶାସନିକ ଅଧିକାରୀ ଏବଂ ସେବାୟତମାନେ ପୁଷ୍ପଗୁଚ୍ଛ ଓ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ସେ ପ୍ରଥମେ ଅରୁଣ ସ୍ତମ୍ଭ ନିକଟରେ ଦୀପ ଜାଳିବା ପରେ ଶ୍ରୀମନ୍ଦିରକୁ ଯାଇ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ଦର୍ଶନ ସମୟରେ ଜଣେ ଅଖଣ୍ଡ ସେବକ ମୁଖ୍ୟମନ୍ତ୍ରୀଙ୍କ ହାତକୁ ଜଳୁଥିବା ଅଖଣ୍ଡ ଦୀପଟିଏ ବଢାଇ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଗ୍ରହଣ କରି ଠାକୁରଙ୍କ ଉଦ୍ଦେଶ୍ୟରେ ଦୀପ ଜାଳିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ମଧ୍ୟାହ୍ନ ପ୍ରାୟ ୧୨ଟା ୪୦ରେ ମ୍ୟୁନିସିପାଲିଟି ମାର୍କେଟ ପଡ଼ିଆରେ ପହଞ୍ଚି ଐତିହ୍ୟ ଭିତ୍ତିଭୂମି ଏବଂ ଅନ୍ୟାନ୍ୟ ଉନ୍ନୟନମୂଳକ ପ୍ରକଳ୍ପ ସମୂହର ଶିଳାନ୍ୟାସ କରିଥିଲେ। ୭ଟି ପ୍ରକଳ୍ପ ମଧ୍ୟରୁ ଅବଢା ଯୋଜନାରେ ୪ ପ୍ରକଳ୍ପ ନିର୍ମାଣ ହେବ।

## ଆପଣମାନେ ଖୁସି ତ?

ମୁଖ୍ୟମନ୍ତ୍ରୀଙ୍କୁ ଦେଖିବା ପାଇଁ ମନ୍ଦିର ବେଢା ଭିତରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଅପେକ୍ଷା କରି ରହିଥିଲେ। ଘଣ୍ଟିଦ୍ୱାର ଦେଇ ମୁଖ୍ୟମନ୍ତ୍ରୀ କୀର୍ତ୍ତନ ଚକଡ଼ାକୁ ବାହାରିବା ପରେ ଭକ୍ତଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା। ଏହି ସମୟରେ ସାତପାହାଚ ନିକଟରେ ଛିଡ଼ା ହୋଇଥିବା ଭକ୍ତମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆପଣମାନେ ଖୁସି ତ ବୋଲି ବଡ଼ପାଟିରେ କହିଥିଲେ। ମୁଖ୍ୟମନ୍ତ୍ରୀ ମଧ୍ୟ ହସି ହସି 'ମୁଁ ବି ବହୁତ ଖୁସି' ବୋଲି କହିଥିଲେ।

## ୭ ପ୍ରକଳ୍ପର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

- ମହାପ୍ରଭୁଙ୍କୁ ଦର୍ଶନ ସହ ଦୀପ ଜାଳିଲେ
- ୩ ବର୍ଷରେ ଖର୍ଚ୍ଚ ହେବ ୩୦୨୮ କୋଟି ଟଙ୍କା

ଏହି ଶିଳାନ୍ୟାସ ସମୟରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କେ. ପାଣ୍ଡିଆନ, ମନ୍ତ୍ରୀ ସମୀର ରଞ୍ଜନ ଦାଶ, ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପିପିଲି ବିଧାୟକ ପ୍ରଦୀପ ମହାରଥୀ, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ପୂର୍ବ ସଚିବ ତଥା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର, କେନ୍ଦ୍ରାଞ୍ଚଳ ଡିଆଇଜି ଆଶିଷ ସିଂ, ଜିଲାପାଳ ବଲୱନ୍ତ ସିଂ, ଏସ୍‌ପି ଉମାଶଙ୍କର ଦାଶ, ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି, ବିଜେଡି ସାଧାରଣ ସମ୍ପାଦକ (ମୁଖ୍ୟାଳୟ) ସଞ୍ଜୟ ଦାସବର୍ମା ଏବଂ ବିଜେଡି ରାଜ୍ୟ ସମ୍ପାଦକ ଶୁଭାଶିଷ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।




# ମହିଳାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

ସୁନ୍ଦରଗଡ଼, ୧୬।୧ (ଡି.ଏନ୍.ଏ. ) ଆଦିବାସୀ ବହୁଳ ସୁନ୍ଦରଗଡ ଜିଲାରେ ଏବେ ମଧ୍ୟ ଗୁଣିଗାରେଡି ସନ୍ଦେହ ଲୋକଙ୍କ ମନରେ ବସାବାନ୍ଧିଛି। ଏହି କାରଣରୁ ଅନେକ ନିରୀହ ଜୀବନ ବଳି ପଡୁଛି। ବଣାଇ ଥାନା ଅନ୍ତର୍ଗତ ଟିକିରାପୋଷ ଗ୍ରାମରେ ଗୁରୁବାର ଡାହାଣୀ ସନ୍ଦେହରେ ଜଣେ ମହିଳାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଛି। ମୃତା ମହିଳାଙ୍କ ନାମ ବନ୍ଧନୀ ଓରାମ ଓ ତାଙ୍କ ଘର ଟିକାୟତପାଲି ଥାନା ଅନ୍ତର୍ଗତ ଚିକିଟିନାଳି ଗ୍ରାମରେ। ବୁଧବାର ସେ ନିଜ ଝିଅ ଘର ଟିକିରାପୋଷ ଆସିଥିଲେ। ରାତିରେ ଖାଇପିଇ ସମସ୍ତେ ନିଆଁ ପୋଉଁଥିବାବେଳେ ଏହି ସମୟରେ ଝିଅର ଦିଅର ରତିକାନ୍ତ ଓରାମ ପହଞ୍ଚି ପାଟିତୁଣ୍ଡ କରିଥିଲେ। ବନ୍ଧନୀଙ୍କୁ ଗାଳିକରି କହିଥିଲେ ତୁମେ ଗୁଣିଗାରେଡି କରି ଆମ ପରିବାରର କ୍ଷତି କରୁଛ। ଆମ ଭାଉଜଙ୍କୁ ମଧ୍ୟ ଗୁଣିଗାରେଡି ବିଦ୍ୟା ଶିଖାଉଛ। ତେଣୁ ତୁମକୁ ଶେଷ କରିଦେବି କହି ଏକ ଟାଙ୍ଗିଆରେ ତାଙ୍କୁ ହାଣି ଫେରାର୍ ହୋଇଯାଇଥିଲେ। ଏହି ସମୟରେ ପାଖରେ ଥିବା ଏକ ଦେଢବର୍ଷର ଶିଶୁ ମଧ୍ୟ ରତିକାନ୍ତଙ୍କ ଆକ୍ରମଣରେ ଆହତ ହୋଇଛନ୍ତି । ତାଙ୍କୁ ଗୁରୁତର ଅବସ୍ଥାରେ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବରପାଇ ଗୁରୁବାର ସକାଳେ ବଣାଇ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା ଚଳାଇଛି। ବ୍ୟବଚ୍ଛେଦ ପାଇଁ ମୃତଦେହକୁ ପୋଲିସ ଡାକ୍ତରଖାନା ପଠାଇବା ସହ ତଦନ୍ତ ଆରମ୍ଭ କରିଛି । ଘଟଣାସ୍ଥଳରୁ ପୋଲିସ ବ୍ୟବହୃତ ଟାଙ୍ଗିଆକୁ ଜବତ କରିଛି।

# ଚଳନ୍ତା ଟ୍ରେନରୁ ଯୁବକଙ୍କୁ ଠେଲିଦେଲେ ଦୁର୍ବୃତ୍ତ

ମୁରିବାହାଲ, ୧୬।୧ (ଡି.ଏନ.ଏ.) ବଲାଙ୍ଗୀର ଜିଲା ମୁରିବାହାଲ ନିକଟ ବନବାହାଲ ରେଳ ଫାଟକ ନିକଟରେ ଗୁରୁବାର ମଧ୍ୟାହ୍ନରେ ଜଣେ ଯୁବକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଆହତ ଯୁବକ ଜଣକ ହେଲେ ବୀରେନ ପୂଜାରୀ(୨୬), ଘର ସୁବର୍ଣ୍ଣପୁର ଜିଲା କୁଟସିରା ଗାଁରେ। ସେ ରାଜସ୍ଥାନକୁ କାମ କରିବାକୁ ଯିବା ପାଇଁ ଗୁରୁବାର ପ୍ରାୟ ୧୨।୪୦ରେ ଟିଟିଲାଗଡ଼ ରେଳ ଷ୍ଟେଶନରୁ ଭଗବତ କି କୋଠି ଏକ୍ସପ୍ରେସ ଟ୍ରେନରେ ଚଢିଥିଲେ। ଷ୍ଟେଶନରୁ ଗାଡି କିଛି ବାଟ ଗଲା ପରେ କେତେଜଣ ଦୁର୍ବୃତ୍ତ ତାଙ୍କ ପାଖକୁ ଆସି ଲୁଟ୍‌ପାଟ କରିବାକୁ ଚେଷ୍ଟା କରିଥିଲେ। ଟଙ୍କା ଛଡାଇବାକୁ ଉଦ୍ୟମ କରି ବିଫଳ ହେବା ପରେ ଚଳନ୍ତା ଟ୍ରେନରୁ ଠେଲି ଦେଇଥିଲେ ବୋଲି ବୀରେନ କହିଛନ୍ତି। ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଉଦ୍ଧାର କରି ଟିଟିଲାଗଡ଼ ଡାକ୍ତରଖାନା ପଠାଇଥିଲେ। ଏବେ ସେଠାରେ ସେ ଚିକିତ୍ସାଧୀନ ଅଛନ୍ତି। ଦୁର୍ଘଟଣା ସମ୍ପର୍କରେ ବୀରେନଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଛି ବୋଲି ତାଙ୍କୁ ଉଦ୍ଧାର କରିଥିବା ବନବାହାଲ ଗ୍ରାମର ଭରତ ଦାସ, ସୁରେଶ ଧରୁଆ, ରାଜୀବ କୁଅଁର, ରାଜେଶ ଧରୁଆ, ବାଦଲ ବିକାଶ ମିଶ୍ର ପ୍ରମୁଖ କହିଛନ୍ତି।

## ପୋଖରୀରେ ବୁଡ଼ି ବୃଦ୍ଧଙ୍କ ଜୀବନ ଗଲା

**ବସ୍ତା, ୧୬।୧(ସ୍ୱ.ପ୍ର.):** ବାଲେଶ୍ୱର ଜିଲା ସିଂଲା ଥାନା ଇଡ଼ଦା ଗ୍ରାମର କୃଷ୍ଣପ୍ରସାଦ ବେହେରା (୭୦) ନାମକ ବୃଦ୍ଧ ଗୁରୁବାର ସକାଳେ ପାଣିରେ ବୁଡ଼ିଯାଇ ମୃତ୍ୟୁବରଣ କରିଛନ୍ତି। ସେ ଶୌଚ ପାଇଁ ପୋଖରୀକୁ ଯାଇଥିବା ବେଳେ ଗୋଡ଼ ଖସିଯାଇ ଗଭୀର ପାଣିରେ ବୁଡ଼ିଯାଇଥିଲେ। ଘର ଲୋକେ ବହୁ ଖୋଜାଖୋଜି କରିବା ପରେ ପୋଖରୀରୁ ଉଦ୍ଧାର କରି ବସ୍ତା ମେଡ଼ିକାଲକୁ ଆଣିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ସିଂଲା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ଶବ ବ୍ୟବଚ୍ଛେଦ କରାଯାଇଛି। ମୃତକ ଜଣକ କୋରାପୁଟ ମିଗ୍ ବିମାନ କାରଖାନାରେ ସହକାରୀ ସୁପରଭାଇଜର ଭାବେ କାର୍ଯ୍ୟ କରି ଅବସର ନେଇଥିଲେ।

## ସେଲ୍‌ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie


ସୁଦାମ


ମୁକୁର


ରାଜେନ୍ଦ୍ର


ରାଜା

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)








































See Career Appointment on every Wednesday & Saturday









ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ଜାନୁୟାରୀ ୧୭/୨୦୨୦



“ ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।
- ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର



**ପାଠିକା / ପାଠକଙ୍କ ପାଇଁ ସୂଚନା**

ଆପଣଙ୍କ ଅଞ୍ଚଳରେ ଯଦି 'ଧରିତ୍ରୀ' ପାଇବାରେ କୌଣସି ଅସୁବିଧା ହେଉଥାଏ, ତେବେ ଦିଆଯାଇଥିବା ମୋବାଇଲ୍ ନମ୍ବରରେ ଯୋଗାଯୋଗ କରନ୍ତୁ।

୯୪୩୭୦୦୯୪୪୧
୯୩୪୮୨୦୯୫୩୪

# ଆଜି ଆଇଏଏସ୍ ଅଫିସର ସମ୍ମିଳନୀ

**ପ୍ରସ୍ତୁତ ହେବ ୫ ବର୍ଷିଆ ରୋଡମ୍ୟାପ**

ଭୁବନେଶ୍ୱର,୧୬।୧(ବ୍ୟୁରୋ)

ଜନସାଧାରଣଙ୍କୁ ଯୋଗାଇ ଦିଆଯାଉଥିବା ସରକାରୀ ସେବା ବ୍ୟବସ୍ଥାକୁ କିପରି ଅଧିକ ଉନ୍ନତ କରାଯାଇପାରିବ ସେ ନେଇ ପ୍ରଥମଥର ଲାଗି ଶୁକ୍ରବାର ରାଜ୍ୟ ସରକାରଙ୍କ ବରିଷ୍ଠ ଆଇଏଏସ୍ ଅଧିକାରୀମାନଙ୍କ ଏକ ସମ୍ମିଳନୀ ଅନୁଷ୍ଠିତ ହେବ। ନିକଟରେ ନୂଆକରି ଉଦ୍‌ଘାଟିତ ହୋଇଥିବା ଲୋକସେବା କନ୍‌ଭେନସନ ସେଣ୍ଟରଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବେ। ଦିନତମାମ ଚାଲିବାକୁ ଥିବା ଏହି ବୈଠକରେ ଆସନ୍ତା ୫ବର୍ଷ ପାଇଁ ସରକାରୀ ସେବାକୁ ଅଧିକ କ୍ରିୟାଶୀଳ କରିବା ନେଇ ରୋଡମ୍ୟାପ ପ୍ରସ୍ତୁତ ହେବ। ମିଳିଥିବା ସୂଚନା ଅନୁଯାୟୀ ୬ ଜଣ ଆଇଏଏସ୍ ଅଫିସରଙ୍କୁ ନେଇ ଗୋଟିଏ ଲେଖାଏ ଗ୍ରୁପ ଗଠନ କରାଯାଇଛି। ପ୍ରତ୍ୟେକ ଗ୍ରୁପ ନିଜର ଆଭିମୁଖ୍ୟ ଉପସ୍ଥାପନ କରିବେ। ସେହିପରି ଜିଲାପାଳମାନେ ମଧ୍ୟ ୫ଟି ଦଳରେ ବିଭକ୍ତ ହୋଇ ଜିଲାସ୍ତରୀୟ ଉନ୍ନୟନ କାର୍ଯ୍ୟର ଏକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି। ସେମାନେ ସମ୍ମିଳନୀରେ ଏହାକୁ ଉପସ୍ଥାପନ କରିବେ। ଏହି ସମ୍ମିଳନୀକୁ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ, ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, କୃଷି ଉତ୍ପାଦନ କମିଶନର ପ୍ରଦୀପ୍ତ କୁମାର ମହାପାତ୍ର ସମ୍ବୋଧିତ କରିବେ। ସମ୍ମିଳନୀରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା, ଉଚ୍ଚଶିକ୍ଷା, କୃଷି, ମହିଳା ସଶକ୍ତୀକରଣ, ମିଶନ୍ ଶକ୍ତି, ସ୍ୱାସ୍ଥ୍ୟ ଆଦି ବିଭିନ୍ନ ବିଷୟରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ରାଜ୍ୟର ସମସ୍ତ ଜିଲାପାଳ ଓ ଆଇଏଏସ୍ ଅଫିସର ଏହି ସମ୍ମିଳନୀରେ ଯୋଗଦେବେ।

# ବଦଳିବେନି ପିସିସି ସଭାପତି: ଜିତେନ୍ଦ୍ର

ଭୁବନେଶ୍ୱର,୧୬।୧(ବ୍ୟୁରୋ)



ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ପରିବର୍ତ୍ତନ କରିବାକୁ ନେଇ ଦଳରେ ଦେଖାଦେଇଥିବା ବିବାଦ ଥମୁନାହିଁ। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ବିରୋଧରେ ଗୋଟିଏ ଗୋଷ୍ଠୀ ଭାଗଭାଗ ହୋଇ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ନିକଟରେ ଅଭିଯୋଗ କରି ଆସିଥିଲେ। ସେହି ଗୋଷ୍ଠୀ ଗୁରୁବାର ଦଳର ରାଜ୍ୟ କାର୍ଯ୍ୟାଳୟ ସମ୍ମୁଖରେ ନିରଞ୍ଜନଙ୍କ ବିରୋଧରେ ମେଳି ବାନ୍ଧିଥିଲେ। ଗୋଟିଏପଟେ ଦଳୀୟ କାର୍ଯ୍ୟାଳୟରେ ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂ ଏବଂ ନିରଞ୍ଜନଙ୍କ ଅଧ୍ୟକ୍ଷତାରେ ୨୦୧୯ ସାଧାରଣ ନିର୍ବାଚନ ଫଳାଫଳକୁ ନେଇ ୪ଜିଲା ଢେଙ୍କାନାଳ, ଅନୁଗୋଳ, କେନ୍ଦୁଝର ଏବଂ ମୟୂରଭଞ୍ଜର ସମୀକ୍ଷା କରାଯାଇଛି। ଏହି ସମୟରେ ନିରଞ୍ଜନଙ୍କ ବିରୋଧୀ ଗୋଷ୍ଠୀ ପ୍ରଭାରୀଙ୍କୁ ଭେଟି ସଭାପତି ପରିବର୍ତ୍ତନ ଦାବି ରଖିଥିଲେ। ମାତ୍ର ଦଳର ସମସ୍ତ ସାଙ୍ଗଠନିକ ସ୍ତରରେ ଆମୂଳଚୂଳ ପରିବର୍ତ୍ତନ ହେବାକୁ ଥିବାବେଳେ ସଭାପତି ପରିବର୍ତ୍ତନ ହେବନାହିଁ ବୋଲି କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଆସନ୍ତା ଦିନରେ ରାଜ୍ୟରେ ପୁନର୍ବାର କଂଗ୍ରେସର ସ୍ଥିତି ଏବଂ ମୂଳଦୁଆକୁ ମଜଭୂତ କରିବାକୁ ସାଙ୍ଗଠନିକ ପରିବର୍ତ୍ତନ ହେବ। ଜିଲାସ୍ତରରେ ସଭାପତି ଚୟନ କ୍ଷେତ୍ରରେ ଯୁବକଙ୍କୁ ବିଶେଷ ପ୍ରାଧାନ୍ୟ ଦିଆଯିବ। ସେହି ଅନୁଯାୟୀ ଆମେ କାର୍ଯ୍ୟ କରୁଛୁ। ଯେଉଁମାନେ ଦଳ ବିରୋଧରେ କିଛି ଅଭିଯୋଗ ଆଣୁଛନ୍ତି ସେମାନେ ଉପଯୁକ୍ତ ମାଧ୍ୟମରେ କୁହନ୍ତୁ। ବାହାରେ ଯେପରି ଗଣମାଧ୍ୟମ ଆଗରେ କହି ଦଳର କ୍ଷତି ନ କରନ୍ତୁ। ଯେଉଁମାନେ ବିଶୃଙ୍ଖଳା କରିବେ ସେମାନଙ୍କ ବିରୋଧରେ ପୂର୍ବରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ଆଗକୁ ମଧ୍ୟ ନିଆଯିବ ବୋଲି ଜିତେନ୍ଦ୍ର କହିଛନ୍ତି।






**କିଛି ତଥ୍ୟ**
ଚଳିତ ଆର୍ଥିକ ବର୍ଷ ଡିସେମ୍ବରରେ ଦେଶର ପାମ୍ ଅଏଲ୍ ଆମଦାନୀ ୮% ହ୍ରାସ ଘଟି ୭.୪୧ ଲକ୍ଷ ଟନ୍ ରହିଛି।
– ସଲ୍‌ଭେଣ୍ଟ ଏକ୍ସଟ୍ରାକ୍ଟର ଆସୋସିଏଶନ

**ଆଜିର ମନ୍ତବ୍ୟ**
ୟୁଏନ୍‌ଏସ୍‌ସିରେ କଶ୍ମୀର ପ୍ରସଙ୍ଗ ଉଠାଇବା ବଦଳରେ ଅତୀତରୁ ଶିକ୍ଷା ନେଉ ଚାଇନା।
– ରବୀଶ କୁମାର, ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର


**ଜନ୍ମଦିନର ଶୁଭେଚ୍ଛା**
ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଆନ୍ନି
ପରିବାରବର୍ଗ


ପ୍ରତିଭାରାଣୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ଉତ୍କଳଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସମବାୟ ସମିତି ଅଫିସରୁ ସମ୍ପାଦକଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର

- ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ସନ୍ଦେହ
- ଷଡ଼ଯନ୍ତ୍ର ଅଭିଯୋଗ ଆଣିଲା ପରିବାର


ସମବାୟ ସମିତି ବ୍ୟାଙ୍କ ସମ୍ମୁଖରେ ଲୋକଙ୍କ ଭିଡ଼।

**କୁକୁଡ଼ାଖଣ୍ଡି, ୧୬।୧ (ଡି.ଏନ୍.ଏ.)**

ଗଞ୍ଜାମ ଜିଲା କୁକୁଡ଼ାଖଣ୍ଡି ବ୍ଲକ ଲୋଚାପଡା ସମବାୟ ସମିତି ବ୍ୟାଙ୍କ ସମ୍ପାଦକ ଡି.ଜଗନ୍ନାଥ ପାତ୍ରଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଅଫିସ ଡିପୋଜିଟ୍ କାଉଣ୍ଟରରୁ ଗୁରୁବାର ଅପରାହ୍ନରେ ଉଦ୍ଧାର ହୋଇଛି। ଶର୍ଟ ସର୍କିଟରୁ ନିଆଁ ଲାଗି ସେ ପୋଡି ଯାଇଥିବା ଅଗ୍ନିଶମ ବାହିନୀ ଅନୁମାନ କରୁଛି। ସଦରଥାନା ପୋଲିସ ଏକ ମାମଲା (ନଂ.୩/୨୦) ରୁଜୁକରି ତଦନ୍ତ ଚଳାଇଛି। ତାଙ୍କୁ କେହି ଷଡ଼ଯନ୍ତ୍ର କରି ହତ୍ୟା କରିଥିବା ପରିବାର ଲୋକେ ସନ୍ଦେହ କରି ଥାନାରେ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ଲୋଚାପଡ଼ା ଗ୍ରାମରେ ଥିବା ଉକ୍ତ ଡିପୋଜିଟ କାଉଣ୍ଟରର ସମସ୍ତ କର୍ମଚାରୀ ଗୁରୁବାର ଅପରାହ୍ନ ପ୍ରାୟ ୨ଟାରେ ମଧ୍ୟାହ୍ନଭୋଜନ ପାଇଁ ବାହାରକୁ ଯାଇଥିଲେ। ଜଗନ୍ନାଥ ଏକାକୀ କାଉଣ୍ଟରରେ ଥିଲେ। ଏହି ସମୟରେ ଅଫିସ ଭିତରୁ ଧୂଆଁ ବାହାରୁଥିବା ସ୍ଥାନୀୟ ଲୋକେ ଦେଖି ବ୍ରହ୍ମପୁର ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ସଦର ଥାନା ଅଧିକାରୀ ସନ୍ତୋଷିନୀ ଓରାମ ସଦଳବଳ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଥିଲେ। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି ବୋଲି ବ୍ରହ୍ମପୁର ଦମକଳ କେନ୍ଦ୍ର ଅଧିକାରୀ ସନାତନ ମହାପାତ୍ର କହିଛନ୍ତି।

ମୃତକଙ୍କ ଶାଳକ ଅଭିଷେକ ଦାସ ଘଟଣା ସମ୍ପର୍କରେ ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେଥିରେ ସେ ଦର୍ଶାଇଛନ୍ତି ଯେ, ୩ ମାସ ପୂର୍ବେ ଜଗନ୍ନାଥଙ୍କୁ କେତେଜଣ ଲୋକ ଘରେ ପଶି ଆକ୍ରମଣ କରିଥିଲେ। ଏନେଇ ସେ ସଦର ଥାନାରେ ଅଭିଯୋଗ ମଧ୍ୟ କରିଥିଲେ। ଏପରି ଅଗ୍ନିକାଣ୍ଡ ଘଟିବା ପଛରେ ମଧ୍ୟ କାହାର ଷଡ଼ଯନ୍ତ୍ର ଥାଇପାରେ ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି।

# ଟ୍ରାକ୍ଟର ଓଲଟି ୨ ମୃତ



ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟର।

**କବିସୂର୍ଯ୍ୟନଗର, ୧୬।୧**

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ବାଉଁଶିଆ-ଅଶ୍ୱିନପୁର ରାସ୍ତାରେ ଗୁରୁବାର ଟ୍ରାକ୍ଟର ଓଲଟି ୨ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଟ୍ରାକ୍ଟର ଚାଳକ ବି.ନୂଆପଲ୍ଲୀର ଶମ୍ଭୁ ନାୟକ (୨୭) ଓ ଉକ୍ତ ଗ୍ରାମର ଶ୍ରମିକ ମୁନା ନାଏକ (୨୫)। ଗୁରୁବାର ଅପରାହ୍ନରେ ବି.ନୂଆପଲ୍ଲୀ ନିକଟ ଘୋଡ଼ାମୁହାଁ ପାହାଡ଼କୁ ପଥର ଆଣିବାକୁ ଶମ୍ଭୁ ଓ ମୁନା ଟ୍ରାକ୍ଟର (ଓଡି୦୭ଏକ୍ସ-୫୪୬୨) ନେଇ ଯିବାବେଳେ ଅସାବଧାନତା ଯୋଗୁ ବାଉଁଶିଆ-ଅଶ୍ୱିନପୁର ରାସ୍ତା ପାର୍ଶ୍ୱକୁ ଟ୍ରାକ୍ଟରଟି ଓଲଟି ପଡ଼ିଥିଲା। ଏହାତଳେ ଶମ୍ଭୁ ଓ ମୁନା ଚାପିହୋଇ ରହି ଯାଇଥିଲେ। ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରି କବିସୂର୍ଯ୍ୟନଗର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରେ ବାଲିଛାଇ ଫାଣ୍ଡି ଅଧିକାରୀ ଉମାଚରଣ ପ୍ରହରାଜ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟରକୁ ଜବତ କରିଛନ୍ତି। ନଂ.୧୩/୨୦ରେ ଏକ ମାମଲା ରୁଜୁ କରି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଫାଣ୍ଡି ଅଧିକାରୀ ପ୍ରହରାଜ କହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ସହମତିରେ ସମୀର...

ସେ ଦଳର ରାଜ୍ୟ ଉପସଭାପତି ଦାୟିତ୍ୱରେ ଥିଲେ। ରାଜ୍ୟ ସଭାପତି ପଦ ପାଇଁ ସହମତି ଭିତ୍ତିରେ ପ୍ରାର୍ଥୀ ଚୟନ ଲାଗି ଦଳୀୟ ନେତାମାନଙ୍କ ମଧ୍ୟରେ ପ୍ରାରମ୍ଭିକ ଆଲୋଚନା ହୋଇଥିଲା। ପ୍ରାପ୍ତ ସୂଚନା ମୁତାବକ, ଦଳର ବହୁ ନେତା ସମୀରଙ୍କ ପ୍ରାର୍ଥିତ୍ୱକୁ ନେଇ ସହମତି ପ୍ରକାଶ କରି ନ ଥିଲେ। ଏପରିକି ଦଳର କେତେଜଣ ଏମ୍‌ପି ଏବଂ ବିଧାୟକ ମଧ୍ୟ ଏଥିରେ ରାଜି ହୋଇ ନ ଥିବା ଚର୍ଚ୍ଚା ହେଉଥିଲା। କିନ୍ତୁ କେନ୍ଦ୍ରୀୟ ନେତୃତ୍ୱ ସମୀରଙ୍କ ନାମରେ ମୋହର ଲଗାଇବା ପରେ ସବୁକିଛି ଚୂଡ଼ାନ୍ତ ହୋଇଥିଲା। ଏହି ସମୟରେ ରାଜ୍ୟ କାର୍ଯ୍ୟାଳୟଠାରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ, ଧର୍ମେନ୍ଦ୍ର ପ୍ରଧାନ, ସଙ୍ଗଠନ ସମ୍ପାଦକ ସୌଦାନ ସିଂ, ଦୁଇ ପର୍ଯ୍ୟବେକ୍ଷକ ନରେନ୍ଦ୍ର ସିଂ ତୋମାର, ରାଜୀବ ପ୍ରତାପ ରୁଡ଼ି, ଅପରାଜିତା ଷଡ଼ଙ୍ଗୀ, ରାଜ୍ୟ ପ୍ରଭାରୀ ଅରୁଣ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପଟେ ୨୧ ଲୋକ ସଭା ନିର୍ବାଚନମଣ୍ଡଳୀ ପାଇଁ ୨୨ ଜଣ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ନିର୍ବାଚନ ମଧ୍ୟ ସରିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଚନ୍ଦ୍ର ରାଶ୍ୟାଧିପ ମଙ୍ଗଳ ନକ୍ଷତ୍ରସ୍ଥ ହୋଇ ତୃତୀୟ ଏକାଦଶସ୍ଥ କାରଣରୁ ମନ ଅନୁଯାୟୀ କୌଣସି କାମ ହୋଇପାରିବ ନାହିଁ। ଆର୍ଥିକ ସ୍ୱଚ୍ଛଳତା ଫେରି ପାଇବେ ସତ ମାତ୍ର ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ ନାହିଁ। ଅଧ୍ୟାପନା, ଆନୁଷ୍ଠାନିକ କାମ, ପ୍ରଶାସନିକ ସେବା, କ୍ରୀଡ଼ା ଓ ଚଳଚ୍ଚିତ୍ର, ସାହିତ୍ୟ, ସାମ୍ବାଦିକତା, ସଙ୍ଗୀତ କ୍ଷେତ୍ରରୁ ପ୍ରଶଂସା ମିଳିବ।

**ବୃଷ** ଶନିଦୃଷ୍ଟ ତୃତୀୟାଧିପ ଯୋଗୁ ବନ୍ଧୁଙ୍କ ପରାମର୍ଶ ଅନୁଯାୟୀ କାମକରି ନୈରାଶ୍ୟଯୁକ୍ତ ହେବେ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବ, ମାତ୍ର ତାହା ନିଜ ସପକ୍ଷରେ ଯିବାର ସମ୍ଭାବନା ରହିଛି। କଳା, ସଙ୍ଗୀତ, ସାହିତ୍ୟ କ୍ଷେତ୍ରରୁ ସୁଫଳ ଓ ଆନନ୍ଦ ମିଳିବ ତଥାପି ସମସ୍ୟାବହୁଳ ହୋଇପାରେ। ଯାତ୍ରା କରିବା ସମୟରେ ଜଣେ ବନ୍ଧୁ ସାହାଯ୍ୟ କରିବେ।

**ମିଥୁନ** କେନ୍ଦ୍ରସ୍ଥ ଧନାଧିପ ଆର୍ଥିକ ଅଭିବୃଦ୍ଧି, ବନ୍ଧୁ ସମ୍ପର୍କ ଓ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଦିଗରେ ପ୍ରେରିତ କରିପାରନ୍ତି। ଈର୍ଷାପରାୟଣ ନିକଟ ସମ୍ପର୍କୀୟମାନେ ଆପଣଙ୍କ ଭଲ କାମକୁ ନ ଦେଖି ଦୋଷତ୍ରୁଟି ଗାଇ ବୁଲିବେ। ଅତୀତ ଘଟଣାକୁ କେନ୍ଦ୍ରକରି ପରିବାରରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଜାଗ୍ରତ ହୋଇପାରେ।

**କର୍କଟ** ଗ୍ରହସ୍ଥିତି କେତେକାଂଶରେ ଭଲ ଥିବାରୁ କୌଣସି ନୂତନ ପାଇଁ ଯୋଜନା କରିପାରନ୍ତି। ଦୀର୍ଘମିଆଦୀ ସୂତ୍ରରେ ହାତକୁ ନେଇଥିବା କାମ ସୁରୁଖୁରୁରେ ସମ୍ପନ୍ନ ହେବାରେ କୌଣସି ପ୍ରତିବନ୍ଧକ ରହିବ ନାହିଁ। ବାଣିଜ୍ୟ, ବ୍ୟବସାୟରେ ସଫଳତା ହାସଲ କରିବେ କିନ୍ତୁ ଋଣଭାରର ମାନସିକ ଚାପ ବୃଦ୍ଧି ପାଇବ। ଘରର ବରାଦ ଅନୁଯାୟୀ ବିଳାସ ଉପକରଣ କିଣିପାରନ୍ତି।

**ସିଂହ** ଦ୍ୱାଦଶ ସ୍ଥାନକୁ ରବିଙ୍କ ଦୃଷ୍ଟି ଖର୍ଚ୍ଚ ବୃଦ୍ଧି, ଆକସ୍ମିକ ଯାତ୍ରା ସାଙ୍ଗକୁ ବନ୍ଧୁଙ୍କ ସହ ସୁସମ୍ପର୍କ ସ୍ଥାପନ ଦିଗରେ ସହାୟକ ହେବ। ବାରମ୍ବାର ଚେଷ୍ଟାକରି ମଧ୍ୟ ନିର୍ଦ୍ଦିଷ୍ଟ ସ୍ଥାନରୁ ଅର୍ଥପ୍ରାପ୍ତି ସକାଶେ ଉଚ୍ଚ ଆଶା କରି ନିରାଶ ହେବେ। ପରିସ୍ଥିତିବଶତଃ ଆପଣ କେତେକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହୋଇପାରନ୍ତି।

**କନ୍ୟା** ଶୁକ୍ର ଓ ଚନ୍ଦ୍ରଙ୍କ ଷଡ଼ାଷ୍ଟକ ସ୍ଥିତି ପ୍ରଭାବରେ ହାତକୁ ଆସିଥିବା ଅର୍ଥ ପର ମୁହୂର୍ତ୍ତରେ ହରାଇପାରନ୍ତି। କର୍ମକ୍ଷେତ୍ରରେ କୌଣସି ଏକ ସାଧାରଣ ବିତର୍କକୁ ନେଇ ଆଜିର ଅପରାହ୍ନରେ ଜଣେ ମହିଳା ଆପଣଙ୍କ ଉପରେ ଖୁବ୍ ଅସନ୍ତୁଷ୍ଟ ହେବେ। ମାଲିମକଦ୍ଦମାର ବିଚାର ଆପଣଙ୍କ ସପକ୍ଷରେ ଯିବାର ସମ୍ଭାବନା ରହିଛି।

**ତୁଳା** ମଙ୍ଗଳଙ୍କ ପ୍ରଭାବରେ ଆପଣଙ୍କ ବ୍ୟବହାର କଠୋର ହୋଇପାରେ। ବିଭିନ୍ନ ସମସ୍ୟାରେ ଜଡ଼ିତ କାରଣରୁ ଯେତେ ପ୍ରକାର ସାବଧାନତା ଅବଲମ୍ବନ କଲେ ମଧ୍ୟ କାମଗୁଡ଼ିକ ମଧ୍ୟ ଶୃଙ୍ଖଳିତ ହେବ ନାହିଁ। ମାନସିକ ଅସୁସ୍ଥତା ଲାଗି ରହିବ। ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ବିଭିନ୍ନ ପ୍ରକାର ସମସ୍ୟା ମଧ୍ୟ ଦେଖାଦେଇପାରେ।

**ବିଛା** ସ୍ୱାସ୍ଥ୍ୟ ସମସ୍ୟା ବହୁଳାଂଶରେ ନିୟନ୍ତ୍ରଣାଧୀନ ରହିବ। କର୍ମକ୍ଷେତ୍ରରେ ଆପଣଙ୍କର କୌଣସି ମନ୍ତବ୍ୟକୁ କେନ୍ଦ୍ରକରି ବୟସ୍କ ବ୍ୟକ୍ତି ଜଣେ ଅସନ୍ତୋଷ ପ୍ରକାଶ କରିପାରନ୍ତି। କିଣାବିକା କ୍ଷେତ୍ରରେ କିମ୍ବା ଜମିଜମା କାରବାରରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। ଘରୋଇ ବିତର୍କରେ ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି।

**ଧନୁ** ପାପଗ୍ରହ ରାଶିସ୍ଥ ଯୋଗୁ ବିଭିନ୍ନ ପ୍ରକାର ସମସ୍ୟାକୁ କେନ୍ଦ୍ରକରି ମାନସିକ ସ୍ଥିତି ଭଲ ରହି ନ ପାରେ। ଅସାବଧାନତା କାରଣରୁ କିମ୍ବା ଅନ୍ୟମନସ୍କ ହେତୁ ଧନହାନି, କଳହ, ପ୍ରତାରଣା ଓ ଶାରୀରିକ ଆଘାତ ପାଇବାର ସମ୍ଭାବନା ରହିଛି। ପଡ଼ୋଶୀଙ୍କ ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବାକୁ ପଡ଼ିବ।

**ମକର** ଷଡ଼ାଷ୍ଟକ ଗ୍ରହଙ୍କ ରାଶ୍ୟାବସ୍ଥାନ ମନରେ ବିବାଦୀୟ ଚିନ୍ତା କରିବେ। ବ୍ୟବସାୟରେ ସଫଳତା, ଯାତ୍ରରେ ଆଶା ପୂରଣ ହେତୁ ଖୁସି ରହିବେ। କର୍ମକ୍ଷେତ୍ରରେ ମଧ୍ୟ ପୃଷ୍ଠପୋଷକତା ଲାଭକରି ଉଚ୍ଚ ଚିନ୍ତା କରିବେ ଏବଂ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। କିନ୍ତୁ ପରିବାରରେ ଭୁଲ୍ ବୁଝାମଣା କାରଣରୁ ଆତ୍ମୀୟମାନଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି।

**କୁମ୍ଭ** ରାଶିରେ ଶୁକ୍ରଙ୍କ ସ୍ଥିତିରୁ ସାହାଯ୍ୟ, ସହଯୋଗ ମାଧ୍ୟମରେ କାର୍ଯ୍ୟସିଦ୍ଧି ସାଙ୍ଗକୁ ନୂତନ କର୍ମାରମ୍ଭ ଦିଗରେ ମନୋନିବେଶ କରିବେ। ପ୍ରତ୍ୟେକ କ୍ଷେତ୍ରରେ ସମସ୍ତ ସୁବିଧା ଥିଲେ ମଧ୍ୟ ହାତକୁ ନେଇଥିବା କାମଟି ବିଳମ୍ବରେ ଓ ବହୁ କଷ୍ଟରେ ସମ୍ପନ୍ନ ହେବ। ପୂର୍ବରୁ କେତେକ ବିବାଦୀୟ କଥାକୁ ମନେପକାଇ ଆତ୍ମୀୟସ୍ୱଜନ ଦୂରେଇଯିବେ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**ମୀନ** ଧନ ଭାଗ୍ୟାଧିପ ମଙ୍ଗଳଙ୍କ ସୁପ୍ରଭାବରେ ଯାହା ଚିନ୍ତା କରୁଛନ୍ତି ତାହା ଅଚିରେ ପୂରଣ ହୋଇଯିବ। ଆଜିର ପ୍ରତ୍ୟୁଷ ଯାତ୍ରା ଫଳପ୍ରଦ ହେବ ଏବଂ ଅଭିଳଷିତ ଦ୍ରବ୍ୟ ପ୍ରାପ୍ତିରେ କୌଣସି ଅସୁବିଧା ରହିବ ନାହିଁ। ଜଣେ ଅଜଣା ବନ୍ଧୁଙ୍କ ସାହାଯ୍ୟ ସବୁଦିନ ସକାଶେ ସ୍ମରଣୀୟ ରହିଯାଇପାରେ। କର୍ମକ୍ଷେତ୍ରରେ ମଧ୍ୟ ଅପ୍ରିୟ ସତ୍ୟଭାଷଣରୁ ଦୂରେଇ ରହିବା ଭଲ ହେବ।

ଆଜି ଜାନୁୟାରୀ ୧୭ ତାରିଖ, ମାଘ କୃଷ୍ଣ ସପ୍ତମୀଯୁକ୍ତ ଅଷ୍ଟମୀ ଶୁକ୍ରବାର, ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ, ରାଶି ନକ୍ଷତ୍ର-ଚିତ୍ରା/କନ୍ୟା, ବୃଷ ରାଶିର ଘାତଚନ୍ଦ୍ର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଘ୬।୧୭ମି. ଗତେ ବିବାହ ଦିବା ଘ୭।୫୬ମି. ମଧ୍ୟେ ଘ୮।୩୯ମି. ଗତେ, ଘ୧୦।୫୦ମି. ମଧ୍ୟେ ଅମୃତବେଳା। ଦିବା ଘ୭।୫୨ମି. ଗତେ ଘ୯।୧୫ମି. ମଧ୍ୟେ, ଘ୧୦।୦୨ମି. ଗତେ ଘ୧।୨୫ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୧୦।୩୪ମି. ଗତେ ଘ୧୧।୫୬ମି. ମଧ୍ୟେ ରାହୁକାଳ।


**classifieds Everyday 0674-2580101, 2549302**




**SALE**

ସୁନ୍ଦରପଦା Hitech backside 30'road electricity yellowzone plot ବିକ୍ରିହେବ। 7894216209. D-68465

**Jagatpur (Bhairapur) ଠାରେ ମେନ୍‌ରୋଡ୍ ଠାରୁ 200 ମିଟର ଦୂରତାରେ ଘରବାରି plot sqft. ୪୫୦ଟଙ୍କାରେ ମିଳୁଅଛି (Registration, Mutation, Boundary wall ସହିତ) 8480957388, 8480957368.** D-16210

ଛତାବର ଘରବାରି ପାଚେରି ପ୍ଲଟ 6000sqft. 39,00,000/-, IIT Argul Railway station 4000sqft. 6,00,000/-, 9861281504. D-68540

**Plot sale near AIIMS Hospital, Bhubaneswar, Contact: 8280037688, 8480745797, 8480612300.** D-68467

୩୦' ରାସ୍ତାଥାଇ boundary ସହିତ ଘରବାରି ପ୍ଲଟ୍ ଗୁଡିଆପୋଖରୀ ନିକଟରେ କିଣନ୍ତୁ। 9937166932. D-68539

**Fully developed gated community advance boundary wall with electricity, gharabari plot sale Gudiapokhari near KEC College, Bhubaneswar. 8763887357, 9438331183.** D-68468

ଭୁବନେଶ୍ୱର New Rly Station ପାଖରେ Yellow zone plot ମିଳୁଛି। 6371406921. D-16190

ଭୁବନେଶ୍ୱର କଟଣା ଗେଟ୍ ଠାରେ **Sqft.200/-,** ବାଳକାଟି ବଜାରରୁ **2k.m Sqft.550/-** (ଘରବାରି) କଟକ ତ୍ରିଶୁଳିଆରୁ **4k.m Sqft.300/-**ରେ ପ୍ଲଟ୍ ମିଳୁଛି। **9348020724, 7978939440.** D-68472

213 Decml yellowzone gharabari sthitiban plot on 60ft. road, close to 200ft. wideroad, Mouza- Sundarpur, Bhubaneswar. Contact Owner: 9338342502. D-68959

One BHK flat for sale near Sea beach, Puri with modern facilities. Contact: 0674-2561050, 8260011011. D-16225

**ଭୁବନେଶ୍ୱର New Southcity**ରେ **In-focity-II, New Air-port, NH-5** ପାଖାପାଖି ସଙ୍ଗେସଙ୍ଗେ ଘରୋପଯୋଗୀ ଘରବାରି ପ୍ଲଟ୍ ମିଳୁଛି। **9348906056.** D-68470

Bhubaneswar Patia Rlystationରୁ 1.5km. ବାସୋପଯୋଗୀ plot 1200 ବର୍ଗଫୁଟକୁ 6,60,000/-ରେ ମିଳୁଅଛି। 8249005131, 9583328312. D-68469

**Bhubaneswar Kesura SBI କଲୋନୀକୁ ଲାଗି ଘରବାଡି ପାଚେରି ସହ ଏବଂ Airport**ରୁ **5k.m** ସୁନ୍ଦରପଦାରେ **plot** ମିଳୁଅଛି- **9078736851.** D-68471

ଭୁବନେଶ୍ୱର Tata Motor frontରେ 30' Road, Electric poll ସହିତ plot ବିକ୍ରି ହେଉଛି। 9439101373, 7077213675. D-16195

**Gharabari plots at Balianta, Bhingarpur and Bagalpur. Immediate possession & registration, contact- 9437147826.** D-16175

Gharabari plots with boundary wall at Balianta, 4.0Km. from Hanspal. 9437277532. D-16194

**Ready to move flat 2BR/3BR/4BR at Canal Road Jharpada with all modern facilities & well maintained society. Contact: 8908300260, 9437556876, Email- decor.realty@yahoo.in, Office: A/110, Saheed Nagar.** D-16228

ସୁନ୍ଦରପଦା- ଜଟଣୀ ରୋଡ ପ୍ରଧାନ ସାହି ଏବଂ ଜାମୁକୋଳିରେ ୩୦ଫୁଟ ରୋଡଥାଇ ଘରବାରି ପୋଜେସନ୍ ପ୍ଲଟ୍ ସୁଲଭ ମୂଲ୍ୟରେ ମିଳୁଅଛି। ଯୋଗାଯୋଗ- 7205504254, 7978554467. D-67528

**For sale ready infrastructure with land about 0.80 acre, factory shed about 9000 sqft. & residential quarters about 3000 sqft. available with electric and water connection adjoining NH in Balasore. All construction with mosaic flooring. Reasonable rate genuine parties please contact: 9937090690.** D-16226

**PURCHASE**

Required used 1/2/3 BHK flats, Duplexes, Simplexes for Akankshya group, 7978736177. D-68229

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Construct your home with branded materials just @ 1350/- onwards, core house 850/-. For more details: 9438315332, 8249485093. D-16181

**GENERAL**

**PURCHASE**

Packing/ processing machine required, food product, dry, semisolid liquid. 9437008388. D-68328




3BHK with parking for families only, near AMRI Hospital, Kolathia. Contact No. 9348534277. D-16211




Shivam logistic packers movers. Household/ car relocation countrywide. 9777044177, 9338461133. D-16087

**Email ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com




Rejuvenate and ayurvedic full body massage by smart therapist. 9114402304. D-68946

Full body herbal massage with refreshment expert therapist. 7381239385, 06742540855. D-68955

Experience full body massage with us (expert). Call: 7377048581, 06742597822. D-68956

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68756

Refresh your mind and soul with best therapy at Orchid Salon/Spa. 9937287222. D-68755

Ayurvedic full body massage ladies & gents smart therapist, 9668814589. D-68750

Herbal full body massage by smart / expert therapist. Contact: 8338067247. D-68957

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68958

Newly open full body massage by ladies, gents therapist. 8018656899 D-60863

Ayurvedic full body massage by ladies, gents therapist. 7008773793 D-60864

Refresh your body & soul with best therapy expert: 9348568260. D-16224

Refresh your body with smart and expert therapist. Contact: 8457855286. D-68962

Sai herbal spa refresh your body with smart, expert therapist. 7608062524. D-68961

Ayurvedic full body massage ladies and gents. Contact: 9861064981. D-68759

**AFFIDAVIT**

By virtue of affidavit before Executive Magistrate, Kujang, on Date. 09.01.2020, we have Subal Ghadai, S/o- Pitambar Ghadai, Siuli Gharai W/o- Subal Ghadai, Deba Kumar Ghadai, S/o- Subal Ghadai, Debasis Ghadai, S/o- Subal Ghadai, all are resident in Vill- Bhitargada, PO- Paradeepgada, PS- Paradeep, Dist.- Jagatsinghpur. We have declare change our surname "Ghadai to "Das". Subal Ghadai to Subal Das, Siuli Gharai to Siuli Das, Deba Kumar Ghadai to Deba Kumar Das, Debasis Ghadai to Debasis Das for all purposes. D-16227

**ଜନ୍ମଦିନ ଶୁଭେଚ୍ଛା**



**ଐଶାନୀ (ଆନ୍ନି)**
ଆଜି ତୋର ପ୍ରଥମ ଜନ୍ମଦିନ ଓ ସତ୍ୟନାରାୟଣ ପୂଜା ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ଈଶ୍ୱର ତୋର ଚଲାପଥକୁ କୁସୁମିତ କରିବା ସହ ଦୀର୍ଘାୟୁ କରନ୍ତୁ।
**ଶୁଭେଚ୍ଛା ସହ:**
ଚିନୁ, ଚିଣ୍ଟୁ, ମାମୁନ୍, ଡୁଡୁ, ବାପୁ, ଏଲି, ଅଭି, ସାଇ ଓ ପରିବାରବର୍ଗ।
ଧ-୧୪୫୭୩


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହାପ୍ରଭୁଙ୍କୁ ଦର୍ଶନ ସାରି ଶ୍ରୀମନ୍ଦିରରୁ ଫେରୁଛନ୍ତି।


ବଡ଼ଦାଣ୍ଡରେ ମୁଖ୍ୟମନ୍ତ୍ରୀ ପ୍ରସ୍ତାବିତ ମଡେଲର ନକ୍ସା ଦେଖୁଛନ୍ତି। ନିକଟରେ ୫-ଟି ସଚିବ ଭି. କେ. ପାଣ୍ଡିଆନ୍‌ଙ୍କ ସମେତ ପୂର୍ବ ସଚିବ ଓ ପୁରୀ ଜିଲାପାଳ।

# ବଡ଼ଦାଣ୍ଡରେ ନକ୍ସା ଦେଖିଲେ ମୁଖ୍ୟମନ୍ତ୍ରୀ

**ପୁରୀ ଅଫିସ,୧୬।୧**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ପୁରୀ ଗସ୍ତ ଅବସରରେ ସିଂହଦ୍ୱାର ସମ୍ମୁଖ ବଡ଼ଦାଣ୍ଡର ଖୋଲା ଆକାଶ ତଳେ ବସି ଶ୍ରୀମନ୍ଦିର ହେରିଟେଜ କରିଡ଼ର ନକ୍ସାର ସମୀକ୍ଷା କରିଛନ୍ତି। ଏଥିପାଇଁ ବଡ଼ଦାଣ୍ଡର ଚିତ୍ରିତସ୍ଥଳରେ ପକାଯାଇଥିଲା ଚେୟାର ଟେବୁଲ। ଟେବୁଲ ଉପରେ ରହିଥିଲା ପ୍ରସ୍ତାବିତ ପ୍ରକଳ୍ପର ନକ୍ସା। ପୂର୍ବ ସଚିବ ତଥା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର ମୁଖ୍ୟମନ୍ତ୍ରୀଙ୍କୁ ଏହି ନକ୍ସା ଦେଖାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫ଟି ସଚିବ ଭି.କେ. ପାଣ୍ଡିଆନ, ଜିଲାପାଳ ବଲୱନ୍ତ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏହି ନକ୍ସାରେ କିଛିଟା ପରିବର୍ତ୍ତନ ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିବା କହିଛନ୍ତି ପୂର୍ବ ସଚିବ। ଏହି ନକ୍ସାରେ ହେରିଟେଜ କରିଡ଼ରର ପ୍ରବେଶ ପଥ, ଲାଇବ୍ରେରି, କ୍ଲୋକରୁମ୍, ସୁରକ୍ଷା ଯାଞ୍ଚ ଓ ଧାଡ଼ି, ଧ୍ୟାନସ୍ଥଳ, ପ୍ରଦର୍ଶନୀ ଓ କଳା ପ୍ୟାଭିଲିୟନ, ଭ୍ୟୁ ଟାୱାର, ମିନି ଫରେଷ୍ଟ ଏବଂ ବଟାନିକାଲ ପାର୍କ, ଫୁଡ୍‌ଷ୍ଟଲ, ବସିବା ସ୍ଥଳ, ଶ୍ରାଦ୍ଧ କର୍ମ ସ୍ଥଳ, ପଦ୍ମ ପୋଖରୀ, ରଥ ନିର୍ମାଣ ଆଦି ରହିଛି। ସେହିପରି ମୁଖ୍ୟମନ୍ତ୍ରୀ ସୌନ୍ଦର୍ଯ୍ୟକରଣ କାମ ବିଶେଷକରି ନୂଆ ବ୍ୟାରିକେଡ, ସବୁଜ ବଳୟ ଆଦି ବୁଲି ଦେଖିଥିଲେ।

## ଖଣ୍ଡୋଲାଇଟ୍ ପଥରରେ ହେବ ସବୁ ପ୍ରକଳ୍ପ

ଶ୍ରୀମନ୍ଦିର ହେରିଟେଜ କରିଡ଼ର ସମେତ ଶ୍ରୀକ୍ଷେତ୍ରରେ ଯେଉଁସବୁ ପ୍ରକଳ୍ପ କରାଯିବ ତାହା ଖଣ୍ଡୋଲାଇଟ୍ ପଥରରେ ହିଁ ହେବ। ହଜାର ବର୍ଷକୁ ଆଖି ଆଗରେ ରଖି ଏ ସବୁ ତିଆରି କରାଯିବ ବୋଲି କହିଛନ୍ତି ପୂର୍ବ ସଚିବ ତଥା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର।

## ଫେବୃୟାରୀରେ ଚୂଡ଼ାନ୍ତ ଡିଜାଇନ

ଶ୍ରୀମନ୍ଦିର ହେରିଟେଜ କରିଡରର ରୂପରେଖ କେମିତି ରହିବ ତାହାର ଚିଠା ଡିଜାଇନକୁ ଗତମାସ ୩୦ ତାରିଖରେ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଥିଲେ। କିନ୍ତୁ ଏହି ନକ୍ସାର ଚୂଡ଼ାନ୍ତ ରୂପରେଖ କଣ ହେବ ସେଥିଲାଗି ଜନସାଧାରଣଙ୍କଠାରୁ ମତାମତ ମଗାଯାଇଥିଲା। ବହୁ ସଂଖ୍ୟାରେ ଲୋକ ସେମାନଙ୍କ ସୁଚିନ୍ତିତ ମତାମତ ଦେଇଛନ୍ତି। ଏହାକୁ ତର୍ଜମା କରାଯାଇ ଫେବୃୟାରୀ ମାସରେ ଚୂଡ଼ାନ୍ତ ଡିଜାଇନ ପ୍ରକାଶ ପାଇବ ବୋଲି ପୂର୍ବ ସଚିବ କହିଛନ୍ତି।




**● ଶ୍ରୀ ସେତୁ**

ପୁରୀ-ଭୁବନେଶ୍ୱର ୩୧୬ ନଂ. ଜାତୀୟ ରାଜପଥର ବାଇପାସ୍‌ଠାରୁ ଜଗନ୍ନାଥ ବଲ୍ଲଭ ମଠ ପରିସରରେ ହେବାକୁ ଥିବା ପିଲିଗ୍ରିମ ସେଣ୍ଟରକୁ ଶ୍ରୀସେତୁ ଦ୍ୱାରା ସଂଯୋଗ କରାଯିବ। ଅବଢା ଯୋଜନାରେ ନିର୍ମାଣ ହେବାକୁ ଥିବା ରାଜ୍ୟର ଏହି ପ୍ରଥମ ଟ୍ରମ୍ପେଟ ସେତୁ ପାଇଁ ୧୮୧ କୋଟି ଟଙ୍କା ଖର୍ଚ୍ଚ କରାଯିବ। ରାସ୍ତା ଓ ବ୍ରିଜ୍‌ର ଲମ୍ବ ପ୍ରାୟ ୨.୩ କିମି ହେବ। ଏହି ସେତୁ ପାଇଁ ପୁରୀ ତହସିଲ ଅନ୍ତର୍ଗତ ୪ଟି ମୌଜା ସମଙ୍ଗ, ମାଟିତୋଟା, ମାର୍କଣ୍ଡେଶ୍ୱର ସାହି ନଂ-୧ ଏବଂ ଦାଣ୍ଡିମାଳ ସାହିର ୩୭ ଏକର ୯୮୪ ଡେସିମିଲ ଜମି ଅଧିଗ୍ରହଣ ହେବ। ମୋଟ ଜମି ମଧ୍ୟରେ ବେସରକାରୀ ଜମି ୩୪ ଏକର ୨୪୬ ଡେସିମିଲ ଓ ସରକାରୀ ଜମି ୩ ଏକର ୭୩୮ ଡେସିମିଲ ରହିଛି। ସମଙ୍ଗ ମୌଜାରୁ ସର୍ବାଧିକ ବେସରକାରୀ ଜମି ୧୭ ଏକର ୯୪୭ ଡେସିମିଲ ଜମି ଅଧିଗ୍ରହଣ କରାଯିବ।

**● ଜଗନ୍ନାଥ ବଲ୍ଲଭ ତୀର୍ଥଯାତ୍ରୀ କେନ୍ଦ୍ର**

ବାହାରୁ ଆସୁଥିବା ତୀର୍ଥଯାତ୍ରୀଙ୍କ ପାଇଁ ଜଗନ୍ନାଥବଲ୍ଲଭ ମଠ ପରିସରରେ ୬ ମହଲା ବିଶିଷ୍ଟ ପିଲିଗ୍ରିମ୍ ସେଣ୍ଟର ବା ତୀର୍ଥଯାତ୍ରୀ କେନ୍ଦ୍ର ତିଆରି କରାଯିବ। ଏଠାରେ ୧୦୦୦ କାର ପାର୍କିଂ କରିପାରିବା ଭଳି ବହୁମୁଖୀ ପାର୍କିଂ, ଧ୍ୟାନକେନ୍ଦ୍ର, ମଲ୍ଟି ମୋଡାଲ ହବ୍, ଜନ ସୁବିଧା କେନ୍ଦ୍ର ହେବ। ଅବଢା ଯୋଜନାରେ ଏଥିପାଇଁ ୧୯୦ କୋଟି ଟଙ୍କା ଖର୍ଚ୍ଚ କରାଯିବ।

**● ବହୁତଳ କାର୍ ପାର୍କିଂ**

ମେଡିକାଲ ଛକସ୍ଥିତ ପୁରୁଣା ଜେଲ୍‌ରୋଡ ପରିସରରେ ଅବଢା ଯୋଜନାରେ ତିଆରି କରାଯିବ ବହୁତଳ କାର୍ ପାର୍କିଂ। ୪ ମହଲା ବିଶିଷ୍ଟ ଏହି ପାର୍କିଂସ୍ଥଳରେ ୫୦୦ କାର୍ ଏବ ଦୁଇଚକିଆ ଗାଡ଼ି ରହିପାରିବା ଭଳି ସୁବିଧା କରାଯିବ। ଏଥିସହ ୩୫୦ ଭେଣ୍ଡିଂ ଆଉଟ୍‌ଲେଟ ମଧ୍ୟ ରହିବ। ଏ ବାବଦରେ ୯୦ କୋଟି ୨୨ଲକ୍ଷ ଟଙ୍କା ଖର୍ଚ୍ଚ ହେବ।

**● ମ୍ୟୁନିସିପାଲିଟି ମାର୍କେଟ କମ୍ପ୍ଲେକ୍ସ**

ବଡ଼ଦାଣ୍ଡରେ ନୂତନ ମ୍ୟୁନିସିପାଲିଟି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯିବ। ବେସ୍‌ମେଣ୍ଟ ଓ ଗ୍ରାଉଣ୍ଡ ଫ୍ଲୋର ମିଶାଇ ୫ ମହଲା ବିଶିଷ୍ଟ କୋଠା ହେବ। ୫୦୦ ଦୋକାନ ଘର, ୧୦୦ କାର୍ ପାର୍କିଂ ସୁବିଧା ସହ ୩୦୦ କିଲୋୱାଟ୍‌ର ରୁଫ୍‌ଟପ୍ ସୋଲାର ସିଷ୍ଟମ ରହିବ। ଅବଢା ଯୋଜନାରେ ଏଥିପାଇଁ ୪୪କୋଟି ୮୨ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ।

**● ସ୍ୱର୍ଗଦ୍ୱାର ଉନ୍ନୟନ ପ୍ରକଳ୍ପ**

ସ୍ୱର୍ଗଦ୍ୱାର ପ୍ରତି ଆସ୍ଥା ଓ ବିଶ୍ୱାସ ରଖି ଦୂରଦୂରାନ୍ତରୁ ଶବଦାହ ପାଇଁ ଆସୁଥିବା ଲୋକେ ଯେପରି କୌଣସି ପ୍ରକାର ତିକ୍ତ ଅନୁଭୂତି ନ ସାଉଁଟିବେ ସେଥିପ୍ରତି ଗୁରୁତ୍ୱ ଦେଇଛନ୍ତି ରାଜ୍ୟ ସରକାର। ଏଥିପାଇଁ ସ୍ୱର୍ଗଦ୍ୱାର ପରିସର ପୁରୁଣା କୋଠାକୁ ଭାଙ୍ଗି ଦିଆଯାଇଛି। ଗୁରୁବାର ସ୍ୱର୍ଗଦ୍ୱାର ଉନ୍ନୟନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ। ଏଠାରେ ଅତ୍ୟାଧୁନିକ ସୁବିଧା ସୁଯୋଗ ଉପଲବ୍ଧ ହେବ। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡରୁ ବ୍ୟୟ ବରାଦ ହୋଇଥିବା ଅର୍ଥରେ ଶବଦାହ ପିଣ୍ଡି ଏବଂ ଦୁଇଟି ବିଦ୍ୟୁତ୍ ଚୁଲା ତିଆରି କରାଯିବ।

**● ସମୁଦ୍ର କୂଳ ଭେଣ୍ଡିଂ ଜୋନ୍**

ସମୁଦ୍ର କୂଳରେ ବ୍ୟବସାୟ କରି ପରିବାର ଚଳାଉଥିବା ବ୍ୟବସାୟୀଙ୍କ ଲାଗି ତିଆରି ହେବ ଭେଣ୍ଡିଂ ଜୋନ୍। ୮୦୦ ଭେଣ୍ଡିଂଜୋନ୍ (କିଓସ୍କ) ନିର୍ମାଣ କରାଯିବ। ଏଥିପାଇଁ ୧୨ କୋଟି ଟଙ୍କା ଖର୍ଚ୍ଚ ଅଟକଳ ହୋଇଛି।

**● କେନ୍ଦ୍ରୀୟ ରୋଷଶାଳା**

ମଙ୍ଗଳାଘାଟରେ ୫୦ ହଜାର ବର୍ଗଫୁଟ ଜାଗାରେ ତିଆରି ହେବ କେନ୍ଦ୍ରୀୟ ରୋଷଶାଳା। ସରକାରୀ ବିଦ୍ୟାଳୟ ମଧ୍ୟାହ୍ନଭୋଜନ ଓ ଆହାର ଯୋଜନା ପାଇଁ ଏହି ରୋଷଶାଳାର ଶିଳାନ୍ୟାସ କରିଛନ୍ତି ମୁଖ୍ୟମନ୍ତ୍ରୀ। ପ୍ରତିଦିନ ୫୦ ହଜାର ମିଲ୍ ଏଠାରେ ପ୍ରସ୍ତୁତ କରାଯିବ। ଗତବର୍ଷ ଅକ୍ଟୋବରରେ ରାଜ୍ୟ ସରକାର ଅବଢା ଯୋଜନାରେ ତିନିବର୍ଷ ପାଇଁ ୩୦୨୮ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ୨୦୧୯-୨୦ରେ ୭୧୯ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ୨୦୨୦-୨୧ରେ ୧୪୦୨ କୋଟି ଏବଂ ୨୦୨୧-୨୨ରେ ୧୦୮୭ କୋଟି ଟଙ୍କା ଖର୍ଚ୍ଚ କରାଯିବ।

## ଜିଲା ଟିଠ



### ପୁରୀ

## ପଛରେ ହାତ

ସାଧାରଣ ଜନତାଙ୍କ ଅପେକ୍ଷା ନେତା ନୂଆବର୍ଷ ଆସିଲେ ଅଧିକ ଉତ୍ସାହିତ ହୋଇପଡ଼ନ୍ତି। ସେମାନଙ୍କ ପତିଆରା ବଢ଼ିଯାଏ। ବଢ଼ିବା ବି ସ୍ୱାଭାବିକ। କାରଣ ଘର ଆଗରେ ଲମ୍ବେ କର୍ମୀମାନଙ୍କ ଧାଡ଼ି। ସମସ୍ତଙ୍କ ହାତରେ ଥାଏ ଫୁଲତୋଡ଼ା। କିଏ ତୋଡ଼ା ବଢ଼ାଇ ୯୦ ଡିଗ୍ରୀରେ ମୁଣ୍ଡିଆ ମାରନ୍ତି ତ ଆଉ କିଏ ଲମ୍ବ ହୋଇ ପାଦ ଛୁଇଁ ପକାନ୍ତି। ଏମିତି କି ଅନେକ କୁଜିନେତା ଗାଁରୁ ବହୁସଂଖ୍ୟାରେ କର୍ମୀଙ୍କୁ ସାଥିରେ ଆଣି ନେତାଙ୍କ ଆଗରେ ତାଙ୍କ ପତିଆରା ଦେଖାଇବାକୁ ଚେଷ୍ଟା କରିଥାନ୍ତି। ଇଏ ହେଉଛି ନୂଆବର୍ଷରେ ରାଜନେତାଙ୍କ ପ୍ରତ୍ୟକ୍ଷ ଭାବେ କର୍ମୀଙ୍କୁ ସାକ୍ଷାତ୍ କରିବାର ଚିତ୍ର। ଏହାବାଦ୍ ରାସ୍ତା ପାର୍ଶ୍ୱରେ ବଡ଼ ବଡ଼ ହୋର୍ଡିଂରେ ରାଜନେତାଙ୍କୁ ମଧ୍ୟ ଦେଖିବାକୁ ମିଳେ। ପୁରୀରେ ବି ଏଭଳି ଚିତ୍ର କମ୍ ନାହିଁ। ନୂଆବର୍ଷ ପାଇଁ ଅଭିନନ୍ଦନ ଶୁଭେଚ୍ଛା ବାର୍ତ୍ତାର ହୋର୍ଡିଂ ବିଭିନ୍ନ ସ୍ଥାନରେ ଲାଗିଛି। ହୋର୍ଡିଂକୁ ଦେଖିଲେ ପ୍ରତିଯୋଗିତାମୂଳକ ଭାବେ ଏହା ଲଗାଯାଇଥିବା ଯେ କେହି ଅନୁମାନ ଲଗାଇପାରିବ। ବିଶେଷକରି ସହରର ବ୍ୟସ୍ତବହୁଳ ଭିଆଇପି ରୋଡରେ ନବବର୍ଷ ଅଭିନନ୍ଦନ ଜଣାଇବା ଲାଗି ଏକାଧିକ ଦଳୀୟ ନେତାଙ୍କ ହୋର୍ଡିଂ ଛାଇଯାଇଛି। କେଉଁଠି ଯଦି ଶଙ୍ଖ ନେତାଙ୍କ ହୋର୍ଡିଂ ଲାଗିଛି ଠିକ୍ ତାହାର ପାଖରେ ପଦ୍ମ ନେତା ବି ଆବିର୍ଭାବ ହୋଇଛନ୍ତି। ଆଉ ଦଳର ମୁଖିଆଙ୍କ ଫଟୋକୁ ରଖି ନିଜକୁ ପ୍ରତିପାଦିତ କରିବାକୁ ଚାହିଁଛନ୍ତି ଅନେକେ। ଯଦି ଜିଲା ମୁଖିଆ କାହା ଉପରେ ଅସନ୍ତୁଷ୍ଟ ଅଛନ୍ତି ବୋଲି ସେ ହୃଦ୍‌ବୋଧ କରୁଛନ୍ତି ତେବେ ଏହାକୁ ବି ଏକ ସୁଯୋଗ ଭାବିଛନ୍ତି। ଜିଲା ମୁଖିଆଙ୍କ ଫଟୋକୁ ଉପରେ ରଖି ତଳେ ଯୋଡ଼ହସ୍ତ କରି ଛିଡ଼ା ହୋଇଛନ୍ତି। ସେମିତି ଏଥର ଅନେକ ଯୁବ ନେତାଙ୍କୁ ମଧ୍ୟ ହୋର୍ଡିଂରେ ଦେଖିବାକୁ ମିଳୁଛି। ଏବେଠୁ ସେଟିଂ ହେବାର ମାନସିକତା ରଖି ସେମାନେ ବି ନିଜସ୍ୱ ଖର୍ଚ୍ଚରେ ଲୋକଙ୍କ ନଜରକୁ ଆସିବା ଲାଗି ଚେଷ୍ଟା କରିଛନ୍ତି। ତେବେ ପୁରୀ ସହରର ପ୍ରମୁଖ ରାସ୍ତାପାର୍ଶ୍ୱ ସମେତ କେତେକ ଗଳିକନ୍ଦିରେ ବି ନୂଆବର୍ଷ ଅଭିନନ୍ଦନ ହୋର୍ଡିଂ ମରାଯାଇଛି। ଏଥିରେ ଲୋକଙ୍କୁ ଶୁଭେଚ୍ଛା ବା ଅଭିନନ୍ଦନ ଜଣାଇବାର ଆନ୍ତରିକତା କେତେ ତାହା ସେହି ନେତାମାନେ ହିଁ ଜାଣିଥିବେ। ହେଲେ ଏହି ହୋର୍ଡିଂ ପ୍ରତିଯୋଗିତାରେ କିନ୍ତୁ ହାତ ଢେର୍ ପଛରେ ପଡ଼ିଛି। ଶଙ୍ଖ, ପଦ୍ମଙ୍କ ଭିତରେ ହାତ ସତ୍ତା ହରାଇଛି। ଅର୍ଥାତ୍ ଭିଆଇପି ରୋଡରେ ପଦ୍ମ ଏବଂ ଶଙ୍ଖ ନେତାଙ୍କ ଅନେକ ହୋର୍ଡିଂ ଲଗାଯାଇଥିବା ହାତରେ ନାହିଁ କହିଲେ ଚଳେ। ଏହି ହୋର୍ଡିଂକୁ ଦେଖି ଜିଲାରେ ହାତର ଦମ୍ଭକୁ ମାପି ଦେଉଛନ୍ତି ବାହାରୁ ଆସୁଥିବା ଲୋକେ। କେହି କେହି ପରସ୍ପର ଭିତରେ କୁହାକୁହି ହେଉଛନ୍ତି ପଛରେ ହାତ।

– ହେମନ୍ତ ନାୟକ

# ଇ-ୱେଷ୍ଟ ତଦାରଖ କରିବେ ରାଜ୍ୟ ସଭା କମିଟି ସଦସ୍ୟ

**ଭୁବନେଶ୍ୱର, ୧୬।୧ (ବ୍ୟୁରୋ)**

**୨୦ରେ ଆସିବେ ୧୫ ଜଣିଆ ଟିମ୍**

ଆସନ୍ତା ୨୦ ତାରିଖରେ ରାଜ୍ୟ ସଭା ସଂସଦୀୟ କମିଟିର ୧୫ ଜଣିଆ ସଦସ୍ୟ ୪ ଦିନିଆ ଓଡ଼ିଶା ଗସ୍ତରେ ଆସିବେ। ଏହି କମିଟିରେ ବିଜେଡି ରାଜ୍ୟ ସଭା ଏମ୍‌ପି ଅମର ପଟ୍ଟନାୟକ ମଧ୍ୟ ସାମିଲ ହୋଇଛନ୍ତି । କମିଟିର ସଦସ୍ୟମାନେ ରାଜ୍ୟର ବିଭିନ୍ନ ସ୍ଥାନ ପରିଦର୍ଶନ କରି ବିପଜ୍ଜନକ ବର୍ଜ୍ୟବସ୍ତୁ ଏବଂ ଇଲେକ୍ଟ୍ରୋନିକ ବର୍ଜ୍ୟବସ୍ତୁ (ଇ-ୱେଷ୍ଟ) ପରିଚାଳନା ବିଷୟରେ ତଦାରଖ କରିବେ। ଏଥିସହିତ କମିଟି ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ନଗର ଉନ୍ନୟନ ବିଭାଗ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିବେ। ବର୍ଜ୍ୟବସ୍ତୁ କିପରି ସଂଗ୍ରହ କରାଯାଉଛି, ଏହାର ପ୍ରକ୍ରିୟାକରଣ ପାଇଁ କି ବ୍ୟବସ୍ଥା ହୋଇଛି ସେ ନେଇ କମିଟି ରାଜ୍ୟ ଅଧିକାରୀମାନଙ୍କ ସହ ଆଲୋଚନା କରିବେ। ଏହାପରେ କମିଟି ଚେନ୍ନାଇ ଗସ୍ତରେ ଯିବେ ବୋଲି ଜଣାପଡ଼ିଛି। ବିପଜ୍ଜନକ ବର୍ଜ୍ୟବସ୍ତୁ ଯୋଗୁ ପରିବେଶ ପ୍ରଦୂଷଣ ହେବା ସହ ଭୟଙ୍କର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେଉଛି। ଏହାକୁ ଯଦି ଠିକ୍ ଢଙ୍ଗରେ ପରିଚାଳନା କରା ନ ଯିବ ତେବେ ଏହା ଭବିଷ୍ୟତ ପାଇଁ ବଡ଼ ସମସ୍ୟା ସୃଷ୍ଟି କରିବ। ରାଜ୍ୟ ସଭା କମିଟି ଏ ଦିଗରେ ରାଜ୍ୟ ସରକାରଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେବାର କାର୍ଯ୍ୟକ୍ରମ ରହିଛି।

# ଆଉ ଦୁଇଦିନ କୁହୁଡ଼ି

**ଭୁବନେଶ୍ୱର,୧୬।୧(ବ୍ୟୁରୋ)**

ରାଜ୍ୟରେ ଥଣ୍ଡା କମିଯାଇଛି। ମାତ୍ର କୁହୁଡ଼ି ବୃଦ୍ଧି ପାଇଛି। ଆସନ୍ତା ୨ ଦିନ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ସ୍ଥାନରେ ଘନକୁହୁଡ଼ି ଜୀବନଯାତ୍ରାକୁ ପ୍ରଭାବିତ କରିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉପକୂଳ ଓଡ଼ିଶା ସମେତ ଅନୁଗୋଳ, ମୟୂରଭଞ୍ଜ, କଳାହାଣ୍ଡି, କୋରାପୁଟ, କେନ୍ଦୁଝର ଏବଂ ଢେଙ୍କାନାଳ ଜିଲାର କେତେକ ସ୍ଥାନରେ ପ୍ରବଳ କୁହୁଡ଼ି ହେବ ବୋଲି ପୂର୍ବାନୁମାନ କରାଯାଇଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଏଲୋ୍ୱାର୍ନିଂ ଜାରି କରାଯାଇଛି। ଆସନ୍ତା ୧୯ ତାରିଖରୁ ପାଗ ଶୁଖିଲା ରହିବା ସହ ରାତିର ତାପମାତ୍ରା ବୃଦ୍ଧି ପାଇବ। ୨୩ରୁ ପାରଦ ପୁଣି ତଳକୁ ଖସିବ ବୋଲି ଅନୁମାନ କରାଯାଇଛି। ଆଭ୍ୟନ୍ତରୀଣ ଓଡ଼ିଶାର ଅଳ୍ପ କେତୋଟି ସ୍ଥାନକୁ ଛାଡ଼ିଦେଲେ ସବୁଠି ପାରଦ ଉପରମୁହାଁ ହୋଇଛି। ମାତ୍ର ୩ଟି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୦ଡିଗ୍ରୀ ତଳେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସୋନପୁରରେ ସର୍ବନିମ୍ନ ତାପମାତ୍ରା ୮.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀ ୮.୫ ଏବଂ କୋରାପୁଟରେ ୯.୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

# ଚିଲିକା ମଝିରେ ଅଟକିଲା ଡଙ୍ଗା

**କୃଷ୍ଣପ୍ରସାଦ,୧୬।୧(ଡି.ଏନ.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ଗୁରୁବାର ଭୋରରୁ ସକାଳ ୯ଟା ଯାଏ ଦୀର୍ଘସମୟ ଧରି ଘନ କୁହୁଡି ଦେଖାଦେଇଥିଲା। ଫଳରେ ସାତପଡାଠାରୁ ସକାଳ ୭ . ୩୦ ମିନିଟରେ ଛାଡିଥିବା ଏକ ଯାତ୍ରୀବାହୀ ଡଙ୍ଗା ଚିଲିକା ମଧ୍ୟରେ ବାଟବଣା ହୋଇ ଗୋଟିଏ କୁଦରେ ଲାଗି ଯାଇଥିଲା । ଉକ୍ତ ଡଙ୍ଗାରେ ୩୦ଜଣ ଯାତ୍ରୀ ଥିବାବେଳେ ୧୦ଟି ମୋଟରସାଇକେଲ ରହିଥିଲା। ଯାତ୍ରୀମାନଙ୍କ ମଧ୍ୟରେ ୫ ଜଣ ବୃଦ୍ଧ, ୩ ଜଣ ଶିଶୁ, ୫ ଜଣ ମହିଳା ଏବଂ ୧୭ଜଣ ପୁରୁଷ ଥିଲେ। ଯାତ୍ରୀମାନେ ଚିଲିକା ମଧ୍ୟରେ ଜଳବନ୍ଦୀ ହୋଇ ଆତଙ୍କିତ ଅବସ୍ଥାରେ ରହିଥିଲେ । ଦୀର୍ଘ ଦେଢ ଘଣ୍ଟା ଅଟକି ରହିବା ପରେ ସକାଳ ୯ ଟାରେ ଆକାଶ ସଫାହେବାରୁ ଯାତ୍ରୀମାନେ କୁଦରୁ ଓହ୍ଲାଇ ପାଣି ମଧ୍ୟକୁ ଯାଇ ଡଙ୍ଗାକୁ ଠେଲି ଭିତରକୁ ନେବା ପରେ ଅବସ୍ଥା ସ୍ୱାଭାବିକ ହୋଇଥିଲା। ଡଙ୍ଗା ଗନ୍ତବ୍ୟସ୍ଥଳକୁ ଯାଇଥିଲା। ଅନ୍ୟପକ୍ଷେ ଘନ କୁହୁଡି ଯୋଗୁ ଗୁରୁବାର ସକାଳେ ଯାତ୍ରୀବାହୀ ଭେସେଲ ଚଳାଚଳ ବନ୍ଦ କରାଯିବା ଯୋଗୁ ବହୁ ଯାତ୍ରୀ ହନ୍ତସନ୍ତ ହୋଇଥିଲେ। ବାଧ୍ୟହୋଇ କେତେକଙ୍କୁ ଡଙ୍ଗାରେ ଆସିବାକୁ ପଡିଥିଲା।




# ସ୍ତ୍ରୀଙ୍କ ଦଶାହ ପୂର୍ବରୁ ସ୍ୱାମୀଙ୍କ ମୃତ୍ୟୁ

**ହିନ୍ଦୋଳ, ୧୬।୧(ଡି.ଏନ.ଏ.)**

**ବେଦିରୁ ମଶାଣି ସାଥୀ**

ସାଥୀ ହୋଇଥିଲେ ସାତ ଜନମକୁ। ସୁଖଦୁଃଖରେ ଚାଲିଥିଲେ ହାତ ଧରାଧରି ହୋଇ। ବେଦିର ହୋମ ନିଆଁରୁ ଆରମ୍ଭ ହୋଇଥିବା ଦାମ୍ପତ୍ୟ ଜୀବନର ଯାତ୍ରା ଶେଷ ହୋଇଛି ମଶାଣିରେ। ସ୍ତ୍ରୀଙ୍କ ଦଶାହ ପ୍ରସ୍ତୁତି ଚାଲିଥିବା ବେଳେ ଆଖି ବୁଜିଛନ୍ତି ସ୍ୱାମୀ। ଏପରି ଏକ ଦୁଃଖଦ ଘଟଣା ଘଟିଛି ହିନ୍ଦୋଳ ବ୍ଲକ ବାଉଁଶପୋଖରୀ ପଞ୍ଚାୟତ ଡିହସାହି ଗ୍ରାମରେ। ଗତ ୮ ତାରିଖରେ ନାଲୁଟୁ ବେହେରାଙ୍କ ସ୍ତ୍ରୀ ଉପାସୀ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ଅନୁଗୋଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟ ଆହୁରି ବିଗିଡ଼ିଯିବାରୁ ତାଙ୍କୁ କଟକ ନେଇଯିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ହେଲେ ଆର୍ଥିକ ସ୍ଥିତ ଭଲ ନ ଥିବାରୁ କଟକ ନେବା ସମ୍ଭବପର ନ ଥିଲା। ଫଳରେ ସେହିଦିନ ଅପରାହ୍ନ ୩ଟାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସ୍ତ୍ରୀଙ୍କ ଶେଷକୃତ୍ୟ ପରେ ଦଶାହ ଲାଗି ପ୍ରସ୍ତୁତି ଚଳାଇଥିଲେ ନାଲୁଟୁ। ହେଲେ ବୁଧବାର ସେ ମଧ୍ୟ ଅସୁସ୍ଥ ହୋଇପଡ଼ିଲେ। ତାଙ୍କୁ ପ୍ରଥମେ ହିନ୍ଦୋଳ ଏବଂ ପରେ ଅନୁଗୋଳ ଡାକ୍ତରଖାନାକୁ ନିଆଯାଇଥିଲା। ତେବେ ଚିକିତ୍ସା ସମ୍ଭବପର ନ ଥିବାରୁ ଡାକ୍ତର ତାଙ୍କୁ ଫେରାଇ ଦେଇଥିଲେ। ଗୁରୁବାର ଅପରାହ୍ନରେ ନାଲୁଟୁଙ୍କ ମୃତ୍ୟୁ ହୋଇଯାଇଥିଲା। ୮ଦିନ ଅନ୍ତରରେ ସ୍ତ୍ରୀ-ସ୍ୱାମୀଙ୍କ ପରଲୋକ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ସ୍ତ୍ରୀଙ୍କ ପରଲୋକ ଦୁଃଖରେ ନାଲୁଟୁ ମଧ୍ୟ ସବୁଦିନ ପାଇଁ ଆଖି ବୁଜିଥିବା ଚର୍ଚ୍ଚା ହେଉଛି।



ସଙ୍ଗୀତ, ସାହିତ୍ୟ ଓ କଳା ହେଲେ ଆତ୍ମା ନିମିତ୍ତ ଏକ ପୂର୍ଣ୍ଣ ଶିକ୍ଷା ଏ ସବୁ ଆତ୍ମାର ଗତିବୃତ୍ତିକୁ ବିଶୁଦ୍ଧ, ନିୟନ୍ତ୍ରିତ, ଗଭୀର ଓ ସଂହତ କରନ୍ତି। ସେଥିପାଇଁ ମାନବ ସମାଜର ଅଗ୍ରଗତି ପଥରେ ଏ ସମସ୍ତ ଅବହେଳିତ ହେବା ଉଚିତ ନୁହେଁ। କିନ୍ତୁ କେବଳ ଇନ୍ଦ୍ରିୟଗତ ଆମୋଦ-ଯାହା ଚରିତ୍ରକୁ ଗଠନ ନ କରି ବିନଷ୍ଟ କରେ ତାହା ଦ୍ୱାରା କଳୁଷିତ ହେବା ଉଚିତ ନୁହେଁ। - ଶ୍ରୀଅରବିନ୍ଦ

# ଆହ୍ୱାନପୂର୍ଣ୍ଣ

ଚଳିତ ମାନ୍ଦାବସ୍ଥା ସୁଧୁରିବାର କୌଣସି ଲକ୍ଷଣ ଦେଖିବାକୁ ମିଳୁନି। ସାଧାରଣ ଲୋକମାନେ ବିଭିନ୍ନ ସମୟରେ ପାଉଥିବା ଆର୍ଥିକ ତଥ୍ୟ ସବୁବେଳେ ପୂର୍ବାପେକ୍ଷା ଅଧିକ ଚିନ୍ତାଜନକ ହେଉଛି। ବୁଧବାର ପ୍ରକାଶିତ ସରକାରୀ ତଥ୍ୟରୁ ଜଣାପଡ଼ିଛି ଯେ, ଡିସେମ୍ବର ୨୦୧୯ରେ ଭାରତର ରପ୍ତାନି ୧.୮ ପ୍ରତିଶତ ହ୍ରାସ ପାଇ ୨୭.୩୬ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଛି। ପ୍ଲାଷ୍ଟିକ୍, ରତ୍ନପଥର, ଅଳଙ୍କାର, ଚମଡ଼ା ଉତ୍ପାଦ ଓ ରାସାୟନିକ ପ୍ରଭୃତିର ରପ୍ତାନିରେ ଉଲ୍ଲେଖନୀୟ ହ୍ରାସ ଯୋଗୁ କ୍ରମାଗତ ପଞ୍ଚମ ମାସ ପାଇଁ ଏହି ହ୍ରାସ ଘଟିଛି। ଆମଦାନି ମଧ୍ୟ କ୍ରମାଗତ ସପ୍ତମ ମାସ ପାଇଁ ହ୍ରାସ ପାଇଛି ଏବଂ ଏହା ୮.୮୩ ପ୍ରତିଶତ ହ୍ରାସ ପାଇ ୩୮.୬୧ ବିଲିୟନ ଡଲାରରେ ପହଞ୍ଚିଛି। ମଙ୍ଗଳବାର ପାଇକାରୀ ମୂଲ୍ୟସୂଚୀ ଡିସେମ୍ବରରେ ସପ୍ତମ ମାସର ସର୍ବୋଚ୍ଚ ସ୍ତର ୨.୫୯ ପ୍ରତିଶତରେ ପହଞ୍ଚିଛି। ଚଳିତ ସପ୍ତାହ ପ୍ରାରମ୍ଭରେ ଖୁଚୁରା ମୁଦ୍ରାସ୍ଫୀତି ଡିସେମ୍ବରରେ ୭.୩୫ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇଥିବା ପ୍ରକାଶ ପାଇଛି। ଏହା ୨ରୁ ୬ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଲକ୍ଷ୍ୟ ରଖିଥିବା ବେଳେ ତାହା ସେହି ଆକଳନକୁ ଟପିଯାଇଛି। ଖାଦ୍ୟ ମୁଦ୍ରାସ୍ଫୀତି ହାର ପୂର୍ବ ମାସରେ ୧୦.୦୧ ପ୍ରତିଶତ ଥିବାବେଳେ ପନିପରିବା ଓ ଡାଲି ଦର ବୃଦ୍ଧି ଯୋଗୁ ଡିସେମ୍ବରରେ ତାହା ୧୪.୧୨ ପ୍ରତିଶତକୁ ବୃଦ୍ଧି ପାଇଛି।

ଅଭିବୃଦ୍ଧି ହ୍ରାସ ପାଇଥିବା ବେଳେ ଖୁଚୁରା ମୁଦ୍ରାସ୍ଫୀତି ଧାର୍ଯ୍ୟ ଲକ୍ଷ୍ୟ ଅତିକ୍ରମ କରିଛି। ବିଶ୍ୱ ବ୍ୟାଙ୍କ ଓ ଏସୀୟ ଉନ୍ନୟନ ବ୍ୟାଙ୍କଠାରୁ ଆରମ୍ଭ କରି ଭାରତୀୟ ରିଜର୍ଭ ବ୍ୟାଙ୍କ ଓ ସରକାରଙ୍କ ନିଜସ୍ୱ ତଥ୍ୟ ବର୍ତ୍ତମାନର ଜିଡିପି ପ୍ରାୟ ୧୧ ବର୍ଷର ସର୍ବନିମ୍ନ ସ୍ତରରେ ପହଞ୍ଚିଥିବା ଆକଳନ କରିଛନ୍ତି। ତେଣୁ ଆମର ଅର୍ଥନୀତି ଯେ ଏବେ ସଂକଟରେ ପଡ଼ିଛି ଏଥିରେ କୌଣସି ସନ୍ଦେହ ନାହିଁ। ତେବେ ସରକାର କାହିଁକି ଏହା ସ୍ୱୀକାର କରୁନାହାନ୍ତି ତାହା ଭିନ୍ନ କଥା। ସରକାର ଏବେ ବିଭିନ୍ନ ବିବାଦୀୟ ପ୍ରସଙ୍ଗ ଯଥା ନାଗରିକତ୍ୱ ସଂଶୋଧନ ଆଇନ, ଏନ୍‌ଆର୍‌ସି ଓ ଏନ୍‌ପିଆର୍ ପ୍ରଭୃତିରେ ବ୍ୟସ୍ତ ଅଛନ୍ତି। ପ୍ରତ୍ୟେକ ଦିନ ଦେଶର ଅର୍ଥନୈତିକ ସ୍ୱାସ୍ଥ୍ୟ ବିଗିଡ଼ି ଚାଲିଥିବା ବେଳେ ସରକାର ସେଥିରୁ ଦୃଷ୍ଟି ହଟାଇବା ପାଇଁ ରାଜନୈତିକ ପ୍ରସଙ୍ଗରେ ବ୍ୟସ୍ତ ନ ରହି ଅନ୍ତତଃ ଏହାକୁ ସ୍ୱୀକାର କରିବା ଉଚିତ। ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ଗତ ସପ୍ତାହରେ କହିଥିଲେ ଯେ କେନ୍ଦ୍ରୀୟ ବ୍ୟାଙ୍କର ପ୍ରାଥମିକ ଲକ୍ଷ୍ୟ ହେଉଛି ବଜାର ଦରରେ ସ୍ଥିରତା ଆଣିବା ଏବଂ ମୁଦ୍ରାସ୍ଫୀତିକୁ ରୋକିବା କାରଣ ଏହାଦ୍ୱାରା ଗରିବ ଲୋକମାନେ ହଇରାଣ ହେଉଛନ୍ତି। ଏ ପରିସ୍ଥିତିରେ ଯଦି ମୁଦ୍ରାସ୍ଫୀତିକୁ ରୋକା ନ ଯାଏ, ଯାହା ପ୍ରାୟତଃ ସମ୍ଭବ ନୁହେଁ, ତେବେ କେନ୍ଦ୍ର ବଜେଟ ଉପସ୍ଥାପନ ପରେ ପରେ ଫେବୃୟାରୀ ୬ରେ ବସିବାକୁ ଥିବା ଆର୍ଥିକ ନୀତି ସମୀକ୍ଷା ବୈଠକରେ ଆର୍‌ବିଆଇ ରେପୋ ରେଟ୍ ବୃଦ୍ଧି କରିପାରେ, ଯାହା ଅଭିବୃଦ୍ଧିକୁ ଆହୁରି ମାନ୍ଦା କରିବ। ରେପୋ ରେଟ୍ ୧୩୫ ବେସିସ୍ ପଏଣ୍ଟ ହ୍ରାସ କରିବା ପରେ ଆର୍‌ବିଆଇର ଆର୍ଥିକ ନୀତି କମିଟି (ଏମ୍‌ପିସି) ଡିସେମ୍ବରରେ ଏହାକୁ ଅପରିବର୍ତ୍ତିତ ରଖିଥିଲା। ମୁଖ୍ୟତଃ ମୁଦ୍ରାସ୍ଫୀତିଜନିତ ବିପଦକୁ ଆଖି ଆଗରେ ରଖି ଏହି ନିଷ୍ପତ୍ତି ନିଆଯାଇଥିଲା। ବର୍ତ୍ତମାନ ମୁଦ୍ରାସ୍ଫୀତି ଧାର୍ଯ୍ୟ ଲକ୍ଷ୍ୟଠାରୁ ଆହୁରି ବୃଦ୍ଧି ପାଇଥିବାରୁ ଏମ୍‌ପିସି ଆସନ୍ତା ଫେବୃୟାରୀ ବୈଠକରେ ରେପୋ ରେଟ୍ ଅପରିବର୍ତ୍ତିତ ରଖିପାରେ ଅଥବା ଏହାକୁ ବୃଦ୍ଧି କରିପାରେ।

## ଆଜିର ଅର୍ଥନୀତି

ବର୍ତ୍ତମାନ ଆର୍ଥିକ ମାନ୍ଦାବସ୍ଥା ଓ ମୁଦ୍ରାସ୍ଫୀତିରେ ସୁଧାର ଆଣିବା ପାଇଁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ଉପରେ ଗୁରୁଦାୟିତ୍ୱ ରହିଛି। ମୁଦ୍ରାସ୍ଫୀତିକୁ କମାଇବା ଏ ସରକାର ପାଇଁ ଏକ ଚର୍ଚ୍ଚିତ ପ୍ରସଙ୍ଗ ହୋଇଆସିଛି। ଏହି ସରକାରଙ୍କ କାର୍ଯ୍ୟକାଳର ଅଧିକାଂଶ ସମୟ ଶିରୋନାମା ମୁଦ୍ରାସ୍ଫୀତି ଆର୍‌ବିଆଇର ଗ୍ରହଣୀୟ ସୀମା ଭିତରେ ରହିଆସିଛି। କିନ୍ତୁ ତାହା ଏବେ ଅତୀତର ବିଷୟ ହୋଇଗଲାଣି। ଗହମ ପରେ ରୋଷେଇ ଘରେ ସବୁଠାରୁ ବେଶି ବ୍ୟବହାର ହେଉଥିବା ପିଆଜ ଓ ଆଳୁ ଦର ସୀମା ବାହାରକୁ ଚାଲିଯାଇଥିବା ବେଳେ ତାହା ପ୍ରତ୍ୟେକ ପରିବାରର ବଜେଟ ପାଇଁ ବୋଝ ହୋଇଉଠିଛି। ତେଣୁ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ ଭିତରକୁ ଆଣିବା ସରକାରଙ୍କ ପ୍ରଥମ ଦାୟିତ୍ୱ। ମୁଦ୍ରାସ୍ଫୀତିର ନିୟନ୍ତ୍ରଣ କେନ୍ଦ୍ରୀୟ ବ୍ୟାଙ୍କର କର୍ତ୍ତବ୍ୟ ହୋଇଥିବା ବେଳେ ଏହା ସେଥିରେ ବିଫଳ ହୋଇଛି। ଯୋଗାଣ ଦିଗରୁ ରହିଥିବା ବାଧାକୁ ଦୂର କରାଯିବା ଦରକାର। ସରକାର ଖାଦ୍ୟଦ୍ରବ୍ୟର ଯୋଗାଣ ଓ କୃଷି ବଜାର-ଭିତ୍ତିକ ମୂଲ୍ୟ ବୃଦ୍ଧି କରିବା ସହ ମହଜୁଦକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ମୂଲ୍ୟଗତ ବିକୃତି ଦୂର କରିବା ପ୍ରତି ଦୃଷ୍ଟି ଦେବା ଦରକାର। ଟଙ୍କାର ମୂଲ୍ୟ ଉଚ୍ଚ ରହିଲେ ମୁଦ୍ରାସ୍ଫୀତିକୁ ପ୍ରଶମନ କରିବାରେ ସାହାଯ୍ୟ କରିପାରନ୍ତା। ଆର୍ଥିକ ଅଭିବୃଦ୍ଧି ଯେପରି ବଢ଼େ ସେ ଦିଗରେ ମଧ୍ୟ ସରକାର ଯତ୍ନ କରିବା ଜରୁରୀ। ଅଭିବୃଦ୍ଧି ପାଇଁ ଅନେକ କାରକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି। ସେଥିପାଇଁ ଲୋକମାନେ ଯେପରି ସୁବିଧାରେ ଓ କମ୍ ସୁଧହାରରେ ଋଣ ପାଆନ୍ତି ସେ ଦିଗରେ ଦୃଷ୍ଟିଦେବା ସହ ବ୍ୟକ୍ତିଗତ ଟିକସ ହାର ହ୍ରାସ କରିବା ଦରକାର, ଯାହା ଅର୍ଥନୈତିକ ଅଭିବୃଦ୍ଧିରେ ସାହାଯ୍ୟ କରିବ। ବର୍ତ୍ତମାନ ଆର୍ଥିକ ମାନ୍ଦାବସ୍ଥାର ମୂଳ କାରଣ ହେଉଛି ଖାଉଟି ଚାହିଦା ହ୍ରାସ କାରଣ ଜିନିଷ କିଣିବା ପାଇଁ ଲୋକଙ୍କ ପକେଟରେ ଟଙ୍କା ନାହିଁ। ତେଣୁ ବଜେଟରେ ଅର୍ଥମନ୍ତ୍ରୀ ବ୍ୟକ୍ତିଗତ ଟିକସ ହାର ହ୍ରାସ କରିବା ଉଚିତ, ଯାହାଫଳରେ ଲୋକଙ୍କ ହାତରେ ଅଧିକ ଟଙ୍କା ରହିପାରିବ। ଅର୍ଥନୈତିକ ବିଶ୍ଳେଷକମାନଙ୍କ ମତରେ କୁହାଯାଉଥିବା ଫ୍ଲାଟ୍ ବ୍ୟକ୍ତିଗତ ଟିକସ ବଦଳରେ ସରକାର ଛାଡ଼ ସୀମା ବୃଦ୍ଧି କରିବା ଉଚିତ, ଯାହାଫଳରେ ଅଧିକ ସଂଖ୍ୟାରେ ଖାଉଟି ଉପକୃତ ହୋଇପାରିବେ। ୮୦ (ସି) ଧାରା ଅଧୀନରେ ଥିବା ଛାଡ଼ ସୀମା ୧.୫୦ ଲକ୍ଷକୁ ବୃଦ୍ଧି କରି ୨.୫୦ ଲକ୍ଷ କରାଯାଇପାରେ। ତେବେ ବର୍ତ୍ତମାନର ରାଜସ୍ୱ ନିଅଣ୍ଟିଆ ସ୍ଥିତି ଯୋଗୁ ସରକାର ବ୍ୟକ୍ତିଗତ ଟିକସ ହ୍ରାସ କରିବା ସମ୍ଭାବନା କ୍ଷୀଣ।

# କୃଷିର ସ୍ଥିତି ଚିନ୍ତାଜନକ



ନଟବର ଖୁଣ୍ଟିଆ

କେନ୍ଦ୍ରସରକାରଙ୍କ ନିର୍ଦ୍ଦେଶ ଅନୁସାରେ ରାଜ୍ୟ କୃଷି ଗଣନା ପ୍ରତି ପାଞ୍ଚ ବର୍ଷରେ ଥରେ ହେଉଛି। ୨୦୧୦-୧୧ରେ କୃଷି ଗଣନା ହୋଇଥିବା ବେଳେ ୨୦୧୫-୧୬ରେ କୃଷି ଗଣନା ହୋଇ ତାହାର ରିପୋର୍ଟ ଦୁଇଟି କିସ୍ତିରେ ୨୦୧୯ ମସିହା ଜୁନ ଓ ନଭେମ୍ବରରେ ପ୍ରକାଶ ପାଇଛି। ଏହି ଗଣନା ରିପୋର୍ଟକୁ ଅନୁଧ୍ୟାନ କଲେ ଓଡ଼ିଶା କୃଷିର ସ୍ଥିତି ସାମଗ୍ରିକ ଭାବେ ଚିନ୍ତାଜନକ।

ରାଜ୍ୟର ୮୦ ପ୍ରତିଶତ ଲୋକ ଗ୍ରାମାଞ୍ଚଳରେ ବାସ କରନ୍ତି ଆଉ ସେମାନଙ୍କ ମଧ୍ୟରୁ ଅଧିକାଂଶ ଲୋକ କୃଷି ଓ କୃଷି ଆନୁଷଙ୍ଗିକ ବୃତ୍ତି ଉପରେ ନିର୍ଭର କରି ଚଳନ୍ତି। ଯଦି ଏହି ୮୦ ଭାଗ ପାଖାପାଖି ଲୋକଙ୍କ ଆୟ ବୃଦ୍ଧି ପାଇବ ନାହିଁ ତେବେ ଆମ ରାଜ୍ୟର ବିକାଶ ହେବ କି? ୮୦ ଭାଗ ଲୋକଙ୍କ ଆୟ ବୃଦ୍ଧି ନ ହେଲେ ରାଜ୍ୟର ମୋଟ ଘରୋଇ ଉତ୍ପାଦ ବୃଦ୍ଧି ପାଇବ କି? ଆମ ରାଜ୍ୟରେ ମୋଟ ଘରୋଇ ଉତ୍ପାଦକୁ କୃଷିକ୍ଷେତ୍ରର ଅବଦାନ ମାତ୍ର ୧୮ ପ୍ରତିଶତ, ଯଦିଚ ପ୍ରାୟ ୮୦ ଭାଗ ଲୋକ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ କୃଷି ଓ କୃଷି ଆନୁଷଙ୍ଗିକ ବୃତ୍ତି ଉପରେ ନିର୍ଭର କରନ୍ତି।

ପ୍ରଥମେ ଆସନ୍ତୁ ରାଜ୍ୟର ଚାଷୀ ପରିବାର ସଂଖ୍ୟା ଉପରେ ଦୃଷ୍ଟି ପକାଇବା। ବିଭିନ୍ନ ବର୍ଷର କୃଷି ଗଣନା ଅନୁସାରେ ଚାଷୀ ପରିବାରର ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଇବାକୁ ଲାଗିଛି। ୨୦୧୦-୧୧ରେ ୪୬.୬୭ ଲକ୍ଷ ଚାଷୀ ପରିବାର ଥିବା ବେଳେ ୨୦୧୫-୧୬ରେ ଏହା ବୃଦ୍ଧିପାଇ ହେଲାଣି ୪୮.୬୬ ଲକ୍ଷ। ନାମମାତ୍ର ଚାଷୀଙ୍କ ସଂଖ୍ୟା ୨୦୧୦-୧୧ରେ ୩୩.୬୮ ଲକ୍ଷ ଥିବାବେଳେ ବୃଦ୍ଧିପାଇ ହେଲାଣି ୩୮.୩୭ ଲକ୍ଷ ୨୦୧୫-୧୬ରେ। ନାମମାତ୍ର ଚାଷୀ କହିଲେ ବୁଝାଯାଏ ଯେଉଁମାନଙ୍କର ଜମି ଏକ ହେକ୍ଟରରୁ କମ୍। ୨୦୧୦-୧୧ରେ ନାମମାତ୍ର ଚାଷୀ ମୋଟ ଚାଷୀ ସଂଖ୍ୟାର ୭୨.୧୭ ପ୍ରତିଶତ ହୋଇଥିବାବେଳେ ୨୦୧୫-୧୬ରେ ସେହି ସଂଖ୍ୟା ବୃଦ୍ଧି ପାଇ ହୋଇଛି ୭୪.୭୪ ପ୍ରତିଶତ। ସେମାନଙ୍କ ପାଖରେ ଅଛି ମୋଟ ଚାଷଜମିର ୪୦ ପ୍ରତିଶତ ଜମି। ୨୦୧୦-୧୧ରେ ଚାଷୀ ପରିବାର ପିଛା ହାରାହାରି ଚାଷଜମି ୧.୦୪ ହେକ୍ଟର ଥିବାବେଳେ ୨୦୧୫-୧୬ରେ ହ୍ରାସପାଇ ହୋଇଛି ମାତ୍ର ୦.୯୫ ହେକ୍ଟର। ଏହା ସୂଚାଇ ଦେଉଛି ଯେ ଜମି ଖଣ୍ଡବିଖଣ୍ଡିତ ହୋଇଚାଲିଛି, ଯାହାକି ଯାନ୍ତ୍ରିକ ପ୍ରଣାଳୀରେ ଚାଷକରିବା ଅସମ୍ଭବ ହୋଇପଡୁଛି। ସୁତରାଂ ଚାଷ ଲାଭଜନକ ହୋଇପାରୁ ନାହିଁ। ଏହି ସମସ୍ୟା ପ୍ରତି ଧ୍ୟାନ ଦେଇ ଜମି ଯେପରି ଆଉ ଖଣ୍ଡବିଖଣ୍ଡିତ ନ ହେବ, ନାମକୁମାତ୍ର ଚାଷୀ ସଂଖ୍ୟା ବୃଦ୍ଧି ନ ହେବ ସେଥିପାଇଁ ଦୀର୍ଘମିଆଦୀ ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ। କୃଷିର ଉତ୍ପାଦିକା ଶକ୍ତି ପାଇଁ ଜଳସେଚନର ଭୂମିକା ଗୁରୁତ୍ୱପୂର୍ଣ୍ଣ। କୃଷି ଗଣନା ରିପୋର୍ଟ କହେ ୨୦୧୦-୧୧ରେ ନିଟ୍ ଜଳସେଚିତ ଜମିର ପରିମାଣ ନିଟ୍ ଚାଷ ଜମି ପରିମାଣର ୨୭.୩୮ ପ୍ରତିଶତ ଥିବାବେଳେ ତାହା ହ୍ରାସ ପାଇ ୨୦୧୫-୧୬ରେ ହୋଇଛି ୨୭.୨୫ ପ୍ରତିଶତ। ୨୦୧୦-୧୧ରେ ୪୬.୪୨ ଲକ୍ଷ ହେକ୍ଟରରେ ଚାଷ ହେଉଥିବା ବେଳେ ୨୦୧୫-୧୬ରେ ଚାଷଜମିର ପରିମାଣ ହ୍ରାସ ପାଇ ହୋଇଛି ୪୩.୩୩ ଲକ୍ଷ ହେକ୍ଟର। ୨୦୧୦-୧୧ରେ ନିଟ୍ ଜଳସେଚିତ ଜମିର ପରିମାଣ ୧୨.୭୧ ଲକ୍ଷ ହେକ୍ଟର ହେବା ବେଳେ ୨୦୧୫-୧୬ରେ ହ୍ରାସ ପାଇ ହେଲା ୧୧.୮୦ ଲକ୍ଷ ହେକ୍ଟର। ସ୍ୱତନ୍ତ୍ର କୃଷି ବଜେଟରେ ଦୀର୍ଘ ଛଅବର୍ଷ ଧରି ଜଳସେଚନ ପାଇଁ ସର୍ବାଧିକ ବ୍ୟୟ ବରାଦ କରୁଛନ୍ତି ସରକାର। ୨୦୧୪-୧୫ରୁ ୨୦୧୭-୧୮ ବଜେଟ୍‌ରେ ୨୬,୮୮୯ କୋଟି ଟଙ୍କା ବ୍ୟୟବରାଦ ଜଳସେଚନ ପାଇଁ ହୋଇଛି। ୨୦୧୪-୧୫ରୁ ୨୦୧୮-୧୯ ମଧ୍ୟରେ ୧୦ ଲକ୍ଷ ହେକ୍ଟର ଅଣସେଚିତ ଜମିକୁ ଜଳ ଯୋଗାଇ ଦେବାର ପ୍ରତିଶ୍ରୁତି ଅର୍ଥମନ୍ତ୍ରୀ ତାଙ୍କ ବଜେଟ ଭାଷଣରେ ଦେଇଥିବା ବେଳେ ଜଳସେଚନର ସ୍ଥିତି କ'ଣ? ରାଜ୍ୟ ଅର୍ଥନୈତିକ ସର୍ଭେର ପରିସଂଖ୍ୟାନ ଅନୁସାରେ ୨୦୧୫-୧୬ ଖରିଫ ଋତୁରେ ୨୨.୪୧ ଲକ୍ଷ ହେକ୍ଟର ଜମିକୁ ଜଳ ଯୋଗାଇ ଦିଆଯାଇଥିବା ବେଳେ ରବି ଋତୁରେ ୧୦.୫୩ ଲକ୍ଷ ହେକ୍ଟର ଜମିକୁ ଜଳ ଯୋଗାଇ ଦିଆଯାଇଥିଲା। ୨୦୧୭-୧୮ ଖରିଫ ଋତୁରେ ୨୨.୬୨ ଲକ୍ଷ ହେକ୍ଟରକୁ ଜଳ ଯୋଗାଇ ଦିଆଯାଇଥିବା ବେଳେ ରବି ଋତୁରେ ୧୧.୮ ଲକ୍ଷ ହେକ୍ଟରକୁ ଜଳଯୋଗାଇ ଦିଆଯାଇଛି। ଜଳସେଚିତ ଜମିର ବୃଦ୍ଧି ପ୍ରାୟ ନାହିଁ। ଯାହା ହୋଇଛି ତାହା ନାମକୁମାତ୍ର। ସରକାର ସନ୍ତୁଷ୍ଟ ରହୁଛନ୍ତି ଜଳସେଚନ ଉତ୍ସ ସୃଷ୍ଟି କରିବାରେ। ୨୦୧୭-୧୮ରେ ଯେତିକି ଜଳସେଚନ ଉତ୍ସ ସୃଷ୍ଟି କରାଯାଇଛି ସରକାରୀ ରିପୋର୍ଟ ଅନୁସାରେ ଖରିଫରେ ତା'ର ଉପଯୋଗ ହୋଇଛି ୫୬ ପ୍ରତିଶତ ଆଉ ରବି ଋତୁରେ ଉପଯୋଗ ହୋଇଛି ୬୩ ପ୍ରତିଶତ। ତାହାହେଲେ ଅପର୍ଯ୍ୟାପ୍ତ ଅର୍ଥ ବିନିଯୋଗ କରି ଜଳର ଉତ୍ସ ସୃଷ୍ଟି କରି ଲାଭ କ'ଣ, ଯଦି ପ୍ରକୃତରେ କେନାଲ ଖୋଳି ଜମିକୁ ଜଳ ଯୋଗାଇ ଦିଆଯାଇ ନ ପାରିଲା। ଏହା ଅର୍ଥର ଅପବ୍ୟୟ ସହ ସମାନ। ଜଳସେଚନ ପାଇଁ ଅଧିକ ବ୍ୟୟବରାଦ ନ କରି ବିକଳ୍ପ ଜଳସେଚନର ଚିନ୍ତା କରିବାକୁ ପଡ଼ିବ।

ସରକାର ଅର୍ଥନୈତିକ ସର୍ଭେରେ କହୁଛନ୍ତି ଓଡ଼ିଶାରେ କ୍ରପିଂ ଇଣ୍ଟେନ୍‌ସିଟି ବା ଫସଲ ଚାଷର ସାନ୍ଦ୍ରତା ହେଉଛି ୧୬୭ ପ୍ରତିଶତ। କୃଷି ଗଣନା ଅନୁସାରେ ଏହା ୧୨୦ ପ୍ରତିଶତ। ଯେହେତୁ ଜଳସେଚନ ବଢୁ ନାହିଁ, ତେଣୁ ଖଣ୍ଡିଏ ଜମିରେ ଏକାଧିକବାର ଚାଷ ହୋଇପାରୁ ନାହିଁ। କୃଷି ଗଣନା ପ୍ରକୃତ କ୍ଷେତ୍ରରୁ ତଥ୍ୟ ସଂଗ୍ରହ କରି ଯାହା ପରିସଂଖ୍ୟାନ ଦେଇଛି ତାହା ଅଧିକ ଗ୍ରହଣଯୋଗ୍ୟ। ଗୋଟିଏ ଜମିରେ ଜଳସେଚନର ବ୍ୟବସ୍ଥା ହେଲେ ଏକାଧିକ ବାର ଫସଲ ସେଠୁ ଅମଳ ହେବ ଆଉ ଚାଷୀର ଆୟ ବଢ଼ିବ। ଚାଷୀର ଆୟବୃଦ୍ଧି ପାଇଁ କେବଳ ଧାନଚାଷ ନ କରି ବିଭିନ୍ନ ପ୍ରକାର ଫସଲ କରିବାକୁ ଦଶନ୍ଧି ଦଶନ୍ଧି ଧରି କୁହାଗଲା ବେଳେ ଧାନଚାଷର ପ୍ରତିଶତ ହ୍ରାସ ପାଉନାହିଁ ବରଂ ବୃଦ୍ଧି ପାଉଛି। ଏବେ ଧାନଚାଷ ମୋଟ ଚାଷ ହେଉଥିବା ଫସଲର ୭୯.୧୫ ଭାଗ। ଧାନଚାଷକୁ ହ୍ରାସ କରି ଅର୍ଥକରୀ ଡାଲିଜାତୀୟ ଫସଲ, ତୈଳବୀଜ, ପନିପରିବା, ଫଳ, କପା, ଆଖୁ, ଲଙ୍କାମରିଚ, ଅଦା, ହଳଦୀ, ଆଳୁ, ପିଆଜ ଚାଷ ଅଧିକରୁ ଅଧିକ ଜମିରେ କରିବାକୁ ପଡ଼ିବ।

ଓଡ଼ିଶାରେ କୃଷିର ଉପରୋକ୍ତ ସ୍ଥିତିରେ ଆଗାମୀ ବଜେଟ ପ୍ରସ୍ତୁତ କଲାବେଳେ ନିମ୍ନୋକ୍ତ ସୁପାରିସଗୁଡ଼ିକୁ ବିଚାରକୁ ନେଇ ଓଡ଼ିଶାର ଚାଷୀକୁଳ କିପରି ତାଙ୍କ ଆୟବୃଦ୍ଧି କରିବେ ତାହା ନିଶ୍ଚିତ କରିବା ରାଜ୍ୟ ସରକାରଙ୍କ କର୍ତ୍ତବ୍ୟ।

ଜଳସେଚନ ପାଇଁ ଆଉ ବଡ଼ ବଡ଼ ପ୍ରକଳ୍ପ ନ କରି ଆମ ବର୍ଷାଜଳକୁ ଚାଷୀମାନେ ଯେପରି ନିଜ କ୍ଷେତରେ ଜଳସେଚନ ପୋଖରୀ ଖୋଳି ସଂଗ୍ରହ କରି ରଖି ଫସଲକୁ ଜଳ ଯୋଗାଇବେ ତାହାର ନକ୍ସା ପ୍ରସ୍ତୁତ କରି କାର୍ଯ୍ୟକାରୀ କରାଯାଉ। ଚାଷୀ ପୋଖରୀ ଖୋଳୁ। ସେଥିପାଇଁ ତାକୁ ସବ୍‌ସିଡି ଦିଆଯାଉ। ଧାନଚାଷ ଜମିର ପରିମାଣ ହ୍ରାସ କରି ବିଭିନ୍ନ ଅର୍ଥକରୀ ଫସଲ ଓ ଆମ ଖାଉଟି ଚାହୁଁଥିବା ଫସଲର ଚାଷ ପାଇଁ ଯୋଜନା ହେଉ। କୃଷିଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ହୋଇ ମୂଲ୍ୟଯୁକ୍ତ କରାଯାଇ ରାଜ୍ୟ ମଧ୍ୟରେ, ବାହାରେ, ଏପରି କି ବିଦେଶ ବଜାରରେ ବିକ୍ରି ପାଇଁ ପଦକ୍ଷେପ ନିଆଯାଉ। ପ୍ରତି ପଞ୍ଚାୟତରେ ଖାଦ୍ୟଶସ୍ୟ ଗୋଦାମ ନିର୍ମାଣ ହେଉ। ପନିପରିବା ବିଶେଷକରି ଆଳୁ ସାଇତି ରଖିବା ପାଇଁ ଶୀତଳଭଣ୍ଡାର ନିର୍ମାଣ ହେଉ ଏବଂ ପିଆଜ ଚାଷ ଅଞ୍ଚଳରେ ପିଆଜ ସାଇତା ଭଣ୍ଡାର ନିର୍ମାଣ ହେଉ। ଚାଷ କ୍ଷେତ୍ରରୁ ନାମମାତ୍ର ଚାଷୀଙ୍କୁ ବାହାର କରି ଆଣି ବିକଳ୍ପ ନିଯୁକ୍ତି ବ୍ୟବସ୍ଥା କରାଯାଉ। ସେମାନେ କିପରି କୃଷିବାହାରେ ଆତ୍ମନିଯୁକ୍ତି ପାଇ ବିଭିନ୍ନ ପ୍ରକାର ବାଣିଜ୍ୟ ବ୍ୟବସାୟ କରି ପେଟ ପୋଷିବେ ସେଥିପାଇଁ ଏକ ଦଶବର୍ଷିଆ ଦୀର୍ଘମିଆଦୀ ଯୋଜନା କରାଯାଉ। କୃଷି ଜ୍ଞାନକୌଶଳ ଓ ନୂତନ ପରିକଳ୍ପନାକୁ ଚାଷୀ ନିକଟରେ ପହଞ୍ଚାଇବା ପାଇଁ ଯଥେଷ୍ଟ ସଂଖ୍ୟାରେ କୃଷି ସମ୍ପ୍ରସାରଣ ଅଫିସର ଓ କୃଷି ଗ୍ରାମସେବକଙ୍କୁ ବ୍ଲକ ଓ ଗ୍ରାମପଞ୍ଚାୟତରେ ନିଯୁକ୍ତି ଦିଆଯାଉ। ଏଥିପାଇଁ ବଜେଟରେ ଆବଶ୍ୟକ ବ୍ୟୟବରାଦ ହେଉ।

ବଜେଟ ପ୍ରସ୍ତୁତ କରି କେବଳ ବ୍ୟୟବରାଦ କଲେ ହେବନାହିଁ, ସେହି ଅର୍ଥ କିପରି ବ୍ୟୟ ହେଉଛି ତାକୁ ନିଶ୍ଚିତ କରିବାକୁ ହେବ। ତେବେ ଯାଇ କୃଷି ଉତ୍ପାଦନ ବୃଦ୍ଧି ପାଇବ ଆଉ ଚାଷୀର ଆୟ ବଢ଼ିବ।

ସତ୍ୟନଗର, ଭୁବନେଶ୍ୱର, ମୋ-୯୯୩୭୯୫୧୨୬୨

# ଚେଇଁ ଶୋଇଥିବ ଯିଏ



ଡ. ଚିନ୍ତାମଣି ପଣ୍ଡା

ସ୍ୱଚ୍ଛ ଭାରତ ଅଭିଯାନ ଏକ ଗାନ୍ଧୀଯୁଗୀୟ ଚିନ୍ତାଧାରା। କିନ୍ତୁ ୨୦୧୪ ଗାନ୍ଧୀ ଜୟନ୍ତୀଠାରୁ ଏ ପର୍ଯ୍ୟନ୍ତ ୯୦ନିୟୁତ ପାଇଖାନା ନିର୍ମାଣ ପାଇଁ କେନ୍ଦ୍ର ସରକାର ସ୍ୱଚ୍ଛଭାରତ ମିଶନ ନାମରେ ପ୍ରାୟ ୧.୯୬ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିସାରିଲେଣି। ଅନେକ ଗ୍ରାମ, ଜନପଦ, ପୌରପାଳିକା, ମହାନଗର ଇତ୍ୟାଦିକୁ ସମ୍ପୂର୍ଣ୍ଣ ପରିମଳ ପାଇଁ ପୁରସ୍କୃତ ମଧ୍ୟ କରାଯାଇ ସାରିଲାଣି। କିନ୍ତୁ ବାହାରେ ମଳମୂତ୍ର ତ୍ୟାଗ କ'ଣ ବନ୍ଦ ହୋଇଯାଇଛି! ଖୋଦ୍ ଦିଲ୍ଲୀର ବସ୍ତି ଅଞ୍ଚଳରେ ରେଳଧାରଣା କଡ଼ରେ ସକାଳୁ ସକାଳୁ ଅରୁଚିକର ମଳତ୍ୟାଗର ଦୃଶ୍ୟ ଭାରତର ପ୍ରତିଚ୍ଛବି ଉପରେ କଳଙ୍କ ଲଗାଏ। ଆକୁମାରୀହିମାଚଳ ଯେଉଁଠି ଦେଖିବେ, ଆମ ଭାରତୀୟ ନାଗରିକମାନେ ନାଳବନ୍ଧ ଓ ରେଳଧାରଣାକୁ ମଳମୂତ୍ର ତ୍ୟାଗ ପାଇଁ ଆପଣେଇ ନେଇଥାନ୍ତି। ନିକଟରେ ଭୁବନେଶ୍ୱର ମହାନଗର ନିଗମ ଏକ ହୁଲିଆ ଜାରି କଲେ ଯେ, ଏ ବର୍ଷର ଗାନ୍ଧୀ ଜୟନ୍ତୀ ପରଠାରୁ ଏକନମ୍ବର ସ୍ମାର୍ଟ ସହର ଭୁବନେଶ୍ୱରରେ ବାହାରକୁ ଝାଡ଼ା ଗଲେ ମୁଣ୍ଡପିଛା ୨୦୦ ଟଙ୍କା ଏବଂ ପରିସ୍ରା କଲେ ୧୫୦ ଟଙ୍କା ଜରିମାନା ଆଦାୟ କରାଯିବ। ଏ ଘୋଷଣା ଶୁଣୁଶୁଣୁ ସହରବାସୀ ସଭ୍ୟ ନାଗରିକମାନଙ୍କର ପ୍ରତିରୋଧ ଆରମ୍ଭ ହୋଇଗଲା। ପ୍ରଥମେ ସଚେତନ କରନ୍ତୁ ତା' ପରେ ଯାଇ ଦଣ୍ଡିତ କରିବେ ବୋଲି ଦାବି କରାଗଲା। କହିଲେ ଦେଖି ଆଉ କେତେ ସଚେତନତା ଯାଙ୍କୁ ଦରକାର!

ଟ୍ରାଫିକ୍‌ର କଡ଼ା ନିୟମକୁ ମାନିବା ପାଇଁ ସରକାର ପ୍ରୟାସ କଲେ। ନିୟମ ପ୍ରଣୟନ କଲେ, ଆଉ ଜନସାଧାରଣଙ୍କର ଉଦ୍‌ବେଗକୁ ବୁଝି ତିନିମାସ ଜାଗାରେ ଛଅ ମାସ ସମୟ ମଧ୍ୟ ଦେଲେ ସଚେତନ ହେବା ପାଇଁ। ଏବେ କ'ଣ ଆମ ସଚେତନ ଜନତା ଶୃଙ୍ଖଳିତ ହୋଇ ଟ୍ରାଫିକ୍ ନିୟମ ମାନୁଛନ୍ତି? ଭୁଲ୍ ରାସ୍ତାରେ ଯାଉନାହାନ୍ତି ବା ପବନବେଗରେ ୩ ଜଣଙ୍କୁ ବସାଇ ଗାଡ଼ି ଚଳାଉ ନାହାନ୍ତି? ଧରାପଡ଼ିଗଲେ ଆମେ ସଚେତନ ନୋହୁଁ ବୋଲି ସଫେଇ ଦେବେ। ସହରାଞ୍ଚଳରେ ସରକାରୀ ଜାଗାକୁ ଜବରଦଖଲ କରି ଯଦି ବ୍ୟବସାୟୀଟିଏ ଉଠାଦୋକାନ କରୁ କରୁ ସ୍ଥାୟୀ ଘର କରୁଛି ତେବେ ତାକୁ ନଗର ନିଗମ ଭାଙ୍ଗିଲା ବେଳକୁ ଯଥେଷ୍ଟ ସଚେତନ କରାଯାଇ ନ ଥିବା କଥା କୁହାଯାଉଛି। ଏପରି କି ପ୍ରତିବଦଳରେ ଉପଯୁକ୍ତ ଜାଗାଟିଏ ମଧ୍ୟ ଦାବି କରାଯାଉଛି। କାରଣ ଜାଗା ଜବରଦଖଲକାରୀକୁ ଦଣ୍ଡ ଜାଗାରେ ଆମେ ଥଇଥାନ କରି ପୁରସ୍କୃତ କରୁଛେ। ବଡ଼ ବଡ଼ ଘରୋଇ ହସ୍‌ପିଟାଲ ହେଉ କିମ୍ବା ସୁପର ବଜାର ମଲ୍ ହେଉ ଅଗ୍ନିନିରୋଧ ବ୍ୟବସ୍ଥା ନ ଥାଇ ଚାଲୁ ଚାଲୁ କିଛି ଅଘଟଣ ଘଟିଗଲେ ଚତୁର ମାଲିକଟି ସଚେତନ ନ ଥିବା କଥା କହୁଛି। କଲ୍ୟାଣମଣ୍ଡପ ବାଲାଏ ତ ସରକାରୀ ରାସ୍ତାକୁ ଗାଡ଼ି ରଖିବା ସ୍ଥାନ ଭାବରେ ବ୍ୟବହାର କରନ୍ତି, ବୋଧହୁଏ ସେଇ ସଚେତନତା ଅଭାବରୁ।

ଯଦି ସହରବାସୀଙ୍କୁ ଏତିକି ସଚେତନତା ଲୋଡ଼ା ପଡୁଛି, ତେବେ ନିପଟ ମଫସଲରେ ଡାହାଣୀ ସନ୍ଦେହରେ କାହାର ଦାନ୍ତ ଭାଙ୍ଗିଲେ କି ବିଷ୍ଠା ଖୁଆଇଲେ ବା ଗୁଳିକରି ମାରିଦେଲେ ଆମେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। କଥାରେ ଅଛି 'ମୋତେ ଯେତେ ମାଠିବୁ ମାଠ, ମୁଁ ସେଇ ଦରପୋଡ଼ା କାଠ'। ଏଥିପାଇଁ ପ୍ରଚୁର ଆର୍ଥିକ ତଥା ଶାରୀରିକ ଦଣ୍ଡର ବ୍ୟବସ୍ଥା କରି ତତ୍କାଳୀନ ରାଜାମାନେ ଶୃଙ୍ଖଳିତ ରାଜ୍ୟ ଶାସନ କରୁଥିଲେ। କିନ୍ତୁ ଗଣତନ୍ତ୍ରରେ ତ ଏ ସବୁର ସ୍ଥାନ ଅନେକ ଦୂରରେ। ଖୋଦ୍ ସୁପ୍ରିମ୍‌କୋର୍ଟ ପ୍ରଧାନ ବିଚାରପତି ମଧ୍ୟ ସାଧାରଣରେ ମାନୁଛନ୍ତି ଯେ, ନ୍ୟାୟିକ ପ୍ରକ୍ରିୟା ଏକ ବିଳମ୍ବିତ ପ୍ରକ୍ରିୟା ବୋଲି। ତେଣୁ ଯେତେ କଡ଼ାକଡ଼ି ନିୟମ ହେଉଛି ସେତେ ମାତ୍ରାରେ ବଳାତ୍କାର ବି ବଢ଼ି ବଢ଼ି ଚାଲିଛି। ଗୋଠ ମାଡ଼ିଲେ ଖଣ୍ଡିଆ ହଡ଼ା ମାଡ଼ିବା ପରି ୬୦ ବର୍ଷୀୟ ବ୍ୟକ୍ତି ବି ବଳାତ୍କାର କରିବାକୁ ପଛଉନାହାନ୍ତି। ଏମାନେ ଅଚେତନ ନା ଅର୍ଦ୍ଧଚେତନ? ଅଗନା ଅଗନି ବନସ୍ତ ମଧ୍ୟରେ ପ୍ରତିକୂଳ ପରିସ୍ଥିତିକୁ ଭ୍ରୂକ୍ଷେପ ନ କରି ନିଷିଦ୍ଧ ଗଞ୍ଜେଇ ଚାଷର ଆୟତନ ଅବକାରୀ ବିଭାଗର ଅଗୋଚରରେ ବଢ଼ି ବଢ଼ି ଚାଲିଛି। କୌଣସି ପ୍ରୋତ୍ସାହନ, ରିହାତି କିମ୍ବା ତାଲିମ ବିନା ଅଚେତନ ଚାଷୀମାନେ ଏହା କରିଚାଲିଛନ୍ତି, ଆଉ ଧରା ପଡ଼ିଗଲେ ନିଜର ଅଜ୍ଞତାକୁ ଦ୍ୱାହି ଦେଇ ଖସିଯିବାକୁ ଚେଷ୍ଟା କରୁଛନ୍ତି। ଆଉ ଆମ ଧାନଚାଷୀ ଭାଇମାନଙ୍କ ପାଇଁ ସକଳ ପ୍ରକାରର ସଚେତନତା ଲୋଡ଼ା ପଡୁଛି। ସେ ମଣ୍ଡିକୁ ଧାନ ନେବା ଆଗରୁ ନାମ ପଞ୍ଜୀକରଣ କରିବାକୁ ସଚେତନ ହୋଇପାରୁ ନ ଥିବା ବେଳେ ଚୋରାରେ ଛତିଶଗଡ଼କୁ ଧାନ ଚାଲାଣ କରି ଦୁଇପଇସା ହାତତିଆରି କରିବାରେ ବେଶ୍ ପାରଙ୍ଗମ ବା ସଚେତନ। ଯେମିତି ଗ୍ରାମବାସୀଟିଏ ନିଜକୁ ମୂର୍ଖ, ଗାଉଁଲି ବୋଲି ପ୍ରତିପାଦନ କରିବାକୁ ଯାଇ ସରକାରୀ କଲ୍ୟାଣମୂଳକ ଯୋଜନା ବିଷୟରେ ନିଜର ଅଜ୍ଞତା ପ୍ରଦର୍ଶନ କରୁଥିବା ବେଳେ ସାଧାରଣ ମୃତ୍ୟୁକୁ ସାପକାମୁଡ଼ା ଦର୍ଶାଇ କିମ୍ବା ମୃତ ବାପାକୁ ଜୀବିତ ଦର୍ଶାଇ ଭତ୍ତା ହଡ଼ପ କରିନେବାର କଳାକୌଶଳରେ ଧୁରନ୍ଧର। ଖାଲି ସେମାନେ ନୁହନ୍ତି ଖୋଦ ଜଗନ୍ନାଥ କି ଲିଙ୍ଗରାଜ ମହାପ୍ରଭୁଙ୍କର ନିତ୍ୟ ସେବକଟିଏ ମଧ୍ୟ ନୀତିକାନ୍ତିରେ ଖିଲାପ କରି କିମ୍ବା ଦେଉଳ ବେଢାରେ ଶୌଚ କର୍ମ କରି ସଚେତନତାର ଅଭାବ କଥା କହି ଖସିଯିବାକୁ ପ୍ରୟାସ କରୁଛି। ନିର୍ବାଚିତ ଲୋକପ୍ରତିନିଧିଗଣ ମଧ୍ୟ ଆଉ ପାଦେ ଆଗକୁ ଯାଇ ଆଇନକୁ ନିଜ ଇଚ୍ଛାରେ ବ୍ୟବହାର କଲାପରେ ଧରାପଡ଼ିଗଲେ ସେ ବାବଦରେ ନିଜର ଅଚେତନତା (ଅଜ୍ଞତା) ପ୍ରକାଶ କରିବାକୁ ପଛାଉନାହାନ୍ତି। ଅତଏବ ନିଜେ ଅଚେତନ ସାଜି ନିୟମକୁ ଆଖିଠାର ମାରିବା ଆଜି ଏକ ଫ୍ୟାଶନରେ ପରିଣତ ହୋଇଗଲାଣି। ଯେତେ ସଚେତନ ହେଲେ ବି ଆମେ ବଦଭ୍ୟାସ ଛାଡ଼ିବାର ମାନସିକତା ପ୍ରତିପୋଷଣ ନ କରିବା ଆଜି ବିଡ଼ମ୍ବନାର ବିଷୟ। ଚେଇଁ ଶୋଇଥିବ ଯିଏ, ତାକୁ ଉଠେଇବ କିଏ?

ପ୍ରାଧ୍ୟାପକ, କୃଷି ମହାବିଦ୍ୟାଳୟ,
ଭୁବନେଶ୍ୱର, ମୋ-୯୪୩୭୦୧୮୫୧୭୫

## ଏଇ ଭାରତରେ

ଗୁଜରାଟର ଅମରେଲି ଜିଲାନିବାସୀ ଜଣେ ମୁସଲମାନ ଓ ତାଙ୍କ ବନ୍ଧୁମାନେ ସାମ୍ପ୍ରଦାୟିକ ସଦ୍‌ଭାବନାର ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି। ସେମାନେ ଜଣେ ହିନ୍ଦୁ ବନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଲାଗି ମକର ସଂକ୍ରାନ୍ତିରେ ଗୋସେବା କରିଛନ୍ତି। ଅମରେଲିର ସାବରକୁଣ୍ଡଳାରେ ବସିର ଝାଙ୍ଗରା ଓ କସ୍‌ବେ ତାଙ୍କ ବ୍ରାହ୍ମଣ ବନ୍ଧୁ ନିଲେଶଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ଗାଈମାନଙ୍କୁ ଘାସ ଖୁଆଇଛନ୍ତି। ସେମାନେ କ୍ଷେତରୁ ୬୫୦କେଜି ଘାସ କାଟି ଆଣି ସେହି ଅଞ୍ଚଳର ସବୁ ଗାଈକୁ ଖାଇବାକୁ ଦେଇଛନ୍ତି। ବସିରଙ୍କ ବନ୍ଧୁ ନିଲେଶ ମେହେଟାଙ୍କର କିଛିଦିନ ପୂର୍ବରୁ ମୃତ୍ୟୁ ଘଟିଥିଲା। ବସିର ନିଲେଶଙ୍କୁ ଭାଇ ଭଳି ଦେଖୁଥିଲେ। ଶ୍ରଦ୍ଧାଞ୍ଜଳି ଦେବା ଲାଗି ବସିର ବଜାରରୁ ଘାସ କିଣି ନାହାନ୍ତି, ବରଂ ତାଙ୍କର ୬ ବିଘା ଜମିରୁ ୩ ବିଘାରେ ଘାସଚାଷ କରି ଗାଈମାନଙ୍କୁ ଖୁଆଇଛନ୍ତି। ଏମିତି କି କ୍ଷେତରୁ ଘାସ କାଟିବା ପାଇଁ କୌଣସି ଶ୍ରମିକଙ୍କୁ କାର୍ଯ୍ୟରେ ନ ଲଗାଇ ନିଜେ କାଟିଛନ୍ତି। ବସିରଙ୍କୁ ତାଙ୍କର ୫ ଜଣ ସାଙ୍ଗ ଏଥିରେ ସହଯୋଗ କରିଛନ୍ତି।

## ଚିରନ୍ତନୀ

ଶୀତର ସକାଳେ ଆସୁଥିଲା ଯେବେ
କୁହୁଡ଼ି ଘୋଟି
ଧଳା ପରଦାଟି ପକାଇ ଅଦୂର
ପୁନାଗ ବନେ।
କନକ ଅଧରେ ହସି ଦେଇ ରବି
ଉଠଇ ଉଇଁ
ନୂଆବୋହୂ ସମ ଲୁଚିଯାଏ କାହିଁ
କୁହୁଡ଼ି ଘୋଟି!
(ପାସୋରି ଦେଲିରେ ଶିମୁଳିପାଳ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୭ ଜାନୁୟାରୀ ୧୯୯୫

- ଭାରତ-ଆମେରିକା ମଧ୍ୟରେ ବାଣିଜ୍ୟ ବ୍ୟବସାୟ ବୃଦ୍ଧି କରିବା ପାଇଁ ଏକ ବାଣିଜ୍ୟିକ ମେଣ୍ଟ ଗଠନ ସକାଶେ ଦୁଇ ଦେଶ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।
- ହାଇଦ୍ରାବାଦ ନିଜାମଙ୍କର ଗନ୍ତାଘରରେ ପଡ଼ିରହିଥିବା ମଣିମୁକ୍ତା ଖଚିତ ଅଳଙ୍କାରକୁ କେନ୍ଦ୍ର ସରକାର ୨୧୭ କୋଟି ୩୦ ଲକ୍ଷ ଟଙ୍କା ପଇଠ କରି କିଣି ନେଇଛନ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 8 | 4 | | | | | | | | | | | B | 5 |
| | | B | 8 | 4 | | | | 2 | | A | 0 | | 1 | 7 |
| | | | | C | | | E | B | 3 | 6 | | | 2 | |
| 6 | | | | 1 | | | 3 | C | | | | 0 | | |
| | A | | 3 | | | 0 | | | | | | | 4 | 9 |
| | | | | | E | 9 | | 3 | | | 5 | 4 | | |
| 4 | 9 | | | 2 | D | | C | | | 1 | | | 7 | |
| | 7 | 5 | B | | | | | 8 | | | | A | | 2 |
| | | | | A | C | | | | | 8 | 4 | E | | 6 |
| | | | 7 | | | | D | | | | | | | |
| | | 8 | | 0 | | D | | | 7 | 9 | | | E | |
| | | | | | | | 0 | | | C | B | 2 | A | |
| | | 1 | | | | | | 7 | | | | | | 3 |
| D | | | 1 | 7 | 8 | | B | 9 | | 3 | | | | |
| | | | | | | 2 | A | 6 | | E | | | D | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | B | A | 6 | 2 | D | 1 | C | E | 4 | 9 | 5 | 3 | 0 | 8 |
| 6 | 2 | 3 | 8 | E | 5 | D | 7 | 4 | C | B | 0 | 9 | A | 1 |
| 8 | 9 | 0 | 4 | C | B | A | 3 | 5 | 1 | D | E | 2 | 6 | 7 |
| D | E | 5 | 7 | 1 | 3 | 6 | 0 | 9 | 8 | A | 2 | B | C | 4 |
| C | 4 | 1 | 0 | A | 9 | B | 2 | 8 | 3 | 6 | 7 | 5 | D | E |
| 4 | 3 | C | B | 7 | 6 | 5 | 9 | A | 2 | 8 | D | 1 | E | 0 |
| B | 1 | 9 | C | 4 | E | 7 | D | 2 | 0 | 5 | 6 | 8 | 3 | A |
| 5 | A | 2 | 1 | 0 | 8 | C | 6 | 3 | 9 | E | B | 7 | 4 | D |
| 0 | 6 | 7 | 3 | D | 2 | 8 | E | B | A | 4 | 1 | C | 9 | 5 |
| E | D | 8 | 5 | 9 | A | 0 | 4 | 1 | 7 | 3 | C | 6 | 2 | B |
| 9 | 5 | 6 | A | B | 4 | 2 | 1 | D | E | C | 8 | 0 | 7 | 3 |
| 2 | 7 | D | 9 | 3 | 1 | 4 | 8 | C | B | 0 | A | E | 5 | 6 |
| 1 | 0 | 4 | 2 | 8 | C | E | 5 | 6 | D | 7 | 3 | A | B | 9 |
| A | 8 | E | D | 5 | 0 | 3 | B | 7 | 6 | 2 | 9 | 4 | 1 | C |
| 3 | C | B | E | 6 | 7 | 9 | A | 0 | 5 | 1 | 4 | D | 8 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶିଶୁମୃତ୍ୟୁ: ଆଧୁନିକ ଚିକିତ୍ସା କ୍ଷେତ୍ରକୁ ଲଜ୍ଜା

ମହାଶୟ,

ରାଜସ୍ଥାନର କୋଟାସ୍ଥିତ ହସ୍ପିଟାଲରେ ଏବଂ ଗୁଜରାଟର ରାଜକୋଟ ଓ ଅହମଦାବାଦର ଦୁଇଟି ସରକାରୀ ଡାକ୍ତରଖାନାରେ ଚିକିତ୍ସାଧୀନ ଶିଶୁମାନଙ୍କ ଅକାଳ ନିଧନ ବିଜ୍ଞାନ ଯୁଗର ଆଧୁନିକ ଚିକିତ୍ସା କ୍ଷେତ୍ର ପାଇଁ ଲଜ୍ଜାକର ତଥା ଚରମ ମାନବୀୟ ଅବହେଳାର ନିଦର୍ଶନ। ଏ ପ୍ରକାର ଘଟଣାର ଯେପରି ପୁନରାବୃତ୍ତି ନ ହୁଏ, ସରକାର ସେ ଦିଗରେ ସଚେତନ ହୋଇ ସ୍ୱାସ୍ଥ୍ୟସେବା ପ୍ରଦାନରେ ବିଭିନ୍ନ ଉପକରଣ ଓ ଔଷଧ ଯୋଗାଇଦେବାକୁ ଯତ୍ନବାନ ହେବା ସହ ହସ୍ପିଟାଲରେ ନିୟୋଜିତ ସମସ୍ତ ଡାକ୍ତର, କର୍ମଚାରୀମାନେ ଆନ୍ତରିକତାପୂର୍ଣ୍ଣ ଓ ଉତ୍ସର୍ଗୀକୃତ ଗୁଣାତ୍ମକ ସେବା ପ୍ରଦାନ କରିବା ଆବଶ୍ୟକ।

ଅଶୋକ କୁମାର ଆଢ୍ୟ, ସଭାପତି, ଆର୍ତ୍ତତ୍ରାଣ ସେବା ସଂସଦ,
ମରୀଚିକୋଟ ଗଳି, ପୁରୀ

### ସଚ୍ଚୋଟତା ପ୍ରଦର୍ଶନ

ନିଜର କାର୍ଯ୍ୟଧାରା ପ୍ରତି ଅତୁଟ ଭରସା ଓ ଆତ୍ମବିଶ୍ୱାସ ରହିବା କମ୍ ବଡ଼ କଥା ନୁହେଁ। ଆଲବର୍ଟ ଆଇନଷ୍ଟାଇନ କହିଥିଲେ, ଜଣେ ସଫଳ ମଣିଷ ନୁହଁ, ସଚ୍ଚୋଟ ମଣିଷ ହୁଅ। ତେଲଙ୍ଗାନା କରିମନଗର ଜିଲାର ବିଦ୍ୟୁତ୍ ବିଭାଗ ଅତିରିକ୍ତ ମଣ୍ଡଳ ଯନ୍ତ୍ରୀ ପୋଜେଡି ଅଶୋକ ନିଜ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ବୋର୍ଡ ଟାଙ୍ଗିଛନ୍ତି, ଯେଉଁଥିରେ ଲେଖାଅଛି ମୁଁ ଦୁର୍ନୀତିମୁକ୍ତ। ତେଲୁଗୁ ଭାଷାରେ ଲିଖିତ- ମୁଁ ଲାଞ୍ଚ ନିଏ ନାହିଁ। ବୋଧହୁଏ ଏହା ଖାଲି ପଙ୍କିଳ ପ୍ରଶାସନିକ ପରିବେଶ, ବାତାବରଣ ପାଇଁ ଦୁଃସାହସ, ସଚ୍ଚୋଟପଣିଆର ବଳିଷ୍ଠ ନିଦର୍ଶନ। ଅମରିଲତା ପରି ସବୁବର୍ଗର ଅମଲା ଏପରିକି ରାଜନେତା ଦୁର୍ନୀତିଗ୍ରସ୍ତ। ସାମ୍ପ୍ରତିକ ସମାଜରେ ଏପରି ସଚ୍ଚୋଟ ଅଧିକାରୀ ସମସ୍ତଙ୍କ ପାଇଁ ଆଦର୍ଶ, ପ୍ରେରଣାର ଉତ୍ସ। ଏପରି ମାନସିକତା, ଚିନ୍ତାଧାରା ଅନ୍ୟ ଅଧିକାରୀମାନଙ୍କୁ ସଚ୍ଚୋଟତାର ଶିକ୍ଷା ପ୍ରଦାନ କରିବ ବୋଲି ଆଶା।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

### ମୋ ବସ୍

ମୋ ବସ୍ ସେବା ପାଇଁ ନିକଟରେ ରାଜ୍ୟ ସରକାର ପୁରସ୍କୃତ ହୋଇଛନ୍ତି। କିନ୍ତୁ ଦୁଃଖର ବିଷୟ ଯେ ହଜାର ହଜାର ସଂଖ୍ୟାରେ ଲୋକ ବସବାସ କରୁଥିବା ପାଣ୍ଡରା, ଜଗନ୍ନାଥନଗର, ଗୋଡ଼ଗୋପୀନାଥ ପ୍ରସାଦ କଲୋନୀ ପ୍ରଭୃତି ପ୍ରମୁଖ ଅଞ୍ଚଳବାସୀଙ୍କ ପାଇଁ ମୋ ବସ୍ ସେବା ହେଉଛି ସାତସପନ। ବର୍ତ୍ତମାନ ସୁଦ୍ଧା ଏହିସବୁ ଅଞ୍ଚଳକୁ ମୋ ବସ୍ ଗଡୁନାହିଁ। ବି.ଏମ୍.ସି., ବି.ଡି.ଏ. ଉଚ୍ଚ ଅଧିକାରୀମାନଙ୍କୁ ଅନୁରୋଧ ସେମାନେ ତୁରନ୍ତ ଜି.ଜି.ପି. କଲୋନୀଠାରୁ ମୋ ବସ୍ ଚଳାଚଳ କରିବା ପାଇଁ ଉଦ୍ୟମ କରନ୍ତୁ।

କେ. ରବି, ଜିଜିପି କଲୋନୀ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ନୂଆଗଡ଼ ଧନୁଯାତ୍ରା ଉଦ୍‌ଘାଟିତ

**ଭଟଲି,୧୬।୧(ଡି.ଏନ.ଏ):** ରଙ୍ଗାରଙ୍ଗ ସାଂସ୍କୃତିକ ଶୋଭାଯାତ୍ରା ମଧ୍ୟରେ ୧୩ତମ ନୂଆଗଡ଼ ଧନୁଯାତ୍ରା ଗୁରୁବାର ଉଦ୍‌ଘାଟିତ ହୋଇଛି। ଗୁରୁବାରଠାରୁ ନୂଆଗଡ଼ ମଥୁରା ନଗରୀ ପାଲଟିଛି। ଏହି ଅବସରରେ ମହାରାଜ ଉଗ୍ରସେନ ମଥୁରା ନଗର ଭ୍ରମଣ କରିଥିଲେ। ନାଟ୍ୟାଭିନୟରେ କଂସ ଉଗ୍ରସେନଙ୍କୁ ଗାଦିଚ୍ୟୁତ କରି ନିଜେ ସିଂହାସନ ଆରୋହଣ କରିଛନ୍ତି ଏବଂ ଦେବକୀ ବସୁଦେବଙ୍କୁ କାରାଗାରରେ ବନ୍ଦୀ କରି ରଖିଛନ୍ତି । ଏହି ଅବସରରେ ଧନୁଯାତ୍ରା ପାଳନ କମିଟି ଆବାହକ ଦିଗମ୍ବର ଖମାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସନ୍ଧ୍ୟାରେ ଜିଲା ପରିଷଦ ସଦସ୍ୟ ନିତ୍ୟାନନ୍ଦ ପଧାନ, ସାମାଜିକ କର୍ମୀ ସଞ୍ଜୟ ପଧାନ, ସରପଞ୍ଚ ସୁଜାତା ପାଣ୍ଡେ, ସମିତି ସଭ୍ୟା ସୁନୀତା ପାଣ୍ଡେ, ଶ୍ରୀକାନ୍ତ ପଣ୍ଡା ପ୍ରମୁଖ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ।


ନୂଆଗଡ଼ ଧନୁଯାତ୍ରାକୁ ଉଦ୍‌ଘାଟନ କରାଯାଉଛି

# ୭ ବଟୁଙ୍କ ସାମୂହିକ ବ୍ରତୋପନୟନ

**ବରପାଲି, ୧୬।୧ (ଡି.ଏନ.ଏ):** ବରପାଲି ବ୍ଲକସ୍ତରୀୟ ସନାତନୀ ବ୍ରାହ୍ମଣ ସମାଜ ଆନୁକୂଲ୍ୟରେ ଦୁଇଦିନ ଧରି ଚାଲିଥିବା ସାମୂହିକ ବ୍ରତୋପନୟନ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଗୁରୁବାର ସମାହିତ ହୋଇଯାଇଛି। ଏହି ଅବସରରେ ସିକିର୍ଡି ଗ୍ରାମର ଶୁଭାଶିଷ ତ୍ରିପାଠୀ, ସହରାପାଲିର ହରେକୃଷ୍ଣ ଷଡଙ୍ଗୀ ଓ ଆକାଶ ଷଡଙ୍ଗୀ, ବରଗଡ ବାନ୍ଧୁଟିକ୍ରା କ୍ରିୟାବନ୍ତ ଷଡଙ୍ଗୀ, ଅମରନାଥ ରଥ, ବଳରାମ ଦାଶ ଓ ଜାଗ୍ରତ ମିଶ୍ର ପ୍ରମୁଖ ୭ଜଣ ବଟୁଙ୍କ ବ୍ରତୋପନୟନ ହୋଇଥିଲା। ଏଥିରେ ରବିନ୍ଦ୍ର ଦାଶ, ଡୋଲାମଣି ଦେବତା, କୃଷ୍ଣଚନ୍ଦ୍ର ଦେବତା, ଯୋଗେଶ ଦାଶ, ସାହେବ ଦାଶ ଓ ଅଭିନବ ଷଡଙ୍ଗୀ ପ୍ରମୁଖ ପୁରୋହିତ କାର୍ଯ୍ୟ ସମ୍ପାଦନ କରିଥିଲେ। କାର୍ଯ୍ୟକ୍ରମରେ ବଟୁମାନଙ୍କ ମାତାପିତା, ଅଭିଭାବକ ଉପସ୍ଥିତ ଥିଲେ।

# भारतीय वायु सेना / Indian Air Force

## INVITES UNMARRIED MALE CANDIDATES TO APPEAR IN RECRUITMENT RALLY FROM 04 FEBRUARY 2020 TO 08 FEBRUARY 2020 TO JOIN AS AIRMEN IN GROUP 'Y' (NON-TECHNICAL) AUTOMOBILE TECHNICIAN (AUTO TECH), INDIAN AIR FORCE (POLICE) [IAF(P)] AND MEDICAL ASSISTANT (MED ASST) TRADES AT BERHAMPUR UNIVERSITY GROUND, BERHAMPUR, GANJAM, ODISHA FOR INTAKE: 01/2021

**CAUTION**

**SELECTION IN THE INDIAN AIR FORCE IS 'FREE & FAIR' AND ON MERIT ONLY. AT NO STAGE ANY MONEY IS REQUIRED TO BE PAID TO ANYONE FOR SELECTION OR RECRUITMENT IN THE INDIAN AIR FORCE. CANDIDATES SHOULD NOT FALL PREY TO UNSCRUPULOUS PERSONS POSING AS RECRUITING/SELECTING AGENTS.**

1. **Indian Air Force** offers opportunities for **UNMARRIED MALE INDIAN/NEPALESE CITIZENS** from **all Districts of State of Odisha** to join as Airmen. The Recruitment Test for **Group 'Y' (Non-Technical) Automobile Technician (Auto Tech), Indian Air Force (Police) {IAF(P)} And Medical Assistant (Med Asst) Trades** will be held at **Berhampur University Ground, Berhampur (Brahmapur), Ganjam, Odisha** as per the Selection Programme given below.

2. The Recruitment Test shall be conducted from **6 AM** onwards as per the details given below. Candidates (of **state of Odisha)** fulfilling the domicile requirements and eligibility conditions reporting up to **10 AM** on **04 February 2020 and 07 February 2020** at **Berhampur University Ground, Berhampur (Brahmapur), Ganjam, Odisha** (Rally venue) shall only be permitted to appear in the Recruitment Test.

**Note: The Recruitment Test is not for selection as Commissioned Officers/ Pilots/Navigators.**

| DATE | TRADE | ACTIVITIES | DISTRICTS TO BE COVERED |
|---|---|---|---|
| 04 February 2020 | Med Asst | Physical Fitness Test & Written Test | All districts of State of Odisha |
| 05 February 2020 | | Adaptability Test - 1 & Adaptability Test - 2 | |
| 06 February 2020 | Reserve day | | |
| 07 February 2020 | Auto Tech & IAF(P) | Physical Fitness Test & Written Test | All districts of State of Odisha |
| 08 February 2020 | | Adaptability Test - 1 & Adaptability Test - 2 | |

***ELIGIBILITY CONDITIONS***

3. **Date of Birth Block.** Candidates born between **17 January 2000** and **30 December 2003 (both days inclusive)** are eligible to appear in the Recruitment Rally.

4. **Educational Qualification.**

(a) **For Group 'Y' (Non-Technical) {Auto Tech & IAF(P) Trades}:-** Candidate should have passed **Intermediate / 10+2 / Class XII or Equivalent Examination** in any stream/subjects approved by Central / State Education Boards with minimum **50% marks** in aggregate as well as in English in Class XII or equivalent examination.

**OR**

Passed two years vocational course from Education Boards listed as **COBSE** member with minimum **50% marks** in aggregate and **50% marks** in English in vocational course or in Intermediate/Matriculation if English is not a subject in Vocational Course.

(b) **For Group 'Y' (Non-Technical) Medical Assistant Trade.** Candidate should have passed **Intermediate / 10+2 / Class XII or Equivalent Examination** with Physics, Chemistry, Biology and English approved by Central / State Education Boards with minimum **50% marks** in aggregate as well as in English in Class XII or equivalent examination.

**Note - 1:** Education Boards listed in Council of Boards for School Education (COBSE) website as members, shall only be permitted.
**Note - 2:** Exact aggregate % of marks before decimal as written in the marks sheet of 10+2/Intermediate/Equivalent OR calculated as per the rules of concerned Education Board shall only be considered (For example 49.99% should be taken as 49% and not to be rounded off to 50%).

5. **Domicile Requirement.** To be eligible to appear in the rally at **Berhampur University Ground, Berhampur (Brahmapur), Ganjam, Odisha** the candidates shall be required to satisfy the following conditions:-

(a) The School / College / Institute from where candidates have passed the qualifying examination should be within the geographical / administrative limits of **districts of State of Odisha**. If the name of **District** is not mentioned with the name of Institution in the certificate / marks sheet of qualifying examination, the candidates shall produce **'Domicile Certificate'** issued by **DM/SDM, Tehsildar or any official authorized by the State Government of Odisha.**

(b) Permanent Domicile of **districts of State of Odisha** who have passed the qualifying examination from anywhere in India shall produce the Domicile Certificate prior to **commencement of examination** from appropriate authority as given in sub-paragraph 5(a) above.

(c) Sons of serving Air Force personnel {Officer/Airmen/NCs(E) and Unit cadre Civilians paid from Defence Estimates} whose father/mother is presently serving in any Air Force Unit/any other Organisation located in the **districts of State of Odisha** irrespective of their domicile status, shall be permitted to appear in the rally subject to production of latest SOAFP (Son of Air Force Personnel) Certificate (format available at CASB site on AFNET).

(d) Sons of Air Force personnel {Officers/Airmen/NCs(E) and Unit Cadre Civilians paid from Defence Estimates} whose father/mother is Retired/ Discharged/ Deceased and they are residing in the **districts of State of Odisha** shall be permitted to appear in the rally subject to production of proof of minimum stay of one year along with original and photocopy of Service Book/Discharge Book/Casualty Service Certificate/Service Particular Certificate (issued from DPO-3/DAV, as applicable) in case of Officers/Airmen/NCs(E) and a Certificate duly signed by OIC Civil Admin and countersigned by CO/C Adm O of the last served unit, in case of Civilians.

6. **Medical Standards.**

(a) **General Medical Standards shall be as follows: -**

(i) **Chest:** Minimum range of expansion: 5 cm (ii) **Weight:** Proportionate to height and age. (iii) **Corneal Surgery (PRK/LASIK)** shall not be acceptable. (iv) **Hearing:** Candidate should have normal hearing i.e. able to hear forced whisper from a distance of 6 meters with each ear separately. (v) **Dental:** Should have healthy gums, good set of teeth and minimum 14 dental points. (vi) **General Health:** Candidate should be of normal anatomy without loss of any appendages. He should be free from any active or latent, acute or chronic, medical or surgical disability or infection and skin ailments. Candidate must be physically and mentally **FIT** to perform duty in any part of the world, in any climate and terrain.

(b) **Height, Leg Length, Visual Standards and Colour Vision are as follows:**

| Trades | Height | Leg length | Visual Acuity | Maximum limits of Ref Error | Colour Vision |
|---|---|---|---|---|---|
| Auto Tech | 165 cm | Minimum leg length required is 99 cm | 6/12 each eye correctable to 6/6 each eye | Hypermetropia: +2.0D Myopia: -1D including ± 0.50 Astigmatism | CP-II |
| IAF(P) | 175 cm | Not applicable | Unaided visual acuity of 6/6 | Not applicable | CP-II |
| Med Asst | 152.5 cm | Not applicable | 6/36 each eye correctable to 6/9 each eye | Not exceeding ± 3.50D including Astigmatism | CP-III |

7. **Consumption of Narcotic Drugs and Psychotropic Substance (NDPS).** Consumption of Narcotic Drugs and Psychotropic substances banned under the NDPS Act 1985 **shall be a reject criteria for selection into the IAF** and Airmen found either in possession or storing or distributing or consuming such drugs and substances after enrolment shall be liable for disciplinary action including dismissal from the IAF.

8. **Body Tattoo.** Permanent body tattoos shall not be permitted. However, tattoos only on inner face of the fore arms (inside of elbow to the wrist), back (dorsal) part of the hand/reverse side of palm and for Tribals tattoos which are as per custom and traditions of their tribes may be considered. However, right to decide on acceptability/unacceptability of the individual shall rest with the Selection Centre. **Candidates with permanent body tattoos shall submit two photographs (close up and distant view) with details of size and type of the Tattoo.**

9. **Only Sikh candidates**, whose religion prohibits the cutting of the hair or shaving of face of its member, shall be permitted to grow hair and/or retain beard and moustache. Accordingly, those Sikh candidates willing to retain the same as per laid down specification are to get their photographs with beard and moustache. Such candidates shall not be permitted to grow/shave beard/Moustache at later stages after enrolment.

10. Candidates discharged from Indian Army/Indian Navy/Any other Government Organisation shall also be eligible subject to their discharge with **NO ADVERSE ENTRIES.** Such candidate has to declare at the rally venue that he is an Ex-employee of the Organisation discharged from and produce original Discharge Certificate. In case of serving individuals, they must be in possession of NOC from their employer at the time of rally. If any candidate does not disclose the fact of being employed or that of being an Ex-employee, his candidature shall be cancelled at any stage during the selection process and if selected shall be liable for discharge/dismissal for hiding the fact of his employment and discharge/dismissal from service. **Candidates discharged from Indian Air Force for any reason are not eligible to appear in the rally.**

11. **Writing Materials and Documents Required.** Candidates are to bring the following:-

(a) **HB Pencil, Eraser, Sharpener, Gum tube, Stapler and Black/Blue Ball Point Pen for writing.**
(b) Seven un-attested recent (**taken not before January 2020**) passport size colour photographs (front portrait in light background without head gear except for Sikhs). **The photograph is to be taken with candidate holding a black slate in front of his chest with his Name and Date of Photograph taken, clearly written on it with white chalk in capital letters.**
(c) **Original and four self-attested photocopies of Matriculation Passing Certificate (required for Date of Birth verification).**
(d) **Original and four self-attested photocopies of Intermediate/10+2/ Equivalent Examination Passing Certificate and Marks Sheet.**
(e) Original and four self-attested photocopies of Domicile Certificate **(or)** Original and four self-attested photocopies of duly filled Son of Air Force Personnel (SOAFP) Certificate (format available on AFNET CASB webpage) for Sons of serving Air Force personnel **(or)** Original and four self-attested photocopies of Service Book/Discharge Book/Causality Service Certificate/Service Particular certificate (issued from DPO-3/DAV, as applicable) in case of Officer/Airmen/NCs(E) and a certificate duly signed by OIC Civil Admin and countersigned by CO/C Adm O of the last served unit, in case of civilians for sons of retired/deceased/discharged Air Force Personnel and proof of minimum stay of one year as per Para 5 (d) above. .
(f) **Candidates discharged from Indian Army/Indian Navy/Any other Government Organisation.** Original and four Self-attested photocopies of Discharge Certificate (as issued from Indian Army/Indian Navy/Government Organisation).
(g) NOC in original and four self-attested photocopies from the employer for candidates presently serving in any government organization (if applicable).
(h) Original and four self-attested photocopies of NCC 'A', 'B' or 'C' Certificate (if applicable).

**Note. Under no circumstances shall the candidates be permitted to appear in the Rally without Original Educational Marks Sheets/Passing Certificates & Documents mentioned above in paragraph 11 (c) to (h). However, candidates with photocopies of Educational Marks Sheets/Passing Certificates may be permitted to appear in the Rally only on production of a certificate from College/School Principal certifying that Educational Certificates/Marks sheets are deposited with College/School.**

(j) **CONSENT FORM FOR PHYSICAL FITNESS TEST AND MEDICAL TESTS.** Candidates shall bring the "Consent Form' (as per the format given below) to the Rally Venue {**Berhampur University Ground, Berhampur (Brahmapur), Ganjam, Odisha}** and submit it before the Physical Fitness Test. Candidates below 18 years of age shall get the Consent Form filled and signed by their parent/guardian. The candidates of 18 years of age and above can sign the consent form themselves.

---

**CONSENT FORM FOR PHYSICAL FITNESS TEST AND MEDICAL TESTS**

(Applicable in respect of candidates both **above** and **below** 18 years of age)

1. I, ....................son/father/guardian of .........................whose date of birth is ............ do hereby give my consent for myself/son/ward to appear in the physical fitness/medical tests, as prescribed for selection in the Indian Air Force, at my/his own risk. I am aware that no compensation in any form shall be claimed, in respect of injuries/casualty if any, sustained by myself/ my son/my ward, during such tests.

Signature.................................................
Name of candidate/parent/guardian.................
Date: Relationship with the candidate......................

---

**TERMS AND CONDITIONS**

12. **Tenure & Training.** Enrolment shall be for an initial period of 20 years (subject to condition) which may be extended up to the age of 57 years (subject to service conditions). Initially, candidates shall be sent for a Joint Basic Phase Training (JBPT) at designated Basic Training Institute located at various Air Force Stations. On successful completion of JBPT candidates will be sent for trade training of specific duration which shall include security training or any other training as per service requirements. Training is however liable to be terminated at any time if the trainee fails to achieve the required standards in academics, profession, physical fitness and discipline or is found to be medically unfit. **AFTER SUCCESSFUL COMPLETION OF ALL STAGES OF TRAINING, THE AIRMEN SHALL BE DEPLOYED ON JOBS AS PER THEIR ALLOTTED TRADES. ALLOTTED TRADE SHALL NOT BE CHANGED ON CANDIDATE'S REQUEST ON ANY GROUNDS.**

13. **Pay & Allowances.** During training, a stipend of **Rs. 14,600/-** per month shall be paid. On completion of training the **starting gross emoluments at the minimum of scale of pay** including Military Service Pay (MSP) shall be **Rs. 26,900/- per month** plus Dearness allowance (as applicable) which, in subsequent years, may rise as per the career progression of the individual.

14. Other allowances such as Transport Allowance, Composite Personal Maintenance Allowance (CPMA), Leave Ration Allowance (LRA), Children Education Allowance, HRA etc. shall also be admissible to Airmen, as per relevant Government instructions.

15. **Higher Education.** Airmen shall be permitted to pursue higher education qualification only after acquiring prescribed skill grade in their trade.

16. **Perks.** Perks such as **Ration, Clothing, Medical facilities, Accommodation, CSD facilities, Leave (60 days Annual and 30 days Casual in a Calendar year as a privilege, subject to service exigencies), Recreational facilities, Transport for school going children and Leave Travel Concession (LTC)** shall also be provided as per the existing rules. **Group Insurance Cover of Rs. 37.5 Lakhs at a premium of Rs. 2300/- per month** for all airmen and facility of Group Housing Scheme are also extended.

17. **Job Specification.**

(a) **Automobile Technician.** As an Automobile Technician you will drive all types of light, medium and heavy automobiles, load carriers and specialist vehicles like cranes, towing tractors, fork lifters etc., subject to service exigencies. You will also carry out minor repairs, day to day maintenance and basic level servicing of the common user vehicles and specialist vehicles in the Indian Air Force inventory.

(b) **Indian Air Force (Police).** As an Indian Air Force (Police) your responsibilities involve assuming police duties and investigation of offences. You are also in-charge of maintenance of security.

(c) **Medical Assistant.** Operating as a Medical Assistant, you are made familiar with nursing and first-aid. You are also involved in management of medical stores, dispensaries and ward supervision.

**Note: Airmen shall also have to undertake any other tasks as assigned by superior authorities.**

**SELECTION PROCEDURE**

18. **Verification of Eligibility.** Original Educational Certificates (10th passing Certificate and 12th passing Certificate & Marks Sheets) and other required applicable original documents like NCC 'A', 'B' or 'C' certificate, Son of serving Air Force Personnel (SOAFP) certificate **(or)**, Discharge Book, Service Book, Service Particular Certificate/Casualty Service Certificate **(or)** Discharge Certificate (if discharged from Army/Navy/Government organisation), Consent Form (signed by parents if candidate below 18 years of age) and passport size colour photographs shall be required and scrutinized/verified at the examination venue prior to commencement of Physical Fitness Test to ascertain the eligibility prima-facie. Detailed verification will be carried out later in respect of candidates who pass Physical Fitness Test and subsequently the Written Test. Candidature of those who do not meet the laid down educational criteria shall be rejected during **Initial verification of original certificates & mark sheets** prior to conduct of Physical Fitness Test and also during **detailed verification** on clearing the Physical Fitness Test as well as Written Test or if found at subsequent stage.

**Note: The original Passing Certificates / Marks Sheets will not be retained by the Selection Centre. The same will be returned to the candidates on completion of detailed verification.**

**SEQUENCE OF EXAMINATION**

19. **Group 'Y' (Non-Technical) Auto Tech, IAF(P) & Med Asst Trades**

(a) **Physical Fitness Test (PFT).** PFT consists of a **1.6 Km** run to be completed within **6 minutes 30 Seconds. Candidates shall also have to complete 10 push-ups, 10 sit-ups and 20 squats within the stipulated time to qualify in the Physical Fitness Test.**

**Note:** Candidates are advised to bring their **sports shoes** and **shorts/track pant.**

(b) **Written Test.** All candidates who qualify PFT shall undertake Written Test on the same or subsequent day depending on the local conditions. The Written Test will be objective type and question paper shall be bilingual (English & Hindi) except for English paper. Answers are to be annotated on OMR sheet. Detailed procedure shall be explained before conduct of the examination. Duration of the written test will be **45 minutes** and shall comprise of **English** as per 10+2 CBSE syllabus and **Reasoning & General Awareness (RAGA)**. **CANDIDATES ARE TO QUALIFY IN EACH PAPER SEPARATELY**. Results of the written test shall be declared on the same day.

(c) **Marking Pattern for Written Test:-** (i) 01 mark for every correct answer. (ii) Nil (0) marks for un-attempted question. (iii) 0.25 marks shall be deducted for each wrong answer or choosing more than one option as answer.

(d) **Adaptability Test-1.** All candidates who pass the Written Test shall undertake Adaptability Test-1 on the same or subsequent day depending on the local conditions. Adaptability Test - 1 is to assess suitability of a candidate for employment in the IAF which involves deployment in varied geographic terrain, weather and operational conditions.

(e) **Adaptability Test-2.** All candidates who pass Adaptability Test-1 will have to undertake Adaptability Test-2 as per policy in vogue. Adaptability Test-2 is to select candidates who can adapt to the environment of Indian Air Force and are able to adjust to the military way of life.

**Note:** The question paper is a confidential document of Indian Air Force. All candidates to note and understand that access to the question paper is permitted only during the examination (R) only during the examination. Question paper in any form whatsoever will not be provided to the candidate after examination.

20. **Medical Examination.** Candidates who qualify Adaptability Test -2 shall be medically examined in the month of **July 2020** at **4 Air Force Hospital, Kalaikunda.** Medical Examination shall be conducted by Air Force Medical Team as per IAF medical standards and existing policy in vogue. Medical Examination would also include Baseline Investigation of: -

(a) Blood Haemogram - Hb, TLC, DLC (b) Urine RE/ME (c) Biochemistry:- (i) Blood Sugar Fasting & PP (ii) Serum Cholesterol (iii) Urea, Uric acid, Creatinine (iv) LFT- Serum Bilurubin, SGOT, SGPT
(d) X- Ray chest (PA view) (e) ECG (R) (f) Tests for Narcotic Drug and Psychotropic Substance Abuse (if required)

Candidates declared Medically Unfit can avail the option for Appeal Medical Board (AMB) against their Unfitness by depositing Rs. 40/- in a Government Treasury/RBI/SBI through Military Receivable Order (MRO). The application for AMB along with original copy of MRO, photocopy of Unfitness Certificate are to be submitted to the representative of **9 ASC, AF** within three working days of Medical examination. AMB Centre will be **SMC, Air Force Station, Barrackpore.**

**Note : Candidates are advised to get tartar & stains removed from their teeth before appearing for the medical examination. Ears should be free of wax. Candidates should be prepared to travel / stay for the medical test for four to five days under their own arrangement. No TA/DA shall be admissible.**

21. The recruitment Medical Officer and the specialist doctors of Armed Forces are the final authorities on declaring a candidate Fit or Unfit during initial medical examination, appeal medical board and medical examination prior to enrolment. **The candidate shall be governed by Armed forces standards which may be at variance from civil standards. There is no provision for representation or review after the appeal medical board.**

22. **Publishing of PSL.** The Provisional Select List (PSL) will be displayed at **9 Airmen Selection Centre, Near Rajdhani College, Baramunda, Bhubaneswar, Odisha-751003** on **31 October 2020**. Copies of the Display List will also be sent to District Collector of **Ganjam, Odisha** (through Airmen Selection Centre) and will also be available at Central Airmen Selection Board webportal **www.airmenselection.cdac.in.** The inclusion of names of the candidates in the PSL depends upon the performance of the candidates in the Rally. Inclusion of name in the PSL does not guarantee automatic enrolment. Enrolment is strictly in order of merit from the PSL subject to medical fitness, availability of vacancies, not exceeding the age of 21 years on date of enrolment and meeting other laid down eligibility criteria as and when called for enrolment. The validity of PSL shall be 06 months from the date of display and shall be applicable only for **Intake No. 01/2021.**

23. Candidates figuring in the PSL published in respect of ibid Rally and also figuring in one or more PSLs published on the same date, shall be called for enrolment only in any one Group/Trade as per the requirement of IAF. President CASB reserves the right to allocate any Group/Trade for candidates appearing in more than one PSL published on same date.

24. If any such candidate absents himself or expresses unwillingness to join IAF or his candidature gets cancelled due to any reason in the Group/Trade in which he was called for enrolment, then the candidate shall be marked as absent/unwilling/candidature cancelled in all other PSLs published on the same date wherever his name figures.

25. If there is any variation between English & Hindi/any other regional language versions of the advertisement, English version shall to be taken as authentic.

26. Any CORRIGENDUM/CHANGES/UPDATES shall be available ONLY on our webportal www.airmenselection.cdac.in and NO INTIMATION SHALL BE GIVEN IN ANY NEWS PAPER/ANY OTHER MEDIA. All candidates are required to see the website of this office from time to time.

**FOR ANY QUERY CONTACT, PRESIDENT, CENTRAL AIRMEN SELECTION BOARD, BRAR SQUARE, DELHI CANTT, NEW DELHI – 110010, TELEPHONE NO. 011- 25694209 /25699606 AND e-mail : casb@iaf.nic.in / casbiaf@cdac.in OR COMMANDING OFFICER, 9 AIRMEN SELECTION CENTRE, NEAR RAJDHANI COLLEGE, BARAMUNDA, BHUBANESWAR, ODISHA-751003.TELE: 0674-2561336 AND E-MAIL: co.9asc-od@gov.in**

**FOR CAREER DETAILS, PROMOTION PROSPECTS, POST RETIREMENT BENEFITS, DETAILED SYLLABUS, MODEL QUESTION PAPERS, PROVISIONAL SELECT LIST AND ENROLMENT LIST, LOG ON TO CENTRAL AIRMEN SELECTION BOARD WEBPORTAL: www.airmenselection.cdac.in**

**DISCLAIMER: The terms and conditions given in the advertisement are guidelines only and orders issued by the Government as amended from time to time will apply for the selected candidates.**

***MOBILE PHONES/SMART WATCHES/ELECTRONIC DEVICES WILL NOT BE PERMITTED IN TESTING AREA***

**IMPERSONATORS WILL BE CAUGHT**

DAVP/10801/11/ 0041/1920



ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ



## ସଂକ୍ଷେପରେ

### କୁଡ଼ାନାଳୀରେ ମକରମେଳା ସମ୍ପନ୍ନ

**ନାକଟିଦେଉଳ,୧୬।୧(ଡି.ଏନ୍.ଏ.):** ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅଧୀନ ଜାମୁଯୋରୀ ପଞ୍ଚାୟତ କୁଡ଼ାନାଳୀ ଗ୍ରାମରେ ମକରକମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ସୁସଜ୍ଜିତ ମଣ୍ଡପରେ ହରପାର୍ବତୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପରେ ମକର ଚାଉଳ ଭୋଗ ଲାଗି ପରେ ଗ୍ରାମବାସୀଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ମେଳାରେ ଲୋକନାଥ ସାହୁ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ମେଳାରେ ନାମ ସଂକୀର୍ତ୍ତନ ଏବଂ ଦଣ୍ଡକନୃତ୍ୟ ପରିବେଷଣ କରାଯାଇଥିଲା। ପଞ୍ଚଖଣ୍ଡା ଯାତ୍ରା କମିଟି ପକ୍ଷରୁ ଆୟୋଜିତ ସମାରୋହରେ ଜାମୁଯୋରୀ ସରପଞ୍ଚ ଅଜିତ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ଏଥିରେ ନାକଟିଦେଉଳ ବ୍ଲକ ଅଧକ୍ଷା ମନ୍ଦାକିନୀ ରାଉଳ ମୁଖ୍ୟଅତିଥି, ଶ୍ରମିକ ନେତା ଅନାଦି ଚରଣ ସାହୁ, ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ସାହୁ, ବ୍ଲକ ବିଜେଡ଼ି ସଭାପତି ମୂଳିଆ ରାଉଳ, ରେଢାଖୋଲ ଏସଡ଼ିପିଓ ହାଡ଼ିବନ୍ଧୁ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୁଡ଼ାନାଳୀ ମକର ମେଳା ଅଞ୍ଚଳରେ ଭାଇଚାରା ସମ୍ପର୍କ ସ୍ଥାପନ କରିବା ସହ ଗ୍ରାମର ପାରମ୍ପରିକ ସାଂସ୍କୃତିକୁ ଉଜ୍ଜୀବିତ କରିବାରେ ସହାୟକ ହେଉଥିବା ପ୍ରକାଶ କରିଥିଲେ। ଶିକ୍ଷକ ଋଷଭ ସାହୁ ଅତିଥି ପରିଚୟ ପ୍ରଦାନ ସହ ଧନ୍ୟବାଦ ଜ୍ଞାପନ କରିଥିଲେ।



ହୀରାକୁଦ ସହର ରାସ୍ତାରେ ପଡି ରହିଥିବା ଅଳିଆ।



ହୀରାକୁଦରେ ସଫେଇ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରି ଧାରଣାରେ ବସିଛନ୍ତି।

# ସଫେଇ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ହୀରାକୁଦ,୧୬।୧(ଡି.ଏନ.ଏ.)**

**ଦରମା ପ୍ରଦାନ ଦାବି**
- ହୀରାକୁଦରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ
- ରାସ୍ତାରେ ମଇଳା ପକାଇ ପ୍ରତିବାଦ

ଦରମା ପ୍ରଦାନ ଦାବି ନେଇ ହୀରାକୁଦରେସଫେଇ କର୍ମଚାରୀ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ଫଳରେ ହୀରାକୁଦ ସହରରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। କର୍ମଚାରୀଙ୍କ ଅଭିଯୋଗ ମୁତାବକ, ସମ୍ବଲପୁର ମହାନଗର ନିଗମ ପକ୍ଷରୁ ହୀରାକୁଦ ସହରର ପରିମଳ ବ୍ୟବସ୍ଥା ଦାୟିତ୍ୱ ଏକ ଠିକା ସଂସ୍ଥାକୁ ଦିଆଯାଇଛି। ହେଲେ ଠିକାଦାର ଜଣକ ୩ ମାସ ହେଲା ନିୟୋଜିତ ସଫେଇ କର୍ମଚାରୀଙ୍କୁ ଦରମା ଦେଉ ନାହାନ୍ତି। ଏନେଇ କର୍ମଚାରୀମାନେ ବିଭିନ୍ନ ସମୟରେ ଦରମା ପ୍ରଦାନ ନେଇ ଦାବି କରିଛନ୍ତି। ହେଲେ ଦରମା ଦିଆଯାଉ ନାହିଁ। ଏହାର ପ୍ରତିବାଦ ସ୍ୱରୂପ ସଫେଇ କର୍ମଚାରୀମାନେ ରାସ୍ତାରେ ମଇଳା ପକାଇ ବଜାର ଛକଠାରେ ଧାରଣାରେ ବସି ରହିଥିଲେ। ହେଲେ ନଗର ନିଗମର କୌଣସି କର୍ତ୍ତୃପକ୍ଷ କିମ୍ବା ଠିକାଦାର ଘଟଣା ସ୍ଥଳକୁ ଆସି ନ ଥିଲେ। ଏନେଇ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏପରି କି ଠିକାଦାର ଜଣକ କର୍ମଚାରୀମାନଙ୍କ ଦରମାରୁ ପିଏଫ୍ ଟଙ୍କା କାଟି ରଖୁଥିବା ବେଳେ ବିଭାଗୀୟ ସଂସ୍ଥାରେ ଜମା କରୁ ନ ଥିବାର ଅଭିଯୋଗ ହୋଇଛି। ନଗରନିଗମ କର୍ତ୍ତୃପକ୍ଷ ଏହା ଜାଣି ସୁଦ୍ଧା କୌଣସି ପଦକ୍ଷେପ ନିଆଯାଉ ନ ଥିବା କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଠିକାଦାର ଏବଂ ନଗର ନିଗମର କିଛି ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁ ସଫେଇ କର୍ମଚାରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ସମସ୍ୟାର ସମାଧାନ କରିବାକୁ କର୍ମଚାରୀମାନେ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ଜୋର୍‌ଦାର କରାଯିବ ବୋଲି କର୍ମଚାରୀମାନେ ଚେତାବନୀ ଦେଇଛନ୍ତି।

# ରାଜସ୍ଥାନରୁ ଉଦ୍ଧାର, ମହିଳାଙ୍କ ସମେତ ୪ ଗିରଫ

**ସମ୍ବଲପୁର,୧୬।୧(ବ୍ୟୁରୋ)**

**ମହିଳାଙ୍କୁ ଦେଢ଼ ଲକ୍ଷରେ ବିକ୍ରି**

ସମ୍ବଲପୁର ଜିଲା ଅଇଁଠାପାଲି ବସ୍‌ଷ୍ଟାଣ୍ଡ ଅଞ୍ଚଳରୁ ଜଣେ ବିବାହିତା ମହିଳାଙ୍କୁ ଅପହରଣ କରି ୧ ଲକ୍ଷ ୫୦ ହଜାର ଟଙ୍କାରେ ବିକ୍ରି ଅଭିଯୋଗରେ ଅଇଁଠାପାଲି ଥାନା ପୋଲିସ ଜଣେ ମହିଳାଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଘୁଘୁମୁରା ଥାନା ଘସିଆପଡ଼ାର ଭାଲୁ ନାଏକ, ବୌଦ୍ଧ ଜିଲା ବଡଗାଁର ରାମ ଦୟାଲ ଦିଗଲ, ବାପୁଜୀନଗରର ସନ୍ତୋଷିନି ଜେନା, ରାଜସ୍ଥାନ କୋଟାର ପପୁଲ ଚୌଧୁରୀ। ଏନେଇ ପୋଲିସ ଏକ ମାମଲା(ନଂ.୯/୨୦) ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ବୌଦ୍ଧ ଜିଲାର ମହିଳା ଜଣଙ୍କ ୨୦୧୯ ଡିସେମ୍ବର ୨୦ ତାରିଖରେ ସନ୍ତୋଷିନୀଙ୍କ ସହ ସମ୍ବଲପୁର ଆସିଥିଲେ। ହେଲେ ମହିଳା ଜଣକ ଘରକୁ ଫେରି ନ ଥିଲେ। ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ଏ ନେଇ ମହିଳାଙ୍କ ସ୍ୱାମୀ ଜାନୁୟାରୀ ୫ ତାରିଖରେ ଅଇଁଠାପାଲି ଥାନାରେ ସ୍ତ୍ରୀ ନିଖୋଜ ଥିବା ନେଇ ଏକ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତିକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ପରେ ପୋଲିସ ମହିଳା ଜଣକ ରାଜସ୍ଥାନର କୋଟାରେ ଥିବା ଜଣାପଡିଥିଲା। ଏନେଇ ପୋଲିସ ଏକ ସ୍ୱତନ୍ତ୍ର ଟିମ୍ କୋଟାରେ ପହଞ୍ଚି ମହିଳାଙ୍କୁ ଦେଢ ଲକ୍ଷ ଟଙ୍କାରେ ବିକ୍ରି କରାଯାଇଥିବା ଜଣାପଡିଥିଲା। ପରେ ପୋଲିସ ମହିଳାଙ୍କୁ ଉଦ୍ଧାର କରିବା ସହ ଘଟଣାରେ ସମ୍ପୃକ୍ତ ଥିବା ମହିଳାଙ୍କ ସମେତ ୪ଜଣଙ୍କୁ ଧରିବାରେ ସଫଳ ହୋଇଥିବା ଅଇଁଠାପାଲି ଥାନା ଅଧିକାରୀ ଯୋଗେଶ ପଣ୍ଡା କହିଛନ୍ତି।



ଗିରଫ ଅଭିଯୁକ୍ତମାନେ।



ଗୁରୁବାର ସମ୍ବଲପୁରରେ ରାଷ୍ଟ୍ରଧର୍ମ ବିଜୟ ପଦଯାତ୍ରା।

# ସମ୍ବଲପୁରରେ ପହଞ୍ଚିଲା ରାଷ୍ଟ୍ରଧର୍ମ ବିଜୟ ଯାତ୍ରା

**ସମ୍ବଲପୁର,୧୬।୧(ବ୍ୟୁରୋ)**

ରାଷ୍ଟ୍ରଧର୍ମ ବିଜୟ ଯାତ୍ରା ଗୁରୁବାର ସମ୍ବଲପୁରରେ ପହଞ୍ଚି ଥିଲା। ମଧ୍ୟପ୍ରଦେଶର ସ୍ୱାମୀ ନର୍ମଦାନନ୍ଦ ମହାରାଜଙ୍କ ସମେତ ୧୧ଜଣ ସନ୍ଥ ଯାତ୍ରାରେ ସାମିଲ ହୋଇଛନ୍ତି। ଏହି ଅବସରରେ କ୍ଷେତରାଜପୁର ଅଗ୍ରେସନ ଭବନଠାରେ ସନ୍ଧ୍ୟାରେ ଆଳତୀ ହୋଇଥିଲା। ରାଷ୍ଟ୍ରଧର୍ମ ବିଜୟ, ଜଳ, ଜଙ୍ଗଲ, ଜୀବଜନ୍ତୁ, ଗୋ ସୁରକ୍ଷା ଉଦ୍ଦେଶ୍ୟରେ ଏହି ପଦଯାତ୍ରା ବାହାରିଛି। ପ୍ରତିଦିନ ସନ୍ଥମାନେ ୨୭ କିଲୋମିଟର ଯାତ୍ରା କରୁଛନ୍ତି। ସମ୍ବଲପୁର ତେଜସ୍ ଅନୁଷ୍ଠାନର ଆରତୀ ପଣ୍ଡାଙ୍କ ନେତୃତ୍ୱରେ ବିଜୟ ଯାତ୍ରାକୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା।

# ଟିଙ୍କିରା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ସରାପାଲି ଚାମ୍ପିୟନ

**ନାକଟିଦେଉଳ,୧୬।୧(ଡି.ଏନ୍.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅଧୀନ ଗୋଧିଡିପ ମହାଲକ୍ଷ୍ମୀ ଯୁବକ ସଂଘ ପକ୍ଷରୁ ସରାପାଲି ହାଇସ୍କୁଲ ଖେଳ ପଡ଼ିଆରେ ମକର ସଂକ୍ରାନ୍ତି ଅବସରରେ ଏକ ଦ୍ୱି ବସୀୟ ଟିଙ୍କିରା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ସରାପାଲି ଏବଂ ଜୁରାପାଲି ମଧ୍ୟରେ ହୋଇଥିଲା। ସରାପାଲି ଟସ୍ ଜିଣି ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୩ ଉଇକେଟ ହରାଇ ୮୭ ରନ୍ ସଂଗ୍ରହ କରିଥିଲା। ଜବାବରେ ଜୁରାପାଲି ସମସ୍ତ ଉଇକେଟ ହରାଇ ୨୬ ରନ୍ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲେ। ଟୁର୍ଣ୍ଣାମେଣ୍ଟରେ ସରାପାଲିର ସମୀର କୁମାର ପ୍ରଧାନଙ୍କୁ ମ୍ୟାନ ଅଫ ଦି ସିରିଜ ଏବଂ ରାକେଶ କୁମାର ସାହୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କୃତ କରାଯାଇଥିଲା। ପୂର୍ବତନ ସମିତି ସଭ୍ୟ ଧୀରେନ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ପ୍ରାଧ୍ୟାପକ ଡ଼.ଦୀପେନ କୁମାର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ନାକଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡ଼ା. ଜ୍ୟୋତିପ୍ରକାଶ ରଥ, ଡ଼ା. ଜ୍ୟୋତିପ୍ରକାଶ ନାୟକ, ବାଟଗାଁ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଶାଖା ପରିଚାଳକ ରୋଶନ ନାୟକ ପ୍ରମୁଖ ଯୋଗଦେଇ ବିଜେତା ସରାପାଲି ଏବଂ ଉପବିଜେତା ଜୁରାପାଲିକୁ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ମହାଲକ୍ଷ୍ମୀ ଯୁବକ ସଂଘ ସମ୍ପାଦକ ହଳଧର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସଭାପତି ନାରାୟଣ ସାହୁ ଅତିଥି ପରିଚୟ ସହ ଧନ୍ୟବାଦ ଅର୍ପଣ କରିଥିଲେ। ଯୁବକ ସଂଘର ମନୁ ସାହୁ, ଦନାର ପ୍ରଧାନ, ସୁଜିତ ସାହୁ, ମନ ସାହୁ, ଲିଙ୍କନ ବିଶ୍ୱାଳ, ସୌଭାଗ୍ୟ ପ୍ରଧାନ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ।



ଅତିଥିଙ୍କ ସହ ଖେଳାଳିମାନେ।

# ମହାବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ ପାଳନ

**ନାକଟିଦେଉଳ,୧୬।୧(ଡି.ଏନ୍.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ମହାବିଦ୍ୟାଳୟ ପକ୍ଷରୁ ଗୁରୁବାର ସ୍ୱଚ୍ଛତା ପକ୍ଷ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ନାତକ କଲେଜ ଅଧକ୍ଷ ସୁଧୀର କୁମାର ସାହୁ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ନାକଟିଦେଉଳ ତହସିଲଦାର ସୁକାନ୍ତ କୁମାର ନାଏକ, ଥାନା ଅଧିକାରୀ ଇସ୍ମାଇଲ ଏକ୍କା, ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମର ପଶ୍ଚିମ ଓଡ଼ିଶା ସଂଯୋଜକ ପଦ୍ମଲୋଚନ ଭୋସାଗର, ଅଧ୍ୟାପକ ସଞ୍ଜୀବ କୁମାର ଦାଶ, ୟୁଥ ରେଡ୍‌କ୍ରସ୍ କାଉନସିଲର ଅଧ୍ୟାପକ ଦେବେଶ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇ ସ୍ୱଚ୍ଛତା ପକ୍ଷର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ପରବେଷକୁ ସ୍ୱଚ୍ଛତା ରଖିବା ନେଇ ଛାତ୍ରୀଛାତ୍ରମାନଙ୍କୁ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଏବଂ ଅଧ୍ୟାପିକା, ଅଧ୍ୟାପକ ଯୋଗ ଦେଇଥିଲେ।



ସମ୍ବଲପୁର ବଡ଼ବଜାର କବାଡ଼ି ପଡ଼ିଆରେ ଅତିଥିଙ୍କ ସହ ଖେଳାଳିମାନେ।

# ଆନ୍ତଃ କ୍ଲବ କବାଡ଼ି ଟୁର୍ଣ୍ଣାମେଣ୍ଟ: ଅନାମିକା କ୍ଲବ ଚାମ୍ପିୟନ

**ସମ୍ବଲପୁର,୧୬।୧(ବ୍ୟୁରୋ)**

ଆନ୍ତଃ କ୍ଲବ କବାଡ଼ି ଟୁର୍ଣ୍ଣାମେଣ୍ଟ ବୁଧବାର ରାତିରେ ବଡବଜାର ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନାମିକା କ୍ଲବ ଚାମ୍ପିୟନ ଓ ମହାସାଗର କ୍ଲବ ରନର୍ସଅପ୍ ଟ୍ରଫି ହାସଲ କରିଛି । ଫାଇନାଲ ମ୍ୟାଚ ଆୟୋଜକ ଅନାମିକା କ୍ଲବ ଏବଂ ମହାସାଗର କ୍ଲବ ମଧ୍ୟରେ ହୋଇଥିଲା। ଶେଷରେ ଅନାମିକା କ୍ଲବ ୬୨-୨୦ ପଏଣ୍ଟରେ ବିଜୟୀ ହୋଇଥିଲା। ରାଜୁ ସାମଲ, ଅନୀଲ ପ୍ରଧାନ, ଜନି ଖାନ୍, ରଞ୍ଜନ ସାହୁ ଓ ବାଦଲ ସେନ୍ଦ୍ରିଆ ଖେଳ ପରିଚାଳନା କରିଥିଲେ। ରାମଦାସ ପଣ୍ଡା ସ୍କୋରର ଥିଲେ। ଅନାମିକା କ୍ଲବ ସଭାପତି ସଞ୍ଜୟ ଠାକୁରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଜାତୀୟ କବାଡି ଖେଳାଳି ଏ.ଜୟକୁମାର ମୁଖ୍ୟଅତିଥି ଓ ଜୁନିୟର ଡାକ୍ତର ଆସୋସିଏଶନ୍ ସଭାପତି ସଞ୍ଜୀବ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କ୍ଲବ ସମ୍ପାଦକ ରାଜେଶ ସାହୁ, ଅଭିନାଷ ମିତ୍ର, ପୂର୍ବତନ ସଭାପତି ଘନ ପଟେଲ ଓ ସମ୍ପାଦକ ସରୋଜ ସାହୁ ମ୍ୟାଚ ପରିଚାଳନାରେ ପ୍ରମୁଖ ଭୁମିକା ଗ୍ରହଣ କରିଥିଲେ।

# ଆନ୍ତଃ ବିଭାଗୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ବାଣିଜ୍ୟ ଏକାଦଶ ବିଜୟୀ

**ସମ୍ବଲପୁର,୧୬।୧(ବ୍ୟୁରୋ)**



ଗୁରୁବାର ସମ୍ବଲପୁର ରେଳ ଷ୍ଟାଡିୟମଠାରେ ଆନ୍ତଃ ବିଭାଗୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି ।

ପୂର୍ବତଟ ରେଳବାଇ କ୍ରୀଡ଼ା ସଂଗଠନ ପକ୍ଷରୁ ଆନ୍ତଃ ବିଭାଗୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ରେଳବାଇ ଷ୍ଟାଡିୟମଠାରେ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ୧୧ଟି ଦଳ ଅଂଶଗ୍ରହଣ କରିଥିଲେ। ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ବାଣିଜ୍ୟ ଏକାଦଶ ଏବଂ ସଂକେତ ଦୂରସଞ୍ଚାର ଏକାଦଶ ମଧ୍ୟରେ ହୋଇଥିଲା । ସଂକେତ ଦୂରସଞ୍ଚାର ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିବାକୁ ବାଣିଜ୍ୟ ଏକାଦଶକୁ ଆମନ୍ତ୍ରଣ କରିଥିଲା। ବାଣିଜ୍ୟ ଏକାଦଶ ୧୨ ଓଭରରେ ୩ ଉଇକେଟ ହରାଇ ୧୭୭ ରନ୍ କରିଥିଲା। ସଂକେତ ଦୂରସଞ୍ଚାର ଏକାଦଶ ୧୨ ଓଭରରେ ୮ ଉଇକେଟ ହରାଇ ମାତ୍ର ୪୩ ରନ କରି ପରାଜୟ ବରଣ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଏଲ୍‌ଭିଏସ୍‌ଏସ୍ ପାତ୍ରୁଡୁ, କ୍ରୀଡ଼ା ଅଧିକାରୀ ଡ. ମିଲିନ୍ଦ ହିରୱେ, ସହାୟକ କ୍ରୀଡ଼ା ଅଧିକାରୀ ପି.କେ ରାଉତ, କ୍ରୀଡ଼ା ସଚିବ ଆଲୋକରଞ୍ଜନ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

### ମକର ସଂକ୍ରାନ୍ତିରେ ଶରୀର ଦାନ

**ସମ୍ବଲପୁର,୧୬।୧(ବ୍ୟୁରୋ):** ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ୨ଟି ପରିବାରର ୫ଜଣ ମୃତ୍ୟୁ ପରେ ଶରୀର ଦାନ କରିବାକୁ ଇଚ୍ଛାପତ୍ରରେ ସ୍ୱାକ୍ଷର କରି ଉତ୍ସର୍ଗ ମାଧ୍ୟମରେ ଅର୍ପଣ କରିଛନ୍ତି। ସମ୍ବଲପୁର ଗିଙ୍ଗିରାପଡା ନିବାସୀ ଜୟଦେବ ବିଶି, ଗୋପାଳକୃଷ୍ଣ ବିଶି, ଲିପସା ପଣ୍ଡା। ସେହିପରି ବରଗାଁ ନିକଟସ୍ଥ ଛଚାନପାଲିର ଗୌନ୍ତିଆ ସୁରେନ୍ଦ୍ର ପାଣିଗ୍ରାହୀ ଏବଂ ତାଙ୍କ ପତ୍ନୀ ଜମୁନା ମଧ୍ୟ ଆଇନଗତ ଇଚ୍ଛା ପତ୍ରରେ ସ୍ୱାକ୍ଷର କରିଛନ୍ତି। ଉତ୍ସର୍ଗର ସଭ୍ୟ ଡ. ବିଜୟ କୁମାର ପ୍ରଧାନ, ପ୍ରବୀଣ ଦିକ୍ଷୀତ, ରୁଦ୍ରନାରାୟଣ ମିଶ୍ର, ପ୍ରଣବାନନ୍ଦ ଦାନୀ, ପ୍ରଶାନ୍ତ ପାଇଯୋଶୀ, ଲୋକନାଥ ପାଣ୍ଡେ, ପରାମର୍ଶଦାତା ଲକ୍ଷ୍ମଣ ପାଣିଗ୍ରାହୀ ଉପସ୍ଥିତ ଥିଲେ।

## ଫଟୋରେ ଖବର




ସମ୍ବଲପୁର ବୀରସୁରେନ୍ଦ୍ର ସାଏ ମାର୍ଗସ୍ଥିତ ତ୍ରିବେଣୀ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଗୁରୁବାର ପଶ୍ଚିମାଞ୍ଚଳ ବିକାଶ ମଞ୍ଚ କର୍ମକର୍ତ୍ତାମାନେ ଜାତୀୟ ସମ୍ବଲପୁରୀ ସମ୍ମେଳନ କାର୍ଯ୍ୟକ୍ରମ ପୁସ୍ତିକା ଦେଖାଉଛନ୍ତି ।




ଗୁରୁବାର ସମ୍ବଲପୁରରେ ସଡକ ସୁରକ୍ଷା ସଚେତନତା ଶୋଭାଯାତ୍ରା।

## ମୁକୁଳିଲେ ୫ କଶ୍ମୀରୀ ନେତା

୩୭୦ ଉଚ୍ଛେଦ ପରଠୁ ଗୃହବନ୍ଦୀ ଥିବା ୩ ପୂର୍ବତନ ବିଧାୟକଙ୍କ ସମେତ ୫ ନେତାଙ୍କୁ ଜମ୍ମୁ-କଶ୍ମୀର ପ୍ରଶାସନ ପକ୍ଷରୁ ମୁକ୍ତ କରାଯାଇଛି। ମୁକ୍ତି ପାଇଥିବା ନେତାଙ୍କ ମଧ୍ୟରେ ଅଛନ୍ତି ନ୍ୟାଶନାଲ କନ୍‌ଫରେନ୍ସ ପାର୍ଟିର ପୂର୍ବତନ ବିଧାୟକ ଅଲ୍‌ତାଫ କାଲୁ, ନ୍ୟାଶନାଲ କନ୍‌ଫରେନ୍ସ ପାର୍ଟି ନେତା ଶୌକତ ଗନି, ପିଡିପି ନେତା ନିଜାମୁଦ୍ଦିନ ଭଟ୍ଟ, ନ୍ୟାଶନାଲ କନ୍‌ଫରେନ୍ସର ପୂର୍ବତନ ମେୟର ସଲ୍‌ମାନ ସାଗର ଓ ପିଡିପି ନେତା ମୁଖ୍‌ତାର ବାନ୍ଧ।

# ପ୍ରମାଣ କର, ନଚେତ୍ କ୍ଷମା ମାଗ

**ନୂଆଦିଲ୍ଲୀ,୧୬।୧**



### ଡାକ୍ତରଙ୍କୁ ମହିଳା ଯୋଗାଉଛନ୍ତି ଔଷଧ କମ୍ପାନୀ: ମୋଦି

ଫାର୍ମାସ୍ୟୁଟିକାଲ୍ କମ୍ପାନୀଗୁଡ଼ିକ ଅନୁଗ୍ରହ ଲାଭ ପାଇଁ ଡାକ୍ତରମାନଙ୍କୁ ମହିଳା ଯୋଗାଉଥିବା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏକ ତଥାକଥିତ ମନ୍ତବ୍ୟ ଝଡ଼ ସୃଷ୍ଟି କରିଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ଉକ୍ତ ରିପୋର୍ଟକୁ ଖଣ୍ଡନ କରିନାହିଁ। ତେଣୁ ପ୍ରଧାନମନ୍ତ୍ରୀ ନିଜେ ଏହାକୁ ପ୍ରମାଣ କିମ୍ବା ଖଣ୍ଡନ କରନ୍ତୁ, ନଚେତ୍ କ୍ଷମାମାଗନ୍ତୁ ବୋଲି ଇଣ୍ଡିଆନ୍ ମେଡିକାଲ ଆସୋସିଏଶନ (ଆଇଏମ୍‌ଏ) ପକ୍ଷରୁ ଦାବି କରାଯାଇଛି।

ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଜାନୁୟାରୀ ୨ରେ ନୂଆଦିଲ୍ଲୀରେ ଜାଇଦସ କାଡିଲା, ଟୋରେଣ୍ଟ ଫାର୍ମାସ୍ୟୁଟିକାଲ୍ସ ଏବଂ ଓ୍ୱକ୍‌ହାର୍ଡଟ ଭଳି ଔଷଧ ପ୍ରସ୍ତୁତକାରୀ କମ୍ପାନୀଗୁଡ଼ିକ ସହ ପ୍ରଧାନମନ୍ତ୍ରୀ ମୋଦି ବୈଠକ କରିଥିଲେ। ଉକ୍ତ ବୈଠକରେ ମୋଦି କୁଆଡ଼େ କହିଥିଲେ ଯେ ବଡ଼ ବଡ଼ ଫାର୍ମାସ୍ୟୁଟିକାଲ୍ କମ୍ପାନୀଗୁଡ଼ିକ ଡାକ୍ତରମାନଙ୍କୁ ଲାଞ୍ଚ ଦେଉଛନ୍ତି। ଡାକ୍ତରମାନଙ୍କୁ ମହିଳା, ଗେଜେଟ୍ସ ଓ ବିଦେଶ ଯାତ୍ରା ଭଳି ଲାଞ୍ଚ ନ ଦେବା ପାଇଁ ସେ ଉକ୍ତ କମ୍ପାନୀଗୁଡ଼ିକୁ ତାଗିଦ କରିଥିଲେ ବୋଲି ଜାତୀୟ ସ୍ତରର ଏକ ନ୍ୟୁଜ୍ ଓ୍ୱେବ୍‌ସାଇଟ୍‌ରେ ରିପୋର୍ଟ ପ୍ରକାଶ ପାଇଛି। ଫାର୍ମା କମ୍ପାନୀଗୁଡ଼ିକର ମେଡିକାଲ୍ ରିପ୍ରେଜେଣ୍ଟେଟିଭ୍‌ମାନେ ଡାକ୍ତରମାନଙ୍କ ଅନୁଗ୍ରହ ହାସଲ ପାଇଁ ଅନୈତିକ ଉପାୟ ଅବଲମ୍ବନ କରୁଛନ୍ତି। ଏପରି କି ସେମାନେ ମହିଳା ଓ ବିଭିନ୍ନ ସାମଗ୍ରୀ ଯୋଗାଇବା ସହ ବିଦେଶ ଗସ୍ତ ପାଇଁ ବ୍ୟବସ୍ଥା କରୁଛନ୍ତି ବୋଲି 'ସପୋର୍ଟ ଫର୍ ଆଡ୍‌ଭୋକେସି ଆଣ୍ଡ ଟ୍ରେନିଂ ଟୁ ହେଲ୍‌ଥ' ନାମକ ଏକ ବେସରକାରୀ ସଙ୍ଗଠନ (ଏନ୍‌ଜିଓ) ପକ୍ଷରୁ ଜାରି ଏକ ରିପୋର୍ଟ ପରେ ପ୍ରଧାନମନ୍ତ୍ରୀ ଉକ୍ତ ବୈଠକ କରିଥିଲେ। ମୋଦି ସେମାନଙ୍କୁ ଆହୁରି କହିଥିଲେ ଯେ ମେଡିସିନ ମାର୍କେଟିଂ ପାଇଁ ଏପରି ଉପାୟ ଆପଣାଇଲେ ସରକାର କଠୋର ଆଇନ ପ୍ରଣୟନ କରିବାକୁ ବାଧ୍ୟହେବେ। ଉକ୍ତ ବୈଠକରେ ଯୋଗଦେଇଥିବା ପିଏମ୍‌ଓର ଜଣେ ଅଧିକାରୀ ଏହି ସୂଚନା ଦେଇଛନ୍ତି ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

### ପ୍ରଧାନମନ୍ତ୍ରୀଙ୍କୁ ଆଇଏମ୍‌ଏ କହିଲା



INDIAN MEDICAL ASSOCIATION (HQs.)
(Registered under the Societies Act XXI of 1860)
Mutually Affiliated with the British & Nepal Medical Associations
I.M.A. House, Indraprastha Marg, New Delhi-110 002
Telephones : +91-11-2337 0009 (10 lines), 23378680 / +91-9999116375, 9999116376 Fax: +91-11-23379470
Website: www.ima-india.org ; Email: hsg@ima-india.org

| National President | Immediate Past National President | Honorary Secretary General | Honorary Finance Secretary |
|---|---|---|---|
| Dr. Rajan Sharma | Dr. Santanu Sen | Dr. R. V. Asokan | Dr. Ramesh Kumar Datta |
| (M): 9812054730 | (M): 9830144496 | (M): 9847061563 | (M): 9811086688 |
| Email: rajanhospital@gmail.com | Email: shantanu_sen2007@yahoo.com | Email: rvasokan@gmail.com | Email: dr_dattaramesh@yahoo.com |

IMA/HSG/206/4293 14.01.2020

New Delhi

**Deny or Prove or Apologise**

Reports have appeared in the media regarding the purported statement of Hon. Prime Minister Shri Narendra Modi that top pharmaceutical companies bribed doctors with women. IMA takes strong exception to the statement if it has been really made by the Prime Minister. IMA seeks clarification from the office of the Prime Minister if such a meeting ever happened and if so the statement is authentic. IMA has noted that the PMO has not denied the report.

IMA demands to know if the Government had details of the companies involved in supplying women to doctors why it chose to invite them for a meeting in PMO rather than initiate criminal proceedings. Moreover it is imperative on PMO now to release the names of doctors convicted or otherwise as well. The State Medical Councils should initiate appropriate action if the doctors have been convicted on moral turpitude.

IMA however is skeptical about the Government being able to prove these allegations. If the surmise of the Prime Minister is based on unverified information it is only appropriate that he apologises to the doctors of the country.

The purpose seems to divert the attention from unresolved issues regarding the Health of the people and the Medical Education of the country. Ayushman Bharat the flagship of the current Government is a non starter and operates more in Government Hospitals where treatment is already free. 15% of the money paid to Hospitals including the Government hospitals is siphoned off by insurance companies. The allotment for Health by the Government has hovered around 1% to 1.3% of GDP for the past few years. There is no new investment either in infrastructure or in Human Resources. Violence on Doctors and Hospitals have increased. The Government is unable to provide security or even legislate the promised Central Law. Even ambulances are not safe. IMA has reasons to believe that such crude tactics is to divert the attention of the people from the real issues in Health sector.

Dr. Rajan Sharma, National President — Dr. R. V. Asokan, Honorary Secretary General

Protect the Single and Couple Doctors Setup

All communications intended for headquarters office should be addressed to the Honorary Secretary General

ପ୍ରଧାନମନ୍ତ୍ରୀଙ୍କ ଏଭଳି ଆପତ୍ତିଜନକ ମନ୍ତବ୍ୟକୁ ନେଇ ଭାରତର ଡାକ୍ତରମାନଙ୍କ ସର୍ବବୃହତ୍ ସଙ୍ଗଠନ ଆଇଏମ୍‌ଏ କ୍ଷୋଭ ପ୍ରକାଶ କରିଛି। ଏ ସଂକ୍ରାନ୍ତରେ ଆଇଏମ୍‌ଏ ପକ୍ଷରୁ ଜାରି ଏକ ପତ୍ରରେ କୁହାଯାଇଛି ଯେ ଏପରି କୌଣସି ବୈଠକ ଅନୁଷ୍ଠିତ ହୋଇଥିଲା କି? ଯଦି ବୈଠକ ହୋଇଥିଲା ପ୍ରଧାନମନ୍ତ୍ରୀ ଏଭଳି ମନ୍ତବ୍ୟ ଦେଇଥିଲେ କି ? ଏନେଇ ପିଏମ୍‌ଓ ସ୍ପଷ୍ଟୀକରଣ ଦେଉ। ପିଏମ୍‌ଓ ଉକ୍ତ ରିପୋର୍ଟକୁ ଖଣ୍ଡନ କରି ନାହିଁ। ତେଣୁ ଡାକ୍ତରମାନଙ୍କୁ ମହିଳା ଯୋଗାଉଥିବା କମ୍ପାନୀଗୁଡ଼ିକ ସମ୍ପର୍କରେ ବିସ୍ତୃତ ତଥ୍ୟ ଥିଲେ ସରକାର ତାହା ପ୍ରଦାନ କରନ୍ତୁ। ଅନ୍ୟପକ୍ଷରେ ସରକାର ଏହାକୁ ପ୍ରମାଣ କରିପାରିବେ ନାହିଁ ବୋଲି ଆଇଏମ୍‌ଏ ସନ୍ଦେହ ବ୍ୟକ୍ତ କରିଛି। ଯଦି ଯାଞ୍ଚ କରାଯାଇ ନ ଥିବା ସୂଚନା ଆଧାରରେ ପ୍ରଧାନମନ୍ତ୍ରୀ ଏପରି ମନ୍ତବ୍ୟ ଦେଇଛନ୍ତି ତେବେ ସେ ଦେଶର ଡାକ୍ତରମାନଙ୍କୁ କ୍ଷମାମାଗିବା ହିଁ ଉଚିତ ହେବ ବୋଲି ଆଇଏମ୍‌ଏ ନିଜ ବିବୃତିରେ ଦାବି କରିଛି। ପିଏମ୍‌ଓଠାରୁ ଆସିଥିବା ବିଷୟବସ୍ତୁ ଓ ଭାଷା ଚକିତ କରିଦେବା ଭଳି। ଏହା ପିଏମ୍‌ଓକୁ ଶୋଭା ଦେଉନାହିଁ ବୋଲି ଆଇଏମ୍‌ଏ ଅଧ୍ୟକ୍ଷ ରାଜନ ଶର୍ମା ସମାଲୋଚନା କରିଛନ୍ତି।

# ଜାତିସଂଘରେ କଶ୍ମୀର ପ୍ରସଙ୍ଗକୁ ମିଳିଲାନି ସମର୍ଥନ

**ନୂଆଦିଲ୍ଲୀ,୧୬।୧(ପି.ଟି.)**

### ଚାଇନାକୁ ଭାରତର ଚେତାବନୀ
### ଏଭଳି କାର୍ଯ୍ୟରୁ ଦୂରେଇ ରୁହ

ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ପାକିସ୍ତାନ କଶ୍ମୀର ପ୍ରସଙ୍ଗ ଉଠାଇବାରେ ବିଫଳ ହୋଇଛି। ତେବେ ଇସ୍‌ଲାମାବାଦର ଏହି ଉଦ୍ୟମକୁ ଚାଇନା ସହାୟତା କରୁଥିବାରୁ ଭାରତ ଏହାର ସମାଲୋଚନା କରିଛି। ବିଶ୍ୱସ୍ତରୀୟ ସହମତିକୁ ବେଜିଂ ଗୁରୁତ୍ୱର ସହ ନେବା ଉଚିତ। ଭବିଷ୍ୟତରେ ଏଭଳି କାର୍ଯ୍ୟରୁ ଚାଇନା ଦୂରେଇ ରହୁ ବୋଲି ନୂଆଦିଲ୍ଲୀ କହିଛି।

ଚାଇନା ସମର୍ଥନରେ ପାକିସ୍ତାନ ଜାତିସଂଘ ସୁରକ୍ଷା ପରିଷଦରେ କଶ୍ମୀର ପ୍ରସଙ୍ଗ ଉଠାଇବା ଲାଗି ବାରମ୍ବାର ଉଦ୍ୟମ କରିଆସୁଛି। ତେବେ ଏଥିପାଇଁ ସମର୍ଥନ ଯୋଗାଡ଼ କରିବାରେ ଇସ୍‌ଲାମାବାଦ ବିଫଳ ହୋଇଛି। କଶ୍ମୀର ଭାରତ ଓ ପାକିସ୍ତାନ ମଧ୍ୟରେ ଏକ ଦ୍ୱିପାକ୍ଷିକ ପ୍ରସଙ୍ଗ ବୋଲି ୧୫ ସଦସ୍ୟ ରାଷ୍ଟ୍ର ଅନୁଭବ କରିଛନ୍ତି। ଭାରତ ସପକ୍ଷରେ ସର୍ବାଧିକ ସମର୍ଥନ ମିଳିଥିବାରୁ କଶ୍ମୀର ପ୍ରସଙ୍ଗ ଉଠାଇବା ଲାଗି ୟୁଏନ୍‌ଏସ୍‌ସି ଉପଯୁକ୍ତ ଫୋରମ୍ ନୁହେଁ ବୋଲି ସ୍ପଷ୍ଟ ହୋଇଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରବୀଶ କୁମାର କହିଛନ୍ତି। ପାକିସ୍ତାନ ୟୁଏନ୍‌ଏସ୍‌ସିର ଅପବ୍ୟବହାର କରିବାକୁ ଉଦ୍ୟମ କରୁଥିଲା। ଭବିଷ୍ୟତରେ ବିଶ୍ୱସ୍ତରରେ ଏଭଳି ଲଜ୍ଜାଜନକ ପରିସ୍ଥିତିରୁ ନିଜକୁ ଦୂରେଇ ରଖୁ ବୋଲି ବହିର୍ବ୍ୟାପାର ମୁଖପାତ୍ର କହିଛନ୍ତି।

ନିଜର ସବୁଦିନିଆ ବନ୍ଧୁ ପାକିସ୍ତାନକୁ ସହାୟତା କରିବାକୁ ଯାଇ ଚାଇନା ୟୁଏନ୍‌ଏସ୍‌ସିରେ ବୁଧବାର ସମ୍ପୂର୍ଣ୍ଣ ଏକଘରିକିଆ ହୋଇଯାଇଥିଲା। ଚାଇନାକୁ ବାଦ୍ ଦେଲେ ଅନ୍ୟ ସବୁ ସଦସ୍ୟ ରାଷ୍ଟ୍ର କଶ୍ମୀର ଦ୍ୱିପାକ୍ଷିକ ପ୍ରସଙ୍ଗ ବୋଲି ମତ ଦେଇଥିଲେ।

# ମିଖାଇଲ୍ ମିଶୁଷ୍ଟିନ୍ ରୁଷିଆ ପ୍ରଧାନମନ୍ତ୍ରୀ

**ମସ୍କୋ,୧୬।୧**



ରୁଷିଆର ନୂଆ ପ୍ରଧାନମନ୍ତ୍ରୀ ଭାବେ ମିଖାଇଲ୍ ମିଶୁଷ୍ଟିନ୍‌ଙ୍କ ନାମକୁ ଗୁରୁବାର ପାର୍ଲାମେଣ୍ଟ (ଡୁମା) ଅନୁମୋଦନ କରିଛି। ପ୍ରଧାନମନ୍ତ୍ରୀ ପଦ ପାଇଁ ଏହି ୫୩ ବର୍ଷୀୟ ଟିକସ ସେବା ଅଧିକାରୀଙ୍କ ନାଁ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ସୁପାରିସ କରିଥିଲେ। ବୁଧବାର ପ୍ରଧାନମନ୍ତ୍ରୀ ଡିମିଟ୍ରି ମେଡ୍‌ଭେଡେଭ୍‌ଙ୍କ ନେତୃତ୍ୱରେ ରୁଷିଆ କ୍ୟାବିନେଟ ଇସ୍ତଫା ଦେଇଥିଲା। ରାଷ୍ଟ୍ରପତି ପୁଟିନ ସମ୍ବିଧାନରେ ପରିବର୍ତ୍ତନ ଆଣିବାକୁ ଯାଉଛନ୍ତି। କାର୍ଯ୍ୟକାଳ ଶେଷ ହେବା ପରେ ପୁନର୍ବାର କ୍ଷମତାରେ ରହିବା ଲାଗି ସେ ଯୋଜନା କରିଥିବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି।

ପାର୍ଲାମେଣ୍ଟର ନିମ୍ନ ସଦନରେ ୪୨୪ ଭୋଟରୁ ମିଖାଇଲଙ୍କ ସପକ୍ଷରେ ୩୮୩ ଭୋଟ ମିଳିଥିଲା। ୪୧ ସଦସ୍ୟ ଭୋଟଦାନରୁ ବିରତ ରହିଥିଲେ। ପରେ ରାଷ୍ଟ୍ରପତି ତାଙ୍କ ନିଯୁକ୍ତିପତ୍ରରେ ସ୍ୱାକ୍ଷର କରିଥିଲେ। ଦେଶରେ ମୁଦ୍ରାସ୍ଫୀତିକୁ ୪ ପ୍ରତିଶତ ମଧ୍ୟରେ ରଖିବେ ବୋଲି ନୂଆ ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଭଲ ପାଇଁ ରୁଷିଆବାସୀ ନିଶ୍ଚୟ ବାସ୍ତବ ପରିବର୍ତ୍ତନକୁ ଅନୁଭବ କରିବେ ବୋଲି ସେ କହିଛନ୍ତି। ଟିକସ ସେବା ବିଭାଗରେ ଦୀର୍ଘଦିନ ଧରି କାର୍ଯ୍ୟ କରିଆସିଥିବା ମିଶୁଷ୍ଟିନ୍‌ଙ୍କର ରାଜନୈତିକ ଅଭିଳାଷ ନ ଥିଲା। ସେ ଦେଶର ପ୍ରଧାନମନ୍ତ୍ରୀ ହେବେ ବୋଲି କେବେ ଚିନ୍ତା କରି ନ ଥିଲେ। ପୁଟିନଙ୍କ ପ୍ରସ୍ତାବିତ ସାମ୍ବିଧାନିକ ପରିବର୍ତ୍ତନ ତାଙ୍କୁ ୨୦୨୪ ପରେ ମଧ୍ୟ କ୍ଷମତାରେ ରହିବାକୁ ସୁଯୋଗ ଦେଇପାରେ ବୋଲି କୁହାଯାଉଛି।

## ହରିଶ ସାଲ୍‌ଭେ ହେଲେ ବ୍ରିଟେନ କ୍ୟୁସି



**ନୂଆଦିଲ୍ଲୀ,୧୬।୧(ଆଇଏଏନ୍‌ଏସ୍):** ପୂର୍ବତନ ସଲିସିଟର ଜେନେରାଲ ତଥା ବରିଷ୍ଠ ଆଇନଜୀବୀ ହରିଶ ସାଲଭେଙ୍କୁ ଇଂଲଣ୍ଡ ଓ ୱେଲ୍ସ କୋର୍ଟଗୁଡ଼ିକରେ ବ୍ରିଟେନ ରାଣୀଙ୍କ ଓକିଲ (କ୍ୟୁସି) ଭାବେ ନିଯୁକ୍ତି ଦିଆଯାଇଛି। ତେବେ ଆନୁଷ୍ଠାନିକ ନିଯୁକ୍ତି ମାର୍ଚ୍ଚରେ ମିଳିବ। ବ୍ରିଟେନ୍ ନ୍ୟାୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ତାଲିକାରେ ସାଲଭେଙ୍କ ନାଁ ରହିଛି। ଅନ୍ତର୍ଜାତୀୟ ନ୍ୟାୟିକ ଅଦାଲତ (ଆଇସିଜେ)ରେ କୁଲଭୂଷଣ ଯାଦବ ମାମଲାରେ ସାଲଭେ ଭାରତର ମୁଖ୍ୟ ଓକିଲ ଥିଲେ ଓ ଗୋଟିଏ ଟଙ୍କା ପାରିଶ୍ରମିକ ନେଇଥିଲେ।

# ୩ ନମ୍ବର ଜେଲ୍‌କୁ ଦୋଷୀ ସ୍ଥାନାନ୍ତର

**ନୂଆଦିଲ୍ଲୀ,୧୬।୧(ପି.ଟି.)**

### ନିର୍ଭୟା ମାମଲା
- ଜେଲ୍ କର୍ତ୍ତୃପକ୍ଷଙ୍କୁ ଷ୍ଟାଟସ୍ ରିପୋର୍ଟ ମାଗିଲେ କୋର୍ଟ
- କ୍ଷମା ଆବେଦନ ଖାରଜ ପାଇଁ ଉପରାଜ୍ୟପାଳଙ୍କ ସୁପାରିସ



ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାରେ ମୃତ୍ୟୁଦଣ୍ଡାଦେଶ ପାଇଥିବା ୪ ଅପରାଧୀଙ୍କୁ ଗୁରୁବାର ତିହାର ଜେଲ୍ କମ୍ପ୍ଲେକ୍ସର ୩ ନମ୍ବର ଜେଲ୍‌କୁ ନିଆଯାଇଛି, ଯେଉଁଠି ସେମାନଙ୍କୁ ଫାଶୀ ଦିଆଯିବ। ଅପରାଧୀ ବିନୟ ଶର୍ମା, ଅକ୍ଷୟ କୁମାର ସିଂ, ମୁକେଶ ସିଂ ଓ ପଓ୍ୱନ ଗୁପ୍ତାଙ୍କୁ ୨୨ରେ ଫାଶୀ ଦିଆଯିବାକୁ ଥିଲା। ତେବେ ମୁକେଶ ରାଜକ୍ଷମା ଆବେଦନ କରିବାରୁ ଫାଶୀ ବିଳମ୍ବ ହେବ ବୋଲି ଦିଲ୍ଲୀ ସରକାର ବୁଧବାର ହାଇକୋର୍ଟଙ୍କୁ ଜଣାଇଥିଲେ। ଏପର୍ଯ୍ୟନ୍ତ ବିନୟ ଶର୍ମା ୪ ନମ୍ବର ଜେଲ୍‌ରେ ରହିଥିବାବେଳେ ଅନ୍ୟ ୩ ଜଣଙ୍କୁ ୨ ନମ୍ବର ଜେଲ୍‌ରେ ରଖାଯାଇଥିଲା।

୪ ଅପରାଧୀଙ୍କୁ ଫାଶୀଦେବା ସମ୍ପର୍କିତ ଷ୍ଟାଟସ୍ ରିପୋର୍ଟ ଦାଖଲ କରିବାକୁ ଦିଲ୍ଲୀର ଏକ ଅଦାଲତ ଗୁରୁବାର ତିହାର ଜେଲ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅପରାଧୀ କ୍ଷମା ଆବେଦନ କରିଥିବାରୁ ଫାଶୀଦେବା ପାଇଁ ସାନି ତାରିଖ ଜାରି କରିବା ପାଇଁ ଜେଲ୍ କର୍ତ୍ତୃପକ୍ଷ ଦିଲ୍ଲୀ ସରକାରଙ୍କ ପାଖକୁ ପତ୍ର ଲେଖିବା ପରେ ଅତିରିକ୍ତ ଦୌରା ଜଜ୍ ସତୀଶ କୁମାର ଆରୋରା ଉପରୋକ୍ତ ନିର୍ଦ୍ଦେଶନାମା ଜାରି କରିଛନ୍ତି। ରାଷ୍ଟ୍ରପତିଙ୍କ ନିକଟରେ ରାଜକ୍ଷମା ଆବେଦନ କରିଥିବାରୁ ଫାଶୀ ତାରିଖ ସ୍ଥଗିତ ରଖିବାକୁ ଅନ୍ୟତମ ଅପରାଧୀ ମୁକେଶ କୁମାର ସିଂଙ୍କ ଓକିଲ ଅଦାଲତରେ ଆବେଦନ କରିଥିଲେ।

ଅନ୍ୟପକ୍ଷରେ ମୁକେଶଙ୍କ କ୍ଷମା ଆବେଦନ ଖାରଜ କରିବା ପାଇଁ ଦିଲ୍ଲୀ ଉପରାଜ୍ୟପାଳ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ସୁପାରିସ କରିଛନ୍ତି। ପିଟିଶନ୍‌ର ତର୍ଜମା କରାଯାଉଛି ଓ ଖୁବ୍‌ଶୀଘ୍ର ଉପଯୁକ୍ତ ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରଣାଳୟର ଜଣେ ଅଧିକାରୀ କହିଛନ୍ତି।

### ଫାଶୀ ବିଳମ୍ବକୁ ନେଇ ଭାଜପା-ଏଏପି ବାକ୍‌ଯୁଦ୍ଧ

ନିର୍ଭୟା ଦୋଷୀଙ୍କୁ ଫାଶୀ ଦେବାରେ ବିଳମ୍ବକୁ ନେଇ ଏଏପି ଏବଂ ଭାଜପା ପରସ୍ପରକୁ ସମାଲୋଚନା କରିଛନ୍ତି। ଦିଲ୍ଲୀ ସରକାର ମାମଲାକୁ ଅଧିକ ଜଟିଳ କରିବା ସହ ଅପରାଧୀମାନଙ୍କୁ ସମବେଦନା ଜଣାଉଥିବା ଭାଜପା ଅଭିଯୋଗ କରିଛି। ଅନ୍ୟପକ୍ଷରେ ଭାଜପା ଲୋକଙ୍କୁ ବିଭ୍ରାନ୍ତ କରୁଥିବା ଏଏପି ଅଭିଯୋଗ କରିବା ସହ ଆଇନ ଶୃଙ୍ଖଳା କେନ୍ଦ୍ର ସରକାରଙ୍କ ଅଧୀନରେ ବୋଲି କହିଛି। ଦିଲ୍ଲୀ ସରକାରଙ୍କ ଅବହେଳାରୁ ଅପରାଧୀଙ୍କୁ ଫାଶୀ ଦିଆଯାଇପାରିଲାନି ବୋଲି କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି। ଭାଜପା ନେତା ମିଛ କହିବା ସହ ଅଣସମ୍ବେଦନଶୀଳ ମନ୍ତବ୍ୟ ଦେଉଛନ୍ତି ବୋଲି ଏଏପି ନେତା ସଞ୍ଜୟ ସିଂ କହିଛନ୍ତି।

# ୨ ନାବାଳିକାଙ୍କୁ ଗଣବଳାତ୍କାର

**ରାଞ୍ଚି,୧୬।୧(ଆଇଏଏନ୍‌ଏସ୍)**

### ମେଳା ଦେଖି ରାତିରେ ଫେରୁଥିଲେ

ଝାଡ଼ଖଣ୍ଡର ଖୁଣ୍ଟି ଜିଲା କଳାମାଟି ବ୍ଲକରେ ୨ ନାବାଳିକାଙ୍କୁ ଗଣବଳାତ୍କାର କରାଯାଇଥିବାବେଳେ ୪ ଜଣଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ୫ମରୁ ୮ମ ଶ୍ରେଣୀ ମଧ୍ୟରେ ପାଠ ପଢୁଥିବା ଏହି ନାବାଳିକାମାନେ ବୁଧବାର ରାତିରେ ମେଳାଦେଖି ଘରକୁ ଫେରୁଥିବାବେଳେ କେତେକ ଯୁବକ ସେମାନଙ୍କୁ କାବୁକରି ଏଭଳି କାଣ୍ଡ କରିଥିବା ପୋଲିସ କହିଛି। ଗୁରୁବାର ସକାଳେ ଏହି ଘଟଣା ଜଣାପଡ଼ିବା ପରେ ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ନାବାଳିକାଙ୍କୁ ଡାକ୍ତରୀ ମାଇନା ଲାଗି ପଠାଯାଇଥିବାବେଳେ ସେମାନଙ୍କ ମୁହଁରେ ଖଣ୍ଡିଆ ଦାଗ ରହିଥିବା ପୋଲିସ କହିଛି।

# ୫ ଜୈଶ୍ ଆତଙ୍କବାଦୀ ଗିରଫ

**ଶ୍ରୀନଗର,୧୬।୧(ପି.ଟି.)**

### ସାଧାରଣତନ୍ତ୍ର ଦିବସରେ ଥିଲା ଆକ୍ରମଣ ଯୋଜନା

ସାଧାରଣତନ୍ତ୍ର ଦିବସରେ ହେବାକୁ ଥିବା ବଡ଼ ଆତଙ୍କବାଦୀ ଆକ୍ରମଣକୁ ପୋଲିସ ପଣ୍ଡ କରିବାରେ ସମର୍ଥ ହୋଇଛି। ଏଥିସହ ୫ ଜୈଶ୍-ଇ-ମହମ୍ମଦ ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଇଜାଜ୍ ଅହମଦ ଶେଖ୍, ଉମର ହମିଦ ଶେଖ୍,ଇମ୍‌ତିୟାଜ୍ ଅହମଦ ଚିକ୍‌ଲା, ସାହିଲ ଫାରୁକ୍ ଗୋଜ୍‌ରି ଓ ନାସୀର ଅହମଦ ମିର। ଏମାନଙ୍କଠାରୁ ବିପୁଳ ପରିମାଣର ଡେଟୋନେଟର, ୱାକି ଟକିଜ୍, ବଲ୍ ବିୟରିଂ, ଜିଲେଟିନ ଷ୍ଟିକ୍, ନାଇଟ୍ରିକ୍ ଏସିଡ୍ ବଟଲ ଜବତ ହୋଇଛି। ଅନ୍ୟପକ୍ଷରେ ପୁଲ୍‌ଓ୍ୱାମାରେ ଲଶ୍କର-ଇ-ତୋଇବା ଆତଙ୍କବାଦୀ ସଙ୍ଗଠନର ସହଯୋଗୀ ଇସ୍‌ଫାକ ଅହମଦ ଦର ଓରଫ ମାହିଦ୍‌ଙ୍କୁ ପୋଲିସ ଗିରଫ କରିଛି। ସଙ୍ଗଠନର ସକ୍ରିୟ ଆତଙ୍କବାଦୀମାନଙ୍କୁ ସେ ସହଯୋଗ କରିଆସୁଥିଲେ ବୋଲି ପୋଲିସ ମୁଖପାତ୍ର ସୂଚନା ଦେଇଛନ୍ତି।

# ନୀତୀଶଙ୍କ ନେତୃତ୍ୱରେ ଲଢ଼ିବ ଏନ୍‌ଡିଏ

**ବୈଶାଳୀ,୧୬।୧(ପି.ଟି.)**



### ବିହାର ନିର୍ବାଚନ ନେଇ ସ୍ପଷ୍ଟ କଲେ ଶାହା

ଉତ୍ତର ବିହାରର ବୈଶାଳୀଠାରେ ସିଏଏ ସପକ୍ଷରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଗୁରୁବାର ସମ୍ବୋଧନ କରି ଏନ୍‌ଡିଏ ଆଗାମୀ ବିହାର ବିଧାନସଭା ନିର୍ବାଚନ ନୀତୀଶ କୁମାରଙ୍କ ନେତୃତ୍ୱରେ ଲଢ଼ିବ ବୋଲି ପ୍ରକାଶ କରିଛନ୍ତି। ସିଏଏକୁ ନେଇ ବିରୋଧୀମାନେ ସଂଖ୍ୟାଲଘୁଙ୍କୁ ବିଭ୍ରାନ୍ତ କରାଉଛନ୍ତି। ଫଳରେ ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଦେଖିବାକୁ ମିଳୁଛି ବୋଲି ଶାହା କହିଛନ୍ତି। ସିଏଏ ନାଗରିକତ୍ୱ ଦେବା ଲାଗି ଉଦ୍ଦିଷ୍ଟ, କାହାର ନାଗରିକତ୍ୱ ଛଡ଼ାଇନେବା ଏହାର କାମ ନୁହେଁ ବୋଲି ସେ ଲୋକଙ୍କୁ ବୁଝାଇଛନ୍ତି। ଏନେଇ ଦଳ ପକ୍ଷରୁ ଲୋକଙ୍କୁ ସଚେତନ କରାଇବା ଲାଗି ରାଲି କରାଯିବା ସହ ଜୋର୍‌ଦାର ପ୍ରଚାର କରାଯିବାକୁ ନିଷ୍ପତ୍ତି ହୋଇଛି। ଲୋକଙ୍କ ହିତ ଲାଗି ମୋଦି ସରକାର ସର୍ବଦା ତତ୍ପର, ତେଣୁ ବିରୋଧୀଙ୍କ ମିଛରେ ବିଶ୍ୱାସ ନ କରି ସରକାରଙ୍କ ପ୍ରତି ଆସ୍ଥା ରଖିବା ଲାଗି ଶାହା ଲୋକମାନଙ୍କୁ ପରାମର୍ଶ ଦେଇଛନ୍ତି। ୩୭୦ ଧାରା ଉଚ୍ଛେଦ ସହ ଜମ୍ମୁ-କଶ୍ମୀରବାସୀଙ୍କ ବିକାଶ, ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ଭଳି ମୋଦି ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି।

# ୧୩ ଦୋଷୀଙ୍କୁ ଆଜୀବନ ଜେଲ୍

### ୨୦୦୬ ଟ୍ରିପଲ ମର୍ଡର ମାମଲା

**ବେତୁଲ,୧୬।୧(ପି.ଟି.):** ମଧ୍ୟପ୍ରଦେଶର ବେତୁଲ ଜିଲାରେ ୧୪ ବର୍ଷ ତଳର ଏକ ଟ୍ରିପଲ ମର୍ଡର ମାମଲାରେ ସ୍ୱତନ୍ତ୍ର କୋର୍ଟ ୧୩ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ବିଚାରପତି ରାକେଶ ମୋହନ ପ୍ରଧାନ ମାମଲାର ଶୁଣାଣି କରିଥିଲେ। ୨୦୦୬ ସେପ୍ଟେମ୍ବର ୯ରେ ୧୭ ଅଭିଯୁକ୍ତ ଲୋହାର ପରିବାର ଉପରେ ଖଣ୍ଡା, କୁରାଢ଼ୀରେ ଆକ୍ରମଣ କରି ୩ ଜଣଙ୍କୁ ହତ୍ୟା କରିଥିଲେ। ମାମଲାର ଶୁଣାଣି ଶେଷହେବା ପୂର୍ବରୁ ୨ ଅଭିଯୁକ୍ତ ପ୍ରାଣ ହରାଇଥିବାବେଳେ ଅନ୍ୟମାନେ ଏବେବି ଫେରାର୍ ରହିଛନ୍ତି।

## [ଇତିହାସର ଆଇନାରେ]
### ଜାନୁୟାରୀ ୧୭ର ପ୍ରମୁଖ ଘଟଣା

୧୯୯୪ ଜାନୁୟାରୀ ୧୭ରେ ଆମେରିକାର ଗ୍ରେଟର ଲସ୍ ଆଞ୍ଜେଲ୍ସରେ ଭୟଙ୍କର ଭୂକମ୍ପ ଦେଖିବାକୁ ମିଳିଥିଲା। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୬.୯ ଥିଲା। ଏହାର ପ୍ରଭାବରେ ଅନେକ ଗଛ, ଘରଦ୍ୱାର ଭାଙ୍ଗିଯାଇଥିବାବେଳେ ପ୍ରାୟ ୬୦ ଜଣ ପ୍ରାଣ ହରାଇଥିଲେ। ୯ ହଜାରରୁ ଊର୍ଦ୍ଧ୍ୱ ଲୋକ ଏହାର ପ୍ରଭାବରେ ଆହତ ହୋଇଥିଲେ।

୨୦୧୦ ଜାନୁୟାରୀ ୧୭ରେ ନାଇଜେରିଆର ଜୋସ୍‌ରେ ମୁସ୍‌ଲିମ ଓ ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟ ମଧ୍ୟରେ ଗୋଷ୍ଠୀସଂଘର୍ଷ ଘଟି ଦଙ୍ଗାର ରୂପ ନେଇଥିଲା। ଏଥିରେ ପ୍ରାୟ ୨୦୦ ଲୋକ ପ୍ରାଣ ହରାଇଥିବାବେଳେ ଶତାଧିକ ଆହତ ହୋଇଥିଲେ। ଅନେକ ଘର, ମସ୍‌ଜିଦ, ଚର୍ଚ୍ଚ, ଗାଡ଼ିମୋଟର ଆଦିକୁ ନିଆଁଲଗାଇ ପୋଡ଼ି ଦିଆଯାଇଥିଲା।

# 'ଟ୍ରମ୍ପଙ୍କ ଭୂଗୋଳ ଜ୍ଞାନ କମ'

**ୱାଶିଂଟନ,୧୬।୧:**



### ଭାରତ-ଚାଇନା ସୀମା ସମ୍ପର୍କରେ ଜାଣିନାହାନ୍ତି

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭୂଗୋଳ ଜ୍ଞାନ କମ । ଭାରତ ଏବଂ ଚାଇନା ମଧ୍ୟରେ ଅନ୍ତର୍ଜାତୀୟ ସୀମା ରହିଛି ବୋଲି ସେ ଜାଣିନାହାନ୍ତି। ଦୁଇଜଣ ପୁଲିଟ୍‌ଜର ପୁରସ୍କାର ବିଜେତା ଆମେରିକାର ଖବରଦାତା 'ଏ ଭେରି ଷ୍ଟାବଲ ଜିନିୟସ୍' ଶୀର୍ଷକ ଏକ ପୁସ୍ତକରେ ଏହା ଦାବି କରିଛନ୍ତି। ଟ୍ରମ୍ପଙ୍କ ଏହି ମନ୍ତବ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମଧ୍ୟ ଚକିତ କରିଥିଲା ବୋଲି ଉକ୍ତ ବହିରେ ଉଲ୍ଲେଖ ରହିଛି।

ୱାଶିଂଟନ ପୋଷ୍ଟର ଦୁଇ ଖବରଦାତା ଫିଲିପ୍ ରୁକର ଏବଂ କାରୋଲ ଡି ଲିୟୋନିଗଙ୍କ ଦ୍ୱାରା ଲେଖାଯାଇଥିବା 'ଏ ଭେରି ଷ୍ଟାବଲ ଜିନିୟସ୍' ପୁସ୍ତକରେ ଟ୍ରମ୍ପଙ୍କ ପ୍ରଥମ ତିନି ବର୍ଷର ଶାସନକାଳରେ ଘଟିଥିବା ଏପରି ଅନେକ ଘଟଣା ଗୁଡ଼ିକୁ ସ୍ଥାନ ଦିଆଯାଇଛି। ବ୍ୟବସାୟୀରୁ ରାଜନେତା ହୋଇଥିବା ଡୋନାଲ୍ଡ ଟ୍ରମ୍ପ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଏକ ସାକ୍ଷାତ୍‌କାରର ଉଲ୍ଲେଖ କରି ପୁସ୍ତକରେ ବାଦି କରାଯାଇଛି ଯେ, ଟ୍ରମ୍ପ ଏହି ବୈଠକରେ ମୋଦିଙ୍କୁ କହିଥିଲେ, 'ଏପରି ନୁହେଁ ଯେ ଚାଇନା ସୀମା ଆପଣଙ୍କ ସୀମାକୁ ଲାଗିଛି'। ଏହା ଶୁଣିବା ପରେ ପ୍ରଧାନମନ୍ତ୍ରୀ ଆଶ୍ଚର୍ଯ୍ୟ ହୋଇଥିଲେ। ତେବେ କେଉଁ ବର୍ଷ ଏହି ବୈଠକ ହୋଇଥିଲା ଏହା ସେଥିରେ ଉଲ୍ଲେଖ କରାଯାଇନାହିଁ। ଉଲ୍ଲେଖଯୋଗ୍ୟ ଯେ, ଭାରତ ଏବଂ ଚାଇନା ମଧ୍ୟରେ ୩,୪୮୮ କି.ମି ବିସ୍ତୃତ ଅନ୍ତର୍ଜାତୀୟ ସୀମା ରହିଛି।

# ରାତିଅଧିଆ ଆକ୍ରମଣ: ୫୭ ନିହତ

**ବେରୁଟ୍,୧୬।୧(ଏଏଫ୍‌ପି):** ସିରିଆସ୍ଥିତ ଇଦ୍‌ଲିବ୍‌ରେ ସରକାର ସପକ୍ଷବାଦୀ ବଳ ଓ ଜେହାଦୀଙ୍କ ନେତୃତ୍ୱାଧୀନ ଯୋଦ୍ଧାଙ୍କ ମଧ୍ୟରେ ଘମାଘୋଟ ଲଢ଼େଇ ଚାଲିଛି। ବିଦ୍ରୋହୀଙ୍କ ଶେଷ ଗଡ଼ ମାରେଟ୍ ଅଲ୍-ନୁମାନରେ ସରକାର ଓ ଏହାର ସମର୍ଥିତ ବଳ ରାତିଅଧିଆ ଆକାଶମାର୍ଗରୁ ଆକ୍ରମଣ କରିଛନ୍ତି। ଏଥିରେ ଅନ୍ୟୁନ ୩୯ ଜଣ ନିହତ ହୋଇଥିବା ଏକ ଯୁଦ୍ଧ ପର୍ଯ୍ୟବେକ୍ଷଣକାରୀ ସଂସ୍ଥା ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ସେହିପରି ଅସ୍ତ୍ରବିରତି ପାଇଁ ରବିବାର ରୁଷିଆ ପକ୍ଷରୁ ଘୋଷଣା କରାଯାଇଥିଲା। ଏହା ସତ୍ତ୍ୱେ ରୁଷିଆ ଓ ସିରିଆ ସେନା ଇଦ୍‌ଲିବ୍ ସହରରେ ଏୟାର ଷ୍ଟ୍ରାଇକ୍ କରିଛନ୍ତି। ଏଥିରେ ୧୮ ନାଗରିକ ନିହତ ହୋଇଛନ୍ତି। ସିରିଆନ୍ ଅବ୍‌ଜର୍ଭେଟୋରି ଫର୍ ହ୍ୟୁମାନ ରାଇଟ୍ସ ପକ୍ଷରୁ କୁହାଯାଇଛି ଯେ, ସରକାରୀ ସେନା ବୁଧବାର ରାତିରେ ଘନଘନ ରକେଟ ମାଡ଼ କରି ମାରେଟ୍ ଅଲ୍-ନୁମାନ ସହର ସଂଲଗ୍ନ ଦୁଇଟି ଗାଁକୁ ନିଜ କବ୍‌ଜାକୁ ନେଇଯାଇଛି। ଏହି ଆକ୍ରମଣରେ ୨୨ ଜଣ ସରକାର ବିରୋଧୀ ଯୋଦ୍ଧା ନିହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଅଲ୍-କାଏଦାର ପୂର୍ବତନ ସହଯୋଗୀ ହୟାତ୍ ତାହରିର୍ ଅଲ୍-ଶାମ୍ ଗୋଷ୍ଠୀର। ଫାଇଟରଙ୍କ ଜବାବରେ ୧୭ ସୈନ୍ୟଙ୍କ ମଧ୍ୟ ଜୀବନ ଯାଇଥିବା ଯୁଦ୍ଧ ପର୍ଯ୍ୟବେକ୍ଷକ ସଂସ୍ଥାର ମୁଖ୍ୟ ରାମି ଅବ୍‌ଦେଲ ରହମାନ କହିଛନ୍ତି।



ସିରିଆ ସେନାର ଏୟାରଷ୍ଟ୍ରାଇକ୍ ପରେ ଧ୍ୱସ୍ତବିଧ୍ୱସ୍ତ ଆରିହା ସହରରୁ ଗଣପଳାୟନ।

### ସିରିଆ ସେନା-ବିଦ୍ରୋହୀ ଘମାଘୋଟ ଲଢ଼େଇ

ବିଦ୍ରୋହୀଙ୍କ କବ୍‌ଜାରେ ଥିବା ମାରେଟ୍ ଅଲ୍-ନୁମାନ ସହରରୁ ମାତ୍ର ୭ କି.ମି. ଦୂରରେ ସରକାର ସମର୍ଥିତ ସେନା ରହିଛି। ଏକଦା ରାଷ୍ଟ୍ରପତି ବଶର୍ ଅଲ୍-ଅସାଦ୍‌ଙ୍କ ଶାସନ ବିରୋଧରେ ଏହି ସହରରୁ ବିଦ୍ରୋହ ଆରମ୍ଭ ହୋଇଥିଲା। ପ୍ରକାଶ ଯେ ସିରିଆର ବିଭିନ୍ନ ସହରରେ ୯ ବର୍ଷ ହେଲା ସରକାର ବିରୋଧୀ ସଂଘର୍ଷ ଓ ବିକ୍ଷୋଭ ଲାଗିରହିଛି। ଏଥିଯୋଗୁ ବହୁ ଲୋକଙ୍କ ଜୀବନ ଯାଇଥିବାବେଳେ ଲକ୍ଷ ଲକ୍ଷ ଲୋକଙ୍କୁ ବିସ୍ଥାପିତ ହେବାକୁ ପଡ଼ିଛି। ଏହାକୁ ନେଇ ଜାତିସଂଘ ମାନବାଧିକାର କମିଶନ ସମେତ ଅନେକ ସଂସ୍ଥା ଚିନ୍ତାବ୍ୟକ୍ତ କରିଛନ୍ତି।

# ମାଟ୍ରିକ ପରୀକ୍ଷା ସାଥୀ





## ଗଣିତ (MATHEMATICS)

**ସମୟ : 2.30 Hrs** **ପୂର୍ଣ୍ଣସଂଖ୍ୟା : 100**

ନିର୍ଦ୍ଦେଶ ଅନୁଯାୟୀ ଉତ୍ତର ଲେଖ ।
ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ ଦକ୍ଷିଣ ପାର୍ଶ୍ୱରେ ଦିଆଯାଇଛି ।
ସମସ୍ତ ପ୍ରଶ୍ନ ବାଧ୍ୟତାମୂଳକ ।

### PART - I (OBJECTIVE)

**ବୀଜଗଣିତ**

**1. ଶୂନ୍ୟସ୍ଥାନ ପୂରଣ କର ।** [1×5=5

(a) $kx + my + 5 = 0$ ଓ $3x + 5y + 1 = 0$ ସହସମୀକରଣ ଦ୍ୱୟ ଅସଙ୍ଗତ ହେଲେ $k:m$ = — ।

(b) $x^2 - px - 2 = 0$ ସମୀକରଣର ଗୋଟିଏ ମୂଳ 2 ହେଲେ, p ର ମାନ — ହେବ ।

(c) ଏକ A.P.ର n ସଂଖ୍ୟକ ପଦର ଯୋଗଫଳ $S_n$ ହେଲେ $t_n$ ର ମାନ — ହେବ ।

(d) ପ୍ରଥମ n ସଂଖ୍ୟକ ଗଣନ ସଂଖ୍ୟାର ମାଧ୍ୟମାନ — ।

(e) SCHOOL ଶବ୍ଦରୁ ଯଦୃଚ୍ଛା ଗୋଟିଏ ଅକ୍ଷର 'O' ବାଛିବାର ସମ୍ଭାବ୍ୟତା — ।

**2. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।** [1×5=5

(a) $A = \begin{pmatrix} -1 & 2 \\ 3 & 4 \end{pmatrix}$ ହେଲେ $|A|$ କେତେ ହେବ ?

(b) $4x^2 + 3x + 7 = 0$ ସମୀକରଣର ମୂଳଦ୍ୱୟ $\alpha$ ଓ $\beta$ ହେଲେ, $\frac{1}{\alpha} + \frac{1}{\beta}$ ର ମୂଲ୍ୟ କେତେ ?

(c) $4\Sigma n^n$ ର ମାନ କେତେ ?

(d) ଗୋଟିଏ ମୁଦ୍ରାକୁ 2 ଥର ଟସ୍ କରାଗଲେ ଅତିବେଶିରେ ଗୋଟିଏ 'H' ଆସିବାର ସମ୍ଭାବ୍ୟତା କେତେ ହେବ ?

(e) ଗୋଟିଏ A.P.ର $t_n = 2n - 1$ ହେଲେ $S_n$ କେତେ ?

**3. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ସମାଧାନ କର ।** [1×5=5

(a) 3 ଓ –2 ମୂଳ ବିଶିଷ୍ଟ ଦ୍ୱିଘାତ ସମୀକରଣଟି କେତେ ?

(b) 't'ର କେଉଁ ମାନ ପାଇଁ $tx + 3y = 0$ ଓ $12x + ty = 0$ ସହସମୀକରଣ ଦ୍ୱୟର ଅସଂଖ୍ୟ ସମାଧାନ ରହିବ ?

(c) $\frac{1}{1\times2} + \frac{1}{2\times3} + \frac{1}{3\times4} + ..... + \frac{1}{39\times40}$ ର ସମଷ୍ଟି କେତେ ?

(d) P(3, 4) ବିନ୍ଦୁଟି ସ୍ଥାନାଙ୍କ ସମତଳରେ ମୂଳବିନ୍ଦୁଠାରୁ କେତେ ଦୂରରେ ଅବସ୍ଥିତ ?

(e) ଗୋଟିଏ ମୁଦ୍ରାକୁ 3 ଥର ଟସ୍ କଲେ ସାମ୍ପଲ୍ ସ୍ପେସ୍‌ର ଉପାଦାନ ସଂଖ୍ୟା କେତେ ହେବ ?

**4. ନିମ୍ନସ୍ଥ ଉକ୍ତିଗୁଡ଼ିକ ମଧ୍ୟରୁ କେଉଁଗୁଡ଼ିକ ଭୁଲ୍ ଉକ୍ତି (×) ଏବଂ କେଉଁଗୁଡ଼ିକ ଠିକ୍ ଉକ୍ତି (✓) ଦର୍ଶାଅ ।** [1×5=5

(a) $2x + 3y = 4$ ଏବଂ $3x + 2y = 6$ ହେଲେ $x + y$ ର ମାନ 2 ହେବ ।

(b) $4x^2 - 9 = 0$ ହେଲେ, x ର ମାନ $\frac{-2}{3}$ ଓ $\frac{3}{2}$ ହେବ ।

(c) $x^2 - 2x + 1 = 0$ ଦ୍ୱିଘାତ ସମୀକରଣର ବୀଜଦ୍ୱୟର ସମଷ୍ଟି $-\frac{1}{2}$ ହେବ ।

(d) ଗୋଟିଏ ଲୁଡୁଗୋଟିକୁ 'n' ଥର ଗଡ଼ାଇଲେ ସମସ୍ତ ସମ୍ଭାବ୍ୟ ଫଳାଫଳ ସଂଖ୍ୟା $6^n$ ହେବ ।

(e) $y = x$ ସମୀକରଣର ଲେଖଚିତ୍ର ଏକ ରେଖା ହେବ ।

**5. 'କ' ସ୍ତମ୍ଭ ସହ 'ଖ' ସ୍ତମ୍ଭ ମିଳାଅ ।** [1×5=5

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (a) $3x = y$ ଏବଂ $x = -2$ ହେଲେ y ର ମାନ = | (a) 5 |
| (b) $3x^2 - 5x + 6 = 0$ ଦ୍ୱିଘାତ ସମୀକରଣର ମୂଳଦ୍ୱୟର ଗୁଣଫଳ= | (b) 1 |
| (c) P(3, 0) ଓ Q(0, –4) ବିନ୍ଦୁଦ୍ୱୟ ମଧ୍ୟରେ ଦୂରତା = | (c) 8 |
| (d) –1, 0, 1, 2.....ର $t_{10}$ = | (d) 0 |
| (e) P(E) + P(E′) = | (e) 2 |
| | (f) –16 |

**ଜ୍ୟାମିତି**

**6. ଶୂନ୍ୟସ୍ଥାନ ପୂରଣ କର ।** [1×5=5

(a) ଦୁଇଟି ସମବାହୁ ତ୍ରିଭୁଜର କ୍ଷେତ୍ରଫଳର ଅନୁପାତ 16:9 ହେଲେ, ତ୍ରିଭୁଜ ଦ୍ୱୟର ଅନୁରୂପ ବାହୁଦ୍ୱୟର ଦୈର୍ଘ୍ୟର ଅନୁପାତ — ହେବ ।

(b) ଦୁଇଟି ବହିଃସ୍ପର୍ଶୀ ବୃତ୍ତର ତୀର୍ଯ୍ୟକ୍ ସାଧାରଣ ସ୍ପର୍ଶକ ସଂଖ୍ୟା — ।

(c) PQR ବୃତ୍ତରେ $\overline{PR}$ ବୃତ୍ତର ବ୍ୟାସ ହେଲେ $m\widehat{PQR}$ = — ।

(d) Δ PQRରେ $\sin(P+Q)=1$ ହେଲେ $m\angle R$= — ।

(e) ଦୁଇଟି ଏକ-କେନ୍ଦ୍ରିକ ବୃତ୍ତର ପରିଧି ଯଥାକ୍ରମେ 352ମି. ଓ 396ମି. ହେଲେ, ସୃଷ୍ଟି ହୋଇଥିବା ବଳୟର ପ୍ରସ୍ଥ — ମିଟର ।

**7. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରଦାନ କର ।** [1×5=5

(a) Δ DEF ରେ ∠E ର ସମଦ୍ୱିଖଣ୍ଡକ $\overline{DF}$ କୁ P ବିନ୍ଦୁରେ ଛେଦ କରେ । DE = 12 ସେ.ମି. ଓ EF = 9 ସେ.ମି. ହେଲେ DP:DF କେତେ ?

(b) ଗୋଟିଏ ବୃତ୍ତର $\overline{PQ}$ ଓ $\overline{RS}$ ଜ୍ୟା ଦ୍ୱୟର ଛେଦବିନ୍ଦୁ T । PT = 2 ସେ.ମି., QT = 6 ସେ.ମି., RT = 3 ସେ.ମି. ହେଲେ $\overline{ST}$ ର ଦୈର୍ଘ୍ୟ କେତେ ସେ.ମି. ?

(c) ଦୁଇଟି ଅନ୍ତଃସ୍ପର୍ଶୀ ବୃତ୍ତର ବ୍ୟାସ $d_1$ ଓ $d_2$ ସେ.ମି. ($d_1 > d_2$), ସେମାନଙ୍କର କେନ୍ଦ୍ରଦ୍ୱୟ ମଧ୍ୟରେ ଦୂରତା କେତେ ସେ.ମି. ?

(d) $\tan\theta = \frac{p}{q}$ ହେଲେ $\sec^2\theta$ ର ମାନ କେତେ ?

(e) ଗୋଟିଏ ସିଲିଣ୍ଡରର ବ୍ୟାସାର୍ଦ୍ଧ $\frac{7}{5}$ ସେ.ମି. ଓ ଉଚ୍ଚତା 25 ସେ.ମି. ହେଲେ ସିଲିଣ୍ଡରର ଆୟତନ କେତେ ଘନ ସେ.ମି. ?

**8. ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରଦାନ କର ।** [1×5=5

(a) Δ ABC ରେ $m\angle B = 90°$ । $\overline{BD} \perp \overline{AC}$, BC = 12 ସେ.ମି., CD = 9 ସେ.ମି. ହେଲେ AD କେତେ ସେ.ମି. ?

(b) ଗୋଟିଏ ବୃତ୍ତର ଏକ ଚାପର ଡିଗ୍ରୀ ପରିମାପ 80° । ଉକ୍ତ ଚାପର ବିପରୀତ ଚାପର ଅନ୍ତର୍ଲିଖିତ କୋଣର ପରିମାଣ କେତେ ?

(c) ପାର୍ଶ୍ୱସ୍ଥ ଚିତ୍ରରେ ବୃତ୍ତର ବହିଃସ୍ଥ ବିନ୍ଦୁ A ରୁ ବୃତ୍ତ ପ୍ରତି ଅଙ୍କିତ ସ୍ପର୍ଶକ ଦ୍ୱୟର ଛେଦବିନ୍ଦୁ B ଓ C । ଯଦି $m\angle BAC = 64°$ ହୁଏ ତେବେ $m\widehat{BZC}$ କେତେ ?




(d) 88 ମିଟର ଦୀର୍ଘ ଖଣ୍ଡେ ତାରରୁ 7 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ କେତେଗୋଟି ବୃତ୍ତ ତିଆରି କରାଯାଇ ପାରିବ ?

(e) $\sin A = \frac{5}{13}$ ହେଲେ cot A ର ମାନ କେତେ ?

**9. ଠିକ୍ ଉକ୍ତି ପାଇଁ '✓' ଚିହ୍ନ ଏବଂ ଭୁଲ୍ ଉକ୍ତି ପାଇଁ '×' ଚିହ୍ନ ଦେଇ ଉକ୍ତିଗୁଡ଼ିକୁ ଚିହ୍ନଟ କର ।** [1×5=5

(a) Δ ABC ରେ ∠C ର ସମଦ୍ୱିଖଣ୍ଡକ $\overline{AB}$ କୁ M ବିନ୍ଦୁରେ ଛେଦ କରେ । ଯଦି AC = 8 ସେ.ମି., BC = 12 ସେ.ମି. ଏବଂ AM = 4 ସେ.ମି. ହୁଏ, ତେବେ BC = 24 ସେ.ମି. ହେବ ।

(b) ଗୋଟିଏ ବୃତ୍ତର କେନ୍ଦ୍ର O ଏବଂ $\overline{AB}$ ଏକ ଜ୍ୟା । $\overline{OD} \perp \overline{AB}$, ବୃତ୍ତର ବ୍ୟାସାର୍ଦ୍ଧ 10 ସେ.ମି. ଏବଂ ଜ୍ୟା AB = 16 ସେ.ମି. ହେଲେ, $\overline{OD}$ ର ଦୈର୍ଘ୍ୟ 12 ସେ.ମି. ହେବ ।

(c) 'r' ବ୍ୟାସାର୍ଦ୍ଧ ବିଶିଷ୍ଟ ବୃତ୍ତର ବହିଃସ୍ଥ ବିନ୍ଦୁରୁ ବୃତ୍ତ ପ୍ରତି ଅଙ୍କିତ ଏକ ସ୍ପର୍ଶକ ଖଣ୍ଡର ଦୈର୍ଘ୍ୟ P ଏକକ ହେଲେ, ବୃତ୍ତର କେନ୍ଦ୍ରରୁ ବହିଃସ୍ଥ ବିନ୍ଦୁର ଦୂରତା $\sqrt{P^2 + r^2}$ ଏକକ ହେବ ।

(d) Δ ABC ରେ ∠B ସମକୋଣ । $\sin(A - C) = \frac{1}{2}$ ହେଲେ ∠A ର ପରିମାଣ 60° ହେବ ।

(e) ଗୋଟିଏ ଗୋଲକର ବ୍ୟାସାର୍ଦ୍ଧ r ଏକକ । ଗୋଲକରୁ ପ୍ରସ୍ତୁତ ଏକ ଅର୍ଦ୍ଧଗୋଲକର ସମଗ୍ର ପୃଷ୍ଠତଳର କ୍ଷେତ୍ରଫଳ $3\pi r^2$ ବର୍ଗ ଏକକ ହେବ ।

**10. 'କ' ସ୍ତମ୍ଭ ସହ 'ଖ' ସ୍ତମ୍ଭ ମିଳାଅ ।** [1×5=5

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (a) '8' ଏକକ ବ୍ୟାସାର୍ଦ୍ଧ ବିଶିଷ୍ଟ ବୃତ୍ତ ପ୍ରତି ଅଙ୍କିତ ଦୁଇଟି ସମାନ୍ତର ସ୍ପର୍ଶକ ମଧ୍ୟରେ ଦୂରତା = | (a) 2 |
| (b) Δ ABC ~ Δ DEF । ଯଦି AB=12 ସେ.ମି., AC=9 ସେ.ମି. ଓ DE = 6 ସେ.ମି. ହୁଏ, ତେବେ DF ସେ.ମି.ରେ = | (b) 4 |
| (c) 8 ସେ.ମି. ଦୀର୍ଘ ବାହୁ ବିଶିଷ୍ଟ ବର୍ଗଚିତ୍ରର ଅନ୍ତଃବୃତ୍ତର ବ୍ୟାସାର୍ଦ୍ଧ= | (c) 16 |
| (d) tan 1°.tan 2°.tan 3°,....... + tan 88°.tan 89° ର ସରଳୀକୃତ ମାନ = | (d) 8 |
| (e) ଗୋଟିଏ ବୃତ୍ତର ପରିଧି ଯେତିକି ସେ.ମି., ଏହାର କ୍ଷେତ୍ରଫଳ ସେତିକି ବର୍ଗ ସେ.ମି. । ବୃତ୍ତର ବ୍ୟାସାର୍ଦ୍ଧ = | (e) 4.5 |
| | (f) 1 |

### ଉତ୍ତରମାଳା

1. (a) 3:5 (b) 1 (c) $S_n - S_{n-1}$ (d) $\frac{n+1}{2}$ (e) $\frac{1}{3}$
2. (a) –10 (b) $\frac{-3}{7}$ (c) $n^2(n+1)^2$ (d) $\frac{3}{4}$ (e) $n^2$
3. (a) $x^2 - x - 6 = 0$ (b) $\pm 6$ (c) $\frac{39}{40}$ (d) 5 ଏକକ (e) 8
4. (a) ✓ (b) × (c) × (d) ✓ (e) ×
5. (a) - (f), (b) - (e), (c) - (a), (d) - (c), (e) - (b)
6. (a) 4:3 (b) 1 (c) 180° (d) 90° (e) 7
7. (a) 4:7 (b) 4 (c) $\frac{1}{2}(d_1 - d_2)$ (d) $\frac{p^2+q^2}{q^2}$ (e) 154
8. (a) 7 (b) 40° (c) 116° (d) 200 (e) $\frac{12}{5}$
9. (a) × (b) × (c) ✓ (d) ✓ (e) ✓
10. (a) - (c), (b) - (e), (c) - (b), (d) - (f), (e) - (a)

### PART - II (SUBJECTIVE)

**ବୀଜଗଣିତ**

**11.(i)** $4x + \frac{6}{y} = 15$ ଏବଂ $6x - \frac{8}{y} = 14$ $(y \neq 0)$ [5

**କିମ୍ବା,** 5 ବର୍ଷ ପରେ ପିତାର ବୟସ ପୁତ୍ର ବୟସର ତିନିଗୁଣ ହେବ ଓ 5 ବର୍ଷ ପୂର୍ବେ ପିତାର ବୟସ ପୁତ୍ର ବୟସର 7 ଗୁଣ ଥିଲା । ତେବେ ସେମାନଙ୍କର ବର୍ତ୍ତମାନ ବୟସ ସ୍ଥିର କର ।

**(ii)** ନିମ୍ନ ସାରଣୀ ଅନ୍ତର୍ଭୁକ୍ତ ତଥ୍ୟାବଳୀର ମାଧ୍ୟମାନ $21\frac{1}{7}$ ହେଲେ 'f'ର ମାନ ସ୍ଥିର କର । [5

| ସଂଭାଗ | 0-10 | 10-20 | 20-30 | 30-40 | 40-50 |
|---|---|---|---|---|---|
| ବାରମ୍ବାରତା | 8 | 22 | 31 | f | 2 |

**କିମ୍ବା,** ଦତ୍ତ ସାରଣୀ ଅନ୍ତର୍ଭୁକ୍ତ ତଥ୍ୟାବଳୀର ମଧ୍ୟମା ନିର୍ଣ୍ଣୟ କର :

| ସଂଭାଗ | 0-10 | 10-20 | 20-30 | 30-40 | 40-50 | 50-60 |
|---|---|---|---|---|---|---|
| ବାରମ୍ବାରତା | 6 | 12 | 22 | 14 | 10 | 5 |

**12.(i)** ଗୋଟିଏ ସମାନ୍ତର ପ୍ରଗତିର ପ୍ରଥମ p ସଂଖ୍ୟକ ପଦର ସମଷ୍ଟି r, ପ୍ରଥମ q ସଂଖ୍ୟକ ପଦର ସମଷ୍ଟି s ଏବଂ ସାଧାରଣ ଅନ୍ତର d ହେଲେ ପ୍ରମାଣ କର ଯେ, $\frac{r}{p} - \frac{s}{q} = (p - q)\frac{d}{2}$ ହେବ । [4

**କିମ୍ବା,** ଏକ ସମାନ୍ତର ଅନୁକ୍ରମରେ ଅବସ୍ଥିତ ତିନୋଟି କ୍ରମିକ ରାଶିର ଯୋଗଫଳ 21 ଏବଂ ସେମାନଙ୍କ ବର୍ଗର ଯୋଗଫଳ 155 । ସଂଖ୍ୟାଗୁଡ଼ିକ କେତେ ?

**(ii)** $x^2 - px + q = 0$ ସମୀକରଣର ଗୋଟିଏ ମୂଳ ଅନ୍ୟଟିର 2 ଗୁଣ ହେଲେ, ପ୍ରମାଣ କର ଯେ $2p^2 = 9q$ । [4

**କିମ୍ବା,** ପୂର୍ଣ୍ଣବର୍ଗରେ ପରିଣତ କରି ସମାଧାନ କର : $2x^2 - x - 6 = 0$

**(iii)** ଗୋଟିଏ ଲୁଡୁ ଗୋଟିକୁ ଦୁଇଥର ଗଡ଼ାଇ ଦିଆଗଲା । ମିଳିଥିବା ସଂଖ୍ୟା ଦୁଇଟିର ଯୋଗଫଳ ≥ 9 ହେବା ଘଟଣାର ସମ୍ଭାବ୍ୟତା ସ୍ଥିର କର । [4

**କିମ୍ବା,** A, B ଓ C ସ୍ଥାନାଙ୍କ ଯଥାକ୍ରମେ (1, 6), (5, –1) ଓ (7, 2) । ପ୍ରମାଣ କର ଯେ ABC ଏକ ସମକୋଣୀ ତ୍ରିଭୁଜ ।

**ଜ୍ୟାମିତି**

**13.(i)** ଗୋଟିଏ ତ୍ରିଭୁଜର ତିନିକୋଣ, ଅନ୍ୟଏକ ତ୍ରିଭୁଜର ଅନୁରୂପ କୋଣସହ ସର୍ବସମ ହେଲେ, ପ୍ରମାଣ କର ଯେ, ତ୍ରିଭୁଜ ଦୁଇଟି ସଦୃଶ ହୁଅନ୍ତି । [5

**କିମ୍ବା,** କୌଣସି ବୃତ୍ତର ବହିଃସ୍ଥ ଏକ ବିନ୍ଦୁରୁ ଉକ୍ତ ବୃତ୍ତ ପ୍ରତି ସ୍ପର୍ଶକ ଖଣ୍ଡଦ୍ୱୟର ଦୈର୍ଘ୍ୟ ସମାନ । ପ୍ରମାଣ କର ।

**(ii)** 2.5 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ବୃତ୍ତ ଅଙ୍କନ କରି ତହିଁରେ ଏକ ସମବାହୁ ତ୍ରିଭୁଜ ପରିଲିଖନ କର । [5

**କିମ୍ବା,** 3.5 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ବୃତ୍ତ ଅଙ୍କନ କରି ଏଥିରେ ଏକ ସୁଷମ ଷଡ଼ଭୁଜ ପରିଲିଖନ କର ।

**14.(i)** Δ ABC ରେ $m\angle ABC = 90°$ ଏବଂ $\overline{BD} \perp \overline{AC}$ । ପ୍ରମାଣ କର ଯେ, $AB^2 : BC^2 = AD : DC$ । [5

**କିମ୍ବା,** Δ ABC ର ପରିବୃତ୍ତର କେନ୍ଦ୍ର 'O' ତ୍ରିଭୁଜଟିର ଏକ ଅନ୍ତଃସ୍ଥ ବିନ୍ଦୁ ହେଲେ, ପ୍ରମାଣ କର ଯେ, $m\angle BAC + m\angle OBC = 90°$

**(ii)** ଗୋଟିଏ ପାହାଡ଼ ଉପରୁ 100 ମିଟର ଉଚ୍ଚ ଏକ ସମତଳରେ ଥିବା ଗୋଟିଏ ସ୍ତମ୍ଭର ଶୀର୍ଷ ଓ ପାଦଦେଶର କୌଣିକ ଅବନତିର ପରିମାଣ ଯଥାକ୍ରମେ 30⁰ ଓ 60⁰ । ପାହାଡ଼ର ଉଚ୍ଚତା ନିରୂପଣ କର । [5

**କିମ୍ବା,** ସମାଧାନ କର : $\sin\theta + \cos\theta = \sqrt{2}$

**15.(i)** ଏକ ବୃତ୍ତରେ ଯେଉଁ ବୃତ୍ତକଳାର ଡିଗ୍ରୀ ପରିମାପ 40⁰, ସେହି ବୃତ୍ତକଳାର ପରିସୀମା 26.98 ସେ.ମି. ହେଲେ ବୃତ୍ତର ବ୍ୟାସାର୍ଦ୍ଧ ନିର୍ଣ୍ଣୟ କର ।($\pi \simeq 3.14$) [4

**କିମ୍ବା,** ଗୋଟିଏ ସମବାହୁ ତ୍ରିଭୁଜର ଅନ୍ତଃବୃତ୍ତର କ୍ଷେତ୍ରଫଳ 154 ବର୍ଗମି. ହେଲେ, ତ୍ରିଭୁଜର ପରିସୀମା ନିର୍ଣ୍ଣୟ କର ।

**(ii)** ଗୋଟିଏ ସରଳ ପ୍ରିଜିମ୍‌ର ଭୂମି ଏକ ସମକୋଣୀ ତ୍ରିଭୁଜ ଏବଂ ସମକୋଣ ସଂଲଗ୍ନ ବାହୁଦ୍ୱୟର ଅନୁପାତ 5:12 । ଯଦି ପ୍ରିଜିମ୍‌ର ଆୟତନ 1800 ଘ.ସେ.ମି. ଓ ପାର୍ଶ୍ୱ ପୃଷ୍ଠତଳର କ୍ଷେତ୍ରଫଳ 900 ବ.ସେ.ମି. ହୁଏ, ତେବେ ଭୂମିର ପ୍ରତ୍ୟେକ ବାହୁର ଦୈର୍ଘ୍ୟ ନିର୍ଣ୍ଣୟ କର । [4

**କିମ୍ବା,** ଗୋଟିଏ ଗୋଲକର ପୃଷ୍ଠତଳର କ୍ଷେତ୍ରଫଳ 19404 ଘ.ମି. । ଏହାର ସମଘନଫଳ ବିଶିଷ୍ଟ ଏକ ଅର୍ଦ୍ଧଗୋଲକର ବ୍ୟାସାର୍ଦ୍ଧ କେତେ ? ($\pi \simeq \frac{22}{7}$)

### ସମାଧାନ

**11.(i)** $4x + \frac{6}{y} = 15$ ......... (i)

$6x - \frac{8}{y} = 14$ ......... (ii)

ସମୀକରଣ (i) × 6 $\Rightarrow 24x + \frac{36}{y} = 90$

ସମୀକରଣ (ii) × 4 $\Rightarrow 24x - \frac{32}{y} = 56$

$\quad - \quad + \quad -$

$\frac{68}{y} = 34 \Rightarrow y = 2$

'y' ର ମାନକୁ ସମୀକରଣ (i) ରେ ପ୍ରୟୋଗ କଲେ,

$4x + \frac{6}{2} = 15 \Rightarrow 4x = 15 - 3 = 12$

$\Rightarrow x = 3$

∴ ନିର୍ଣ୍ଣେୟ ସମାଧାନ : (x, y) = 3, 2

**କିମ୍ବା,** ମନେକର ପିତାର ବର୍ତ୍ତମାନ ବୟସ x ବର୍ଷ ଓ ପୁତ୍ରର ବର୍ତ୍ତମାନ ବୟସ y ବର୍ଷ ।

5 ବର୍ଷ ପରେ ପିତାର ବୟସ = (x+5) ବର୍ଷ ହେବ ଓ ପୁତ୍ରର ବୟସ = (y+5) ବର୍ଷ ହେବ ।

ପ୍ରଶ୍ନାନୁସାରେ $x+5 = 3(y+5)$

$\Rightarrow x+5 = 3y+15 \Rightarrow x - 3y = 10$ .....(1)

ପୁନଶ୍ଚ 5 ବର୍ଷ ପୂର୍ବେ ପିତାର ବୟସ ଥିଲା = (x – 5) ବର୍ଷ ଓ ପୁତ୍ରର ବୟସ ଥିଲା = (y – 5) ବର୍ଷ ।

ପ୍ରଶ୍ନାନୁସାରେ, $(x - 5) = 7(y - 5)$

$\Rightarrow x - 5 = 7y - 35 \Rightarrow x - 7y = -30$ .....(2)

ସମୀକରଣ (1) ରୁ ସମୀକରଣ (2) କୁ ବିୟୋଗ କଲେ,

$(x - 3y) - (x - 7y) = 10 - (-30)$

$\Rightarrow x - 3y - x + 7y = 10+30$

$\Rightarrow 4y = 40 \Rightarrow y = 10$

ସମୀକରଣ (1) ରେ y=10 ସ୍ଥାପନ କଲେ,

$x - 3 \times 10 = 10 \Rightarrow x = 40$

∴ ପିତାର ବର୍ତ୍ତମାନ ବୟସ 40 ବର୍ଷ ଓ ପୁତ୍ରର ବର୍ତ୍ତମାନ ବୟସ 10 ବର୍ଷ ।

**(ii)**

| ସଂଭାଗ | ବାରମ୍ବାରତା (f) | ସଂଭାଗର ମଧ୍ୟବିନ୍ଦୁ (x) | fx |
|---|---|---|---|
| 0-10 | 8 | 5 | 40 |
| 10-20 | 22 | 15 | 330 |
| 20-30 | 31 | 25 | 775 |
| 30-40 | f | 35 | 35f |
| 40-50 | 2 | 45 | 90 |
| | Σf = 63+f | | Σfx′ = 1235+35f |

∴ ତଥ୍ୟାବଳୀର ମାଧ୍ୟମାନ $21\frac{1}{7} = \frac{148}{7}$

$\therefore \frac{\Sigma fx}{\Sigma f} = \frac{148}{7} \Rightarrow \frac{1235 + 35f}{63 + f} = \frac{148}{7}$

$\Rightarrow 8645 + 245f = 9324 + 148f$

$\Rightarrow 97f = 679 \Rightarrow f = \frac{679}{97} = 7$

**କିମ୍ବା,**

| ସଂଭାଗ | ବାରମ୍ବାରତା (f) | ରାଶିକୃତ ବାରମ୍ବାରତା cf |
|---|---|---|
| 0–10 | 6 | 6 |
| 10–20 | 12 | 18 |
| 20–30 | 22 | 40 |
| 30–40 | 14 | 54 |
| 40–50 | 10 | 64 |
| 50–60 | 5 | 69 |
| | $\sum f = 69$ | |

ମଧ୍ୟମ ସ୍ଥାନ $(m) = \frac{n}{2} = \frac{69}{2} = 34.5$

m ଠାରୁ ଠିକ୍ ବୃହତ୍ତର ରାଶିକୃତ ବାରମ୍ବାରତା = 40

∴ ମଧ୍ୟମା ସଂଭାଗ = 20 – 30; $l$ = 20, f = 22, c = 18, i = 10

$\therefore$ ମଧ୍ୟମା $(M_d) = l + \frac{m - c}{f} \times i$

$= 20 + \frac{34.5 - 18}{22} \times 10 = 20 + 7.5 = 27.5$

**12.(i)** ପ୍ରଶ୍ନାନୁସାରେ, $S_p = r$ ଏବଂ $S_q = s$

ମନେକର A.P. ର ପ୍ରଥମ ପଦ 'a' ଏବଂ ସାଧାରଣ ଅନ୍ତର 'd'

$\therefore S_p = r \Rightarrow \frac{p}{2}[2a + (p-1)d] = r$

$\Rightarrow \frac{r}{p} = \frac{1}{2}[2a + (p-1)d] = a + \frac{1}{2}(p-1)d$

ସେହିପରି $S_q = s \Rightarrow \frac{q}{2}[2a + (q-1)d] = s$

$\Rightarrow \frac{s}{q} = \frac{1}{2}[2a + (q-1)d] = a + \frac{1}{2}(q-1)d$

$\therefore$ L.H.S. $= \frac{r}{p} - \frac{s}{q}$

$= [a + \frac{1}{2}(p-1)d] - [a + \frac{1}{2}(q-1)d]$

$= a + \frac{d}{2}(p-1) - a - \frac{d}{2}(q-1)$

$= \frac{d}{2}(p-1-q+1)$

$= \frac{d}{2}(p-q)$ = R.H.S. **(ପ୍ରମାଣିତ)**

**କିମ୍ବା,** ମନେକର ସମାନ୍ତର ଅନୁକ୍ରମରେ ଥିବା 3 ଗୋଟି ରାଶି ହେଲେ, a – d, a, a + d

ପ୍ରଶ୍ନାନୁସାରେ $a - d + a + a + d = 21$

$\Rightarrow 3a = 21 \Rightarrow a = 7$

ପୁନଶ୍ଚ $(a - d)^2 + a^2 + (a+d)^2 = 155$

$\Rightarrow a^2 - 2ad + d^2 + a^2 + a^2 + 2ad + d^2 = 155$

$\Rightarrow 3a^2 + 2d^2 = 155$

$\Rightarrow 3 \times (7)^2 + 2d^2 = 155$

$\Rightarrow 2d^2 = 155 - 147 = 8$

$\Rightarrow d^2 = 4 \Rightarrow d = \pm 2$

a = 7 ଏବଂ d = +2 ନେଲେ ପଦମାନ 9, 7, 5 ହେବ ।

**(ii)** ମନେକର $x^2 - px + q = 0$ ସମୀକରଣର ମୂଳଦ୍ୱୟ α ଏବଂ 2α । ଏଠାରେ a = 1, b = – p ଓ c = q

$\Rightarrow \alpha + 2\alpha = \frac{-b}{a} = \frac{-(-p)}{1} = \frac{p}{1}$

$\Rightarrow 3\alpha = p \Rightarrow \alpha = \frac{p}{3}$ ...(1)

ପୁନଶ୍ଚ $\alpha \times 2\alpha = \frac{q}{1} \Rightarrow 2\alpha^2 = \frac{q}{1}$

$\Rightarrow 2\left(\frac{p}{3}\right)^2 = q$ [(1)ରୁ]

$\Rightarrow 2 \times \frac{p^2}{9} = q \Rightarrow 2p^2 = 9q$ **(ପ୍ରମାଣିତ)**

**କିମ୍ବା,** $2x^2 - x - 6 = 0$

$\Rightarrow x^2 - \frac{1}{2}x = 3$

$\Rightarrow (x)^2 - 2.x.\frac{1}{4} + \left(\frac{1}{4}\right)^2 = \left(\frac{1}{4}\right)^2 + 3$

$\Rightarrow \left(x - \frac{1}{4}\right)^2 = \left(\pm\frac{7}{4}\right)^2$

$\Rightarrow x - \frac{1}{4} = \pm\frac{7}{4}$

$\Rightarrow x = \frac{1}{4} + \frac{7}{4}$ ବା $\frac{1}{4} - \frac{7}{4}$ = 2 ବା $\frac{-3}{2}$

∴ ସମାଧାନ x = 2 ଓ $\frac{-3}{2}$

**(iii)** ଘଟଣା : ସଂଖ୍ୟା ଦୁଇଟିର ଯୋଗଫଳ ≥ 9

E = {(4, 5), (5, 4), (3, 6), (6, 3), (5, 5), (4, 6), (6, 4), (5, 6), (6, 5) (6, 6)}

$\Rightarrow |E| = 10$

ଏଠାରେ $|S| = 6^2 = 36$

∴ ସମ୍ଭାବ୍ୟତା $= \frac{|E|}{|S|} = \frac{10}{36} = \frac{5}{18}$

**କିମ୍ବା,** A (1, 6), B (5, – 1) ଓ C (7, 2)

$AB^2 = (-1 - 6)^2 + (5 - 1)^2 = 49 + 16 = 65$

$BC^2 = (2 + 1)^2 + (7 - 5)^2 = 9 + 4 = 13$

$AC^2 = (2 - 6)^2 + (7 - 1)^2 = 16 + 36 = 52$

ଏଠାରେ $AB^2 = AC^2 + BC^2$

∴ Δ ABC ସମକୋଣୀ ।

**13.(i) ଦତ୍ତ :** ΔABC ଓ ΔDEF ମଧ୍ୟରେ ∠A ≅ ∠D, ∠B ≅ ∠E ଏବଂ ∠C ≅ ∠F




**ପ୍ରାମାଣ୍ୟ :** ΔABC ~ ΔDEF

**ଅଙ୍କନ :** ମନେକର AB > DE । $\overline{AB}$ ଉପରେ X ବିନ୍ଦୁ ନିଆଯାଉ, ଯେପରି A-X-B ଏବଂ AX = DE $\overline{XY}$ ଅଙ୍କନ କରାଯାଉ ଯେପରି $\overline{XY} \parallel \overline{BC}$ ଏବଂ A-Y-C

**ପ୍ରମାଣ :** $\overline{XY} \parallel \overline{BC}$ (ଅଙ୍କନ)

⇒ ∠AXY ≅ ∠B (ଅନୁରୂପ କୋଣ)

⇒ ∠AXY ≅ ∠E (∵ ∠B ≅ ∠E ଦତ୍ତ) .....(1)

ସେହିପରି ପ୍ରମାଣ କରାଯାଇ ପାରେ ଯେ

∠AYX ≅ ∠F ....... (2)

ΔAXY ଓ ΔDEF ମଧ୍ୟରେ, ∠AXY ≅ ∠E [(1) ଅନୁଯାୟୀ]

∠A ≅ ∠D (ଦତ୍ତ) ଏବଂ AX = DE (ଅଙ୍କନ) ।

∴ ΔAXY ≅ ΔDEF (କୋ-କୋ-ବା ସର୍ବସମତା)

⇒ AY = DF (ଅନୁରୂପ ବାହୁର ଦୈର୍ଘ୍ୟ) ...... (3)

ΔABC ରେ, $\overleftrightarrow{XY} \parallel \overline{BC}$ (ଅଙ୍କନ)

$\Rightarrow \frac{AB}{AX} = \frac{AC}{AY}$ (ଉପପାଦ୍ୟ - 1 ର ଅନୁସିଦ୍ଧାନ୍ତ)

$\Rightarrow \frac{AB}{DE} = \frac{AC}{DF}$ [∵ AX = DE (ଅଙ୍କନ) ଓ AY = DF ((3)ରେ ପ୍ରାପ୍ତ ] ........ (4)

$\overline{BA}$ ଉପରେ Z ବିନ୍ଦୁ ନେଇ (ଯେପରି BZ = ED ) ଏବଂ Z ବିନ୍ଦୁ ଦେଇ $\overline{AC}$ ସହ ସମାନ୍ତର ସରଳରେଖା ଅଙ୍କନ କରି ପ୍ରମାଣ କରାଯାଇପାରେ ଯେ

$\frac{AB}{DE} = \frac{BC}{EF}$ ......(5)

(4) ଓ (5) $\Rightarrow \frac{AB}{DE} = \frac{AC}{DF} = \frac{BC}{EF}$ ......(6)

ΔABC ଓ ΔDEF ମଧ୍ୟରେ ∠A ≅ ∠D, ∠B ≅ ∠E, ∠C ≅ ∠F (ଦତ୍ତ)

ଏବଂ ଅନୁରୂପ ବାହୁମାନଙ୍କର ଦୈର୍ଘ୍ୟ ସମାନୁପାତୀ [(6) ଅନୁଯାୟୀ]

∴ ΔABC ~ ΔDEF **(ପ୍ରମାଣିତ)**

**କିମ୍ବା, ଦତ୍ତ :** ବୃତ୍ତ C ର କେନ୍ଦ୍ର O ଏବଂ ଏକ ବହିଃସ୍ଥ ବିନ୍ଦୁ P । P ବିନ୍ଦୁରୁ C ବୃତ୍ତ ପ୍ରତି ଅଙ୍କିତ ଦୁଇଟି ସ୍ପର୍ଶକ ଖଣ୍ଡ ହେଉଛନ୍ତି $\overline{PQ}$ ଓ $\overline{PR}$ ଏବଂ Q ଓ R ଯଥାକ୍ରମେ ସେମାନଙ୍କର ସ୍ପର୍ଶବିନ୍ଦୁ ।

**ପ୍ରାମାଣ୍ୟ :** PQ = PR

**ଅଙ୍କନ :** $\overline{OP}$, $\overline{OQ}$ ଏବଂ $\overline{OR}$ ଅଙ୍କନ କରାଯାଉ ।




**ପ୍ରମାଣ:** ΔOQP ଏବଂ Δ ORP ରେ

∠OQP ≅ ∠ORP (ପ୍ରତ୍ୟେକ ସମକୋଣ । ∵ $\overline{OQ}$ ଏବଂ $\overline{OR}$ ସ୍ପର୍ଶବିନ୍ଦୁଗାମୀ ବ୍ୟାସାର୍ଦ୍ଧ)

କର୍ଣ୍ଣ $\overline{OP} \cong \overline{OP}$ (ସାଧାରଣ ବାହୁ) ଏବଂ

$\overline{OQ} \cong \overline{OR}$ (ଏକ ବୃତ୍ତର ବ୍ୟାସାର୍ଦ୍ଧ)

∴ Δ OQP ≅ Δ ORP (ସ.କ.ବା ସର୍ବସମତା)

⇒ $\overline{PQ} \cong \overline{PR}$ ( ସର୍ବସମ ତ୍ରିଭୁଜର ଅନୁରୂପ ବାହୁ)

ଅର୍ଥାତ୍ PQ = PR (ପ୍ରମାଣିତ)

**(ii)**




**ଅଙ୍କନ ସୋପାନ ସମୂହ :**

(a) 2.5 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ବୃତ୍ତଟିଏ ଅଙ୍କନ କରିବା ।

(b) ବ୍ୟାସାର୍ଦ୍ଧ ପରିମିତ ଚାପ ନେଇ ବୃତ୍ତଟିକୁ 6 ଟି ସର୍ବସମ ଅଂଶରେ ଭାଗ କରିବା ।

(c) $\overline{OP}$, $\overline{QR}$ ଓ $\overline{OR}$ ଅଙ୍କନ କରିବା ।

(d) P, Q ଓ R ରେ ବୃତ୍ତ ପ୍ରତି ସ୍ପର୍ଶକ ଅଙ୍କନ କରି ଏକ ତ୍ରିଭୁଜ ପାଇବା ।

(e) ବର୍ତ୍ତମାନ ΔABC ହେଉଛି ନିର୍ଣ୍ଣେୟ ତ୍ରିଭୁଜ ।

**କିମ୍ବା,**




**ଅଙ୍କନ ସୋପାନ ସମୂହ :**

(a) 3.5 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ବୃତ୍ତଟିଏ ଅଙ୍କନ କରିବା ।

(b) ବ୍ୟାସାର୍ଦ୍ଧ ପରିମିତ ଚାପ ନେଇ ବୃତ୍ତଟିକୁ 6 ଟି ସର୍ବସମ ଅଂଶରେ ଭାଗ କରି P, Q, R, S, T ଓ U ନାମକରଣ କରିବା ।

(c) $\overline{OP}$, $\overline{OQ}$, $\overline{OR}$, $\overline{OS}$, $\overline{OT}$ ଓ $\overline{OU}$ ଅଙ୍କନ କରିବା ।

(d) P, Q, R, S, T ଓ U ରେ ବୃତ୍ତ ପ୍ରତି ସ୍ପର୍ଶକ ଅଙ୍କନ କରିବା ।

(e) ABCDEF ନିର୍ଣ୍ଣେୟ ସୁଷମ ଷଡ଼ଭୁଜ ।

**14.(i)** ଦତ୍ତ : Δ ABC ରେ $m\angle B = 90°$ $\overline{BD} \perp \overline{AC}$




(ଅବଶିଷ୍ଟାଂଶ ପରବର୍ତ୍ତୀ ପୃଷ୍ଠାରେ...)

# ରେଲୱେ ପକ୍ଷରୁ ହେଲ୍ପଲାଇନ ନମ୍ବର ଜାରି

**କଟକ ଅଫିସ, ୧୬ା୧:** କଟକ ଜିଲା ନିର୍ଗୁଣ୍ଡି ରେଳଷ୍ଟେଶନ ନିକଟସ୍ଥ ସର୍ଦ୍ଧୋଳାଠାରେ ଗୁରୁବାର ସକାଳେ ଏକ ମାଲ୍‌ବାହୀ ଟ୍ରେନ୍‌କୁ ଧକ୍କା ଦେଇ ମୁମ୍ବାଇ-ଭୁବନେଶ୍ୱର ଲୋକମାନ୍ୟ ତିଲକ ସୁପରଫାଷ୍ଟ ଏକ୍ସପ୍ରେସ୍ ଲାଇନ୍‌ଚ୍ୟୁତ ହୋଇଛି। ଏଥିରେ ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଥିବାବେଳେ ୫ ଜଣ ଗୁରୁତ୍ୱର ହୋଇଛନ୍ତି। ଏହି ଦୁର୍ଘଟଣା ପରେ ଆହତ ଯାତ୍ରୀମାନଙ୍କ ସମ୍ପର୍କରେ ସୂଚନା ପାଇଁ ଇଷ୍ଟକୋଷ୍ଟ ରେଲୱେ ପକ୍ଷରୁ ୫ଟି ହେଲ୍ପଲାଇନ ନମ୍ବର ଜାରି କରାଯାଇଛି। ସେଗୁଡିକ ହେଲା- ୦୬୭୧-୧୦୭୨, ୦୬୭୪-୧୦୭୨, ୧୮୦୦୩୪୫୭୪୦୧, ୧୮୦୦୩୪୫୭୪୦୨ ଓ ୦୬୭୫୨-୧୦୭୨।

## ଦୁର୍ଘଟଣା ପରେ ୫ ଟ୍ରେନ୍‌ର ଗତିପଥ ବଦଳିଲା

ଏହି ଦୁର୍ଘଟଣା ଯୋଗୁ ୫ଟି ଟ୍ରେନ୍‌ର ଗତିପଥରେ ପରିବର୍ତ୍ତନ କରାଯାଇଛି। ତଦନୁଯାୟୀ, ନରାଜ ବାଇପାସ୍ ଦେଇ ଭୁବନେଶ୍ୱର-ଏଲ୍‌ଟିଟି ଏକ୍ସପ୍ରେସ୍, ଦୁର୍ଗ-ପୁରୀ ଏକ୍ସପ୍ରେସ୍, ଗରିବ ରଥ, ପୁରୀ-ରାଉରକେଲା ପାସେଞ୍ଜର ଓ ତାଳଚେର-ପୁରୀ ମେମୁ ଟ୍ରେନ୍‌କୁ ନରାଜ ବାଇପାସ୍ ଦେଇ ଅତିକ୍ରମ କରାଯାଇଛି। ରାତି ୧୧ଟା ସୁଦ୍ଧା ଦୁର୍ଘଟଣା ଘଟିଥିବା ଟ୍ରାକ୍‌ରେ ରେଳ ଚଳାଚଳ ସ୍ୱାଭାବିକ କରାଯିବ ବୋଲି ରେଲୱେର ଜଣେ ଅଧିକାରୀ କହିଛନ୍ତି।

## ୧୮ରେ ଉଚ୍ଚସ୍ତରୀୟ ବୈଠକ

ଦୁର୍ଘଟଣା ନେଇ ଆସନ୍ତା ୧୮ ତାରିଖରେ ରେଲୱେ ପକ୍ଷରୁ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହେବ। ଏଥିରେ କମିଶନର ଅଫ ରେଲୱେ ସେଫ୍ଟି (ସିଆର୍‌ଏସ୍) ଅଭୟ କୁମାର ରାୟ କଟକ ରେଲୱେ ରେଷ୍ଟ ହାଉସ୍‌ରେ ଏହାର ସମୀକ୍ଷା କରିବେ।

## ଏସ୍‌ସିବି ମେଡିକାଲରେ ୬ ଜଣିଆ ଡାକ୍ତରୀ ଟିମ୍

ଟ୍ରେନ୍ ଦୁର୍ଘଟଣାରେ ଆହତମାନଙ୍କୁ କଟକ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ଚିକିତ୍ସାଧୀନ ଥିବା ବମ୍ବେର ଯାତ୍ରୀ କ୍ରୀଷ୍ଟିନା ସିମନ ଚାନ୍ଦେକର ଗୁରୁତର ଥିବା ସୂଚନା ମିଳିଛି। ରେଳ ବିଭାଗ ତରଫରୁ କ୍ରୀଷ୍ଟିନାଙ୍କ ଚିକିତ୍ସା ନିମନ୍ତେ ୫ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି । ଅନ୍ୟପକ୍ଷରେ ଆହତମାନଙ୍କ ଚିକିତ୍ସା ନିମନ୍ତେ ଏସ୍‌ସିବି ମେଡିକାଲରେ ସର୍ଜରୀ, ଅସ୍ଥିଶଲ୍ୟ, ସ୍ନାୟୁଶଲ୍ୟ, ଦନ୍ତ, ଚକ୍ଷୁ ଓ ହୃଦ୍‌ବକ୍ଷଶଲ୍ୟ ବିଭାଗର ଡାକ୍ତରମାନଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଛି। ମେଡିକାଲ ଜରୁରିକାଳୀନ ଅଧିକାରୀ ଡା. ଭୁବନାନନ୍ଦ ମହାରଣାଙ୍କ ସୂଚନା ଅନୁଯାୟୀ, ଆହତମାନଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୩୦ ଜଣ ଚିକିତ୍ସାଧୀନ ଅଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ରୋଗୀଙ୍କ ତଳିପେଟରେ ଆଘାତ ଲାଗିଥିବାରୁ ତାଙ୍କୁ ସର୍ଜରୀ ବିଭାଗରେ ଚିକିତ୍ସା କରାଯାଉଛି। ଅନ୍ୟ ରୋଗୀମାନଙ୍କର ଟ୍ରମା ୱାର୍ଡରେ ଚିକିତ୍ସା ଚାଲିଛି। ରୋଗୀମାନଙ୍କୁ ଦୁଇଭାଗରେ ବିଭକ୍ତ କରାଯାଇଛି। ସେମାନଙ୍କ ମଧ୍ୟରୁ ଗୋଟିଏ ଭାଗକୁ ୨୪ ଘଣ୍ଟା ଓ ଅନ୍ୟ ଭାଗକୁ ୭୨ ଘଣ୍ଟା ଅବଜରଭେଶନରେ ରଖାଯାଇଛି। ଆପାତତଃ ସମସ୍ତ ଆହତ ଏକପ୍ରକାର ବିପଦମୁକ୍ତ ଥିବା ଡା. ମହାରଣା କହିଛନ୍ତି। ଅନ୍ୟପକ୍ଷରେ ଆଇନମନ୍ତ୍ରୀ ପ୍ରତାପ ଜେନା ଓ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ମେଡିକାଲରେ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ।



କଟକରେ ଟ୍ରେନ୍ ଦୁର୍ଘଟଣା: ଲାଇନ୍‌ଚ୍ୟୁତ ହୋଇଥିବା ଇଞ୍ଜିନ୍।



ଜଣେ ଆହତଙ୍କୁ ଉଦ୍ଧାର କରି ନିଆଯାଉଛି।



ଏସ୍‌ସିବି ମେଡିକାଲରେ ମନ୍ତ୍ରୀ ପ୍ରତାପ ଜେନା ଓ ଅନ୍ୟମାନେ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି।



ଜଣେ ଆହତ ଯାତ୍ରୀ।

## ଯାତ୍ରୀଙ୍କ ମୁହଁରୁ...

### ବୋମା ଫୁଟିବା ଭଳି ଶବ୍ଦ ହେଲା

କଟକରେ ଓହ୍ଲାଇବାର ଥିଲା। ଷ୍ଟେଶନ ପାଖେଇ ଆସୁଥିବାରୁ ଲଗେଜ୍‌ଗୁଡିକୁ ଉପରୁ କାଢୁଥିଲି। ଏହି ସମୟରେ ଟ୍ରେନ୍‌ରେ ଜୋର୍‌ରେ ଝଟ୍‌କା ହେବା ସହ ବୋମା ଫୁଟିଲା ଭଳି ଶବ୍ଦ ହେଲା। ମୁଁ ଟ୍ରେନ୍‌ରେ ବାଡେଇ ହୋଇ ତଳେ ପଡିଗଲି। ଏଥିରେ ମୋ ମୁଣ୍ଡ ଓ ମେରୁଦଣ୍ଡରେ ଆଘାତ ଲାଗିଥିଲା। କ'ଣ ହେଲା ଜାଣିବା ପୂର୍ବରୁ ମୁଁ ଯନ୍ତ୍ରଣାରେ ଛଟପଟ ହେଉଥିଲି।

**– ପୁଷ୍ପାଞ୍ଜଳି ଯାଟୁଆଳ, ରାୟଗଡ କଟକ**

### ଟ୍ରେନ୍ ବଗିରେ କାନ୍ଦବୋବାଳି ଶବ୍ଦ

ସକାଳୁ ସକାଳୁ ନିଦରୁ ଉଠି ମୁଁ ପୁଅକୁ ଶୀତବସ୍ତ୍ର ପିନ୍ଧାଉଥିଲି। ପାଖରେ ମୋ ସ୍ତ୍ରୀ ଛିଡା ହୋଇଥିଲେ। ଏହି ସମୟରେ ଦୁର୍ଘଟଣା ଘଟିବାରୁ ଟ୍ରେନ୍‌ରେ ଥିବା ସମସ୍ତ ଯାତ୍ରୀ ତଳେ ପଡିଯାଇଥିଲେ। ଆମେ ବସିଥିବା ବଗିଟି କାନ୍ଦବୋବାଳିରେ ଫାଟି ପଡୁଥିଲା। ମୋ ସ୍ତ୍ରୀଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଈଶ୍ୱରଙ୍କ କୃପାରୁ କାହାର ବେଶି କିଛି କ୍ଷତି ଘଟିନାହିଁ। ଟ୍ରେନ୍‌ର ଗତି ଧୀର ଥିବାରୁ ଆମେ ମୃତ୍ୟୁମୁଖରୁ ବଞ୍ଚିପାରିଲୁ।

**– ସ କୁମାର, ଛତିଶଗଡ ଯାତ୍ରୀ**

### ଶୁଣିଥିଲି, ଅଙ୍ଗେ ନିଭାଇଲି

ଦୁର୍ଘଟଣାରେ ମୋର କିଛି କ୍ଷତି ହୋଇ ନ ଥିବାବେଳେ ବହୁତ ଲୋକ ଆହତ ହୋଇଛନ୍ତି। ମୁଁ ଅନେକ ଲୋକଙ୍କୁ ଡାକ୍ତରଖାନା ଆଣିବାରେ ସାହାଯ୍ୟ କରିଥିଲି। ଆଗରୁ ଟ୍ରେନ୍ ଦୁର୍ଘଟଣା ବିଷୟରେ ଶୁଣିଥିଲି। ଏହା କେତେ ଭୟଙ୍କର ତାହା ଆଜି ଅଙ୍ଗେ ନିଭାଇଲି। ଆହତମାନଙ୍କ ଚିତ୍କାର ଅତ୍ୟନ୍ତ ହୃଦୟ ବିଦାରକ ଥିଲା।

**– ହଟ୍ଟକିଶୋର ଦାସ, ଯାତ୍ରୀ, କଟକ**

# ରାତି ଅଧରେ କବାଟ ବାଡ଼େଇଲେ ବିଧାୟକ, ଡିଏସ୍‌ପି

## ପୋଲିସ ସମ୍ମୁଖରେ ପଞ୍ଜାବୀ ଯୁବକଙ୍କୁ ଆକ୍ରମଣ ଘଟଣା

- ପରବିନ୍ଦର, ପରିବାର ଲୋକଙ୍କ ଭୟ ଓ ଆଶଙ୍କା ବଢ଼ିଲା
- ପୋଲିସର କୋହଳ ଦଫାକୁ ନେଇ ଉଠାଇଲେ ପ୍ରଶ୍ନ
- ଘର ସମ୍ମୁଖରେ ପୋଲିସ ମୁତୟନ

**ଭୁବନେଶ୍ୱର,୧୬ା୧(ବ୍ୟୁରୋ)**

ପୋଲିସ ସମ୍ମୁଖରେ ପଞ୍ଜାବୀ ଯୁବକ ପରବିନ୍ଦର ପାଲ ସିଂଙ୍କୁ ପଗଡ଼ି ଖୋଲି ଆକ୍ରମଣ ଘଟଣାକୁ ନେଇ ଅଡୁଆରେ ଛନ୍ଦି ହୋଇଯାଇଛି କମିଶନରେଟ ପୋଲିସ। ମରଣାନ୍ତକ ଆକ୍ରମଣ କରାଯାଇଥିଲେ ମଧ୍ୟ ପୋଲିସ କ'ଣ ପାଇଁ ୩୦୭ (ହତ୍ୟା ଉଦ୍ୟମ) ଦଫା ଲଗାଇଲା ନାହିଁ ବୋଲି ପ୍ରଶ୍ନ କରିଛନ୍ତି ପରବିନ୍ଦର। ପୋଲିସର କୋହଳ ଦଫା ପାଇଁ ଗିରଫ ୩ ଅଭିଯୁକ୍ତ କୋର୍ଟରୁ ତୁରନ୍ତ ଜାମିନ ପାଇଗଲେ। ଅଭିଯୁକ୍ତମାନେ ଏକ ରାଜନୈତିକ ଦଳର ଓ ପ୍ରଭାବଶାଳୀ ହୋଇଥିବାରୁ ସେମାନେ ପୁଣି ଆକ୍ରମଣ କରିପାରନ୍ତି ବୋଲି ଆଶଙ୍କା କରିଛନ୍ତି ପରବିନ୍ଦର ଓ ତାଙ୍କ ପରିବାର ସଦସ୍ୟ। ଏପଟେ ପରିସ୍ଥିତିକୁ ନେଇ ପରିବିନ୍ଦର ରହୁଥିବା ଲକ୍ଷ୍ମୀସାଗରର ଭଗବାନ ଟାୱାର ଆପାର୍ଟମେଣ୍ଟ ସମ୍ମୁଖରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ହେଲେ ପୋଲିସ ଉପରୁ ଭରସା ତୁଟିଯାଇଛି, ସୁରକ୍ଷା ଦେବାକୁ ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ତାଙ୍କର ବିଶ୍ୱାସ ହେଉନି ବୋଲି କହିଛନ୍ତି ପରବିନ୍ଦର। ଏପରିସ୍ଥଳେ ବୁଧବାର ରାତି ଅଧରେ ଭୁବନେଶ୍ୱର-ମଧ୍ୟ ବିଧାୟକ ଅନନ୍ତନାରାୟଣ ଜେନା ଏବଂ ଖୋର୍ଦ୍ଧା ଡିଏସ୍‌ପି ଅନୁପ କାନୁନ୍‌ଗୋଙ୍କ ଅନ୍ଧାରୀ ବିଜେକୁ ନେଇ ଆଉ ଏକ ଅଡୁଆ ସୃଷ୍ଟି ହୋଇଛି। ସେମାନେ ଅନ୍ୟ ଦୁଇଜଣଙ୍କ ସହ ଉକ୍ତ ଆପାର୍ଟମେଣ୍ଟକୁ ଯାଇ ପରବିନ୍ଦରଙ୍କ ଘର କବାଟ ବାଡେଇଥିଲେ। କେହି କବାଟ ନ ଖୋଲିବାରୁ ସେମାନେ ଫେରି ଆସିଥିଲେ। ଏନେଇ ପରବିନ୍ଦରଙ୍କ ସ୍ତ୍ରୀ କମଲଜିତ କହିଛନ୍ତି, ରାତି ପ୍ରାୟ ଗୋଟାଏ ୧୦ରେ ୪ଜଣ ଲୋକେ ତାଙ୍କ ଘର କବାଟ ବାଡେଇଥିଲେ। ସେତେବେଳେ ସ୍ୱାମୀ ପରବିନ୍ଦର ଘରେ ନ ଥିବାବେଳେ ୩ ଛୋଟ ପିଲାଙ୍କୁ ନେଇ ଚିନ୍ତିତ ଥିଲି। କବାଟ ଲେନ୍ସରେ ୪ଜଣ ଛିଡା ହୋଇଥିବା ଦେଖି ଆହୁରି ଡରିଯାଇ କବାଟ ଖୋଲିବାକୁ ଉଚିତ ମଣି ନ ଥିଲି। କିଛି ସମୟ ପରେ ସେମାନେ ପଳାଇଥିଲେ। ହେଲେ ସେହି ଲୋକମାନେ ସକାଳୁ ଆମ ଘରକୁ ଆସି କଥା ହୋଇଥିଲେ। କୌଣସି ଟେନ୍‌ଶନ ନିଅ ନାହିଁ। ଆମେ ତମ ସାଥୀରେ ଅଛୁ ବୋଲି କହି ଚାଲିଯାଇଥିଲେ। ତେବେ ସେମାନେ ଏତେ ରାତିରେ ଆସି କବାଟ ବାଡ଼େଇବାର ମାନେ କ'ଣ ବୋଲି କମଲଜିତ୍ ପ୍ରଶ୍ନ କରିଛନ୍ତି।

### ଶାନ୍ତ୍ୱନା ଦେବାକୁ ଯାଇଥିଲି - ଅନନ୍ତ ନାରାୟଣ ଜେନା

ରାତି ଅଧରେ ପରବିନ୍ଦରଙ୍କ କବାଟ ବାଡେଇବା ଓ ସକାଳେ ପହଞ୍ଚି ଆଲୋଚନା କରିବା ସଂକ୍ରାନ୍ତରେ ବିଧାୟକ ଅନନ୍ତ ନାରାୟଣ ଜେନା କହିଛନ୍ତି, କାର୍ଯ୍ୟବ୍ୟସ୍ତତା ହେତୁ ଦିନରେ ଯାଇପାରି ନ ଥିଲି। ସ୍ୱାନ୍ତନା ଦେବାକୁ ରାତିରେ ଶିଖ୍ ପ୍ରତିନିଧି ବୋର୍ଡ ସଭାପତି ସତପାଲ ସିଂଙ୍କ ସହ ଯାଇଥିଲି। ଏହାସହ ସକାଳୁ ମଧ୍ୟ ତାଙ୍କ ପରିବାର ଲୋକଙ୍କୁ ଭେଟି ପରବିନ୍ଦରଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲି। ଓଡ଼ିଶା ଛାଡ଼ି ନ ଯିବାକୁ ସେମାନଙ୍କୁ କହିଥିଲି। ଡିଏସ୍‌ପି ଅନୁପ କାନୁନ୍‌ଗୋ ସତ୍‌ପାଲଙ୍କ ବନ୍ଧୁ ହୋଇଥିବାରୁ ତାଙ୍କୁ ସାଙ୍ଗରେ ନେଇ ଯିବାକୁ ସେ ଚାହିଁଥିଲେ। ତେବେ ମାମଲା କୋର୍ଟକୁ ଗଲାଣି। କୋର୍ଟ ଏହାର ବିଚାର କରିବ। ଆଇନ୍ ତା ବାଟରେ ଯିବ ବୋଲି ବିଧାୟକ ଜେନା କହିଛନ୍ତି।

### ବିଧାୟକଙ୍କ ଗିରଫ ଦାବିକଲା କଂଗ୍ରେସ

କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ପୋଲିସ ସମ୍ମୁଖରେ ପରବିନ୍ଦରଙ୍କୁ ଯେଉଁଭଳି ମାଡ଼ ହେଲା ଏବଂ ପୋଲିସ ଅଭିଯୁକ୍ତଙ୍କୁ ମାମୁଲି ଦଫାରେ ଗିରଫ କଲା ତାହା ଲଜ୍ୟାର ବିଷୟ। ଅଣ୍ଡାମାଡ଼ ହେଲେ ୩୦୭ ଦଫା ଲଗାଉଛନ୍ତି, କିନ୍ତୁ ଜଣେ ପଞ୍ଜାବୀଙ୍କୁ ଆକ୍ରମଣ କରାଗଲା ଅଥଚ ପୋଲିସ ୩୦୭ ଲଗାଇଲା ନାହିଁ। ଏଥିରେ ଦର୍ଶାଉଛି ଯେ ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡାଉଛନ୍ତି। ପୁଣି ଜିଲାର ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ରାତି ଅଧରେ ବିଧାୟକ ଅନନ୍ତ ନାରାୟଣ ଜେନା ରାତି ଅଧରେ ଆକ୍ରମଣର ଶିକାର ପରବିନ୍ଦରଙ୍କ ଘରକୁ କାହିଁକି ଯାଇଥିଲେ। ତାଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ସାଲୁଜା ଦାବି କରିଛନ୍ତି।

### ସ୍ଥାନୀୟ ଗୁଣ୍ଡାଙ୍କୁ ପୋଲିସ ସାହସ ଦେଉଛି - ଭାଜପା

ଭାଜପା ନେତା ଜଗନ୍ନାଥ ପ୍ରଧାନ ଘଟଣାକୁ ନିନ୍ଦା କରି କହିଛନ୍ତି, ପୋଲିସ ଅଭିଯୁକ୍ତଙ୍କ ମୁହଁ ଘୋଡାଇ ରଖିଥିବାରୁ କାହାକୁ ଗିରଫ କରିଛନ୍ତି ତାହା ଜଣାପଡିଲାନାହିଁ। ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡାଇ କୋହଳ ଦଫା ଲଗାଇ କୋର୍ଟ ଚାଲାଣ କରିବାରୁ ସେମାନେ ଜାମିନରେ ଆସିଛନ୍ତି। ଖାରପଡାର ସ୍ଥାନୀୟ ଗୁଣ୍ଡାଙ୍କ ବିରୋଧରେ ପୋଲିସର ଏଭଳି ଆଭିମୁଖ୍ୟ ଅନ୍ୟ ଅପରାଧ ଘଟାଇବାକୁ ସାହସ ଦେଉଛି ବୋଲି ପ୍ରଧାନ ଅଭିଯୋଗ କରିଛନ୍ତି।

### କମିଶନରେଟ ପୋଲିସକୁ ବିବାଦକୁ ଟାଣିଲେ ଅନୁପ

ଏଭଳି ଏକ ସମ୍ବେଦନଶୀଳ ମାମଲାରେ କୋହଳ ଦଫାକୁ ନେଇ ଚର୍ଚ୍ଚାକୁ ଆସିଥିବା କମିଶନରେଟ ପୋଲିସକୁ ଆଉଏକ କଳାଦାଗ ଲାଗିଛି। ବୁଧବାର ରାତି ଅଧରେ ବିଧାୟକଙ୍କ ସହ ଖୋର୍ଦ୍ଧା ଡିଏସ୍‌ପି ଅନୁପ କାନୁନ୍‌ଗୋ ପରବିନ୍ଦରଙ୍କ ଘରକୁ ଯାଇ କବାଟ ବାଡ଼େଇବା ଘଟଣା କମିଶନରେଟ ପୋଲିସ ପାଇଁ ନୂଆ ବିବାଦ ସୃଷ୍ଟି କରିଛି। ଅନୁପ ଏବେ କମିଶନରେଟ ପୋଲିସରେ ନ ଥିବାବେଳେ କେଉଁ ଉଦ୍ଦେଶ୍ୟ ନେଇ ପୁଣି ରାତିରେ ସାଦା ପୋଷାକରେ ଯାଇଥିଲେ ତାହାକୁ ନେଇ ନାନା ଆଲୋଚନା ଚାଲିଛି। ବିଧାୟକ ଓ ଅଭିଯୁକ୍ତଙ୍କ ସହ ତାଙ୍କର ସମ୍ପର୍କ କ'ଣ ତାହା ମଧ୍ୟ ବାରିହୋଇପଡୁଛି। ତେବେ ଏ ସମ୍ପର୍କରେ ଅନୁପ କାନୁନ୍‌ଗୋଙ୍କ ମତାମତ ମିଳିପାରି ନ ଥିବାବେଳେ କମିଶନରେଟ ପୋଲିସ ପକ୍ଷରୁ କୌଣସି ଅଧିକାରୀ କିଛି ବି କହିବାକୁ ମନା କରିଛନ୍ତି।

---

*(ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ...)*

**ପ୍ରାମାଣ୍ୟ :** $AB^2 : BC^2 = AD : DC$

**ପ୍ରମାଣ :** $\Delta ABD \sim \Delta ACB$

$\Rightarrow \frac{AB}{AC}=\frac{AD}{AB} \Rightarrow AB^2 = AD . AC$

ସେହିପରି $\Delta CBD \sim \Delta CAB$

$\Rightarrow \frac{BC}{AC}=\frac{CD}{BC} \Rightarrow BC^2 = CD . AC$

$\therefore \frac{AB^2}{BC^2}=\frac{AD.AC}{CD.AC}=\frac{AD}{CD}$

$\Rightarrow AB^2 : BC^2 = AD . CD$

**କିମ୍ବା, ଦତ୍ତ:** O, $\Delta ABC$ ର ପରିବୃତ୍ତର କେନ୍ଦ୍ର ।



**ପ୍ରାମାଣ୍ୟ:** $m\angle BAC + m\angle OBC = 90^0$

**ଅଙ୍କନ:** $\overline{OD} \perp \overline{BC}$ ଅଙ୍କନ କର ।

$\overline{OB}$ ଓ $\overline{OC}$ ଅଙ୍କନ କର ।

**ପ୍ରମାଣ:** $\overline{OD}$, $\overline{BC}$ ର ସମଦ୍ୱିଖଣ୍ଡକ ଲମ୍ବ ।

$\Delta OBD$ ଓ $\Delta ODC$ ଦ୍ୱୟରେ,

$\overline{OD}$ ସାଧାରଣ, OB = OC (ପରିବୃତ୍ତର ବ୍ୟାସାର୍ଦ୍ଧ)

$m\angle ODB = m\angle ODC = 90^0$

$\Rightarrow \Delta OBD \cong \Delta ODC \Rightarrow m\angle OBC = m\angle OCB$

ବର୍ତ୍ତମାନ $\Delta OBC$ ରେ,

$m\angle BOC + m\angle OBC + m\angle OCB = 180^0$

$\Rightarrow 2m\angle BAC + 2m\angle OBC = 180^0$

$(\because 2m\angle BAC = m\angle BOC)$

$\Rightarrow m\angle BAC + m\angle OBC = 90^0$ **(ପ୍ରମାଣିତ)**

**(ii)** ମନେକର ପାହାଡ଼ର ଉଚ୍ଚତା AB = x ମି., $\overline{CD}$ ସ୍ତମ୍ଭର ଉଚ୍ଚତା 100 ମି. $m\angle BCA = 60^0$ ଓ $m\angle BDQ = 30^0$

BQ = AB – AQ= AB – DC = (x– 100) ମି.



$\Delta BQD$ ରେ $\tan 30^0 = \frac{BQ}{QD} \Rightarrow \frac{1}{\sqrt{3}} = \frac{x-100}{QD}$

$\Rightarrow QD = \sqrt{3}(x-100) = AC$

$\Delta BAC$ ରେ $\tan 60^0 = \frac{AB}{AC}$

$\Rightarrow \sqrt{3} = \frac{x}{\sqrt{3}(x-100)}$

$\Rightarrow 3(x-100) = x \Rightarrow 3x - 300 = x$

$\Rightarrow 2x = 300 \Rightarrow x = 150$

$\therefore$ ପାହାଡ଼ର ଉଚ୍ଚତା 150 ମିଟର ।

**କିମ୍ବା,** $\sin\theta + \cos\theta = \sqrt{2}$

$\Rightarrow \frac{1}{\sqrt{2}}(\sin\theta + \cos\theta) = \sqrt{2} \times \frac{1}{\sqrt{2}}$

$\Rightarrow \sin\theta . \frac{1}{\sqrt{2}} + \cos\theta . \frac{1}{\sqrt{2}} = 1$

$\Rightarrow \sin\theta . \cos 45° + \cos\theta . \sin 45° = 1$

$\Rightarrow \sin(\theta + 45°) = \sin 90°$

$\Rightarrow \theta + 45° = 90°$

$\Rightarrow \theta = 90° - 45° = 45°$

**15.(i)** ମନେକର ବୃତ୍ତର ବ୍ୟାସାର୍ଦ୍ଧ = r ସେ.ମି.

ଓ OACB ବୃତ୍ତକଳାର ଚାପର ଦୈର୍ଘ୍ୟ = L ସେ.ମି.



ବୃତ୍ତକଳାର ଚାପର ଡିଗ୍ରୀ ପରିମାପ ($\theta$) $= m\angle AOB = 40^0$

$\therefore$ ବୃତ୍ତକଳାର ପରିସୀମା = (L+2r) ସେ.ମି.

ପ୍ରଶ୍ନାନୁସାରେ, L+2r = 26.98

କିନ୍ତୁ $L = \frac{\theta}{180} \times \pi r = \frac{40}{180} \times 3.14 \times r = \frac{2}{9} \times 3.14r$

$\therefore \frac{2}{9} \times 3.14r + 2r = 26.98$

$\Rightarrow r\left(\frac{6.28 \times 18}{9}\right) = 26.98$

$\Rightarrow r = 26.98 \times \frac{9}{24.28} = \frac{24282}{2428} = 10$ ସେ.ମି.

$\therefore$ ବୃତ୍ତର ବ୍ୟାସାର୍ଦ୍ଧ 10 ସେ.ମି. ।

**କିମ୍ବା,** ମନେକର ଅନ୍ତଃବୃତ୍ତର ବ୍ୟାସାର୍ଦ୍ଧ = r ମି.

ଅନ୍ତଃବୃତ୍ତର କ୍ଷେତ୍ରଫଳ = $\pi r^2$ ବର୍ଗ ମି.

ପ୍ରଶ୍ନାନୁସାରେ, $\pi r^2 = 154$

$\Rightarrow \frac{22}{7} \times r^2 = 154 \Rightarrow r^2 = 154 \times \frac{7}{22} = 49$

$\Rightarrow$ r = 7 ମି. = OD



ସମବାହୁ ତ୍ରିଭୁଜର ଅନ୍ତଃକେନ୍ଦ୍ର, ଭରକେନ୍ଦ୍ର ଓ ଲମ୍ବବିନ୍ଦୁ O ଏକ ଓ ଅଭିନ୍ନ ଅଟେ ।

$\because$ O ଭରକେନ୍ଦ୍ର ।

AD = 3OD = 3 x 7 = 21 ମି.

ଉଚ୍ଚତା = AD = 21 ମି.

ବାହୁର ଦୈର୍ଘ୍ୟ(AB)

$= AD \times \frac{2}{\sqrt{3}} = 21 \times \frac{2}{\sqrt{3}} = 14\sqrt{3}$ ମି.

$\therefore$ ତ୍ରିଭୁଜର ପରିସୀମା $= 14\sqrt{3} \times 3 = 42\sqrt{3}$ ମି

**(ii)** ମନେକର ପ୍ରିଜିମ୍‌ର ସମକୋଣୀ ତ୍ରିଭୁଜାକାର ଭୂମିର ସମକୋଣ ସଂଲଗ୍ନ ବାହୁଦ୍ୱୟ ଯଥାକ୍ରମେ 5x ସେ.ମି. ଓ 12x ସେ.ମି. ।

$\therefore$ କର୍ଣ୍ଣର ଦୈର୍ଘ୍ୟ $= \sqrt{(5x)^2 + (12x)^2}$

$= \sqrt{25x^2 + 144x^2} = \sqrt{169x^2} = 13x$ ସେ.ମି.

$\therefore$ ଭୂମିର କ୍ଷେତ୍ରଫଳ $= \frac{1}{2}.5x.12x = 30x^2$ ବ.ସେ.ମି.

ମନେକର ପ୍ରିଜିମ୍‌ର ଉଚ୍ଚତା = h ସେ.ମି.

$\therefore$ ଆୟତନ = ଭୂମିର କ୍ଷେତ୍ରଫଳ x ଉଚ୍ଚତା

$= 30x^2h$ ଘ. ସେ.ମି. $\Rightarrow 30x^2h = 1800$ ...(i)

ଭୂମିର ପରିସୀମା = 5x + 12x + 13x = 30x ସେ.ମି.

ପୁନଶ୍ଚ, ଏହାର ପାର୍ଶ୍ୱ ପୃଷ୍ଠତଳର କ୍ଷେତ୍ରଫଳ

= ଭୂମିର ପରିସୀମା x ଉଚ୍ଚତା = 30xh ବ.ସେ.ମି.

ପ୍ରଶ୍ନାନୁସାରେ, 30xh = 900... (ii)

(i) କୁ (ii) ଦ୍ୱାରା ଭାଗକଲେ

$\frac{30x^2h}{30xh} = \frac{1800}{900} \Rightarrow x = 2$

$\therefore$ ଗୋଟିଏ ବାହୁର ଦୈର୍ଘ୍ୟ = 5x = 5 x 2 = 10 ସେ.ମି.

ଅନ୍ୟ ବାହୁଟିର ଦୈର୍ଘ୍ୟ = 12x = 12 x 2 = 24 ସେ.ମି.

**କିମ୍ବା,** ମନେକର ଅର୍ଦ୍ଧ ଗୋଲକର ବ୍ୟାସାର୍ଦ୍ଧ r ସେ.ମି.;

ଗୋଲକର ଘନଫଳ $= \frac{4}{3}\pi r^3$ ଘନ ସେ.ମି.ଏବଂ

ଅର୍ଦ୍ଧ ଗୋଲକର ଘନଫଳ $= \frac{2}{3}\pi r^3$ ଘନ ସେ.ମି.

ଗୋଟିଏ ଗୋଲକର ଘନଫଳ ଅନ୍ୟ ଏକ ଅର୍ଦ୍ଧ ଗୋଲକର ଘନଫଳ ସହ ସମାନ ।

ଅର୍ଦ୍ଧ ଗୋଲକର ଘନଫଳ $= \frac{2}{3}\pi r^3 = 19404$

$\Rightarrow \frac{2}{3} \times \frac{22}{7} \times r^3 = 19404$

$\Rightarrow r^3 = \frac{19404 \times 3 \times 7}{2 \times 22} = 9261$

$\Rightarrow r = \sqrt[3]{9261} = 21$ ସେ.ମି.

$\therefore$ ଅର୍ଦ୍ଧ ଗୋଲକର ବ୍ୟାସାର୍ଦ୍ଧ 21 ସେ.ମି. ।



"ମୁଁ ମୋ ଆଗାମୀ ଫିଲ୍ମରେ ସାହସ ଜୁଟାଇ ଅନେକ ବଡ଼ କାମ କରିଛି। ଏମିତିକି ପ୍ରଶିକ୍ଷଣ ନ ନେଇ ହେଲିକପ୍ଟର ମଧ ଚଳାଇଛି।
-ଜାହ୍ନବୀ କପୁର,
ବଲିଉଡ୍ ଅଭିନେତ୍ରୀ



# ପାକିସ୍ତାନୀ ନରରାକ୍ଷସ



## ଶ୍ମଶାନରୁ କାଢ଼ି ଖାଇଲେଣି ୧୫୦ ମୃତଦେହ

**ଇସ୍‌ଲାମାବାଦ:** କାହାଣୀରେ ଶୁଣିଥିବେ ନରରାକ୍ଷସ କଥା। ଯେ କି ଜିଅନ୍ତା ମଣିଷ ମାରି ଖାଇଥାନ୍ତି। ମାତ୍ର ଆଜି ମଧ ଦୁନିଆରେ ଏଭଳି ନରରାକ୍ଷସ ଅଛନ୍ତି ଶୁଣିଲେ ଆଶ୍ଚର୍ଯ୍ୟ ଲାଗେ। ଏପରି ଦେଖିବାକୁ ମିଳିଛି ପାକିସ୍ତାନରେ। ଏଠାରେ ଦୁଇଭାଇ ଶ୍ମଶାନରୁ ମୃତଦେହ କାଢ଼ି ଖାଇଥାନ୍ତି। ଏବେସୁଦ୍ଧା ଦୁଇଭାଇ ମିଶି ୧୫୦ରୁ ଊର୍ଦ୍ଧ୍ୱ ମୃତଦେହ ଖାଇସାରିଲେଣି। ଦୁଇଭାଇ ହେଲେ ମହମ୍ମଦ ଫରମାନ୍ ଅଲ୍ଲୀ ଏବଂ ମହମ୍ମଦ ଆରିଫ୍ ଅଲ୍ଲୀ। ପାକିସ୍ତାନର ଭକର ଜିଲାର କଲନ ଗାଁରେ ରହୁଥିବା ଏହି ଦୁଇଭାଇ ବିବାହିତ ହୋଇଥିବା ବେଳେ ସ୍ତ୍ରୀମାନେ ଛାଡ଼ି ଚାଲିଯାଇଛନ୍ତି। ପ୍ରଥମେ ୨୦୧୧ରେ ନିକଟସ୍ଥ ଶ୍ମଶାନରୁ ଜଣେ ମହିଳାଙ୍କ ମୃତଦେହ ଗାଏବ ହୋଇଯାଇଥିଲା। ଏହା ପରେ ତାଙ୍କ ପରିବାର ଲୋକେ ପୋଲିସରେ ଅଭିଯୋଗ କରିଥିଲେ। ପୋଲିସ ଛାନ୍‌ଭିନ୍ କରିବାରୁ ଫରମାନ୍ ଏବଂ ଆରିଫ୍ ଏପରି କରିଥିବା ଜାଣିବାକୁ ପାଇଥିଲେ। ଫଳରେ ପୋଲିସ ଦୁଇଜଣଙ୍କୁ ଗିରଫ କରିଥିଲା। ୨୦୧୩ରେ ସେମାନେ ଜେଲ୍‌ରୁ ମୁକ୍ତ ହୋଇଥିଲେ। ଗାଁରେ ପହଞ୍ଚିବା ପରେ ସେମାନଙ୍କୁ ଗ୍ରାମବାସୀ ବିରୋଧ କରିଥିଲେ। ଇତିମଧ୍ୟରେ ଦୁଇଭାଇ ଶ୍ମଶାନରୁ ମୃତଦେହ କାଢ଼ି ଖାଇବା ଏକ ନିଶାରେ ପରିଣତ ହୋଇସାରିଲାଣି। ୨୦୧୪ ଏପ୍ରିଲ୍‌ରେ ତାଙ୍କଘରୁ ଗନ୍ଧ ଆସୁଥିବାରୁ ସ୍ଥାନୀୟ ଲୋକେ ପୁଣି ପୋଲିସରେ ଅଭିଯୋଗ କରିଥିଲେ। ପୋଲିସ ସେମାନଙ୍କ ଘରକୁ ଆସି ଯାଞ୍ଚ କରିବାରୁ ଯାହା ଦେଖିଲା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। କାରଣ ତାଙ୍କ ଘରେ ମୃତଦେହକୁ ନେଇ ସେମାନେ ରୋଷେଇ କରି ଖାଇଥାନ୍ତି। ପୋଲିସ ଜେରା କରିବାକୁ ଦୁଇଭାଇ ସତକଥା ସ୍ୱୀକାର କରି ୧୫୦ରୁ ଊର୍ଦ୍ଧ୍ୱ ମୃତଦେହ କାଢ଼ି ଖାଇଥିବା କହିଥିଲେ। ଏହା ପରେ ପୋଲିସ ଦୁଇଭାଇଙ୍କୁ ଗିରଫ କରିଥିଲା। ସେବେଠାରୁ ଦୁଇଭାଇ ଜେଲ୍‌ରେ ସଜା କାଟୁଛନ୍ତି।

# ବାଉଁଶ କାର୍

## ଓଜନ କମ୍, ମାଇଲେଜ ବେଶି



**ଥିରୁଭାନନ୍ତପୁରମ୍:** ଥିରୁଭାନନ୍ତପୁରମ୍‌ର ବାରଟନ୍ ହିଲ୍‌ସ୍ଥ ସରକାରୀ ଇଞ୍ଜିନିୟରିଂ କଲେଜର ଛାତ୍ରମାନେ ତିଆରି କରିଛନ୍ତି ଶସ୍ତା ଓ କମ୍ ଓଜନର ବାଉଁଶ କାର। ମେକାନିକାଲ ଇଞ୍ଜିନିୟରିଂ ଛାତ୍ରଙ୍କ ୯ ଜଣିଆ ଟିମ୍ ଏହାକୁ ନିର୍ମାଣ କରିଛନ୍ତି। ଟିମ୍‌ର ନାମ ରଖିଛନ୍ତି ମେଥଡ୍ସ। ତିନି ମାସ ମଧ୍ୟରେ ତିଆରି କରାଯାଇଥିବା ଏହି କାର୍‌ର ଓଜନ ୬୦ କେଜି। ପରିବେଶକୁ ବି ଭଲ। ଏଭଳି ହାଲ୍‌କା କାର୍ ନିର୍ମାଣ କରିବା ଏକ ଚ୍ୟାଲେଞ୍ଜ ଥିଲା ବୋଲି କହିଛନ୍ତି ଟିମ୍‌ର ମୁଖ୍ୟ ତଥା ଶେଷ ବର୍ଷର ମେକାନିକାଲ ଇଞ୍ଜିନିୟରିଂ ଛାତ୍ର ୨୧ ବର୍ଷୀୟ ଅଭିନବ ପି.ଶେଖର। ଏହି କାର୍ଯ୍ୟରେ କଲେଜର ବାଉଁଶ ଗବେଷଣା କେନ୍ଦ୍ର ସହଯୋଗ କରିଛି। ଦିନ ରାତି ୱାର୍କଶପ୍‌ରେ କାର୍ଯ୍ୟକରି କାର୍‌କୁ ଚୂଡାନ୍ତ ରୂପ ଦେବା ପୂର୍ବରୁ ୧୦ରୁ ୧୫ଟି ସାମ୍ପଲ ମଧ ତିଆରି କରାଯାଇଥିଲା। ଇଞ୍ଜିନ ପାଖକୁ ଲାଗି ରହିଥିବା କାର୍‌ର ଭିତର ପାଖରେ ଥର୍ମାଲ ରେଜିଷ୍ଟାଣ୍ଟ କୋଟିଂ ରହିଛି। କାର୍ ବାହାର ପାଖରେ ଆସୋଫାଥାଲିକ୍ ରେସିନ୍‌ରେ ଆଚ୍ଛାଦିତ କରାଯାଇଛି। ଏହା ପୂର୍ବରୁ ନିର୍ମାଣ କରାଯାଇଥିବା ବାଉଁଶ କାର୍‌ଠାରୁ ଏହା ମଜଭୁତ ଓ ଅଗ୍ନି ନିରୋଧୀ। ଖୁବ୍ କମ୍ ସମୟ ମଧ୍ୟରେ ଏହାକୁ ନିର୍ମାଣ କରାଯାଇଥିବାରୁ ମାତ୍ର ୬ରୁ ୭ ଦିନ ପରୀକ୍ଷା କରିବାକୁ ସମୟ ମିଳିଥିଲା। ଯାନ୍ତ୍ରିକ ଆବିଷ୍କାର କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବାରୁ ମେଥଡ୍ସ ଟିମ୍ ଜୁଗାଡ ପୁରସ୍କାର ଲାଭ କରିବା ସହ ଶେଲ୍ ଇକୋ-ମାରାଥନ୍ ଇଣ୍ଡିଆ, ୨୦୧୮ରେ ପ୍ରୋଟୋଟାଇପ୍ ଆଇସି ଇଞ୍ଜିନ କାଟେଗୋରିରେ ଦ୍ୱିତୀୟ ରନର୍ସଅପ୍ ହୋଇପାରିଛି। ୨୦୧୮ରେ ନିର୍ମାଣ କରାଯାଇଥିବା ଏଭଳି କାର୍ ୧ ଲିଟରରେ ଯାଇଥିଲା ୭୭ କି.ମି.। ଏବେ ୧ ଲିଟରରେ ଏହା କିଭଳି ୧୫୦ରୁ ୨୦୦ କି.ମି.ଯାଇପାରିବ ସେଥି ଲାଗି ପ୍ରୟାସ କରାଯାଇଛି। ଏହି ବାଉଁଶ କାରରୁ ଟିମ୍‌ର ଯାତ୍ରା ଆରମ୍ଭ ହୋଇଛି ଓ ଏହା ଅନେକ ପ୍ରୋଜେକ୍ଟ ଲାଗି ବାଟ ଖୋଲିଦେଇଛି ବୋଲି କହିଛନ୍ତି ଅଭିନବ ।






## ସୋନମଙ୍କୁ ଉବର ଡ୍ରାଇଭରଙ୍କ ଦୁର୍ବ୍ୟବହାର

**ମୁମ୍ବାଇ:** ଓଲା, ଉବର ଭଳି କ୍ୟାବ୍ ସେବା କେତେ ସୁରକ୍ଷିତ ସେ ନେଇ ସବୁବେଳେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନେକ ସମୟରେ ମହିଳା ଯାତ୍ରୀମାନେ ଏନେଇ ଅଭିଯୋଗ କରିଥିବା ମଧ ନଜିର ରହିଛି। ବିଳମ୍ବିତ ରାତ୍ର ହେଉ ବା ଶୁନ୍‌ଶାନ ରାସ୍ତା, ଘରୋଇ ସଂସ୍ଥା ଦ୍ୱାରା ପରିଚାଳିତ କ୍ୟାବ୍‌ରେ ଯାତ୍ରୀଙ୍କ ସୁରକ୍ଷାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଥାଏ। ଏଭଳି କ୍ଷେତ୍ରରେ ବି-ଟାଉନ୍ ଅଭିନେତ୍ରୀ ସୋନମ କପୁର ଆହୁଜାଙ୍କ ଉବର କ୍ୟାବ୍‌ରେ ଯାତ୍ରା କରିବା ଅନୁଭୂତି ଏବେ ପୁଣି କ୍ୟାବ୍ ବ୍ୟବହାରକାରୀଙ୍କ ସୁରକ୍ଷା ଚିନ୍ତା ବଢ଼ାଇଦେଇଛି। ସୋନମ ସୋସିଆଲ ମିଡିଆରେ ବେଶ୍ ଆକ୍ଟିଭ୍ ରହିଥାନ୍ତି। ସମୟ ସମୟରେ ସେ ଫଟୋ, ଭିଡିଓ ଶେୟାର କରି ଫ୍ୟାନ୍‌ମାନଙ୍କୁ ନିଜ ଅପ୍‌ଡେଟ୍ ଦେଇଥାନ୍ତି। ବିଜ୍‌ନେସ୍‌ମ୍ୟାନ୍ ଆନନ୍ଦ ଆହୁଜାଙ୍କୁ ବିବାହ କରିବା ପରେ ସୋନମ ଅନେକ ସମୟ ଲଣ୍ଡନରେ ବିତାଉଛନ୍ତି। ତେବେ ନିକଟରେ ଲଣ୍ଡନରେ କ୍ୟାବ୍‌ରେ ଯାତ୍ରା କରୁଥିବା ସମୟରେ ତାଙ୍କ ସହ ହୋଇଥିବା ଏକ ଭୟଙ୍କର ଘଟଣା ସେ ସୋସିଆଲ ମିଡିଆରେ ଶେୟାର କରିଛନ୍ତି।

ସୋନମ ନିଜ ଅଫିସିଆଲ ଟୁଇଟର ହ୍ୟାଣ୍ଡେଲରେ ଏ ବାବଦରେ ଜଣାଇ ଲେଖିଛନ୍ତି ଯେ, ଲଣ୍ଡନରେ ଜଣେ ଉବର କ୍ୟାବ୍ ଡ୍ରାଇଭର ତାଙ୍କ ସହ ଦୁର୍ବ୍ୟବହାର କରିଥିଲେ। ଲଣ୍ଡନ ଉବରରେ ଯିବାର ଅନୁଭୂତି ଅତ୍ୟନ୍ତ ଭୟଙ୍କର ଥିଲା। ଏନେଇ ସେ ସମସ୍ତଙ୍କୁ ସତର୍କ ରହିବାକୁ ପରାମର୍ଶ ମଧ ଦେଇଛନ୍ତି। ଏହାସହ ପବ୍ଲିକ୍ ଟ୍ରାନ୍ସପୋର୍ଟ କିମ୍ବା କ୍ୟାବ୍ ବ୍ୟବହାର କରିବା ସବୁଠାରୁ ସୁରକ୍ଷିତ ବୋଲି ସୋନମ କହିଛନ୍ତି। ଏହି ଘଟଣାଟି ତାଙ୍କୁ ସମ୍ପୂର୍ଣ୍ଣ ରୂପେ ବ୍ୟତିବ୍ୟସ୍ତ କରିଦେଇଥିବା ସେ ଟୁଇଟରରେ ଜଣାଇଛନ୍ତି।

ସୋନମଙ୍କ ଉବର କ୍ୟାବ୍‌କୁ ନେଇ ଟୁଇଟରରେ ଏଭଳି ଅଭିଯୋଗ କରିବା ପରେ ଉବର ମଧ ପ୍ରତିକ୍ରିୟା ଦେଇଛି। ସୋନମଙ୍କ ସହ ଏଭଳି ଘଟଣା ଘଟିଥିବାରୁ ଉବର ଏନେଇ ତାଙ୍କୁ କ୍ଷମା ମାଗିଛି। ଏହାସହ ଘଟଣାର ଅଧିକ ତଦନ୍ତ ପାଇଁ ସୋନମଙ୍କ ଇମେଲ୍ ଆଇଡି ଏବଂ ମୋବାଇଲ ନଂ ମେସେଜ କରିବାକୁ ଟୁଇଟ୍ ଯୋଗେ ଜଣାଇଛି। ଅନ୍ୟପକ୍ଷରେ ସୋନମ କପୁର ଆହୁଜା ଫିଲ୍ମ 'ଭିରେ ଦି ୱେଡିଂ-୨'ରେ ନଜରକୁ ଆସିବେ ବୋଲି ଚର୍ଚ୍ଚାହେଉଛି।

## ଲମ୍ବା କେଶ ଲାଗି ଗିନିଜ୍ ବୁକ୍‌ରେ ନୀଳାଂଶୀ

**ସୁରଟ:** ସୁରଟର ଜଣେ ୧୭ ବର୍ଷ ବୟସ୍କା ବାଳିକା ନିଜର କେଶ ପାଇଁ ଏବେ ବେଶ୍ ଚର୍ଚ୍ଚାରେ ରହିଛନ୍ତି। ସ୍ଥାନୀୟ ଅରଭ୍ଲୀ ଜିଲାର ମୋଡ଼ାସ୍‌ରେ ରହୁଥିବା ନୀଳାଂଶୀ ପଟେଲଙ୍କର କେଶର ଲମ୍ବ ୧୯୦ ସେମି। ପୃଥିବୀର ଲମ୍ବା କେଶ ରଖିଥିବା ବାଳିକା ଭାବେ ତାଙ୍କର ନାମ ଗିଜିନ୍ ବୁକ୍‌ରେ ସ୍ଥାନ ପାଇଛି। ଲୋକେ ତାଙ୍କୁ ରିୟଲ ଲାଇଫ୍ ରାମ୍ପୁଜେଲ୍ ବୋଲି କହିଥାନ୍ତି। ୨୦୧୮ ନଭେମ୍ବର ୨୧ ଏବଂ ୨୦୧୯ ସେପ୍ଟେମ୍ବର ୨୨ରେ ତାଙ୍କ ନାମ ଗିଜିନ୍ ବୁକ୍‌ରେ ପଞ୍ଜିକୃତ କରାଯାଇଛି। ୨୦୧୮ ନଭେମ୍ବର ୨୧ରେ ତାଙ୍କ କେଶର ଲମ୍ବ ୧୭୦.୫ ସେମି ଥିଲା। ଏବେ ଏହା ପୁଣି ୧୯.୫ ସେମି ବଢ଼ିଛି। ଟିନ୍‌ଏଜର ବର୍ଗରେ ନୀଳାଂଶୀଙ୍କ ନାମରେ ଏହି ରେକର୍ଡ ସ୍ଥାପିତ କରାଯାଇଛି। ଦ୍ୱାଦଶ ଶ୍ରେଣୀରେ ପାଠପଢୁଥିବା ନୀଳାଂଶୀ କୁହନ୍ତି, ସେ ତାଙ୍କ ମା' ଘରେ ପ୍ରସ୍ତୁତ କରୁଥିବା ସ୍ୱତନ୍ତ୍ର କେଶ ତୈଳ ବ୍ୟବହାର କରିବା ଦ୍ୱାରା ଏହି ରେକର୍ଡ ହାସଲ କରିପାରିଛନ୍ତି।



## ରାସ୍ତାକଡ଼ରେ ଗାଡ଼ି ରଖି ଗପିଲେ ଫାଇନ୍

**ଚଣ୍ଡିଗଡ଼:** ସଡ଼କ ସୁରକ୍ଷା ଓ ଜୀବନ ରକ୍ଷା ଲାଗି ସରକାର କେତେକ ଦୃଢ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ମୋଟର ଯାନ ଆଇନକୁ କଡ଼ାକଡ଼ି ପାଳନ କରିବା ଲାଗି ପରାମର୍ଶ ଦିଆଯାଉଛି। ଆଇନ ଭଙ୍ଗକଲେ ଜରିମାନା ଗଣିବା ସହ ହୀନସ୍ତା ହେବାକୁ ପଡୁଛି। ରାସ୍ତାରେ ଗାଡ଼ି ଚଳାଇବା ସମୟରେ ମୋବାଇଲ୍‌ରେ ଗପିଲେ ଚାଲାଣ କଟିବାର ବ୍ୟବସ୍ଥା ରହିଛି। ତେବେ ରାସ୍ତାକଡ଼ରେ ଗାଡ଼ି ରଖି ମୋବାଇଲ୍‌ରେ କଥାହେଲେ ଏବେ ଜରିମାନା ଦେବାକୁ ପଡ଼ିବ। ନୂତନ ମୋଟର ଯାନ ଆଇନ ଅନ୍ତର୍ଗତ ଆସନ୍ତା ଫେବୃୟାରୀଠାରୁ ଚଣ୍ଡିଗଡ଼ରେ ଏଭଳି ଆଇନ ଲାଗୁ ହେବାକୁ ଯାଉଛି। ପ୍ରଥମ ଥର ଏଭଳି କରିଥିବା ଗାଡ଼ି ଚାଳକଙ୍କଠାରୁ ୫୦୦ ଟଙ୍କା ଜରିମାନା ଆଦାୟ କରାଯିବ। ଏହାପରେ ଦ୍ୱିତୀୟ ଥର ଏଭଳି କରିଥିବା ଗାଡ଼ି ଚାଳକଙ୍କଠାରୁ ଏକ ହଜାର ଟଙ୍କାର ଜରିମାନା ଆଦାୟ କରାଯିବ। ନୂତନ ମୋଟର ଯାନ ଆଇନ ଅନ୍ତର୍ଗତ ରାସ୍ତା କଡ଼ରେ ଗାଡ଼ି ରଖି ମୋବାଇଲ୍‌ରେ ଗପିଲେ ମଧ ଯଦି ଏହାଦ୍ୱାରା ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଥାଏ, ତେବେ ଚାଳକଙ୍କଠାରୁ ଜରିମାନା ଆଦାୟ କରାଯାଇ ପାରିବ।



## ଓଢ଼ଣି ତଳେ ଆଉ ରହିବେନି ରାଜସ୍ଥାନ ମହିଳା



ଓଢ଼ଣି ମୁକ୍ତ ଅଭିଯାନ

**ଜୟପୁର(ରାଜସ୍ଥାନ):** ମହିଳାମାନେ ଆଉ ଓଢ଼ଣି/ପର୍ଦ୍ଦା ତଳେ ରହିବେନି। ରାଜ୍ୟରେ ଲିଙ୍ଗଗତ ବୈଷମ୍ୟକୁ ଦୂର କରି ମହିଳାଙ୍କୁ ସଶକ୍ତ କରିବା ପାଇଁ ରାଜସ୍ଥାନରେ 'ଓଢ଼ଣି ମୁକ୍ତ' ଅଭିଯାନ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍‌ଙ୍କ ଆହ୍ୱାନକ୍ରମେ ଜିଲାପାଳଙ୍କ ଦ୍ୱାରା ବିଭିନ୍ନ ଜିଲାରେ ଜିଲାପାଳଙ୍କ ମାଧ୍ୟମରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପୁରୁଣା ପର୍ଦ୍ଦା ପ୍ରଥାକୁ ଲୋପ କରି ମହିଳାମାନେ ପୁରୁଷଙ୍କ ଭଳି ଯେପରି ଶିକ୍ଷିତ ଏବଂ ଆତ୍ମନିର୍ଭରଶୀଳ ହୋଇ ନିଜର ଅଧିକାର ସାବ୍ୟସ୍ତ କରିପାରିବେ ସେଥିପାଇଁ ସଚେତନ କରାଯାଉଛି। ପୂର୍ବରୁ ବିକାନେର୍ ଜିଲାରେ ଏହି ଅଭିଯାନ ଆରମ୍ଭ ହୋଇଥିବାବେଳେ ନିକଟରେ ଜୟପୁରରେ ମଧ ଏହାର ଶୁଭାରମ୍ଭ ହୋଇଛି। ଏହି ଅଭିଯାନ ମାଧ୍ୟମରେ ରାଜସ୍ଥାନରେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନରେ ମଧ ମହିଳାମାନେ ବିନା ଓଢ଼ଣିରେ ଆସି ଭୋଟ ଦେବାକୁ ଉତ୍ସାହିତ କରାଯିବ ବୋଲି ଜଣାପଡ଼ିଛି। ହ୍ୱାଟ୍‌ସ୍‌ଆପ୍, ସୋସିଆଲ୍ ମିଡିଆ, ସ୍କୁଲ୍‌ରେ ଗାର୍ଗୀ ଏବଂ ମୀନା ମଞ୍ଚ, ଗାଁରେ ମହିଳା ଗ୍ରାମ ସଭା ମାଧ୍ୟମରେ ସଚେତନ କରାଯିବ। ସେହିପରି ସ୍କୁଲ୍‌ରେ ବାଲ୍‌ସଭା ମାଧ୍ୟମରେ ମା' ବାପା ଓ ଅଭିଭାବକଙ୍କୁ ଏ ନେଇ ସଚେତନ କରାଯିବ। ଏଥିପାଇଁ ମହିଳା ସରପଞ୍ଚମାନଙ୍କ ପାଇଁ ଏକ ଓରିଏଣ୍ଟେଶନ୍ ପ୍ରୋଗ୍ରାମ୍‌ର ଆୟୋଜନ କରାଯିବ। ଯଦ୍ୱାରା ସରପଞ୍ଚମାନେ ଗ୍ରାମସଭା, ଉତ୍ସବ ଓ ବାଲ୍‌ସଭା ସମୟରେ ଅନ୍ୟ ମହିଳାଙ୍କୁ ସଚେତନ କରିପାରିବେ। ଏହି ଅଭିଯାନକୁ ସଫଳ କରିବା ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ ବିକାଶ ଆଦି ବିଭାଗକୁ ମଧ ସାମିଲ କରାଯିବ। ଅଭିଯାନର ସଫଳତା ଦିଗରେ ମହିଳାଙ୍କ ସହ ପୁରୁଷଙ୍କ ଭୂମିକା ମଧ ଗୁରୁତ୍ୱପୂର୍ଣ୍ଣ। ତେଣୁ ଉଭୟଙ୍କୁ ସଚେତନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।



## ଜାଭେଦ୍ ଅଖ୍‌ତରଙ୍କୁ ୭୫

**ମୁମ୍ବାଇ:** ଗୀତିକାର ଜାଭେଦ୍ ଅଖ୍‌ତର ଶୁକ୍ରବାର ୭୫ ବର୍ଷରେ ପଦାର୍ପଣ କରିଛନ୍ତି। ସେ ୧୯୪୫ ଜାନୁୟାରୀ ୧୭ରେ ଗ୍ୱାଲିୟରଠାରେ ଜନ୍ମଗ୍ରହଣ କରିଥିଲେ। ଜୀବନର ପ୍ରାଥମିକ ପର୍ଯ୍ୟାୟରେ ଜାଭେଦ୍‌ଙ୍କୁ ଅନେକ ସଂଘର୍ଷର ସମ୍ମୁଖୀନ ହେବାକୁ ପଡ଼ିଥିଲା। ପରେ ସେ ଇଣ୍ଡଷ୍ଟ୍ରୀରେ ସଫଳ ହୋଇଥିଲେ। ତାଙ୍କ ପୁଅ ଫର୍‌ହାନ ଅଖ୍‌ତରଙ୍କ ଫିଲ୍ମ 'ଭାଗ୍ ମିଲ୍‌ଖା ଭାଗ୍' ଦେଖି ସେ ଜୋର୍‌ରେ କାନ୍ଦି ଉଠିଥିଲେ। ୧୯୬୫ଠାରୁ ଜାଭେଦ୍ ଅଖ୍‌ତର ଆରମ୍ଭ କରିଥିଲେ ସଂଘର୍ଷମୟ ଯାତ୍ରା। ଥରେ ଜଣେ ଫିଲ୍ମ ନିର୍ମାତାଙ୍କୁ ଜାଭେଦ୍‌ଙ୍କ ସ୍କ୍ରିପ୍ଟ ପସନ୍ଦ ଆସି ନ ଥିଲା। ସେ ବିରକ୍ତ ହୋଇ ଜାଭେଦ୍‌ଙ୍କ ମୁହଁକୁ ଏହି ସ୍କ୍ରିପ୍ଟ ଫୋପାଡ଼ି ଦେଇଥିଲେ। ଏହା ଜାଭେଦ୍‌ଙ୍କୁ ଆଘାତ୍ ଦେଇଥିଲା। ଏବେ ସେ ନିଜ ଉଦ୍ୟମ ଦ୍ୱାରା ସାରା ବିଶ୍ୱରେ ନିଜକୁ ପ୍ରତିପାଦନ କରିବାରେ ସଫଳ ହୋଇଛନ୍ତି।

## ସଂକ୍ଷେପରେ

### ଦଉଡ଼ି ଦେଇ ଯୁବକଙ୍କ ଆତ୍ମହତ୍ୟା

ସମ୍ବଲପୁର,୧୬।୧(ବ୍ୟୁରୋ): ସମ୍ବଲପୁର ଜିଲା ହୀରାକୁଦ ଥାନା ଅଧୀନ ମହମ୍ମଦପୁର ଗ୍ରାମରେ ଜଣେ ଯୁବକ ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ସେ ହେଲେ ରାଜନ ପୋଢ (୨୨)। ମିଳିଥିବା ସୂଚନା ମୁତାବକ, ଗୁରୁବାର ଭୋର ୪ଟାରେ ରାଜନ ଘରେ ଦଉଡି ବାନ୍ଧି ଓହଳି ପଡିଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ହୀରାକୁଦ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏ ନେଇ ବୁର୍ଲା ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା(ନଂ.୫୫/୨୦) ରୁଜୁ ହୋଇଛି। ପରିବାର ଲୋକଙ୍କ କହିବା ମୁତାବକ, ରାଜନ ଚାକିରି ନ ପାଇ ଚିନ୍ତାରେ ରହୁଥିଲେ। ଫଳରେ ସେ ମାନସିକ ଭାରସାମ୍ୟ ହରାଇ ଏଭଳି ପଦକ୍ଷେପ ନେଇଥିବା କହିଛନ୍ତି।

# ଓଡ଼ିଶା ଫେରିବ ବିଜୁବାବୁଙ୍କ ଡାକୋଟା ବିମାନ

## ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟକୁ ଚିଠି ଲେଖିବେ ସରକାର

ଭୁବନେଶ୍ୱର,୧୬।୧(ବ୍ୟୁରୋ)

ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଅତି ପ୍ରିୟ ସାଥୀ ଡାକୋଟା ବିମାନ ଓଡ଼ିଶା ଫେରିବ। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଏନେଇ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟକୁ ଚିଠି ଲେଖାଯିବ ବୋଲି ରାଜ୍ୟ ପରିବହନ ବିଭାଗ ସ୍ୱତନ୍ତ୍ର ସଚିବ ମନୋଜ ମିଶ୍ର ଗୁରୁବାର ସୂଚନା ଦେଇଛନ୍ତି। ବିଜୁବାବୁଙ୍କ କଳିଙ୍ଗ ଏୟାରଲାଇନ୍ସର ଡାକୋଟା ବିମାନ ଏବେ ପଶ୍ଚିମବଙ୍ଗର ନେତାଜୀ ବିମାନବନ୍ଦରରେ ଜରାଜୀର୍ଣ୍ଣ ଅବସ୍ଥାରେ ଡମ୍ପିଂୟାର୍ଡରେ ପଡ଼ିରହିଛି। ଏହାକୁ ଓଡ଼ିଶା ଫେରାଇ ଆଣିବା ସକାଶେ ଲୋକସେବା ଭବନଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଡାକୋଟା ଫେରାଇ ଆଣିବା ନେଇ ଏକ ପ୍ରସ୍ତାବକୁ ଅନୁମୋଦନ ମିଳିଥିବା ମନୋଜ ମିଶ୍ର କହିଛନ୍ତି। ଓଡ଼ିଶାକୁ ଡାକୋଟା ବିମାନ



ଆସିବା ପରେ କେଉଁଠି ରହିବ, ସେନେଇ ନିଷ୍ପତ୍ତି ନିଆଯିବ ବୋଲି ପରିବହନ ସଚିବ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ୧୯୪୭ ମସିହାରେ ପାକିସ୍ତାନୀ ଶତ୍ରୁବଳୟ ଭିତରେ ପଶି ଶ୍ରୀନଗରରେ ଭାରତୀୟ ସେନାକୁ ଏୟାରଲିଫ୍ଟ କରିବା ହେଉ ବା ସେନା ପାଇଁ ଗୋଳାବାରୁଦ ଓ ଔଷଧ ପରିବହନ ସହ ଇଣ୍ଡୋନେସିଆ ପ୍ରଧାନମନ୍ତ୍ରୀଙ୍କୁ ଡଚ୍‌ଙ୍କ କବଳରୁ ଉଦ୍ଧାର ଏହି ସମସ୍ତ ଦୁଃସାହସିକ ଅଭିଯାନରେ ବିଜୁବାବୁଙ୍କ ସାଥୀ ଥିଲା ଡାକୋଟା ବିମାନ। ଏହା ପଶ୍ଚିମବଙ୍ଗ ବିମାନବନ୍ଦରରେ ଦୟନୀୟ ଅବସ୍ଥାରେ ପଡ଼ିଥିବାବେଳେ ଏହାକୁ ଫେରାଇ ଆଣିବାକୁ ଏୟାରପୋର୍ଟ ଅଥରିଟି ଅଫ ଇଣ୍ଡିଆର ଅଧ୍ୟକ୍ଷଙ୍କୁ ପୂର୍ବରୁ ରାଜ୍ୟ ସରକାର ଚିଠି ଲେଖି ସାରିଛନ୍ତି। ସେହି ସମୟରେ ଡାକୋଟା ବିମାନକୁ ଓଡ଼ିଶା ଅଣାଯାଇ ତାକୁ ସ୍ମାରକୀରେ ପରିଣତ କରିବାକୁ ଯୋଜନା କରାଯାଇଥିଲା। ମାତ୍ର କେଉଁଠାରେ ଏହା ରଖାଯିବ, ସେନେଇ କିଛି ସ୍ଥିର ହୋଇ ନ ଥିଲା। ଏହା ବିଜୁବାବୁଙ୍କ ଜନ୍ମସ୍ଥାନ କଟକ ଆନନ୍ଦ ଭବନରେ ରଖିବାକୁ ଯୋଜନା ହେଉଥିବା ବେଳେ ସେଠାରେ ଏହାକୁ ରଖିବା ଭଳି ବଡ଼ ସ୍ଥାନ ନ ଥିବାରୁ ବିଜୁ ପଟ୍ଟନାୟକ ବିମାନବନ୍ଦରରେ ରଖିବା ନେଇ ଚିନ୍ତା କରାଯାଉଥିଲା।

# ରେଢାଖୋଲରେ ସଡ଼କ ସୁରକ୍ଷା ସପ୍ତାହ ପାଳିତ




ଟ୍ରାଫିକ ଇନ୍ସପେକ୍ଟର ରମାକାନ୍ତ ନାୟକ ସଚେତନ ଶୋଭାଯାତ୍ରାକୁ ପତାକା ଦେଖାଇ ଉଦ୍‌ଘାଟନ କରୁଛନ୍ତି।

ରେଢାଖୋଲ,୧୬।୧(ଡି.ଏନ.ଏ.)

ସମ୍ବଲପୁର ଆଞ୍ଚଳିକ ପରିବହନ ପ୍ରାଧିକରଣ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସାର୍କର ମିଳିତ ଆନୁକୂଲ୍ୟରେ ୩୧ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ରେଢାଖୋଲରେ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ଶୋଭାଯାତ୍ରା ବାହାରି ସଡ଼କ ସୁରକ୍ଷା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଟ୍ରାଫିକ ଇନ୍ସପେକ୍ଟର ରମାକାନ୍ତ ନାୟକ ଶୋଭାଯାତ୍ରାକୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ।

ରାଣି ଅନ୍ନପୂର୍ଣ୍ଣା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ସଡ଼କ ସୁରକ୍ଷା ସପ୍ତାହ ଉପରେ ଏକ ସଭା ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମଶ୍ରୀ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଟ୍ରାଫିକ ଇନ୍ସପେକ୍ଟର ନାଏକ, ସାର୍କର ସଂଯୋଜକ ଚକ୍ରଧର ନନ୍ଦ ଅତିଥି ଭାବେ ଯୋଗଦେଇ ସଡ଼କ ସୁରକ୍ଷା ସପ୍ତାହ ପାଳନ ଉପରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ସ୍ଲୋଗାନ ଓ କୁଇଜ ଆଦି ପ୍ରତିଯୋଗିତା ହୋଇଥିଲା। ଚିତ୍ରାଙ୍କନରେ ହିମାଂଶୁ ସେଖର ଖଡିରତ୍ନ, ରାମଲାଲ ରଣା, ଜାଜନିକା ନାଗ, ରୁକ୍ମିଣି ମୁଣ୍ଡା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସେହିପରି ସ୍ଲୋଗାନରେ ଜସ୍ମିନ ପ୍ରଦାନ, ସୁପ୍ରିୟା ପ୍ରଧାନ, ଅନଶୁମାନ ଗଡନାୟକ, ପ୍ରିୟଙ୍କା ପାତ୍ର ଓ କୁଇଜରେ ପଲକ ନାଜ ଓ ପ୍ରିତିମଞ୍ଜରି ବାଗ ପ୍ରଥମ, ଜ୍ୟୋତିର୍ମୟୀ ସାହୁ ଓ ହେମନ୍ତ ବିଶ୍ୱାଳ ଦ୍ୱିତୀୟ ହୋଇଥିବା ବେଳେ ଦିପ୍ତିମୟୀ ନାଗ, ଜାଜନିକା ନାଗ ତୃତୀୟ ହୋଇଛନ୍ତି। ସଭାକୁ ଶିକ୍ଷକ ବିଜୟାନନ୍ଦ ପ୍ରଧାନ ପରିଚାଳନା କରିଥିବା ବେଳେ ଖେଳ ଶିକ୍ଷକ ନରେନ୍ଦ୍ର ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ରଞ୍ଜିତ କର୍ଣ୍ଣ, ଇଶ୍ୱର ବେହେରା, ନେତ୍ରାନନ୍ଦ ଗୁରୁ, ମନୋରମା ପ୍ରଧାନ ଧରଣିଧର ପ୍ରଧାନ, ଅଖୁଜ ପ୍ରଧାନ, ବିଜୟ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

# ଯୁବକଙ୍କୁ ପଥର ଛେଚି ହତ୍ୟା

ପରଜଙ୍ଗ, ୧୬।୧(ଡି.ଏନ.ଏ.)

- ସୋମବାରଠାରୁ ନିଖୋଜ ଥିଲେ
- ଡାଳପତ୍ର ଗଦା ତଳୁ ମୃତଦେହ ଉଦ୍ଧାର
- ସାମାନ୍ୟ ଝଗଡ଼ାରୁ ହତ୍ୟା ଅଭିଯୋଗ

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ମହାବିରୋଡ ଫାଣ୍ଡି ଅଧୀନ ଡିହଡୋଳ-ମହାବିରୋଡ଼ ପୂର୍ତ୍ତ ବିଭାଗ ରାସ୍ତାର ବାଲିଜୁରି ନାଳ ନିକଟ ଜଙ୍ଗଲରୁ ଗୁରୁବାର ଅପରାହ୍ନରେ ଜଣେ ଯୁବକଙ୍କ କ୍ଷତାକ୍ତ ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତକ ହେଉଛନ୍ତି କୁଟୁରିଆ ଗ୍ରାମର ଶେଷଦେବ ବେହେରା (୧୯)। ସେ ସୋମବାରଠାରୁ ନିଖୋଜ ଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ତାଙ୍କୁ ପଥରରେ ଛେଚି ନିର୍ମମ ଭାବେ ହତ୍ୟା କରାଯାଇଛି। ଏଥିରେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକଙ୍କ ସମ୍ପୃକ୍ତି ଥିବା ମୃତକଙ୍କ ବାପା ଡିଲ ବେହେରା ଅଭିଯୋଗ କରିଛନ୍ତି।

ଶେଷଦେବ ଗତ ସୋମବାରଠାରୁ ନିଖୋଜ ଥିଲେ। ବିଭିନ୍ନ ସ୍ଥାନରେ ଖୋଜାଖୋଜି କରାଯାଇଥିଲେ ମଧ୍ୟ ତାଙ୍କର ପତ୍ତା ମିଳି ନ ଥିଲା। ଗୁରୁବାର ଅପରାହ୍ନରେ ପରିବାର ଲୋକେ ଏବଂ କେତେଜଣ ଗ୍ରାମବାସୀ ଜଙ୍ଗଲରେ ଖୋଜାଖୋଜି କରୁଥିବାବେଳେ ଦୁର୍ଗନ୍ଧ ହେବାରୁ ଘଟଣାସ୍ଥଳକୁ ଯାଇଥିଲେ। ବାଲିଜୁରି ନାଳ ନିକଟ ରାସ୍ତାଠାରୁ ପ୍ରାୟ ୧୦ଫୁଟ ଦୂର ଏକ ଖାଲୁଆ



ହତ୍ୟାକାଣ୍ଡ ସ୍ଥଳ

ସ୍ଥାନରୁ ଡାଳପତ୍ର ଘୋଡ଼ାଯାଇଥିବା ଅବସ୍ଥାରେ ଶେଷଦେବଙ୍କ ମୃତଦେହ ଠାବ କରାଯାଇଥିଲା। ସୂଚନା ପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରୁ ଏକ ରକ୍ତଲଗା ପଥର ଜବତ କରାଯାଇଛି। ଶେଷଦେବଙ୍କୁ ରାସ୍ତାକଡ଼ରେ ହତ୍ୟା କରାଯାଇଛି। ହତ୍ୟା ପରେ ମୃତଦେହକୁ କିଛିଦୂର ଘୋଷାଡ଼ି ନେଇ ଡାଳପତ୍ର ଘୋଡ଼ାଇ ଲୁଚାଇ ଦେବାକୁ ଚେଷ୍ଟା କରାଯାଇଥିବା ପାରିପାର୍ଶ୍ୱିକ ସ୍ଥିତିରୁ ପୋଲିସ ଜାଣିବାକୁ ପାଇଛି। ମୃତଦେହ ୩-୪ଦିନ ତଳର ବୋଲି ଅନୁମାନ କରାଯାଉଛି। ଡିଲ କୁହନ୍ତି, ପୁଅ ସହ ଗ୍ରାମର ଜଣେ ଯୁବକଙ୍କ ଝଗଡ଼ା ହୋଇଥିଲା। ଦୁହେଁ ସୋମବାର ଏକାଠି ଥିଲେ। ହତ୍ୟାକାଣ୍ଡରେ ସମ୍ପୃକ୍ତ ଯୁବକଙ୍କ ସମ୍ପୃକ୍ତି ଥିବା ଡିଲ ପୋଲିସକୁ କହିଛନ୍ତି।

ଏସ୍‌ପି ଅନୁପମା ଜେମ୍‌ସ, ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ, ମହାବିରୋଡ଼ ଫାଣ୍ଡି ଅଧିକାରୀ ପଦ୍ମନାଭ ଲେଙ୍କା, ଏସ୍‌ଆଇ ସରୋଜ ସେଠୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ସ୍ଥାନୀୟ ବାସିନ୍ଦା ଏବଂ ମୃତ ଶେଷଦେବଙ୍କ ପରିବାର ସହ ଆଲୋଚନା କରାଯାଇଛି। ମୃତଦେହକୁ ପୋଲିସ ଜଗିରହିଛି। ଶୁକ୍ରବାର ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରାଯିବ। ଏଥିସହ ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଯିବ। ଖୁବ୍‌ଶୀଘ୍ର ହତ୍ୟା ଅଭିଯୁକ୍ତ ଧରାପଡ଼ିବେ ବୋଲି ଏସଡିପିଓ ସୂଚନା ଦେଇଛନ୍ତି।

# ଜାମିନ ପାଇଁ ପୁଣି ହାଇକୋର୍ଟରେ ପୁଞ୍ଜିଲାଲ

କଟକ ଅଫିସ,୧୬।୧

ବଲାଙ୍ଗୀର ଜିଲା ପାଟଣାଗଡ ପାର୍ସଲ ବୋମା ବିସ୍ଫୋରଣ ଘଟଣାରେ ଗିରଫ ହୋଇ ଜେଲ୍ ଯାଇଥିବା ମୁଖ୍ୟ ଅଭିଯୁକ୍ତ ଅଧ୍ୟାପକ ପୁଞ୍ଜିଲାଲ ମେହେର ଜାମିନ ପାଇଁ ପୁଣି ଥରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହାପୂର୍ବରୁ ପୁଞ୍ଜିଲାଲ ମା’ଙ୍କୁ ମୁଖାଗ୍ନି ଦେବା ନିମନ୍ତେ ଗୋଟିଏ ଦିନ ଜାମିନରେ ଯାଇଥିଲେ। ମୁଖାଗ୍ନି ଦେଇ ଜେଲ୍‌କୁ ଫେରିବା ପରେ ସେ ନିୟମିତ ଜାମିନ ଆବେଦନ କରିଥିଲେ। ଫଳରେ ତାଙ୍କ ଓକିଲ ଏ ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପୂର୍ବରୁ ହାଇକୋର୍ଟ ମଧ୍ୟ ତାଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ। ସୂଚନାଥାଉ କି, ଏହି ସମ୍ବେଦନଶୀଳ ଘଟଣା ୨୦୧୮ ଫେବୃୟାରୀ ୨୩ ତାରିଖରେ ଘଟିଥିଲା। ପାଟଣାଗଡ଼ ଅଞ୍ଚଳର ନବବିବାହିତ ସୌମ୍ୟଶେଖର ସାହୁଙ୍କ ପାଖକୁ ଏକ ପାର୍ସଲ ଆସିଥିଲା। ଏହି ପାର୍ସଲ ଖୋଲିବା ମାତ୍ରେ ତାହା ବିସ୍ଫୋରଣ ହୋଇଥିଲା। ଏଥିରେ ସୌମ୍ୟ ଓ ତାଙ୍କ ଜେଜେମା’ ଜେମାମଣିଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ସୌମ୍ୟଙ୍କ ସ୍ତ୍ରୀ ରିମା ଗୁରୁତର ହୋଇଥିଲେ। ଉକ୍ତ ଘଟଣାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ୨୦୧୮ ଏପ୍ରିଲ ୨୫ରେ ପୁଞ୍ଜିଲାଲଙ୍କୁ ଗିରଫ କରାଯାଇଥିଲା।

# ନାକଟିଦେଉଳରେ ସଡ଼କ ସୁରକ୍ଷା ସପ୍ତାହ ପାଳିତ



ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଉପସ୍ଥିତ ଅତିଥିବୃନ୍ଦ।

ନାକଟିଦେଉଳ,୧୬।୧(ଡି.ଏନ୍.ଏ.)

ସମ୍ବଲପୁର ଜିଲା ନାକଟିଦେଉଳ ମହାବିଦ୍ୟାଳୟରେ ଗୁରୁବାର ୩୧ତମ ଜାତୀୟ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନାକଟିଦେଉଳ ପୋଲିସ, ମହାବିଦ୍ୟାଳୟର ୟୁଥ ରେଡ଼କ୍ରସ ଏବଂ ରାଜ୍ୟ ସରକାରଙ୍କ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମର ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଏକ ସଚେତନତା ସଭା ହୋଇଥିଲା। ଏଥିରେ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଧୀର କୁମାର ସାହୁ ସଭାପତିତ୍ୱ କରିଥିଲେ। ନାକଟିଦେଉଳ ଥାନା ଅଧିକାରୀ ଇସ୍ମାଇଲ ଏକ୍କା, ନାକଟିଦେଉଳ ଉଚ୍ଚ ବିଦ୍ୟାଳୟ ଅଧ୍ୟକ୍ଷ କନ୍ଦର୍ପ ରାଉଳ, ସଡ଼କ ସୁରକ୍ଷା କାର୍ଯ୍ୟକ୍ରମର ପଶ୍ଚିମ ଓଡ଼ିଶା ସଂଯୋଜକ ପଦ୍ମଲୋଚନ ଭୋସାଗର, ଯୁକ୍ତ ଦୁଇ ରେଡ଼କ୍ରସ ଅଧିକାରୀ ହେମାନନ୍ଦ ପ୍ରଧାନ, ଯୁକ୍ତ ୩ ରେଡ଼କ୍ରସ ଅଧିକାରୀ ଦେବେଶ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇ ସଡ଼କ ସୁରକ୍ଷା ସପ୍ତାହ ପାଳନର ଉଦେଶ୍ୟ ଏବଂ ଟ୍ରାଫିକ ନିୟମ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ଅଧ୍ୟାପିକା ପୁଷ୍ପାଞ୍ଜଳୀ ରବଣା ଧନ୍ୟବାଦ ଅର୍ପଣ ଜ୍ଞାପନ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପିକ କଲେଜ ପରିସରରୁ ଏକ ଶୋଭାଯାତ୍ରାରେ ବାହାରି ଗାଡ଼ି ଚାଳକଙ୍କ ସହ ଜନସାଧାରଣଙ୍କୁ ସଚେତନ କରାଇଥିଲେ।

# ଯାନ୍ତ୍ରିକ ସହାୟକ ଉପକରଣ ବଣ୍ଟନ ଶିବିର



ଦିବ୍ୟାଙ୍ଗମାନଙ୍କୁ ପରିଚୟପତ୍ର ବଣ୍ଟନ କରାଯାଉଛି।

ରେଢାଖୋଲ ୧୬।୧(ଡି.ଏନ.ଏ)

ସମ୍ବଲପୁର ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓ ଆଲ୍‌ମିକୋ ପକ୍ଷରୁ ଭାରତ ସରକାରଙ୍କ ଏଡିଆଇପି ଯୋଜନାରେ ଯାନ୍ତ୍ରୀକ ସହାୟକ ଉପକରଣ ବଣ୍ଟନ ଶିବିର ଗୁରୁବାର ଭୀମଭୋଇ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ରେଢାଖୋଲ ଓ ନାକଟିଦେଉଳ ବ୍ଲକ ଏବଂ ରେଢାଖୋଲ ଏନ୍‌ଏସିର ଦିବ୍ୟାଙ୍ଗମାନେ ଯୋଗ ଦେଇଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଜଗନ୍ନାଥ ମୋଦି, ବିଡିଓ ପରିକ୍ଷିତ ସାହୁ, ଡିଆଇଆର୍‌ଓ ରବୀନ୍ଦ୍ର ଶତପଥୀ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୌରେନ୍ଦ୍ରୀ ମେହେର, ଜିପିଇଓ ପଞ୍ଚାନନ ବେହେରା, ବିଜୁ ଯୁବ ବାହିନୀ ସଂଯୋଜକ ଭକ୍ତଚରଣ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ୧୦୨ଜଣ ବିଦ୍ୟାଙ୍ଗଙ୍କୁ ପଞ୍ଜୀକୃତ କରାଯାଇଥିଲା। ସେମାନଙ୍କୁ କୃତ୍ରିମ ଅଙ୍ଗ, ହୁଇଲଚେୟାର ଆସନ୍ତା ମାସରେ ପ୍ରଦାନ କରାଯିବ ବୋଲି ଧାର୍ଯ୍ୟ କରାଯାଇଛି। ତେବେ ଗୁରୁବାର ୭୦ଜଣ ଦିବ୍ୟାଙ୍ଗଙ୍କୁ ପରିଚୟପତ୍ର ବଣ୍ଟନ କରାଯାଇଥିଲା।

# ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ସମ୍ବଲପୁର,୧୬।୧(ବ୍ୟୁରୋ)

୬ଷ୍ଠ ତମ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ମୋଟ ୩୨ଟି ଦଳ ଭାଗ ନେଇଛନ୍ତି । ପ୍ରଥମ ଦିନରେ ୧୨ଟି ମ୍ୟାଚ ହୋଇଥିଲା। ଆଭେନଞ୍ଜର୍ସ ଏବଂ ଜିବିବିଆର୍ ଦଳ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ହୋଇଥିଲା । ଏଥିରେ ଆଭେନଞ୍ଜର୍ସ ୫ ଉଇକେଟରେ ବିଜୟୀ ହୋଇଛି । ହର୍ଷ ସାହୁ, ଆକାଶ ଠାକୁର, ସୌମ୍ୟରଞ୍ଜନ ସାହୁ, ଚନ୍ଦନ ମୁଦୁଲି, ଭଜୁ ସାହୁ ଅମ୍ପାୟର ଥିଲେ । ଶ୍ରୀଚନ୍ଦନ ସାହୁ, ସୌମ୍ୟରଞ୍ଜନ ସା, ହେମାନନ୍ଦ ରାଉତ ସ୍କୋରର ଦାୟିତ୍ୱ ତୁଲାଇଥିଲେ । ସେହିପରି ଶୁଭ୍ରାଂଶୁ ଶୁଭ୍ରଜିତ ଶର୍ମା, ସୁଧାଂଶୁ ଆଚାର୍ଯ୍ୟ, ଶିବମ୍ ଅଗ୍ରୱାଲ, ରାଜଗୋପାଳ ଚୌଧୁରୀ ଧାରାବିବରଣୀ ପ୍ରଦାନ କରିଥିଲେ । ସତ୍ୟକୃଷ୍ଣ ରାଉତରାୟ, ଚିଣ୍ଟୁ ଭୋଇ, ଆଦିତ୍ୟଭଞ୍ଜ ଦେଓ, ସୌରଭ ପଣ୍ଡା, ଚିନ୍ମୟ ପଣ୍ଡା, ବିକାଶ ମିଶ୍ର, ଦିବ୍ୟରଞ୍ଜନ ସାହୁ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।



ଗୁରୁବାର ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆରେ ଆୟୋଜିତ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବ ।

# କୁଦରତ ବାବାଙ୍କ ପରଲୋକ, ଅନ୍ତିମ ସତ୍କାର କଲେ ଗ୍ରାମବାସୀ

ଧମା,୧୬।୧(ଡି.ଏନ.ଏ.)

ସ୍ଥାନୀୟ ତଳିପଡାରେ ରହୁଥିବା ଦିଗାମ୍ବର ମହାକୁଡ ଓରଫ୍ (କୁଦରତ ବବା)ଙ୍କ ବୁଧବାର ସକାଳେ ହୃଦ୍‌ଘାତରେ ପରଲୋକ ଘଟିଛି । ଏଠାରେ ତାଙ୍କର ଆଉ କେହି ନ ଥିବା ବେଳେ ୪୦ ବର୍ଷ ହେଲା ଧମାରେ ଏକାକି ରହୁଥିବାରୁ ଗ୍ରାମବାସୀ ଶବ ସତ୍କାର କରିଛନ୍ତି । ସୂଚନାଯୋଗ୍ୟ ଯେ, ଦେବଗଡ ଅଞ୍ଚଳର ବାବା ଗତ ୪୦ବର୍ଷ ତଳେ ଧମା ଆସି ଏକାକି ଏଠାରେ ରହି ଢ଼ାବା ଓ ହୋଟେଲରେ ମିସ୍ତ୍ରୀ କାମ କରୁଥିଲେ । ସ୍ଥାନୀୟ ତଳିପଡାରେ ସରକାରଙ୍କ ପକ୍ଷରୁ ଏକ ବିଜୁ ପକ୍କା ଘର ପାଇ ସେଠାରେ ବାସ କରୁଥିଲେ । ପଡାବାସୀଙ୍କ ସହ ବେଶ ମିଳାମିଶି କରି ଚଳି ଆସୁଥିବା ବେଳେ ମଙ୍ଗଳବାର ସକାଳେ ଗାଧୋଇ ମନ୍ଦିର ଦର୍ଶନ କରି ଘରକୁ ଆସି ଅସୁସ୍ଥ ହୋଇପଡିଲେ। ପଡୋଶୀ ଧନମାଲି ବାରିକ, ରଞ୍ଜିତ ସେଠ ଓ ଶେଷ ବାଘ ତାଙ୍କୁ ଧମା ହସ୍ପିଟାଲ ଓ ପରେ ସମ୍ବଲପୁର ସଦର ହସ୍ପିଟାଲକୁ ନେଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଗୁରୁବାର ଶବ ବ୍ୟବଚ୍ଛେଦ ପରେ ଘଣ୍ଟ ଶଙ୍ଖ ବଜାଇ ଗ୍ରାମବାସୀ ମରଶରୀରକୁ ଶୋଭାଯାତ୍ରାରେ ନେଇ ସ୍ଥାନୀୟ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରିଛନ୍ତି ।

# ପୋଲ ନିକଟରେ ଗଛରେ ପିଟିହେଲା ବୋଲେରୋ, ବର୍ତ୍ତିଲେ ୮ ଯୁବକ

ରାଜକନିକା,୧୬।୧(ଡି.ଏନ.ଏ.)

କେନ୍ଦ୍ରପଡ଼ା ଜିଲା ରାଜକନିକା ବ୍ଲକ ଦୋମଣ୍ଡା ପଞ୍ଚାୟତ ଅଧୀନ ବାଳିଆପାଟ ପୋଲ ନିକଟରେ ଗୁରୁବାର ସକାଳ ପ୍ରାୟ ୬ଟା ବେଳେ ଏକ ବୋଲେରୋ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ବସିଥିବା ୮ ଜଣ ଯୁବକ ଅଳ୍ପକେ ବଞ୍ଚି ଯାଇଛନ୍ତି । ବୋଲେରୋର ଆଗ କାଚ ଭାଙ୍ଗି ଚୁରମାର ହୋଇଯାଇଛି।

ପ୍ରକାଶ ଯେ, ସମ୍ବଲପୁର ଜିଲା କୁଚିଣ୍ଡା ଅଞ୍ଚଳର ଲିଟୁ ପ୍ରଧାନ, ନୃସିଂହ ସାହୁ, ବିକ୍ରମ ଚନ୍ଦ୍ର ଛତ୍ରୀ, ଶ୍ୟାମଘନ ନାୟକ, ସରୋଜ ଖଣ୍ଡଧାରୀ ଓ ବିଦ୍ୟାଧର ଖଣ୍ଡଧାରୀଙ୍କ ସମେତ ୮ଜଣ ଯୁବକ ଏକ ବୋଲେରୋରେ ରାଜକନିକାର କନପୁର-ଦୋମଣ୍ଡା ରାସ୍ତା ଦେଇ ଭଦ୍ରକ ଜିଲାର ଆରଡ଼ି ଧାମକୁ ଯାଉଥିଲେ । ହେଲେ ସକାଳର ଘନ କୁହୁଡି ଯୋଗୁ ପୋଲ ନିକଟରେ ଥିବା ଏକ ଗଛରେ ଗାଡିଟି ପିଟି ହୋଇଯାଇଥିଲା । ଗ୍ରାମବାସୀ ଦୁର୍ଘଟଣାଗ୍ରସ୍ତ ଗାଡିରୁ ସମସ୍ତଙ୍କୁ ଉଦ୍ଧାର କରିଥିଲେ । ଉକ୍ତ ପୋଲରେ ବାଡ ନ ଥିବାରୁ ବହୁ ସମୟରେ ଦୁର୍ଘଟଣା ଘଟୁଛି । ତୁରନ୍ତ ଏହାର ପ୍ରତିକାର କରିବାକୁ କନପୁର ଗ୍ରାମବାସୀ ଦାବି କରିଛନ୍ତି ।



ଦୁର୍ଘଟଣା ଗ୍ରସ୍ତ ବୋଲେରୋ।

# ଉନ୍ନୟନମୂଳକ କାର୍ଯ୍ୟ ନେଇ ବିଡିଓଙ୍କୁ ଅନୁରୋଧ

ରେଙ୍ଗାଲି,୧୬।୧(ଡି.ଏନ.ଏ.)

**ଖୁଣ୍ଡା ପଞ୍ଚାୟତ**

- ଜାଲି ପଲ୍ଲିସଭାକୁ ରଦ୍ଦ ଦାବି

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଖୁଣ୍ଡା ପଞ୍ଚାୟତ ତଲାବିରା ୨ ଓ ୩ କୋଇଲା ଖଣି ଖନନ କାର୍ଯ୍ୟ ଆରମ୍ଭ ପାଇଁ ଏନଏଲସି କମ୍ପାନୀ ଜାଲି ପଲ୍ଲୀ ସଭା କରିଥିବା ରେଙ୍ଗାଲି ପିଡିଓଙ୍କୁ ମାତୃଭୂମି ସଙ୍ଗଠନ ଅଭିଯୋଗ କରିଥିବା ଜଣାପଡିଛି । ସଙ୍ଗଠନ ଅଭିଯୋଗ ମୁତାବକ ଗତ ୨୦୧୨ ଜୁଲାଇ ୧୨ରେ ଜଙ୍ଗଲ ଜମି ଅଧିକାର ଏବଂ ୧୯୨.୨୨୨ ହେକ୍ଟର ଜଙ୍ଗଲ ଜମିରେ ଅନୁସୂଚିତ ଜାତି, ଜନଜାତି ଓ ଅନ୍ୟାନ୍ୟ ଅଣ ପାରମ୍ପାରିକ ଗ୍ରାମବାସୀ ବାସ କରୁନାହାନ୍ତି ବୋଲି ଜାଲି ପଲ୍ଲୀସଭା ଆଧାରର ଉକ୍ତ ଜମିକୁ ଏମଏନଏଚ ଶକ୍ତି ଲି. ଏବଂ ବର୍ତ୍ତମାନ ଏନଏଲସି ଇଣ୍ଡିଆ କମ୍ପାନୀକୁ ହସ୍ତାନ୍ତର କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଯାହା ଆଧାରରେ ବର୍ତ୍ତମାନ ସେଠାରେ ବାସ କରୁଥିବା ୫ ଆଦିବାସୀମାନଙ୍କୁ ଜଙ୍ଗଲ ଜମି ଆଇନ ୨୦୦୬ ଅନୁଯାୟୀ ଉପଯୁକ୍ତ କ୍ଷତିପୂରଣ ଓ ଥଇଥାନ ବ୍ୟବସ୍ଥା ନ କରି ଏନଏଲସି କମ୍ପାନୀ କୋଇଲା ଖନନ କରିବାକୁ ଯାଉଛି। ଉକ୍ତ ପଲ୍ଲୀ ସଭାକୁ ବିରୋଧ କରି ଗ୍ରାମବାସୀ ଜିଲା ପ୍ରଶାସନକୁ ଅଭିଯୋଗ କରିଥିଲେ। ଫଳରେ ରେଙ୍ଗାଲି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୬୨୮ ତା. ୧୩ ନଭେମ୍ବର, ୨୦୧୯ ଏବଂ ଖୁଣ୍ଡା ପଞ୍ଚାୟତ ପତ୍ର ସଂଖ୍ୟା ୭୩ ତା. ୧୯ ନଭେମ୍ବର, ୨୦୧୯ରେ ଜଙ୍ଗଲ ଜମି ଅଧିକାର ଆଇନ ୨୦୦୬ ଏବଂ ଆମେଣ୍ଡମେଣ୍ଟ ଆକ୍ଟ ୨୦୧୨ ବିଷୟରେ ଅବଗତି ଓ ସଚେତନ ସୃଷ୍ଟି ପାଇଁ ନୋଟିସ କରାଯାଇଥିଲେ ମଧ୍ୟ ତାକୁ ରାତାରାତି ସ୍ଥଗିତ କରାଯାଇଥିଲା । ସେହିପରି ଗ୍ରାମବାସୀ ଜାଲି ପଲ୍ଲି ସଭାକୁ ବିରୋଧ କରିବାକୁ ଗତ ୨୫ ନଭେମ୍ବର, ୨୦୧୯ ଅପରାହ୍ନରେ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଖୁଣ୍ଡା ପଞ୍ଚାୟତ ନୋଡାଲ ଅଫିସର, ପଞ୍ଚାୟତ ନିର୍ବାହୀ ଅଧିକାରୀ, ସରପଞ୍ଚ, ୱାର୍ଡ ସଭ୍ୟ ଅଭିଯୋଗକାରୀଙ୍କୁ ନେଇ ତ୍ରିପାକ୍ଷୀକ ବୈଠକ ହେବା ପାଇଁ ସ୍ଥିର କରାଯାଇଥିଲା। ତାକୁ ମଧ୍ୟ ବାତିଲ କରାଯାଇଥିଲା ବୋଲି ସଂଘ ଅଭିଯୋଗ କରିଛି । ପ୍ରଶାସନ ଏନଏଲସି କମ୍ପାନୀର ହାତ ବାରିସି ହୋଇଥିବା ଲୋକ ସନ୍ଦେହ କରୁଛନ୍ତି ଏବଂ ତାହା ଅସନ୍ତୋଷ କାରଣ ପାଲଟିଛି। ଏନଏଲସି କମ୍ପାନୀ ଚକ୍ରାନ୍ତ କରି ପ୍ରଭାବିତ ୪ଟି ୱାର୍ଡର ଜନସାଧାରଣଙ୍କୁ ତାଙ୍କର ମୌଳିକ ସୁବିଧାରୁ ବଞ୍ଚିତ କରି ରଖିଛି । ଉପରୋକ୍ତ ବିଷୟ ଅନୁଧ୍ୟାନ କରି ଆସନ୍ତା ୨୬ ତାରିଖରେ ଦାବି ପୂରଣ ନ କଲେ ୨୭ ତାରିଖରୁ ଏନଏଲସି କମ୍ପାନୀ ଦ୍ୱାରା ପ୍ରଭାବିତ ଗ୍ରାମବାସୀ ରେଙ୍ଗାଲି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଶାନ୍ତିପୂର୍ଣ୍ଣ ପ୍ରଦର୍ଶନ ଓ ଘେରାଉ କରିବାକୁ ବାଧ୍ୟ ହେବୁ ବୋଲି ସଂଘ ଚେତାବନୀ ଦେଇଛି ।



ଭଲ ବହି ପଢ଼ି ଭଲ କାମ କଲେ ଖରାପ ଲୋକଟି ମଧ୍ୟ ଧୀରେ ଧୀରେ ଭଲ ହୋଇଯାଏ।
–ଆରିଷ୍ଟଟଲ୍

## ସଂକ୍ଷେପରେ

### ରକ୍ସାରେ ଶିକ୍ଷକ ସମାବେଶ

**ବାଉଁଶୁଣୀ,୧୬।୧ (ଡି.ଏନ.ଏ)**

ବୌଦ୍ଧ ବ୍ଲକ ଅନ୍ତର୍ଗତ ତାଳପଦର କ୍ଲଷ୍ଟର ରକ୍ସା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ଶିକ୍ଷକ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକ ଶିକ୍ଷାଧିକାରୀ ଧ୍ରୁବଚରଣ ଘିବେଲା ମୁଖ୍ୟଅତିଥି, ଏବିଇଓ କମଳକାନ୍ତ ଦଳବେହେରା, ପୂର୍ବତନ ଏବିଇଓ ଅଚ୍ୟୁତନନ୍ଦ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ରକ୍ସା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଷ୍ଣୁ ଚରଣ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସ୍କୁଲର ଶିକ୍ଷକ ସୌମିତ୍ରୀ କର୍ଣ୍ଣ ଅତିଥି ପରିଚୟ ଦେଇଥିଲେ । ଏହି ସମାବେଶରେ ସ୍କୁଲର ବିଭିନ୍ନ କାର୍ଯ୍ୟକ୍ରମ, ଅଭାବ ଅସୁବିଧା ଉପରେ ଆଲୋଚନା କରାଯାଇଥିଲା । ଶାନ୍ତିଲତା ମଲ୍ଲିକ, ସୁବଳ ବାରିକ, ଅର୍ଜୁନ ସାହୁ, ଜମ୍ବରୁ ମେହେର, ସୁବାଷ ଘଣ୍ଟୁଆଳ ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ। ଏହି ସମାବେଶରେ ପୂର୍ବତନ ଏବିଇଓ ଅଚ୍ୟୁତାନନ୍ଦ ସାହୁଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶେଷରେ ସୁମନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଘରକୁ ଫେରିଲେ ଦାଦନ ଶ୍ରମିକ

**ବରଗଡ଼ ଅଫିସ/ଗାଇସିଲେଟ୍,୧୬।୧**

**ତାମିଲନାଡୁରେ ନିର୍ଯାତନା ଘଟଣା**
- ୩୦ଜଣ ଯାଇଥିଲେ, ୨୯ ଫେରିଲେ
- ସେଠାରେ ଜଣେ ଜୀବନ ହରାଇଥିଲେ
- ସ୍ୱାମୀଙ୍କୁ ହରାଇ ଘରକୁ ଫେରିଲେ ସ୍ତ୍ରୀ

ବରଗଡ଼ ଜିଲା ଗାଇସିଲେଟ ଅଞ୍ଚଳରୁ ତାମିଲନାଡୁ ତିରୁଭେଲୁର ଜିଲା ଭେଙ୍ଗଲ ଥାନା କୁନ୍ନୁର ଅଞ୍ଚଳକୁ ଦାଦନ ଖଟିବାକୁ ଯାଇ ସେଠାରେ ନିର୍ଯାତିତ ହେବା ପରେ ଶ୍ରମିକମାନେ ଗୁରୁବାର ସନ୍ଧ୍ୟାରେ ନିଜ ଘରକୁ ଫେରିଛନ୍ତି। ସେଠାକୁ ୩୦ଜଣ ଯାଇଥିବାବେଳେ ଘରକୁ ୨୯ଜଣ ଆସିଛନ୍ତି। ଅନ୍ୟ ଜଣେ ଗାଇସିଲେଟ ବ୍ଲକ ସାଇଡୁଙ୍ଗୁରିପାଲି ଗ୍ରାମର ଗୋକୁଳ ବରିହା(୩୦)ଙ୍କ ସେଠାରେ ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁ ପରେ ମଧ୍ୟ ସେଠାକାର ଇଟାଭାଟି ମାଲିକ ମୃତକଙ୍କ ସ୍ତ୍ରୀ ଏବଂ ଅନ୍ୟମାନଙ୍କୁ ମୃତଦେହ ଛାଡ଼ି ନ ଥିଲେ। ଫଳରେ ସେଠାରେ ତାଙ୍କ ମୃତଦେହ ସଂସ୍କାର କରାଯାଇଥିଲା। ଏ ନେଇ ଜିଲା ଶ୍ରମ ବିଭାଗ ତଥା ପ୍ରଶାସନର ଦୃଷ୍ଟିଆକର୍ଷଣ କରାଯାଇଥିଲା। ଏହାପରେ ବରଗଡ଼ ଏସ୍‌ପି ପଦ୍ମିନୀ ସାହୁ ସେଠାକାର ଏସ୍‌ପିଙ୍କ ସହିତ ଯୋଗାଯୋଗ କରିଥିଲେ ଏବଂ ଶ୍ରମିକମାନେ ଇଟାଭାଟି ମାଲିକଙ୍କଠାରୁ ମୁକୁଳିଥିଲେ ବୋଲି ଜିଲା ଶ୍ରମ ଅଧିକାରୀ ହେମନ୍ତ ପ୍ରଧାନ ସୂଚନା ଦେଇଛନ୍ତି। ଘରକୁ ପହଞ୍ଚିବା ପରେ ଗାଇସିଲେଟ ବିଡ଼ିଓ ନିରଞ୍ଜନ କୁମାର ସା ଏବଂ ଅନ୍ୟ ଅଧିକାରୀମାନେ ପହଞ୍ଚି ମୃତ ଗୋକୁଳଙ୍କ ସ୍ତ୍ରୀ ଦେବକୀଙ୍କୁ ହରିଶ୍ଚନ୍ଦ୍ର ଯୋଜନାରେ ୨ହଜାର ଟଙ୍କା ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ, ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ଅଞ୍ଚଳର ଜଣେ ଦାଦନ ସର୍ଦ୍ଦାର ଗାଇସିଲେଟ ବ୍ଲକ ସାଇଡୁଙ୍ଗୁରିପାଲି ଓ ଘଡ଼ଘଡ଼ିମାଲ ଗ୍ରାମକୁ ଆସି ଶ୍ରମିକଙ୍କୁ ଅଧିକ ପାରିଶ୍ରମିକର ପ୍ରଲୋଭନ ଦେଖାଇଥିଲେ। ସେମାନଙ୍କ ପ୍ରଲୋଭନରେ ପଡ଼ି ଉଭୟ ଗ୍ରାମର ୩୦ଜଣ ତାଙ୍କ ସହିତ ତାମିଲନାଡୁ ଦାଦନ ଖଟିବାକୁ ଯାଇଥିଲେ। ସେମାନଙ୍କ ମଧ୍ୟରେ ଗୋକୁଳ ଓ ତାଙ୍କ ସ୍ତ୍ରୀ ଦେବକୀ ମଧ୍ୟ ଥିଲେ। ଉକ୍ତ ଶ୍ରମିକମାନଙ୍କୁ ସେଠାକାର ଏକ ଇଟାଭାଟିରେ ନିୟୋଜିତ କରାଯାଇଥିଲା। ତେବେ ଗୋକୁଳ ଗୁରୁତର ଅସୁସ୍ଥ ହୋଇ ପଡ଼ିବାରୁ ତାଙ୍କୁ ସେଠାକାର ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗତ ଶନିବାର ତାଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁ ପରେ ଗୋକୁଳଙ୍କ ସ୍ତ୍ରୀ ଏବଂ ତାଙ୍କ ସହିତ ସେଠାକୁ ଯାଇଥିବା ଅନ୍ୟମାନେ ମୃତଦେହ ଧରି ଗ୍ରାମକୁ ଫେରିବାକୁ ଚାହିଁଥିଲେ। ମାତ୍ର ଇଟାଭାଟି ମାଲିକ ସେମାନଙ୍କୁ ଛାଡ଼ି ନ ଥିବା ଶ୍ରମିକମାନେ କହିଛନ୍ତି। ଏ ନେଇ ସେଠାରେ ନିର୍ଯାତିତ ଶ୍ରମିକମାନେ ନିଜ ସମ୍ପର୍କୀୟମାନଙ୍କୁ ଖବର ଦେଇଥିଲେ। ଖବର ପାଇବା ପରେ ସେମାନଙ୍କ ସମ୍ପର୍କୀୟମାନେ ବରଗଡ଼ ଜିଲା ପ୍ରଶାସନକୁ ଅବଗତ କରିଥିଲେ। ଏହା ସହିତ ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହାପରେ ସମ୍ପୃକ୍ତ ଶ୍ରମିକଙ୍କୁ ସେଠାରୁ ଉଦ୍ଧାର କରିବା ପାଇଁ ପ୍ରଶାସନିକସ୍ତରରେ ତତ୍ପରତା ପ୍ରକାଶ ପାଇଥିଲା । ଗତ ମଙ୍ଗଳବାର ସେମାନେ ଇଟାଭାଟି ମାଲିକଙ୍କ କବଳରୁ ମୁକୁଳିଥିଲେ। ଏହାପରେ ସେଠାରେ ସେମାନେ ଗୋକୁଳଙ୍କ ମୃତଦେହ ସଂସ୍କାର କରି ଟ୍ରେନ ଯୋଗେ ଘରକୁ ଫେରିଥିଲେ। ସେମାନେ ଗାଁକୁ ପହଞ୍ଚିବା ପରେ ପ୍ରଶାସନିକ ଅଧିକାରୀମାନେ ମୃତ ଗୋକୁଳଙ୍କ ସ୍ତ୍ରୀଙ୍କ ସମେତ ଅନ୍ୟ ଶ୍ରମିକଙ୍କୁ ଭେଟିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝିଅ ଅଲିଅଳି ହୋଇ ବଢ଼ିଛନ୍ତି,**
**ଭାତ ଟୋକି ଟୋକି ଖାଉଛନ୍ତି,**
**ହାତ ମୁଠି ମୁଠି କରୁଛନ୍ତି,**
**ହଂସୁଲି ଡୂଳିରେ ଗଡୁଛନ୍ତି ।**

ବାପଘରେ ବେଶ୍ ଅଲିଅଳରେ ବଢ଼ି ଆସିଥିବା ଝିଅ ଯେବେ ବୋହୂ ହୋଇ ଶାଶୁଘରକୁ ଆସେ ସେତେବେଳେ ତା'ର କାର୍ଯ୍ୟ ପରିସର ବୃଦ୍ଧିପାଏ। ଦାୟିତ୍ୱରେ ଖିଲାପ ହେଲେ ଅସନ୍ତୋଷ ବୃଦ୍ଧି ପାଇବା ସହ ସ୍ଥଳ ବିଶେଷରେ ନିନ୍ଦା ଶରବ୍ୟର ପାତ୍ରୀ ହେବାକୁ ପଡ଼ିଥାଏ। ଖାଇପିଇ ବେଶ୍ ଆରାମରେ ଶୋଇ ରହୁଥିବା ବୋହୂର ଏତାଦୃଶ ଦିନଚର୍ଯ୍ୟା ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଠାପୁଆ କପାଳକୁ ବର୍ଷା ହେବା ।**

ଯେ ଅଳସୁଆ ବା ଠାପୁଆ ସେ କାମ ନ କରିବାକୁ ସବୁବେଳେ ଓର ଉଣ୍ଡୁଥାଏ। ତାକୁ ଟିକିଏ ବାହାନା ମିଳିଗଲେ କାମ ନ କରି ରହିଯାଏ। ମେଘ ହୋଇ ପାଗ ଖରାପ ହେଲେ କାମ କରିବା ଦରକାର ପଡ଼େନି । ଫଳସ୍ୱରୂପ କାମ ନ କରି ବସି ରହିବାକୁ ସୁବର୍ଣ୍ଣ ସୁଯୋଗ ମିଳିଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ସେମିରେ ମଧ୍ୟପ୍ରଦେଶ ରତଲାମ ସିଟି ଫୁଟବଲ କ୍ଲବ

**ବୌଦ୍ଧ,୧୬।୧(ସ୍ୱ.ପ୍ର)**

**ସର୍ବଭାରତୀୟ ଡିଏସ୍ କପ୍ ଫୁଟବଲ ଟୁର୍ନାମେଣ୍ଟ**

ବୌଦ୍ଧ ଜିଲା ଫୁଟବଲ ଆସୋସିଏଶନ ଦ୍ୱାରା ଆୟୋଜିତ ପଞ୍ଚଦଶ ସର୍ବଭାରତୀୟ ଡି.ଏସ୍ କପ୍ ଫୁଟବଲ ଟୁର୍ନାମେଣ୍ଟର ଗୁରୁବାର ଦ୍ୱିତୀୟ ଦିବସ ମ୍ୟାଚ ମଧ୍ୟପ୍ରଦେଶ ରତଲାମ ସିଟି ଫୁଟବଲ କ୍ଲବ ଓ ଓଡିଶା ସ୍ପୋର୍ଟସ ହଷ୍ଟେଲ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚରେ ସମିତିସଭ୍ୟ ସରୋଜ କୁମାର ପ୍ରଧାନ, ଯୁବ ସମାଜସେବୀ ରାକେଶ ତ୍ରିପାଠୀ, ଚାଟାର୍ଡ ଆକାଉଣ୍ଟାଣ୍ଟ ସୁନ୍ଦର ପ୍ରକାଶ ଅଗ୍ରୱାଲ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ଫୁଟ୍‌ବଲ ଆସୋସିଏଶନ ସଭାପତି ଲମ୍ବୋଦର ପୁରୋହିତ, ସମ୍ପାଦକ ଯୁଗଳ କିଶୋର ସାମଲ, ପୂର୍ବତନ ଫୁଟବଲ ଖେଳାଳି ସତ୍ୟପ୍ରକାଶ ଦାଶ ମଞ୍ଚାସୀନ ଥିଲେ। ଖେଳର ୧୬ ମିନିଟରେ ରତଲମ ସିଟିର ନାଇଜେରିଆନ ଖେଳାଳି ସଫିମ ଏକ ଗୋଲସ୍କୋର କରିଥିଲେ। ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳ କେହି କାହାକୁ ଗୋଲ୍ ଦେଇପାରି ନ ଥିଲେ। ପରେ କଟକ ସ୍ପୋର୍ଟସ ହଷ୍ଟେଲକୁ ମଧ୍ୟପ୍ରଦେଶର ରତଲମ ସିଟି ଫୁଟବଲ କ୍ଲବ ଗୋଟିଏ ଗୋଲ ଦେଇ ବିଜୟୀ ହୋଇ ସେମିଫାଇନାଲକୁ ପ୍ରବେଶ କରିଛି। ରେଫରୀ ଅନିମେଶ ବିଶ୍ୱାସ ମ୍ୟାଚ୍ ପରିଚାଳନା କରିଥିବାବେଳେ ନିପ୍ରେନ ହଲଦାର ଓ ସଲିଳ ବେହେରା ଲାଇନରେ ସହଯୋଗ କରିଥିଲେ। ସେହିପରି ଚତୁର୍ଥ ରେଫରୀ ଭାବେ ଦିଲୀପ କୁମାର ରାଉତ ଖେଳ ପରିଚାଳନା କରିଥିଲେ । ଶୁକ୍ରବାର ପ୍ରଥମ ସେମିଫାଇନାଲ ମ୍ୟାଚ ଟାଟା ଫୁଟବଲ ଏକାଡେମୀ ଜାମସେଦପୁର ଓ ମଧ୍ୟପ୍ରଦେଶ ରତଲମ ସିଟି ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ।



ଅତିଥିମାନଙ୍କ ଗହଣରେ ଉପସ୍ଥିତ ଖେଳାଳି।

# ବିଭାଜନସ୍ତରୀୟ ପାଣି ପଞ୍ଚାୟତ ଉତ୍ସବ

**ଜାମଟିକ୍ରା, ୧୬।୧ (ଡି.ଏନ.ଏ)**

ଅତାବିରା କେନାଲ ଉପବିଭାଜନ କାର୍ଯ୍ୟାଳୟ ରେଙ୍ଗାଲି କ୍ୟାମ୍ପଠାରେ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ଉତ୍ସବ ପାଳନ ହୋଇଯାଇଛି। ଏହି ଉତ୍ସବରେ ଅତାବିରା କେନାଲ ଉପବିଭାଜନ ପରିସରରେ ଥିବା ୭୨ଟି ପାଣି ପଞ୍ଚାୟତର ସଦସ୍ୟ ତଥା ଚାଷୀ ଭାଇମାନେ ଯୋଗଦେଇ ନିଜ ନିଜ ମତ ପ୍ରକାଶ କରିଥିଲେ। କେନାଲରେ ଅଳିଆ ଆବର୍ଜନା ପକାଇବା ଦ୍ୱାରା କେନାଲ ପାଣି ଦୂଷିତ ହେବା ସହ ତଳ ମୁଣ୍ଡକୁ ପାଣି ପହଞ୍ଚିବାରେ ଅସୁବିଧା ହେଉଛି। ଏହାଛଡା କେନାଲ ପାଣି ଛାଡିବାକୁ ଆଉ ଗୋଟିଏ ସପ୍ତାହ ବାକିଥିବା ବେଳେ କେନାଲ ମରାମତି କରାଯାଉଛି। ଫଳରେ କେନାଲ କାମ ନିମ୍ନମାନର ହେଉଥିବା ଚାଷୀମାନେ ଅଭିଯୋଗ କରିଥିଲେ। ଏହି ଉତ୍ସବରେ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି, ଅତାବିରା ବ୍ଲକ ଅଧକ୍ଷା ରୀତା ସାହୁ, ଭେଡେନ ବ୍ଲକ ଅଧକ୍ଷା ଡୋଲାମଣି କ୍ଷେତି, ଅତାବିରା ବ୍ଲକ କୃଷି ଅଧିକାରୀ ମାମିନୀ ଭୋଇ, ଏସଡିଓ ରବିନ୍ଦ୍ର କୁମାର ସେଠି, ବୁର୍ଲା ଏକଜିକ୍ୟୁଟିଭ ଇଞ୍ଜିନିୟର ରାଜକିଶୋର ଘୋଡେଇ, ଗୋଡଭଗା ଡିଭିଜନର ଏସଡିଓ ଯୀଶୁକ୍ରିଷ୍ଟାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

# ପ୍ରଥମ ଖଡ଼ଙ୍ଗ ଲୋକ ମହୋତ୍ସବ ଉଦ୍‌ଯାପିତ



ଉଦ୍‌ଯାପନୀ ସନ୍ଧ୍ୟାରେ ମଞ୍ଚରେ ଥିବା ଅତିଥି ଓ ସମ୍ବର୍ଦ୍ଧିତ ପ୍ରତିଭା।

**ଘଣ୍ଟାପଡା,୧୬।୧(ଡି.ଏନ.ଏ.)**

**ରଙ୍ଗବତୀ ଗୀତରେ ଝୁମିଲେ ଦର୍ଶକ**

ବୌଦ୍ଧ ଜିଲା ଖଡଙ୍ଗ ଲୋକ ମହୋତ୍ସବ-୨୦୨୦ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଶିଶୁ ବିକାଶ ଓ ମିଶନ ଶକ୍ତି ବିଭାଗ ମନ୍ତ୍ରୀ, ଟୁକୁନି ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସାଂସ୍କୃତିକ ଆଲୋଚନା କରିବାର ସୁଯୋଗ ଦିଏ ମଞ୍ଚ। ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧିବାର ଏକ ନିଆରା ମଞ୍ଚ ହେଉଛି ଲୋକ ମହୋତ୍ସବ ବୋଲି ମନ୍ତ୍ରୀ ସାହୁ କହିଥିଲେ। କନ୍ଧମାଳ ବିଧାୟକ ମହୀଧର ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବ୍ୟଙ୍ଗକବି ରସରାଜ ଅଚ୍ୟୁତ ପୁରୋହିତ ମୁଖ୍ୟବକ୍ତା, କନ୍ଧମାଳ ପଞ୍ଚାୟତ ସମିତି ଉପାଧକ୍ଷା ମମତା ବେହେରା, ସମାଜସେବୀ ଲଳିତ ନାଏକ, କଣ୍ଠଶିଳ୍ପୀ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ଶିକ୍ଷକ ଦିଗମ୍ବର ସାହୁ, ଲଣ୍ଡାଗାଁ ସମିତି ସଭ୍ୟା ପଦ୍ମାବତୀ ଠେଲା, ଜିଲା କଂଗ୍ରେସ ସଭାପତି ସୁଧୀର ମହାକୁଡ, ଶିଳ୍ପପତି କରୁଣାକର ସାହୁ, ଧନଞ୍ଜୟ କାଳସେ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଶାନ୍ତ ରଣା ମଞ୍ଚ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପୂର୍ବତନ ସରପଞ୍ଚ ସ୍ୱର୍ଗତ ଗିରିଶ ଚନ୍ଦ୍ର ମଲିକ, ବନ୍ଧଗୋରାର କୁବନ ଭୋଇଙ୍କ ସମେତ ଆଠଜଣ ବ୍ୟକ୍ତିଙ୍କ ପରିବାର ଲୋକଙ୍କୁ ମରଣୋତ୍ତର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଦିବ୍ୟାଙ୍ଗ ମନବୋଧ ନନ୍ଦ, କବି ସର୍ବେଶ୍ୱର ବରାଳ, ବିଶ୍ୱଜିତ ସାହୁ, କନ୍ଧମାଳ ଥାନା ଆଇଆଇସି ଅଶ୍ୱିନୀ କୁମାର ଭିତିରିଆ ଓ ଘଣ୍ଟାପଡା ଫାଣ୍ଡି ଏସଆଇ ପ୍ରଶାନ୍ତ ମଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ୟଙ୍ଗକବି ରସରାଜ ଅଚ୍ୟୁତ ପୁରୋହିତଙ୍କ ବ୍ୟଙ୍ଗାତ୍ମକ କୋସଲି କବିତା ସାଙ୍ଗକୁ ଲୋଇସିଂହା ସୁରସଙ୍ଗୀତର ଢୁଲଢୁଲି, କଳାହାଣ୍ଡିର କସ୍ତୁରୀ ସାଂସ୍କୃତିକ ଅନୁଷ୍ଠାନ, ଲଣ୍ଡାଗାଁର ବିରାଟେଶ୍ୱର ନାଟ୍ୟ ସଂଘର କଳାକାର ଏବଂ ରଙ୍ଗବତୀ ଗୀତର କଣ୍ଠଶିଳ୍ପୀ ଜିତେନ୍ଦ୍ର ହରିପାଲଙ୍କ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦର୍ଶକ ମନଭରି ଉପଭୋଗ କରିଥିଲେ। ବିଶ୍ୱଜିତ ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।


# CLASSIFIED DISPLAY

**TARIFF — MORE SPACE • SAME PRICE — GST 5%**

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ALL EDITION - B/W (Everyday)**
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

BALAJI FINANCE
(Reg.No. KA4535FDH852KL)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୨ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଉା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
9415512879

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍ଚର, ଦୁଇ ଚକିଆ, ଗ୍ରୁପ୍ ଋଣ ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ସହଜ କିସ୍ତିରେ ଘରେ ବସି ପାଆନ୍ତୁ
ମହିଳା ତଥା କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ମୁଦ୍ରା ଫାଇନାନ୍ସ
89291-25571
89296-19951
M.P. Nagar, Zone-1, Bhopal, Madhya Pradesh.

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485
7608013153
Salt Lake City, Kolkata-700091, Panditagaon, Khalikote, Ganjam

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday

BUSINESS

JOB JOB
ଶିବାନୀ SMS ଜବ୍ ପାର୍ଟ ଟାଇମ୍/ଫୁଲ୍ ଟାଇମ୍ JOB ALL ଓଡ଼ିଶାର ସବୁ ଜିଲ୍ଲା ଅନୁସାରେ ପୁଅ/ଝିଅ, ବେରୋଜଗାର, ଗୃହିଣୀ, ବେରୋଜଗାରୀ/ମାନ୍ଦାବସ୍ଥା ସମୟରେ ଆୟର ସୁବର୍ଣ୍ଣ ସୁଯୋଗ 15,000/-ରୁ 20,000/- ରୋଜଗାର କରନ୍ତୁ । ଲାପଟପ୍, ମୋବାଇଲ, ବାଇକ୍ ମାଗଣା । ଅନ୍‌ଲାଇନ୍ SMS କରନ୍ତୁ । ଜବ୍ ଆଇ.ଡି. ପାଇଁ ଯୋଗାଯୋଗ କରନ୍ତୁ ।
7265982706
7064678575

2003ଠାରୁ ଆପଣଙ୍କ ସେବାରେ
TOWER VISION CO.
ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ସିଧା କମ୍ପାନୀ ସହ କଥା ହୋଇ ନିଜର ଖାଲି ଜମି, ଛାତ, କ୍ଷେତ ଓ ପ୍ଲଟ୍‌ରେ ମଲ୍ଟିମିଡିଆ ଡିଜିଟାଲ ଟାୱାର୍ ଲଗାନ୍ତୁ ।
ଅଗ୍ରିମ: 65 ଲକ୍ଷ | ଭଡ଼ା: 60 ହଜାର
+ କୋର୍ଟ ଏଗ୍ରିମେଣ୍ଟ + ବାଇକ୍
ଜମିର ନିରୀକ୍ଷଣ କରାନ୍ତୁ ଓ ନିଜ ଜମିକୁ ରୋଜଗାରର ମାଧ୍ୟମରେ ପରିଣତ କରନ୍ତୁ
073762-57896
094994-92906
ADDRESS: T-51, GAUTAMPURI, DELHI

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ
2 ଘଣ୍ଟାରେ 100% ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା, ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ପ୍ରେମବିବାହ, ଗୃହକ୍ଲେଶ, ପ୍ରପର୍ଟି, କୋର୍ଟ-କେସ୍, ଯାଦୁ-ଟୋନା, ବିଦେଶ ଯାତ୍ରା, ବଶୀକରଣ, ଗୁଣି-ଗାରେଡ଼ି
AtoZ ସମସ୍ୟାର ସମାଧାନ ଘରେ ବସି।
ବାବା ଅଲାଉଦ୍ଦିନ ବଙ୍ଗାଲି
ସ୍ପେ. ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦେବେ ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
କାମ ନ ହେଲେ ଟଙ୍କା ଫେରସ୍ତ
8376889657
9971793786

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
8527425449

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ନାମାଙ୍କନପତ୍ର ଦାଖଲ କଲେ ସିସୋଡିଆ

ନୂଆଦିଲ୍ଲୀ,୧୬।୧(ପି.ଟି.)- ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ବରିଷ୍ଠ ନେତା ତଥା ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ୍ ସିସୋଡିଆ ଗୁରୁବାର ପ୍ରତାପଗଞ୍ଜ ବିଧାନସଭା ଆସନରୁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେ ଏକ ବିଶାଳ ରୋଡ୍ ଶୋ' ପରେ ଅପରାହ୍ଣ ୨ଟାରେ ନାମାଙ୍କନ କରିଛନ୍ତି। ପୂର୍ବ ଦିଲ୍ଲୀର ତାଲାବ ଚୌକ୍‌ରୁ ପ୍ରତାପଗଞ୍ଜକୁ ସିସୋଡିଆଙ୍କ ପଦଯାତ୍ରା ବେଳେ ବହୁସଂଖ୍ୟକ ଲୋକ ଘରଛାତ ଉପରୁ ତାଙ୍କୁ ଅଭିବାଦନ ଜଣାଇଥିଲେ। ଏହି



ମନୀଷ୍ ସିସୋଡିଆ

ଅବସରରେ 'ଅଚ୍ଛେ ବିତେ ପାଞ୍ଚ ସାଲ, ଲଗେ ରହୋ କେଜ୍‌ରିୱାଲ' ସ୍ଲୋଗାନ ଦିଆଯାଇଥିଲା।

ପ୍ରତାପଗଞ୍ଜ ବିଧାୟକ ସିସୋଡିଆ ଏକ ସଭାକୁ ସମ୍ବୋଧିତ କରି କହିଛନ୍ତି, ଏଏପି ସରକାରର ଗତ ୫ ବର୍ଷର କାମ ଆଧାରରେ ଦିଲ୍ଲୀ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏଥିରେ ତାଙ୍କ ଦଳ ୬୭ରୁ ଊର୍ଦ୍ଧ୍ୱ ଆସନରେ ବିଜୟୀ ହୋଇ ପୂର୍ବ ରେକର୍ଡ ଭାଙ୍ଗିବ। ଫେବୃୟାରୀ ୫ରେ ଅନୁଷ୍ଠିତ ହେବାକୁ ଥିବା ୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭା ନିର୍ବାଚନରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ପୁଣିଥରେ କ୍ଷମତାସୀନ କରାଇବା ପାଇଁ ସେ ମତଦାତାଙ୍କୁ ଅନୁରୋଧ କରିଥିଲେ।

# ସଫଳତା ପଥରେ ଓଡ଼ିଶା ମିଲେଟ୍‌ସ ମିଶନ

**ସସ୍ମିତା ପାଇକରାୟ**

ଭୁବନେଶ୍ୱର,୧୬।୧(ବ୍ୟୁରୋ)

ଫିଙ୍ଗର୍ ମିଲେଟ୍ ବା ରାଗି। ଓଡ଼ିଆରେ ମାଣ୍ଡିଆ। ଦିନ ଥିଲା ଓଡ଼ିଶାର ଘରେ ଘରେ ଏହା ପରିଚିତ ଥିଲା। ଗରିବଙ୍କ ଠାରୁ ଧନୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପ୍ରିୟ ଖାଦ୍ୟ ମାଣ୍ଡିଆ ଜାଉ ଥିଲା। ହେଲେ ଧୀରେ ଧୀରେ ଆଧୁନିକତାର ପ୍ରଭାବରେ ମାଣ୍ଡିଆ ନିଜର ଲୋକପ୍ରିୟତା ହଜାଇଲା। କେବଳ ମାଣ୍ଡିଆ ନୁହେଁ, ଫକ୍ସଟେଲ୍ ମିଲେଟ୍ ବା କାଙ୍ଗୁ, ପର୍ଲ ମିଲେଟ୍ ବା ବାଜରା, ଲିଟିଲ୍ ମିଲେଟ୍ ବା ସୁଆଁ, ଗୁର୍ଜି, କୋଶଲା, ସୋରଗମ୍ ବା ଜନ୍‌ହା, କୋଦୋ, ବାନ୍ୟାର୍ଡ ବା ଜାଡ଼ି ଭଳି ଏକାଧିକ କ୍ଷୁଦ୍ରଶସ୍ୟ ଓଡ଼ିଶାରୁ ନିଜର ଉପସ୍ଥିତି ହଜାଇ ଦେଇଥିଲା। ହେଲେ ଓଡ଼ିଶାର ଉଭୟ ଚାଷଜମି ଓ ଖାଦ୍ୟ ଥାଳିରେ କ୍ଷୁଦ୍ରଶସ୍ୟର ପୁନରୁଦ୍ଧାର ପାଇଁ ୨୦୧୭-୧୮ ଆର୍ଥିକବର୍ଷରେ ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଦ୍ୱାରା 'ଓଡ଼ିଶା ମିଲେଟ୍‌ସ ମିଶନ'ର ଶୁଭାରମ୍ଭ କରାଯାଇଥିଲା।

କ୍ଷୁଦ୍ରଶସ୍ୟ ଚାଷ ହେଉଥିବା ରାଜ୍ୟର ୧୧ ପ୍ରମୁଖ ଜିଲା ତଥା ଆଦାବାସୀ ଅଧ୍ୟୁଷିତ ଅଞ୍ଚଳରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା, ଯାହାର ସଫଳତା ଏବେ ସମଗ୍ର ଦେଶ ପାଇଁ ଉଦାହରଣ ପାଲଟିଛି। ପ୍ରଥମଥର ପାଇଁ ୨୦୧୮-୧୯ ବର୍ଷରେ ୧୭,୯୮୫ କୁଇଣ୍ଟାଲ ମାଣ୍ଡିଆ ସର୍ବନିମ୍ନ ସହାୟକ ମୂଲ୍ୟରେ ଚାଷୀମାନଙ୍କଠାରୁ ସଂଗ୍ରହ କରାଯିବା ସହିତ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଏହାକୁ ଅନ୍ତର୍ଭୁକ୍ତ କରାଯାଇଛି। ଓଡ଼ିଶା ମିଲେଟ୍‌ସ ମିଶନର ସଫଳତା ଆଧାରରେ ଭାରତ ସରକାର ପୁଷ୍ଟିଶସ୍ୟ ସଂକ୍ରାନ୍ତରେ





- ୨୦୧୮-୧୯ରେ ୧୭,୯୮୫ କୁଇଣ୍ଟାଲ ମାଣ୍ଡିଆ ସଂଗ୍ରହ
- ଓଡ଼ିଶା ଢାଞ୍ଚାରେ ଅନ୍ୟ ରାଜ୍ୟରେ ହେବ ମାଣ୍ଡିଆ ଚାଷ

ମାର୍ଗଦର୍ଶିକାକୁ ସଂଶୋଧନ କରିବା ଲାଗି ଏକ ଟାସ୍କଫୋର୍ସ ଗଠନ କରିଛନ୍ତି। ନୀତି ଆୟୋଗ ଦ୍ୱାରା ଓଡ଼ିଶା ମିଲେଟ୍‌ସ ମିଶନ ଢାଞ୍ଚାରେ ମାଣ୍ଡିଆ ଚାଷକୁ ଅନ୍ୟ ରାଜ୍ୟରେ ପ୍ରଚଳନ ପାଇଁ ପ୍ରୋତ୍ସାହିତ କରାଯାଉଛି। ମିଲେଟ୍‌ସ ବା କ୍ଷୁଦ୍ରଶସ୍ୟର ଉତ୍ପାଦନ ବୃଦ୍ଧି ସହ ବଜାର ସୁବିଧା ସୃଷ୍ଟି କରିବା ଏବଂ ଅତ୍ୟାଧୁନିକ ପଦ୍ଧତିରେ ମାଣ୍ଡିଆ ଭଳି କ୍ଷୁଦ୍ରଶସ୍ୟକୁ ଲୋକପ୍ରିୟ କରାଇବା ଏହାର ପ୍ରମୁଖ ଉଦ୍ଦେଶ୍ୟ ଥିଲା। ଏହାସହ ମିଲେଟ୍-ବେସ୍‌ଡ ଫୁଡ୍ ପ୍ରୋସେସିଂକୁ ପ୍ରୋତ୍ସାହିତ କରିବା ପାଇଁ ଯୁବ ଉଦ୍ୟୋଗୀମାନଙ୍କୁ ସ୍ୱତନ୍ତ୍ର ପ୍ରୋତ୍ସାହନ ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଥିଲା। ଏହାର ସଫଳତାକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ମିଲେଟ୍ ମିଶନକୁ ଅନ୍ୟ ଜିଲାଗୁଡ଼ିକରେ ମଧ୍ୟ କାର୍ଯ୍ୟକାରୀ କରିବାକୁ ଯୋଜନା ରହିଛି। ଆଇସିଡିଏସ୍, ଏମ୍‌ଡିଏମ୍, ଆଇଟିଡିଏ ଦ୍ୱାରା ପରିଚାଳିତ ହଷ୍ଟେଲ ଭଳି ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ପୋଷଣ ଯୋଜନାରେ କ୍ଷୁଦ୍ରଶସ୍ୟକୁ ସାମିଲ କରାଯାଇଥିବା ବେଳେ ଆଗାମୀ ଭବିଷ୍ୟତରେ ଏହାକୁ ପିଡିଏସ୍‌ରେ ସାମିଲ କରାଯିବ ବୋଲି ସୂଚନା ମିଳିଛି। ବର୍ତ୍ତମାନ ରାଜ୍ୟର ୧୪ ଜିଲାର ୭୨ ବ୍ଲକ୍‌ରେ ୨୩,୨୩୫ ହେକ୍ଟର ଚାଷଜମିରେ କ୍ଷୁଦ୍ରଶସ୍ୟ ଚାଷ କରାଯାଉଥିବା ବେଳେ ୫୩,୫୪୨ ଚାଷୀ ଏହାଦ୍ୱାରା ଉପକୃତ ହେଉଛନ୍ତି।





### ଉଦାହରଣ ସାଜିଛି 'ମାଣ୍ଡିଆ କାଫେ'

କ୍ଷୁଦ୍ରଶସ୍ୟର ଲୋକପ୍ରିୟତା ବୃଦ୍ଧି ପାଇଁ ମିଶନ ଶକ୍ତି ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଇ ଅତ୍ୟାଧୁନିକ ଖାଦ୍ୟମାନ ପ୍ରସ୍ତୁତ କରାଯାଉଛି। ଯୁବବର୍ଗଙ୍କୁ ଦୃଷ୍ଟିରେ ରଖି ଭୁବନେଶ୍ୱରର ତ୍ରିଶକ୍ତି ମହିଳା ପରିଷଦ ସହଯୋଗରେ ଏକ ମାଣ୍ଡିଆ କାଫେ ଖୋଲାଯାଇଛି। ମାଣ୍ଡିଆ ଭେଜ୍ ସ୍ୟାଣ୍ଡୱିଚ୍, ପ୍ରୋସୋ ବିରିଆନୀ, ମାଣ୍ଡିଆ ପିଜ୍‌ଜା, ମାଣ୍ଡିଆ ସୁପ୍, ମାଣ୍ଡିଆ ବର୍ଗର, ମାଣ୍ଡିଆ ହଟ୍‌ଡଗ୍, ମାଣ୍ଡିଆ କୁକିଜ୍, ମାଣ୍ଡିଆ ମିକ୍ସଚର, ମାଣ୍ଡିଆ ବ୍ରେଡ୍, ମାଣ୍ଡିଆ ମଫିନ୍, ମାଣ୍ଡିଆରେ ପ୍ରସ୍ତୁତ ସୁଗାର୍ ଫ୍ରୀ ବିସ୍କୁଟ୍ ଭଳି ଏକାଧିକ ନୂତନ ପଦ୍ଧତିର ଖାଦ୍ୟ ପ୍ରସ୍ତୁତ କରାଯାଇ ବିକ୍ରି କରାଯାଉଛି। ଏହାବ୍ୟତୀତ ମାଣ୍ଡିଆ କାଫେ ପକ୍ଷରୁ ବିଭିନ୍ନ ମେଳା, ମହୋତ୍ସବରେ ଷ୍ଟଲ୍ ପକାଯାଇ ମାଣ୍ଡିଆରେ ପ୍ରସ୍ତୁତ ଦହିବରା, ଆଳୁଚପ୍, ପୋଡ଼ପିଠା, ମଣ୍ଡାପିଠା, ସୁଆଁ କ୍ଷୀରି, ବରା, ପକୁଡ଼ି, ଜାଉ, ମାଣ୍ଡିଆ ଚିକେନ୍ ପକୁଡ଼ି, ଇଡ୍‌ଲୀ, ଲଡୁ, ନିମ୍‌କି, ଆରିସା ପିଠା ଆଦି ବିକ୍ରି ହେଉଛି। ସେହିଭଳି ଟ୍ରାଇବାଲ ଡେଭଲପ୍‌ମେଣ୍ଟ କୋପରେଟିଭ୍ କର୍ପୋରେଶନ(ଟିଡିସିସି) ଦ୍ୱାରା ଆଦିଶା ମାଧ୍ୟମରେ ମାଣ୍ଡିଆ ପ୍ରସ୍ତୁତ ବିଭିନ୍ନ ପ୍ରକାର ଖାଦ୍ୟସାମଗ୍ରୀ ବ୍ରାଣ୍ଡିଂ କରାଯାଇ ଉଭୟ ଅନ୍‌ଲାଇନ୍ ଏବଂ ଅଫ୍‌ଲାଇନ୍‌ରେ ବିକ୍ରି କରାଯାଉଛି। ଆଗାମୀ ଦିନରେ ମାଣ୍ଡିଆରେ ପ୍ରସ୍ତୁତ ବିଭିନ୍ନ ଖାଦ୍ୟସାମଗ୍ରୀକୁ ଆଇଆର୍‌ସିଟିସି ୱେବ୍‌ସାଇଟରେ ସାମିଲ କରିବାକୁ ଯୋଜନା ରହିଛି।

### କ'ଣ ପାଇଁ ହିତକର

କ୍ଷୁଦ୍ରଶସ୍ୟ ସ୍ୱାସ୍ଥ୍ୟ ପାଇଁ ହିତକର ହୋଇଥାଏ। ମାଣ୍ଡିଆରେ କ୍ଷୀର ତୁଳନାରେ ୩ ଗୁଣା ଅଧିକ କ୍ୟାଲସିୟମ୍ ରହିଥାଏ। ସେହିଭଳି ସୁଆଁରେ ଚାଉଳ ତୁଳନାରେ ୧୩ ଗୁଣା ଅଧିକ ଲୌହ ବା ଆଇରନ୍ ରହିଥାଏ। କ୍ଷୁଦ୍ରଶସ୍ୟ 'କୋଦ'ରେ ଗହମ, ଚାଉଳ ଓ ମକା ତୁଳନାରେ ୩ ଗୁଣା ଅଧିକ ତନ୍ତୁ ରହିଥାଏ। ସ୍ୱଳ୍ପ ଗ୍ଲାଇସେମିକ୍ ଇଣ୍ଡେକ୍ସ ଯୁକ୍ତ ହେବାସହ ଏହା ଅଧିକ ତନ୍ତୁଯୁକ୍ତ, ଅଧିକ କ୍ୟାଲସିୟମ୍, ଅଧିକ ଲୌହଯୁକ୍ତ, ଗ୍ଲୁଟିନ୍ ମୁକ୍ତ ହୋଇଥାଏ। ଏଥିରେ ଅଧିକ ଆଣ୍ଟିଅକ୍ସିଡାଣ୍ଟ ଓ ମିନେରାଲ୍ ରହିଥାଏ, ଯାହା ବୃକକ୍ ଓ ଯକୃତର କାର୍ଯ୍ୟକ୍ଷମତାକୁ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। କୋଲେଷ୍ଟ୍ରୋଲ୍‌କୁ କମାଇବାରେ ମଧ୍ୟ ମିଲେଟ୍ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।

## ଆଜି କ'ଣ କେଉଁଠି

**ସମ୍ବଲପୁର**
- ଜିଏମ୍‌ୟୁ ବାଣିଜ୍ୟ ବିଭାଗ ଆୟୋଜିତ ଜାତୀୟ ଆଲୋଚନାଚକ୍ର, ଅମୃତବିହାର ସ୍ଥିତ ଅଧ୍ୟାପନା ପ୍ରକୋଷ୍ଠ-୧, ପୂର୍ବାହ୍ଣ ୧୦ଟା ।

**ବିଜେପୁର**
- ପଞ୍ଚାୟତସ୍ତରୀୟ ଏମ୍‌ଜିଏନ୍‌ଆରଇଜିଏସ ସାମାଜିକ ସମୀକ୍ଷା, ପଞ୍ଚାୟତ କାର୍ଯ୍ୟାଳୟ ସାନ ବାଉଁଶେନ, ବଡ ବାଉଁଶେନ, ବୁଡାପାଲି, ସାଇପାଲି, ଗଣ୍ଡାପାଲି, ପୂର୍ବାହ୍ଣ ୧୦।୩୦।

**ଭେଡେନ**
- କୃଷକ ସମ୍ପର୍କ ମେଳା, ଗିରି ଗୋବର୍ଦ୍ଧନ ପୀଠ ଦେଢୁଲବା, ପୂର୍ବାହ୍ଣ ୧୦ଟା।
- ଅଖଣ୍ଡ ନବରାତ୍ରି ନାମଜପ ଆରମ୍ଭ, ସିଦ୍ଧେଶ୍ୱର ମହାଦେବ ମନ୍ଦିର, ପୂର୍ବାହ୍ଣ ୧୧ଟା।
- ଶନି ମନ୍ଦିର ବଗ୍ରହ ପ୍ରତିଷ୍ଠା ଉତ୍ସବର ଉଦ୍‌ଯାପନୀ, ବାଞ୍ଜିପାଲି ଶନି ମନ୍ଦିର, ଅପରାହ୍ଣ ୨ଟା।
- ବୀରାଟ ରାମଲୀଳା ମହୋତ୍ସବ ଉଦ୍‌ଘାଟନ ଉତ୍ସବ, ଭେଡେନ ରାବଣ ଦରବାର, ସନ୍ଧ୍ୟା ୭ଟା।

**ଟିକ୍ରାପଡା**
- ଶିଶୁ ଶ୍ରମିକ ବିଦ୍ୟାଳୟର ଷଷ୍ଠ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା, ସ୍କୁଲ ପରିସର, ସନ୍ଧ୍ୟା ୬ଟା।

**ଲୋଇସିଂହା**
- ବ୍ଲକସ୍ତରୀୟ ମାନସ ମନ୍ଥନ କାର୍ଯ୍ୟକ୍ରମ, ଲୋଇସିଂହା ବାଳିକା ଉଚ୍ଚ ବିଦ୍ୟାଳୟ ପରିସର , ପୂର୍ବାହ୍ଣ ୧୧ଟା।

**ବଲାଙ୍ଗୀର**
- ବଲାଙ୍ଗୀର ବହିହାଟ ଉଦ୍‌ଯାପନୀ ସମାରୋହ, କୋଶଳ କଳାମଣ୍ଡଳ ପଡିଆ, ସନ୍ଧ୍ୟା ୬ଟା।
- କୋଶଲୀ ଚଳଚ୍ଚିତ୍ର ଶଲାବୁଢ଼ାର ବଦଲା ମୁକ୍ତିଲାଭ, ରୟାଲ ସିନେମା, ପୂର୍ବାହ୍ଣ ସାଢ଼େ ୧୦ଟା।

**ବୌଦ୍ଧ**
- ୧୫ତମ ସର୍ବଭାରତୀୟ ଡିଏସ୍ କପ୍ ଫୁଟବଲର ପ୍ରଥମ ସେମିଫାଇନାଲ, କଚେରୀ ଖେଳ ପଡିଆ, ଅପରାହ୍ଣ ସାଢେ ୨ଟା ।
- ଜଗତି ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ଓ କ୍ରୀଡା ପ୍ରତିଯୋଗିତା, ଉଚ୍ଚ ବିଦ୍ୟାଳୟ ପଡିଆ, ସକାଳ ୮ଟା।

**ଦେବଗଡ଼**
- ନୁପୁର ନୃତ୍ୟ ସଙ୍ଗୀତ ଉତ୍ସବ ଦ୍ୱିତୀୟ ଦିନ, ଇଣ୍ଡୋର ଷ୍ଟାଡ଼ିୟମ, ଦେବଗଡ଼, ସନ୍ଧ୍ୟା ୬ଟା।
- ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପନୀ କାର୍ଯ୍ୟକ୍ରମ, ଇଣ୍ଡୋର ଷ୍ଟାଡ଼ିୟମ, ପୂର୍ବାହ୍ଣ ୧୧ଟା ୩୦।
- ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ହକି ମ୍ୟାଚ, ଦେବଗଡ଼, ପୂର୍ବାହ୍ଣ ୯ଟା।

**ସମ୍ବଲପୁର**
- ଜିଏମ୍‌ୟୁ ବାଣିଜ୍ୟ ବିଭାଗ ପକ୍ଷରୁ ଜାତୀୟ ଆଲୋଚନାଚକ୍ର, ଅମୃତବିହାରସ୍ଥିତ ଅଧ୍ୟାପନା ପ୍ରକୋଷ୍ଠ-୧, ପୂର୍ବାହ୍ଣ ୧୦ଟା ।


**Government of Odisha**
**OFFICE OF THE SUPERINTENDING ENGINEER, CUTTACK (R &B) CIRCLE, CUTTACK**
E-mail ID- sectcrb_2006@yahoo.co.in, Tel/Fax - 0671-2301751/2302751

No.B-578 :- **OFFICE ORDER**

The tender for the following work invited vide Tender Call Notice No.S.E. Ctc. (R&B) 4/2019-20 is hereby cancelled due to disqualification of all the bidders.
1. Construction of Kalyan Mandap at Kendrapara for the year 2019-20 (Civil, EI, PH)

Sd./- Superintending Engineer
Cuttack (R & B) Circle
34012/11/0012/1920


# ଅଣସଙ୍ଗଠିତ ଶ୍ରମିକଙ୍କ ସାମାଜିକ ସୁରକ୍ଷାକୁ ପ୍ରାଧାନ୍ୟ

ଭୁବନେଶ୍ୱର,୧୬।୧(ବ୍ୟୁରୋ)

ଅଣସଙ୍ଗଠିତ ଶ୍ରମିକମାନଙ୍କ ତ୍ୟାଗ, ନିଷ୍ଠା ଓ ଅକ୍ଳାନ୍ତ ପରିଶ୍ରମ ଯୋଗୁ ରାଜ୍ୟରେ ବିକାଶ ଧାରା ତ୍ୱରାନ୍ୱିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ସରକାର ସର୍ବାଙ୍ଗୀନ ଉନ୍ନତି ସହ ଶ୍ରମିକମାନଙ୍କର ସାମାଜିକ ସୁରକ୍ଷାକୁ ପ୍ରାଧାନ୍ୟ ଦେଇଆସୁଛନ୍ତି। ଓଡ଼ିଶା ଅଣସଙ୍ଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ଼ର ପଞ୍ଚମ ବୈଠକରେ ଯୋଗଦେଇ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ ଗୁରୁବାର ଏହା କହିଛନ୍ତି।

ମନ୍ତ୍ରୀ ସିଂ କହିଥିଲେ, ଏହି ପରିପ୍ରେକ୍ଷୀରେ ନିକଟରେ ଓଡ଼ିଶା ଅଣସଙ୍ଗଠିତ ସାମାଜିକ ସୁରକ୍ଷା ନିୟମାବଳୀକୁ ସଂଶୋଧନ କରାଯାଇ ଅଣସଂଗଠିତ ଶ୍ରମିକମାନଙ୍କର ପଞ୍ଜୀକରଣ ଦେୟ୩୦ ଟଙ୍କା ଓ ବାର୍ଷିକ ଦେୟ ୫୦ ଟଙ୍କାକୁ ସମ୍ପୂର୍ଣ୍ଣଭାବେ ଉଚ୍ଛେଦ କରାଯାଇଛି। ପଞ୍ଜୀକୃତ ଶ୍ରମିକଙ୍କ ନବୀକରଣର ଅବଧିକୁ ୧ ବର୍ଷରୁ ୩ ବର୍ଷକୁ ବୃଦ୍ଧି କରାଯାଇଛି। ବୋର୍ଡ଼ ତରଫରୁ ଅନ୍‌ଲାଇନ୍ ବ୍ୟବସ୍ଥା ମାଧ୍ୟମରେ ହିତାଧିକାରୀ ପଞ୍ଜୀକରଣ ଓ ସହାୟତା ପ୍ରଦାନ ସହିତ ବୋର୍ଡର ସମସ୍ତ କାର୍ଯ୍ୟାବଳୀ ଉପରେ ଜନସାଧାରଣଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟରେ ଏହାର ନିଜ ୱେବ୍‌ସାଇଟ୍ ପ୍ରସ୍ତୁତ ପାଇଁ ପଦକ୍ଷେପ ନିଆଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

ଏହାବ୍ୟତୀତ, ବୋର୍ଡ ତରଫରୁ କିଛି ନୂତନ ସାମାଜିକ ସୁରକ୍ଷା ଯୋଜନା ଯଥା- ପଞ୍ଜୀକୃତ ଅଣସଙ୍ଗଠିତ ଶ୍ରମିକମାନଙ୍କ ପିଲାମାନଙ୍କୁ ସାଧାରଣ ତଥା ବୈଷୟିକ ଶିକ୍ଷା ନିମନ୍ତେ ଶିକ୍ଷା ସହାୟତା ଏବଂ ମେଧାବୀ ପିଲାମାନଙ୍କୁ ଛାତ୍ରବୃତ୍ତି ସହାୟତା ସହିତ ଘରୋଇ କ୍ଷେତ୍ରରେ ନିୟୋଜିତ ଶ୍ରମିକମାନଙ୍କ ଦକ୍ଷତା ବିକାଶ ନିମନ୍ତେ ପ୍ରଶିକ୍ଷଣ ବାବଦରେ ଆଲୋଚନା କରାଯାଇ ବିଧିବଦ୍ଧ ନିଷ୍ପତ୍ତି ନିଆଯାଇଛି।

ଏହାକୁ ରାଜ୍ୟ ସରକାରଙ୍କ ଅନୁମୋଦନ ନିମନ୍ତେ ପ୍ରେରଣ କରାଯିବ। ଏହିସବୁ ଯୋଜନା ଅଣସଙ୍ଗଠିତ ଶ୍ରମିକ ଓ ସେମାନଙ୍କ ପରିବାରର ସାମାଜିକ ସୁରକ୍ଷା ଦିଗରେ ନିଶ୍ଚିତ ରୂପେ ସହାୟକ ହେବ ବୋଲି ମନ୍ତ୍ରୀ ସିଂ ପ୍ରକାଶ କରିଥିଲେ। ବୈଠକରେ ରାଜ୍ୟ ଶ୍ରମ କମିଶନର ଡ. ଏନ୍. ଥିରୁମାଲା ନାୟକ, ରାଜନଗର ବିଧାୟକ ଧ୍ରୁବଚରଣ ସାହୁ, ଡେପୁଟି କମିଶନର ଅଜୟ କୁମାର ପଟ୍ଟନାୟକ, ବିଭାଗୀୟ ଅତିରିକ୍ତ ଶାସନ ସଚିବ ସୁଧାକରଣ ବୁର୍ଗୀ, ଉପ ଶାସନ ସଚିବ ଜ୍ୟୋତିର୍ମୟ ନାୟକଙ୍କ ସମେତ ଯୋଗେନ୍ଦ୍ର ନାଥ ତ୍ରିପାଠୀ, ସୌରୀବନ୍ଧୁ କର, ବିଷ୍ଣୁଚରଣ ମହାନ୍ତି, କିଶୋର ଜେନା, ମହେନ୍ଦ୍ର ପରିଡ଼ା ଓ ମୋହନ ନାୟକ ପ୍ରମୁଖ ଯୋଗଦେଇ ସେମାନଙ୍କ ସୁଚିନ୍ତିତ ମତାମତ ରଖିଥିଲେ।

# 'ମୋ ସରକାର'ରେ ସାମିଲ ହେଲା ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ ବିଭାଗ

ଭୁବନେଶ୍ୱର, ୧୬।୧ (ବ୍ୟୁରୋ)

ଶିଳ୍ପ ବିଭାଗ ଏବଂ ସୂକ୍ଷ୍ମ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ବିଭାଗ (ଏମ୍‌ଏସ୍‌ଏମ୍‌ଇ) 'ମୋ ସରକାର'ରେ ସାମିଲ ହେଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଲୋକସେବା ଭବନଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ଏହା ଘୋଷଣା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମୋ ସରକାର ଲକ୍ଷ୍ୟ ଅନୁଯାୟୀ ଏହି ଦୁଇଟି ବିଭାଗ ନୂତନ ଉତ୍ତରଦାୟିତ୍ୱ ନେବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଛି। ଗତ ଅକ୍ଟୋବର ୨ ତାରିଖରେ ମୋ ସରକାର ଘୋଷଣା କରାଯାଇଥିଲା। ସେତେବେଳେ ଗୃହ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ସାମିଲ କରାଯାଇଥିଲା। ପରେ ଅନ୍ୟ ବିଭାଗଗୁଡିକୁ ଏଥିରେ ସାମିଲ କରାଯାଉଛି। ସମସ୍ତ ସରକାରୀ କର୍ମଚାରୀ ମୋ ସରକାରର ମୂଳ ଲକ୍ଷ୍ୟ ବିଷୟରେ ସଚେତନ ନିଶ୍ଚିତ ହୋଇଯାଇଥିବେ। ବ୍ରିଟିଶ ଶାସନ ସମୟରୁ ମୌଳିକ ମନସ୍ତାତ୍ତ୍ୱିକ ସାଧାରଣ ସେବା ବ୍ୟବସ୍ଥାରେ ପ୍ରଚଳିତ ହୋଇ ଆସୁଥିଲା। ବଜାର ଅର୍ଥନୀତିରେ ଗରାଖ ଯେପରି ରାଜା, ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଲୋକମାନେ ସେହି ସ୍ଥାନର ଅଧିକାରୀ। ଲୋକମାନଙ୍କର ସେବା କରିବାକୁ ଆମେ ରହିଛୁ। ଏହାକୁ ଯଦି ମୂଳନୀତି ଧରାଯିବ ତେବେ ପେସା, ଦକ୍ଷତା ଓ ସ୍ୱଚ୍ଛତା ଆପେ ଆପେ ତାକୁ ଅନୁସରଣ କରିବ। ଶିଳ୍ପ ଓ ଏମ୍‌ଏସ୍‌ଏମ୍‌ଇ ବିଭାଗ ମେକ୍ ଇନ ଓଡ଼ିଶା ଭଳି ନୂତନ ଚିନ୍ତାଧାରା ଆପଣାଇଛି। ଦୁଇଟି ମେକ୍ ଇନ ଓଡ଼ିଶା କାର୍ଯ୍ୟକ୍ରମ ଯୋଗୁ ରାଜ୍ୟରେ ୬ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ପାଇଁ ଆଗ୍ରହ ପ୍ରକାଶ ପାଇଛି। ନିକଟରେ ଓଡ଼ିଶା ଏକ ପୁଞ୍ଜିନିବେଶ ପାଇଁ ଉତ୍କୃଷ୍ଟ କ୍ଷେତ୍ରରେ ପରିଣତ ହୋଇପାରିଛି। ୨୦୧୯ ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ଦେଶର ମୋଟ ପୁଞ୍ଜିନିବେଶର ୧୮ ପ୍ରତିଶତ ଓଡ଼ିଶାକୁ ଆସିପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଶିଳ୍ପମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର କହିଥିଲେ ଯେ, ଏହା ପୁଞ୍ଜିନିବେଶକାରୀଙ୍କୁ ଅଧିକ ଆକୃଷ୍ଟ କରିପାରିବ। ମୁଖ୍ୟ ଶାସନ ସଚିବ ଅସୀତ ତ୍ରିପାଠୀ କହିଥିଲେ, ଶିଳ୍ପ ବିଭାଗର ଅଧିକାରୀମାନେ ଅଧିକ ମିଳିତ ଭାବେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ୫-ଟି ସଚିବ ଭି.କେ. ପାଣ୍ଡିଆନ କଳାହାଣ୍ଡି, କଟକ, ଯାଜପୁର, ଅନୁଗୋଳ ଜିଲା ଶିଳ୍ପକେନ୍ଦ୍ରର ମ୍ୟାନେଜର ଏବଂ ରାଉରକେଲା, ସମ୍ବଲପୁର ଓ ଗଜପତି ଜିଲାର ଇଡ୍‌କୋ ମ୍ୟାନେଜରଙ୍କ ସହ ମୋ ସରକାରର ଆଭିମୁଖ୍ୟ ନେଇ ଆଲୋଚନା କରିଥିଲେ।


## ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ବୌଦ୍ଧ

**ଗ୍ରାମ ରୋଜଗାର ସେବକ ପଦବୀ ନିମନ୍ତେ ବିଜ୍ଞାପନ (ଅନୁସୂଚିତ ବର୍ଗ ଓ ଭିନ୍ନକ୍ଷମ ନିମନ୍ତେ)**

ବୌଦ୍ଧ ଜିଲ୍ଲାରେ 20(କୋଡିଏ) ଗୋଟି ଚୁକ୍ତିଭିତ୍ତିକ ଗ୍ରାମ ରୋଜଗାର ସେବକ ପଦବୀ ପୂରଣ ନିମନ୍ତେ ମାସିକ ୭,୦୦୦/- ଟଙ୍କା ପାରିଶ୍ରମିକ ହିସାବରେ ବା ସରକାରଙ୍କ ସମୟାନୁକ୍ରମେ ଅନୁମୋଦିତ ହାରରେ ନିମ୍ନମତେ ଅନୁସୂଚୀତ ଜାତି, ଅନୁସୂଚିତ ଜନଜାତି ଓ ଭିନ୍ନକ୍ଷମ ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥିନୀଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି।

| କ୍ର. ସଂ. | ବର୍ଗ | ପୂରଣ ହେବାକୁ ଥିବା ପଦବୀ ସଂଖ୍ୟା | |
|---|---|---|---|
| ୧ | ଅନୁସୂଚୀତ ଜାତି | ୦୭ (ମହିଳା-୦୨) | [ତନ୍ମଧ୍ୟରୁ ୦୧ (ଏକ) ଗୋଟି ପଦବୀ ଭିନ୍ନକ୍ଷମ ନିମନ୍ତେ ଉଦ୍ଦିଷ୍ଟ (ସରକାରଙ୍କ ପଞ୍ଚାୟତିରାଜ ବିଭାଗ ପତ୍ର ସଂଖ୍ୟା.22704 ତା.5.12.19 ପ୍ରକାରେ] |
| ୨ | ଅନୁସୂଚୀତ ଜନଜାତି | ୧୩ (ମହିଳା-୦୪) | |
| | ମୋଟ | ୨୦ (ମହିଳା-୦୬) | |

**ବୟସ ଓ ଯୋଗ୍ୟତା :** 1) ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ବୟସ ତା୦୧.୦୧.୨୦୨୦ରିଖ ସୁଦ୍ଧା ୧୮ରୁ ୪୦ ବର୍ଷ ହୋଇଥିବ। 2) ପ୍ରାର୍ଥୀ/ପ୍ରାର୍ଥିନୀ ଓଡ଼ିଶା ସରକାରଙ୍କ ସି.ଏଚ.ଏସ.ଇ. ଦ୍ୱାରା ପରିଚାଳିତ ୧୦+୨ ବା ତତ୍ତୁଲ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ ଏବଂ 3) କମ୍ପ୍ୟୁଟରରେ ଓଡ଼ିଆ ଭାଷା ବ୍ୟବହାର ଜାଣିଥିବା ସହିତ ସରକାରଙ୍କ ସ୍ୱୀକୃତୀପ୍ରାପ୍ତ ଅନୁଷ୍ଠାନ/ବିଶ୍ୱ ବିଦ୍ୟାଳୟ ରୁ "ଓ" ଲେଭେଲ ଓ ତଦୁର୍ଦ୍ଧ୍ୱ ଯଥା PGDCA, BCA, MCA, M.SC. (କମ୍ପ୍ୟୁଟର ବିଜ୍ଞାନ) ଇତ୍ୟାଦି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ। 4) ପ୍ରାର୍ଥୀ/ପ୍ରାର୍ଥିନୀ ବୌଦ୍ଧ ଜିଲ୍ଲାର ବାସିନ୍ଦା ହୋଇଥିବେ।

**ଆବେଦନ କରିବା ପ୍ରଣାଳୀ :** ସବିଶେଷ ବିବରଣୀ ପ୍ରାର୍ଥୀ/ପ୍ରାର୍ଥିନୀ ବୌଦ୍ଧ ଜିଲ୍ଲା ୱେବ୍‌ସାଇଟ୍ "http://boudh.nic.in" ରୁ ପାଇ ପାରିବେ। ନିର୍ଦ୍ଧାରିତ ଫର୍ମ ଉପରୋକ୍ତ ସାଇଟରୁ ଡାଉନଲୋଡ୍ କରି ପ୍ରାର୍ଥୀ/ପ୍ରାର୍ଥିନୀ ନିଜର ସମସ୍ତ ସଠିକ ତଥ୍ୟ ପୂରଣ କରିବା ସହିତ ଆବଶ୍ୟକୀୟ କାଗଜାତ ସଂଲଗ୍ନ କରି ସ୍ପୀଡ ପୋଷ୍ଟ ବା ରେଜିଷ୍ଟ୍ରୀ ଡାକ ଯୋଗେ ଦରଖାସ୍ତ ପଠାଇବେ।

**ଆବେଦନର ଅନ୍ତିମ ତିଥି :** ସମ୍ପୂର୍ଣ୍ଣ ଭାବେ ପୂରଣ କରାଯାଇଥିବା ଦରଖାସ୍ତ ଗୁଡିକ "ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ବୌଦ୍ଧ, ସା/ପୋ.ଅ: ମୁରୁଶୁଣ୍ଡୀ, ଜି: ବୌଦ୍ଧ, ପିନ୍: ୭୬୨୦୧୪" ଙ୍କ ନିକଟରେ ତା୧୫।୦୨।୨୦୨୦ରିଖ ମଧ୍ୟରେ ପହଞ୍ଚିବା ଆବଶ୍ୟକ। ଦରଖାସ୍ତ ଉପରେ "ଗ୍ରାମ ରୋଜଗାର ସେବକ ପଦବୀ ନିମନ୍ତେ ଆବେଦନ ପତ୍ର" ବୋଲି ସ୍ପଷ୍ଟଭାବେ ଉଲ୍ଲିଖିତ ରହିବା ଆବଶ୍ୟକ।

ସ୍ୱା./- **ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ବୌଦ୍ଧ**

ସ୍ୱା./- **ଜିଲ୍ଲାପାଳ-ତଥା-ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ବୌଦ୍ଧ**



**ODISHA HYDRO POWER CORPORATION LTD.**
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT
At / P.O.: BARINIPUT; DIST.: KORAPUT – 764006
PHONE: - (06854) 242001 FAX: - (06854) 242038
e-mail: sgmel_ukhep@ohpcltd.com
CIN No. U40101OR1995SGC003963
No. CAD-822

**IST CORRIGENDUM TO TENDER CALL NOTICE NO. 27/2019-20, DATED: 17.12.2019**

Name of Work:- "Supply of 11KV Line Materials to UKHEP, Bariniput. The last date of Sale, Receipt and Opening of Tender Paper against this office Tender Call Notice No. 27/2019-20 Dated: 17.12.2019 are hereby extended and re-scheduled as follows:-

| | | | |
|---|---|---|---|
| (1) | Sale of tender paper | : | From dtd. 21.01.2020 to 13:00 Hrs. of 01.02.2020 |
| (2) | Last Date & Time of Receipt of Tender Paper | : | Up to 16:00 Hrs. of Dated: 01.02.2020 |
| (3) | Date & Time of Opening of Tender | : | At 16:30 Hrs. of Dated: 01.02.2020 |

All other terms & conditions of the Tender remain unchanged.
For details of the Tender documents, Terms & Conditions and down loading please refer our Web site: www.ohpcltd.com.

Sd/- C & P Head,
Upper Kolab HEP, OHPC Limited, Bariniput
04002/11/0060/1920



**ODISHA HYDRO POWER CORPORATION LTD**
(A Government of Odisha Undertaking)
OFFICE OF THE SENIOR GENERAL MANAGER (ELE.)
UPPER KOLAB H. E. PROJECT,
AT/P.O. : BARINIPUT; DIST. : KORAPUT(ODISHA) -764006
Telephone: 06854 – 242 001 Fax: 06854 – 242 038
Email ID: sgmel_ukhep@ohpcltd.com

**TENDER CALL NOTICE NO.OHPC: SGM (EL): UKHEP: 29/2019-20, Dated: 16.01.2020**

No.CAD-824 :- Sealed Tenders in duplicate are invited from the Registered Travel Agencies/Vehicle Owners for the works mentioned below.

| Sl. No. | Description / Type of Vehicle | Cost of Tender Paper (in Rs.) | EMD (in Rs.) |
|---|---|---|---|
| 1. | Hiring of 01 No. Commercial Registered private closed BS-IV compliant vehicle (TUV 300/ Bolero / Sumo Gold / Ertiga for general duty under P & C Division, UKHEP, Bariniput for a period of 48 Calendar months | Rs.7080/- | 01% of Quoted Value |

The sale of Tender Paper will be from :- 24.01.2020 to 13:00 Hrs. of 07.02.2020. The last date & time of receipt of tender :- Up to 16:00 Hrs. of 07.02.2020. The date and time of opening of tender :- 16:30 Hrs. of 07.02.2020. For details of tender documents and Terms & Conditions downloading please visit our website **www.ohpcltd.com.**

C & P Head, Upper Kolab HEP,
OHPC Limited, Bariniput
04002/11/0061/1920



**GOVERNMENT OF ODISHA**
**"e" PROCUREMENT NOTICE**
*For Turn Key Project*
**WORKS DEPARTMENT**
E-mail: ceworldbankprojects@gmail.com

**2nd Corrigendum to Bid Identification No. CE-W.B.P.(O) - 07/2019-20**
File No.: PIM-MISC-10/2008 (Pt.)

No.: B-580: Following changes are made to the truneky tender for the work "Construction of H.L. Bridge over Indravati Reservoir on 1st Km of Mahulpatna - Kenduguda - Gopinathpur Road in the district of Kalahandi under State Plan" vide Bid Identification No. CE-W.B.P.(O)-07/2019-20.

| Reference Sl. No. of IFB | Items | Revised as |
|---|---|---|
| 1 | 2 | 3 |
| Para - 04 | Bids shall be received only "Online" on or before | 07.02.2020 upto 17.00 hours |
| Para - 06 | Bids received Online shall be opened at | 11.30 hours on 10.02.2020 |

All other terms and conditions remain unchanged.

Sd./- Chief Engineer
(World Bank Project), Odisha
34003/11/0022/1920



GOVERNMENT OF ODISHA No.: B-582
**"e" PROCUREMENT NOTICE**
**OFFICE OF THE EXECUTIVE ENGINEER, KHARIAR (R&B) DIVISION, KHARIAR**
E-mail: eeroads.khr@rediffmail.com

No.: 217 Date: 14.01.2020

**INVITATION FOR BIDS**
Bid Identification No. E.E. (RNB) khariar - 06/2019-20

| | | |
|---|---|---|
| 1 | The Executive Engineer, Khariar (R&B) Division, Khariar on behalf of Governor of Odisha, invites percentage rate bids in **single cover system** in **ONLINE MODE** only. | |
| 2 | Nature of Work | Building Work |
| 3 | No. of Work | 1 Number Building Work |
| 4 | Tender Paper Cost | Rs.6,000/- to be remitted online only |
| 5 | Class of Contractor | As specified in the notice for the respective work |
| 6 | Availability of Bid documents in the website | From 10.00 hours of 22.01.2020 to 17.00 hours of 07.02.2020 |
| 7 | Date of Opening of Bid | Dt.08.02.2020 at 11.30 hours |
| 8 | EMD/Bid Security | As specified in the notice to be remitted online only |
| 9 | The bidders shall have to participate in ONLINE bidding only. Further details can be seen from the website: **https://www.tendersodisha.gov.in**. Any addendum/corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

Sd./- K.K. Panda
Executive Engineer, Khariar (R&B) Division
34062/11/0007/1920



**OFFICE OF THE SUPERINTENDENT ODISHA STATE ARCHIVES, SACHIVALAY MARG, BHUBANESWAR**

**SHORT TENDER CALL NOTICE**

No. RR-42: Two bid sealed tender is invited from OEM/ Authorized Partner/ Authorized dealer/ reputed firm for supply of Studio Light for two camera setup at Odisha State Archives. The detailed specification and term & conditions are available in the tender documents. The tender documents are available in the office of the undersigned on any working days during the office hours on or before dt. 29.01.2020 by deposit of Rs. 500.00 in cash. Completely filled tender documents should be reached the undersigned on or before dt. 29.01.2020 by 5.00 P.M. The technical bid of the tenders will be opened on dt. 31.01.2020 at 3.30 P.M. in the office of the undersigned in the presence of the tenderers or their authorized representatives. Those who will qualify in technical bids will be opened their financial bid. The successful tenderer will have to deposit a refundable security deposit of 5% of the tender value in shape of Bank Draft within seven days from the date of receiving the order.

The tenderers should furnish Xerox copies of Income Tax Clearance Certificate, GST registration certificate etc. along with the tender papers and original Authorized letter from OEM to participate in tender. The authority reserves the right to accept or reject any or all the tenders or part thereof without assigning any reason thereof. The tender documents will available at our official website http//www.odishaculture.gov.in/ advertisement.asp & http//www.odishaarchives .nic.in/ advertisement.asp. For any further clarification regarding the work firms may contact or meet to the undersigned on any working days during the office hours.

Sd./- Superintendent, Odisha State Archives,
Bhubaneswar. Phone No. 0674-2501636
03002/11/0005/1920

**ଆଖିରେ ଅସୁମାରି ସ୍ୱପ୍ନ, ଏହାକୁ ସାକାର କରିବା ପାଇଁ ଅସୀମ ମନୋବଳ । ରାଜ୍ୟରେ ଲୋକପ୍ରିୟ ନ ଥିବା ଏକ କ୍ରୀଡ଼ାକୁ କ୍ୟାରିୟର କରି ଆଗକୁ ବଢ଼ିବାର ଦୁର୍ବାର ପ୍ରୟାସ । ଲକ୍ଷ୍ୟ ପଥରେ ଅଗ୍ରସର ହେବାବେଳେ କିଛି ପାହାଚ ଚଢ଼ିଛନ୍ତି, ଆହୁରି ଅନେକ ବାଟ ବାକିଅଛି । ତେବେ ଦିନେନା ଦିନେ ଲକ୍ଷ୍ୟସ୍ଥଳରେ ପହଞ୍ଚିବାର ଅଦମ୍ୟ ଇଚ୍ଛାଶକ୍ତି ରଖିଥିବା ସାହସୀ ବାଳକ ହେଲେ ହ୍ୟାଣ୍ଡବଲ ପ୍ରତିଭା ଆର୍ଯ୍ୟନ ବ୍ରାହ୍ମିନ ...**

# ଉଚ୍ଚାଭିଳାଷୀ ଆର୍ଯ୍ୟନ

## ସରକାର ଧ୍ୟାନଦେବା ସମୟ ଆସିଛି



କ୍ରୀଡ଼ା ଭିତ୍ତିଭୂମି ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତା ଆୟୋଜନ ପାଇଁ ଓଡ଼ିଶା ଏବେ ଅନ୍ତର୍ଜାତୀୟ ସ୍ତରରେ ସ୍ୱତନ୍ତ୍ର ଛାପ ଛାଡ଼ିଛି। ଦେଶ ବିଦେଶରୁ ପ୍ରଶଂସା ସାଉଁଟିଛି ଆମ ରାଜ୍ୟ। ଏଠାରେ ଖେଳକୁ ଗୁରୁତ୍ୱ ଦିଆଯାଉଛି। ମାତ୍ର ଏବେ ମଧ୍ୟ ଏପରି କେତେକ କ୍ରୀଡ଼ା ଅଛି ଯାହାକି ରାଜ୍ୟ ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଛି। ଏହା ଅଲିମ୍ପିକ୍ସ କ୍ରୀଡ଼ା ହୋଇଥିଲେ ହେଁ ଆବଶ୍ୟକ ସମର୍ଥନ ପାଇନାହିଁ। ଫଳରେ ଏହାକୁ କ୍ୟାରିୟର କରିବାକୁ ଚାହୁଁଥିବା ଖେଳାଳି ଭବିଷ୍ୟତକୁ ନେଇ ସନ୍ଦିହାନ ରହୁଛି। ଏହି ପରିଧି ମଧ୍ୟରେ ଆଗକୁ ବଢୁଥିବା ରାଜ୍ୟର ଜଣେ ଉଦୀୟମାନ ଖେଳାଳି ହେଲେ ହ୍ୟାଣ୍ଡବଲ ପ୍ରତିଭା ଆର୍ଯ୍ୟନ ବ୍ରାହ୍ମିନ। ଅପର୍ଣ୍ଣା ଓ ଗୌରୀଶଙ୍କର ମିଶ୍ରଙ୍କ ସୁପୁତ୍ର ଆର୍ଯ୍ୟନ ବ୍ୟକ୍ତିଗତ ଉଦ୍ୟମରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରୁ ସୁନାମ ସାଉଣ୍ଟିଥିଲେ ହେଁ ତାଙ୍କ ପାଇଁ ଏଠାରେ ସୁଯୋଗର ଅଭାବ। ଖେଳ ତାଙ୍କ ଜୀବନ ପାଲଟି ଯାଇଛି। ତେଣୁ ଉପଯୁକ୍ତ ସୁବିଧା ସୁଯୋଗ ନ ମିଳିଲେ ସେହି ଖେଳ ପାଇଁ ରାଜ୍ୟ ଛାଡ଼ିବା କଥା ମଧ୍ୟ ଚିନ୍ତା କରୁଛନ୍ତି ଏହି କ୍ରୀଡ଼ା ପ୍ରତିଭା।

**ଲଣ୍ଡନ ଅଲିମ୍ପିକ୍ସରୁ ହ୍ୟାଣ୍ଡବଲ ପ୍ରେମ**

'ମୁଁ ୨୦୧୨ରୁ ଖେଳିବା ଆରମ୍ଭ କରିଛି। ଲଣ୍ଡନ ଅଲିମ୍ପିକ୍ସ ଦେଖି ସେଥିରୁ ଏହି ଗେମ୍ ପ୍ରତି ଅନୁପ୍ରାଣିତ ହୋଇଥିଲି। ପୂର୍ବରୁ ମୁଁ ବାସ୍କେଟବଲ ଓ ଫୁଟବଲ ଖେଳୁଥିଲି। ଫୁଟବଲରେ କ୍ୟାରିୟର କରିବି ବୋଲି ଇଚ୍ଛାଥିଲା। ତେବେ ଏହି ଗେମ୍‌ରେ ମୁଁ ବିଶେଷ କିଛି ଭଲ କରି ପାରିଲିନି। ତା' ପରେ ବାସ୍କେଟବଲ ଉପରେ ଏକାଗ୍ର ହୋଇଥିଲି। ମାତ୍ର ଲଣ୍ଡନ ଅଲିମ୍ପିକ୍ସ ସମୟରେ ଟିଭିରେ ହ୍ୟାଣ୍ଡବଲ ଇଭେଣ୍ଟ ଦେଖି ଏହା ପ୍ରେମରେ ପଡ଼ିଗଲି। ବାପାଙ୍କୁ ନିଜ ଇଚ୍ଛା ଜଣାଇଲି। ବାପା ଜଣେ ଆଥଲେଟ୍ ଏବଂ ପୂର୍ବରୁ ହ୍ୟାଣ୍ଡବଲ ମଧ୍ୟ ଖେଳୁଥିଲେ। ଗେମ୍ ସମ୍ପର୍କରେ ତାଙ୍କର ଜ୍ଞାନ ଥିବାରୁ ସେ ମୋ ମନକଥା ବୁଝିଗଲେ ଏବଂ ସମ୍ମତି ଦେଲେ। ତାଙ୍କ ପ୍ରଶିକ୍ଷଣରେ ମୋର ହ୍ୟାଣ୍ଡବଲ ଖେଳ ମୂଳଦୁଆ ପଡ଼ିଥିଲା। ସେବେଠାରୁ କଠିନ ଅଭ୍ୟାସ କରି ମୁଁ ଆଗକୁ ବଢ଼ିବାକୁ ଚେଷ୍ଟା କରୁଛି'' ବୋଲି ପ୍ରକାଶ କରିଛନ୍ତି ଆର୍ଯ୍ୟନ।

**ଦିଲ୍ଲୀ, ହରିୟାଣା ଉପରେ ନିର୍ଭର**

ବାପା ହିଁ ମୋର ପ୍ରଥମ କୋଚ୍, ଗାଇଡ ଓ ଦିଗ୍‌ଦର୍ଶକ। ମୁଁ କଳିଙ୍ଗ ଷ୍ଟାଡିୟମକୁ ମଝିରେ ମଝିରେ ଯାଇ ଫିଟ୍‌ନେସ୍ ପ୍ରାକ୍ଟିସ କରୁଛି। ବିଜେବି କଲେଜ ଗ୍ରାଉଣ୍ଡକୁ ମଧ୍ୟ ବଲ୍ ଶୁଟିଂ ମାରିବାକୁ ଯାଉଛି। ତେବେ ହ୍ୟାଣ୍ଡବଲ ପ୍ରାକ୍ଟିସ ପାଇଁ ଏଠାରେ ପର୍ଯ୍ୟାପ୍ତ ସୁବିଧା ନ ଥିବାରୁ କୌଣସି ଟୁର୍ନାମେଣ୍ଟ ପୂର୍ବରୁ ମୋତେ ଦିଲ୍ଲୀ ନଚେତ ହରିୟାଣା ଯିବାକୁ ପଡୁଛି। ସେଠାରେ ୨-୩ ମାସ ଅଭ୍ୟାସ କରି ଫେରୁଛି। ଏହା ଏକ ଟିମ୍ ଗେମ୍ ହୋଇଥିବାରୁ ଅଭ୍ୟାସ ପାଇଁ ପାର୍ଟନର ଆବଶ୍ୟକ। ଏଠାରେ ତାହା ସମ୍ଭବ ହେଉନି। ଦିଲ୍ଲୀ କିମ୍ବା ହରିୟାଣା ଗଲେ ଯାଇ ସେଠାକାର ପିଲାଙ୍କ ସହ ମିଶି ଭଲ ଅଭ୍ୟାସ ମିଳୁଛି। ଏଠାରେ କେବଳ ମୁଁ ଶୁଟିଂ ସ୍କିଲ୍ ଡେଭଲପ୍ କରିଥାଏ ବୋଲି ବିହାରସ୍ଥିତ ଓପନ ସ୍କୁଲରେ ୧୦ମ ଶ୍ରେଣୀରେ ଅଧ୍ୟୟନରତ ଆର୍ଯ୍ୟନ କହିଛନ୍ତି।

**ଅଭ୍ୟାସ ପାଇଁ ପଡ଼ିଆ ଓ କୋଚ୍**

**ଆବଶ୍ୟକ:** ପାଠପଢ଼ା ଓ ଖେଳ ସହିତ ବାଲାନ୍ସ କରିବାରେ ବିଶେଷ ଅସୁବିଧା ଅନୁଭବ କରୁ ନ ଥିବା କହିଛନ୍ତି ଏହି ଖେଳ ପ୍ରତିଭା। ଓଡ଼ିଶାର ଗ୍ରାମାଞ୍ଚଳରେ ହ୍ୟାଣ୍ଡବଲ ପାଇଁ କିଛି ଭିତ୍ତିଭୂମୀ ଥିଲେ ହେଁ ତାଙ୍କୁ କୋଚିଂ ଦେବାଭଳି ପେସାଦାର କୋଚ୍ ନାହାନ୍ତି। ସେ ପୁରୀକୁ ଯାଇ ଝାଡେଶ୍ୱରୀ କ୍ଲବରେ ଏବଂ ଭୁବନେଶ୍ୱରରେ ବାପାଙ୍କ ନିକଟରୁ କୋଚିଂ ନେଇଥାନ୍ତି। ହରିୟାଣା କିମ୍ବା ଦିଲ୍ଲୀ ଗଲେ ଯାଇ ସେଠାରେ ସାଇ କୋଚ୍‌ଙ୍କ ନିକଟରୁ ଟ୍ରେନିଂ ମିଳିଥାଏ। ତେଣୁ ଭୁବନେଶ୍ୱରରେ ଅଭ୍ୟାସ ପାଇଁ ପଡ଼ିଆ ଏବଂ ଉପଯୁକ୍ତ କୋଚ୍ ନିଯୁକ୍ତ କରାଗଲେ ରାଜ୍ୟରେ ହ୍ୟାଣ୍ଡବଲ ଖେଳ ଅଧିକ ଲୋକପ୍ରିୟ ହୋଇପାରିବ ଏବଂ ସେ ବ୍ୟକ୍ତିଗତଭାବେ ଉପକୃତ ହୋଇପାରିବେ ବୋଲି ପ୍ରକାଶ କରିଛନ୍ତି।

**ଅଲିମ୍ପିକ୍ସ ସ୍ୱପ୍ନ:** ଲକ୍ଷ୍ୟ ବହୁଦୂର ଥିଲେ ହେଁ ଅଲିମ୍ପିକ୍ସ ସ୍ୱପ୍ନରୁ ବିରତ ହୋଇ ନାହାନ୍ତି ଉଚ୍ଚାଭିଳାଷୀ ଆର୍ଯ୍ୟନ। ''ଭବିଷ୍ୟତରେ ବାର୍ସିଲୋନା ହ୍ୟାଣ୍ଡବଲ କ୍ଲବରୁ ଖେଳିବା ଏବଂ ଅଲିମ୍ପିକ୍ସରେ ପଦକ ଆଣିବା ମୋର ସ୍ୱପ୍ନ ରହିଛି। ସ୍ୱପ୍ନ ସାକାର କରିବା ପାଇଁ ମୋତେ କଠିନ ପରିଶ୍ରମ ଏବଂ ଅଭ୍ୟାସ କରିବାକୁ ପଡ଼ିବ। ଉପଯୁକ୍ତ ଭିତ୍ତିଭୂମୀ ଏବଂ କୋଚ୍ ଦିଆଗଲେ ମୁଁ ନିଶ୍ଚିତ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିବି'' ବୋଲି ସେ ଦୃଢ଼ତାର ସହ କହିଛନ୍ତି।

**ସ୍ମରଣୀୟ:** ୨୦୧୯ ଏପ୍ରିଲ ୧୩ରୁ ୧୮ ପର୍ଯ୍ୟନ୍ତ ସ୍ପେନ୍‌ରେ ଅନୁଷ୍ଠିତ ପାର୍ଟିଲି କପ୍‌ରେ ଭାରତୀୟ ଦଳ କ୍ୱାର୍ଟର ଫାଇନାଲରେ ପରାଜିତ ହୋଇଥିଲା। ମାତ୍ର ସେ ଯେଉଁ ପୋଜିଶନରେ ଖେଳୁଥିଲେ ସେଥିରେ ତାଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା। ସେଥିରେ ସେ ଅଧିକ ଗୋଲ ମାରିଥିଲେ ଏବଂ ଅନେକ ବନ୍ଧୁ ମିଳିଥିଲେ। ଏହା ତାଙ୍କ ପାଇଁ ସ୍ମରଣୀୟ ହୋଇ ରହିଛି ବୋଲି ପ୍ରକାଶ କରିଛନ୍ତି। ଆସନ୍ତା ଫେବୃୟାରୀରେ କାଠମାଣ୍ଡୁରେ ଟୁର୍ନାମେଣ୍ଟ ଅଛି। ସେଥିରେ ଭାଗ ନେବାକୁ ସେ ଲକ୍ଷ୍ୟ ରଖିଛନ୍ତି। ତା ପୂର୍ବରୁ ପଞ୍ଜାବ ହ୍ୟାଣ୍ଡବଲ ଆସୋସିଏଶନ ଖେଳାଳିଙ୍କ ସହ କାନାଡା ଯାଇ ପ୍ରାକ୍ଟିସ ମ୍ୟାଚ ଖେଳିବା ସହ ଟ୍ରେନିଂ ନେବାର ଯୋଜନା ରହିଛି। ଏଥିପାଇଁ ବାପା ଗୌରୀଶଙ୍କର ପଞ୍ଜାବ ଆସୋସିଏଶନକୁ ଅନୁରୋଧ କରିଥିଲେ ଏବଂ ସେମାନେ ତାହା ରକ୍ଷା କରି ତାଙ୍କୁ ସୁଯୋଗ ଦେଇଛନ୍ତି ବୋଲି ଆର୍ଯ୍ୟନ କହିଛନ୍ତି। ''ରାଜ୍ୟ ସରକାର ଖେଳ ପାଇଁ ଅନେକ କିଛି କରୁଛନ୍ତି। ହ୍ୟାଣ୍ଡବଲ ପ୍ରତି ଟିକେ ଧ୍ୟାନ ଦେବେ ବୋଲି ଆଶା ରହିଛି। ଭୁବନେଶ୍ୱରରେ ହ୍ୟାଣ୍ଡବଲ ପାଇଁ ଗ୍ରାଉଣ୍ଡ ହେଲେ ଅଧିକରୁ ଅଧିକ ପିଲା ବାହାରିବେ। କୋଚ୍ ରହିଲେ ଆମେ ମଧ୍ୟ ଶ୍ରେଷ୍ଠତ୍ୱ ଦେଖାଇ ପାରିବୁ'' ବୋଲି ଭିନ୍ନ କିଛି କରି ଦେଖାଇବା ପାଇଁ ଇଚ୍ଛା ରଖୁଥିବା ଆର୍ଯ୍ୟନ ପ୍ରକାଶ କରିଛନ୍ତି।

ପ୍ରସ୍ତୁତି: **ତପନ ସ୍ୱାଇଁ**

''ଜଣେ ଆଥଲେଟ୍ ଭାବେ ସ୍ପ୍ରିଣ୍ଟ ଓ ହ୍ୟାଣ୍ଡବଲ ମୋର ପ୍ରିୟ ଇଭେଣ୍ଟ ଥିଲା। ମିଡିଲ ଡିଷ୍ଟାନ୍ସ ରନରଭାବେ ଅନେକ ସଫଳତା ମଧ୍ୟ ପାଇଥିଲି। ମାତ୍ର ମୋତେ ବିଶେଷ ସୁବିଧା ସୁଯୋଗ ମିଳି ନ ଥବାରୁ ପୁଅ ଖେଳକୁ ଆସୁବୋଲି ଚାହୁଁ ନ ଥିଲି। ମାତ୍ର ସମ୍ଭବତଃ ବିଧି ନିର୍ଦ୍ଦେଶ ଭିନ୍ନ ଥିଲା, ସେ ଖେଳକୁ ହିଁ କ୍ୟାରିୟର କଲା। ଏବେ ଆରମ୍ଭ ମାତ୍ର। ଆହୁରି ଅନେକ ଦୂର ଯିବାକୁ ଅଛି। ଖେଳରେ କ୍ୟାରିୟର କଲେ ଭାରତୀୟ ଜର୍ସି ପିନ୍ଧିବାକୁ ସମସ୍ତଙ୍କର ଇଚ୍ଛା ଥାଏ। ମୋର ମଧ୍ୟ ଥିଲା। ମାତ୍ର ମୁଁ ତାହା କରିପାରି ନ ଥିଲି। ଏବେ ପୁଅ ତାହା କରୁବୋଲି ମୁଁ ଚାହୁଁଛି। ଭାରତୀୟ ଦଳର ସଦସ୍ୟଭାବେ ଏସିଆନ ପଦକ କିମ୍ବା ଅଲିମ୍ପିକ୍ସ ଯୋଗ୍ୟତା ଅର୍ଜନ କଲେ ମୋର ପରିଶ୍ରମ ସାର୍ଥକ ହେବ'' ବୋଲି ଆର୍ଯ୍ୟନଙ୍କ ପିତା ତଥା କୋଚ୍ ଗୌରୀଶଙ୍କର ମିଶ୍ର ପ୍ରକାଶ କରିଛନ୍ତି। ଆର୍ଯ୍ୟନ କ୍ୟାରିୟର ପଥରେ ଅନେକ ପ୍ରତିବନ୍ଧକ ରହିଛି। ଏଠାରେ ହ୍ୟାଣ୍ଡବଲ ପ୍ରତିଭାଙ୍କୁ ଉତ୍ସାହିତ କରାଯାଉନି। ଭିତ୍ତିଭୂମି ନାହିଁ। ଏହି ଖେଳକୁ ପ୍ରମୋଟ ମଧ୍ୟ କରାଯାଉନି। ସାଇ କୋଚ୍ ନାହାନ୍ତି। ଓଡ଼ିଶାରେ ବହୁତ ପ୍ରତିଭା ସମ୍ପନ୍ନ ଖେଳାଳି ଅଛନ୍ତି, ମାତ୍ର ସୁଯୋଗ ନାହିଁ। ସରକାର ଏହି କ୍ରୀଡ଼ାପ୍ରତି ଧ୍ୟାନ ଦେବାର ସମୟ ଆସିଛି। ନ ହେଲେ ତା କ୍ୟାରିୟର ଅଧାରୁ ବନ୍ଦ ହୋଇଯିବାର ସମ୍ଭାବନା ରହିଛି। ଏଠାରେ ଉପଯୁକ୍ତ ସୁବିଧା ସୁଯୋଗ ନ ମିଳିଲେ ବାଧ୍ୟ ହୋଇ ତାକୁ ଅନ୍ୟ ରାଜ୍ୟରୁ ଖେଳାଇବା କଥା ଚିନ୍ତା କରିବୁ ବୋଲି ଗୌରୀଶଙ୍କର ଦୁଃଖର ସହ ପ୍ରକାଶ କରିଛନ୍ତି।



ମା' ଅପର୍ଣ୍ଣା ଓ ବାପା ଗୌରୀଶଙ୍କରଙ୍କ ସହ ଆର୍ଯ୍ୟନ।

### ସଂକ୍ଷେପରେ...

ନାମ: ଆର୍ଯ୍ୟନ ବ୍ରାହ୍ମିନ
ଜନ୍ମ: ମାର୍ଚ୍ଚ ୧୦, ୨୦୦୪, ଭୁବନେଶ୍ୱର
ପରିବାର: ମା'-ଅପର୍ଣ୍ଣା ମିଶ୍ର, ବାପା: ଗୌରୀ ଶଙ୍କର ମିଶ୍ର।
ଶିକ୍ଷାଗତ ଯୋଗ୍ୟତା: ଦଶମ ସ୍କୁଲ(ଓପନ ସ୍କୁଲ, ବିହାର)

**କ୍ୟାରିୟର/ରାଜ୍ୟ**

୨୦୧୬: ରାଜ୍ୟ ହ୍ୟାଣ୍ଡବଲ ପ୍ରତିଯୋଗିତା, ଭୁବନେଶ୍ୱର, ଚାମ୍ପିୟନ
୨୦୧୭: ରାଜ୍ୟ ହ୍ୟାଣ୍ଡବଲ (ଜୁନିୟର, ବାଳିକା/ବାଳକ),ଢେଙ୍କାନାଳ, ଚାମ୍ପିୟନ

**ଜାତୀୟ**

୨୦୧୬: ଜାତୀୟ ସବ୍‌ଜୁନିୟର ଚାମ୍ପିୟନଶିପ୍, ତାମିଲନାଡୁ
୨୦୧୬: ଜାତୀୟ ଜୁନିୟର (ବାଳକ) ହ୍ୟାଣ୍ଡବଲ, ପାଟ୍‌ନା, ବିହାର
୨୦୧୬: ଜାତୀୟ ସବ୍‌ଜୁନିୟର(ବାଳକ) ଚାମ୍ପିୟନଶିପ୍, ଝାଡ଼ଖଣ୍ଡ
୨୦୧୭: ଜାତୀୟ ସବ୍‌ଜୁନିୟର (ବାଳକ) ହ୍ୟାଣ୍ଡବଲ, ହରିୟାଣା
୨୦୧୭: ଜାତୀୟ ମିନି ହ୍ୟାଣ୍ଡବଲ ଚାମ୍ପିୟନଶିପ୍, ତେଲେଙ୍ଗାନା, ୬ଷ୍ଠ ସ୍ଥାନ
୨୦୧୮: ୟୁନିଫାଏଡ ନ୍ୟାଶନାଲ କ୍ୟାମ୍ପ(ଜୁନ ୨୯ରୁ ଜୁଲାଇ ୩) ଅମୃତସର
୨୦୧୮: ଏକ୍ ଭାରତ ଶ୍ରେଷ୍ଠ ଭାରତ ହ୍ୟାଣ୍ଡବଲ ଲିଗ୍, ହରିଦ୍ୱାର, ଚାମ୍ପିୟନ

**ଅନ୍ତର୍ଜାତୀୟ**

୨୦୧୮: କୁପର ବକ୍ସ ହ୍ୟାଣ୍ଡବଲ କପ୍, ଲଣ୍ଡନ(ଜୁଲାଇ ୨୬ରୁ ୩୧)
୨୦୧୯: ଲୋରେଟ କପ୍, ବାର୍ସିଲୋନା, ସ୍ପେନ(ଏପ୍ରିଲ ୧୩ରୁ ୧୮) (ବ୍ୟକ୍ତିଗତ ଶ୍ରେଷ୍ଠ ଖେଳାଳି ପୁରସ୍କାର)
୨୦୧୯: ବିଶ୍ୱ ୨୧ ବର୍ଷରୁ କମ୍ ବିଶ୍ୱକପ(ପାର୍ଟିଲି କପ୍), ଜୁଲାଇ ୧ରୁ ୭, ଗୁଟେନ ବର୍ଗ, ସ୍ୱିଡେନ
୨୦୧୯: ଅନ୍ତର୍ଜାତୀୟ ହ୍ୟାଣ୍ଡବ୍ୟାଗ୍ ଇଣ୍ଡିପେଣ୍ଡେନ କପ୍(ସିନିୟର), ତାସକେଣ୍ଟ, ଉଜ୍‌ବେକିସ୍ତାନ, ସେପ୍ଟେମ୍ବର ୧୮ରୁ ୨୫), ଭାରତୀୟ ଦଳର ସଦସ୍ୟଭାବେ ରୌପ୍ୟ ପଦକ

### ଅଭ୍ୟାସ

ଗ୍ଲୌରିୟସ ପୁରସ୍କାର ଦୌଡ଼ରେ
ନାଡାଲ, ଓସାକା, କୋକୋ
ଆଇସିସି ଓ୍ୱାନ୍‌ଡେ, ଟେଷ୍ଟରେ ପୁଣି
ବିରାଟ କ୍ୟାପଟେନ ଦେଖ
ରୋହିତର ହସ ମୁଖ
ଶ୍ରେଷ୍ଠ ଦିନିକିଆ କ୍ରିକେଟର ହେଲା
ସ୍କଟଲାଣ୍ଡ ନାଁ ବି ଲେଖ।

ବିଶ୍ୱର ନମ୍ବର ଓ୍ୱାନ୍ ଖେଳାଳି ହୋଇବି
ଆଗକୁ ବଢ଼ିବ ମଣି
ସେ ପାଇଁ ଅଷ୍ଟ୍ରେଲିଆନ ଓପନ ପାଇଁ
ଅଭ୍ୟାସ କରୁଛି ପୁଣି
ସେ ଆଶ୍‌ଲେ ବାର୍ଟି ରାଣୀ
ଅଭ୍ୟାସ ଛାଡ଼ିଲେ ଅନ୍‌କ୍ୱାଲିଫାଏଡ୍
ଲିଷ୍ଟରେ ନିଅନ୍ତି ଗଣି।

ଇଣ୍ଡିଭିଜୁଆଲ ସାଇକ୍ଲିଂ ଇଭେଣ୍ଟରେ
ଯୁଇଗୋଟି ସୁନା ଜିତି
ଖେଲୋ ଇଣ୍ଡିଆରେ ରାଜ୍ୟର ଗୌରବ
ସୁନା ଝିଅ ନିଜେ ସ୍ୱସ୍ତି
ଅଭ୍ୟାସ ରଖିଲେ ସାଥି
ସହଜ ହୁଅଇ ଚ୍ୟାଲେଞ୍ଜ ଦେବାକୁ
ଏକ୍ସପର୍ଟ ହାରେ ବି ନାତି। -ସୁବାସ ଚନ୍ଦ୍ର ପ୍ରଧାନ




**ଆସାମର ଗୁଆହାଟୀଠାରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ୨ଟି ସ୍ୱର୍ଣ୍ଣ ଏବଂ ଗୋଟିଏ ରୌପ୍ୟ ପଦକ ହାସଲ କରି ସେ ନିଜ ପ୍ରତିଭା ଏବଂ ଦକ୍ଷତାର ପରିଚୟ ଦେଇଛନ୍ତି ଆର୍‌ଏସ୍‌ପିର ସ୍ୱସ୍ତି ସିଂ। ରାଜ୍ୟରେ ଅଭ୍ୟାସ ପାଇଁ ପିଚ୍ ଟ୍ରାକ୍ ଅଭାବ ସତ୍ତ୍ୱେ ନିଜ ସ୍ୱପ୍ନକୁ ସାକାର କରିବା ପାଇଁ ସେ ପ୍ରୟାସକୁ ଜୋରଦାର କରିଛନ୍ତି...**

ଓଡ଼ିଶାର ପ୍ରଥମ ଆଥଲେଟ୍ ଭାବେ ସାଇକ୍ଲିଂ ପରି ଏକ ବ୍ୟୟବହୁଳ କ୍ରୀଡ଼ାକୁ ଆପଣେଇ ସଫଳତା ପାଇବା ସହ ଅର୍ଜୁନ ପୁରସ୍କାରରେ ସମ୍ମାନିତ ହୋଇଥିଲେ ପୁରୀର ମିନତି ମହାପାତ୍ର। ୮୦ ଦଶକରେ ତାଙ୍କର ଏହି ସଫଳତା ଓଡ଼ିଶାରେ ସାଇକ୍ଲିଂ କ୍ରୀଡ଼ାପ୍ରତି ଲୋକପ୍ରିୟତାକୁ ବଢ଼ାଇଥିଲା। ଅନେକ ଯୁବ ପ୍ରତିଭା ଆଦର୍ଶ ପାଲଟିଥିଲେ ମିନତି। ସାଇକ୍ଲିଂକୁ କ୍ୟାରିୟର କରି ଯେ ପ୍ରତିଷ୍ଠା ଅର୍ଜନ କରିହେବ ତାହା ସେ ପ୍ରମାଣିତ କରିଥିଲେ। ଏବେ ସେହି ପଥର ପଥିକ ଭାବେ ଆଗକୁ ବଢ଼ିବାର ସ୍ୱପ୍ନ ଦେଖୁଛନ୍ତି ଅନେକ ଯୁବ ପ୍ରତିଭା। ରାଜ୍ୟ ପାଇଁ ଅନେକ ସମ୍ଭାବନା ସୃଷ୍ଟି କରିଥିବା ଏହି ପ୍ରତିଭାଙ୍କ ମଧ୍ୟରୁ ଅନ୍ୟତମ ହେଲେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ(ଆରଏସପି)ର ସ୍ୱସ୍ତି ସିଂ। ସମ୍ପ୍ରତି ୨୧ ବର୍ଷରୁ କମ୍ ବାଳିକା ଇଭେଣ୍ଟରେ ଭାଗ ନେଉଥିବା ସ୍ୱସ୍ତି କେବଳ ସ୍ୱପ୍ନ ଦେଖୁ ନାହାନ୍ତି ତାହାକୁ ସାକାର କରିବା ପାଇଁ ପ୍ରୟାସକୁ ଜୋରଦାର ମଧ୍ୟ କରିଛନ୍ତି। ରାଜ୍ୟ ସମେତ ଯେଉଁ ଜାତୀୟ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେଇଛନ୍ତି ସେଠାରେ ପ୍ରଦର୍ଶନର ଛାପ ଛାଡ଼ିଛନ୍ତି। ଆସାମର ଗୁଆହାଟୀଠାରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ୨ଟି ସ୍ୱର୍ଣ୍ଣ ଏବଂ ଗୋଟିଏ ରୌପ୍ୟ ପଦକ ହାସଲ କରି ସେ ନିଜ ପ୍ରତିଭାର ପରିଚୟ ଦେବା ସହ ଓଭରଅଲ ରନର୍ସଅପ୍ ହୋଇଛନ୍ତି।

ବାପା ଅମର ସିଂ ଆରଏସପିରେ ଚାକିରି କରିବା ସ୍ୱସ୍ତିଙ୍କ ପାଇଁ ଈଶ୍ୱରଙ୍କ ଆଶୀର୍ବାଦ ସଦୃଶ ହୋଇଥିଲା। କାରଣ ସେହିଠାରେ ହିଁ ତାଙ୍କର ସାଇକ୍ଲିଂ କ୍ୟାରିୟରର ମୂଳଦୁଆ ପଡ଼ିଥିଲା।

### ସଂକ୍ଷେପରେ ସ୍ୱସ୍ତି

ନାମ: ସ୍ୱସ୍ତି ସିଂ
ଜନ୍ମ: ୨୦୦୧ ମେ ୧୬, ରାଉରକେଲା
ପରିବାର: ମା-ଉମା ଦେବୀ, ବାପା-ଅମର ସିଂ
କୋଚ୍: ସୁଶୀଲ କୁମାର ଦାସ
ଶିକ୍ଷାଗତ ଯୋଗ୍ୟତା: +୨

ସେଠାରେ ତାଙ୍କୁ ମିଳିଥିଲେ ସୁଶୀଲ କୁମାର ଦାସଙ୍କ ପରି ଜଣେ ଅନୁଭବୀ କୋଚ୍। ସ୍ନେହବତ୍ସଳ ସୁଶୀଲଙ୍କ ପ୍ରଶିକ୍ଷଣ ଏବଂ ବ୍ୟକ୍ତିଗତ ପ୍ରଚେଷ୍ଟା ଓ ପରିଶ୍ରମ ବଳରେ ସ୍ୱସ୍ତି ଏବେ କ୍ରମେ ପରିଚିତ ହେବାରେ ଲାଗିଛନ୍ତି। ୨୦୧୫ରେ ସ୍ୱସ୍ତିଙ୍କ ସାଇକ୍ଲିଂ କ୍ୟାରିୟର ଆରମ୍ଭ ହୋଇଥିଲା। ସେହିବର୍ଷ କଟକ ଟାଙ୍ଗୀସ୍ଥିତ ଡ୍ରିମ୍ସ କ୍ୟାମ୍ପସରେ ଅନୁଷ୍ଠିତ ୩୮ତମ ଓଡ଼ିଶା ରାଜ୍ୟ ଟ୍ରାକ୍ ଆଣ୍ଡ ରୋଡ୍ ସାଇକ୍ଲିଂ ଚାମ୍ପିୟନଶିପ୍‌ରେ ସେ ଉଭୟ ୫୦୦ ଓ ୧୬୦୦ ମିଟର ବ୍ୟକ୍ତିଗତ ରେସ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ରାଜସ୍ଥାନର ଜୟପୁରରେ ଅନୁଷ୍ଠିତ ଜାତୀୟ ସବ୍‌ଜୁନିୟର ସାଇକ୍ଲିଂର ୨ କିଲୋମିଟର ବ୍ୟକ୍ତିଗତ ପର୍ଶ୍ୟୁଟରେ ୨:୩୭.୦୦ ସେକେଣ୍ଡ ସମୟ ନେଇ ଜାତୀୟ ରେକର୍ଡ ସୃଷ୍ଟି କରିଥିବା ସ୍ୱସ୍ତି ୨୦୧୮ ନଭେମ୍ବର ୨୧ରେ ହରିୟାଣାର କୁରୁକ୍ଷେତ୍ରଠାରେ ଆୟୋଜିତ ୨୩ତମ ଜାତୀୟ ରୋଡ୍ ସାଇକ୍ଲିଂ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ହାସଲ କରି ପ୍ରତିଭା ଦେଖାଇଥିଲେ। ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ନିଜର ଉପସ୍ଥିତି ଜାହିର କରିଛନ୍ତି ଏହି ଆଥଲେଟ୍। ୨୦୧୮ସେପ୍ଟେମ୍ବର ୨୧ରୁ ୨୩ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଆୟୋଜିତ ଏସିଆନ କପ୍ ଟ୍ରାକ୍ ସାଇକ୍ଲିଂର ଜୁନିୟର ମହିଳା ୨ କିଲୋମିଟର ବ୍ୟକ୍ତିଗତ ପର୍ଶ୍ୟୁଟରେ ୨:୪୧.୧୨୩ ସେକେଣ୍ଡ ସମୟ ନେଇ ସେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୨୦୧୯ ସେପ୍ଟମ୍ବର ୯ରୁ ୧୧ ପର୍ଯ୍ୟନ୍ତ ଏସିଆ କପ୍ ସାଇକ୍ଲିଂ ଚାମ୍ପିୟନଶିପ୍‌ର ୨ କିଲୋମିଟର ବ୍ୟକ୍ତିଗତ ପର୍ଶ୍ୟୁଟରେ ସେ ବ୍ରୋଞ୍ଜ ପଦକ ଜିତିଥିଲେ। କେବଳ ସେତିକି ନୁହେଁ ଏଥିରେ ସେ ୨:୩୫.୧୬୧ ସେକେଣ୍ଡ ସମୟ ନେଇ ପୂର୍ବ ଜାତୀୟ ରେକର୍ଡ(୨:୩୭.୦୦)କୁ ମଧ୍ୟ ଭାଙ୍ଗିଥିଲେ। ସେହିବର୍ଷ ଡିସେମ୍ବର ୭ରେ ନେପାଳର କାଠମାଣ୍ଡୁରେ ଅନୁଷ୍ଠିତ ୧୩ତମ ସାଉଥ୍ ଏସିଆନ ଗେମ୍ସର ମହିଳା ବ୍ୟକ୍ତିଗତ ରୋଡ ରେସ୍ ଇଭେଣ୍ଟରେ ସେ ରୌପ୍ୟ ପଦକ ମଧ୍ୟ ହାସଲ କରିଥିଲେ।



**ପିଚ୍ ଟ୍ରାକ୍ ନିହାତି ଆବଶ୍ୟକ**

ଅଭ୍ୟାସ ପାଇଁ ଭିତ୍ତିଭୂମିର ଅଭାବ ସତ୍ତ୍ୱେ ପିଲାମାନେ ଯେପରି ପ୍ରଦର୍ଶନ କରୁଛନ୍ତି ବାସ୍ତବିକ ପ୍ରଶଂସନୀୟ। ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ଉଭୟ ସ୍ୱସ୍ତି ସିଂ ଓ ଦୀନେଶ କୁମାର ଚମତ୍କାର ପ୍ରଦର୍ଶନ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି କ୍ରୀଡ଼ା ପ୍ରତି ଦୃଷ୍ଟି ଦେବାର ସମୟ ଆସିଛି। ଆରଏସପିରେ ପିଲାମାନେ ଏକ ପିଟୁ ଟ୍ରାକ୍ ଉପରେ ଅଭ୍ୟାସ କରୁଛନ୍ତି। ସରକାରଙ୍କ ପକ୍ଷରୁ ସିମେଣ୍ଟ ଟ୍ରାକ୍ ପ୍ରସ୍ତୁତ କରାଗଲେ ବହୁତ୍ ଭଲ। ନଚେତ୍ ଅତିକମ୍‌ରେ ଯେ କୌଣସି ସ୍ଥାନରେ ଏକ ପିଚ୍ ଟ୍ରାକ୍ ପ୍ରସ୍ତୁତ କରାଗଲେ



ମଧ୍ୟ ପିଲାମାନଙ୍କ ପ୍ରଦର୍ଶନରେ ଅଧିକ ଉନ୍ନତି ଆସିବ ଏବଂ ଅଧିକରୁ ଅଧିକ ପିଲା ମଧ୍ୟ ଓଡ଼ିଶାରୁ ବାହାରି ପାରିବେ ବୋଲି କୋଚ୍ ସୁଶୀଲ ଦାସ ପ୍ରକାଶ କରିଛନ୍ତି। ଆରଏସପିରେ ଏବେ ୪୫ ପିଲା ଅଭ୍ୟାସ କରୁଛନ୍ତି। ଆବଶ୍ୟକ ସାଇକେଲ ନ ଥିବାରୁ ପର୍ଯ୍ୟାୟକ୍ରମେ ପିଲାଙ୍କୁ ସୁଯୋଗ ଦିଆଯାଉଛି। ପିଲାମାନେ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ଟ୍ରେନିଂ କରିଥାନ୍ତି। ପ୍ରତିଦ୍ୱନ୍ଦ୍ୱିତା ବଢୁଛି। ତେଣୁ ଭିତ୍ତିଭୂମି ପ୍ରସ୍ତୁତ ନ ହେଲେ ଓଡ଼ିଶା ପିଲାମାନେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଟକ୍କର ଦେବା କଷ୍ଟକର ହୋଇପଡ଼ିବ ବୋଲି ସୁଶୀଲ କହିଛନ୍ତି।

### ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ପ୍ରଦର୍ଶନ

- ୬୦ କିଲୋମିଟର ବ୍ୟକ୍ତିଗତ ରୋଡ୍ ରେସ
  ରୌପ୍ୟ ପଦକ: ଟାଇମିଂ- ୨:୧୧:୫୨.୨୧ ସେକେଣ୍ଡ
- ସ୍କ୍ରାଚ୍ ରେସ୍ (୭.୫ କିଲୋମିଟର)
  ସ୍ୱର୍ଣ୍ଣ ପଦକ: ଟାଇମିଂ-୧୪:୫୩.୨୩୨ ସେକେଣ୍ଡ
- ୩୦୦୦ ମିଟର ଟ୍ରାକ୍ ବ୍ୟକ୍ତିଗତ ପର୍ଶ୍ୟୁଟ
  ସ୍ୱର୍ଣ୍ଣ ପଦକ: ଟାଇମିଂ-୪:୨୦.୨୩୭ ସେକେଣ୍ଡ

(ବି.ଦ୍ର.: ସ୍ୱସ୍ତି ୨୧ ବର୍ଷରୁ କମ୍ ବାଳିକା ବିଭାଗରେ ଅଂଶଗ୍ରହଣ କରିଥିଲେ)

“ ଆମାଜନ ଭାରତରେ ୧ ବିଲିୟନ ଡଲାର ନିବେଶ କରି କୌଣସି ଦୟାଭାବ ଦେଖାଇନାହିଁ।
**– ପୀୟୁଷ ଗୋୟଲ, କେନ୍ଦ୍ର ମନ୍ତ୍ରୀ**



“ ଚଳିତ ଆର୍ଥିକ ବର୍ଷରେ କୃଷି କ୍ଷେତ୍ର ଅଭିବୃଦ୍ଧି ୩.୧% ଛୁଇଁବା ନେଇ ଆଶାବାଦୀ।
**– ରମେଶ ଚାନ୍ଦ, ନୀତି ଆୟୋଗ ସଦସ୍ୟ**



# ଟେଲିକମ୍ କମ୍ପାନୀ ପଇଠ କରିବେ ୧.୪୭ ଲକ୍ଷ କୋଟି ବକେୟା

## ରିଭ୍ୟୁ ପିଟିଶନ ସୁପ୍ରିମକୋର୍ଟରେ ଖାରଜ



ନୂଆଦିଲ୍ଲୀ,୧୬-୧

ବୈଧାନିକ ଦେୟ ବାବଦ ବକେୟା ୧.୪୭ ଲକ୍ଷ କୋଟି ଟଙ୍କା ଚଳିତମାସ ୨୩ ସୁଦ୍ଧା ସରକାରଙ୍କୁ ଦେବା ଲାଗି ସୁପ୍ରିମକୋର୍ଟ ଟେଲିକମ କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ। ଏହାର ପୁନର୍ବିଚାର ଲାଗି ଭୋଡାଫୋନ ଆଇଡିଆ ଏବଂ ଏୟାରଟେଲ ଭଳି କମ୍ପାନୀ ସର୍ବୋଚ୍ଚ ନ୍ୟାୟାଳୟରେ ରିଭ୍ୟୁ ପିଟିଶନ ଦାୟର କରିଥିଲେ। ଶୁକ୍ରବାର ସୁପ୍ରିମକୋର୍ଟ ଏହି ଆବେଦନକୁ ଖାରଜ କରି ଦେଇଛନ୍ତି। ଜଷ୍ଟିସ ଅରୁଣ ମିଶ୍ର, ଏସ୍.ଏ. ଅବଦୁଲ ନାଜିର ଏବଂ ଏମ୍.ଆର୍. ଶାହ ବୁଧବାର ଏହି ମାମଲାର ଶୁଣାଣି କରିବା ସହ ଆବେଦନକୁ ଖାରଜ କରିଥିବା ଜଣାପଡିଛି। ଏହି ମାମଲାର ପୁନଃ ଶୁଣାଣି ଲାଗି କୌଣସି ଯଥାର୍ଥ କାରଣ ନ ଥିବା ଖଣ୍ଡପୀଠ କହିଛନ୍ତି। ଫଳରେ ଧାର୍ଯ୍ୟ ସମୟ ମଧ୍ୟରେ ଟେଲିକମ କମ୍ପାନୀଗୁଡିକ ୧.୦୨ ଲକ୍ଷ କୋଟି ଟଙ୍କାର ଆଡଜଷ୍ଟେଡ ଗ୍ରସ ରେଭେନ୍ୟୁ (ଏଜିଆର୍) ଦେୟ ପଇଠ କରିବେ। ଟେଲିକମ୍ କମ୍ପାନୀଙ୍କର ଅଣ ଟେଲିକମ୍ ରାଜସ୍ୱ ବା ଏଜିଆରକୁ ନେଇ ବୈଧାନିକ ଦେୟ ହିସାବ କରାଯିବ ବୋଲି ଅକ୍ଟୋବର ୨୪ରେ ସର୍ବୋଚ୍ଚ ନ୍ୟାୟାଳୟ କହିଥିଲେ। ଏହି ମାମଲାର ଓପନ କୋର୍ଟ ହିୟରିଂ ହେଉ ବୋଲି ଟେଲିକମ୍ କମ୍ପାନୀ ନିବେଦନ କରିଥିଲେ। ଏହାକୁ ଖାରଜ କରିବା ସହ ସର୍ବୋଚ୍ଚ ନ୍ୟାୟାଳୟ ଇନ ଚାମ୍ବର ଶୁଣାଣି କରିଥିଲେ। ଗତ ବର୍ଷ ଅକ୍ଟୋବରରେ ଟେଲିକମ୍ ମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଥିଲେ ଯେ, ବୈଧାନିକ ଦେୟ ବାବଦ ଟେଲିକମ୍ କମ୍ପାନୀଗୁଡିକ ୧.୪୭ ଲକ୍ଷ କୋଟି ଟଙ୍କା ବାକି ରଖିଛନ୍ତି। ଏହି ଦେୟ ଉପରେ ବର୍ତ୍ତମାନ ସୁଧ କିମ୍ବା ଜରିମାନା ଛାଡ କରିବା ନେଇ କୌଣସି ଯୋଜନା ନାହିଁ ବୋଲି ସେ ମତ ରଖିଥିଲେ। ଦେୟ ମଧ୍ୟରେ ଲାଇସେନ୍ସ ଫି ବାବଦ ୯୨,୬୪୨ କୋଟି, ସ୍ପେକ୍ଟ୍ରମ ବ୍ୟବହାର ଚାର୍ଜ ବାବଦ ୫୫,୦୫୪ କୋଟି ଟଙ୍କା ସାମିଲ ରହିଥିବା ଲୋକ ସଭାକୁ ଏକ ଲିଖିତ ଉତ୍ତରରେ ସେ କହିଥିଲେ। ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ଏକ ସତ୍ୟପାଠ ଜରିଆରେ ଟେଲିକମ୍ ବିଭାଗ (ଡିଓଟି) କହିଛି ଯେ, ଏୟାରଟେଲ ଲାଇସେନ୍ସ ଫି ବାବଦ ୨୧, ୬୬୨.୧୩ କୋଟି, ଭୋଡାଫୋନ ୧୯,୮୨୩.୭୧ କୋଟି, ରିଲାଏନ୍ସ କମ୍ୟୁନିକେଶନ ୧୬,୪୫୬ କୋଟି, ବିଏସ୍ଏନ୍ଏଲ୍ ୨୦୯୮ କୋଟି ଏବଂ ଏମ୍‌ଟିଏନ୍ଏଲ୍ ୨୫୩୭ କୋଟି ଟଙ୍କା ବକେୟା ରଖିଛି।

# ୟୁନିୟନ ବ୍ୟାଙ୍କ ଅଧିକାରୀ ସଂଘର ବାର୍ଷିକ ବୈଠକ

ଭୁବନେଶ୍ୱର,୧୬-୧

ଅଲ୍ ଓଡ଼ିଶା ୟୁନିୟନ ବ୍ୟାଙ୍କ ଅଫିସର୍ସ ସଂଘର ୧୮ତମ ଦ୍ୱିବାର୍ଷିକ ସାଧାରଣ ପରିଷଦ ବୈଠକ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସାଧାରଣ ସମ୍ପାଦକ ପି.ବାଲାଚନ୍ଦ୍ର, ସର୍ବଭାରତୀୟ ୟୁନିୟନ ବ୍ୟାଙ୍କ ଅଧିକାରୀ ସଂଘର ସଭାପତି ପରେଶ ନଖଓ୍ୱା, ଉପସଭାପତି ଗିରିଧର ଗୋପାଳ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ଲିଙ୍ଗରାଜ ଆଚାର୍ଯ୍ୟ ଓଡ଼ିଶା ୟୁନିଟର ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ




ହୋଇଥିବା ବେଳେ ସଭାପତି ଭାବେ ମନୋଜ କୁମାର ପାତ୍ର, ଯୁଗ୍ମ ସାଧାରଣ ସମ୍ପାଦକ ଭାବେ ଏଚ୍.କେ.ପାହି ମନୋନୀତ ହୋଇଥିଲେ। ଏଥିରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ଆର୍.ଏଲ୍‌ମୀନା, ସମ୍ବଲପୁର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ଏସ୍ .କେ. ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସାମ୍‌ସଙ୍ଗର ମକର ସଂକ୍ରାନ୍ତି ଅଫର

ନୂଆଦିଲ୍ଲୀ,୧୬-୧

କଞ୍ଜ୍ୟୁମର ଇଲେକଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ ବ୍ରାଣ୍ଡ ସାମସଙ୍ଗ ପକ୍ଷରୁ ମକର ସଂକ୍ରାନ୍ତି ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସମୟରେ କମ୍ପାନୀ ପକ୍ଷରୁ ଗ୍ରାହକଙ୍କ ଲାଗି ଆକର୍ଷଣୀୟ ରିହାତି, ଫାଇନାନ୍ସ ସୁବିଧା, ୧୫% ପର୍ଯ୍ୟନ୍ତ କ୍ୟାଶବ୍ୟାକ୍, ଜିରୋ ଡାଉନପେମେଣ୍ଟ, ସହଜ ଇଏମ୍ଆଇ ରହିଛି। ଏହି ଅଫର ୩୧ ଜାନୁୟାରୀ ଯାଏ ରହିବ। ଏହି ସମୟରେ କ୍ୟୁଏଲ୍ଇଡି, ୪କେ ୟୁଏଚ୍‌ଡି ଭଳି ଅନ୍ୟ କେତେ ସାମଗ୍ରୀ କ୍ରୟରେ ନିଶ୍ଚିତ ଉପହାର ପ୍ରଦାନ କରାଯାଉଛି। ପାର୍ବଣ ସମୟରେ ନୂଆ ଅଫରର ଲାଭ ଗ୍ରାହକଙ୍କୁ ପ୍ରଦାନ କରାଯାଉଛି ବୋଲି ସାମସଙ୍ଗ ଇଣ୍ଡିଆର କଞ୍ଜ୍ୟୁମର ଇଲେକଟ୍ରୋନିକ୍ସ ବିଜନେସର ବରିଷ୍ଠ ଉପସଭାପତି ରାଜୁ ପୁଲାନ କହିଛନ୍ତି।

## କିଆର ଅଷ୍ଟ୍ରେଲିଆନ ଓପନ୍ ବଲ୍‌କିଡ୍‌ସ ଇଣ୍ଡିଆ ପ୍ରୋଗ୍ରାମ

ନୂଆଦିଲ୍ଲୀ,୧୬-୧

କିଆ ମୋଟର୍ସ ଇଣ୍ଡିଆ ପକ୍ଷରୁ ଏହାର ଅଷ୍ଟ୍ରେଲିଆନ ଓପନ ବଲ୍‌କିଡ୍‌ସ ଇଣ୍ଡିଆ ପ୍ରୋଗ୍ରାମର ୨ୟ ସିଜିନ ବିଜେତାଙ୍କ ନାମ ଘୋଷଣା କରାଯାଇଛି। ୧୨ରୁ ୧୫ ବର୍ଷ ବୟସର ୧୦ ଜଣ ମନୋନୀତ ପିଲାଙ୍କୁ ଏକ ବ୍ୟାପକ ପ୍ରଶିକ୍ଷଣ ପ୍ରକ୍ରିୟାର ସାମନା କରିବାକୁ ହେବ। ଚଳିତ ମାସ ହେବାକୁ ଥିବା ଆଇକନିକ ଗ୍ରାଣ୍ଡ ସ୍ଲାମରେ ସାରା ବିଶ୍ୱରୁ ଆସିଥିବା ବଲ୍‌କିଡସ ମଧ୍ୟରେ ଏମାନେ ଭାରତର ପ୍ରତିନିଧିତ୍ୱ କରିବେ। ଏହି ଅଷ୍ଟ୍ରେଲିଆନ୍ ଓପନ ବଲ୍‌କିଡସ୍ ଇଣ୍ଡିଆ ପ୍ରୋଗ୍ରାମର ବିଜେତା ମଧ୍ୟରେ ହାଇଦ୍ରାବାଦର ଆଦିତ୍ୟ ବିଏମ୍‌ଭି, ସଂସ୍କୃତି ବିଏମ୍‌ଭି, ଅହମ୍ମଦାବାଦର ଅର୍ଥବ ହିତେନ୍ଦ୍ର, କୋଲକାତାର ଅଦ୍ରିଜୋ ସେନଗୁପ୍ତା, ଗୁରୁଗ୍ରାମର ବିଦ୍ୟାଂଶୁ ପାଣ୍ଡେ ଓ ହର୍ଷିତ ପଣ୍ଡିତ, ପଞ୍ଚକୁଲାର ରିଜୁଲ ଭାଟିଆ, ଚଣ୍ଡିଗଡର ସଂଗ୍ରାମ ସିଙ୍ଗଲା ରହିଛନ୍ତି। କିଆମୋଟର୍ସ ସର୍ବଦା ଏହାର ମୂଳ ବ୍ୟବସାୟଠାରୁ ଆଗକୁ ବଢ଼ିବା ସହ ଉପଭୋକ୍ତାଙ୍କୁ ଜାଣିବା ପାଇଁ ସେମାନଙ୍କୁ ପ୍ରୋତ୍ସାହିତ ଓ ପ୍ରେରିତ କରିଥାଏ ବୋଲି କମ୍ପାନୀର ବିକ୍ରି ଓ ମାର୍କେଟିଂ ବିଭାଗ ଉପସଭାପତି ତଥା ମୁଖ୍ୟ ମନୋହର ଭଟ୍ଟ କହିଛନ୍ତି।

# ହୋଣ୍ଡାର ନୂଆ ବିଏସ୍-୬ ଆକ୍ଟିଭା ୬ଜି




ନୂଆଦିଲ୍ଲୀ,୧୬-୧

ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ନୂଆ ବିଏସ୍-୬ ଆକ୍ଟିଭା ୬ଜି ବଜାରକୁ ଆସିଛି। ଯାନଟିର ଏକ୍ସ ଶୋ'ରୁମ ନୂଆଦିଲ୍ଲୀ ମୂଲ୍ୟ ୬୩,୯୧୨ ଟଙ୍କା ରହିଛି। ନୂଆ ନିୟମ ଲାଗୁ ହେବାର ବହୁ ପୂର୍ବରୁ ହୋଣ୍ଡା ଭାରତରେ ପ୍ରଥମ ନିର୍ମାତା ଭାବେ ବିଏସ୍-୬ ଦୁଇ ଚକିଆ ଯାନ ଆକ୍ଟିଭା-୧୨୫ ଓ ପରେ ଏସ୍‌ପି ୧୨୫ର ବିକ୍ରି ଆରମ୍ଭ କରିଥିବା କମ୍ପାନୀର ଏମ୍‌ଡି ତଥା ସିଇଓ ମିନୋରୋ କାଟୋ କହିଛନ୍ତି। ସାରା ଦେଶରେ ବିଏସ୍-୬ ମଡେଲ ଯାନଗୁଡିକର ୭୫ ହଜାରରୁ ଉର୍ଦ୍ଧ୍ୱ ୟୁନିଟ ଯାନ ବିକ୍ରି ହୋଇଛି। ନୂଆ ମଡେଲ ବ୍ୟବସାୟ ସମ୍ପ୍ରସାରଣକୁ ଦୃଢ଼ କରିବା ନେଇ ବିଶ୍ୱାସ ରହିଛି ବୋଲି ସେ ସୂଚନା ଦେଇଛନ୍ତି। ଦୀର୍ଘ ୨ ଦଶନ୍ଧି ଧରି ସ୍ୱୟଂଚାଳିତ ସ୍କୁଟର ବର୍ଗରେ ଆକ୍ଟିଭା ଏକ ପ୍ରମୁଖ ସ୍ଥାନରେ ରହିଥିବା କମ୍ପାନୀର ବିକ୍ରି ଓ ମାର୍କେଟିଂ ବିଭାଗ ବରିଷ୍ଠ ଉପସଭାପତି ୟଦବିନ୍ଦର ସିଂ ଗୁଲେରିୟା ସୂଚନା ଦେଇଛନ୍ତି। ନୂଆ ମଡେଲଟିରେ ୨୬ ପ୍ରକାରର ପେଟେଣ୍ଟ ଆପ୍ଲିକେଶନ ବ୍ୟବହାର କରାଯାଇଛି। ୧୧୦ ସିସି ଏଚ୍‌ଇଟି ବିଏସ୍-୬ ପିଜିଏମ୍ ଏଫ୍ଆଇ ଇଞ୍ଜିନ ଏଥିରେ ବ୍ୟବହାର କରାଯାଇଛି। ଏହା ୧୦% ଅଧିକ ମାଇଲେଜ ପ୍ରଦାନ କରିବାକୁ ସକ୍ଷମ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଟେଲିସ୍କୋପିକ ସସ୍‌ପେନଶନ, ସମନ୍ୱିତ ଡୁଆଲ ଫଙ୍କସନ ସ୍ୱିଚ୍ ସହ ଷ୍ଟାଣ୍ଡାର୍ଡ ଓ ଡିଲକ୍ସ ଭଳି ୨ ଭାରିଆଣ୍ଟ ଏବଂ ୬ ଟି ରଙ୍ଗରେ ଏହା ଉପଲବ୍ଧ ହେଉଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

# ନିସ୍‌ରେ ଡ୍ରିମ୍‌ଫେଷ୍ଟ ୨୦୨୦




ଭୁବନେଶ୍ୱର,୧୬-୧

ନିସ୍ ଶିକ୍ଷାନୁଷ୍ଠାନର ୨୦ତମ ବାର୍ଷିକ ଉତ୍ସବ ଡ୍ରିମ୍‌ଫେଷ୍ଟ-୨୦୨୦ ଏବଂ ରାଜ୍ୟ ସ୍ତରୀୟ ବାଣିଜ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉନ୍ନତ ଶିକ୍ଷା ଗ୍ରହଣ ଏବଂ ଦେଶ ବିଦେଶରେ ସୁନାମ ଅର୍ଜନ କରିବା ଲାଗି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଡକ୍ଟର ସୁଭାଷ ଚନ୍ଦ୍ର ନାୟକ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଉତ୍ସବରେ ଓଡ଼ିଶା ମାନବାଧିକାର କମିଶନର ଜଷ୍ଟିସ ଅଧ୍ୟକ୍ଷ ବିମଳ ପ୍ରସାଦ ଦାସ ଏବଂ ସଦସ୍ୟ ଅସିତ ଅମିତାଭ ଦାଶ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ଦିଗରେ ଉଚିତ ଶିକ୍ଷାର ଭୂମିକା ଉପରେ ମତ ରଖିଥିଲେ। ଏହି ଅବସରରେ ବିଜନେସ ଆଡମିନିଷ୍ଟ୍ରେଶନ ବିଭାଗ ପକ୍ଷରୁ ଏକ ବାଣିଜ୍ୟ ସମ୍ମିଳନୀ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ଉତ୍କଳ ବିଶ୍ୱବିଦ୍ୟାଳୟ ଏମବିଏ ବିଭାଗ ମୁଖ୍ୟ ବି.ବି. ମିଶ୍ର, ବାଣିଜ୍ୟ ବିଭାଗ ମୁଖ୍ୟ ପ୍ରବୋଧ କୁମାର ହୋତା ଏଥିରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଅବସରରେ ନିର୍ଦ୍ଦେଶକ ଡ.ସ୍ମୃତିକାନ୍ତ ଦୀକ୍ଷିତ, ଡେପୁଟି ଡାଇରେକ୍ଟର ଦୁଷ୍ମନ୍ତ କୁମାର ପଟ୍ଟନାୟକ, ଡିନ୍ ପ୍ରମୋଦ କୁମାର ପୃଷ୍ଟି, ସହପ୍ରତିଷ୍ଠାତା ଡ.ସ୍ମୃତିସୁଧା ନାୟକ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।


## GOVERNMENT OF ODISHA, HOUSING & URBAN DEVELOPMENT DEPTT.
## OFFICE OF THE MUNICIPAL COUNCIL, BELPAHAR

Tele Phone : 06645-250458, Fax : 06645-250236, Email : nacbelpahar@gmail.com

**“e” - Procurement Notice**

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. www.tendersorissa.gov.in

| Sl. No. | Bid reference No. | Bid Identification No. | Name of the work | Packege No. | Estimated Cost (In Lakhs.) | Period of Completion | Date & Time for availability of the bid documents in the portal | Last Date & Time for receipt of bids in the portal | Submission of hard copies of uploaded documents | Date & Time for opening of Technical bid | Name & address of the officer inviting bid |
|---|---|---|---|---|---|---|---|---|---|---|---|
| 1. | EO/ BPHM /07/ 2019-20 | 2020_ ORULB_ 58945 | Reclamation of water bodies at Belpahar Municipality i.e. Gumadera Suru Kanta, Muchhbahal Kanta. | II | 284.61 | 12 Calendar Months | From dt.17.01.2020 at 10.00 A.M. to dt.02.02.2020 up to 5.00 P.M. | Dt.02.02.2020 up to 5.00 P.M. | From dt. 03.02.2020 at 10.00 A.M to dt.05.02.2020 up to 5.00 P.M. | 11.00 A.M. and onwards on dt.06.02.2020 | Executive Officer Belpahar, Municipality |
| 2. | EO/ BPHM /08/ 2019-20 | 2020_ ORULB_ 58947 | Reclamation of water bodies at Belpahar Municipality i.e. Gountia Kanta. | VI | 338.76 | 12 Calendar Months | | | | | |

Further details can be seen from the procurement portal : www.tendersorissa.gov.in. If any addendum / corrigendum / cancellation of tender shall be publish in the above website only.

**Sd./- Executive Officer,**
**Belpahar Municipality**

ଓଡ଼ିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା
**ଘୋଷଣା**

FILE NO.- L.A.-୦୧/୨୦୧୭ 324 DATED 13.12.2019

**NO. XXXIII-09:-** ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R ACT. 2013ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା- ଭୁବନେଶ୍ୱର ସହର ୟୁନିଟ୍-୩୬- ରାଜାରାଣୀ, ଥାନା- ଭୁବନେଶ୍ୱର, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧାରେ ନିମ୍ନସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା: ଭୁବନେଶ୍ୱର ସହର ସମନ୍ୱିତ ସ୍ୱେରେଜ ପ୍ରକଳ୍ପ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R ACT, 2013ର ଧାରା ୧୧(୧)ର ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା-୨, ତା୦୨।୦୧।୨୦୧୯ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ, ଏହା ଘୋଷଣା କରାଯାଉଅଛି ଯେ, ମୌଜା- ଭୁବନେଶ୍ୱର ସହର ୟୁନିଟ୍-୩୬-ରାଜାରାଣୀ, ଥାନା- ଭୁବନେଶ୍ୱର, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧାରେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ।

ତଫସିଲ-କ (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)
ଜିଲ୍ଲା: ଖୋର୍ଦ୍ଧା, ତହସିଲ-ଭୁବନେଶ୍ୱର

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତର ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଭୁବନେଶ୍ୱର ସହର, ୟୁନିଟ୍-୩୬, ରାଜାରାଣୀ | ସହରାଞ୍ଚଳ | ୭୧୯ ବେବନ୍ଦୋବସ୍ତ | ୪୫୨<br>୬୪୦ | ଶାରଦ ଜଳ ଏକ<br>ଶାରଦ ଜଳ ଏକ | ଏ. ୦.୩୬୮<br>ଏ. ୦.୭୩୫ | ଏ. ୦.୦୩୨<br>ଏ. ୦.୦୩୮ | ଲକ୍ଷ୍ମୀଧର ପୂଜାପଣ୍ଡା, ଦିବ୍ୟସିଂହ ପୂଜାପଣ୍ଡା, କିସ୍ମତ: ବାରଅଣା, ପି: ଆର୍ତ୍ତତ୍ରାଣ ପୂଜାପଣ୍ଡା, ଯଦୁମଣି ପୂଜାପଣ୍ଡା, ବ୍ରଜମଣି ପୂଜାପଣ୍ଡା, ପି: ନାରାୟଣ ପୂଜାପଣ୍ଡା, ବାଞ୍ଛାନିଧି ପୂଜାପଣ୍ଡା, ପି:କୃଷ୍ଣ ଚନ୍ଦ୍ର ପୂଜା ପଣ୍ଡା ପଦ୍ମଲାଭ ପୂଜାପଣ୍ଡା, ପି: ରଘୁନାଥ ପୂଜାପଣ୍ଡା, ପୁରୁଷୋତ୍ତମ ପୂଜାପଣ୍ଡା, ପି: ଗଦାଧର ପୂଜାପଣ୍ଡା, ଜଗନ୍ନାଥ ପୂଜାପଣ୍ଡା, ପି: ଧର୍ମୁ ମହାପାତ୍ର, କିସ୍ମତ୍ ଚାରିଅଣା, ବା: ଭୁବନେଶ୍ୱର |
| | | | | ମୋଟ ରକବା | | ଏ.୦.୦୭୦ | |

ତଫସିଲ-ଖ (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)
ଜିଲ୍ଲା: ଖୋର୍ଦ୍ଧା, ତହସିଲ-ଭୁବନେଶ୍ୱର

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଜମିର ରକବା | ରୟତର ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ: ୧୮।୦୧।୨୦୧୯

24013/14/0012/1920

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଜିଲ୍ଲାପାଳ, ଖୋର୍ଦ୍ଧା**

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
**ODISHA STATE OPEN UNIVERSITY,SAMBALPUR**
Established by an Act of Government of Odisha.

**No. OSOU/2019-20/124** **Dt. 16.01.2020**

## TENDER CALL NOTICE

Sealed tenders are invited from reputed Manpower Supplying & Security service providing agencies for providing Stenographer, Data Entry operators, Attendants, Sweeper, Driver, Security Guards and other support staffs for University Headquarters & Other Regional Centers

Tender Documents with General Information for applying are available in the University website www.osou.ac.in. The last date of submission of Tender is **06th February 2020**. Technical bids of tenders will be opened on **07th February 2020**.

**www.osou.ac.in**

**Registrar**

No.E-669

**Advertisement for Tender for Supply and Maintenance of Electric Ambulance for Patient transportation inside the Hospital campus at Bhima Bhoi Medical College & Hospital, Balangir**

Sealed Tender is invited from Organization/Firms/ Agencies for Supply and Maintenance of Electric Ambulance for Patient transportation inside the Hospital campus at Bhima Bhoi Medical College & Hospital, Balangir. The tender paper completed in all respect should be submitted to the undersigned on or before 22.01.2020/ Time:12:00 PM in the office of the Superintendent, BBMC&H, Balangir. The details and terms and conditions can be downloaded from the official website **https://gmchbalangir.infocreatives.com**

**Superintendent, Bhima Bhoi Medical College & Hospital, Balangir**

10141/11/0010/1920

**DISTRICT PROJECT OFFICE, RTE-SSA, JAGATSINGHPUR**
File No. 01/Ped/2020 Notice No. 99/Ped/20 Date: 10.01.2020

**TENDER CALL NOTICE FOR PRINTING AND SUPPLY OF QUESTION-CUM-BLANK ANSWER SHEETS & REPORT CARD FOR SUMMATIVE ASSESSMENT-II, 2019**

Sealed tenders are invited in the prescribed format from reputed Offset printing firms having up to date DIC, OSIC, NSIC, TAN / PAN, GST registration certificate for printing, packing and supply of Question-cum-Blank Answer Sheet & Report Card for the Summative Assessment-II, 2020 pertaining to Class-I to Class-VIII in respect of all Govt. & Govt. Aided, Primary & Upper primary schools of Jagatsinghpur District. The detailed specification along with term and conditions can be obtained from the District website i.e. http://www.jagatsinghpur.nic.in and OPEPA website http://www.opepa.in. The details is also available in NIC website www.jagatsinghpur.nic.in.

*By order of Collector-cum-Chairperson,* ***Sd./- District Project Coordinator, RTE-SSA, Jagatsinghpur***

**OFFICE OF THE EXECUTIVE ENGINEER**
**RURAL WORKS DIVISION, SUNDARGARH**
**E.Mail - rw_sundargarh@yahoo.co.in, Ph - 06622-272280 (off)**

**1st Corrigendum to Bid Identification No Onllne-EESNG-12 of 2019-20**

No.O-856 :- Due to unavoidable circumstances, the tender invited vide bid Identification No: Online-EESNG-12 of 2019-20 is re tendered and Online availability of tender, receipt submission and opening of Tender Document has been changed. Details as follows:-

A) Availability of tender online for bidding: from 16.01.2020 (11.00 A.M.) to 24.01.2020 (5.00 P.M.)
B) Last date of seeking clarification: 22.01.2020 up to 11.00 AM.
C) Date of Opening of Tender: At 11.00 A.M on 27.01.2020 (Technical Bid). At 11.00 A.M on 28.01.2020 (Financial Bid).

***All other terms & conditions remain unchanged.***

**Sd./- Executive Engineer**
**25046/11/0024/1920** **R.W. Division, Sundargarh**

ପତ୍ରସଂଖ୍ୟା: ୧୧୧ **ପଞ୍ଚାୟତ ସମିତି କାର୍ଯ୍ୟାଳୟ, କିଶୋରନଗର** ତା: ୧୬।୦୧।୨୦୨୦

ଏତଦ୍ୱାରା କିଶୋରନଗର ପଞ୍ଚାୟତ ସମିତି ଅଧୀନରେ ଥିବା ୨୩ଗୋଟି ଗ୍ରା.ପ.ର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ (Mahatma Gandhi NREGS) ଏବଂ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (NSAP) ୨୦୧୯-୨୦ ଆର୍ଥିକ ବର୍ଷର ପଞ୍ଚାୟତ ସମିତି, ଗ୍ରାମ ପଞ୍ଚାୟତ ଓ ଲାଇନ ବିଭାଗଗୁଡିକ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ସମସ୍ତ ପ୍ରକଳ୍ପଗୁଡ଼ିକର ସାମାଜିକ ସମୀକ୍ଷା, ସମ୍ପୃକ୍ତ ଗ୍ରା.ପ. କାର୍ଯ୍ୟାଳୟରେ ନିମ୍ନପ୍ରଦତ୍ତ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ। ଉକ୍ତ ସଭାରେ ସମ୍ପୃକ୍ତ ଗ୍ରା.ପ.ର ଲୋକପ୍ରତିନିଧି ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିବେ। ପଞ୍ଚାୟତର ସମସ୍ତ ଜବ୍‌କାର୍ଡ଼ଧାରୀ ଶ୍ରମିକ, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଜନସାଧାରଣ ଉପସ୍ଥିତ ରହି ପ୍ରକଳ୍ପ ସମ୍ବନ୍ଧୀୟ ସମସ୍ତ କାଗଜପତ୍ର ଯାଞ୍ଚ ଓ ସାମାଜିକ ସମୀକ୍ଷାରେ ସହଯୋଗ କରିବା ପାଇଁ ଅନୁରୋଧ।

**ସାମାଜିକ ସମୀକ୍ଷା କାର୍ଯ୍ୟସୂଚୀ:**

| କ୍ର. ନଂ. | ଗ୍ରାମ ପଞ୍ଚାୟତର ନାମ | ସାମାଜିକ ସମୀକ୍ଷା ବ୍ୟବଧାନ (ନଥିପତ୍ର ତଦାରଖ ଓ କାର୍ଯ୍ୟ ପରିଦର୍ଶନ) | ଗ୍ରାମପଞ୍ଚାୟତ ସ୍ତରରେ ଜନଶୁଣାଣି ବା ସାମାଜିକ ସମୀକ୍ଷା | ସ୍ଥାନ |
|---|---|---|---|---|
| ୧ | ନାକଟି, ଖରାବେରେଣୀ, ଜଏରାଟ, କଦଳୀମୁଣ୍ଡା, କଣ୍ଢେଇକୁଲିଆ, ଲୁହାମୁଣ୍ଡା, ଉରୁକୁଲା | ୧୮।୦୧।୨୦୨୦ ଠାରୁ ୨୮।୦୧।୨୦୨୦ | ୨୮।୦୧।୨୦୨୦ ସକାଳ ୧୦ଘଟିକା | ସମ୍ପୃକ୍ତ ଗ୍ରା.ପ. କାର୍ଯ୍ୟାଳୟ |
| ୨ | ଓଷ୍ଟାପାଲି, ଅଙ୍ଗପଡ଼ା, ବିଲେଇନାଳୀ, ହିମିତିରା, ଗାଁବଇଣ୍ଡା, ରଣିଆକଟା, ସଞ୍ଜାମୁରା, ଠେଲକନାଳୀ | ୦୩।୦୨।୨୦୨୦ ଠାରୁ ୧୩।୦୨।୨୦୨୦ | ୧୩।୦୨।୨୦୨୦ ସକାଳ ୧୦ଘଟିକା | |
| ୩ | ନୁନୁକାପଶି, ହଣ୍ଡପା, କଟରଙ୍ଗା, ଜାମୁନାଳୀ, ବାମୁର, ଧଡରପାଳ, ଆମ୍ବପାଳ, ଧଉରାପାଲି | ୧୮।୦୨।୨୦୨୦ ଠାରୁ ୨୯।୦୨।୨୦୨୦ | ୨୯।୦୨।୨୦୨୦ ସକାଳ ୧୦ଘଟିକା | |

**ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, କିଶୋରନଗର**

ଜଙ୍ଗଲରେ ନିଆଁ ଯୋଗୁ ଧୂଆଁଳିଆ ବାୟୁମଣ୍ଡଳ ସତ୍ତ୍ୱେ ଅଷ୍ଟ୍ରେଲିଆନ ଓପନ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ ଖେଳାଯିବା ଦୁର୍ଭାଗ୍ୟଜନକ ।

–ଲିଆମ୍ ବ୍ରୋଡି, ବ୍ରିଟିଶ ଟେନିସ୍ ଖେଳାଳି



ବର୍ତ୍ତମାନ ପରିସ୍ଥିତିରେ ଜଣେ ବ୍ୟାଟ୍ସମ୍ୟାନ ଭାରତୀୟ ଦଳରେ ଯେକୌଣସି ସ୍ଥାନରେ ବ୍ୟାଟିଂ କରିବା ଲାଗି ପ୍ରସ୍ତୁତ ରହିବା ଉଚିତ ।

–ଶ୍ରେୟାସ ଆୟାର, ଭାରତୀୟ କ୍ରିକେଟର



## ସଂକ୍ଷେପରେ

### ୧୯ ବର୍ଷରୁ କମ୍ ବିଶ୍ୱକପ୍ ଆଜିଠାରୁ

କେପ୍ ଟାଉନ୍, ୧୬।୧ (ପି.ଟି.): ଶୁକ୍ରବାରଠାରୁ ଆଇସିସି ୧୯ ବର୍ଷରୁ କମ୍ ବିଶ୍ୱକପ୍ ଖେଳାଯିବ। ଏଥିରେ ଭାରତକୁ ଫେଭରାଇଟ୍ ମନେ କରାଯାଉଛି। ଗତଥରର ଚାମ୍ପିୟନ ଭାରତ ଏହି ଟୁର୍ନାମେଣ୍ଟ ୪ଥର ଜିତିସାରିଛି। ଅଧିନାୟକ ପ୍ରିୟମ ଗର୍ଗଙ୍କ ସମେତ ଏଥର ଦଳରେ ସ୍ଥାନ ପାଇଥିବା ୬ଜଣ ଖେଳାଳି ସିନିୟର କ୍ରିକେଟ (ପ୍ରଥମଶ୍ରେଣୀ, ଲିଷ୍ଟ ଏ' ଅବା ଟି୨୦)ଖେଳିଛନ୍ତି। ୪ଜଣ ଖେଳାଳି ଯଶସ୍ୱୀ ଜୈସ୍ୱାଲ, ଗର୍ଗ, ରବି ବିଶ୍ନୋଇ, କାର୍ତ୍ତିକ ତ୍ୟାଗୀ ଆଇପିଏଲ୍ ଖେଳାଳି ନିଲାମରେ ବହୁ ମୂଲ୍ୟରେ ବିକ୍ରି ହୋଇଛନ୍ତି। ଟୁର୍ନାମେଣ୍ଟରେ ପାକିସ୍ତାନ, ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ଟିମ୍‌ର ଭାବି ଷ୍ଟାର ଖେଳାଳି ନଜରକୁ ଆସିବେ। ଏଥିରେ ଜାପାନ ଓ ନାଇଜେରିଆ ଦଳର ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିବ। ଭାରତ, ନ୍ୟୁଜିଲାଣ୍ଡ ଓ ଶ୍ରୀଲଙ୍କା ସହିତ ଜାପାନ ଗ୍ରୁପ୍ ଡି'ରେ ରହିଛି। ଜାପାନ ଦଳରେ ଦକ୍ଷିଣ ଏସିଆର ବହୁ ଖେଳାଳି ରହିଛନ୍ତି। ସେମାନେ ହେଲେ ଯଥା ତୁଷାର ଚତୁର୍ବେଦୀ, ଯୁଗାନ୍ଧର ରେଥାରେକର, ଇଶାନ ଫାର୍ତ୍ୟାଲ, ଦେବାଶିଷ ସାହୁ। ନାଇଜେରିଆ ଦଳ ତୁଳନାତ୍ମକ ଭାବେ କଷ୍ଟସାଧ ଗ୍ରୁପ୍‌ରେ ସ୍ଥାନ ପାଇଛି। ଏଥିରେ ଅଷ୍ଟ୍ରେଲିଆ, ୱେଷ୍ଟଇଣ୍ଡିଜ ଓ ଇଂଲଣ୍ଡ ରହିଛନ୍ତି। ଶୁକ୍ରବାର ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ 'ଡାଇମଣ୍ଡ ସିଟି' କିମ୍ବର୍ଲିଠାରେ ଆୟୋଜକ ଦକ୍ଷିଣ ଆଫ୍ରିକା ଓ ଆଫଗାନିସ୍ତାନ ମଧ୍ୟରେ ଖେଳାଯିବ। ପରଦିନ ଅଷ୍ଟ୍ରେଲିଆ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ମ୍ୟାଚ ଖେଳାଯିବ।

### ସିନ୍ଧୁଙ୍କ ଅଭିଯାନ ଶେଷ

ଜାକର୍ତ୍ତା,୧୬।୧(ପି.ଟି.): ଇଣ୍ଡୋନେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ବିଶ୍ୱ ଚାମ୍ପିୟନ ପି. ଭି. ସିନ୍ଧୁ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଜାପାନର ସାୟାକା ତାକାହାସିଙ୍କଠାରୁ ପରାଜୟ ବରଣ କରିଛନ୍ତି। ସିନ୍ଧୁ ୨୧-୧୬, ୧୬-୨୧, ୧୯-୨୧ ଗେମ୍‌ରେ ପରାସ୍ତ ହୋଇଛନ୍ତି। ବିଶ୍ୱର ୬ଷ୍ଠ ର୍‍ୟାଙ୍କଧାରୀ ସିନ୍ଧୁଙ୍କ ଜାପାନିଜ ଖେଳାଳି ତାକାହାସିଙ୍କ ବିପକ୍ଷରେ ଏହା ୩ୟ ପରାଜୟ।

# ୩ ନମ୍ବରରେ ବ୍ୟାଟିଂ କରିବେ କୋହଲି





ରାଜକୋଟରେ ଗୁରୁବାର ଅଷ୍ଟ୍ରେଲିଆର ଷ୍ଟିଭେନ ସ୍ମିଥ ଓ ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲିଙ୍କ ଅଭ୍ୟାସ।

**ରାଜକୋଟ,୧୬।୧(ପି.ଟି.)**

ସ୍ଥାନୀୟ ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନ ଗ୍ରାଉଣ୍ଡରେ ଶୁକ୍ରବାର ଭାରତ ଓ ଭ୍ରମଣକାରୀ ଅଷ୍ଟ୍ରେଲିଆ ମଧ୍ୟରେ ଦ୍ୱିତୀୟ ଦିନିକିଆ ମ୍ୟାଚ୍ ଖେଳାଯିବ। ମୁମ୍ବାଇରେ ପ୍ରଥମ ଦିନିକିଆରେ ୧୦ ଉଇକେଟରେ ଲଜ୍ଜାଜନକ ଭାବେ ପରାସ୍ତ ହୋଇଥିବା ଭାରତ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୧–୦ରେ ପଛରେ ପଡିଛି। ଫଳରେ ଭାରତ ବିଜୟୀ ହେବା ଅପରିହାର୍ଯ୍ୟ ହୋଇପଡିଛି। ଅଧିନାୟକ ବିରାଟ କୋହଲି ପୂର୍ବପରି ୩ ନମ୍ବରରେ ବ୍ୟାଟିଂ କରିବାକୁ ଆସିବେ। ପ୍ରଥମ ମ୍ୟାଚ୍‌ରେ ସେ ନିଜର ବ୍ୟାଟିଂ କ୍ରମ ବଦଳାଇଥିଲେ। ତେବେ ଏହା ମହଙ୍ଗା ସାବ୍ୟସ୍ତ ହୋଇଥିଲା ଓ ଭାରତର ବ୍ୟାଟିଂ ଫେଲ୍ ମାରିଥିଲା। ଦୁଇ ଅଷ୍ଟ୍ରେଲିଆ ଓପନର ଡେଭିଡ ୱାର୍ନର ଓ ଆରୋନ ଫିଞ୍ଚ୍ ଘରୋଇ ବୋଲରଙ୍କ ଉଚିତ୍ ମୁକାବିଲା କରିବା ସହ ଅପରାଜିତ ଶତକ ହାସଲ କରି ଦଳକୁ ଜିତାଇଥିଲେ।

୩ଜଣ ଇନ୍‌ଫର୍ମ ଖେଳାଳି ରୋହିତ ଶର୍ମା, ଶିଖର ଧାୱନ ଓ ଲୋକେଶ ରାହୁଲଙ୍କୁ ଖେଳାଯିବାକୁ ଯାଇ କୋହଲି ଗୋଟିଏ ସ୍ଥାନ ତଳକୁ ଖସି ବ୍ୟାଟିଂ କରିବାକୁ ଆସିଥିଲେ ଓ ଏହା କାମ ଦେଇ ନ ଥିଲା। ଭଲ ଆରମ୍ଭ କରିଥିଲେ ମଧ୍ୟ ଏହି ଖେଳାଳିମାନେ ଏହାକୁ ବଡ଼ ସ୍କୋରରେ ପରିଣତ କରିବାରେ ବିଫଳ ହୋଇଥିଲେ। ଯଦି ଆବଶ୍ୟକ ପଡେ ଅଭିଜ୍ଞ ଓପନର ଧାୱନ ପରେ ୩ ନମ୍ବରରେ ବ୍ୟାଟିଂ କରିବାକୁ ପ୍ରସ୍ତୁତ ବୋଲି କହିଛନ୍ତି। କିନ୍ତୁ କୋହଲି ୩ ନମ୍ବରରେ ବେଶ୍ ସଫଳତା ପାଇଛନ୍ତି ଓ ସେ ମିଡଲ ଅର୍ଡରରେ ସ୍ଥିରତା ଆଣିଥାନ୍ତି। ପ୍ରଥମ ଦିନିକିଆ ହେଲ୍‌ମେଟ୍‌ରେ ବଲ୍ ବାଜିବା କାରଣରୁ ରିଷଭ ପନ୍ତ ଆହତ ହୋଇ ଏହି ମ୍ୟାଚ୍‌ରୁ ବାଦ୍ ପଡିଛନ୍ତି। ତେଣୁ ରିଷଭଙ୍କ ବଦଳରେ ରାହୁଲ ଉଇକେଟ କିପିଂ ଦାୟିତ୍ୱରେ ରହିବା ଏକ ପ୍ରକାର ନିଶ୍ଚିତ।

ପ୍ରଥମ ମ୍ୟାଚ୍‌ରେ ରୋହିତ ଓ ଧାୱନ ୯୧ ବଲରୁ ୭୪ ରନ କରି ଭଲ ଆରମ୍ଭ କରିଥିଲେ। ଫଳରେ ଏହି ଦୁଇ ଖେଳାଳି ଇନିଂସ ଓପନ କରିବେ ଓ ୪ ନମ୍ବରରେ ଶ୍ରେୟାସ ଆୟାର କିମ୍ବା ରାହୁଲଙ୍କ ବ୍ୟାଟିଂ କରିବାର ସୁଯୋଗ ମିଳିପାରେ। ଅବଶ୍ୟ ଆୟାର ପ୍ରଥମ ମ୍ୟାଚ୍‌ରେ ଫେଲ୍ ମାରିଥିଲେ। ପନ୍ତଙ୍କ ଅନୁପସ୍ଥିତି କର୍ଣ୍ଣାଟକ ବ୍ୟାଟ୍ସମ୍ୟାନ ମନୀଷ ପାଣ୍ଡେଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛି। ପୁଣେରେ ଖେଳାଯାଇଥିବା ଶ୍ରୀଲଙ୍କା ବିପକ୍ଷ ତୃତୀୟ ଟି୨୦ରେ ପନ୍ତଙ୍କ ଅନୁପସ୍ଥିତିରେ ସେ ଭଲ ପ୍ରଦର୍ଶନ କରିଥିଲେ। ତେବେ ଅଭିଜ୍ଞ ଶିବମ ଦୁବେ ଓ କେଦାର ଯାଦବଙ୍କ ମଧ୍ୟରୁ କାହାକୁ ଖେଳାଯିବ ତାହା ଅବଶ୍ୟ ପରେ ଜଣା ପଡିବ। ୨୦୧୯ରେ ଦୃଷ୍ଟାନ୍ତମୂଳକ ପ୍ରଦର୍ଶନ କରିଥିବା ରୋହିତ କିନ୍ତୁ ପ୍ରଥମ ମ୍ୟାଚ୍‌ରେ ବିଫଳ ହୋଇଥିଲେ। ଜବରଦସ୍ତ ଫର୍ମରେ ଥିବାରୁ ସେ ଏହି ମ୍ୟାଚ୍‌ରେ ଦୃଢ଼ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଆଶା କରାଯାଉଛି। ଅନ୍ୟପଟେ କୋହଲି ଆଉ ଗୋଟିଏ ଶତକ ହାସଲ କଲେ ଘରୋଇ ମାଟିରେ ଭାରତ ପାଇଁ ସର୍ବାଧିକ ଶତକ ହାସଲ ରେକର୍ଡର ସମକକ୍ଷ ହେବେ। ତେଣୁ ସେ ଦ୍ୱିତୀୟ ମ୍ୟାଚ୍‌ରେ ଏହି ସଫଳତା ପାଇବା ଆଶା କରାଯାଉଛି।

ଯଶପ୍ରୀତ ବୁମ୍‌ରାଙ୍କ ନେତୃତ୍ୱରେ ଭାରତ ୱାର୍ଙ୍ଖେଡେରେ ମାମୁଲି ପ୍ରଦର୍ଶନ କରିଥିଲା ଓ ଗୋଟିଏ ହେଲେ ବି ଉଇକେଟ ହାସଲ କରିପାରି ନ ଥିଲା। ଫଳରେ ଭାରତୀୟ ବୋଲିଂ ୟୁନିଟ୍ ପ୍ରତ୍ୟାବର୍ତ୍ତନ କରିବା ଲକ୍ଷ୍ୟରେ ରହିଛି। ଆଘାତ ସମସ୍ୟାରୁ ଫେରିବା ପରେ ବୁମ୍‌ରା ପୂର୍ବଭଳି ସେତେଟା ପ୍ରଭାବୀ ସାବ୍ୟସ୍ତ ହୋଇପାରି ନାହାନ୍ତି। ପୂର୍ବ ଚମକ ଦେଖାଇବାକୁ ସେ ପ୍ରୟାସ କରିବେ ବୋଲି ଆଶା କରାଯାଉଛି। ଦିଲ୍ଲୀ ଦ୍ରୁତ ବୋଲର ନବଦୀପ ସଇନି ଓ ଶାର୍ଦ୍ଦୁଳ ଠାକୁରଙ୍କ ମଧ୍ୟରୁ ଜଣକୁ ଖେଳାଯିବ। ଠାକୁର ମୁମ୍ବାଇରେ ୫ ଓଭରରେ ବୋଲିଂ କରି ୪୩ ରନ ଦେବା ସହ ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ସ୍ପିନ୍ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଖେଳିବା ନିଶ୍ଚିତ ମନେ ହେଉଛି। ଚାଇନାମ୍ୟାନ କୁଲଦୀପ ଯାଦବ ଓ ରିଷ୍ଟ ସ୍ପିନର ୟୁଜବେନ୍ଦ୍ର ଚହଲଙ୍କ ମଧ୍ୟରୁ ଜଣେ ସୁଯୋଗ ପାଇବେ। କୁଲଦୀପ ୧୦ ଓଭର ବୋଲିଂ କରି ପ୍ରଥମ ମ୍ୟାଚ୍‌ରେ ୫୫ ରନ ବ୍ୟୟ କରିଥିଲେ।

ଅପରପକ୍ଷରେ ପ୍ରଥମ ମ୍ୟାଚ୍‌ରେ ବୃହତ୍ ବିଜୟ ହାସଲ କରି ଅଷ୍ଟ୍ରେଲିଆ ତା'ର ମନୋବଳ ବେଶ୍ ଉଚ୍ଚ କରିଛି। ଏହି ମ୍ୟାଚ୍ ଜିତି ଅଷ୍ଟ୍ରେଲିଆ ଭାରତ ମାଟିରେ କ୍ରମାଗତ ଦୁଇଟି ସିରିଜ ବିଜୟ ହାସଲ ଲକ୍ଷ୍ୟରେ ରହିଛି। ଏହା ହୋଇପାରିଲେ ଅଷ୍ଟ୍ରେଲିଆ ପାଇଁ ଏକ ବିରଳ ସଫଳତା ସାବ୍ୟସ୍ତ ହେବ। ଫିଞ୍ଚ୍– ୱାର୍ନର ଯୋଡି ମୁମେଣ୍ଟମ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ଅଭିଜ୍ଞ ଷ୍ଟିଭ୍ ସ୍ମିଥ୍, ଇନ୍‌ଫର୍ମ ମାର୍ନସ ଲାବୁସେନ, ଆଷ୍ଟନ ଟର୍ନର ଓ ଆଲେକ୍ସ କ୍ୟାରୀଙ୍କୁ ନେଇ ଅଷ୍ଟ୍ରେଲିଆ ମିଡଲଅର୍ଡର ବେଶ୍ ଦୃଢ଼ ମନେ ହେଉଛି। ଓପନରଙ୍କ ସମେତ ଯଦି ମିଡଲଅର୍ଡର ଭଲ ଖେଳେ ତେବେ ଭାରତୀୟ ବୋଲରଙ୍କ ପାଇଁ ପରୀକ୍ଷା ସୃଷ୍ଟି ହେବ। ତେବେ ଏହି ଗ୍ରାଉଣ୍ଡରେ ଅଷ୍ଟ୍ରେଲୀୟ ମିଡଲଅର୍ଡର ପରୀକ୍ଷାର ସମ୍ମୁଖୀନ ହେବ। ପ୍ରଥମ ମ୍ୟାଚ୍‌ରେ ଉଚ୍ଚକୋଟୀର ପ୍ରଦର୍ଶନ କରିଥିବା ଅଷ୍ଟ୍ରେଲୀୟ ପୁଣିଥରେ କମାଲ କରିବା ଲକ୍ଷ୍ୟରେ ରହିଛନ୍ତି। ଦୁଇ ସ୍ପିନର ଆଡାମ ଜାମ୍ପା ଓ ଆଷ୍ଟନ ଅଗର ରନକୁ ରୋକିବା ସହ ନିୟମିତ ଅନ୍ତରରେ ବ୍ରେକ୍ ଥ୍ରୁ ଦେଇ ଘରୋଇ ଦଳକୁ ଝଟ୍‌କା ଦେବାରେ ସଫଳ ହୋଇଥିଲେ। ମିଡଲ ଓଭରରେ ଏହି ଦୁଇ ବୋଲର ପୁଣି ପ୍ରଭାବୀ ସାବ୍ୟସ୍ତ ହେବେ ବୋଲି ଆଶା କରାଯାଉଛି। ୨୦୧୭ରେ ପ୍ରଥମ ମ୍ୟାଚ୍‌ରେ ପରାସ୍ତ ହୋଇଥିଲେ ମଧ୍ୟ ଭାରତ ନ୍ୟୁଜିଲାଣ୍ଡ ବିପକ୍ଷରେ ୨–୧ରେ ସିରିଜ ବିଜୟୀ ହୋଇଥିଲା। ସେତେବେଳେ ମଧ୍ୟ ଭାରତ ମୁମ୍ବାଇରେ ନ୍ୟୁଜିଲାଣ୍ଡଠାରୁ ପ୍ରଥମ ମ୍ୟାଚ୍‌ରେ ପରାସ୍ତ ହୋଇଥିଲା।

### ଦ୍ୱିତୀୟ ଦିନିକିଆ ଆଜି

| ଭାରତୀୟ ଦଳ | ଅଷ୍ଟ୍ରେଲିଆ ଦଳ |
|---|---|
| ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଶିଖର ଧାୱନ, ଲୋକେଶ ରାହୁଲ (ଉଇକେଟକିପର), ଶ୍ରେୟାସ ଆୟାର, ମନୀଷ ପାଣ୍ଡେ, କେଦାର ଯାଦବ, ଶିବମ୍ ଦୁବେ, ରବୀନ୍ଦ୍ର ଜାଡେଜା, ୟୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ନବଦୀପ ସଇନି, ଯଶପ୍ରୀତ ବୁମ୍‌ରା, ଶାର୍ଦ୍ଦୁଳ ଠାକୁର ଓ ମହମ୍ମଦ ସାମି। | ଆରୋନ ଫିଞ୍ଚ୍ (ଅଧିନାୟକ), ଆଲେକ୍ସ କାରେ (ଉଇକେଟକିପର), ପାଟ୍ରିକ କମିନ୍ସ, ସିନ୍ ଆବୋଟ, ଆଷ୍ଟନ ଅଗର, ପିଟର ହ୍ୟାଣ୍ଡସ୍କମ୍ବ, ଜୋଶ ହାଜେଲଉଡ, ମାର୍ନସ ଲାବୁସେନ, କେନ୍ ରିଚାର୍ଡସନ, ଷ୍ଟିଭ ସ୍ମିଥ୍, ମିଚେଲ ଷ୍ଟାର୍କ, ଆଷ୍ଟନ ଟର୍ନର, ଡେଭିଡ ୱାର୍ନର ଓ ଆଡାମ ଜାମ୍ପା। |

**ସମୟ- ଅପରାହ୍ନ ୧.୩୦, ପ୍ରସାରଣ: ଷ୍ଟାରସ୍ପୋର୍ଟ୍ସ**

# ଟିମ୍ ଇଣ୍ଡିଆ ସୁପରଫ୍ୟାନ ଚାରୁଲତାଙ୍କ ବିୟୋଗ





ଏକ ମ୍ୟାଚ୍ ଅବସରରେ ବିରାଟ କୋହଲିଙ୍କ ସହ ଚାରୁଲତା ପଟେଲ। (ଫାଇଲ ଫଟୋ)

**ନୂଆଦିଲ୍ଲୀ,୧୬।୧(ପି.ଟି.)**

ଇଂଲଣ୍ଡରେ ଅନୁଷ୍ଠିତ ଆଇସିସି ବିଶ୍ୱକପ୍‌ରେ ଭାରତୀୟ ଦଳକୁ ଷ୍ଟାଡିୟମରେ ସମର୍ଥନ କରିଥିବା ବୟୋଜ୍ୟେଷ୍ଠ ମହିଳା ପ୍ରଶଂସକ ଚାରୁଲତା ପଟେଲଙ୍କ ବିୟୋଗ ଘଟିଛି। ବୟସଜନିତ ସମସ୍ୟା ଯୋଗୁ ବୁଧବାର ତାଙ୍କର ମୃତ୍ୟୁ ହୋଇଛି। ୮୭ ବର୍ଷୀୟା ପଟେଲଙ୍କ ଅଫିସିଆଲ ଇନ୍‌ଷ୍ଟାଗ୍ରାମ ପେଜ 'କ୍ରିକେଟ ଦାଦି'ରେ ଏହା କୁହାଯାଇଛି। ଦୁଃଖର ସହ କହିବାକୁ ପଡୁଛି ଯେ, ଆମ ବୃଦ୍ଧୀ ମା ସୋମବାର ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତ। ତାଙ୍କ ବିୟୋଗରେ ବିସିସିଆଇ ଶୋକ ପ୍ରକାଶ କରିଛି। ଟିମ୍ ଇଣ୍ଡିଆର ସୁପରଫ୍ୟାନ ଚାରୁଲତା ଓ ଖେଳ ପ୍ରତି ତାଙ୍କ ପ୍ୟାଶନ ସର୍ବଦା ଆମ ହୃଦୟରେ ରହିବ। ଭଗବାନ ତାଙ୍କ ଆତ୍ମାକୁ ଶାନ୍ତି ଦିଅନ୍ତୁ ବୋଲି ବିସିସିଆଇ ଟୁଇଟ୍ କରିଛି। ଉଲ୍ଲେଖଯୋଗ୍ୟ, ଗତବର୍ଷ ଜୁଲାଇ ୨ ତାରିଖରେ ବର୍ମିଂହାମଠାରେ ବାଂଲାଦେଶ ବିପକ୍ଷରେ ଅନୁଷ୍ଠିତ ମ୍ୟାଚ୍‌ରେ ଭାରତୀୟ ଦଳକୁ ସମର୍ଥନ କରିବା ସହ ଚାରୁଲତା ପେଁକାଳି ଫୁଙ୍କୁଥିବା ଦେଖିବାକୁ ମିଳିଥିଲା। ସେ ହ୍ୱିଲଚେୟାରରେ ବସି ଟିମ୍ ଇଣ୍ଡିଆର ମ୍ୟାଚ୍ ଦେଖୁଥିଲେ। ମ୍ୟାଚ୍ ପରେ ଭାରତୀୟ ଅଧିନାୟକ ବିରାଟ କୋହଲି ଓ ରୋହିତ ଶର୍ମା ଷ୍ଟାଣ୍ଡ ମଧ୍ୟରେ ପ୍ରବେଶ କରି ଦାଦିଙ୍କ ଆଶୀର୍ବାଦ ନେଇଥିଲେ।

## ରିଚା, ନୁଜ୍‌ହାତ୍ ସ୍ଥାନରେ ଶ୍ରେୟା ଶିବାନୀ

**ନୂଆଦିଲ୍ଲୀ, ୧୬।୧ (ପି.ଟି.)**

ପାଟଣାଠାରେ ବାଂଲାଦେଶ, ଥାଇଲାଣ୍ଡ ଏବଂ ଭାରତ ଏ' ଓ ଭାରତ ବି' ମହିଳା କ୍ରିକେଟ ଦଳକୁ ନେଇ ଏକ ଟି୨୦ ସିରିଜ ଖେଳାଯିବ। ଗୁରୁବାର ଭାରତ ଏ' ଓ ବି' ଦଳରେ ବଦଳ ଖେଳାଳିଭାବେ ଯଥାକ୍ରମେ ଗୋଆର ଶ୍ରେୟା ପରବ ଏବଂ ମହାରାଷ୍ଟ୍ରର ଶିବାନୀ ଶିଣ୍ଡେଙ୍କୁ ସାମିଲ କରାଯାଇଛି। ଶ୍ରେୟାଙ୍କୁ ରିଚା ଘୋଷଙ୍କ ସ୍ଥାନରେ ଏବଂ ଶିବାନୀଙ୍କୁ ନୁଜ୍‌ହାତ୍ ପରବିନ୍‌ଙ୍କ ସ୍ଥାନରେ ଦଳରେ ନିଆଯାଇଛି। ରିଚା ଓ ନୁଜ୍‌ହାତ୍‌ଙ୍କୁ ଅଷ୍ଟ୍ରେଲିଆରେ ଟି୨୦ ସିରିଜପାଇଁ ଭାରତୀୟ ସିନିୟର ମହିଳା କ୍ରିକେଟ ଦଳରେ ସାମିଲ କରାଯାଇଛି। ସିନିୟର ମହିଳା ଦଳ ଏହାପରେ ଟି୨୦ ବିଶ୍ୱକପ୍‌ରେ ଭାଗ ନେବ।

# ନ୍ୟୁଜିଲାଣ୍ଡ ଦଳରୁ ବୋଲ୍ଟ, ଫର୍ଗୁସନ ବାଦ୍

### ଭାରତ ବିପକ୍ଷ ଟି୨୦ ସିରିଜ

**ୱେଲିଂଟନ, ୧୬।୧ (ପି.ଟି.)**

ଭାରତ ବିପକ୍ଷ ଆଗାମୀ ଟି୨୦ ସିରିଜ ଲାଗି ଗୁରୁବାର ଘରୋଇ ନ୍ୟୁଜିଲାଣ୍ଡ ଦଳ ଘୋଷଣା କରାଯାଇଛି। ଆଘାତଜନିତ ସମସ୍ୟା ଲାଗି ଦ୍ରୁତ ବୋଲର ଟ୍ରେଣ୍ଟ ବୋଲ୍ଟଙ୍କ ସମେତ ଲୋକି ଫର୍ଗୁସନ ଘୋଷିତ ୧୪ ଜଣିଆ ନ୍ୟୁଜିଲାଣ୍ଡ ଦଳରୁ ବାଦ୍ ପଡ଼ିଛନ୍ତି। ତେବେ ହାମିସ ବେନେଟ୍ଟ ଦୀର୍ଘ ଅଢ଼େଇ ବର୍ଷ ବ୍ୟବଧାନ ପରେ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ୩୨ ବର୍ଷୀୟ ଡାହାଣହାତୀ ଦ୍ରୁତ ବୋଲର ବେନେଟ୍ଟେ ନ୍ୟୁଜିଲାଣ୍ଡ ପକ୍ଷରୁ ୧୬ ଦିନିକିଆ ଖେଳି ୨୭ ଉଇକେଟ୍ ନେଇଛନ୍ତି। ସେ ମଧ୍ୟ ଜାତୀୟ ଦଳ ପକ୍ଷରୁ ୨୦୧୧ ବିଶ୍ୱକପ୍‌ରେ ପ୍ରତିନିଧିତ୍ୱ କରି ୪ ମ୍ୟାଚ୍ ଖେଳିଥିଲେ। ଶେଷଥର ପାଇଁ ସେ ୨୦୧୭ ମେ'ରେ ବାଂଲାଦେଶ ବିପକ୍ଷରେ ଅନ୍ତିମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ତେବେ ସେ କେବେବି କ୍ରିକେଟ୍‌ର ସବୁଠାରୁ ଛୋଟିଆ ଟି୨୦ ଫର୍ମାଟ ଖେଳିନାହାନ୍ତି। ବୋଲ୍ଟ ଓ ଫର୍ଗୁସନ ଆହତ ଥିବାରୁ ବେନେଟ୍ଟଙ୍କ ସମେତ ଭେଟେରାନ ଟିମ୍ ସୌଦୀ, ବ୍ଲେୟାର ଟିକ୍‌ନର ଓ ସ୍କଟ କଗ୍‌ଲେଇଜନ ପେସ୍ ବୋଲିଂ ଆଟାକ୍ ସମ୍ଭାଳିବେ। ଦୁଇ ସ୍ପିନର ଇଶ୍ ସୋଧୀ ଓ ମିଚେଲ ସାଣ୍ଟନର କିୱି ଦଳରେ ସ୍ଥାନ ପାଇଛନ୍ତି। କେନ୍ ୱିଲିୟମସନଙ୍କ ନେତୃତ୍ୱାଧୀନ ଘୋଷିତ ଦଳରେ ମାର୍ଟିନ ଗୁପ୍‌ଟିଲ, ରସ୍ ଟେଲର, କଲିନ୍ ମୁନ୍‌ରୋ ଓ କଲିନ୍ ଡି ଗ୍ରାଣ୍ଡହୋମ୍‌ଙ୍କ ପରି ଅଭିଜ୍ଞ ଖେଳାଳି ରହିଛନ୍ତି। ଭାରତ ଏକ ସମ୍ପୂର୍ଣ୍ଣ ଦ୍ୱିପାକ୍ଷିକ ସିରିଜ ଖେଳିବା ଲାଗି ନ୍ୟୁଜିଲାଣ୍ଡ ଗସ୍ତ କରିବ। ଯେଉଁଥିରେ ୫ ଟି୨୦, ୩ ଦିନିକିଆ ଓ ୨ ଟେଷ୍ଟ ମ୍ୟାଚ୍ ସାମିଲ ରହିଛି। ଅକ୍‌ଲାଣ୍ଡରେ ଜାନୁୟାରୀ ୨୪ରେ ପ୍ରଥମ ଟି୨୦ ମ୍ୟାଚ୍ ଖେଳି ଭାରତ ଏହାର ଗସ୍ତ ଆରମ୍ଭ କରିବ। **ନ୍ୟୁଜିଲାଣ୍ଡ ଟି୨୦ ଦଳ:** କେନ୍ ୱିଲିୟମସନ (ଅଧିନାୟକ), ହାମିଶ ବେନେଟ୍ଟେ, ଟମ୍ ବ୍ରୁସ, କଲିନ ଡି ଗ୍ରାଣ୍ଡହୋମ୍, ମାର୍ଟିନ ଗୁପ୍‌ଟିଲ, ସ୍କଟ କଗ୍‌ଲେଇଜନ, ଡାର୍ଲି ମିଚେଲ, କଲିନ ମୁନ୍‌ରୋ, ରସ୍ ଟେଲର, ବ୍ଲେୟାର ଟିକ୍‌ନର, ମିଚେଲ ସାଣ୍ଟନର, ଟିମ୍ ସେଇଫର୍ଟ, ଇଶ୍ ସୋଧୀ ଓ ଟିମ୍ ସୌଦୀ।

# ବାଲାବାବା କେନ୍ଦ୍ରାପଡ଼ା ଚାମ୍ପିୟନ




ଚାମ୍ପିୟନ ବାଲାବାବା ଦଳ ଖେଳାଳି ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

**ମାର୍ଶାଘାଇ, ୧୬।୧(ଡ଼ି.ଏନ୍.ଏ.)**

ମାର୍ଶାଘାଇ ବ୍ଲକ ଅଙ୍ଗୁଲାଇ ଖେଳପଡିଆରେ ଅନୁଷ୍ଠିତ ୧୫ ତମ ଅଙ୍ଗୁଲାଇ କପ୍ କ୍ରିକେଟ ଟୁର୍ନାମେଣ୍ଟରେ କେନ୍ଦ୍ରାପଡ଼ାର ବାଲାବାବା ଦଳ ଚାମ୍ପିୟନ ହୋଇଛି। ବୁଧବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ କଟକ ନିମପୁର ସ୍ପୋର୍ଟିଂକୁ ହରାଇ ବାଲାବାବା ଟିମ୍ ଟାଇଟଲ ହାସଲ କରିଛି। ଟସ୍ ଜିତି ବାଲାବାବା ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୨୫ ଓଭରରେ ନିମପୁର ସ୍ପୋର୍ଟିଂ ୮ ଉଇକେଟ ହରାଇ ୧୫୭ ରନ୍ ସଂଗ୍ରହ କରିଥିଲା। ଗିରିଜା ରାଉତ ୫୩(୫୫) ଏବଂ ରାଜେଶ ଜେନା ୨୮(୩୨) କରିଥିଲେ।

ଜବାବରେ ବାଲାବାବା ଟିମ୍ ସୁଧାଂଶୁ ପତିଙ୍କ ଦ୍ରୁତ ୫୭ (୨୫ ବଲ) ଏବଂ ବିଶ୍ୱବିହାରୀଙ୍କ ୩୭ (୪୨ ବଲ) ରନ୍ ବଳରେ ୧୯.୪ ଓଭରରେ ୪ଉଇକେଟ ହରାଇ ବିଜୟଲକ୍ଷ୍ୟ ହାସଲ କରି ନେଇଥିଲା। ୩୭ ରନ୍ କରିବା ସହ ବୋଲିଂରେ ୨ଟି ଉଇକେଟ ଅକ୍ତିଆର କରିଥିବା ବାଲାବାବା ଟିମ୍‌ର ବିଶ୍ୱବିହାରୀ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ମ୍ୟାନ୍ ଅଫ ଦି ସିରିଜ ଭାବେ ମାର୍ଶାଘାଇର ଅମ୍ବିକା ଅଶୋକା ପ୍ରତିଷ୍ଠାନ ଦ୍ୱାରା ପୁରସ୍କୃତ ହୋଇଥିଲେ ବାଲାବାବାର ସିଧାଂଶୁ ପତି, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ନିମପୁରର ଗିରିଜା ରାଉତ, ଶ୍ରେଷ୍ଠ ବୋଲର ଭାବେ ଅଭିଷେକ ଗିରି ପୁରସ୍କୃତ ହୋଇଥିଲେ। ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ, ଜିଲା ପରିଷଦ ସଦସ୍ୟ ପ୍ରଦୀପ୍ତ କୁମାର ଗାହାଣ, ପୂର୍ବତନ ଜିଲା ପରିଷଦ ସଦସ୍ୟ ପ୍ରମୋଦ କୁମାର ରଥ, କବି ଭକ୍ତ ଚରଣ ମଲ୍ଲ, ସ୍ଥାନୀୟ ସରପଞ୍ଚ ଦୁର୍ଗାବତୀ ପ୍ରଧାନ, ସମିତି ସଭ୍ୟ ଅଜୟ ରାଉତ, ସମାଜସେବୀ ମାଧବାନନ୍ଦ ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଚାମ୍ପିୟନ ଏବଂ ରନର୍ସଅପ୍ ଟ୍ରଫି ପ୍ରଦାନ କରିବା ସହିତ କୃତୀ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଅମ୍ପାୟର ଭାବେ ରବିନାରାୟଣ ରଥ,ସହଦେବ ବେହେରାଙ୍କ ସମେତ ଆୟୋଜକ ତାରିଣୀ ସ୍ପୋର୍ଟିଂ କ୍ଲବର ସଦସ୍ୟ ଜୟନ୍ତ ମଲିକ, ଚନ୍ଦନ ରାଉତ ପ୍ରମୁଖ ଖେଳ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# ତୃତୀୟ ଟେଷ୍ଟ: ଇଂଲଣ୍ଡ ୨୨୪/୪

**ପୋର୍ଟ ଏଲିଜାବେଥ,୧୬।୧**

ସ୍ଥାନୀୟ ସେଣ୍ଟ ଜର୍ଜ ପାର୍କ ଗ୍ରାଉଣ୍ଡରେ ଦକ୍ଷିଣ ଆଫ୍ରିକା ଓ ଭ୍ରମଣକାରୀ ଇଂଲଣ୍ଡ ମଧ୍ୟରେ ତୃତୀୟ ଟେଷ୍ଟ ମ୍ୟାଚ ଆରମ୍ଭ ହୋଇଛି। ଟସ୍ ଜିତି ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମ ଇନିଂସ ଆରମ୍ଭ କରି ଇଂଲଣ୍ଡ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୯୦ ଓଭରରେ ୪ ଉଇକେଟ ହରାଇ ୨୨୪ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ୩୮ ଏବଂ ଓଲି ପୋପ୍ ୩୯ ରନକରି ଅପରାଜିତ ରହିଛନ୍ତି। ଦଳ ତରଫରୁ ଦୁଇ ଓପନର ଜ୍ୟାକ କ୍ରଲି ଓ ଡୋମିନିକ ସିବ୍‌ଲି ଯଥାକ୍ରମେ ୪୪ ଓ ୩୬ ରନ କରି ଆଉଟ ହୋଇଥିଲେ। ସେହିପରି ଜୋ ଡେନଲି ୨୫ ଓ ଅଧିନାୟକ ଜୋ ରୁଟ୍ ୨୭ ରନକରି ପ୍ୟାଭିଲିୟନ ଫେରିଛନ୍ତି। ବୋଲିଂରେ ଘରୋଇ ଦଳ ତରଫରୁ କାଗିସୋ ରାବାଡ଼ା ୨, ଅନରିଚ ନୋର୍ଜେ ଓ କେଶବ ମହାରାଜ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଉଲ୍ଲେଖଥାଉ କି, ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଇଂଲଣ୍ଡ ବୃହତ୍ ୧୮୯ ରନରେ ବିଜୟୀ ହୋଇଥିଲା। ସେହିପରି ପ୍ରଥମ ଟେଷ୍ଟରେ ଦକ୍ଷିଣ ଆଫ୍ରିକା ୧୦୭ ରନରେ ବିଜୟ ହାସଲ କରିଥିଲା।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ– ୯୦ ଓଭରରେ ୪ ଉଇକେଟ ହରାଇ ୨୨୪ ରନ (କ୍ରଲି– ୪୪, ସିବ୍‌ଲି– ୩୬, ଡେନଲି– ୨୫, ରୁଟ୍– ୨୭, ଷ୍ଟୋକ୍ସ– ୩୮*, ପୋପ୍– ୩୯*, ରାବାଡା– ୨/୪୮, ନୋର୍ଜେ– ୧/୫୨, ମହାରାଜ– ୧/୫୫)।




ଜୋ ରୁଟ୍‌ଙ୍କୁ ଆଉଟ୍ କରିବା ପରେ କାଗିଶୋ ରାବାଡାଙ୍କ ପ୍ରତିକ୍ରିୟା।



"ଆସନ୍ତା ଟୋକିଓ ପାରା ଅଲିମ୍ପିକ୍ସ ୨୦୨୦ରେ ମୁଁ ହ୍ୟାଟ୍ରିକ ବିଶ୍ୱ ରେକର୍ଡ କରିବାକୁ ଚାହୁଁଛି ।
–ଦେବେନ୍ଦ୍ର ଝାଝାରିଆ, ଭାରତୀୟ ପାରା ଆଥଲେଟ୍



"ରାଜକୋଟରେ ଶୁକ୍ରବାର ଅନୁଷ୍ଠିତ ହେବାକୁଥିବା ଦ୍ୱିତୀୟ ଦିନିକିଆରେ ଭାରତ ପ୍ରତ୍ୟାବର୍ତ୍ତନ କରିବ ଏଥିରେ ସନ୍ଦେହ ନାହିଁ ।
–ଆରୋନ ଫିଞ୍ଚ, ଅଷ୍ଟ୍ରେଲିଆ ଅଧିନାୟକ

## ବିଶ୍ୱ ଚାମ୍ପିୟନକୁ ହରାଇଲା ଆୟର୍ଲାଣ୍ଡ

ସେଣ୍ଟ ଜର୍ଜସ (ଗ୍ରେନାଡା), ୧୬।୧ (ଏଏଫ୍‌ପି)- ଭ୍ରମଣକାରୀ ଆୟର୍ଲାଣ୍ଡ ଏଠାରେ ଅନୁଷ୍ଠିତ ପ୍ରଥମ ଟି୨୦ ମ୍ୟାଚ୍‌ରେ ବିଶ୍ୱ ଚାମ୍ପିୟନ ୱେଷ୍ଟଇଣ୍ଡିଜକୁ ୪ ରନରେ ରୋମାଞ୍ଚକ ଭାବେ ପରାସ୍ତ କରିଛି। ଏହି ହାଇସ୍କୋରିଂ ମ୍ୟାଚ୍‌ରେ ଟସ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଆୟର୍ଲାଣ୍ଡ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ୍ ହରାଇ ୨୦୮ ରନ କରିଥିଲା। ଦଳ ପକ୍ଷରୁ ଅଭିଜ୍ଞ ଓପନର୍ ପଲ୍ ଷ୍ଟିର୍ଲିଂ (୯୫ ରନ ୪୭ ବଲ୍, ୬ ଚୌକା, ୮ ଛକା) ଅଳ୍ପକେ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ଅନ୍ୟତମ ଓପନର୍ କେଭିନ ଓ'ବ୍ରାଇନ ମଧ ୪୮ ରନର ଉପଯୋଗୀ ଇନିଂସ ଖେଳିଥିଲେ। ଓପନିଂ ଯୋଡ଼ିରେ ଉଭୟ ଷ୍ଟିର୍ଲିଂ ଓ କେଭିନ ୧୨.୩ ଓଭରରେ ୧୫୪ ରନ ଭାଗୀଦାରି କରିଥିଲେ। ଘରୋଇ ୱେଷ୍ଟଇଣ୍ଡିଜ ପକ୍ଷରୁ ଶେଲଡନ କୋଟ୍ରେଲ, ଖାରୀ ପିଏରେ ଓ ଡ୍ୱେନ ବ୍ରାଭୋ ୨ଟି ଲେଖାଏ ଉଇକେଟ୍ ନେଇଛନ୍ତି। ଜବାବରେ ୱେଷ୍ଟଇଣ୍ଡିଜ ଏଭିନ ଲୁଇସ (୫୩), ଅଧିନାୟକ କିରନ ପୋଲାର୍ଡ (୩୧), ଶିମରନ ହେଟ୍‌ମେୟର (୨୮)ଙ୍କ ଉପଯୋଗୀ ବ୍ୟାଟିଂ ସତ୍ତ୍ୱେ ୨୦ ଓଭରରେ ୭ ଉଇକେଟ୍ ହରାଇ ୨୦୪ ରନ କରିବାକୁ ସମର୍ଥ ହୋଇଥିଲା। ଏହି ରୋମାଞ୍ଚକ ମ୍ୟାଚ୍‌ରେ ବିଜୟ ପାଇଁ ଅନ୍ତିମ ଓଭରରେ ୧୫ ରନ ଆବଶ୍ୟକ ହେଉଥିବାବେଳେ ୱେଷ୍ଟଇଣ୍ଡିଜ ୧୦ ରନ କରିବାକୁ ସମର୍ଥ ହୋଇଥିଲା। ୱେଷ୍ଟଇଣ୍ଡିଜ ବିପକ୍ଷରେ ଟି୨୦ରେ ଆୟର୍ଲାଣ୍ଡର ଏହା ୨ୟ ବିଜୟ। ମ୍ୟାଚ୍‌ର ଉଭୟ ଇନିଂସରେ ୪୧୨ ରନ ସଂଗ୍ରହ ହୋଇଥିବାବେଳେ ମୋଟ୍ ଉପରେ ୨୪ ଚୌକା ଓ ୨୭ ଛକା ଦେଖିବାକୁ ମିଳିଥିଲା। କ୍ୟାରିୟର ଶ୍ରେଷ୍ଠ ଇନିଂସ ଲାଗି ଷ୍ଟିର୍ଲିଂ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ।

# ବିସିସିଆଇ କେନ୍ଦ୍ରୀୟ ଚୁକ୍ତିରୁ ଧୋନୀ ବାଦ୍



**ନୂଆଦିଲ୍ଲୀ, ୧୬।୧ (ପି.ଟି.)**

ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏହାର ବାର୍ଷିକ କେନ୍ଦ୍ରୀୟ ଚୁକ୍ତି ତାଲିକାରୁ ଗୁରୁବାର ମହେନ୍ଦ୍ର ସିଂ ଧୋନୀଙ୍କ ନାମକୁ ବାଦ୍ ଦେଇଛି। ଫଳରେ ଭାରତୀୟ କ୍ରିକେଟ୍ ଦଳର ଅନ୍ୟତମ ସଫଳ ଅଧିନାୟକ ରହିଥିବା ଧୋନୀଙ୍କ ଭବିଷ୍ୟତକୁ ନେଇ ବେଶ୍ କିଛିଦିନ ହେବ ଲାଗି ରହିଥିବା କଳ୍ପନାଜଳ୍ପନା ପୁଣିଥରେ ଉଜ୍ଜୀବିତ୍ ହୋଇଉଠିଛି।

ବିସିସିଆଇ ପକ୍ଷରୁ ୨୦୧୯ ଅକ୍ଟୋବରରୁ ୨୦୨୦ ସେପ୍ଟେମ୍ବର ପର୍ଯ୍ୟନ୍ତ କେନ୍ଦ୍ରୀୟ ଖେଳାଳି ଚୁକ୍ତି ତାଲିକା ପ୍ରକାଶ ପାଇଛି। ପୂର୍ବରୁ ଧୋନୀ 'ଏ' କାଟେଗୋରିରେ ରହିଥିଲେ। ଏଥିରେ ଜଣେ ଖେଳାଳିଙ୍କୁ ବର୍ଷକୁ ୫ କୋଟି ଟଙ୍କା ପାଉଣା ପ୍ରଦାନ କରାଯାଇଥାଏ। ତେବେ ଧୋନୀ ଶେଷଥର ପାଇଁ ଗତବର୍ଷ ଆଇସିସି ବିଶ୍ୱକପ୍ ସେମିଫାଇନାଲରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିଥିଲେ। ଏହାପରଠାରୁ ସେ କ୍ରିକେଟ୍‌ରୁ ଦୂରେଇ ରହିଛନ୍ତି। ଏହି କାରଣରୁ ଧୋନୀଙ୍କୁ କେନ୍ଦ୍ରୀୟ ଚୁକ୍ତିରୁ ବାଦ୍ ଦିଆଯିବାକୁ ନେଇ ଅନେକ ପୂର୍ବତନ କ୍ରିକେଟର୍ ଆଶ୍ଚର୍ଯ୍ୟପ୍ରକଟ କରିନାହାନ୍ତି। ଧୋନୀ ଏକଦିବସୀୟ କ୍ରିକେଟରୁ ଅବସର ନେଇ ପାରନ୍ତି ବୋଲି ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ ନିକଟରେ ସଙ୍କେତ ଦେଇଥିଲେ। ଅଧିନାୟକ ବିରାଟ କୋହଲିଙ୍କ ସମେତ ରୋହିତ୍ ଶର୍ମା ଓ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ସର୍ବୋଚ୍ଚ କାଟେଗୋରୀ 'ଏ+'ରେ ରହିଛନ୍ତି। ଏହି କାଟେଗୋରିର ଖେଳାଳି ବର୍ଷକୁ ବିସିସିଆଇ ନିକଟରୁ ପାଉଣା ବାବଦକୁ ୭ କୋଟି ଟଙ୍କା ପାଇଥାନ୍ତି। ସେହିଭଳି ଉଦୀୟମାନ ବ୍ୟାଟ୍ସମ୍ୟାନ ଲୋକେଶ ରାହୁଲ 'ବି' ରୁ 'ଏ' କାଟେଗୋରିକୁ ଉଠିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷରେ ଟେଷ୍ଟ ପଦାର୍ପଣ କରି ଦମ୍‌ଦାର ବ୍ୟାଟିଂ ପ୍ରଦର୍ଶନ ଜାରି ରଖିଥିବା ଓପନର୍ ମୟଙ୍କ ଅଗ୍ରୱାଲଙ୍କୁ 'ବି' କାଟେଗୋରିରେ ସାମିଲ କରାଯାଇଛି। ଏଥିରେ ଖେଳାଳିଙ୍କୁ ୩ କୋଟି ଟଙ୍କା ମିଳିଥାଏ। ଦ୍ରୁତ ବୋଲର ନବଦୀପ ସଇନି, ୱାଶିଂଟନ ସୁନ୍ଦର ପ୍ରଥମଥର ଲାଗି କେନ୍ଦ୍ରୀୟ ଚୁକ୍ତିରେ ସାମିଲ ହୋଇଛନ୍ତି। ଉଭୟ ଶ୍ରେୟାସ ଆୟାର, ଦୀପକ ଚହର ଓ ଶାର୍ଦ୍ଦୂଳ ଠାକୁରଙ୍କ ସହ ଗ୍ରେଡ-ସି'ରେ ରହିଛନ୍ତି। ଏ ସମସ୍ତେ ଏକ କୋଟି ଲେଖାଏ ପାଉଣା ପାଇବେ। ତେବେ ଅମ୍ବାତି ରାୟୁଡୁ ଓ ଦୀନେଶ କାର୍ତ୍ତିକ କେନ୍ଦ୍ରୀୟ ଚୁକ୍ତି ତାଲିକାରୁ ବାଦ୍ ପଡ଼ିଛନ୍ତି।

### କେନ୍ଦ୍ରୀୟ ଚୁକ୍ତି ତାଲିକା

- **ଗ୍ରେଡ୍ ଏ+(୭ କୋଟି): ବିରାଟ କୋହଲି, ରୋହିତ୍ ଶର୍ମା, ଯଶପ୍ରୀତ୍ ବୁମ୍‌ରା।**
- **ଗ୍ରେଡ୍ ଏ (୫ କୋଟି): ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା, ଭୁବନେଶ୍ୱର କୁମାର, ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ, ଲୋକେଶ ରାହୁଲ, ଶିଖର ଧାୱନ, ମହମ୍ମଦ ଶାମି, ଈଶାନ୍ତ ଶର୍ମା, କୁଲଦୀପ ଯାଦବ ଓ ରିଷଭ ପନ୍ତ।**
- **ଗ୍ରେଡ୍ ବି (୩ କୋଟି): ରିଦ୍ଧିମାନ ଶାହ, ଉମେଶ ଯାଦବ, ଯୁଜବେନ୍ଦ୍ର ଚହଲ, ହାର୍ଦ୍ଦିକ ପାଣ୍ଡ୍ୟା ଓ ମୟଙ୍କ ଅଗ୍ରୱାଲ।**
- **ଗ୍ରେଡ୍ ସି(୧ କୋଟି): କେଦାର ଯାଦବ, ନବଦୀପ ସଇନି, ଦୀପକ ଚହର, ମନୀଷ ପାଣ୍ଡେ, ହନୁମା ବିହାରୀ, ଶାର୍ଦ୍ଦୂଳ ଠାକୁର, ଶ୍ରେୟାସ ଆୟାର ଓ ୱାଶିଂଟନ ସୁନ୍ଦର।**

# ଗ୍ରେଡ୍ 'ବି'କୁ ଖସିଲେ ମିତାଲି

**ନୂଆଦିଲ୍ଲୀ, ୧୬।୧(ପି.ଟି.)**



ମିତାଲି ରାଜ

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) କେନ୍ଦ୍ରୀୟ ଚୁକ୍ତିରେ ଗ୍ରେଡ୍ 'ଏ'ରୁ ଖସି ଗ୍ରେଡ୍ 'ବି'ରେ ସ୍ଥାନ ପାଇଛନ୍ତି ଭେଟେରାନ ମହିଳା କ୍ରିକେଟର ମିତାଲି ରାଜ। ତେବେ ରାଧା ଯାଦବ ଓ ତାନିୟା ଭାଟିଆ ଗ୍ରେଡ୍ 'ବି'କୁ ଉନ୍ନୀତ ହୋଇଛନ୍ତି। ଗତ ସେପ୍ଟେମ୍ବରରେ ଟି୨୦ରୁ ଅବସର ନେଇଥିବା ୩୭ ବର୍ଷୀୟା ମିତାଲି ଦିନିକିଆ କ୍ରିକେଟ ଦଳର ଅଧିନାୟିକା ଅଛନ୍ତି। ୨୦୨୧ ବିଶ୍ୱକପ ପର୍ଯ୍ୟନ୍ତ ସେ ନିଜ ପଦ ବଜାୟ ରଖିବା ଆଶା କରାଯାଉଛି। ଟି୨୦ ଅଧିନାୟିକା ହରମନପ୍ରୀତ କୌର ଗ୍ରେଡ୍ 'ଏ'ରେ ସ୍ଥାନ ବଜାୟ ରଖିଛନ୍ତି। ରାଧା ଓ ତାନିଆ ଗତବର୍ଷ ଗ୍ରେଡ୍ 'ସି'ରେ ଥିଲେ। ୧୫ ବର୍ଷୀୟା ସେଫାଳି ବର୍ମା ଓ ହାର୍ଲିନ ଦେଓଲ ପ୍ରଥମଥରପାଇଁ କେନ୍ଦ୍ରୀୟ ଚୁକ୍ତିରେ ସାମିଲ ହୋଇଛନ୍ତି। ଗତବର୍ଷ ଭାରତୀୟ ସିନିୟର ଦଳରେ ଖେଳିବା ଆରମ୍ଭ କରିଥିବା ସେଫାଳି ପ୍ରଭାବୀ ବ୍ୟାଟିଂ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିକଟରେ ବ୍ରିସବେନଠାରେ ସେ ଅଷ୍ଟ୍ରେଲିଆ 'ଏ' ବିପକ୍ଷରେ ୧୨୪ ରନ ସ୍କୋର କରିଥିଲେ। ଏହି ଓପନର ଆସନ୍ତା ଟି୨୦ ବିଶ୍ୱକପରେ ମଧ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ଆଶା। ମୋନା ମେଶ୍ରମ କେନ୍ଦ୍ରୟ ଚୁକ୍ତିରୁ ବାଦ୍ ପଡ଼ିଛନ୍ତି।

**ଗ୍ରେଡ୍ 'ଏ'(୫୦ ଲକ୍ଷ):** ହରମନପ୍ରୀତ କୌର, ସ୍ମୃତି ମନ୍ଧାନା, ପୁନମ ଯାଦବ।
**ଗ୍ରୁପ 'ବି'(୩୦ ଲକ୍ଷ):** ମିତାଲି ରାଜ, ଝୁଲଣ ଗୋସ୍ୱାମୀ, ଏକତା ବିଷ୍ଟ, ରାଧା ଯାଦବ, ତାନିୟା ଭାଟିଆ, ଶିଖା ପାଣ୍ଡେ, ଜେମିମା ରୋଡ୍ରିଗ୍ସେଜ, ଦୀପ୍ତି ଶର୍ମା।
**ଗ୍ରେଡ୍ 'ସି'(୧୦ ଲକ୍ଷ):** ବେଦ କ୍ରିଷ୍ଣମୂର୍ତ୍ତୀ, ପୁନମ ରାଉତ, ଅନୂଜା ପାଟିଲ, ମାନସି ଜୋଶୀ, ଡି. ହେମଲତା, ଅରୁନ୍ଧତୀ ରେଡ୍ଡୀ, ରାଜେଶ୍ୱରୀ ଗାଏକ୍ୱାଡ, ପୂଜା ବସ୍ତ୍ରକାର, ହାର୍ଲିନ ଦେଓଲ, ପ୍ରିୟା ପୁନିଆ, ସେଫାଳି ବର୍ମା।

# ବୋରାସମ୍ବର କପ୍ କ୍ରିକେଟ: ସେମିରେ ଇଷ୍ଟକୋଷ୍ଟ

**ପଦ୍ମପୁର, ୧୬।୧ (ଡି.ଏନ.ଏ)**




ସନ୍ଦିପ ମୂଳିଆଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି ।

ବରଗଡ଼ ଜିଲା ପଦ୍ମପୁର ଆର୍‌ବି ହାଇସ୍କୁଲ ପଡିଆରେ ଚାଲିଥିବା ୨୬ତମ ସର୍ବଭାରତୀୟ ବୋରାସମ୍ବର କପ୍ କ୍ରିକେଟ୍‌ର ଗୁରୁବାର ମ୍ୟାଚରେ ଜଳଗାଁଓ ୱାରିୟର ମହାରାଷ୍ଟ୍ରକୁ ପରାସ୍ତକରି ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ଅନୁଷ୍ଠିତ ଟି-୨୦ ମ୍ୟାଚରେ ଇଷ୍ଟକୋଷ୍ଟ ଖୋର୍ଦ୍ଧା ଦଳ ପ୍ରଥମେ ବ୍ୟାଟିଂକରି ୨୧୩ ରନ୍ କରିଥିଲା। ଦଳ ତରଫରୁ ସନ୍ଦୀପ ମୂଳିଆ ୫୮ ବଲରେ ୧୦୦, ସମୀର ମହାନ୍ତି ୩୯ ବଲରେ ୬୬ ରନ କରିଥିଲେ। ଜବାବରେ ଜଲ୍‌ଗାଁଓ ୱାରିୟର ମହାରାଷ୍ଟ୍ର ୧୯ ଓଭରରେ ୧୪୫ ରନ କରି ସମସ୍ତ ଉଇକେଟ ହରାଇ ୬୮ରନରେ ହାରିଥିଲା। ଦଳ ପକ୍ଷରୁ ପାମୋଲ୍ ଦାଣ୍ଡେଦକର ୪୪ ବଲରେ ୪୮ ରନ କରିଥିଲେ। ଖୋର୍ଦ୍ଧା ଦଳର ଆଲୋକ ମଙ୍ଗରାଜ ୪ ଉଇକେଟ ନେଇଥିଲେ। ପରେ ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ଟି-୧୦ ମ୍ୟାଚରେ ମହାରାଷ୍ଟ୍ର ଦଳ ପ୍ରଥମେ ବ୍ୟାଟିଂକରି ୮୫ ରନ କରିଥିଲା। ଦଳ ପକ୍ଷରୁ ପ୍ରଣୟ ୯ ବଲରେ ୨୨, ସୁମିତ କୁମାର ୧୭ବଲରେ ୨୨ ରନ କରିଥିଲେ। ଖୋର୍ଦ୍ଧା ଦଳର ଆଲୋକ ମଙ୍ଗରାଜ ୩ ଉଇକେଟ ନେଇଥିଲେ। ଜବାବରେ ଖୋର୍ଦ୍ଧା ୯.୨ ଓଭରରେ ୭ ଉଇକେଟରେ ମ୍ୟାଚ ଜିତିଥିଲା। ଦଳର ପ୍ରଶାନ୍ତ ସାହୁ ୧୬ ବଲରେ ୨୬ ଏବଂ ସନ୍ଦିପ ମୂଳିଆ ୨୧ ବଲରେ ୩୬ ରନ କରିଥିଲେ। ଖୋର୍ଦ୍ଧା ଦଳ ଉଭୟ ଟି-୨୦ ଓ ଟି-୧୦ ମ୍ୟାଚ ଜିତି ସେମିଫାଇନାଲରେ ପ୍ରବେଶ କରିଛି। ପୁରସ୍କାର ବିତରଣ ଉତ୍ସବରେ ପଦ୍ମପୁର ବଣିକ ସଂଘ ସଭାପତି ପ୍ରତାପ ମିଶ୍ର ଏବଂ ମହମ୍ମଦ ଜାଭେଦ ମୁଖ୍ୟଅତିଥି ଭାବେ ଯୋଗଦେଇ ଖୋର୍ଦ୍ଧା ଦଳର ସନ୍ଦିପ ମୂଳିଆଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ଅମ୍ପାୟର ଚୂଡ଼ାମଣି ପାଢ଼ୀ ଏବଂ ବିଶ୍ୱଜିତ ଖମାରୀ ମ୍ୟାଚ ପରିଚାଳନା କରିଥିଲେ। ଅମରେଶ ବେହେରା ସ୍କୋରର ଦାୟିତ୍ୱ ତୁଲାଇଥିବାବେଳେ ଶାଶ୍ୱତ ଦାସ ଏବଂ ରୋହିଣୀ ପାଣ୍ଡେ ଧାରାବିବରଣୀ ପ୍ରଦାନ କରିଥିଲେ। ଶୁକ୍ରବାର ମ୍ୟାଚ ଗ୍ରୁପ ବି'ର ସେମିଫାଇନାଲ ମ୍ୟାଚ ରାଉରକେଲା ଏବଂ ଖୋର୍ଦ୍ଧା ମଧ୍ୟରେ ଅନୁଷ୍ଠିତ ହେବ।

# ଭିଜନ-୨୦୨୪ର ଶୁଭାରମ୍ଭ



ଭିଜନ-୨୦୨୪ର ଶୁଭାରମ୍ଭ ଅବସରରେ ଖେଳାଳି ଓ ଅତିଥିମାନେ।

**କଟକ ଅଫିସ,୧୬।୧**

ଭିଜନ୍-୨୦୨୪ର ଶୁଭାରମ୍ଭ କରିଛି ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)। ତୃଣମୂଳସ୍ତରରୁ କ୍ରିକେଟ ପ୍ରତିଭା ବାଛିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ଼ ଜିଲା ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଗୁରୁବାର ଠାରୁ ଆରମ୍ଭ ହୋଇଛି କ୍ଲବ ଟୁର୍ନାମେଣ୍ଟ। ସୁନ୍ଦରଗଡ଼ ଓ ରାଜଗାଙ୍ଗପୁରରେ ଦୁଇଟି ଭେନ୍ୟୁ ହୋଇଛି। ସୁନ୍ଦରଗଡ଼ ଭେନ୍ୟୁରେ ଅନୁଷ୍ଠିତ ମ୍ୟାଚ୍‌ରେ ନବଜୀବନ କ୍ଲବ ବୋଣ୍ଡାମୁଣ୍ଡା କ୍ଲବକୁ ହରାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ନବଜୀବନ ୪ ଉଇକେଟ ବିନିମୟରେ ୧୮୬ରନ କରିଥିବା ବେଳେ ବୋଣ୍ଡାମୁଣ୍ଡା ୧୨୨ରନରେ ଅଲଆଉଟ ହୋଇଥିଲା। ଏହି ମ୍ୟାଚ୍‌ରେ ସୌରୁପ ରଞ୍ଜନ ସାମଲଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ କରାଯାଇଛି। ରାଜଗାଙ୍ଗପୁର ଭେନ୍ୟୁରେ ବିଜୟୀ ହୋଇଛି ୟଙ୍ଗମ୍ୟାନ କ୍ରିକେଟ କ୍ଲବ। ଏକ ରୋମାଞ୍ଚକର ମ୍ୟାଚ୍‌ରେ ୟଙ୍ଗମ୍ୟାନ ଦଳ ୧ରନରେ ଆଦର୍ଶ କ୍ଲବକୁ ହରାଇଥିଲା। ପ୍ରଥମେ ବ୍ୟାଟିଂ କରି ୟଙ୍ଗମ୍ୟାନ କ୍ଲବ ୯ ଉଇକେଟ ବିନିମୟରେ ୧୯୨ରନ କରିଥିଲା। ଜବାବରେ ଆଦର୍ଶ କ୍ଲବ ୧୯୧ରନରେ ଅଲଆଉଟ ହୋଇଥିଲା। ବିନିତ ପ୍ରସାଦ ମ୍ୟାନ ଅଫ ଦି ମ୍ୟାଚ୍ ହୋଇଥିଲେ। ପୂର୍ବତନ ବିଧାୟକ ଯୋଗେଶ ସିଂ, ଉପଜିଲାପାଳ ଅଭିମନ୍ୟୁ ବେହେରା ଅତିଥି ଭାବେ ଯୋଗ ଦେଇଥିଲେ।

# ହୋବାର୍ଟ ଇଣ୍ଟରନ୍ୟାଶନାଲ ସେମିରେ ସାନିଆ



ସାନିଆ ମିର୍ଜା

**ହୋବାର୍ଟ, ୧୬।୧ (ପି.ଟି.)**

ଷ୍ଟାର୍ ଭାରତୀୟ ମହିଳା ଟେନିସ ଖେଳାଳି ସାନିଆ ମିର୍ଜା ଏଠାରେ ଚାଲିଥିବା ହୋବାର୍ଟ ଇଣ୍ଟରନ୍ୟାଶନାଲ ମହିଳା ଡବଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଦୁଇବର୍ଷ ପରେ ଟେନିସକୁ ପ୍ରତ୍ୟାବର୍ତ୍ତନ କରିଥିବା ସାନିଆ ୟୁକ୍ରେନର ନାଡିଆ କିଚେନୋକ୍‌ଙ୍କୁ ସାଥୀ କରି ଏହି ପ୍ରତିଯୋଗିତା ଖେଳୁଛନ୍ତି। ଗୁରୁବାର ସକାଳେ ଖେଳାଯାଇଥିବା ମହିଳା ଡବଲ୍ସ କ୍ୱାର୍ଟର ଫାଇନାଲ ମୁକାବିଲାରେ ସାନିଆ-ନାଡିଆ ଯୋଡ଼ି ୬-୨, ୪-୬, ୧୦-୪ ସେଟ୍‌ରେ ଆମେରିକୀୟ ଯୋଡ଼ି ଭାନିଆ କିଙ୍ଗ୍ ଓ କ୍ରିଷ୍ଟିନା ମ୍ୟାକ୍‌ହାଲେଙ୍କୁ ପରାସ୍ତ କରିଛନ୍ତି। ସେମିଫାଇନାଲରେ ଏହି ଇଣ୍ଡୋ-ୟୁକ୍ରେନ ଯୋଡ଼ିଙ୍କ ମୁକାବିଲା ସ୍ଲୋଭେନିଆ-ଚେକ୍ ରିପବ୍ଲିକ ଯୋଡ଼ି ତାମାରା ଜିଡାନସେକ ଓ ମାରିଏ ବୋଉଜକୋଭାଙ୍କ ସହ ହେବ। ପୂର୍ବରୁ ସାନିଆ ଓ ନାଡିଆ ଯୋଡ଼ି ସହଜରେ ପ୍ରଥମ ରାଉଣ୍ଡ ମୁକାବିଲାକୁ ଜିତିଥିଲେ। ଉଲ୍ଲେଖଥାଉକି, ୩୩ ବର୍ଷୀୟା ସାନିଆ ଶେଷଥର ପାଇଁ ୨୦୧୭ରେ ଚାଇନା ଓପନ୍‌ରେ ଖେଳିଥିଲେ। ଏହାପରେ ପୁତ୍ର ସନ୍ତାନ ଇଜହାନଙ୍କୁ ଜନ୍ମ ଦେବାପରେ ସେ ଟେନିସରୁ ଦୂରେଇ ଯାଇଥିଲେ। ହୋବାର୍ଟ ଇଣ୍ଟରନ୍ୟାଶନାଲ ଜରିଆରେ ସେ ପୁଣିଥରେ କୋର୍ଟକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି।

# କାଉଣ୍ଟି ଖେଳିବେ ଅଶ୍ୱିନ

ଲଣ୍ଡନ, ୧୬।୧ (ପି.ଟି.): ସିନିୟର ଭାରତୀୟ ଅଫ୍-ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ କାଉଣ୍ଟି କ୍ରିକେଟ୍ ଖେଳିବେ। ଇଂଲିଶ କାଉଣ୍ଟି ଚାମ୍ପିୟନଶିପ୍‌ରେ ଚଳିତ ବର୍ଷ ଲାଗି ସେ ୟର୍କଶାୟର ପକ୍ଷରୁ ଖେଳିବେ ବୋଲି କ୍ଲବ ପକ୍ଷରୁ ଗୁରୁବାର କୁହାଯାଇଛି। ଦକ୍ଷିଣ ଆଫ୍ରିକା ସ୍ପିନର କେଶବ ମହାରାଜାଙ୍କ ସହ ୟର୍କଶାୟର ଚୁକ୍ତି ଅବଧି ୨୦୧୯ରେ ଶେଷ ହୋଇଯାଇଛି। ତେଣୁ ଅଶ୍ୱିନ ୟର୍କଶାୟର କ୍ଲବର ପ୍ରମୁଖ ବିଦେଶୀ ସ୍ପିନର ଭାବେ ଖେଳିବେ। ଏହି କାଉଣ୍ଟି କ୍ଲବ ପକ୍ଷରୁ ଅତିକମ୍‌ରେ ସେ ୮ ମ୍ୟାଚ୍ ଖେଳିବେ। କିନ୍ତୁ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) କାର୍ଯ୍ୟସୂଚୀ ପରେ ସେ କାଉଣ୍ଟି ଦଳରେ ଯୋଗଦେବେ ବୋଲି ଜଣାପଡ଼ିଛି। ଆଇପିଏଲ୍ ପରେ ବିଶ୍ରାମ ପାଇଁ ଅଶ୍ୱିନ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ଅନୁରୋଧ କରିଛନ୍ତି। ଏହି ସମୟରେ ସେ କାଉଣ୍ଟି ମ୍ୟାଚ୍ ଖେଳିବେ। କ୍ୟାରିୟରରେ ୩ୟ ଥର ପାଇଁ ଅଶ୍ୱିନ କାଉଣ୍ଟି କ୍ରିକେଟ୍ ଖେଳିବାକୁ ଯାଉଛନ୍ତି।




# ଅସୁରକ୍ଷିତର ପ୍ରଭାବ

**ଗୌତମ ଗମ୍ଭୀର**

କ୍ରିକେଟ ପେସାରେ ଅସୁରକ୍ଷିତର ପ୍ରଭାବ କ'ଣ ମୁଁ ସେ ସେମ୍ପର୍କରେ କିଛି କହିବାକୁ ଚାହେଁ। ମୁମ୍ବାଇରେ ଅନୁଷ୍ଠିତ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ରୋହିତ ଶର୍ମା, ଶିଖର ଧାୱନ ଏବଂ କେ.ଏଲ୍ ରାହୁଲଙ୍କୁ ଦଳରେ ସ୍ଥାନ ଦେବାପାଇଁ ଅଧିନାୟକ ବିରାଟ କୋହଲିଙ୍କୁ ୪ର୍ଥ ସ୍ଥାନରେ ବ୍ୟାଟିଂ କରିବାକୁ ହୋଇଥିଲା। ଏହି କାରଣରୁ ଭାରତକୁ ପରାଜୟ ସ୍ୱୀକାର କରିବାକୁ ପଡ଼ିଥିଲା ବୋଲି ଅନେକେ ମତବ୍ୟକ୍ତ କରିଥାଇପାରନ୍ତି ହେଲେ ମୁଁ ଏହା ସପକ୍ଷରେ କହିବି। ବ୍ୟକ୍ତିଗତ ଅପେକ୍ଷା ଦଳୀୟ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯିବା ଉଚିତ। ଏପରିକି ସ୍ଥଳ ବିଶେଷରେ ଜଣେ ଖେଳାଳିଙ୍କୁ ଚୂଡ଼ାନ୍ତ ଦଳରୁ ବାଦ୍‌ପଡ଼ିବାକୁ ହୋଇଥାଏ। ଫଳାଫଳ ଯାହା ହେଉନା କାହିଁକି ଖେଳରେ ବେଳେବେଳେ ରିସ୍କ ନେବାକୁ ପଡ଼ିଥାଏ। ସାଧାରଣତଃ ଦେଖାଯାଇଥାଏ ଜଣେ ବ୍ୟାଟ୍ସମ୍ୟାନ ନିଜ ପୋଜିଶନ ଛାଡ଼ି ଅନ୍ୟ ପୋଜିଶନରେ ବ୍ୟାଟିଂ କରିବାକୁ କୁଣ୍ଠିତ ହୋଇଥାନ୍ତି। କାରଣ ଅନ୍ୟ ପୋଜିଶନରେ ବ୍ୟାଟିଂ କଲେ ନିଜ ପ୍ରଦର୍ଶନ ନେଇ ଆଶଙ୍କା ରହିଥାଏ। ଜଣେ ଓପନିଂ ବ୍ୟାଟ୍ସମ୍ୟାନ ଯଦି ୩ ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ଆସନ୍ତି ତେବେ ସେ ହୁଏତ ଅନୁଭବ କରିପାରେ ବଲ୍ ବ୍ୟାଟ ନିକଟକୁ ଆସୁନାହିଁ। ତାଙ୍କ ପକ୍ଷେ ଖେଳିବା କଷ୍ଟକର ହେବ। ଏହି ପରିସ୍ଥିତିରେ ବ୍ୟସ୍ତତା ପ୍ରକାଶ ନ କରି ଯୋଜନା ମୁତାବକ ଖେଳିବାକୁ ଚେଷ୍ଟା କରିବା ଉଚିତ। ୨୦୧୧ ବିଶ୍ୱକପ୍‌ରେ ମୁଁ ୩ ନମ୍ବର ସ୍ଥାନରେ ଖେଳିଛି। ତେନ୍ଦୁଲକର ଓ ସେହ୍ୱାଗ ଓପନିଂ କମ୍ବିନେଶନ ଶ୍ରେଷ୍ଠ ବୋଲି ଆମେ ସେତେବେଳେ ବିଚାର କରିଥିଲୁ। କହିବା ବାହୁଲ୍ୟ ମୁଁ କୋହଲିଙ୍କର ଜଣେ ପ୍ରଶଂସକ ନୁହେଁ। କିନ୍ତୁ ଭାରତୀୟ ଅଧିନାୟକ ଦଳକୁ ଏକ ଠିକଣା ଦିଗରେ ଅଗ୍ରସର କରାଉଛନ୍ତି। ମୁଁ କେତେଜଣ ଅଧିନାୟକଙ୍କ ଅଧୀନରେ ଖେଳିଛି, ଯେଉଁମାନେ କି ନିଜ ସ୍ୱାର୍ଥ ଛଡ଼ା ଅନ୍ୟ କଥା ଚିନ୍ତା କରନ୍ତି ନାହିଁ। ମୋ ମତରେ ଭାରତର ବର୍ତ୍ତମାନ ଶ୍ରେଷ୍ଠ ବ୍ୟାଟିଂ ଲାଇନ୍ ଅପ୍ ରହିଛି। କୋହଲି ଏବଂ ଟିମ୍ ମ୍ୟାନେଜମେଣ୍ଟକୁ ପରୀକ୍ଷା ନିରୀକ୍ଷା ପାଇଁ ଅନୁମତି ଦେବା ଉଚିତ। କୋହଲିଙ୍କ ବ୍ୟାଟିଂ ଅର୍ଡରରେ ପରିବର୍ତ୍ତନ ଯୋଗୁ ଭାରତ ପରାଜୟ ବରଣ କରିଛି ବୋଲି କହିବା ହାସ୍ୟାସ୍ପଦ କଥା। ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଦଳ ଅଷ୍ଟ୍ରେଲିଆଠାରୁ ପରାଜୟକୁ କାହିଁକି ଲୋକେ ସହଜେ ଗ୍ରହଣ କରିପାରୁନାହାନ୍ତି ମୁଁ ବୁଝିପାରୁନି। ଆଗକୁ ରାଜକୋଟ ଏବଂ ବେଙ୍ଗାଲୁରୁରେ ଆଉ ଦୁଇଟି ମ୍ୟାଚ ଖେଳାଯିବା କାର୍ଯ୍ୟକ୍ରମ ରହିଛି। ଭାରତ ଏଥିରେ ପ୍ରତ୍ୟାବର୍ତ୍ତନ କରିବା ଉଚିତ। **(ଗେମ୍ ପ୍ଲାନ୍/ଦୀନେଶ ଚୋପ୍ରା ମିଡିଆ)।**




## ମନେ ପଡ଼ନ୍ତି

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ
ଦଉଡୋଟା, ପୁରୀ
ଆବିର୍ଭାବ: ୨୪।୦୨।୧୯୨୪
ତିରୋଧାନ: ୦୧।୦୨।୨୦୧୬
(ମାଘମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥି)
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାରବର୍ଗ
ଧ-୧୬୨୩୧

**ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ଅଶୋକ କୁମାର ମିଶ୍ର
ଆବିର୍ଭାବ: ୦୧।୦୯।୧୯୫୮
ତିରୋଧାନ: ୨୪।୦୧।୨୦୧୪
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଓ ମୋକ୍ଷ ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ଭାବପୂତ ବିନତୀ। ଆପଣଙ୍କର ଆଶୀର୍ବାଦ ସବୁବେଳେ ଆମ ଉପରେ ଥାଉ, ଏତିକି ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାର ଓ ବନ୍ଧୁବର୍ଗ।
ଧ-୬୩୯୬୩

**ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ରବୀନ୍ଦ୍ର ନାଥ ରଥ
ଭୁବନେଶ୍ୱର
ଆବିର୍ଭାବ: ୨୭।୦୯।୧୯୪୨
ତିରୋଧାନ: ୧୯।୦୧।୧୯୯୬
ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:
ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ପରିବାରବର୍ଗ ।
ଧ-୧୬୨୦୬

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ରଣଜିତ୍ ରାୟ
ତିରୋଧାନ: ୦୭।୦୧।୨୦୨୦(ମଙ୍ଗଳବାର)
ପୌଷମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥି
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମେ ସମସ୍ତେ ବିନମ୍ର ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ:
ଶୋକସନ୍ତପ୍ତ ପରିବାର, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ ।
ଧ-୬୭୭୭୬



ପଡିଆବାହାଲରେ ଥିବା ରେଞ୍ଜରଙ୍କ ଘର ।

# ରେଞ୍ଜରଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

ସମ୍ବଲପୁର,୧୬।୧(ବ୍ୟୁରୋ)

ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସମ୍ବଲପୁର, ଝାରସୁଗୁଡ଼ା ଜିଲାର ଭିଜିଲାନ୍ସ ଅଧିକାରୀମାନେ ଗୁରୁବାର ସମ୍ବଲପୁର ବନଖଣ୍ଡ ଅଧୀନ ପଡ଼ିଆବାହାଲ ରେଞ୍ଜର ସୁରେଶ ଚନ୍ଦ୍ର ମିର୍ଦ୍ଧାଙ୍କ ଘରେ ଚଢାଉ କରିଥିଲେ। ରେଞ୍ଜର ମିର୍ଦ୍ଧାଙ୍କ ପୁଟିବନ୍ଧସ୍ଥିତ କୋଠା ଓ ଧମା ଥାନା ବିଶିଡେରାରେ ଥିବା ଫାର୍ମ ହାଉସ, ପଡିଆବାହାଲ ରେଞ୍ଜ ଅଫିସ ସହ ତାଙ୍କ ଜ୍ୱାଇଁଙ୍କ ଘରେ ମଧ ଏକ ସଙ୍ଗେ ଚଢାଉ କରାଯାଇଥିଲା। ଚଢାଉ ବେଳେ ଅଧିକାରୀମାନେ ରେଞ୍ଜର ମିର୍ଦ୍ଧାଙ୍କ ୭୩ ଲକ୍ଷ ୯୫

## ■ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

ହଜାର ୪୨୬ ଟଙ୍କାର ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି ରହିଥିବା ଆକଳନ କରିଛନ୍ତି। ପୁଟିବନ୍ଧରେ ଥିବା ୨ ମହଲା କୋଠାର ମୂଲ୍ୟ ୪୧ ଲକ୍ଷ ୧୭ ହଜାର ଟଙ୍କା ହୋଇଥିବା ବେଳେ ବିଭିନ୍ନ ସ୍ଥାନରେ ଥିବା ୩ଟି ପ୍ଲଟର ମୂଲ୍ୟ ୫ଲକ୍ଷ ୪୪ ହଜାର ଟଙ୍କା ଏବଂ ଘରେ ଥିବା ସୁନା, ରୁପା ଅଳଙ୍କାର ସହ ଏକ ସ୍କୁଟି, ବୋଲେରୋ ଗାଡି ମିଶି ମୋଟ ୧୬ ଲକ୍ଷ ୩୬ ହଜାର ଟଙ୍କା ସମ୍ପତ୍ତି ରହିଛି। ଏପରି କି ବିଭିନ୍ନ ବ୍ୟାଙ୍କରେ ୧୦ଲକ୍ଷ ୩୭ ହଜାର ୦୭୬ ଟଙ୍କାର ଫିକ୍ସ ଡିପୋଜିଟ ରହିଥିବା ବେଳେ ନଗଦ ୬୦ ହଜାର ୩୬୫ ଟଙ୍କା ଭିଜିଲାନ୍ସ ଅଧିକାରୀମାନେ ଜବତ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ, ପଡ଼ିଆବାହାଲ ରେଞ୍ଜର ମିର୍ଦ୍ଧାଙ୍କ ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଭିଜିଲାନ୍ସ ବିଭାଗରେ ଅଭିଯୋଗ ହୋଇଥିଲା। ଏନେଇ ଗୁରୁବାର ସକାଳେ ଭିଜିଲାନ୍ସ ଅଧିକାରୀମାନେ ରେଞ୍ଜର ମିର୍ଦ୍ଧାଙ୍କ ବାସଭବନ ସହିତ ବିଭିନ୍ନ ସ୍ଥାନରେ ଏକକାଳୀନ ଚଢାଉ କରିଥିଲେ। ଏନେଇ ଭିଜିଲାନ୍ସ ବିଭାଗ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି।




# ବେଆଇନ କ୍ୱାରିରେ ବ୍ଲାଷ୍ଟିଂ, ଜଣେ ମୃତ

ଟିଟିଲାଗଡ଼, ୧୬।୧ (ଡି.ଏନ.ଏ.)



ମୃତଦେହ ରଖି ରାସ୍ତାରୋକୋ କରାଯାଇଛି ।

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ତଥା ସିନ୍ଧେକେଲା ଥାନା ଅନ୍ତର୍ଗତ ତୁରୁକଭଟା ଗ୍ରାମରେ ଥିବା ଏକ ବେଆଇନ ପଥର କ୍ୱାରିରେ ବ୍ଲାଷ୍ଟିଂ ଯୋଗୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଯୁବକଙ୍କ ମୃତ୍ୟୁ ପରେ ଉତ୍ୟକ୍ତ ଲୋକେ ମୃତଦେହକୁ ରଖି ରାସ୍ତା ଅବରୋଧ କରିଥିଲେ। ମୃତକ ତୁରୁକଭଟା ଗ୍ରାମର ଲୋକନାଥ ଛୁରା ବୋଲି ଚିହ୍ନଟ କରାଯାଇଛି । ଗୁରୁତର ଆହତ ବ୍ୟକ୍ତି ସେହି ଗାଁର ଦନାର ଛୁରା । ଏହି ଘଟଣା ପରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା । ସ୍ଥାନୀୟ ଗ୍ରାମବାସୀ ଗୁରୁବାର ଭବାନୀପାଟଣା-ଖରିଆର ରାସ୍ତାର ତୁରୁକଭଟାରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ଖବର ପାଇ ଟିଟିଲାଗଡ ତହସିଲଦାର କର୍ଣ୍ଣ ମଲ୍ଲିକ, ସିନ୍ଧେକେଲା ଥାନା ଅଧିକାରୀ ଅନନ୍ତ ପ୍ରଧାନ ରାସ୍ତାରୋକୋସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଏନେଇ ପ୍ରାଥମିକସ୍ତରରେ ରେଡକ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ଏବଂ ହରିଶ୍ଚନ୍ଦ୍ର ଯୋଜନାରୁ ୨ ହଜାର ଟଙ୍କା ସହାୟତା ପ୍ରଦାନ କରାଯିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ମୃତକଙ୍କ ପରିବାରବର୍ଗଙ୍କ ଅଭିଯୋଗ କ୍ରମେ ପୋଲିସ ପକ୍ଷରୁ ଦନାର ଓରଫ ଦନାର୍ଦ୍ଦନ ଛୁରାଙ୍କ ନାମରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା ନେଇ ଥାନା ଅଧିକାରୀ ପ୍ରଧାନ କହିଛନ୍ତି। ଅନ୍ୟପକ୍ଷରେ ଉକ୍ତ ଗ୍ରାମରେ ଥିବା କ୍ୱାରିରୁ ମୁକେଶ ଜୈନଙ୍କୁ ବ୍ଲାଷ୍ଟିଂ କରିବା ପାଇଁ ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ଅନୁମତି ପ୍ରଦାନ କରାଯାଇଥିବା ତହସିଲଦାର କର୍ଣ୍ଣ ସୂଚନା ଦେଇଛନ୍ତି । ଏନେଇ ଜୈନଙ୍କୁ ପଚାରିବାରୁ ତାଙ୍କ କ୍ୱାରି ଅଞ୍ଚଳ ବାହାରେ କିଛି ଲୋକ ବ୍ଲାଷ୍ଟିଂ କରୁଥିବାବେଳେ ଏହି ଦୁଃଖଦ ଘଟଣା ଘଟିଥିଲା। ପ୍ରଶାସନ ପକ୍ଷରୁ ଏହାର ବିଧିବଦ୍ଧ ତଦନ୍ତ କରାଯିବାକୁ ଦାବି ହୋଇଛି । ବାସ୍ତବରେ କେଉଁଠି ବ୍ଲାଷ୍ଟିଂ ହୋଇଛି ଓ ଏଥିପାଇଁ

## ■ମୃତଦେହ ରଖି ରାସ୍ତା ଅବରୋଧ

କିଏ ଦାୟୀ ସେନେଇ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସେ ଦାବି କରିଛନ୍ତି । ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର ସହାୟତା ପ୍ରଦାନ ପାଇଁ ଯୁବ କଂଗ୍ରେସ ସମ୍ପାଦକ ବୀରେନ୍ଦ୍ର ବାଗ ଓ ମୃତକଙ୍କ ପରିବାରବର୍ଗ ଦାବି କରିଛନ୍ତି।

ତୁରୁକଭଟା ଗ୍ରାମରେ ଥିବା ଏକ ପଥର କ୍ୱାରିରେ କାମ କରୁଥିବା ଲୋକନାଥ ଛୁରା ଏବଂ ଦନାର ଛୁରା ବୁଧବାର ସନ୍ଧ୍ୟାରେ ପଥର ବ୍ଲାଷ୍ଟିଂ କରୁଥିଲେ। ଏହି ସମୟରେ ହଠାତ ବିସ୍ଫୋରଣ ହେବାରୁ ଉଭୟ ଗୁରୁତର ଆହତ ହୋଇଥିଲେ। ଆହତଙ୍କ ମଧ୍ୟରୁ ଲୋକନାଥଙ୍କର ଗୁରୁବାର ସକାଳେ ଖରିଆର ଡାକ୍ତରଖାନାରେ ମୃତ୍ୟୁ ଘଟିଥିଲା। ଦନାରଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ରାୟପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଗ୍ରାମବାସୀଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ମୃତକ ଓ ଆହତଙ୍କ ପରିବାରକୁ କ୍ଷତିପୂରଣ ସହ ବେଆଇନ ବ୍ଲାଷ୍ଟିଂ କରୁଥିବା ବ୍ୟକ୍ତିଙ୍କୁ ଗିରଫ କରିବାକୁ ଦାବି କରି ଭବାନୀପାଟଣା-ଖରିଆର ରାସ୍ତା ଅବରୋଧ କରିଥିଲେ । ଘଟଣାସ୍ଥଳରେ ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ବୀରେନ୍ଦ୍ର ବାଗ, ରାଜ୍ୟ କଂଗ୍ରେସ ଉପସଭାପତି କମଳ ତାଣ୍ଡି, ଦିଲେଶ୍ୱର ଜାଲ, ବିରଞ୍ଚି ଜାଲ, ମହତାବ ଦୀପ, ପୂର୍ବତନ ଜିଲା ପରିଷଦ ସଭ୍ୟ ସଞ୍ଜୀବ ସାହୁ, ବିନୋଦ ମହାନନ୍ଦ, ଘନଶ୍ୟାମ ଛୁରା ଓ ମୃତକ ଓ ଆହତଙ୍କ ପରିବାରବର୍ଗ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ଗୋଟିଏ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିଦେଲେ ଆଉ
ଗୋଟିଏ ପାଇଁ ଆପେ ଆପେ ବାଟ ଫିଟିଯାଏ।
- ଆର. ଡବ୍ଲ୍ୟୁ. ଇମରସନ୍



## ସଂକ୍ଷେପରେ

### ବିପର୍ଯ୍ୟସ୍ତ ରାସ୍ତା, ଯାତାୟାତରେ ବାଧା

**ଜାମଟିକ୍ରା, ୧୬।୧ (ଡି.ଏନ.ଏ):** ଅତାବିରା ବ୍ଲକ ବୁଗବୁଗା ପଞ୍ଚାୟତ ଜାମଟିକ୍ରା ଗାନ୍ଧୀ ଏମ୍ଇ ସ୍କୁଲଠାରୁ ସହଁରାପଡାକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ଏବେ ବିପର୍ଯ୍ୟସ୍ତ ହୋଇପଡିଛି। ସାମାନ୍ୟ ବର୍ଷା ହେଲେ ଏହି ରାସ୍ତାରେ ଆଣ୍ଠୁଏ କାଦୁଅରେ ଛାତ୍ରୀଛାତ୍ର ଓ ଗ୍ରାମବାସୀ ଯିବା ଆସିବା କରନ୍ତି। ରାସ୍ତା ମରାମତି ଉପରେ ସ୍ଥାନୀୟ ବ୍ଲକ ପ୍ରଶାସନ ଓ ଜନପ୍ରତିନିଧି ନିରବ ରହିବାରୁ ଜାମଟିକ୍ରା ଗ୍ରାମବାସୀଙ୍କ ମଧରେ ଜନ ଅସନ୍ତୋଷ ବୃଦ୍ଧି ସହ ଆନ୍ଦୋଳନ ଦାନା ବାନ୍ଧିବାରେ ଲାଗିଛି। ଏ ସମ୍ପର୍କରେ ଅତାବିରା ବିଡିଓ ପ୍ରଣବ କୁମାର ଚାନ୍ଦଙ୍କୁ ପଚାରିବାରୁ ଏହି ରାସ୍ତା ପାଇଁ ଏବେ ପାଣ୍ଠି ନାହିଁ। ପାଣ୍ଠି ଆସିଲେ ଦେଖିବା ବୋଲି କହିଥିଲେ।

### ଗାଇସିଲେଟରେ ରାମାୟଣ ପାରାୟଣ

**ଗାଇସିଲେଟ ୧୬।୧ (ଡି.ଏନ.ଏ):** ଗାଇସିଲେଟ ରାଧାକୃଷ୍ଣ ମନ୍ଦିର ପରିସରରେ ଚଳିତବର୍ଷ ରାମ ଚରିତ ମାନସ ପାରାୟଣ କରାଯାଉଛି। ବଲାଙ୍ଗୀରର ଗାୟକ ଇପସିତ ମିଶ୍ର ବ୍ୟାସ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ବାଦ୍ୟଯନ୍ତ୍ରରେ ସୁମନ୍ତ କୁମାର ସାହୁ, ମାୟାଧର ପଧାନ, ବିନୋଦ ଜଟି ଓ ଆଲୋକ ମିଶ୍ର ସହଯୋଗ କରୁଛନ୍ତି। ପ୍ରଶାନ୍ତ କୁମାର ପୁରୋହିତ ସସ୍ତ୍ରୀକ କର୍ତ୍ତା ଏବଂ ମନ୍ଦିର ପୂଜକ ସନ୍ତୋଷ କୁମାର ପୁରୋହିତ ପୂଜକ ଦାୟିତ୍ୱ ନିର୍ବାହ କରୁଛନ୍ତି। ଗଣେଷ ପ୍ରସାଦ ଦାଶ, ଭାରତ ଦାଶ, ନୃପ ଥପା, ସଦାକର ମହାଲିଙ୍ଗ ଓ ତନୁ ସିଂ ସହଯୋଗ କରୁଛନ୍ତି।

### ଟାଲ, ସତୀଭଟାରେ ମକର ସଂକ୍ରାନ୍ତି

**ପଦ୍ମପୁର,୧୬।୧ (ଡି.ଏନ.ଏ):** ପଦ୍ମପୁର ଉପଖଣ୍ଡ ଟାଲଠାରେ ଥିବା ଭାଗବତ ପଡାରେ ମକର ସଂକ୍ରାନ୍ତି ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପଣ୍ଡିତ ହରିହର ସାହୁ ମକର ସଂକ୍ରାନ୍ତିର ମହିମା ସମ୍ପର୍କରେ ପ୍ରବଚନ ଦେଇଥିଲେ। ଭାଗବତ ଟୁଙ୍ଗିର ସମସ୍ତ ସଦସ୍ୟ ସହ ବିଜୟ ସାହୁ, କରୁଣାକର ବିଶ୍ୱାଳ, ଶ୍ୟାମଲାଲ ବରିହା, ଓକିଲ ସାହୁ ଓ ପଡାବାସୀ ସହଯୋଗ କରିଥିଲେ। ସେହିପରି ସତୀଭଟାରେ ମକର ସଂକ୍ରାନ୍ତି ପାଳିତ ହୋଇଛି। ସଂକ୍ରାନ୍ତି ଉତ୍ସବକୁ ଖଣ୍ଡ ସଞ୍ଚାଳକ ଝସକେତନ ନାଏକ ପରିଚାଳନା କରିଥିଲେ। ବରଗଡ ଜିଲା ସାମାଜିକ ସମରସତା ସହ ସଂଯୋଜକ ମହେଶ୍ୱର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ସର ସଂଘ ଚାଳକ ଚନ୍ଦ୍ରମଣି ସାହୁ, ଖଣ୍ଡ ସମ୍ପର୍କ ପ୍ରମୁଖ ରମେଶ ସିଦାର ସହଯୋଗ କରିଥିଲେ।

### ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ

**ଝାରବନ୍ଧ,୧୬।୧ (ଡି.ଏନ.ଏ):** ଝାରବନ୍ଧଠାରେ ଜାତୀୟ ସଡକ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଝାରବନ୍ଧ ଜୁନିୟର କଲେଜ ଓ ଡିଗ୍ରୀ କଲେଜର ମିଳିତ ଆନୁକୂଲ୍ୟରେ ଏକ ଶୋଭାଯାତ୍ରା କଲେଜଠାରୁ ଝାରବନ୍ଧ ସହର ପରିକ୍ରମା କରିଥିଲେ। ବିଭିନ୍ନ ସ୍ଲୋଗାନମାନ ଦେଇ ଲୋକଙ୍କୁ ସଚେତନ କରାଇଥିଲେ। ଏଥିରେ ଝାରବନ୍ଧ ପୋଲିସ ମଧ ସାମିଲ ହୋଇଥିଲେ। ଶେଷରେ ଝାରବନ୍ଧ ମୁଖ୍ୟ ଛକଠାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଡିଗ୍ରୀ କଲେଜ ଅଧକ୍ଷ ଶ୍ୟାମସୁନ୍ଦର ବେହେରା, ଜୁନିୟର କଲେଜ ଅଧକ୍ଷ ସାନନ୍ଦ କୁମାର ସାହୁ, ଏଏସଆଇ ବିନୋଦ କନ୍ଧେର ପରିବହନ ଓ ଗାଡି ଚଳାଚଳ ବିଷୟରେ ସଚେତନତା ବକ୍ତୃତା ଦେଇଥିଲେ। ଅନ୍ୟମାନଙ୍କ ମଧରେ କଲେଜର ସମସ୍ତ ଅଧାପିକା ଅଧାପକ ସାମିଲ ଥିଲେ।

### ଏକୁଲୁ, ଶିଶିଲାଲ ପାଏନ୍ ନାଟକ ମଞ୍ଚସ୍ଥ

**ଅତାବିରା, ୧୬।୧ (ଡି.ଏନ.ଏ):** ଅତାବିରା ବ୍ଲକ ଲରମ୍ଭା ମହାବିଦ୍ୟାଳୟ ବାର୍ଷିକୋତ୍ସବ ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସମ୍ବଲପୁରୀ ନାଟକ ଏକୁଲୁ ଓ ଶିଶିଲାଲ ପାଏନ୍ ଗୁରୁବାର ଅପରାହ୍ନରେ ମଞ୍ଚସ୍ଥ ହୋଇଥିଲା। ଶରତ ପୂଜାରୀ ସାଂସ୍କୃତିକ କଳା ପରିଷଦ ଉପସଭାପତି ଡ. ଦିଗମ୍ବର ଚାନ୍ଦ, ଉପଦେଷ୍ଟା ଅଧାପକ ପବିତ୍ର ମାହାଣା, ପ୍ରମୋଦ ଚନ୍ଦ୍ର ସେଠ, ପ୍ରମୋଦ କୁମାର ଭୋଇ, ଅଧାପକ ମନୋରଞ୍ଜନ ତ୍ରିପାଠୀ, ଡ. ଅମ୍ରିତା ସାମନ୍ତ, ଶିଶିର କୁମାର ସାହୁ, ଦେବରାଜ ଖମାରୀ, ଅଧାପକ ସିଦ୍ଧେଶ୍ୱର ପ୍ରଧାନ, ଆଦିତ୍ୟ ଖମାରୀ ପ୍ରମୁଖ ସହଯୋଗ କରିଥିଲେ ।



ପ୍ରବାସୀ ଶ୍ରମିକଙ୍କ ସମାଧାନ ପାଇଁ ଲୋକକଳା ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମକୁ ଜିଲାପାଳ ଶୁଭାରମ୍ଭ କରୁଛନ୍ତି।



ଲୋକକଳା ଦ୍ୱାରା ପ୍ରବାସୀ ଶ୍ରମିକଙ୍କ ସମାଧାନ ପାଇଁ ସଚେତନତା ସୃଷ୍ଟି କରାଯାଉଛି।

# ଦାଦନ ପ୍ରତିକାର ପାଇଁ ସମ୍ମିଳିତ ଉଦ୍ୟମ ଲୋଡ଼ା

**ବରଗଡ଼ ଅଫିସ୍,୧୬।୧**

- ଲୋକକଳା ଦ୍ୱାରା ସଚେତନତାର ଶୁଭାରମ୍ଭ
- ୭୭ଟି ପଞ୍ଚାୟତରେ ସଚେତନତା କାର୍ଯ୍ୟକ୍ରମ
- ନିଜ ଗାଁରେ କର୍ମସଂସ୍ଥାନ ଯୋଗାଣକୁ ଗୁରୁତ୍ୱ

ବରଗଡ଼ ଜିଲାର ୪ଟି ବ୍ଲକ ଗାଇସିଲେଟ୍, ପଦ୍ମପୁର, ପାଇକମାଳ ଓ ଝାରବନ୍ଧ ଅଞ୍ଚଳରୁ ଶ୍ରମିକମାନେ ଜିଲା ତଥା ରାଜ୍ୟ ବାହାରକୁ କାମ କରିବାକୁ ଯାଉଛନ୍ତି। ସେଠାରେ ସେମାନେ ନିର୍ଯାତିତ ହେଉଛନ୍ତି ଯାହାକି ଚିନ୍ତାର ବିଷୟ। ଫଳରେ ଉପରୋକ୍ତ ବ୍ଲକ ଅଧୀନରେ ଥିବା ୭୭ଟି ପଞ୍ଚାୟତକୁ ଚିହ୍ନଟ କରାଯାଇଛି ଏବଂ ସେହି ପଞ୍ଚାୟତର ପ୍ରତି ଗ୍ରାମରେ ଲୋକକଳା ମାଧ୍ୟମରେ ପ୍ରବାସୀ ଶ୍ରମିକ (ଦାଦନ) ସମସ୍ୟାର ସମାଧାନ ପାଇଁ ସଚେତନତା ସୃଷ୍ଟି କରାଯିବ। ଏହାର ସମାଧାନ ପାଇଁ ସମ୍ମିଳିତ ଉଦ୍ୟମ ଲୋଡ଼ା ଏବଂ ଏହା ହୋଇ ପାରିଲେ ସାମଗ୍ରିକ ବିକାଶ ହୋଇ ପାରିବ । ବରଗଡ଼ସ୍ଥିତ ବିଜୁ ପଟ୍ଟନାୟକ ଟାଉନ ହଲରେ ଗୁରୁବାର ପ୍ରବାସୀ ଶ୍ରମିକଙ୍କ ସମାଧାନ ପାଇଁ ଲୋକକଳା ମାଧ୍ୟମରେ ଜିଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ଅନୁଷ୍ଠିତ ସଭାରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଏହା କହିଛନ୍ତି।

ଜିଲାପାଳ ପ୍ରଧାନ ଆହୁରି କହିଥିଲେ, ପରିବାର ପୋଷଣ ପାଇଁ ଅର୍ଥ ଆବଶ୍ୟକ। ଏଥିପାଇଁ ରୋଜଗାର ଦରକାର। ସମସ୍ତ ପରିବାର କିଭଳି ସ୍ୱାବଲମ୍ବୀ ହୋଇ ପାରିବେ ତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ବହୁବିଧ ଯୋଜନା ହାତକୁ ନେଇଛନ୍ତି। ଫଳରେ ବାହାରକୁ କାମ କରିବାକୁ ଯିବା ବଦଳରେ ସେହି ଯୋଜନା ଗୁଡ଼ିକର ସୁଫଳ ପାଇ ଆତ୍ମନିର୍ଭରଶୀଳ ହେବା ପାଇଁ ଶ୍ରମିକମାନଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ସେହିପରି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତିବାସ ରାଉତ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଯୋଜନାରେ ସମ୍ପୃକ୍ତ ଅଞ୍ଚଳର ଶ୍ରମିକମାନଙ୍କୁ ବାର୍ଷିକ ଶହେ ଦିନ ପରିବର୍ତ୍ତେ ୨ଶହ ଦିନର କର୍ମ ସଂସ୍ଥାନ ଯୋଗାଇ ଦେବା ଏବଂ ଦୈନିକ ୨୮୬ ଟଙ୍କାର ପାରିଶ୍ରମିକ ପ୍ରଦାନର ବ୍ୟବସ୍ଥା ରହିଥିବା ସେ କହିଥିଲେ। ପାଇକମାଳ ବିଡ଼ିଓ ସଦାଶିବ ନାୟକ ଉକ୍ତ ବ୍ଲକର ୩୭୭ ପରିବାର ପ୍ରବାସୀ ଶ୍ରମିକ ଭାବେ ଚିହ୍ନଟ କରାଯାଇଛି ଏବଂ ପ୍ରବାସୀ ଶ୍ରମିକ ସମସ୍ୟାର ସମାଧାନ ପାଇଁ ୧୨୫ଟି ଗ୍ରାମରେ ଲୋକକଳା ମାଧ୍ୟମରେ ସଚେତନତା ସୃଷ୍ଟି ପାଇଁ ନିଷ୍ପତ୍ତି ହୋଇଥିବା ସେ ସୂଚନା ଦେଇଥିଲେ। ଶ୍ରମିକମାନେ ଇଟା ଗଢ଼ିବାକୁ ବାହାରକୁ ଯାଉଛନ୍ତି। ଏହି ବ୍ଲକରେ ଗୃହ ନିର୍ମାଣ ଯୋଜନାରେ ୪୪୨୭ଟି ଘର ମଞ୍ଜୁର ହୋଇଛି ଏବଂ ସେଥିପାଇଁ ମଧ୍ୟ ବହୁ ଇଟା ଆବଶ୍ୟକ। ଫଳରେ ଇଟା ଗଢ଼ିବା ପାଇଁ ବାହାରକୁ ଯିବା ବଦଳରେ ନିଜ ଗ୍ରାମରେ ସେଭଳି ଜୀବିକା ଅର୍ଜନକୁ ସେ ଗୁରୁତ୍ୱ ଦେଇଥିଲେ। ଝାରବନ୍ଧ ବିଡ଼ିଓ ରୁନୁ ଲାକ୍ରା କହିଥିଲେ, ଏହି ବ୍ଲକରେ ୮୩ଟି ରାଜସ୍ୱ ଗ୍ରାମ ରହିଛି। ସେଥିମଧ୍ୟରୁ ପଡ଼ୋଶୀ ଛତିଶଗଡ଼ ସୀମାବର୍ତ୍ତୀ ୪/୫ଟି ଗ୍ରାମ ଦାଦନ ପ୍ରଭାବିତ ଏବଂ ସେଠାରେ ସେହି ସମସ୍ୟାର ସମାଧାନ ପାଇଁ ପ୍ରତି ଗ୍ରାମରେ କମ୍ୟୁନିଟି ମୋବିଲାଇଜର ନିଯୁକ୍ତ କରି ସଚେତନ କରାଯାଉଥିବା ସୂଚନା ଦେଇଥିଲେ। ପଦ୍ମପୁର ବିଡ଼ିଓ ତ୍ରିବିକ୍ରମ କୁମୁରା ଉକ୍ତ ବ୍ଲକରୁ ୧୪୭ ପରିବାର ବାହାରକୁ କାମ କରିବାକୁ ଯାଇଥିବା ଚିହ୍ନଟ କରାଯାଇଛି ଏବଂ ସମସ୍ତଙ୍କୁ ଯେଭଳି ନିଜ ଅଞ୍ଚଳରେ କର୍ମସଂସ୍ଥାନ ଯୋଗାଇ ଦିଆଯାଇ ପାରିବ, ସେ ଦିଗରେ ପଦକ୍ଷେପ ନିଆଯାଉଥିବା କହିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ବିଭିନ୍ନ ସାଂସ୍କୃତିକ ଦଳ ପ୍ରବାସୀ ଶ୍ରମିକଙ୍କ ସମସ୍ୟାର ସମାଧାନ ଉପରେ ଉଦ୍ଦିଷ୍ଟ ଲୋକକଳା ପ୍ରଦର୍ଶନ କରିଥିଲେ।

### ଲରମ୍ଭା କଲେଜର ୫୫ତମ ବାର୍ଷିକୋତ୍ସବ

**ଅତାବିରା, ୧୬।୧ (ଡି.ଏନ.ଏ)**

ଅତାବିରା ବ୍ଲକ ଲରମ୍ଭା ମହାବିଦ୍ୟାଳୟର ୫୫ତମ ବାର୍ଷିକୋତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ବୁର୍ଲା ଭୀମସାର ଚକ୍ଷୁ ବିଭାଗର ଗୁଣସାଗର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ପଦ୍ମଲୋଚନ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ କଲେଜ ଅଧକ୍ଷ ଡ. ନରେନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ। ଉପାଧକ୍ଷ ପ୍ରଫେସର ରତନ କୁମାର ଶର୍ମା, ଉପସଭାପତି ଜୟ କୁମାରୀ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଚଳିତ ବର୍ଷ ଡ. ପ୍ରହ୍ଲାଦ ଶତପଥିଙ୍କୁ ବ୍ରଜମୋହନ ସମ୍ମାନ-୨୦୨୦ ଓ ୨୦୧୯ ମସିହା ପାଇଁ ଡ. ପ୍ରଫୁଲ୍ଲ କୁମାର ତ୍ରିପାଠୀଙ୍କୁ ମାନପତ୍ର ସହ ନଗଦ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଡ. ପ୍ରଫୁଲ୍ଲ ତ୍ରିପାଠୀ ଡେରାଡୁନରେ ଥିବାରୁ ତାଙ୍କ ପୁତୁରା ସାଧୁରାମ ତ୍ରିପାଠୀ ଏହାକୁ ଗ୍ରହଣ କରିଥିଲେ। ଉତ୍ସବରେ ପ୍ରଫେସର ଶର୍ମା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଅଧାପିକା ଜୟ କୁମାରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଓଡିଆ ବିଭାଗ ଅଧାପିକା ଡ. ଶାନ୍ତିଲତା ବାରିକ ଓ ଡ. ଅଜିତ କୁମାର ନାଥ ମାନପତ୍ର ପଠନ କରିଥିଲେ। ସୁନୀଲ ପ୍ରଧାନ, ହରିଶ ପାତ୍ର, ପଦ୍ମନାଭ ବେହେରା ସହଯୋଗ କରିଥିଲେ।




କ୍ଷମତା ଏକ୍ସପ୍ରେସକୁ ଉଦ୍‌ଘାଟନ କରାଯାଉଛି।

## ରାଜବୋଡ଼ାସମ୍ବର ବ୍ଲକରେ କ୍ଷମତା ଏକ୍ସପ୍ରେସ

**ପଦ୍ମପୁର, ୧୬।୧ (ଡି.ଏନ.ଏ)**

ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ତରଫରୁ ଜନସଚେତନତା ପାଇଁ ପରିକ୍ରମା କରୁଥିବା କ୍ଷମତା ଏକ୍ସପ୍ରେସ ଗୁରୁବାର ପଦ୍ମପୁର ଉପଖଣ୍ଡ ରାଜବୋଡାସମ୍ବର ବ୍ଲକରେ ପହଞ୍ଚିଛି। ରାଜବୋଡାସମ୍ବର ବ୍ଲକ ପରିସର ମଧରେ ଉପଖଣ୍ଡ ଚିକିତ୍ସାଧିକାରୀ ଡା. ସୁଶୀଲ କୁମାର ପରିଡା ମୁଖ୍ୟଅତିଥି ଭାବେ ଯୋଗଦାନ କ୍ଷମତା ଏକ୍ସପ୍ରେସକୁ ପତାକା ଦେଖାଇ ଉଦଘାଟନ କରିଥିଲେ। ଏହି ଏକ୍ସପ୍ରେସ ପଦ୍ମପୁର ପଞ୍ଚାୟତ ସମିତି ଅନ୍ତର୍ଗତ ବୁଡେନ ଏବଂ ଲୁହାରପାଲି ଗ୍ରାମପଞ୍ଚାୟତରେ ଜନସଚେତନତା ସୃଷ୍ଟି କରିବା ସହିତ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଦ୍ୱାରା ମିଳୁଥିବା ସୁବିଧା ସୁଯୋଗ ଉପରେ ଜନସାଧାରଣଙ୍କୁ ଅବଗତ କରାଇବ। ଏହାସହିତ ଏହା ଭିନ୍ନକ୍ଷମ ଚିହ୍ନଟ, ଦୃଷ୍ଟିଶକ୍ତି ପରୀକ୍ଷଣ ଓ ନିରୂପଣ, ଭିନ୍ନକ୍ଷମ, ବୟସ୍କ କିନ୍ନରମାନଙ୍କ ପାଇଁ ପରାମର୍ଶ ସେବା, ଫିଜିଓଥେରାପି ସେବା ପ୍ରଦାନ, ବୟସ୍କ ଏବଂ ଅକର୍ମଣ୍ୟ ବ୍ୟକ୍ତିଙ୍କ ଭତ୍ତା ପଞ୍ଜୀକରଣ ଓ ପରାମର୍ଶ ବିଷୟରେ ଲୋକମାନଙ୍କୁ ଅବଗତ କରାଇବ। ଏହି କାର୍ଯ୍ୟକ୍ରମରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନବ କିଶୋର ସାହୁ, ଏବିଡିଓ ସୋନୁ ବାଗ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରଜନୀକାନ୍ତ ବହିଦାରଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଏକ୍ସପ୍ରେସ ପଦ୍ମପୁର ଉପଖଣ୍ଡର ଅନ୍ୟ ବ୍ଲକ ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଛି।

### କ୍ରିକେଟ: ସେମିରେ ସୁର୍ଣ୍ଣା ଦଳ

**ଭେଡ଼େନ, ୧୬।୧(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଦେକୁଲବା ଖେଳ ପଡ଼ିଆରେ ଚାଲିଥିବା ବସନ୍ତ ଛୁରିଆ ମେମୋରିଆଲ କ୍ରିକେଟ ପ୍ରତିଯୋଗିତାର ତୃତୀୟ ଦିବସରେ ଗୁରୁବାର ସୁର୍ଣ୍ଣା ଦଳ ସେମିଫାଇନାଲକୁ ପ୍ରବେଶ କରିଛି। ଅପରାହ୍ନରେ ହୋଇଥିବା କ୍ୱାର୍ଟର ଫାଇନାଲରେ ଏହି ଦଳ ଅରେଇଗୁଡ଼ି ଏକାଦଶକୁ ୮ ଉଇକେଟରେ ପରାସ୍ତ କରି ଏହି ସଫଳତା ହାସଲ କରିଛି। ପ୍ରଥମେ ବ୍ୟାଟିଂ କରି ଅରେଇଗୁଡ଼ି ଦଳ ୮ ଓଭରରେ ୯ ଉଇକେଟ ହରାଇ ୪୮ ରନ କରିଥିଲା। ଜବାବରେ ସୁର୍ଣ୍ଣା ଦଳ ୩.୫ ଓଭରରେ ୨ ଉଇକେଟ ହରାଇ ୫୦ ରନ କରିବା ସହ ସେମିଫାଇନାଲକୁ ପ୍ରବେଶ କରିଛି। ଏହା ପୂର୍ବରୁ ପ୍ରଥମ ମ୍ୟାଚରେ ଅରେଇଗୁଡ଼ି ଦଳ ବକଟିକୁ ୯ ରନରେ ଏବଂ ସୁର୍ଣ୍ଣା ଦଳ ମାନପୁର ଏକାଦଶକୁ ୭ ଉଇକେଟରେ ପରାସ୍ତ କରି କ୍ୱାର୍ଟର ଫାଇନାଲକୁ ପ୍ରବେଶ କରିଥିଲା। ଖେଳକୁ ରିଙ୍କୁ ମହାକୁର ଓ ବିକାଶ ଭୁଏ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଚିତ୍ତରଞ୍ଜନ ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ।

## ସଡ଼କ ସୁରକ୍ଷା ସଚେତନତା ପଦଯାତ୍ରାରେ ଛାତ୍ରୀଛାତ୍ର




ଛାତ୍ରୀଛାତ୍ରମାନେ ପଦଯାତ୍ରାରେ ଯାଉଛନ୍ତି।

**ପାଇକମାଳ,୧୬।୧(ଡି.ଏନ.ଏ)**

ସଡକ ସୁରକ୍ଷା ସପ୍ତାହ ଅବସରରେ ପାଇକମାଳ ବ୍ଲକ ବିନ୍ଧ୍ୟବାସିନୀ ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଏକ ସଚେତନତା ପଦଯାତ୍ରା କରିଥିଲେ। ସେମାନେ କଲେଜରୁ ବାହାରି ପାଇକମାଳ ବ୍ଲକ ପର୍ଯ୍ୟନ୍ତ ଯାଇଥିଲେ। ଏହାକୁ ମହାବିଦ୍ୟାଳୟର ଅଧକ୍ଷ ଲୋହିତ କୁମାର ବାରିକ ଶୁଭାରମ୍ଭ କରିଥିଲେ। ପଦଯାତ୍ରା ସମୟରେ ଛାତ୍ରୀଛାତ୍ରମାନେ ରାସ୍ତାରେ ଯାଉଥିବା ଯାନବାହନକୁ ଅଟକାଇ ସଡ଼କ ସୁରକ୍ଷା ଉପରେ ବୁଝାଇଥିଲେ। ଅଧ୍ୟାପକ ପ୍ରଦୀପ୍ତ କୁମାର ସାହୁ, ପ୍ରଭାତ କୁମାର ବିଶ୍ୱାଳ, ଦେବାଶିଷ ଭଏନା, ମିନା କୁମାରୀ ସାହୁ, କ୍ଷୀର ସାଗର ମହାନନ୍ଦ, ପୁଷ୍ପା ମଞ୍ଜରୀ ପ୍ରଧାନ, ଝରଣା ପ୍ରଧାନ, ରଞ୍ଜନ କୁମାର କେହେର, ସୋନୁ ମେହେର, ରେଡକ୍ରସ ଇନଚାର୍ଜ ଦେବରାଜ ସାହୁ, ଏନଏସଏସ ଅଫିସର ପ୍ରଦୀପ କୁମାର ଦିଓାନ ପ୍ରମୁଖ ସହଯୋଗ କରିଥିଲେ।

### ପ୍ୟାକ୍ସ ସମ୍ପାଦକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

**ବରଗଡ଼ ଅଫିସ୍,୧୬।୧**

ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାକୁ ୨ମାସ ବିତି ଯାଇଛି । ମାତ୍ର ବିଭାଗୀୟ ତ୍ରୁଟି ଯୋଗୁ ଜିଲାର ଅନେକ ଚାଷୀ ଏପର୍ଯ୍ୟନ୍ତ ସେମାନଙ୍କ ଅମଳ ଧାନ ବିକ୍ରି କରି ପାରି ନାହାନ୍ତି । ଫୁଡ ଓଡ଼ିଶା ପୋର୍ଟାଲରେ ସମ୍ପୃକ୍ତ ଚାଷୀଙ୍କ ନାମ ପଞ୍ଜିକୃତ ହୋଇପାରି ନ ଥିବାରୁ ଏଭଳି ସମସ୍ୟା ଉପୁଜିଛି । ଜିଲାର ଲଖମରା, ଜାମସେଠ, କୁମ୍ଭାରୀ, ତୋରା, ସରସରା ଭଳି କେତେକ ପ୍ୟାକ୍ସ ଅଧୀନରେ ରହିଥିବା ଚାଷୀମାନେ ଏଭଳି କାରଣରୁ ସେମାନଙ୍କ ଧାନ ବିକିବାରେ ସକ୍ଷମ ହୋଇ ପାରି ନାହାନ୍ତି । ଏଥିପାଇଁ ସମ୍ପୃକ୍ତ ଅଞ୍ଚଳର ପ୍ୟାକ୍ସ ସମ୍ପାଦକ ଏବଂ ପ୍ୟାକ୍ସ ଅଫିସରେ କାର୍ଯ୍ୟରତ ଡାଟା ଏଣ୍ଟ୍ରି ଅପରେଟର(ଡିଇଓ)ଙ୍କ ଅବହେଳାକୁ ଦାୟୀ କରାଯାଇଛି । ଏହି କାରଣରୁ ସ୍ଥାନୀୟ ଅତିରିକ୍ତ ସମବାୟ ନିବନ୍ଧକ(ଡିଆରସିଏସ୍) ଭକ୍ତବନ୍ଧୁ ସାହୁ ସମ୍ପୃକ୍ତ ଅଞ୍ଚଳର ପ୍ୟାକ୍ସ ସମ୍ପାଦକଙ୍କୁ ନିଲମ୍ବନ ଏବଂ ଡିଇଓମାନଙ୍କୁ କାର୍ଯ୍ୟରୁ ବାହାର କରିବା ଦିଗରେ ପଦକ୍ଷେପ ନେବା ପାଇଁ ଉଭୟ ବରଗଡ଼ ଓ ପଦ୍ମପୁରର ଏଆରସିଏସଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### କ୍ରିକେଟ ଟୁର୍ନାମେଣ୍ଟ: ଗୌଡ଼ମାଳ ଚାମ୍ପିୟନ

**ଝାରବନ୍ଧ, ୧୬।୧ (ଡି.ଏନ.ଏ)**

ଝାରବନ୍ଧ ସ୍ଥିତ ରକାମ ଗୁଡି ପଡିଆଠାରେ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୬ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ପ୍ରାରମ୍ଭିକ ମ୍ୟାଚ ଝାରବନ୍ଧ ପୋଲିସ ଦଳ ଓ ଲକ୍ଷ୍ମୀ ମଧ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚକୁ ଝାରବନ୍ଧ ଆଇଆଇସି ଠାକୁରଦାସ ମୁର୍ମୁ ଉଦଘାଟନ କରିଥିଲେ। ଫାଇନାଲ ମ୍ୟାଚ ଗନେକେରା (ଛତିଶଗଡ) ଓ ଗୌଡମାଳ ମଧ୍ୟରେ ହୋଇଥିଲା। ଏଥିରେ ଗୌଡମାଳ ଦଳ ଚାମ୍ପିୟନ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ମୁଖ୍ୟଅତିଥି, ସରପଞ୍ଚ ଧନମତୀ ପାଣ୍ଡେ, ଜିଲା ପରିଷଦ କୁମୁଦିନୀ ସାହୁ, ପ୍ରିତିଶ ବହିଦାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ପୁରସ୍କାର ପ୍ରଦାନ କରିଥିଲେ। ସଭାପତି ନବୀନ ବାଗ, ସମ୍ପାଦକ କହ୍ନେୟା ପ୍ରସାଦ ପଟେଲ ସହଯୋଗ କରିଥିଲେ।



ଭେଡ଼େନ ରାମଲୀଳା ପାଇଁ ପ୍ରସ୍ତୁତ ରାଜମହଲ।



ଅଖଣ୍ଡ ବିଶ୍ୱଶାନ୍ତି ନବରାତ୍ର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା ।

## ଆଜିଠୁ ଭେଡ଼େନରେ ରାବଣ ରାଜୁତି

**ଭେଡ଼େନ, ୧୬।୧(ଡ଼ି.ଏନ.ଏ)**

**ସିଦ୍ଧେଶ୍ୱର ମନ୍ଦିରରେ ମହାଜଳଶାୟୀ ସମ୍ପନ୍ନ**

ଭେଡ଼େନର ପ୍ରସିଦ୍ଧ ଶ୍ରୀ ଶ୍ରୀ ଅଖଣ୍ଡ ବିଶ୍ୱଶାନ୍ତି ନବରାତ୍ର ନାମଯଜ୍ଞ ତଥା ବିରାଟ ରାମଲୀଳା ମହୋତ୍ସବ ଶୁକ୍ରବାର ଠାରୁ ଆରମ୍ଭ ହେଉଛି । ଏଥିପାଇଁ ସମସ୍ତ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଥାନା ସମ୍ମୁଖ ପଡ଼ିଆରେ ନିର୍ମିତ ହୋଇଛି ଭବ୍ୟ ରାଜ ଦରବାର। ସେହିପରି ପୁରୁଣା ହାଟପଦା ନିକଟ ବିଜୟା ମଣ୍ଡପ ସାଜିଛି ଅଯୋଧା ଦରବାର। ଶୁକ୍ରବାର ମଧ୍ୟାହ୍ନରେ ସିଦ୍ଧେଶ୍ୱର ମହାଦେବ ମନ୍ଦିରରେ ଅଖଣ୍ଡ ନାମଜପ ଆରମ୍ଭ ହେବ। ସନ୍ଧ୍ୟାରେ ରାବଣ ଦରବାର ଉଦଘାଟନ ପରେ ରାମଲୀଳାର ନାଟ୍ୟାଭିନୟ ହେବ। ଚଳିତବର୍ଷ ରାବଣ ଭୂମିକାରେ ଦେଓଗାଁର ଅଭିନେତା ଜଗଦାନନ୍ଦ ମିଶ୍ର ଅଭିନୟ କରିବେ। ଏହା ପୂର୍ବରୁ ନବରାତ୍ର ରାମଲୀଳା ମହୋତ୍ସବ ପାଇଁ ଗୁରୁବାର ସିଦ୍ଧେଶ୍ୱର ମହାଦେବ ମନ୍ଦିରରେ ମହାଜଳଶାୟୀ ହୋଇଥିଲା। ଏଥିରେ ଗୋପିକୃଷ୍ଣ ରଥ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏହାପରେ ବରଗଡ଼ ଜିରା ନଦୀ କୂଳ ଆଶ୍ରମର ବାବା ହରିଚରଣ ଦାଶଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଶୋଭାଯାତ୍ରା ଜଳପୂର୍ଣ୍ଣ କଳସ ଆଣି ନାମଜପ ସ୍ଥଳରେ ସ୍ଥାପନ କରାଯାଇଥିଲା। ସନ୍ଧ୍ୟାରେ ବିଜୟ ମଣ୍ଡପ ଠାରେ ହରିହର ଭେଟ ହୋଇଥିଲା। ମହାଦେବ ମନ୍ଦିରରୁ ଶିବ ପାର୍ବତୀ ଏବଂ ଜଗନ୍ନାଥ ମନ୍ଦିରରୁ ମଦନମୋହନଙ୍କ ବିଗ୍ରହ ଶୋଭାଯାତ୍ରାରେ ଅଣାଯାଇ ହରିହର ଭେଟ କରାଯାଇଥିଲା।



ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।
- ଆର.ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ



### ଗଞ୍ଜେଇ ସହ ବାଇକ୍ ଜବତ, ଜଣେ ଗିରଫ

**ସୋନପୁର,୧୬।୧(ନି.ପ୍ର.):** ସୋନପୁର ଟାଉନ ପୋଲିସ ସ୍କ୍ୱାଡ ଗୁରୁବାର ସକାଳେ କୁଞ୍ଜ ଛକଠାରେ ଚଢ଼ାଉ କରି ଗଞ୍ଜେଇ ସହ ଏକ ବାଇକ୍ ଜବତ କରିଛି। ଏହି ଘଟଣାରେ ବରଗଡ ଜିଲା ଆମ୍ବାଭୋନା ଥାନା କଷିପାଲି ଗ୍ରାମର ଗୁଣନିଧି ଭୁଏ(୩୫)ଙ୍କୁ ଗିରଫ କରାଯାଇଛି। ଗୁଣନିଧି ଏକ ନମ୍ବର ବିହୀନ ହିରୋ ଏଚଏଫ ଡିଲକ୍ସ ବାଇକ୍‌ରେ ବୌଦ୍ଧ ଜିଲା ମନମୁଣ୍ଡା ପଟୁ ଗଞ୍ଜେଇ ଚୋରା ଚାଲାଣ କରୁଥିଲେ। ତାଙ୍କ ନିକଟରୁ ୮ କିଲୋ ୨୦୦ଗ୍ରାମ ଗଞ୍ଜେଇ ଜବତ ହୋଇଛି । ସୋନପୁର ଥାନା ଏସଆଇ ସୁବ୍ରତ କୁମାର ପାଣିଗ୍ରାହୀ ମାମଲାର ତଦନ୍ତ କରୁଛନ୍ତି । ଗୁଣନିଧିଙ୍କୁ କୋର୍ଟ ଚାଲାଣ କରାଯାଇଛି ।

### ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି

**ଉଲୁଣ୍ଡା, ୧୬।୧ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସ୍ତରୀୟ ସାଧାରଣତନ୍ତ୍ର ଦିବସକୁ ଧୁମଧାମରେ ପାଳନ କରିବା ପାଇଁ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ମିତାଲୀ ମହାକୁରଙ୍କ ଅଧକ୍ଷତା ଏବଂ ବିଡିଓ ନୀଳାମ୍ବର ମହାନନ୍ଦଙ୍କ ସଂଯୋଜନାରେ ଏହି ବୈଠକ ହୋଇଥିଲା। ଏଥିରେ ତହସିଲଦାର ପୂର୍ଣ୍ଣଚନ୍ଦ୍ର ନାଏକ, ଆଇନଜୀବୀ ରାଧାକାନ୍ତ ମହାକୁରଙ୍କ ସମେତ ପୋଲିସ, ଦମକଳ, ସିଡିପିଓ, ବିଏସଏସଓ, ଜଳ ଓ ପରିମଳ ଓ ବନବିଭାଗର ବିଭାଗୀୟ ଅଧିକାରୀ ପ୍ରମୁଖ ସାମିଲ ଥିଲେ। ବ୍ଲକ ସଦରର ବିଭିନ୍ନ ବିଦ୍ୟାଳୟରୁ ଶିକ୍ଷକମାନେ ଉପସ୍ଥିତ କରି ନିଜ ମତ ରଖିଥିଲେ। ଚଳିତ ବର୍ଷ ବ୍ଲକ ସଦରରେ ଥିବା ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ର ପରେଡ ସମେତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗନେଇ ପାରିବେ ବୋଲି ସୂଚନା ଦିଆଯାଇଛି। ସ୍ଥାନୀୟ କଲେଜ ପଡିଆରେ ହେବାକୁ ଥିବା ପତାକା ଉତ୍ତୋଳନ ପୂର୍ବାହ୍ନ ୯ଟାରେ କରାଯିବ।

### ସଡ଼କ ଦୁର୍ଘଟଣାରେ ଆହତଙ୍କ ମୃତ୍ୟୁ

**ବିନିକା,୧୬।୧(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ରାମପୁର-ସିଂଘିଯୁବା ମୁଖ୍ୟରାସ୍ତାର ଭବାନୀପାଲି କୁକୁଡାଫାର୍ମ ବ୍ରିଜ୍ ନିକଟରେ ବୁଧବାର ସନ୍ଧ୍ୟାରେ ଏକ ସଡକ ଦୁର୍ଘଟଣାରେ ୨ଜଣ ଆହତ ହୋଇଥିଲେ। ସିଲାଟି ପଞ୍ଚାୟତ ଅନ୍ତର୍ଗତ ବରପଦର ଗାଁର ଗୋପୀନାଥ ସେଠୀ (୨୩)ଙ୍କର ମୃତ୍ୟୁ ଘଟିଥିଲା। ସଙ୍କଟାପନ୍ନ ଅବସ୍ଥାରେ ବୁର୍ଲା ମେଡିକାଲରେ ଚିକିତ୍ସାଧୀନ ବୀରେନ ସେଠୀ(୨୪)ଙ୍କ ବୁଧବାର ମିଳମ୍ବିତ ରାତିରେ ମୃତ୍ୟୁ ଘଟିଥିଲା। ବୁର୍ଲାରେ ବ୍ୟବଛେଦ ପରେ ଅପରାହ୍ନରେ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ସିଆଳି ଆଞ୍ଚଳିକ ଧନୁଯାତ୍ରା ଉଦ୍‌ଘାଟିତ

**ବିନିକା,୧୬।୧(ଡି.ଏନ୍.ଏ)**

ସୁବର୍ଣପୁର ଜିଲା ବିନିକା ବ୍ଲକ ମହଦା ପଞ୍ଚାୟତ ଅନ୍ତର୍ଗତ ସିଆଳି ଧନୁଯାତ୍ରା କମିଟି ପକ୍ଷରୁ ଆୟୋଜିତ ଧନୁଯାତ୍ରା ଗୁରୁବାର ରାତିରେ ଉଦ୍‌ଘାଟିତ ହୋଇଛି। ଧନୁଯାତ୍ରା କମିଟି ସଭାପତି ଧନୁ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭରେ ମୁଖ୍ୟ ଅତିଥି ଭାବେ ଲଛିପୁର ଫାଣ୍ଡି ଅଧିକାରୀ କ୍ଷୀରୋଦ ଚନ୍ଦ୍ର ବାଘ, ଶ୍ରୀମଦ୍ ସେଠ୍ ଯୋଗଦେଇ ରଙ୍ଗମଞ୍ଚକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଲଛିପୁର ପ୍ୟାକ୍ସ ସଭାପତି ବସୁ ରଣା, ଏଏସ୍‌ଆଇ ପ୍ରହ୍ଲାଦ ବାରିକ, ଲୁଲୁଣ୍ଡା ସରପଞ୍ଚ ଭୂମିସୂତା ବରିହା, ସମିତି ସଭ୍ୟ ରମେଶ ସାହୁ, ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ମୁଦଲି, କିଶୋର ଚନ୍ଦ୍ର ପଧାନ, ମେଘନାଦ ସାହୁ, ଛକୋରମାଲ ସରପଞ୍ଚ ଶଙ୍କର ପ୍ରସାଦ ସା ଯୋଗ ଦେଇଥିଲେ । ଧନୁଯାତ୍ରାର ପ୍ରଥମ ଦିବସରେ ଦେବକୀ ଏବଂ ବସୁଦେବଙ୍କ ବିବାହ, ଉଗ୍ରସେନ ଗାଦିଚ୍ୟୁତ ଓ ଯୁବରାଜା କଂସଙ୍କ ସିଂହାସନ ଆରୋହଣ ଆଦି ଦୃଶ୍ୟ ଅଭିନୀତ ହୋଇଥିଲା। କଂସ ଭୂମିକାରେ ଗୋପାଳ ଚନ୍ଦ୍ର ପଣ୍ଡା, ଉଗ୍ରସନ ଲକ୍ଷୀନ୍ଦ୍ର ଭୂଏ, ଅକ୍ରୁର ପାର୍ଥ ଭାଟୀ, ବସୁଦେବ ଲକ୍ଷ୍ମଣ ବିଶ୍ୱାଳ ଏବଂ ଦେବକୀ ଭୂମିକାରେ ଦମୟନ୍ତୀ ବାରିକଙ୍କ ଅଭିନୟ ଦର୍ଶକଙ୍କୁ ବିମୋହିତ କରିଥିଲା।

- ଦେବକୀ-ବସୁଦେବ ବିବାହ
- ମହାରାଜା ଉଗ୍ରସେନ ଗାଦିଚ୍ୟୁତ
- ଯୁବରାଜ କଂସଙ୍କ ସିଂହାସନ ଆରୋହଣ



ଅତିଥିମାନେ ସିଆଳି ଧନୁଯାତ୍ର ମହୋତ୍ସବକୁ ଉଦ୍‌ଘାଟନ କରୁଛନ୍ତି।

# ଖାଲି ପଡ଼ିଛି ସୁବର୍ଣ୍ଣପୁର ଡିସିସି ସଭାପତି ପଦ

**ସୋନପୁର,୧୬।୧(ନି.ପ୍ର.)**

ଦେଶର ସର୍ବ ପୁରାତନ ରାଜନୈତିକ ଦଳ କଂଗ୍ରେସ। ଏହି ଦଳ ଲମ୍ବା ସମୟ ଧରି ଦେଶ ଓ ରାଜ୍ୟକୁ ଶାସନ କରିଛି। କିନ୍ତୁ ଦଳର ରାଜ୍ୟ ନେତୃତ୍ୱଙ୍କ ଅଦୂରଦର୍ଶିତା ପାଇଁ ସୁବର୍ଣ୍ଣପୁର ଜିଲାରେ କଂଗ୍ରେସ ସଂଗଠନ ଦିନକୁ ଦିନ ଦୁର୍ବଳ ହେଉଛି। ଗତ ପଞ୍ଚାୟତ ନିର୍ବାଚନରେ ଦଳ ଚିତ୍‌ପଟାଙ୍ଗ ମାରିଥିଲା। ସାଧାରଣ ନିର୍ବାଚନରେ ଦଳର ଏମ୍‌ପି ଓ ବିଧାୟକ ପ୍ରାର୍ଥୀମାନେ ତୃତୀୟ ସ୍ଥାନରେ ରହିଲେ। ନିର୍ବାଚନ ପରେ ଦଳର ସଂଗଠନକୁ ସଦୃଢ କରିବାକୁ ଉଦ୍ୟମ ହେବା କଥା । ମାତ୍ର ଏଭଳି ହେଉନି। ଏହାର ମୁଖ୍ୟ କାରଣ ହେଉଛି ଗତ ୧୦ ମାସ ହେଲା ଦଳର ଜିଲା କଂଗ୍ରେସ କମିଟ(ଡିସିସି) ସଭାପତି କେହି ନାହାନ୍ତି। ତେଣୁ ଦଳୀୟ କାର୍ଯ୍ୟକ୍ରମ ଠିକ୍ ଭାବେ ହୋଇ ପାରୁନି। ତୃଣମୂଳସ୍ତରର ନିଷ୍ଠାପର କର୍ମୀ ଏଥିପାଇଁ ରାଜ୍ୟ ଓ ଜିଲାର ନେତୃତ୍ୱକୁ ଦାୟି କରୁଛନ୍ତି। ଜିଲା କଂଗ୍ରେସ କମିଟି ସଭାପତି ପଦରୁ ଶଙ୍କର ଦାଶ ସାଧାରଣ ନିର୍ବାଚନର ଅବ୍ୟବହିତ ପୂର୍ବରୁ ଇସ୍ତଫା ଦେଇଥିଲେ। ୮ ମାସ ପରେ ନୂଆ ସଭାପତି ନିଯୁକ୍ତି ପାଇଁ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଦଳର ବରିଷ୍ଠ ନେତା ତଥା ପ୍ରାକ୍ତନ ମନ୍ତ୍ରୀ ଗଣେଶ୍ୱର ବେହେରାଙ୍କୁ ସୁବର୍ଣ୍ଣପୁର ଜିଲାର ପର୍ଯ୍ୟବେକ୍ଷକ ଦାୟିତ୍ୱ ମିଳିଥିଲା। ବେହେରା ଗତ ନଭେମ୍ବର ମାସ ୩ତାରିଖରେ ସୁବର୍ଣ୍ଣପୁର ଜିଲା ଗସ୍ତ କରିଥିଲେ। ସୋନପୁର ଓ ବୀରମହାରାଜପୁର ନିର୍ବାଚନମଣ୍ଡଳୀର କଂଗ୍ରେସ କର୍ମୀ, ଶୁଭେଚ୍ଛୁଙ୍କୁ ଭେଟି ଜିଲା ସଭାପତି କିଏ ହେଲେ ଭଲ ହେବ ମତାମତ ଲୋଡିଥିଲେ। ସେହିଭଳି କଣ କଲେ କଂଗ୍ରେସ ଦଳ ପୁଣି ତୃଣମୂଳସ୍ତରରୁ ସଂଗଠିତ ହେବ ଓ ରାଜ୍ୟରେ ଲୋକଙ୍କ ଆସ୍ଥାଭାଜନ ହେବ ସେ ନେଇ ମତାମତ ନେଇଥିଲେ। ମାତ୍ର ଏ ପର୍ଯ୍ୟନ୍ତ ସଭାପତି ଭାବେ କାହାରିକୁ ନିଯୁକ୍ତି ମିଳିଲାନି । ଫଳରେ ଦଳର ସାଙ୍ଗଠନିକ କାର୍ଯ୍ୟକ୍ରମ ଓ ବିରୋଧି ଦଳର ଭୂମିକା ଦେଖିବାକୁ ମିଳୁନି।




ଅନୁଗୋଳର ରାଜୁଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କୃତ କରାଯାଉଛି ।

# ଗଡ଼ିଲା ପାଣି ପଞ୍ଚାୟତ ସଚେତନତା ରଥ

**ସୋନପୁର,୧୬।୧(ନି.ପ୍ର.)**

ଜାନୁୟାରୀ ୧୬ ତାରିଖ ଗୁରୁବାରଠାରୁ ଆରମ୍ଭ ହେଉଛି ପାଣି ପଞ୍ଚାୟତ ପକ୍ଷ। ଏହା ଆସନ୍ତା ୩୦ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ଚାଷୀଙ୍କୁ ସଚେତନ କରିବା ପାଇଁ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ୨ଟି ରଥ ବାହାର କରାଯାଇଛି। ଗୁରୁବାର ସୁବର୍ଣ୍ଣପୁର ଜିଲାପାଳ ମୋନିଷା ବାନାର୍ଜୀ ସବୁଜ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଏହି ରଥ ୭ ଦିନ ଧରି ଜିଲାର ବିଭିନ୍ନ ବୃହତ, ମଧ୍ୟମ ଓ କ୍ଷୁଦ୍ର ଜଳ ସମ୍ପଦ ପ୍ରକଳ୍ପ ଅନ୍ତର୍ଗତ ଗଠନ ହୋଇଥିବା ପାଣି ପଞ୍ଚାୟତ ଅଞ୍ଚଳରେ ବୁଲିବ। ପ୍ରଚାରପତ୍ର ବଣ୍ଟନ ସହିତ ଚାଷୀଙ୍କୁ କେନାଲ ଓ ଭୂତଳ ଜଳର ସୁ ବିନିଯୋଗ ସମ୍ପର୍କରେ ସଚେତନ କରିବ ବୋଲି ଜଣାପଡିଛି। କାର୍ଯ୍ୟକ୍ରମରେ କ୍ଷୁଦ୍ର ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ କିଶୋର ଚନ୍ଦ୍ର ଆଚାର୍ଯ୍ୟ, ତେଲ ଜଳସେଚନ ଓ ଉଠା ଜଳସେଚନ ବିଭାଗର କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଜିଲାପାଳ ମୋନିଷା ବାନାର୍ଜୀ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି ।

# ଅମିତାଭ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ: ଅନୁଗୋଳ ଫାଇନାଲରେ

**ଅମରପାଲି, ୧୬।୧ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କମିରାଠାରେ ଚାଲିଥିବା ଚତୁର୍ଥ ଅମିତାଭ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମି ଫାଇନାଲରେ ସରଗିପାଲିକୁ ହରାଇ ଲିଟୁ ୱାରିୟର ଅନୁଗୋଳ ଫାଇନାଲରେ ପ୍ରବେଶ କରିଛି । ଅନୁଗୋଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୪ ଉଇକେଟ ହରାଇ ୧୭୫ ରନ କରିଥିଲା। ଦଳର ରାଜୁ ୧୨ ବଲରୁ ୪୯ ରନ ଓ ହୁସେନ ୨୫ ବଲରୁ ୪୬ ରନ କରିଥିଲେ। ସରଗିପାଲିର ତପନ ୨ଟି ଉଇକେଟ ନେଇଥିଲେ। ଜବାବରେ ସଗରିପାଲି ଦଳ ନିର୍ଦ୍ଧାରିତ ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୧୦୯ ରନ କରି ପରାସ୍ତ ହୋଇଥିଲା । ଦଳର ସିଲୁ ୧୫ ବଲରୁ ୪୬ ରନ କରିଥିଲେ । ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ସୁବଳୟା ଥାନାର ଦିପ୍ତିରଞ୍ଜନ ଦିଗାଲ ମୁଖ୍ୟଅତିଥି ଏବଂ ଅଶୋକ ଦାଶ ଓ ତ୍ରିନାଥ କର୍ଣ୍ଣ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଅନୁଗୋଳର ରାଜୁଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ।

# ଛନଛଡ଼ା ଫୁଟବଲ: ଫାଇନାଲରେ ଟିକ୍ରାପଡ଼ା

**ଟିକ୍ରାପଡା, ୧୬।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ କରମତଲା ପଞ୍ଚାୟତ ଅଧିନ ଛନଛଡାଠାରେ ପାଟଣେଶ୍ୱରୀ ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଷୋଡଶ ବର୍ଷ ସାତଦିନିଆ ଫୁଟବଲ ଟୁର୍ନାମେଣ୍ଟର ଗୁରୁବାର ଥିଲା ପଞ୍ଚମ ଦିବସ । ଅନୁଷ୍ଠିତ ପ୍ରଥମ ସେମି ଫାଇନାଲ ମ୍ୟାଚରେ ବଡମାଲକୁ ୧-୦ ଗୋଲରେ ହରାଇ ଟିକ୍ରାପଡା ଫାଇନାଲରେ ପ୍ରବେଶ କରିଛି। ଗଣେଶ ଭୋଇ ଖେଳ ପରିଚାଳନା କରିଥିଲେ । ସୁବ୍ରତ ବେହେର, ହେମନ୍ତ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ ।

# ସଡ଼କ ସୁରକ୍ଷା ସପ୍ତାହରେ ସଚେତନତା ରାଲି

**ବିନିକା,୧୬।୧(ଡି.ଏନ୍.ଏ,)**

ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ ଜୁନିୟର କଲେଜ ପକ୍ଷରୁ ସଡକ ସୁରକ୍ଷା ଜୀବନ ରକ୍ଷା ସଚେତନତା ଶୋଭାଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଶିବଶଙ୍କର ପାଣୀଗ୍ରାହୀଙ୍କ ଆହ୍ୱାନକ୍ରମେ ସଚେତନତା ଶୋଭାଯାତ୍ରା ଆରମ୍ଭ ହୋଇଥିଲା । ପ୍ରଧାପିକା ରେଖା ପ୍ରଧାନଙ୍କ ତତ୍ତ୍ୱାବଧାନକ୍ରମେ କଲେଜ ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ ଧରି ସଡକ ସୁରକ୍ଷା ଜୀବନ ରକ୍ଷା, ଦୃତଗତି ମହାବିପତି, ମୁଣ୍ଡରେ ହେଲମେଟ୍ ପିନ୍ଧନ୍ତୁ ଆଉ ସୁରକ୍ଷିତ ରୁହନ୍ତୁ ନାରା ଦେଇ ଦେଇ ଶୋଭାଯାତ୍ରାରେ ସହର ସାରା ପରିକ୍ରମା କରିଥିଲେ । ପରେ ସ୍ଥାନୀୟ କଲେଜ ଗେଟ୍ ଛକକୁ ସଂଯୋଗ କରୁଥିବା ଚାରିଚକିଆ ରାସ୍ତାରେ ଯାତାୟାତ କରୁଥିବା ଯାନବାହାନ ଚାଳକମାନଙ୍କୁ ସଚେତନତା ପ୍ରଦାନ କରିଥିଲେ । ଏ ପରିପ୍ରେକ୍ଷିରେ ହେଲମେଟ୍ ଓ ସିଟ୍ ବେଲ୍ଟ ବାନ୍ଧି ମୁଖ୍ୟରାସ୍ତାରେ ଯାତାୟାତ କରୁଥିବା ଚାଳକମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ । କାର୍ଯ୍ୟକ୍ରମ ପରିଚଳନାରେ ଅଧ୍ୟାପକ ସନୋଜ କୁମାର ଦାଶଙ୍କ ଏବଂ କର୍ମଚାରୀ ସହେଯାଗ କରିଥିଲେ ।



ବିନିକା ସିଦ୍ଧାର୍ଥ ଜୁନିୟର କଲେଜ ଛାତ୍ରୀଛାତ୍ର ସଚେତନତା ଶୋଭାଯାତ୍ରାରେ ବାହାରିଛନ୍ତି।

# ଜାମିନ ପାଇଁ ପୁଣି ହାଇକୋର୍ଟରେ ପୁଞ୍ଜିଲାଲ

**କଟକ ଅଫିସ,୧୬।୧**

ପାଟଣାଗଡ ପାର୍ସଲ ବୋମା ବିସ୍ଫୋରଣ ଘଟଣାରେ ଜେଲ୍‌ରେ ଥିବା ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ମେହେର ଜାମିନ ପାଇଁ ପୁଣି ଥରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହାପୂର୍ବରୁ ପୁଞ୍ଜିଲାଲ ମା'ଙ୍କୁ ମୁଖାଗ୍ନି ଦେବା ନିମନ୍ତେ କୋର୍ଟ ଅନୁମତିରେ ଯାଇଥିଲେ। ଜେଲ୍‌କୁ ଫେରିବା ପରେ ସେ ନିୟମିତ ଜାମିନ ଆବେଦନ କରିଥିଲେ। ଫଳରେ ତାଙ୍କ ଓକିଲ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପୂର୍ବରୁ ହାଇକୋର୍ଟ ତାଙ୍କ ଜାମିନ ଆବେଦନକୁ ଖାରଜ କରିଥିଲେ। ଏହି ସମ୍ବେଦନଶୀଳ ଘଟଣା ୨୦୧୮ ଫେବୃୟାରୀ ୨୩ରେ ଘଟିଥିଲା। ପାଟଣାଗଡର ନବବିବାହିତ ସୌମ୍ୟଶେଖର ସାହୁଙ୍କ ପାଖକୁ ଏକ ପାର୍ସଲ ଆସିଥିଲା। ଏହା ଖୋଲିବା ମାତ୍ରେ ବିସ୍ଫୋରଣ ହୋଇଥିଲା। ସୌମ୍ୟ ଓ ତାଙ୍କ ଜେଜେମା' ଜେମାମଣିଙ୍କ ମୃତ୍ୟୁ ଘଟିଥିଲା। ସୌମ୍ୟଙ୍କ ସ୍ତ୍ରୀ ରିମା ଗୁରୁତର ହୋଇଥିଲେ। ଉକ୍ତ ଘଟଣାରେ କ୍ରାଇମବ୍ରାଞ୍ଚ ୨୦୧୮ ଏପ୍ରିଲ ୨୫ରେ ପୁଞ୍ଜିଲାଲଙ୍କୁ ଗିରଫ କରିଥିଲା।

# ସଚେତନତାଧର୍ମୀ ବିଷୟକୁ ନେଇ ଏକକ ଅଭିନୟ

**ବିନିକା,୧୬।୧(ଡି.ଏନ୍.ଏ)**

**ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ**

ସୁବର୍ଣ୍ଣପୁର ଜିଲା ବିନିକା ସରକାରୀ ନୋଡାଲ ସ୍କୁଲ ପରିସରରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆନୁକୂଲ୍ୟରେ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ସିର୍ଦ୍ଧାଥ ଜୁନିୟର କଲେଜର ଇତିହାସ ଅଧ୍ୟାପିକା ରେଖା ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବିନିକା ହାଇସ୍କୁଲ ବିଜ୍ଞାନ ଶିକ୍ଷକ ନୀଳାଞ୍ଚଳ ମେହେର ମୁଖ୍ୟବକ୍ତା, ନୋଡାଲ ସ୍କୁଲର ସହକାରୀ ଶିକ୍ଷକ ହିମାଂଶୁ ଭୂଷଣ ପଣ୍ଡା ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ମଣିଷର ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ତମାଖୁରୁ କିଭଳି ଦୂରେଇ ରହିହେବ ସେ ଦିଗରେ ଯତ୍ନଶୀଳ ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ । ଏହି ଅବସରରେ ତମାଖୁ ବର୍ଜନ ଆଧାରିତ ସଚେତନତାଧର୍ମୀ ବିଷୟ ବସ୍ତୁକୁ ନେଇ ସ୍କୁଲପିଲାଙ୍କ ଦ୍ୱାରା ଏକକ ଅଭିନୟ ପ୍ରତିଯୋଗୀତା ହୋଇଥିଲା । ଏଥିରେ ମୁକେଶ ମହାଲିଙ୍ଗ ପ୍ରଥମ, ସଞ୍ଜୟ ମେହେର ଦ୍ୱିତୀୟ ଓ କରଣ କର ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅତିଥିମାନେ କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷୟିତ୍ରୀ ମାନସୀ ସଣ୍ଡସେନା, ଭାଗ୍ୟବନ୍ତୀ ସାହୁ ଓ ବିନିକା ଡାକ୍ତରଖାନାର ନମିତା ଚାନ୍ଦ ଓ ଷ୍ଟାଫ୍ ସହଯୋଗ କରିଥିଲେ ।




ଏକକ ଅଭିନୟ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନେ।

## ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା

**ଉଲୁଣ୍ଡା, ୧୬।୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସଦର ଠାରେ ଗୁରୁବାର ସଡକ ସୁରକ୍ଷା ସପ୍ତାହ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପରିବହନ ଏବଂ ପୋଲିସ ବିଭାଗର ମିଳିତ ଆନୁକୁଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଅବସରରରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଏହି ଶୋଭାଯାତ୍ରାରେ ସାମିଲ ହୋଇ ବିଭିନ୍ନ ସଚେତନତା ନାରା ଦେଇ ଉଲୁଣ୍ଡା ହାଟପଦାଠାରୁ ଗଣ୍ଡାବାହାଲ ଛକ ପର୍ଯ୍ୟନ୍ତ ଯାଇଥିଲେ। ସଚେତନତା ରଥକୁ ସୁବର୍ଣ୍ଣପୁର ଆରଟିଓ ରବିନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ନୀଳାମ୍ବର ମହାନନ୍ଦ, ତହସିଲଦାର ପୂର୍ଣ୍ଣଚନ୍ଦ୍ର ନାଏକ, ଉଲୁଣ୍ଡା ଆଇଆଇସି ବିଦ୍ୟୁଭୂଷଣ ପୁଟା, ଅତିରିକ୍ତ ଏମଭିଆଇ ଜନ କୁଲୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ପରେ ଗଣ୍ଡାବାହାଲ ଶ୍ରୀକୃଷ୍ଣ ମଣ୍ଡପ ଠାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ପରେ ସଡକ ସୁରକ୍ଷା ଉପରେ ଏକ ସଚେତନତା ନାଟକ ସମେତ ସଙ୍ଗୀତ ପରିବେଷଣ କରାଯାଇଥିଲା।

# କ୍ରୀଡ଼ା ଛାତ୍ର ଜୀବନର ଅବିଚ୍ଛେଦ୍ୟ ଅଙ୍ଗ

## ପିପିଲିପାଲି ଓଏଭିର ବାର୍ଷିକ କ୍ରୀଡା ପ୍ରତିଯୋଗିତା

**ସୋନପୁର,୧୬।୧(ନି.ପ୍ର.)**

ସୋନପୁର ବ୍ଲକର ପିପିଲିପାଲି ଓଡିଶା ଆଦର୍ଶ ବିଦ୍ୟାଳୟ(ଓଏଭି)ର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଦୁଇଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟର ଅଧକ୍ଷ ଅରୁଣ ମହାକୁଡ ଅଧକ୍ଷତା କରିଥିଲେ। ସଭାରେ ସୁବର୍ଣ୍ଣପୁର ଜିଲା କ୍ରୀଡା ଅଧିକାରୀ ଶରତ ଚନ୍ଦ୍ର ନନ୍ଦ ମୁଖ୍ୟ ଅତିଥିଭାବେ ଯୋଗଦେଇ କ୍ରୀଡା ଛାତ୍ର ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ବୋଲି କହିଥିଲେ। ତରଭା ଏଇଏସ କଲେଜର ପ୍ରାକ୍ତନ ଅଧକ୍ଷ ଶମ୍ଭୁଭୂଷଣ ପଣ୍ଡା ମୁଖ୍ୟବକ୍ତା ଓ ଜିଲା କ୍ରୀଡା ନିରୀକ୍ଷକ ଦୁର୍ଯ୍ୟୋଧନ ରାଉତ ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ କ୍ରୀଡାର ମହତ୍ୱ ସମ୍ପର୍କରେ ବୁଝାଇଥିଲେ। ଏହି ଅବସରରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ୧୦୦ମିଟର, ୨୦୦ମିଟର, ୪୦୦ମିଟର ଦୌଡ, ରିଲେ ରେସ୍, ଲମ୍ବଡିଆଁ, ସଟ୍ ପୁଟ, ଡିସକସ ଥ୍ରୋ ଓ ମ୍ୟୁଜିକ୍ ଚେୟାର ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କ୍ରୀଡା ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା ଶିକ୍ଷକମାନଙ୍କର ସ୍ଲୋ ସାଇକେଲ ରେସ। ଏହି ପ୍ରତିଯୋଗିତାରେ ଚାମ୍ପିୟନ ହୋଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜୁନିୟର ବାଳିକା ବିଭାଗରେ ସୌମ୍ୟାଶ୍ରୀ ଷାଣ୍ଢ, ଜୁନିୟର ବାଳକ ବିଭାଗର ଦୀପକ ପାଣ୍ଡେ, ସିନିଅର ବାଳିକା ବିଭାଗରେ ପ୍ରତିମା ସାହୁ ଓ ବାଳକ ବିଭାଗରେ କୃପାସିନ୍ଧୁ ସୁନା ମୁଖ୍ୟ ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଏହି କ୍ରୀଡା ଉତ୍ସବରେ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଫିଲୁ ଦଳାଇଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଶିକ୍ଷକ ବିଷ୍ଣୁ ପ୍ରସାଦ ଜେନା, ସଂଗ୍ରାମ କେଶରୀ ବାଗ, ଦେବାଶିଷ ବାଗ, ଭଗବାନ ମହାନନ୍ଦ, ଭୋଜରାଜ ମେହେର, ସମ୍ୟରଞ୍ଜନ ନାୟକ, ଗଣେଷ ପ୍ରସାଦ ସିଂ, ଶିକ୍ଷୟିତ୍ରୀ ମନସୀ ଲେଙ୍କା, ଦିପ୍ତିପର୍ଣ୍ଣା, ଉଷାରାଣୀ ସାହୁ, ଦିପ୍ତିମୟୀ ପ୍ରଧାନ, ରାଜକାନ୍ତୀ ନାଗ, ମୋନାଲିସା ପ୍ରଧାନ ଓ ଶୁଭପ୍ରିୟା ନାୟକ ପ୍ରମୁଖ ସହଯୋଗ କରିଥିଲେ। ଅଭିଶେକ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିଙ୍କ ଗହଣରେ ଚାମ୍ପିୟନ ଛାତ୍ରୀଛାତ୍ର ।

# ରାସ୍ତାରୋକୋ ମହଙ୍ଗା ପଡିଲା: ୧୨ ଜଣଙ୍କୁ ଗିରଫ କଲା ପୋଲିସ

ଧର୍ମଗଡ,୧୬ା୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ ଥାନା ଅନ୍ତର୍ଗତ କାଶିବାହାଲଠାରେ ଏକ ସଡକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁକୁ ନେଇ ବୁଧବାର ରାତିରେ ସମ୍ପର୍କୀୟମାନେ ଲୋକେ ରାସ୍ତା ରୋକୋ କରିଥିଲେ। ବେନିୟମ ଭାବେ ରାସ୍ତା ଅବରୋଧ କରିବା ଅଭିଯୋଗରେ ଗୁରୁବାର ପୋଲିସ ୧୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କନ୍ତେର ଗ୍ରାମର ରମେଶ ସତନାମୀ (୨୦), ନବୀନ ସତନାମୀ (୧୯), ପ୍ରମୋଦ ସତନାମୀ (୨୦), ଚିଲ୍‌ଚିଲା ଗ୍ରାମର ଚଉବନ ସତନାମୀ (୪୫), ଚୁଡାମଣି ସତନାମୀ, ମୋହନ ସତନାମୀ (୩୮), ସନ୍ତୋଷ ସତନାମୀ (୩୦), ହେମନ୍ତ ସତନାମୀ (୨୫), ଶ୍ରଦ୍ଧାନନ୍ଦ ସତନାମୀ (୫୦), ବୃଷଭ ସତନାମୀ (୪୦), ଟେମରା ଗ୍ରାମର ରମେଶ ସତନାମୀ (୪୦), ସାଗୁନଭାଡି ଗ୍ରାମର ଉପାସୁ ସତନାମୀ (୬୦)। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା ବେଳେ ଜାମିନରେ ବାହାରିଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶମତେ ରାଜପଥ ଅବରୋଧକୁ ବେଆଇନ କାର୍ଯ୍ୟ ଭାବେ ବିବେଚନା କରାଯାଇଥିବାରୁ ପୋଲିସ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଥିବା କୁହାଯାଇଛି। ପୋଲିସ ସୂଚନା ମୁତାବକ ବୁଧବାର ଧର୍ମଗଡ ନିକଟସ୍ଥ କାଶିବାହାଲଠାରେ ଏକ ଟ୍ରକ ଓ ବାଇକ୍ ଦୁର୍ଘଣା ଘଟିଥିଲା। ଘଟଣାସ୍ଥଳରେ କନ୍ତେର ଗ୍ରାମର ସୁଜିତ ସତନାମୀ (୨୦)ଙ୍କ ମୃତ୍ୟୁ ଘଟିଥିଲା। ଏଥିରେ ଉତ୍ତ୍ୟକ୍ତ ଲୋକେ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଥିଲେ। ରାସ୍ତା ରୋକୋ ଯୋଗୁ ଲୋକେ ଆମ୍ବୁଲାନ୍ସକୁ ମଧ୍ୟ ଛାଡି ନ ଥିଲେ। ଫଳରେ ଧର୍ମଗଡ ପଟୁ ଯାଉଥିବା ଏବଂ ଜୁନଗାଡ ପଟୁ ଆସୁଥିବା ଦୁଇଟି ଆମ୍ବୁଲାନ୍ସ ବାଧ୍ୟ ହୋଇ ଫେରିଥିଲା। ଆମ୍ବୁଲାନ୍ସ ଭଳି ଜରୁରୀ ସେବାକୁ ମଧ୍ୟ ଆନ୍ଦୋଳନକାରୀମାନେ ଛାଡି ନ ଥିଲେ। ଏହି ଘଟଣାକୁ ନେଇ ପୋଲିସ ପକ୍ଷରୁ ମାମଲା ରୁଜୁ କରାଯାଇ ଗୁରୁବାର ଉପରୋକ୍ତ ବ୍ୟକ୍ତିଙ୍କୁ ଗିରଫ କରିଥିଲା।

# भारतीय वायु सेना / Indian Air Force

## INVITES UNMARRIED MALE CANDIDATES TO APPEAR IN RECRUITMENT RALLY FROM 04 FEBRUARY 2020 TO 08 FEBRUARY 2020 TO JOIN AS AIRMEN IN GROUP 'Y' (NON-TECHNICAL) AUTOMOBILE TECHNICIAN (AUTO TECH), INDIAN AIR FORCE (POLICE) [IAF(P)] AND MEDICAL ASSISTANT (MED ASST) TRADES AT BERHAMPUR UNIVERSITY GROUND, BERHAMPUR, GANJAM, ODISHA FOR INTAKE: 01/2021

**CAUTION**
**SELECTION IN THE INDIAN AIR FORCE IS 'FREE & FAIR' AND ON MERIT ONLY. AT NO STAGE ANY MONEY IS REQUIRED TO BE PAID TO ANYONE FOR SELECTION OR RECRUITMENT IN THE INDIAN AIR FORCE. CANDIDATES SHOULD NOT FALL PREY TO UNSCRUPULOUS PERSONS POSING AS RECRUITING/SELECTING AGENTS.**

1. **Indian Air Force** offers opportunities for **UNMARRIED MALE INDIAN/NEPALESE CITIZENS** from **all Districts of State of Odisha** to join as Airmen. The Recruitment Test for **Group 'Y' (Non-Technical) Automobile Technician (Auto Tech), Indian Air Force (Police) {IAF(P)} And Medical Assistant (Med Asst) Trades** will be held at **Berhampur University Ground, Berhampur (Brahmapur), Ganjam, Odisha** as per the Selection Programme given below.

2. The Recruitment Test shall be conducted from **6 AM** onwards as per the details given below. Candidates (of **state of Odisha)** fulfilling the domicile requirements and eligibility conditions reporting up to **10 AM** on **04 February 2020 and 07 February 2020** at **Berhampur University Ground, Berhampur (Brahmapur), Ganjam, Odisha** (Rally venue) shall only be permitted to appear in the Recruitment Test.

**Note: The Recruitment Test is not for selection as Commissioned Officers/ Pilots/Navigators.**

| DATE | TRADE | ACTIVITIES | DISTRICTS TO BE COVERED |
|---|---|---|---|
| 04 February 2020 | Med Asst | Physical Fitness Test & Written Test | All districts of State of Odisha |
| 05 February 2020 | | Adaptability Test - 1 & Adaptability Test - 2 | |
| 06 February 2020 | Reserve day | | |
| 07 February 2020 | Auto Tech & IAF(P) | Physical Fitness Test & Written Test | All districts of State of Odisha |
| 08 February 2020 | | Adaptability Test - 1 & Adaptability Test - 2 | |

### *ELIGIBILITY CONDITIONS*

3. **Date of Birth Block.** Candidates born between **17 January 2000** and **30 December 2003 (both days inclusive)** are eligible to appear in the Recruitment Rally.

4. **Educational Qualification.**

(a) **For Group 'Y' (Non-Technical) {Auto Tech & IAF(P) Trades}:-** Candidate should have passed **Intermediate / 10+2 / Class XII or Equivalent Examination** in any stream/subjects approved by Central / State Education Boards with minimum **50% marks** in aggregate as well as in English in Class XII or equivalent examination.

**OR**

Passed two years vocational course from Education Boards listed as **COBSE** member with minimum **50% marks** in aggregate and **50% marks** in English in vocational course or in Intermediate/Matriculation if English is not a subject in Vocational Course.

(b) **For Group 'Y' (Non-Technical) Medical Assistant Trade.** Candidate should have passed **Intermediate / 10+2 / Class XII or Equivalent Examination** with Physics, Chemistry, Biology and English approved by Central / State Education Boards with minimum **50% marks** in aggregate as well as in English in Class XII or equivalent examination.

**Note - 1:** Education Boards listed in Council of Boards for School Education (COBSE) website as members, shall only be permitted.
**Note - 2:** Exact aggregate % of marks before decimal as written in the marks sheet of 10+2/Intermediate/Equivalent OR calculated as per the rules of concerned Education Board shall only be considered (For example 49.99% should be taken as 49% and not to be rounded off to 50%).

5. **Domicile Requirement.** To be eligible to appear in the rally at **Berhampur University Ground, Berhampur (Brahmapur), Ganjam, Odisha** the candidates shall be required to satisfy the following conditions:-

(a) The School / College / Institute from where candidates have passed the qualifying examination should be within the geographical / administrative limits of **districts of State of Odisha**. If the name of **District** is not mentioned with the name of Institution in the certificate / marks sheet of qualifying examination, the candidates shall produce **'Domicile Certificate'** issued by **DM/SDM, Tehsildar or any official authorized by the State Government of Odisha.**

(b) Permanent Domicile of **districts of State of Odisha** who have passed the qualifying examination from anywhere in India shall produce the Domicile Certificate prior to **commencement of examination** from appropriate authority as given in sub-paragraph 5(a) above.

(c) Sons of serving Air Force personnel {Officer/Airmen/NCs(E) and Unit cadre Civilians paid from Defence Estimates} whose father/mother is presently serving in any Air Force Unit/any other Organisation located in the **districts of State of Odisha** irrespective of their domicile status, shall be permitted to appear in the rally subject to production of latest SOAFP (Son of Air Force Personnel) Certificate (format available at CASB site on AFNET).

(d) Sons of Air Force personnel {Officers/Airmen/NCs(E) and Unit Cadre Civilians paid from Defence Estimates} whose father/mother is Retired/ Discharged/ Deceased and they are residing in the **districts of State of Odisha** shall be permitted to appear in the rally subject to production of proof of minimum stay of one year along with original and photocopy of Service Book/Discharge Book/Casualty Service Certificate/Service Particular Certificate (issued from DPO-3/DAV, as applicable) in case of Officers/Airmen/NCs(E) and a Certificate duly signed by OIC Civil Admin and countersigned by CO/C Adm O of the last served unit, in case of Civilians.

6. **Medical Standards.**

(a) **General Medical Standards shall be as follows: -**

(i) **Chest:** Minimum range of expansion: 5 cm (ii) **Weight:** Proportionate to height and age. (iii) **Corneal Surgery (PRK/LASIK)** shall not be acceptable. (iv) **Hearing:** Candidate should have normal hearing i.e. able to hear forced whisper from a distance of 6 meters with each ear separately. (v) **Dental:** Should have healthy gums, good set of teeth and minimum 14 dental points. (vi) **General Health:** Candidate should be of normal anatomy without loss of any appendages. He should be free from any active or latent, acute or chronic, medical or surgical disability or infection and skin ailments. Candidate must be physically and mentally **FIT** to perform duty in any part of the world, in any climate and terrain.

(b) **Height, Leg Length, Visual Standards and Colour Vision are as follows:**

| Trades | Height | Leg length | Visual Acuity | Maximum limits of Ref Error | Colour Vision |
|---|---|---|---|---|---|
| Auto Tech | 165 cm | Minimum leg length required is 99 cm | 6/12 each eye correctable to 6/6 each eye | Hypermetropia: +2.0D Myopia: -1D including ± 0.50 Astigmatism | CP-II |
| IAF(P) | 175 cm | Not applicable | Unaided visual acuity of 6/6 | Not applicable | CP-II |
| Med Asst | 152.5 cm | Not applicable | 6/36 each eye correctable to 6/9 each eye | Not exceeding ± 3.50D including Astigmatism | CP-III |

7. **Consumption of Narcotic Drugs and Psychotropic Substance (NDPS).** Consumption of Narcotic Drugs and Psychotropic substances banned under the NDPS Act 1985 **shall be a reject criteria for selection into the IAF** and Airmen found either in possession or storing or distributing or consuming such drugs and substances after enrolment shall be liable for disciplinary action including dismissal from the IAF.

8. **Body Tattoo.** Permanent body tattoos shall not be permitted. However, tattoos only on inner face of the fore arms (inside of elbow to the wrist), back (dorsal) part of the hand/reverse side of palm and for Tribals tattoos which are as per custom and traditions of their tribes may be considered. However, right to decide on acceptability/unacceptability of the individual shall rest with the Selection Centre. **Candidates with permanent body tattoos shall submit two photographs (close up and distant view) with details of size and type of the Tattoo.**

9. **Only Sikh candidates**, whose religion prohibits the cutting of the hair or shaving of face of its member, shall be permitted to grow hair and/or retain beard and moustache. Accordingly, those Sikh candidates willing to retain the same as per laid down specification are to get their photographs with beard and moustache. Such candidates shall not be permitted to grow/shave beard/Moustache at later stages after enrolment.

10. Candidates discharged from Indian Army/Indian Navy/Any other Government Organisation shall also be eligible subject to their discharge with **NO ADVERSE ENTRIES.** Such candidate has to declare at the rally venue that he is an Ex-employee of the Organisation discharged from and produce original Discharge Certificate. In case of serving individuals, they must be in possession of NOC from their employer at the time of rally. If any candidate does not disclose the fact of being employed or that of being an Ex-employee, his candidature shall be cancelled at any stage during the selection process and if selected shall be liable for discharge/dismissal for hiding the fact of his employment and discharge/dismissal from service. **Candidates discharged from Indian Air Force for any reason are not eligible to appear in the rally.**

11. **Writing Materials and Documents Required.** Candidates are to bring the following:-

(a) **HB Pencil, Eraser, Sharpener, Gum tube, Stapler and Black/Blue Ball Point Pen for writing.**
(b) Seven un-attested recent (**taken not before January 2020**) passport size colour photographs (front portrait in light background without head gear except for Sikhs). **The photograph is to be taken with candidate holding a black slate in front of his chest with his Name and Date of Photograph taken, clearly written on it with white chalk in capital letters.**
(c) **Original and four self-attested photocopies of Matriculation Passing Certificate (required for Date of Birth verification).**
(d) **Original and four self-attested photocopies of Intermediate/10+2/ Equivalent Examination Passing Certificate and Marks Sheet.**
(e) Original and four self-attested photocopies of Domicile Certificate **(or)** Original and four self-attested photocopies of duly filled Son of Air Force Personnel (SOAFP) Certificate (format available on AFNET CASB webpage) for Sons of serving Air Force personnel **(or)** Original and four self-attested photocopies of Service Book/Discharge Book/Causality Service Certificate/Service Particular certificate (issued from DPO-3/DAV, as applicable) in case of Officer/Airmen/NCs(E) and a certificate duly signed by OIC Civil Admin and countersigned by CO/C Adm O of the last served unit, in case of civilians for sons of retired/deceased/discharged Air Force Personnel and proof of minimum stay of one year as per Para 5 (d) above. .
(f) **Candidates discharged from Indian Army/Indian Navy/Any other Government Organisation.** Original and four Self-attested photocopies of Discharge Certificate (as issued from Indian Army/Indian Navy/Government Organisation).
(g) NOC in original and four self-attested photocopies from the employer for candidates presently serving in any government organization (if applicable).
(h) Original and four self-attested photocopies of NCC 'A', 'B' or 'C' Certificate (if applicable).

**Note. Under no circumstances shall the candidates be permitted to appear in the Rally without Original Educational Marks Sheets/Passing Certificates & Documents mentioned above in paragraph 11 (c) to (h). However, candidates with photocopies of Educational Marks Sheets/Passing Certificates may be permitted to appear in the Rally only on production of a certificate from College/School Principal certifying that Educational Certificates/Marks sheets are deposited with College/School.**

(j) **CONSENT FORM FOR PHYSICAL FITNESS TEST AND MEDICAL TESTS.** Candidates shall bring the "Consent Form' (as per the format given below) to the Rally Venue {**Berhampur University Ground, Berhampur (Brahmapur), Ganjam, Odisha**} and submit it before the Physical Fitness Test. Candidates below 18 years of age shall get the Consent Form filled and signed by their parent/guardian. The candidates of 18 years of age and above can sign the consent form themselves.

-------------------------------------------------------------------

**CONSENT FORM FOR PHYSICAL FITNESS TEST AND MEDICAL TESTS**

(Applicable in respect of candidates both **above** and **below** 18 years of age)

1. I, …………………son/father/guardian of ……………………whose date of birth is ………… do hereby give my consent for myself/son/ward to appear in the physical fitness/medical tests, as prescribed for selection in the Indian Air Force, at my/his own risk. I am aware that no compensation in any form shall be claimed, in respect of injuries/casualty if any, sustained by myself/ my son/my ward, during such tests.

Signature……………………………………………
Name of candidate/parent/guardian………………
Date: Relationship with the candidate…………………..

-------------------------------------------------------------------

### TERMS AND CONDITIONS

12. **Tenure & Training.** Enrolment shall be for an initial period of 20 years (subject to condition) which may be extended up to the age of 57 years (subject to service conditions). Initially, candidates shall be sent for a Joint Basic Phase Training (JBPT) at designated Basic Training Institute located at various Air Force Stations. On successful completion of JBPT candidates will be sent for trade training of specific duration which shall include security training or any other training as per service requirements. Training is however liable to be terminated at any time if the trainee fails to achieve the required standards in academics, profession, physical fitness and discipline or is found to be medically unfit. **AFTER SUCCESSFUL COMPLETION OF ALL STAGES OF TRAINING, THE AIRMEN SHALL BE DEPLOYED ON JOBS AS PER THEIR ALLOTTED TRADES. ALLOTTED TRADE SHALL NOT BE CHANGED ON CANDIDATE'S REQUEST ON ANY GROUNDS.**

13. **Pay & Allowances.** During training, a stipend of **Rs. 14,600/-** per month shall be paid. On completion of training the **starting gross emoluments at the minimum of scale of pay** including Military Service Pay (MSP) shall be **Rs. 26,900/- per month** plus Dearness allowance (as applicable) which, in subsequent years, may rise as per the career progression of the individual.

14. Other allowances such as Transport Allowance, Composite Personal Maintenance Allowance (CPMA), Leave Ration Allowance (LRA), Children Education Allowance, HRA etc. shall also be admissible to Airmen, as per relevant Government instructions.

15. **Higher Education.** Airmen shall be permitted to pursue higher education qualification only after acquiring prescribed skill grade in their trade.

16. **Perks.** Perks such as **Ration, Clothing, Medical facilities, Accommodation, CSD facilities, Leave (60 days Annual and 30 days Casual in a Calendar year as a privilege, subject to service exigencies), Recreational facilities, Transport for school going children and Leave Travel Concession (LTC)** shall also be provided as per the existing rules. **Group Insurance Cover of Rs. 37.5 Lakhs at a premium of Rs. 2300/- per month** for all airmen and facility of Group Housing Scheme are also extended.

17. **Job Specification.**

(a) **Automobile Technician.** As an Automobile Technician you will drive all types of light, medium and heavy automobiles, load carriers and specialist vehicles like cranes, towing tractors, fork lifters etc., subject to service exigencies. You will also carry out minor repairs, day to day maintenance and basic level servicing of the common user vehicles and specialist vehicles in the Indian Air Force inventory.

(b) **Indian Air Force (Police).** As an Indian Air Force (Police) your responsibilities involve assuming police duties and investigation of offences. You are also in-charge of maintenance of security.

(c) **Medical Assistant.** Operating as a Medical Assistant, you are made familiar with nursing and first-aid. You are also involved in management of medical stores, dispensaries and ward supervision.

**Note: Airmen shall also have to undertake any other tasks as assigned by superior authorities.**

### SELECTION PROCEDURE

18. **Verification of Eligibility.** Original Educational Certificates (10th passing Certificate and 12th passing Certificate & Marks Sheets) and other required applicable original documents like NCC 'A', 'B' or 'C' certificate, Son of serving Air Force Personnel (SOAFP) certificate **(or)** , Discharge Book, Service Book, Service Particular Certificate/Casualty Service Certificate **(or)** Discharge Certificate (if discharged from Army/Navy/Government organisation), Consent Form (signed by parents if candidate below 18 years of age) and passport size colour photographs shall be required and scrutinized/verified at the examination venue prior to commencement of Physical Fitness Test to ascertain the eligibility prima-facie. Detailed verification will be carried out later in respect of candidates who pass Physical Fitness Test and subsequently the Written Test. Candidature of those who do not meet the laid down educational criteria shall be rejected during **Initial verification of original certificates & mark sheets** prior to conduct of Physical Fitness Test and also during **detailed verification** on clearing the Physical Fitness Test as well as Written Test or if found at subsequent stage.

**Note: The original Passing Certificates / Marks Sheets will not be retained by the Selection Centre. The same will be returned to the candidates on completion of detailed verification.**

### SEQUENCE OF EXAMINATION

19. **Group 'Y' (Non-Technical) Auto Tech, IAF(P) & Med Asst Trades**

(a) **Physical Fitness Test (PFT).** PFT consists of a **1.6 Km** run to be completed within **6 minutes 30 Seconds. Candidates shall also have to complete 10 push-ups, 10 sit-ups and 20 squats within the stipulated time to qualify in the Physical Fitness Test**.

**Note:** Candidates are advised to bring their **sports shoes** and **shorts/track pant.**

(b) **Written Test.** All candidates who qualify PFT shall undertake Written Test on the same or subsequent day depending on the local conditions. The Written Test will be objective type and question paper shall be bilingual (English & Hindi) except for English paper. Answers are to be annotated on OMR sheet. Detailed procedure shall be explained before conduct of the examination. Duration of the written test will be **45 minutes** and shall comprise of **English** as per 10+2 CBSE syllabus and **Reasoning & General Awareness (RAGA)**. **CANDIDATES ARE TO QUALIFY IN EACH PAPER SEPARATELY**. Results of the written test shall be declared on the same day.

(c) **Marking Pattern for Written Test:-** (i) 01 mark for every correct answer. (ii) Nil (0) marks for un-attempted question. (iii) 0.25 marks shall be deducted for each wrong answer or choosing more than one option as answer.

(d) **Adaptability Test-1.** All candidates who pass the Written Test shall undertake Adaptability Test-1 on the same or subsequent day depending on the local conditions. Adaptability Test - 1 is to assess suitability of a candidate for employment in the IAF which involves deployment in varied geographic terrain, weather and operational conditions.

(e) **Adaptability Test-2.** All candidates who pass Adaptability Test-1 will have to undertake Adaptability Test-2 as per policy in vogue. Adaptability Test-2 is to select candidates who can adapt to the environment of Indian Air Force and are able to adjust to the military way of life.

**Note:** The question paper is a confidential document of Indian Air Force. All candidates to note and understand that access to the question paper is permitted only during the examination (R) only during the examination. Question paper in any form whatsoever will not be provided to the candidate after examination.

20. **Medical Examination.** Candidates who qualify Adaptability Test -2 shall be medically examined in the month of **July 2020** at **4 Air Force Hospital, Kalaikunda.** Medical Examination shall be conducted by Air Force Medical Team as per IAF medical standards and existing policy in vogue. Medical Examination would also include Baseline Investigation of: -

(a) Blood Haemogram - Hb, TLC, DLC (b) Urine RE/ME (c) Biochemistry:- (i) Blood Sugar Fasting & PP (ii) Serum Cholesterol (iii) Urea, Uric acid, Creatinine (iv) LFT- Serum Bilurubin, SGOT, SGPT
(d) X- Ray chest (PA view) (e) ECG (R) (f) Tests for Narcotic Drug and Psychotropic Substance Abuse (if required)

Candidates declared Medically Unfit can avail the option for Appeal Medical Board (AMB) against their Unfitness by depositing Rs. 40/- in a Government Treasury/RBI/SBI through Military Receivable Order (MRO). The application for AMB along with original copy of MRO, photocopy of Unfitness Certificate are to be submitted to the representative of **9 ASC, AF** within three working days of Medical examination. AMB Centre will be **SMC, Air Force Station, Barrackpore.**

**Note : Candidates are advised to get tartar & stains removed from their teeth before appearing for the medical examination. Ears should be free of wax. Candidates should be prepared to travel / stay for the medical test for four to five days under their own arrangement. No TA/DA shall be admissible.**

21. The recruitment Medical Officer and the specialist doctors of Armed Forces are the final authorities on declaring a candidate Fit or Unfit during initial medical examination, appeal medical board and medical examination prior to enrolment. **The candidate shall be governed by Armed forces standards which may be at variance from civil standards. There is no provision for representation or review after the appeal medical board.**

22. **Publishing of PSL.** The Provisional Select List (PSL) will be displayed at **9 Airmen Selection Centre, Near Rajdhani College, Baramunda, Bhubaneswar, Odisha-751003** on **31 October 2020**. Copies of the Display List will also be sent to District Collector of **Ganjam, Odisha** (through Airmen Selection Centre) and will also be available at Central Airmen Selection Board webportal **www.airmenselection.cdac.in.** The inclusion of names of the candidates in the PSL depends upon the performance of the candidates in the Rally. Inclusion of name in the PSL does not guarantee automatic enrolment. Enrolment is strictly in order of merit from the PSL subject to medical fitness, availability of vacancies, not exceeding the age of 21 years on date of enrolment and meeting other laid down eligibility criteria as and when called for enrolment. The validity of PSL shall be 06 months from the date of display and shall be applicable only for **Intake No. 01/2021.**

23. Candidates figuring in the PSL published in respect of ibid Rally and also figuring in one or more PSLs published on the same date, shall be called for enrolment only in any one Group/Trade as per the requirement of IAF. President CASB reserves the right to allocate any Group/Trade for candidates appearing in more than one PSL published on same date.

24. If any such candidate absents himself or expresses unwillingness to join IAF or his candidature gets cancelled due to any reason in the Group/Trade in which he was called for enrolment, then the candidate shall be marked as absent/unwilling/candidature cancelled in all other PSLs published on the same date wherever his name figures.

25. If there is any variation between English & Hindi/any other regional language versions of the advertisement, English version shall to be taken as authentic.

26. Any CORRIGENDUM/CHANGES/UPDATES shall be available ONLY on our webportal www.airmenselection.cdac.in and NO INTIMATION SHALL BE GIVEN IN ANY NEWS PAPER/ANY OTHER MEDIA. All candidates are required to see the website of this office from time to time.

**FOR ANY QUERY CONTACT, PRESIDENT, CENTRAL AIRMEN SELECTION BOARD, BRAR SQUARE, DELHI CANTT, NEW DELHI – 110010, TELEPHONE NO. 011- 25694209 /25699606 AND e-mail : casb@iaf.nic.in / casbiaf@cdac.in OR COMMANDING OFFICER, 9 AIRMEN SELECTION CENTRE, NEAR RAJDHANI COLLEGE, BARAMUNDA, BHUBANESWAR, ODISHA-751003.TELE: 0674-2561336 AND E-MAIL: co.9asc-od@gov.in**

**FOR CAREER DETAILS, PROMOTION PROSPECTS, POST RETIREMENT BENEFITS, DETAILED SYLLABUS, MODEL QUESTION PAPERS, PROVISIONAL SELECT LIST AND ENROLMENT LIST, LOG ON TO CENTRAL AIRMEN SELECTION BOARD WEBPORTAL: www.airmenselection.cdac.in**

**DISCLAIMER: The terms and conditions given in the advertisement are guidelines only and orders issued by the Government as amended from time to time will apply for the selected candidates.**

***MOBILE PHONES/SMART WATCHES/ELECTRONIC DEVICES WILL NOT BE PERMITTED IN TESTING AREA***

**IMPERSONATORS WILL BE CAUGHT**

DAVP/10801/11/ 0041/1920

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୧୭ ଜାନୁୟାରୀ, ୨୦୨୦



ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
- ଆଇନଷ୍ଟାଇନ



## ସଂକ୍ଷେପରେ

### ଦାଦନଙ୍କ ମୃତଦେହ ଗାଁରେ ପହଞ୍ଚିଲା

**କୋକସରା,୧୬।୧(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରା ଗ୍ରାମ ସତନାମୀପଡାର କୁଶଧର ସତନାମୀ (୩୫)ଙ୍କ ଗତ ମଙ୍ଗଳବାର ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଜିଲା ଅଛିତାପୁରମଠାରେ ମୃତ୍ୟୁ ଘଟିଛି। ଗୁରୁବାର ତାଙ୍କ ମୃତଦେହ ନିଜ ଗାଁରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। କୋକସରା ବ୍ଲକ ଟେମରା ଗ୍ରାମ ସତନାମୀପଡାର ଦାଦନ କୁଶଧର ଆନ୍ଧ୍ରପ୍ରଦେଶ ବିଶାଖାପାଟଣା ଜିଲା ଅଛିତାପୁରମଠାରେ ଥିବା ଏକ ଠିକା ସଂସ୍ଥାରେ ମିସ୍ତ୍ରୀ ଭାବେ କାମ କରୁଥିଲେ। ଗତ ମଙ୍ଗଳବାର ୨୦୦ ଫୁଟ ଉଚ୍ଚ ଟାୱାରରେ ଚଢି ସାଥୀ ଶ୍ରମିକମାନଙ୍କ ସହ କାର୍ଯ୍ୟ କରୁଥିବା ବେଳେ ପଡି ମୃତ୍ୟୁବରଣ କରିଛନ୍ତି । ତାଙ୍କ ସହ ବିହାର ରାଜ୍ୟର ଅନ୍ୟ ଜଣେ ଶ୍ରମିକ ମଧ ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା ଜଣାପଡିଛି। କୁଶଧର ଗତ ୨ ବର୍ଷ ହେବ ସେଠାରେ ଥିବା ଏକ ଠିକା ସଂସ୍ଥାରେ ଶ୍ରମିକ ଭାବେ କାମ କରି ପରିବାର ପ୍ରତିପୋଷଣ କରି ଆସୁଥିଲେ। ରୋଜଗାରକ୍ଷମ ବ୍ୟକ୍ତିଙ୍କ ହରାଇ ପରିବାର ଲୋକେ ଭାଙ୍ଗି ପଡିଛନ୍ତି।

### ଏକୁଲୁ, ଶିଶିଲାଲ ପାଏନ୍ ନାଟକ ମଞ୍ଚସ୍ଥ

**ଅତାବିରା, ୧୬।୧ (ଡି.ଏନ.ଏ):** ଅତାବିରା ବ୍ଲକ ଲରମ୍ବା ମହାବିଦ୍ୟାଳୟ ବାର୍ଷିକୋତ୍ସବ ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସମ୍ବଲପୁରୀ ନାଟକ ଏକୁଲୁ ଓ ଶିଶିଲାଲ ପାଏନ୍ ଗୁରୁବାର ଅପରାହ୍ନରେ ମଞ୍ଚସ୍ଥ ହୋଇଥିଲା। ଶରତ ପୂଜାରୀ ସାଂସ୍କୃତିକ କଳା ପରିଷଦ ଉପସଭାପତି ଡ. ଦିଗମ୍ବର ଚାନ୍ଦ, ଉପଦେଷ୍ଟା ଅଧାପକ ପବିତ୍ର ମାହାଣା, ପ୍ରମୋଦ ଚନ୍ଦ୍ର ସେଠ, ପ୍ରମୋଦ କୁମାର ଭୋଇ, ଅଧାପକ ମନୋରଞ୍ଜନ ତ୍ରିପାଠୀ, ଡ. ଅମ୍ରିତା ସାମନ୍ତ, ଶିଶିର କୁମାର ସାହୁ, ଅଧାପକ ସିଦ୍ଧେଶ୍ୱର ପ୍ରଧାନ, ଆଦିତ୍ୟ ଖମାରୀ ପ୍ରମୁଖ ସହଯୋଗ କରିଥିଲେ ।

### ଅଭିଭାବକ, ଶିକ୍ଷକ ବୈଠକ

**ଖପ୍ରାଖୋଲ, ୧୬।୧(ଡି.ଏନ.ଏ.):** ସରକାର ବିଦ୍ୟାଳୟମାନଙ୍କରେ ଅଭିଭାବକମାନଙ୍କୁ ଅଧିକ ସାମିଲ କରିବା ପାଇଁ ଏକା ଦିନରେ ସବୁ ବିଦ୍ୟାଳୟରେ ଅଭିଭାବକ ଶିକ୍ଷକ ବୈଠକ ପାଇଁ କହିଥିଲେ। ଏହିକ୍ରମରେ ଖପ୍ରାଖୋଲ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଅଭିଭାବକ ଶିକ୍ଷକଙ୍କ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ କ୍ଷୀରୋଦିନି ଭୋଇଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟ ପିଟିଏ ସଭାନେତ୍ରୀ ନମିତା ନାଏକ, ଶିକ୍ଷୟିତ୍ରୀ ନମିତା ମଣ୍ଡଳ, ମନୋରମା ନାଏକ, ତୁଳାରାମ ସୁନା ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ବିଦ୍ୟାଳୟର ସାମଗ୍ରିକ ବିକାଶ ନେଇ ଆଲୋଚନା ହୋଇଥିଲା । ଏଲଇପି ପୋଗ୍ରାମ, ଗାରିମା ଏଓାର୍ଡ, ମୋ ସ୍କୁଲ ଅଭିଜାନ, ଛାତ୍ରୀଛାତ୍ରଙ୍କ ଉପସ୍ଥାନ, ଶିକ୍ଷାଦାନ ବ୍ୟବସ୍ଥା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଅଭିଭାବକମାନେ ନିଜ ପିଲା କିଭଳି ବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି ତାହା ବୈଠକର ଆଲୋଚନା ପରିସରରେ ରହିଥିଲା। ଅନ୍ୟମାନଙ୍କ ମଧ୍ୟରେ ପରକ୍ଷିତ ବେହେରା, ବବିତାରାଣୀ ଭୋଇ, ଅମିତ ବାରିକଙ୍କ ସମେତ ଶତାଧିକ ଅଭିଭାବିକା ଅଭିଭାବକ ଉପସ୍ଥିତ ଥିଲେ । ସେହିପରି ବ୍ଲକର ଧଣ୍ଡାମୁଣ୍ଡା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ଅଭିଭାବକ ଶିକ୍ଷକ ବୈଠକ ସରସ୍ୱତୀ ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ମୁଖ୍ୟ ଅତିଥି ସମିତି ସଭ୍ୟ ଶୋଭନମୟ ମିଶ୍ର, ସିଆରସିସି ସୁବାଷ ନାଗ, ପ୍ରଧାନ ଶିକ୍ଷୟିତ୍ରୀ ଜୋସ୍ନାମୟୀ ପାଣିଗ୍ରାହୀ, ଚାରିକାନ୍ତ ପାଣିଗ୍ରାହୀ, ଗୋପୀନାଥ ସାହୁ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବିକା ଅଭିଭାବକ ଯୋଗଦେଇଥିଲେ ।

# କୋଶଲୀ ଭାଷାକୁ ସରକାରୀ ପ୍ରୋତ୍ସାହନ ମିଳୁନାହିଁ

**ବଲାଙ୍ଗୀର ଅଫିସ,୧୬।୧**



ବହିହାଟ ଅଷ୍ଟମ ସନ୍ଧ୍ୟାରେ ଭସା ବାଦଲର ଛାଇ ବହିକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି ।

**ବଲାଙ୍ଗୀର ବହିହାଟ ଅଷ୍ଟମ ସନ୍ଧ୍ୟା**

ଜିଲା ଲେଖକ ପରିଷଦ ପକ୍ଷରୁ ଆୟୋଜିତ ବଲାଙ୍ଗୀର ବହିହାଟର ଅଷ୍ଟମ ସନ୍ଧ୍ୟାରେ କୋଶଲୀ ସାହିତ୍ୟ ଆଲୋଚନା ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସରକାର କୋଶଲୀ ଭାଷାକୁ ପ୍ରୋତ୍ସାହନ ଯୋଗାଉ ନାହାନ୍ତି ଓ ଏହା ଫଳରେ କୋଶଲୀ ଭାଷାର ଯେତିକି ଉନ୍ନତି ସରକାରୀସ୍ତରରେ ହେବା କଥା ସେତିକି ଉନ୍ନତି ହୋଇପାରୁନାହିଁ ବୋଲି ବକ୍ତାମାନେ କହିଥିଲେ । ଜାଣିଶୁଣି କୋଶଲୀ ଭାଷାକୁ ଅବହେଳା ପ୍ରଦର୍ଶନ କରାଯାଉଛି ବୋଲି ଆଲୋଚକମାନେ ମତବ୍ୟକ୍ତ କରିଥିଲେ । ଦେବେନ୍ଦ୍ର କୁମାର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଆଲୋଚକଭାବେ କୋଶଲୀ ଭାଷା ଆନ୍ଦୋଳନର ରାମଭକ୍ତ ଫରିକାର, ଗବେଷକ ନିମାଇଁ ପାଣିଗ୍ରାହୀ, ସ୍ତମ୍ଭକାର ନାମଯଜ୍ଞ ମିଶ୍ର, ଗୀତିକାର ବ୍ରହ୍ମାନନ୍ଦ ବନ୍ଛୋର ଓ ତହିଁକ ପତ୍ରିକା ସମ୍ପାଦକ ରାଜେଶ ଦଣ୍ଡସେନା ମଞ୍ଚାସୀନ ହୋଇଥିଲେ। ଆଲୋଚକମାନେ କୋଶଲୀ ଭାଷାର ଉଚ୍ଚାଙ୍ଗ ସାହିତ୍ୟ ଓ ଜୀବନ ସଂସ୍କୃତି ଉପରେ ବକ୍ତବ୍ୟ ରଖି ଏହି ଭାଷା ଏକ ସ୍ୱତନ୍ତ୍ର ଭାଷା ବୋଲି କହିଥିଲେ । ସରକାର କୋଶଲୀ ଭାଷା ବିଷୟରେ ଅବଗତ ହୋଇ ମଧ ଏହି ଭାଷାକୁ ମାନ୍ୟତା ଦେବାରେ ବିଳମ୍ବ କରୁଥିବା ଓ ଘୋର ଅବହେଳା ପ୍ରଦର୍ଶନ କରୁଥିବା ବକ୍ତାମାନେ କହିଥିଲେ । ତେବେ କୌଣସି ଭାଷା ସାହିତ୍ୟକୁ ଅବହେଳା ପ୍ରଦର୍ଶନ କରି ନଷ୍ଟ କରାଯାଇପାରିବ ନାହିଁ ବୋଲି କହିଥିଲେ । କୋଶଲୀ ଭାଷା ସାହିତ୍ୟ ଉଚ୍ଚ କୋଟୀର ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । କୋଶଲୀ ଭାଷାକୁ ମାନ୍ୟତା ନେଇ ତୁରନ୍ତ ଏହି ଭାଷାର ଉନ୍ନତି ଦିଗରେ ସରକାର କାର୍ଯ୍ୟ କରିବାକୁ କହିଥିଲେ । ସଭା ପ୍ରାରମ୍ଭରେ ପରିଷଦ ଯୁଗ୍ମ ସମ୍ପାଦକ ଅରବିନ୍ଦ ବାଗ ସ୍ୱାଗତ ବକ୍ତବ୍ୟ ଦେଇଥିଲେ । ସଭାପତି ମଳୟ ମିଶ୍ର ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ସାହିତ୍ୟିକ ତଥା ଜିଲା ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କାଙ୍କ କ୍ଷୁଦ୍ରଗଳ୍ପ ସଙ୍କଳନ ଭସା ବାଦଲର ଛାଇ ଉନ୍ମୋଚିତ ହୋଇଥିଲା । ପ୍ରକାଶକ ଅଜିତ କୁମାର ମହାନ୍ତି ସଙ୍କଳନ ସମ୍ପର୍କରେ ଅଭିଭାଷଣ ଦେଇଥିଲେ। ଲେଖକ ଲେଙ୍କା ମଧ ତାଙ୍କ ସଙ୍କଳନ ସମ୍ପର୍କରେ ସୂଚନା ଦେଇଥିଲେ। ଶେଷରେ ହୃଷିକେଶ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ । ଅପରାହ୍ଣରେ କୋଶଲ କଳାମଣ୍ଡଳ ପୁରୁଣା ରଙ୍ଗମଞ୍ଚରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ସୁବଳ ମହାକୁର, ମନୋରଞ୍ଜନ ପଟେଲ, କୀର୍ତ୍ତିରଞ୍ଜନ ଗହୀର ଯୋଗଦାନ କରିଥିଲେ । କନିଷ୍ଠ ବର୍ଗରେ ରିୟାନ ମହାନ୍ତି ପ୍ରଥମ, ନୁପୂର ମିଶ୍ର ଦ୍ୱିତୀୟ, ଚର୍ଚ୍ଚିକା ମାହାର ଓ ପ୍ରିୟାଂଶୁ ରଥ ତତ୍ତତୀୟ ସ୍ଥାନ ଅଧିକାର କରିଥିଲେ । ବରିଷ୍ଠ ବର୍ଗରେ ଐସିସ୍ ପଣ୍ଡା ପ୍ରଥମ, ସ୍ମୃତିରେଖା ସରଭଙ୍ଗ ଦ୍ୱିତୀୟ ଓ ଆୟେସା ପୋଢ଼ ତୃତୀୟ ସ୍ଥାନ ଅଧିକାର କରିଥିଲେ । ପରେ ଓମ୍‌ଭେଲି ସ୍କୁଲ ଓ ଏମ୍‌ଏମ୍ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକମ ପରିବେଷଣ କରାଯାଇଥିଲା ।

## ଲରମ୍ବା କଲେଜର ୫୫ତମ ବାର୍ଷିକୋତ୍ସବ

**ଅତାବିରା, ୧୬।୧ (ଡି.ଏନ.ଏ)**

ଅତାବିରା ବ୍ଲକ ଲରମ୍ବା ମହାବିଦ୍ୟାଳୟର ୫୫ତମ ବାର୍ଷିକୋତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ବୁର୍ଲା ଭୀମସାର ଚକ୍ଷୁ ବିଭାଗର ଗୁଣସାଗର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ପଦ୍ମଲୋଚନ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ କଲେଜ ଅଧକ୍ଷ ଡ. ନରେନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ। ଉପାଧକ୍ଷ ପ୍ରଫେସର ରତନ କୁମାର ଶର୍ମା, ଉପସଭାପତି ଜୟ କୁମାରୀ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଚଳିତ ବର୍ଷ ଡ. ପ୍ରହ୍ଲାଦ ଶତପଥିଙ୍କୁ ବ୍ରଜମୋହନ ସମ୍ମାନ-୨୦୨୦ ଓ ୨୦୧୯ ମସିହା ପାଇଁ ଡ. ପ୍ରଫୁଲ୍ଲ କୁମାର ତ୍ରିପାଠୀଙ୍କୁ ମାନପତ୍ର ସହ ନଗଦ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଡ. ପ୍ରଫୁଲ୍ଲ ତ୍ରିପାଠୀ ଡେରାଡୁନରେ ଥିବାରୁ ତାଙ୍କ ପୁତୁରା ସାଧୁରାମ ତ୍ରିପାଠୀ ଏହାକୁ ଗ୍ରହଣ କରିଥିଲେ। ଉତ୍ସବରେ ପ୍ରଫେସର ଶର୍ମା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଅଧାପିକା ଜୟ କୁମାରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶା ଫେରିବ ବିଜୁବାବୁଙ୍କ ଡାକୋଟା ବିମାନ

## ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟକୁ ଚିଠି ଲେଖିବେ ସରକାର

**ଭୁବନେଶ୍ୱର,୧୬।୧(ବ୍ୟୁରୋ)**



ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଅତି ପ୍ରିୟ ସାଥୀ ଡାକୋଟା ବିମାନ ଓଡ଼ିଶା ଫେରିବ। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଏନେଇ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟକୁ ଚିଠି ଲେଖାଯିବ ବୋଲି ରାଜ୍ୟ ପରିବହନ ବିଭାଗ ସ୍ୱତନ୍ତ୍ର ସଚିବ ମନୋଜ ମିଶ୍ର ଗୁରୁବାର ସୂଚନା ଦେଇଛନ୍ତି। ବିଜୁବାବୁଙ୍କ କଳିଙ୍ଗ ଏୟାରଲାଇନ୍ସର ଡାକୋଟା ବିମାନ ଏବେ ପଶ୍ଚିମବଙ୍ଗର ନେତାଜୀ ବିମାନବନ୍ଦରରେ ଜରାଜୀର୍ଣ୍ଣ ଅବସ୍ଥାରେ ଡମ୍ପିଂୟାର୍ଡରେ ପଡ଼ିରହିଛି। ଏହାକୁ ଓଡ଼ିଶା ଫେରାଇ ଆଣିବା ସକାଶେ ଲୋକସେବା ଭବନଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଡାକୋଟା ଫେରାଇ ଆଣିବା ନେଇ ଏକ ପ୍ରସ୍ତାବକୁ ଅନୁମୋଦନ ମିଳିଥିବା ମନୋଜ ମିଶ୍ର କହିଛନ୍ତି। ଓଡ଼ିଶାକୁ ଡାକୋଟା ବିମାନ ଆସିବା ପରେ କେଉଁଠି ରହିବ, ସେନେଇ ନିଷ୍ପତ୍ତି ନିଆଯିବ ବୋଲି ପରିବହନ ସଚିବ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ୧୯୪୭ ମସିହାରେ ପାକିସ୍ତାନୀ ଶତ୍ରୁବଳୟ ଭିତରେ ପଶି ଶ୍ରୀନଗରରେ ଭାରତୀୟ ସେନାକୁ ଏୟାରଲିଫ୍ଟ କରିବା ହେଉ ବା ସେନା ପାଇଁ ଗୋଳାବାରୁଦ ଓ ଔଷଧ ପରିବହନ ସହ ଇଣ୍ଡୋନେସିଆ ପ୍ରଧାନମନ୍ତ୍ରୀଙ୍କୁ ଡଚ୍‌ଙ୍କ କବଳରୁ ଉଦ୍ଧାର ଏହି ସମସ୍ତ ଦୁଃସାହସିକ ଅଭିଯାନରେ ବିଜୁବାବୁଙ୍କ ସାଥୀ ଥିଲା ଡାକୋଟା ବିମାନ। ଏହା ପଶ୍ଚିମବଙ୍ଗ ବିମାନବନ୍ଦରରେ ଦୟନୀୟ ଅବସ୍ଥାରେ ପଡ଼ିଥିବାବେଳେ ଏହାକୁ ଫେରାଇ ଆଣିବାକୁ ଏୟାରପୋର୍ଟ ଅଥରିଟି ଅଫ ଇଣ୍ଡିଆର ଅଧକ୍ଷଙ୍କୁ ପୂର୍ବରୁ ରାଜ୍ୟ ସରକାର ଚିଠି ଲେଖି ସାରିଛନ୍ତି। ସେହି ସମୟରେ ଡାକୋଟା ବିମାନକୁ ଓଡ଼ିଶା ଅଣାଯାଇ ତାକୁ ସ୍ମାରକୀରେ ପରିଣତ କରିବାକୁ ଯୋଜନା କରାଯାଇଥିଲା। ମାତ୍ର କେଉଁଠାରେ ଏହା ରଖାଯିବ, ସେନେଇ କିଛି ସ୍ଥିର ହୋଇ ନ ଥିଲା। ଏହା ବିଜୁବାବୁଙ୍କ ଜନ୍ମସ୍ଥାନ କଟକ ଆନନ୍ଦ ଭବନରେ ରଖିବାକୁ ଯୋଜନା ହେଉଥିବା ବେଳେ ସେଠାରେ ଏହାକୁ ରଖିବା ଭଳି ବଡ଼ ସ୍ଥାନ ନ ଥିବାରୁ ବିଜୁ ପଟ୍ଟନାୟକ ବିମାନବନ୍ଦରରେ ରଖିବା ନେଇ ଚିନ୍ତା କରାଯାଉଥିଲା।

## କ୍ରିକେଟ: ସେମିରେ ସୁର୍ଣ୍ଣା ଦଳ

**ଭେଡେନ, ୧୬।୧(ଡି.ଏନ.ଏ)**

ଭେଡେନ ବ୍ଲକ ଦେଙ୍କୁଲବା ଖେଳ ପଡ଼ିଆରେ ଚାଲିଥିବା ବସନ୍ତ ଛୁରିଆ ମେମୋରିଆଲ କ୍ରିକେଟ ପ୍ରତିଯୋଗିତାର ତୃତୀୟ ଦିବସରେ ଗୁରୁବାର ସୁର୍ଣ୍ଣା ଦଳ ସେମିଫାଇନାଲକୁ ପ୍ରବେଶ କରିଛି। ଅପରାହ୍ନରେ ହୋଇଥିବା କ୍ୱାର୍ଟର ଫାଇନାଲରେ ଏହି ଦଳ ଅରେଇଗୁଡ଼ି ଏକାଦଶକୁ ୮ ଉଇକେଟରେ ପରାସ୍ତ କରି ଏହି ସଫଳତା ହାସଲ କରିଛି। ପ୍ରଥମେ ବ୍ୟାଟିଂ କରି ଅରେଇଗୁଡ଼ି ଦଳ ୮ ଓଭରରେ ୯ ଉଇକେଟ ହରାଇ ୪୮ ରନ କରିଥିଲା। ଜବାବରେ ସୁର୍ଣ୍ଣା ଦଳ ୩.୫ ଓଭରରେ ୨ ଉଇକେଟ ହରାଇ ୫୦ ରନ କରିବା ସହ ସେମିଫାଇନାଲକୁ ପ୍ରବେଶ କରିଛି। ଏହା ପୂର୍ବରୁ ପ୍ରଥମ ମ୍ୟାଚରେ ଅରେଇଗୁଡ଼ି ଦଳ ବକଟିଙ୍କୁ ୯ ରନରେ ଏବଂ ସୁର୍ଣ୍ଣା ଦଳ ମାନପୁର ଏକାଦଶକୁ ୭ ଉଇକେଟରେ ପରାସ୍ତ କରି କ୍ୱାର୍ଟର ଫାଇନାଲକୁ ପ୍ରବେଶ କରିଥିଲା। ଖେଳକୁ ରିଙ୍କୁ ମହାକୁର ଓ ବିକାଶ ଭୁଏ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଚିତ୍ତରଞ୍ଜନ ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ।

### ବେପରୁଆ ଫାଟକ ପରିଚାଳନା

# ଦୁର୍ଘଟଣାରୁ ବର୍ତ୍ତିଲେ ଯୁବକ, ସାଧାରଣରେ ଅସନ୍ତୋଷ

**ଲୋଇସିଂହା,୧୬।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବସ୍ତିରୋଡ ରେଳ ଫାଟକ ବେପରୁଆଭାବେ ପରିଚାଳନା କରାଯାଇଛି। ଗୁରୁବାର ଅପରାହ୍ନରେ ଫାଟକ ଗେଟ ଖୋଲାଥିବାବେଳେ ଏକ ଟ୍ରେନ ମରାମତି ଗାଡି ଫାଟକ ପାର ହୋଇଥିଲା। ଏତିକି ବେଳ ଲୋଇସିଂହା ବସ୍ତିର ଜଣେ ଯୁବକ ଫାଟକ ପାର ହେଲା ବେଳେ ଗାଡିର ମୁହାଁମୁହିଁ ହୋଇ ବଡ ବିପଦରୁ ବର୍ତ୍ତି ଯାଇଛନ୍ତି। ଅଭିଯୋଗ ମତେ, ଲୋଇସିଂହା ବସ୍‌ଷ୍ଟାଣ୍ଡରେ ବ୍ୟବସାୟ କରୁଥିବା ବସ୍ତିର ଆକାଶ ଅଗ୍ରୱାଲ ଦୋକାନ ବନ୍ଦ କରି ଘରକୁ ଖାଇବାକୁ ଯାଉଥିଲେ । ଅପରାହ୍ନ ପ୍ରାୟ ୧ଟା ୪୫ରେ ବସ୍ତି ଫାଟକ ତଥା ଗେଟ ନଂ ଜେଟି ୮୩ ଖୋଲା ରହିଥିଲା । ଏଣୁ ସେ ନିଜ ବାଇକରେ ଫାଟକ ପାର ହେବାକୁ ଉଦ୍ୟମ କରିଥିଲେ । ଏତିକିବେଳେ ସମ୍ବଲପୁର ପଟରୁ ରେଳଗାଡି ମରାମତି ଗାଡି ମାଡି ଆସିଥିଲା । କୌଣସିମତେ ଫାଟକ ସେ ପାର ହୋଇଯାଇଥିଲେ। ଇଣ୍ଟରଲକିଂ ବ୍ୟବସ୍ଥା ଥିବା ସତ୍ତ୍ୱେ କାହିଁକି ଫାଟକ ଖୋଲଥିଲା ବୋଲି ଗେଟ କର୍ମଚାରୀ ନଳିନୀ ମାଝିଙ୍କୁ ପଚାରି ବୁଝିଥିଲେ । ସମ୍ପୃକ୍ତ ଗାଡି ଆସୁଥିବା ସମ୍ପର୍କରେ ଷ୍ଟେଶନରୁ କୌଣସି ସୂଚନା ଦିଆଯାଇ ନ ଥିବା ଗେଟ କର୍ମଚାରୀ କହିଥିଲେ । ଏହାପରେ ସମ୍ପୃକ୍ତ ଯୁବକ ଓ ଅନ୍ୟ କେତେକ ବ୍ୟକ୍ତ ଷ୍ଟେଶନକୁ ଯାଇ ବେପରୁଆ ଫାଟକ ପରିଚାଳନା ନେଇ ଅଭିଯୋଗ କରିଥିଲେ । ହେଲେ ଷ୍ଟେଶନମାଷ୍ଟର ନିକୁଞ୍ଜ ବିହାରୀ ବେରୁଆ ଓଲଟି ଦେଖିକି ଫାଟକ ପାରି ହେବାକୁ କହିଥିଲେ । ଗାଡି ଚଳାଚଳ ସମୟରେ ଫାଟକ ଖୋଲା ରହୁଥିବା କହିଥିଲେ ମଧ୍ୟ ସେ ତାହା ଶୁଣିବାକୁ ପ୍ରସ୍ତୁତ ନ ଥିଲେ। ଯୁବକ ଜଣକ ଅଭିଯୋଗ ଲେଖିବାକୁ କହିବାରୁ ତାଙ୍କୁ ସଂପୃକ୍ତ ଫାଟକକୁ ଯାଇ ଲେଖିବାକୁ କହିଥିଲେ । ଯାତ୍ରୀ ଓ ଜନସାଧାରଣଙ୍କ ସୁରକ୍ଷା ପାଇଁ ରେଳ ବିଭାଗ ଯତ୍ନବାନ ଥିବା କହୁଥିବାବେଳେ ଏପରି ମନ୍ତବ୍ୟ ସାଧାରଣରେ ପ୍ରତିକ୍ରିୟା ସୃଷ୍ଟି କରିଛି।

# ଜାମିନ ପାଇଁ ପୁଣି ହାଇକୋର୍ଟରେ ପୁଞ୍ଜିଲାଲ

**କଟକ ଅଫିସ,୧୬।୧**

ବଲାଙ୍ଗୀର ଜିଲା ପାଟଣାଗଡ ପାର୍ସଲ ବୋମା ବିସ୍ଫୋରଣ ଘଟଣାରେ ଗିରଫ ହୋଇ ଜେଲ୍ ଯାଇଥିବା ମୁଖ୍ୟ ଅଭିଯୁକ୍ତ ଅଧାପକ ପୁଞ୍ଜିଲାଲ ମେହେର ଜାମିନ ପାଇଁ ପୁଣି ଥରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହାପୂର୍ବରୁ ପୁଞ୍ଜିଲାଲ ମା'ଙ୍କୁ ମୁଖାଗ୍ନି ଦେବା ନିମନ୍ତେ ଗୋଟିଏ ଦିନ ଜାମିନରେ ଯାଇଥିଲେ। ମୁଖାଗ୍ନି ଦେଇ ଜେଲ୍‌କୁ ଫେରିବା ପରେ ସେ ନିୟମିତ ଜାମିନ ଆବେଦନ କରିଥିଲେ। ଫଳରେ ତାଙ୍କ ଓକିଲ ଏ ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପୂର୍ବରୁ ହାଇକୋର୍ଟ ମଧ ତାଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ। ସୂଚନାଥାଉ କି, ଏହି ସମ୍ବେଦନଶୀଳ ଘଟଣା ୨୦୧୮ ଫେବୃୟାରୀ ୨୩ ତାରିଖରେ ଘଟିଥିଲା। ପାଟଣାଗଡ଼ ଅଞ୍ଚଳର ନବବିବାହିତ ସୌମ୍ୟଶେଖର ସାହୁଙ୍କ ପାଖକୁ ଏକ ପାର୍ସଲ ଆସିଥିଲା। ଏହି ପାର୍ସଲ ଖୋଲିବା ମାତ୍ରେ ତାହା ବିସ୍ଫୋରଣ ହୋଇଥିଲା। ଏଥିରେ ସୌମ୍ୟ ଓ ତାଙ୍କ ଜେଜେମା' ଜେମାମଣିଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ସୌମ୍ୟଙ୍କ ସ୍ତ୍ରୀ ରିମା ଗୁରୁତର ହୋଇଥିଲେ। ଉକ୍ତ ଘଟଣାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ୨୦୧୮ ଏପ୍ରିଲ ୨୫ରେ ପୁଞ୍ଜିଲାଲଙ୍କୁ ଗିରଫ କରାଯାଇଥିଲା।

# କ୍ରୀଡ଼ା ଛାତ୍ର ଜୀବନର ଅବିଚ୍ଛେଦ୍ୟ ଅଙ୍ଗ

**ସୋନପୁର,୧୬।୧(ନି.ପ୍ର.)**

ସୋନପୁର ବ୍ଲକର ପିପିଲିପାଲି ଓଡିଶା ଆଦର୍ଶ ବିଦ୍ୟାଳୟ(ଓଏଭି)ର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଦୁଇଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟର ଅଧକ୍ଷ ଅରୁଣ ମହାକୁଡ ଅଧକ୍ଷତା କରିଥିଲେ। ସଭାରେ ସୁବର୍ଣ୍ଣପୁର ଜିଲା କ୍ରୀଡା ଅଧିକାରୀ ଶରତ ଚନ୍ଦ୍ର ନନ୍ଦ ମୁଖ୍ୟ ଅତିଥିଭାବେ ଯୋଗଦେଇ କ୍ରୀଡା ଛାତ୍ର ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ବୋଲି କହିଥିଲେ। ତରଭା ଏଇଏସ କଲେଜର ପ୍ରାକ୍ତନ ଅଧକ୍ଷ ଶମ୍ଭୁଭୂଷଣ ପଣ୍ଡା ମୁଖ୍ୟବକ୍ତା ଓ ଜିଲା କ୍ରୀଡା ନିରୀକ୍ଷକ ଦୁର୍ଯ୍ୟୋଧନ ରାଉତ ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ କ୍ରୀଡାର



ଅତିଥିଙ୍କ ଗହଣରେ ଚାମ୍ପିୟନ ଛାତ୍ରୀଛାତ୍ର ।

ମହତ୍ତ୍ୱ ସମ୍ପର୍କରେ ବୁଝାଇଥିଲେ। ଏହି ଅବସରରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ୧୦୦ମିଟର, ୨୦୦ମିଟର, ୪୦୦ମିଟର ଦୌଡ, ରିଲେ ରେସ, ଲମ୍ଫଡିଆଁ, ସଟ୍ ପୁଟ, ଡିସକସ ଥ୍ରୋ ଓ ମ୍ୟୁଜିକ୍ ଚେୟାର ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କ୍ରୀଡା ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା ଶିକ୍ଷକମାନଙ୍କର ସ୍ଲୋ ସାଇକେଲ ରେସ। ଏହି ପ୍ରତିଯୋଗିତାରେ ଚାମ୍ପିୟନ ହୋଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜୁନିୟର ବାଳିକା ବିଭାଗରେ ସୌମ୍ୟାଶ୍ରୀ ଷାଣ୍ଡ, ଜୁନିୟର ବାଳକ ବିଭାଗର ଦୀପକ ପାଣ୍ଡେ, ସିନିଅର ବାଳିକା ବିଭାଗରେ ପ୍ରତିମା ସାହୁ ଓ ବାଳକ ବିଭାଗରେ କୃପାସିନ୍ଧୁ ସୁନା ମୁଖ୍ୟ ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଏହି କ୍ରୀଡା ଉତ୍ସବରେ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଫିଲୁ ଦଳାଇଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଶିକ୍ଷକ ବିଷ୍ଣୁ ପ୍ରସାଦ ଜେନା, ସଂଗ୍ରାମ କେଶରୀ ବାଗ, ଦେବାଶିଷ ବାଗ, ଭଗବାନ ମହାନନ୍ଦ, ଭୋଜରାଜ ମେହେର, ସମ୍ୟରଞ୍ଜନ ନାୟକ, ଗଣେଷ ପ୍ରସାଦ ସିଂ, ଶିକ୍ଷୟିତ୍ରୀ ମନସୀ ଲେଙ୍କା, ଦିପ୍ତିପର୍ଣ୍ଣା, ଉଷାରାଣୀ ସାହୁ, ଦିପ୍ତିମୟୀ ପ୍ରଧାନ, ରାଜକାନ୍ତୀ ନାଗ, ମୋନାଲିସା ପ୍ରଧାନ ଓ ଶୁଭପ୍ରିୟା ନାୟକ ପ୍ରମୁଖ ସହଯୋଗ କରିଥିଲେ। ଅଭିଶେକ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଫଟୋରେ ଖବର









ବଲାଙ୍ଗୀର ଘରୋଇ ବସ୍ ମାଲିକ ସଂଘ ଓ ପରିବହନ ବିଭାଗ ପକ୍ଷରୁ ସଡକ ସୁରକ୍ଷା ସପ୍ତାହ ପାଳନ ଅବସରରେ ଅନୁଷ୍ଠିତ ରକ୍ତଦାନ ଶିବିର (ବାମ) । ବଲାଙ୍ଗୀର ବାଏପାସ୍, ଲୋୟର ସୁକ୍‌ତେଲ ଓ ହାଇକୋର୍ଟ ବେଞ୍ଚ ପୁନଃ ସ୍ଥାପନ ଦାବିନେଇ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଆହ୍ୱାନ କମିଟି ନେତୃତ୍ୱରେ ଧାରଣା ଦିଆଯାଇଛି । ବଲାଙ୍ଗୀର ବନବିଭାଗ ତରଫରୁ ଆଠଗାଁ ଉପରଝର ରାସ୍ତାରେ ଚଢ଼ାଉ ପରେ ଜବତ ହୋଇଥିବା ରେଙ୍ଗାଲ(ଶାଳ)କାଠ ବୋଝେଇ ଟାଟା ଏସିଇ(ସିଜି-୦୪-ଜେଏ-୭୬୬୧)। ଡ୍ରାଇଭର ଫେରାର ହୋଇଛନ୍ତି। (ଫଟୋ : ସୁନୀଲ)



"ଦୁର୍ବଳ ଲୋକ ପ୍ରତିଶୋଧ ନିଅନ୍ତି, ଦୃଢ଼ମନା ଲୋକ କ୍ଷମା କରିଦିଅନ୍ତି ଏବଂ ବୁଦ୍ଧିମାନ ବ୍ୟକ୍ତି ଅଣଦେଖା କରିଦିଅନ୍ତି।
- ଗୌତମ ବୁଦ୍ଧ



## ସଂକ୍ଷେପରେ



### ମ. ରାମପୁର ପୋଲିସ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ

**ମ,ରାମପୁର,୧୬।୧(ଡି.ଏନ.ଏ.):** କଳାହାଣ୍ଡି ଜିଲା ମ.ରାମପୁର ପୋଲିସ ପକ୍ଷରୁ ମ.ରାମପୁର ସହରଠାରେ ସଡ଼କ ସୁରକ୍ଷା ସପ୍ତାହ କାର୍ଯ୍ୟକ୍ରମରେ ସଚେତନତା ଶୋଭାଯାତ୍ରା କରାଯାଇଛି। ପୋଲିସ ପକ୍ଷରୁ ସ୍ଥାନୀୟ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କୁ ନେଇ ସଡକ ସୁରକ୍ଷା ନେଇ କଲେଜଛକଠାରୁ ପ୍ଲାକାର୍ଡ ଓ ବ୍ୟାନର ଧରି ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମ କରି ଚାରିଛକ ପର୍ଯ୍ୟନ୍ତ ଯାଇ ପ୍ରତ୍ୟାବର୍ତ୍ତନ କରିଥିଲେ। ଛାତ୍ରୀଛାତ୍ରମାନେ ସଡକ ଆଇନ ବିଷୟ ଏକ ସ୍ଲୋଗାନ ସହିତ ଲୋକମାନଙ୍କୁ ସଚେତନ କରାଇଥିଲେ। ମ.ରାମପୁର ଥାନା ଆଇଆଇସି ଗୋବିନ୍ଦ ଚନ୍ଦ୍ର ମାଝିଙ୍କ ନେତୃତ୍ୱରେ ମହିଳା ଏସଆଇ ବନିତା ଟପ୍ପୋ, ଏସଆଇ ଦାସିଆ ସେଠ, ଏଏସଆଇ କ୍ଷିରସିନ୍ଧୁ ମାଝି ଓ ଏଏସଆଇ ଜୟଚନ୍ଦ୍ର ଆଚାର୍ଯ୍ୟ ପ୍ରମୁଖଙ୍କ ସହଯୋଗରେ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ରାଜ୍ୟ ସରକାରଙ୍କ ଦ୍ୱାରା ଆହୁତ ସଡକ ସୁରକ୍ଷା ସପ୍ତାହ ପାଳନ ଅବସରରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା।

### ଦାଦନ କୁଶଧର ସତନାମୀଙ୍କ ମୃତଦେହ ଗାଁରେ ପହଞ୍ଚିଲା

**କୋକସରା,୧୬।୧(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରା ଗ୍ରାମ ସତନାମୀପଡାର କୁଶଧର ସତନାମୀ (୩୫)ଙ୍କ ଗତ ମଙ୍ଗଳବାର ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଜିଲା ଅଛିତାପୁରମଠାରେ ମୃତ୍ୟୁ ଘଟିଛି। ଗୁରୁବାର ତାଙ୍କ ମୃତଦେହ ନିଜ ଗାଁରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। କୋକସରା ବ୍ଲକ ଟେମରା ଗ୍ରାମ ସତନାମୀପଡାର ଦାଦନ କୁଶଧର ଆନ୍ଧ୍ରପ୍ରଦେଶ ବିଶାଖାପାଟଣା ଜିଲା ଅଛିତାପୁରମଠାରେ ଥିବା ଏକ ଠିକା ସଂସ୍ଥାରେ ମିସ୍ତ୍ରୀ ଭାବେ କାମ କରୁଥିଲେ। ଗତ ମଙ୍ଗଳବାର ୨୦୦ ଫୁଟ ଉଚ୍ଚ ଟାୱାରରେ ଚଢ଼ି ସାଥୀ ଶ୍ରମିକମାନଙ୍କ ସହ କାର୍ଯ୍ୟ କରୁଥିବା ବେଳେ ପଡି ମୃତ୍ୟୁବରଣ କରିଛନ୍ତି। ତାଙ୍କ ସହ ବିହାର ରାଜ୍ୟର ଅନ୍ୟ ଜଣେ ଶ୍ରମିକ ମଧ ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା ଜଣାପଡିଛି। କୁଶଧର ଗତ ୨ ବର୍ଷ ହେବ ସେଠାରେ ଥିବା ଏକ ଠିକା ସଂସ୍ଥାରେ ଶ୍ରମିକ ଭାବେ କାମ କରି ପରିବାର ପ୍ରତିପୋଷଣ କରି ଆସୁଥିଲେ। ରୋଜଗାରକ୍ଷମ ବ୍ୟକ୍ତିଙ୍କ ହରାଇ ପରିବାର ଲୋକେ ଭାଙ୍ଗି ପଡିଛନ୍ତି। ତାଙ୍କର ସ୍ତ୍ରୀ ଓ ଗୋଟିଏ ପୁଅ ଅଛନ୍ତି। ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଜିଲାର କଳା, ସଂସ୍କୃତି, ପରମ୍ପରା ଅତି ପ୍ରାଚୀନ



କଳାହାଣ୍ଡି ଉତ୍ସବର ୩ୟ ସନ୍ଧ୍ୟା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ ।

**କଳାହାଣ୍ଡି ଉତ୍ସବ ଘୁମୁରାର ତୃତୀୟ ସନ୍ଧ୍ୟା**

**ଭବାନୀପାଟଣା, ୧୬।୧ (ଡି.ଏନ.ଏ.)**

କଳାହାଣ୍ଡିର ସଂସ୍କୃତି ଓ ଐତିହ୍ୟ ବିଶ୍ୱରେ ବିରଳ । ଆମର ସଭ୍ୟତାକୁ ଦେଖିଲେ ଅନ୍ୟ କୌଣସି ସଭ୍ୟତା ତା ପାଖରେ ତୁଚ୍ଛ ମନେ ହୁଏ । କଳାହାଣ୍ଡି କଳା, ସଂସ୍କୃତି, ପରମ୍ପରା ଅତି ପ୍ରଚିନ, କଳାହାଣ୍ଡିର ବିରବାଦ୍ୟ ଘୁମୁରା, ବଜାସାଲ ନୃତ୍ୟ ଆଜି କଳାହାଣ୍ଡିର ନାମକୁ ବିଶ୍ୱରେ ପରିଚିତ କରାଇପାରିଛି । କଳାହାଣ୍ଡି ଜିଲା ସଂସ୍କୃତି ପରିଷଦ ପକ୍ଷରୁ ଚାଲିଥିବା ୨୪ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୦ର ଗୁରୁବାର ତୃତୀୟ ସନ୍ଧ୍ୟାରେ ପ୍ରବଳ ଶୀତ ସାଙ୍ଗକୁ ଜନଗହଳି ମଧ୍ୟରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ଯୋଗଦେଇ ଅତିଥିମାନେ ଏହା କରିଛନ୍ତି। ପାରମ୍ପରିକ କଳା କୌଶଳକୁ ଆଗାମୀ ଦିନ ପାଇଁ ସାଇତି ରଖିବା ଏକ ପ୍ରୟାସ ଏହି ଉତ୍ସବ । ଏହା ସହିତ ଜୀବନ ଶୈଳୀ ଓ ତାର ସଫଳତା ସୃଷ୍ଟି ପ୍ରତି ଆଗାମୀ ପିଢ଼ିଲାଗି ଏକ ଉଜ୍ୱଳ ସମ୍ଭାବନାର ବାର୍ତ୍ତାବହ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ ବୋଲି ଅତିଥିମାନେ କହିଥିଲେ। ଉତ୍ସବର ଗୁରୁବାର ତୃତୀୟ ସନ୍ଧ୍ୟାରେ ବିଭିନ୍ନ ଲୋକ ନୃତ୍ୟରେ ଉପସ୍ଥିତ ଦର୍ଶକଙ୍କ ଏକ ମନମୋହି ନେଇଥିଲା। ତୃତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ନର୍ଲା ବିଧାୟକ ଭୂପେନ୍ଦ୍ର ସିଂହ, ଭବାନୀପାଟଣା ପଞ୍ଚାୟତ ସମିତି ଅଧକ୍ଷା ସନ୍ତୋଷିନୀ ଦାସ, କର୍ଲାମୁଣ୍ଡା ପଞ୍ଚାୟତ ସମିତି ଅଧକ୍ଷା ମଞ୍ଜୁଲା ସାହୁ, ଗୋଲାମୁଣ୍ଡା ପଞ୍ଚାୟତ ସମିତି ଅଧକ୍ଷ ତୁଳେଶ୍ୱର ନାଏକ, ଲାଞ୍ଜିଗଡ ପଞ୍ଚାୟତ ସମିତି ଅଧକ୍ଷ ଫକୀର ମାଝି, ଥୁ.ରାମପୁର ପଞ୍ଚାୟତ ସମିତି ଅଧକ୍ଷା ଶାନ୍ତି ମାଝି, ନର୍ଲା ପଞ୍ଚାୟତ ସମିତି ଅଧକ୍ଷା ମନୋରମା ମହାନ୍ତି, କର୍ଲାମୁଣ୍ଡା ପଞ୍ଚାୟତ ସମିତି ଅଧକ୍ଷା ଅମ୍ରିତା ସାହୁ, କୋକସରା ପଞ୍ଚାୟତ ସମିତି ଅଧକ୍ଷା ସଭ୍ୟାରାଣୀ ବାଗ, ଧର୍ମଗଡ ପଞ୍ଚାୟତ ସମିତି ଅଧକ୍ଷ ବଳରାମ ପୂଝାରୀ, କେସିଙ୍ଗା ପଞ୍ଚାୟତ ସମିତି ଅଧକ୍ଷା ସୁକାନ୍ତି ବେହେରା ଓ ଧର୍ମଗଡ ଏନ୍ଏସି ଅଧକ୍ଷା ସୁଶ୍ରୀ ହିରା ବାଗ ପ୍ରମୁଖ ଯୋଗଦେଇଥିଲେ ।

ତୃତୀୟ ସନ୍ଧ୍ୟାର ରେଣ୍ଡୋ ମାଝି ମଞ୍ଚରେ ସୁରସଙ୍ଗୀତ କଳାକାରଙ୍କ ପ୍ରାରମ୍ଭିକ ସଙ୍ଗୀତ ପରେ ସର୍ବେଶ୍ୱର ଭୋଇ ଓ ନିଳାଞ୍ଚଳ ପାନଙ୍କ ଦ୍ୱାରା ଲୋକନୃତ୍ୟ, ଓଡିଶା ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ଓଡିଶୀ ନୃତ୍ୟ, ବଲାଙ୍ଗୀର ଢୋଲମହୁରୀ, ଝାଡଖଣ୍ଡର ଝୁମର, ଭବାନୀପାଟଣା ନୃତ୍ୟାଙ୍ଗନା ବିଶ୍ୱଜିତ୍ ମହାପାତ୍ର ଓ ସାଥିଙ୍କ ଦ୍ୱାରା ସଙ୍ଗୀତ ବିଚିତ୍ରା, ସାଂସ୍କୃତି ବିଭାଗ ଓଡିଶା ସରକାରଙ୍କ ଦ୍ୱାରା ପୁରୀର ଗୋଟିପୁଅ, ସୁହାଗପୁର ମା' ଡୋକରୀ ଅନୁଷ୍ଠାନର ବଜାସାଲ, ମୟୁରଭଞ୍ଜର ଛଉ, ଭଙ୍ଗାବାରୀ କଳିଙ୍ଗ ସାଂସ୍କୃତିକ ଅନୁଷ୍ଠାନର ନୃତ୍ୟ ଓ କୋରାପୁଟର ଢେମସା ନୃତ୍ୟ ପରିବେଶଣ କରାଯାଇଥିଲା। ପାରବା ମଞ୍ଚରେ ଡିପିଏସ ପବ୍ଲିକ ସ୍କୁଲ, ଜେକେ ସ୍କୁଲ ଅଫ୍ ଡ୍ୟାନ୍ସ, ଦିବ୍ୟଜ୍ୟୋତି ପବ୍ଲିକ ସ୍କୁଲ, କେସିଙ୍ଗାର ୟଙ୍ଗବ୍ଲଡ ପବ୍ଲିକ ସ୍କୁଲ, ଭବାନୀପାଟଣାର ମୃଣ୍ମୟୀ ଡ୍ୟାନ୍ସ, ଲାଞ୍ଜିଗଡ ହାଏରସେକେଣ୍ଡେରି ସ୍କୁଲ, ମଧୁପୁର ବାଳିକା ବିଦ୍ୟାଳୟ, ବିକାଶ, ଲିଟିଲ ଷ୍ଟେପ ଡ୍ୟାନ୍ସ ଗୃପ, ସୁଶାନ୍ତ ଡ୍ୟାନ୍ସ ସ୍କୁଲ, ଏକାଡେମିକ୍ ସ୍କୁଲ, ଡିଜେ ଡ୍ୟାନ୍ସ ଗ୍ରୁପ, ଘୁମୁରା, ନୃତ୍ୟ କଳା ଅନୁଷ୍ଠାନ, ଦେଦରର ହେପି ଚିଲରେନ ଡ୍ୟାନ୍ସ ଗ୍ରୁପ, ତନ୍ମୟ ଡ୍ୟାନ୍ସଗ୍ରୁପର କଳାକାରମାନଙ୍କ ନୃତ୍ୟ ଓ ଗୀତ ଲୋକଙ୍କ ମନମୋହି ନେଇଥିଲା। ଏହା ସହିତ ଅନ୍ୟ ଜିଲାରୁ ଆସିଥିବା ଲୋକନୃତ୍ୟ ଓ ବାଦ୍ୟର ତାଳେ ତାଳେ ଦର୍ଶକମାନେ ଶୀତକୁ ଭୁକ୍ଷେପ ନକରି ମଝିରେ ମଝିରେ ନୃତ୍ୟ କରି ଉଠୁଥିଲେ।

# ମହିଳା ସବ୍‌କମିଟି ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଉଦ୍‌ଯାପିତ

**ଭବାନୀପାଟଣା,୧୬।୧(ଡି.ଏନ.ଏ.)**

କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୦ର ଗୁରୁବାର ତୃତୀୟ ଦିବସରେ ମହିଳା ସବକମିଟି ପକ୍ଷରୁ ମହିଳାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲାପାଳଙ୍କ ସହଧର୍ମିଣୀ ତଥା ଚକ୍ଷୁ ବିଶେଷଜ୍ଞ ପ୍ରିୟଙ୍କା ଗାଭାଲି, ସମ୍ମାନିତ ଅତିଥି ଭାବେ ଚକ୍ଷୁ ବିଶେଷଜ୍ଞ ଡ. ନିବେଦୀତା ସାହୁ ଓ ଭବାନୀପାଟଣା ପଞ୍ଚାୟତ ସମିତି ଅଧକ୍ଷା ସନ୍ତୋଷୀନୀ ଦାସ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ କମିଟି ଅଧକ୍ଷା ଜ୍ୟୋତିରାଣୀ ଦାସ ଅଧକ୍ଷତା କରିଥିଲେ। ଉପାଧକ୍ଷା ସଂଘମିତ୍ରା କାନୁନଗୋ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆବାହିକା ଯାଜ୍ଞସିନି ବେହେରା, ପ୍ରିତି ଦାସ, ଜୟଶ୍ରୀ ଦାସ, ମିନତୀ ପ୍ରଧାନ, ପୁଷ୍ପା କାନୁନଗୋ ଓ ସୁକାନ୍ତି ସରାପ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏକକ ଅଭିନୟରେ ନିବେଦୀତା ମହାନ୍ତୀ ପ୍ରଥମ, ମୀନତୀ କୁମାରୀ ପ୍ରଧାନ ଦ୍ୱିତୀୟ, ରିନା ୱାଲିଆ ତୃତୀୟ ସ୍ଥାନ ଅଧିକାର କରିଥିଲେ। ରଙ୍ଗୋଲି ପ୍ରତିଯୋଗିତାରେ ରିଙ୍କି ମେହେର ପ୍ରଥମ, ଆନନ୍ଦିନୀ ରାଉ ଦ୍ୱିତୀୟ ଓ ନମୀତା ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ବେଲୁନ ଫୁଙ୍କା ପ୍ରତିଯୋଗିତାରେ ଗୀତା ସାହାଣି ପ୍ରଥମ, ଏକାଦଶୀ ମହାନନ୍ଦ ଦ୍ୱିତୀୟ ଓ ଦିବ୍ୟଶ୍ରୀ କର ତୃତୀୟ ସ୍ଥାନ ଅଧିକାର କରିଥିଲେ। ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ଦିବ୍ୟଶ୍ରୀ କର ପ୍ରଥମ, ଇତିଶ୍ରୀ ପାତ୍ର ଦ୍ୱିତୀୟ ଓ ଜ୍ୟୋର୍ତିମୟୀ ରାଉତ ତୃତୀୟସ୍ଥାନ ଅଧିକାର କରିଥିଲେ।



ଘୁମୁରା ଉତ୍ସବରେ ମହିଳା ସବକମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ସରକାର ଏସ୍‌ଇବିସିର ଯୁବପିଢିଙ୍କ ଭବିଷ୍ୟତ ସହିତ ଖେଳୁଛନ୍ତି

**ଭବାନୀପାଟଣା,୧୬।୧ (ଡି.ଏନ.ଏ.)**

ଭାରତୀୟ ସମ୍ବିଧାନର ଧାରା ୧୫(୪) ଓ ୧୬(୪)ର ଦ୍ୱାହି ଦେଇ ରାଜ୍ୟ ସରକାର ଜନଗଣନାରେ ପଛୁଆ ଜାତିର ଗଣତିର କଥା କହିବା ରାଜ୍ୟ ସରକାରଙ୍କ ଦୋମୁହାଁ ନୀତି । ସ୍ଥାନୀୟ ଏକ ହୋଟେଲ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ କହିଛନ୍ତି। ପଛୁଆବର୍ଗ କମିଶନ ଗଠନ ନ କରି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଆଳ ଦେଖାଇ ରାଜ୍ୟ ସରକାର ଏସ୍‌ଇବିସି ର ଯୁବପିଢୀଙ୍କ ଭବିଷ୍ୟତ ସହିତ ଖେଳୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି । କର୍ଣାଟକ ଓ ମହାରାଷ୍ଟ୍ର ଭଳି ରାଜ୍ୟରେ ପଛୁଆବର୍ଗଙ୍କ ପାଇଁ ୫୦ ପ୍ରତିଶତରୁ ଯଥେଷ୍ଟ ଅଧିକ ସ୍ଥାନ ସଂରକ୍ଷୀତ ହୋଇପାରୁଥିବା ବେଳେ ଓଡିଶା ସରକାର କାହିଁକି ଏଭଳି ଉଦାସିନ ମନୋବୃତି ପ୍ରକାଶ କରୁଛନ୍ତି ବୋଲି ନାଏକ ପ୍ରଶ୍ନ କରିଛନ୍ତି। ଯଦି ରାଜ୍ୟ ସରକାରଙ୍କ ଏସ୍‌ଇବିସ ବର୍ଗର ଆକାଂକ୍ଷୀ ସମାଜ ପ୍ରତି ଅଳ୍ପ ଟିକେ ବି ଦରଦ ଅଛି ତାହା ହେଲେ ଆଗାମୀ ଶିକ୍ଷା ବର୍ଷରୁ ଶିକ୍ଷାନୁଷ୍ଠାନରେ ଅନ୍ୟାନ୍ୟ ପଛୁଆବର୍ଗଙ୍କ ପାଇଁ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ପାଇଁ ମୁଖ୍ୟମନ୍ତ୍ରୀ ଆଜିହିଁ ନିଷ୍ପତ୍ତି ନିଅନ୍ତୁ ବୋଲି ସେ ଦାବି କରିଛନ୍ତି। ଓଡିଶା ଏସସି ଏସଟି ଓ ଅନ୍ୟାନ୍ୟ ପଛୁଆ ବର୍ଗ ଅଧ୍ୟୁଷିତ ରାଜ୍ୟ। ଏମାନଙ୍କ ସାମଗ୍ରୀକ ବିକାଶ ବିନା ଓଡିଶାରେ ବିକାଶ ଅସମ୍ଭବ ବୋଲି ସେ ପ୍ରକାଶ କରିଛନ୍ତି । ଯଦି ରାଜ୍ୟ ସରକାର ଉପଯୁକ୍ତ ପଦକ୍ଷେପ ନ ନିଅନ୍ତି ତା ହେଲେ ବିଧାନସଭା ଭିତରେ ଓ ରାଜରାସ୍ତାରେ ଭାଜପା ବଡ ଜନଆନ୍ଦୋଳନ କରିବ ବୋଲି ନାଏକ ଚେତାବନୀ ଦେଇଥିଲେ। ଖବରଦାତା ସମ୍ମିଳନୀରେ ଜିଲା ପରିଷଦ ଉପାଧକ୍ଷ ଭାବସିନ୍ଧୁ ମଙ୍ଗରାଜ, ଭାଜପା ମିଡିଆସେଲର ଚିନ୍ମୟ ବେହେରା, ଭାଜପାର ବରିଷ୍ଠ ନେତା ବସନ୍ତ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ସୂଚନା ଦେଉଛନ୍ତି ।

## ରିଷିଡାରେ କଳାହାଣ୍ଡି ଉତ୍ସବ

**ରିଷିଡା,୧୬।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ରିଷିଡାଠାରେ ବୁଧବାର ରିଷିଡାସ୍ତରୀୟ କଳାହାଣ୍ଡି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଅଶୋକ କୁମାର ତ୍ରିପାଠୀ, ବରିଷ୍ଠ କଂଗ୍ରେସ ନେତା ଧର୍ମାନନ୍ଦ କୁମାର, ବିଶିଷ୍ଟ ଶିକ୍ଷାବିତ ଦୀନମଣୀ ସାହୁ, ରିଷିଡା ନାଏବ ସରପଞ୍ଚ କୈଳାଶ ଚନ୍ଦ୍ର ପାତ୍ର, ସାମାଜିକ କର୍ମୀ ମାର୍କଣ୍ଡ ସାହୁ, ଗଜବାହାଲର ପୂର୍ବତନ ସରପଞ୍ଚ ଭୀମସେନ ସାହୁ, ସାପଲହରାର ପୂର୍ବତନ ସରପଞ୍ଚ ଲକ୍ଷ୍ମୀପ୍ରସାଦ ସାହୁ, ସମାଜ ସଂସ୍କାରକ ବାବା ଭଗବାନ ସାହୁ ପ୍ରମୁଖ ଯୋଗଦେଇଥିଲେ । ସନ୍ଧ୍ୟାରେ ବଲାଙ୍ଗୀର ଜିଲା ତୁଷୁରା କଳା ପରିଷଦର ସାନବଡ ଘୁଡୁକା ନୃତ୍ୟ, ମ.ରାମପୁର ବ୍ଲକ ଅଲାତରାର ଘୁମୁରା ନୃତ୍ୟ, ତେରେସିଂହା ହାଇସ୍କୁଲର ଦୁଲଦୁଲି, ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀଙ୍କ ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କୁ ମନମୋହିନେଇଥିଲା । ମଞ୍ଚ କାର୍ଯ୍ୟକ୍ରମ ସାମାଜିକ କର୍ମୀ ନରୋତ୍ତମ ସେଲମା ପରିଚାଳନା କରିଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧୁସୂଦନ ବାଗ ପରିଚାଳନା କରିଥିଲେ। ଏହି ଅବସରରେ ଏକ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସରଗୁଲ ଦଳ ଚାମ୍ପିୟନ ହୋଇଥିବା ବେଳେ ରିଷିଡା ଦଳ ରନର୍ସଅପ୍ ହୋଇଥିଲା। ଲଳିତ ଗୌଡ, ଲଳିତ କୁମାର ସାହୁ, ସୁଧିର ପାତ୍ର, ଯଜ୍ଞ ଭୋଇ, ରଶ୍ମିରଞ୍ଜନ ଲେଙ୍କା ଖେଳ ପରିଚାଳନା କରିଥିଲେ ।

# କଳାହାଣ୍ଡି ଗସ୍ତରେ କେନ୍ଦ୍ର, ରାଜ୍ୟ ଖାଦ୍ୟ ଯୋଗାଣ ସଚିବ

**ଭବାନୀପାଟଣା/କେସିଙ୍ଗା, ୧୬।୧ (ଡି.ଏନ.ଏ.)**

କେନ୍ଦ୍ର ଖାଦ୍ୟ ଯୋଗାଣ ସଚିବ କଳାହାଣ୍ଡି ଗସ୍ତରେ ଆସି ଧାନକିଣା ପ୍ରକ୍ରିୟାର ବାସ୍ତବ ସ୍ଥିତି ପରଖିଛନ୍ତି। ତାଙ୍କ ସହ ରାଜ୍ୟ ଖାଦ୍ୟ ଯୋଗାଣ ବିଭାଗ ସଚିବ, ରାଜ୍ୟ ଏବଂ ଜିଲାସ୍ତରୀୟ ବିଭିନ୍ନ ଅଧରକାରୀମାନେ ମଧ ଉପସ୍ଥିତ ଥିଲେ। ବୁଧବାର ଉଭୟ ସଚିବ ପ୍ରଥମେ କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଉକ୍ଲୋ ଏବଂ ପରେ ପାଷ୍ଟିକୁଡି ମଣ୍ଡିକୁ ଯାଇ ଧାନକିଣା ପ୍ରକ୍ରିୟା ତଦାରଖ କରିବା ସହ ଚାଷୀଷଙ୍କ ସହ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ପୂର୍ବାହ୍ନ ୧୦ଟା ୪୫ମିନିଟରେ କେନ୍ଦ୍ର ଖାଦ୍ୟ ଯୋଗାଣ ସଚିବ ରବି କାନ୍ତ ଏବଂ ରାଜ୍ୟ ଖାଦ୍ୟ ଯୋଗାଣ ସଚିବ ବୀରବିକ୍ରମ ଯାଦବ ଏକ ସ୍ୱତନ୍ତ୍ର ହେଲିକପ୍ଟରରେ ଉକ୍ଲୋରେ ପହଞ୍ଚିଥିଲେ। ତାଙ୍କ ସହ କଳାହାଣ୍ଡି ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦ ଏବଂ ଜିଲାସ୍ତରୀୟ ଅଧିକାରୀମାନେ ମଧ ଉପସ୍ଥିତ ଥିଲେ। ଉକ୍ଲୋରେ ଓହ୍ଲାଇବା ପରେ ଅଧିକାରୀମାନେ ଧାନ ମଣ୍ଡିକୁ ଯାଇ ଚାଷୀ ଏବଂ ମଣ୍ଡି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଟୋକନ ଲିଷ୍ଟ ଯାଞ୍ଚ କରିଥିଲେ। ଟୋକନ ସମସ୍ୟା ବିଷୟରେ ଚାଷୀମାନେ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଟୋକନ ପାଇଁ କାହାକୁ ମେସେଜ ଆସୁଥିବା ବେଳେ କାହାକୁ ଆସୁନାହିଁ, ଏକାଥରକେ ସମସ୍ତ ଚାଷୀଙ୍କୁ ଟୋକନ ମିଳିବା ଦ୍ୱାରା ଚାଷୀ ଧାନ ବିକ୍ରି କରିବା ପାଇଁ ହେଉଥିବା ଅସୁବିଧା ବିଷୟରେ ଜଣାଇଥିଲେ । ଟୋକନ ଆସି ନ ଥିବା ଚାଷୀଙ୍କ ସହ ଆଲୋଚନା କରି ସେମାନଙ୍କ ଆଧାର ଲିଙ୍କ ହୋଇଛି କି ନାହିଁ, ଆଏ ସ୍କାନର ହୋଇଛି କି ନାହିଁ ସେ ବିଷୟରେ ପଚାରିଥିଲେ। ଆଧାର ଲିଙ୍କ ନ ହେବା, କିମ୍ବା ଆଏ ସ୍କାନର ନ ହେବା ଯୋଗୁ ଏଭଳି ସମସ୍ୟା ହୋଇଥାଇପାରେ ବୋଲି କହିଥିଲେ। ଏହାପରେ ଅଧିକାରୀମାନେ ପାଷ୍ଟିକୁଡି ମଣ୍ଡି ଅଭିମୁଖେ ଯାଇଥିଲେ। ସେଠାରେ ଧାନର ମାନକୁ ନେଇ ଆଲୋଚନା କରିଥିଲେ। ଭଲ ଧାନକୁ କିଭଳି ଭାବେ କିଣାଯାଉଛି ଏବଂ ଧାନର ମାନ ହ୍ରାସ ପାଇଥିଲେ କିଭଳି ଭାବେ ତାକୁ କିଣାଯାଉଛି ସେ ନେଇ ମଣ୍ଡି କର୍ତ୍ତୃପକ୍ଷ ସହ ଆଲୋଚନା କରିଥିଲେ। ଏଠାରେ ବି ଟୋକନ ଲିଷ୍ଟ ଯାଞ୍ଚ କରିଥିଲେ। ଚାଷୀଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହାପରେ ମଧ୍ୟାହ୍ନ ୧୨ ଟା ୪୫ ମିନିଟରେ ଅଧିକାରୀମାନେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିଲେ। ସଚିବ ଆସିବା କଥା ଜାଣି ଏଠାରେ ପ୍ରଶାସନିକ ତତ୍ପରତା ଦେଖିବାକୁ ମିଳିଥିଲା। ରାତାରାତି ଉକ୍ଲୋ ମଣ୍ଡିର କାୟାକଳ୍ପ ବଦଳି ଯାଇଥିଲା। ମଣ୍ଡି ସଫା ହୋଇ ରାତି ପାହିଲା ବେଳକୁ ଚକାଚକ ହୋଇଯାଇଥିଲା।



କେସିଙ୍ଗା ବ୍ଲକ ଉକ୍ଲୋ ଏବଂ ପାଷ୍ଟିକୁଡି ମଣ୍ଡି ପରିଦର୍ଶନ ବେଳେ ଉଭୟ ସଚିବ ଆଲୋଚନା କରୁଛନ୍ତି ।

# ଲଡୁଗାଁ ପ୍ରିମିୟର ଲିଗ୍ କ୍ରିକେଟ : ଝରିଆଗୁଡ଼ା ଚାମ୍ପିୟନ

**କୋକସରା, ୧୬।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁସ୍ଥିତ ମିନି ଷ୍ଟାଡିୟମଠାରେ ଚାଲିଥିବା ଲଡୁଗାଁ ପ୍ରିମିୟ ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ପାଟିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଝରିଆଗୁଡା ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୧୬ ରନ ସଂଗ୍ରହ କରିଥିଲା। ଲଡୁଗାଁ ଦଳ ସମସ୍ତ ଉଇକେଟ ହରାଇ ମାତ୍ର ୬୮ ରନ ସଂଗ୍ରହ କରିଥିଲା। ଝରିଆଗୁଡା ଦଳକୁ ଚାମ୍ପିୟନ ଟ୍ରଫି ସହ ୧୧ ହଜାର ଟଙ୍କା ଓ ରନର୍ସଅପ୍ ଲଡୁଗାଁ ଦଳକୁ ଟ୍ରଫି ସହ ୭ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ମ୍ୟାଚରେ ଅମ୍ପୟାର ଭାବେ ପଙ୍କଜ ଦାସ ଓ ବୈତ ଦାସ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ବୁଲୁ ଧଙ୍ଗଡାମାଝି, ଆଦିତ୍ୟ ଦାସ ଓ ବାବୁଲି ଦାସ ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ। ସ୍କୋରର ମୋହନ ନାଏକ ସଂଗ୍ରହ କରିଥିଲେ। ଖେଳକୁ ହେଲୋ ବ୍ରଦର କ୍ଲବ ସଦସ୍ୟମାନେ ପରିଚାଳନା କରିଥିଲେ। ଉଦଯାପନୀରେ ମୁଖ୍ୟଅତିଥି ଲଡୁଗାଁ ସରପଞ୍ଚ କହ୍ନେଇ ଚରଣ ଦାସ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ କିଶୋର ଚନ୍ଦ୍ର ଦାସ, ସମ୍ମାନିତ ଅତିଥି ମୋହନ ଚରଣ ଦାସ, ନିଲେଶ କୁମାର ଅଗ୍ରୱାଲ, ପଦ୍ମ ଲୋଚନ ଧଙ୍ଗଡାମାଝି, ବାଳମୁକୁନ୍ଦ ଅଗ୍ରୱାଲ, ଗୌତମ ଅଗ୍ରୱାଲ, ବଣ୍ଟି ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ । ହେଲୋ ବ୍ରଦର କ୍ଲବ ସୌଜନ୍ୟରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ଗତ ୭ ତାରିଖଠାରୁ ଆରମ୍ଭ ହୋଇଥିଲା।



ଫାଇନାଲ ମ୍ୟାଚ୍ ଅବସରରେ ଅତିଥିଙ୍କ ଗହଣରେ ଖେଳାଳିମାନେ ।

# ଦୟନୀୟ ସ୍ଥିତିରେ ଜୁନାଗଡ଼ ନୂଆ ବସ୍‌ଷ୍ଟାଣ୍ଡ

**ଜୁନାଗଡ,୧୬।୧ (ଡି.ଏନ.ଏ.)**

- ମରାମତି ଅଭାବରୁ ଭାଙ୍ଗିଗଲାଣି ଟିଣ ଛାତ
- ପରିସ୍ରାଗାର ନାହିଁ, ମହିଳା ଯାତ୍ରୀ ହଟହଟା



ଦୟନୀୟ ସ୍ଥିତିରେ ଜୁନାଗଡ଼ ସହର ନୂଆ ବସଷ୍ଟାଣ୍ଡ ।

କଳାହାଣ୍ଡି ଜିଲା ଜୁନାଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି)କୁ ଆସନ୍ତା ମାର୍ଚ୍ଚରେ ୫୦ ବର୍ଷ ପୂରିବ। ଉକ୍ତ ମାସରେ ଏନ୍ଏସି ପକ୍ଷରୁ ସୁବର୍ଣ୍ଣ ଜୟନ୍ତୀ ମଧ ପାଳନ କରାଯିବ। ପୂର୍ବାପେକ୍ଷା ସହରର ଅନେକ ଉନ୍ନତିମୂଳକ କାର୍ଯ୍ୟ ମଧ ହେଲାଣି। ହେଲେ ସହର ନୂଆବସ୍‌ଷ୍ଟାଣ୍ଡ ଉନ୍ନତି ଉପରେ କାହାରି ଦୃଷ୍ଟି ପଡୁନାହିଁ। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘ ବର୍ଷ ହେବ ଦୟନୀୟ ସ୍ଥିତିରେ ଏହି ବସଷ୍ଟାଣ୍ଡଟି ରହିଛି। ଯାତ୍ରୀମାନଙ୍କ ଆଶ୍ରୟ ନେବା ପାଇଁ ଏଠାରେ ନିର୍ମାଣ କରାଯାଇଥିବା ଯାତ୍ରୀ ବିଶ୍ରାମ ଗୃହର ଟିଣ ଛାତଗୁଡିକ ମରାମତି ଅଭାବରୁ ଏବେ ଭାଙ୍ଗିରୁଜି ଯାଇ ଓହଳି ଗଲାଣି। କେତେବେଳେ ଯେ ଲୁହା ଟିଣ କାହା ଉପରେ ପଡିଯିବ ତାହାର କିଛି କହି ହେବ ନାହିଁ। ସେହିପରି ଏଠାରେ ପରିସ୍ରାଗାର ନ ଥିବାରୁ ସାଧାରଣ ଯାତ୍ରୀ ଏବଂ ବିଷେଶ କରି ମହିଳାମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ବସଷ୍ଟାଣ୍ଡରୁ ପ୍ରତିଦିନ ସକାଳୁ ରାତି ଯାଏଁ ଜିଲା ତଥା ରାଜ୍ୟ ବାହାରକୁ ଅନେକ ବସ୍ ଯାତାୟାତ କରିଥାଏ। ସେହି ପରିମାଣରେ ଏଠାରେ ଯାତ୍ରୀମାନେ ମଧ ଭିଡ ହୋଇଥାନ୍ତି। ସକାଳୁ ରାତି ଯାଏଁ ଏହି ବସ୍‌ଷ୍ଟାଣ୍ଡରେ ଶତାଧିକ ମହିଳା, ପୁରୁଷ ଯାତ୍ରୀ ବସ୍‌କୁ ଅପେକ୍ଷା କରିଥାନ୍ତି। ଏଠାରେ ଶୀଘ୍ର ଉଭୟ ମହିଳା ଓ ପୁରୁଷଙ୍କ ପାଇଁ ପରିଶ୍ରାଗାର ନିର୍ମାଣ କରିବାକୁ ସାଧାରଣରେ ଦାବି ହୋଇଛି। ଅନ୍ୟପକ୍ଷରେ, ଜୁନାଗଡ ସହରକୁ ବାହ୍ୟ ମଳମୁକ୍ତ ସହର କରିବା ଏନ୍ଏସି ପକ୍ଷରୁ ଉଦ୍ୟମ ଆରମ୍ଭ କରାଯାଇଛି। ଏଠାରେ ବାହାରେ କେହି ମଳମୁତ୍ର କଲେ ଜରିମାନା ମଧ ଆଦାୟ କରାଯାଉଛି। ଏହି ଘଟଣାରେ ଯାତ୍ରୀମାନେ ମଳମୁତ୍ର ପାଇଁ କୁଆଡେ ଯିବେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ ଜୁନାଗଡ ଭାରପ୍ରାପ୍ତ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଉପେନ୍ଦ୍ର ଲୁହାଙ୍କୁ ପଚାରିବାରୁ ଶୀଘ୍ର ସେଠାରେ ଫାଇଭ୍ ଷ୍ଟାର ଶୌଚାଳୟ ନିର୍ମାଣ କରାଯିବ ବୋଲି କହିଥିଲେ।



ଉପଦେଶ ଦେବା ସରଳ କିନ୍ତୁ ଉପାୟ ବତାଇବା ଭାରି କଷ୍ଟ।
- ରବୀନ୍ଦ୍ରନାଥ ଠାକୁର



# ଆକ୍ସନ କମିଟିର ଦୁଇଦିନିଆ ଆନ୍ଦୋଳନ ସରିଲା

- ସମସ୍ତ ସରକାରୀ ଅଫିସ ବନ୍ଦ
- ହାଇକୋର୍ଟ ସ୍ଥାୟୀ ବେଞ୍ଚ, ଲୋୟର ସୁକ୍ତେଲ ଓ ବାଇପାସ୍ ଦାବି
- ଆନ୍ଦୋଳନକୁ ସମର୍ଥନ କଲେ ଜିଲା ଆଦିବାସୀ ସଂଘ

**ବଲାଙ୍ଗୀର ଅଫିସ,୧୬।୧**

ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀବେଞ୍ଚ ପୁନଃ ପ୍ରତିଷ୍ଠା, ପ୍ରସ୍ତାବିତ ଲୋୟର ସୁକ୍ତେଲ ଡ୍ୟାମ ନିର୍ମାଣ ଓ ବଲାଙ୍ଗୀର ସହରର ବାଇପାସ୍ ରାସ୍ତା ଶୀଘ୍ର ନିର୍ମାଣ ଦାବି ନେଇ ଆକ୍ସନ କମିଟି ପକ୍ଷରୁ ଦିଆଯାଇଥିବା ଦୁଇଦିନିଆ ସରକାରୀ ଅଫିସ ବନ୍ଦ ଆନ୍ଦୋଳନ ଗୁରୁବାର ଶେଷ ହୋଇଛି । ଏହି ଆନ୍ଦୋଳନ ଯୋଗୁଁ ଗୁରୁବାର ସହରର ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ବୀମା ଶିଳ୍ପ ଓ କୋର୍ଟ କଚେରୀ ବନ୍ଦ କରାଯାଇଥିଲା । ଆନ୍ଦୋଳନକାରୀ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ଆକ୍ସନ କମିଟି ସଭାପତି ଗୋପାଳଜୀ ପାଣିଗ୍ରାହୀ ଏବଂ ଉପସଭାପତି ମୁନା ପଟ୍ଟନାୟକଙ୍କ ନେତୃତ୍ୱରେ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା । ଜିଲା ଆଦିବାସ କଲ୍ୟାଣ ସଂଘ ସଦସ୍ୟମାନେ ଏହି ୩ ଦଫା ଦାବିକୁ ସମର୍ଥନ କରି ଏକ ରାଲିରେ ସହର ପରିକ୍ରମା କରି ଧାରଣାସ୍ଥଳକୁ ଆସିଥିଲେ । ପାରମ୍ପରିକ ଅସ୍ତ୍ରଶସ୍ତ୍ର ଓ ବାଦ୍ୟର ତାଳେ ତାଳେ ନାଚି ନାଚି କଚେରୀ ଛକରେ ପହଞ୍ଚି କିଛି ସମୟ ପାଇଁ ପ୍ରତୀକାତ୍ମକ ରାସ୍ତାରୋକୋ କରିଥିଲେ । ଏହାପରେ ସେମାନେ ଧାରଣାରେ ବସିଥିଲେ । ଉପରୋକ୍ତ ତିନି ଦଫା ଦାବିପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କୁହାଯାଇଛି । ଏହି ପ୍ରତିବାଦ ସଭାରେ ନାଗରିକ କମିଟି ସଭାପତି ବିକ୍ରମ ବହିଦାର, ସାଧାରଣ ସମ୍ପାଦକ ବିଷ୍ଣୁପ୍ରସାଦ କେଡିଆ, ସିଭିଲ ସୋସାଇଟି ସଭାପତି ନୀଳମଣି ମିଶ୍ର, ଜିଲା ଓକିଲ ସଂଘ ସଭାପତି ପ୍ରମୋଦ କୁମାର ତ୍ରିପାଠୀ, ସମ୍ପାଦକ ଅମନ ନାଗ, ଜିଲା ଆଦିବାସୀ କଲ୍ୟାଣ ମହାସଂଘ ସଭାପତି ବ୍ରଜକିଶୋର ସିଂଭୋଇ, ଆଦିବାସୀ ନେତା ତଥା ଜିଲା ପରିଷଦ ସଦସ୍ୟ ସତ୍ୟ ନାରାୟଣ ଭୋଇ, ଭିଆଇପି ପାର୍ଟି ଅଧକ୍ଷ ଡ. ବିପିନ କୁଶଲିଆ, କୋସଲବାଦୀ ନେତା ମନୋରଞ୍ଜନ ସାହୁ, ଗୋପଭୂଷଣ ନାଥ, ଜନମୋର୍ଚ୍ଚା ସଙ୍ଗଠନ ସଭାପତି ବାସୁଦେବ ରଥ, ଆଇନଜୀବୀ ଭବାନୀ ଶଙ୍କର ଶତପଥୀ, ରତନ ମହାରଣା, ଅନନ୍ତ ବିଶ୍ୱାଳ ଉଦ୍‌ବୋଧନ ଦେଇଥିଲେ । ବଲାଙ୍ଗୀର ହିଁ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରାଯିବାକୁ ଉତ୍କୃଷ୍ଟ ସ୍ଥାନ ଓ ସରକାର ତୁରନ୍ତ ଏଦିଗରେ ବିହିତ ପଦକ୍ଷେପ ନନେବାକୁ ଦାବି କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଡଭୋକେଟ୍ ଶଙ୍କର ମିଶ୍ର, ସ୍ୱର୍ଣ୍ଣଭୂଷଣ ସାହୁ, ସଂଗ୍ରାମ ବହିଦାର, ପବିତ୍ର ନେପାକ, ଆକ୍ସନ କମିଟିର ବିନୋଦ କାଲସାଏ, ଗୋବିନ୍ଦ ଶତପଥି ଓ ଅନ୍ୟମାନେ ଉପସ୍ଥିତ ଥିଲେ ।



ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଦିବାସୀ ସଂଘର ରାଲି ।

## ସଂକ୍ଷେପରେ

### ବିଶ୍ୱ କଲ୍ୟାଣ ନାଗରିକ କମିଟିର ବୈଠକ

**ଲୋଇସିଂହା,୧୬।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଜମିଦାରଙ୍କ ରାଜବାଟି ପରିସରରେ ବିଶ୍ୱକଲ୍ୟାଣ ନାଗରିକ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସମ୍ପାଦକ ପ୍ରଶାନ୍ତ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ କମିଟି ସଭାପତି ତଥା ଜମିଦାର ଜୟକୃଷ୍ଣ ସିଂରାଏ ଅଧ୍ୟକ୍ଷତା କରିଥିଲେ। ଲୋଇସିଂହା କଲ୍ୟାଣ ମଣ୍ଡପର ସୁରକ୍ଷା ଓ ରକ୍ଷଣାବେକ୍ଷଣ ପାଇଁ ବିଧାୟକ ଅନୁଦାନ ବ୍ୟବସ୍ଥା କରିଥିବାରୁ କମିଟି ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ନିକଟରେ ଲୋଇସିଂହା ଡାକ୍ତରଖାନରେ ଡାକ୍ତର ନିଯୁକ୍ତି ମିଳିଥିବାରୁ ଏଥିପାଇଁ ଆନ୍ଦୋଳନ କରିଥିବା ଅନୁଷ୍ଠାନ ସଦସ୍ୟଙ୍କୁ ବୈଠକରେ ସାଧୁବାଦ ଦିଆଯାଇଥିଲା। ଏହାପରେ ଲୋଇସିଂହାର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ବିଶାଖାପାଟଣା ଭାୟା ଟିଟିଲାଗଡ -ଝାରସୁଗୁଡା-ବିଲାସପୁର ଦେଇ ପ୍ରାୟଗରାଜକୁ ଏକ ଏକ୍ସପ୍ରେସ ଟ୍ରେନ ଚଳାଚଳ ପାଇଁ ରେଳବିଭାଗ ନିକଟରେ ଦାବି କରିବାକୁ ପ୍ରସ୍ତାବ ଆଗତ ହୋଇଥିବା ସମ୍ପାଦକ ବେହେରା ଜଣାଇଛନ୍ତି। ବୈଠକରେ ବିଭିନ୍ନ ଗ୍ରାମ କମିଟି ସଦସ୍ୟ ଉପସ୍ଥିତ ଥିଲେ ।

### ଶିବରାତ୍ରି ପାଇଁ ପ୍ରସ୍ତୁତି ବୈଠକ

**ସଇଁତଲା, ୧୬।୧ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲାସ୍ଥିତ ଲାନ୍ତନଦୀ କୂଳରେ ଥିବା ବାବା ଭୂତେଶ୍ୱର ପୀଠରେ ଶିବରାତ୍ରୀ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିବରାତ୍ରୀ କମିଟି ଆହ୍ୱାନକ୍ରମେ କମିଟିର ସମସ୍ତ ସଦସ୍ୟଙ୍କୁ ନେଇ ହୋଇଥିବା ବୈଠକରେ ସଭାପତି ଭାବେ ରାଜେଶ ସାହୁ, ସମ୍ପାଦକ ଚନ୍ଦ୍ର ଚନ୍ଦନ ଏବଂ କୋଷାଧ୍ୟକ୍ଷ ଭାବେ ଭକ୍ତ ପୋଢ଼ଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା। ଗତ ବର୍ଷ ହୋଇଥିବା ଶିବରାତ୍ରୀ ମେଳାର ଖର୍ଚ୍ଚ ତଥା ବାର୍ଷିକ ବିବରଣୀ ବିଷୟରେ ସଦସ୍ୟମାନଙ୍କୁ ନେଇ ଆଲୋଚନା ହୋଇଥିଲା । ବୈଠକରେ ଆସନ୍ତା ଫେବୃୟାରୀ ୨୦ରୁ ୨୩ ପର୍ଯ୍ୟନ୍ତ ଚାରିଦିନ ଧରି ମହାଶିବରାତ୍ରୀ ପାଳନ କରାଯିବାକୁ ସ୍ଥିରୀକୃତ ହୋଇଥିଲା। ୧୬ ପ୍ରହର ନାମଯଜ୍ଞ, ଭୁତେଶ୍ୱର ବାବାଙ୍କ ମହାଆଳତୀ, ରୁଦ୍ରାଭିଷେକ କରାଯିବାକୁ ସ୍ଥିରୀକୃତ ହୋଇଥିଲା । ଏହି ବୈଠକରେ ମହାଶିବରାତ୍ରୀ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ନିଜ ନିଜ ମତ ରଖିଥିଲେ । ଶେଷରେ ସମ୍ପାଦକ ଚନ୍ଦ୍ର ଚନ୍ଦନ ଧନ୍ୟବାଦ ଅର୍ପଣ କରିଥିଲେ।

### ନିଖିଳ ଉତ୍କଳ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ବୈଠକ

**ପାଟଣାଗଡ, ୧୬।୧(ଡି.ଏନ.ଏ.):** ନିଖିଳ ଉତ୍କଳ ଚତୁର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ବଲାଙ୍ଗୀର ଜିଲା ପାଟଣାଗଡ ଉପଖଣ୍ଡ ସଭାପତି ପୁରୁଷୋତ୍ତମ ଥନାପତିଙ୍କ ସଭାପତିତ୍ୱରେ ସ୍ଥାନୀୟ ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ପରିସରରେ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆଗାମୀ ୨ ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ସର୍ବସମ୍ମତିକ୍ରମେ ସଭାପତିଭାବେ ଏକା ସାହୁ, ଉପସଭାପତି ବିନୋଦ ବେହେରା, ସମ୍ପାଦକ ରମେଶ ଯୋଷୀ, ସହସମ୍ପାଦକ ନାରାୟଣ ଧରୁଆ, କୋଷାଧକ୍ଷ ଶରତ ସାହୁ, ପରାମର୍ଶଦାତା ଶାନ୍ତିକିଶୋର ସାହୁଙ୍କୁ ମନୋନୀତ କରାଯାଇଥିଲା। କାର୍ଯ୍ୟକାରୀ ସଦସ୍ୟ ଭାବେ ଚୁଡାମଣୀ ଶତପଥୀ, ଇତି ଦାସ, ପ୍ରମିଳା ଭୋଇ, ମୁରାରୀ ଧରୁଆ, ଲକ୍ଷ୍ମୀ ସାହୁ, ସୁଧିର ବଗର୍ତ୍ତୀ, ସୂର୍ଯ୍ୟ ଥନାପତି, ଅଚ୍ୟୁତ ନାଏକ ଏବଂ କୃପାସିନ୍ଧୁ ନାଗଙ୍କୁ ରଖାଯାଇଛି। ଏହି ସଭାରେ ଆଇନ ପରାମର୍ଶଦାତା ଭାବେ ସରକାରୀ ଓକିଲ ବାସୁଦେବ ପାଢୀ ଯୋଗଦେଇଥିଲେ। ପରେ ପୂର୍ବତନ ସଭାପତି ପୁରୁଷୋତ୍ତମ ଥନାପତି, ରଘୁମଣି ବରିହା, ଟଙ୍କପାଣି ସଂଖୁଆ, କ୍ଷିରେନ୍ଦ୍ରୀ ଛୁରିଆଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ସନ୍ତୋଷ କୁମାର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

### ତହସିଲ ଅଧିକାରୀଙ୍କୁ ଚେତାବନୀ ଭିଡିଓ ଭାଇରାଲ

**ବଲାଙ୍ଗୀର ଅଫିସ,୧୬।୧:** ପାଟଣାଗଡ ତହସିଲ ଷ୍ଟାଫ୍ ଏକ ଗାଡିରେ ବସି ଉଲ୍‌ବା ଗାଁକୁ ଯାଇଥିବାବେଳେ ସେଠାରେ ଜଣେ ଭାଜପା ନେତା ସେମାନଙ୍କୁ ଚେତାବନୀ ଦେଉଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ତେବେ ଏନେଇ କୌଣସି ପକ୍ଷରୁ ବିଧିବଦ୍ଧ ଅଭିଯୋଗ ହୋଇ ନ ଥିବା ଜଣାପଡିଛି ।

## ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

**ମୁରିବାହାଲ, ୧୬।୧ (ଡି.ଏନ.ଏ)**

ମୁରିବାହାଲ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନେଇ ସ୍ଥାନୀୟ ଏବିଡିଓ ନରେଶ ଚନ୍ଦ୍ର ବେହେରା ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉକ୍ତ ଦିବସରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ନେଇ ଆଲୋଚନା ହୋଇଥିଲା। ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ତରର ଛାତ୍ରୀଛାତ୍ରଙ୍କ ମଧ୍ୟରେ ହେବାକୁ ଥିବା ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତିବିଶେଷ, ଅନୁଷ୍ଠାନ, ଶ୍ରେଷ୍ଠ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମଧ ସମ୍ମାନୀତ କରାଯିବ। ଏହି ପ୍ରସ୍ତୁତି ବୈଠକରେ ବ୍ଲକ ଅଧକ୍ଷ ହଂସରାଜ ଜୈନ, ଉପାଧକ୍ଷା ସୁନ୍ଦରମତୀ ବାଗ, ବିଇଓ ଜଗନ୍ନାଥ ଧରୁଆ, ସିଡିପିଓ ସରସି ପଣ୍ଡା, ଆରଡବ୍ଲୁଏସଏସ ଜେଇ ସଂଯୁକ୍ତା ଲାକ୍ରା, ଡିଗ୍ରୀ କଲେଜ ଅଧକ୍ଷ ସରୋଜ ନାୟକ, ରାଜସିଂ ବାବୁ, ଛୋଟରାୟେ ମାରାଣ୍ଡି, କଶ୍ୟପ ସରାଫ, ତ୍ରିଲୋଚନ ବାଗ, ରୁପେଶ ଷାଣ୍ଡେ, ମଳୟ ପୁଟେଲ, ଜ୍ୟାକଶନ ବାଗ, ପ୍ରଫୁଲ୍ଲ ବଘାର, ଗଣମାଧମ ପ୍ରତିନିଧି ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଗଞ୍ଜେଇ ସହ ବାଇକ୍ ଜବତ, ଜଣେ ଗିରଫ

**ସୋନପୁର,୧୬।୧(ନି.ପ୍ର.)**

ସୋନପୁର ଟାଉନ ପୋଲିସ ସ୍କ୍ୱାଡ ଗୁରୁବାର ସକାଳେ କୁଞ୍ଜ ଛକଠାରେ ଚଢାଉ କରି ଗଞ୍ଜେଇ ସହ ଏକ ବାଇକ୍ ଜବତ କରିଛି । ଏହି ଘଟଣାରେ ବରଗଡ ଜିଲା ଆମ୍ବାଭୋନା ଥାନା କଷିପାଲି ଗ୍ରାମର ଗୁଣନିଧି ଭୁଏ(୩୫)ଙ୍କୁ ଗିରଫ କରାଯାଇଛି। ଗୁଣନିଧି ଏକ ନମ୍ବର ବିହୀନ ହିରୋ ଏଚଏଫ ଡିଲକ୍ସ ବାଇକ୍‌ରେ ବୌଦ୍ଧ ଜିଲା ମନମୁଣ୍ଡା ପଟୁ ଗଞ୍ଜେଇ ଚୋରା ଚାଲାଣ କରୁଥିଲେ। ତାଙ୍କ ନିକଟରୁ ୮ କିଲୋ ୨୦୦ଗ୍ରାମ ଗଞ୍ଜେଇ ଜବତ ହୋଇଛି । ସୋନପୁର ଥାନା ଏସଆଇ ସୁବ୍ରତ କୁମାର ପାଣିଗ୍ରାହୀ ମାମଲାର ତଦନ୍ତ କରୁଛନ୍ତି । ଗୁଣନିଧିଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ବାହାରିଲା ସଚେତନତା ଶୋଭାଯାତ୍ରା

**ସଇଁତଲା, ୧୬।୧ (ଡି.ଏନ.ଏ.)**

**ସଇଁତଲାରେ ସଡ଼କ ସୁରକ୍ଷା ସପ୍ତାହ**

ବଲାଙ୍ଗୀର ଜିଲା ସଇଁତଲା ପୋଲିସ ପକ୍ଷରୁ ୩୧ତମ ସଡ଼କ ସୁରକ୍ଷା ସପ୍ତାହ ଗୁରୁବାର ପାଳିତ ହୋଇଯାଇଛି। ସଇଁତଲା ପୋଲିସ ଏବଂ ଡେଙ୍ଗ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ରେଡ଼କ୍ରସର ସହଯୋଗକ୍ରମେ ଏକ ସଚେତନତା ଶୋଭାଯାତ୍ରା ବାରିଥିଲା। ଜୁନିୟର ରେଡ଼କ୍ରସର ଛାତ୍ରୀଛାତ୍ର ଓ ଥାନା କର୍ମଚାରୀମାନେ ସଇଁତଲା ସହର ପରିକ୍ରମା କରିଥିଲେ। ଶୋଭାଯାତ୍ରା ବେଳେ ପଥାଚାରୀଙ୍କୁ ସଡ଼କ ସୁରକ୍ଷା ବିଷୟରେ ସଚେତନ କରାଯାଇଥିଲା। ୧୮ ବର୍ଷରୁ କମ୍ ବୟସର ବାଳିକା ବାଳକଙ୍କୁ ଗାଡ଼ି ଚଳାଇବାକୁ ନ ଦେବା, ବାଇକ ଚାଳକମାନେ ହେଲମେଟ ବ୍ୟବହାର କରିବା, ଚାରିଚକିଆ ଯାନର ସାମ୍ନାରେ ବସିଥିବା ଲୋକେ ସିଟବେଲ୍ଟ ନିଶ୍ଚିତ ବ୍ୟବହାର କରିବାକୁ ଛାତ୍ରୀଛାତ୍ରମାନେ ସ୍ଲୋଗାନ ଦେଇଥିଲେ। ରାସ୍ତାରେ ଯାଉଥିବା ବାଇକ ଏବଂ ଚାରିଚକିଆ ଯାନର ଚାଳକମାନଙ୍କୁ ସଡକ ସୁରକ୍ଷା ସମ୍ପର୍କରେ ଲେଖାଥିବା ଲିଫଲେଟ ବଣ୍ଟନ କରିବା ସହ 'ସୁରକ୍ଷିତ ରହିବା, ସୁଖୀ ରହିବା' ବାର୍ତ୍ତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଇଁତଲା ଥାନା ଅଧିକାରୀ ବାରିଣୀ ଦାସ ଉଦ୍‌ଘାଟନ କରିଥିଲେ। ଥାନା ଏସଆଇ ଦୁର୍ବାଦଳ ମେହେର, ସଙ୍ଗୀତା ବେକ, ଏଏସଆଇ ଏମ.ଡ଼ି. ସୁନାନୀ, ପ୍ରସନ୍ନ ଭୋଇ, କମଳା ବିଶ୍ୱାଳ, ହାବିଲଦାର ଭୁବନେଶ୍ୱର ଭୋଇ ଏବଂ ଡେଙ୍ଗ ବିଦ୍ୟାଳୟ ଜୁନିୟର ରେଡ଼କ୍ରସର ପରାମର୍ଶଦାତା ରାମନାରାୟଣ ଦାଶ, ଶିକ୍ଷକ ହିମାଂଶୁ ଶେଖର ବିଶ୍ୱାଳ, ପ୍ରକାଶ ଚନ୍ଦ୍ର ପଧାନ ଏହି ଅବସରରେ ଉପସ୍ଥିତ ଥିଲେ।



ସଚେତନତା ରାଲିରେ ବାହାରିଥିବା ଛାତ୍ରୀଛାତ୍ର, ଶିକ୍ଷକ, ପୋଲିସ କର୍ମଚାରୀ ।

## ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠରୁ ନିର୍ଦ୍ଦେଶ ପରେ ହେଲା ପୋଷାକ ବଣ୍ଟନ

**ଦେଓଗାଁ,୧୬।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବନ୍ଧପଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷର ଅର୍ଦ୍ଧାଧିକ ସମୟ ବିତିଯାଇଥିଲେ ସୁଦ୍ଧା ଟଙ୍କା ନ ଆସିବାରୁ ପୋଷାକ ଓ ଜୋତା ବଣ୍ଟନ ହୋଇପାରି ନ ଥିଲା। ଏ ସମ୍ପର୍କିତ ଏକ ଖବର ଚଳିତମାସ ୮ ତାରିଖରେ ଧରିତ୍ରୀରେ ପ୍ରକାଶ ପାଇଥିଲା । ଏହି ଖବରକୁ ଭିତ୍ତିକରି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରୁ ଜିଲା ପ୍ରଶାସନ ପାଖକୁ ପତ୍ର ଆସିଥିଲା। ପରେ ସ୍ଥାନୀୟ ହାଇସ୍କୁଲ ତରଫରୁ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉପେନ୍ଦ୍ର ମେହେରଙ୍କୁ ୨୮ହଜାର ୨ଶହ ଟଙ୍କାର ଚେକ ପ୍ରଦାନ କରାଯାଇଥିଲା । ଫଳରେ ଗୁରୁବାର ସ୍କୁଲର ପୋଷାକରୁ ବଞ୍ଚିତ ରହିଥିବା ୪୭ ଛାତ୍ରୀଛାତ୍ରଙ୍କୁ ପୋଷାକ ମିଳିଥିଲା। କେତେକ ଅଧିକାରୀଙ୍କ ବୈମାତୃକ ମନୋଭାବ ଯୋଗୁଁ ଏପରି ଅନେକ ବିଦ୍ୟାଳୟରେ ଠିକ ସମୟରେ ସରକାରୀ ଯୋଜନାର ସୁଫଳ ପାଇବାରୁ ଛାତ୍ରୀଛାତ୍ର ବଞ୍ଚିତ ରହୁଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି । ଏ ନେଇ ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ପଚାରିବାରୁ ମୁଁ ଏନେଇ ବିଭାଗୀୟ ଅଧିକାରୀଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଆସୁଥିଲି। ଗଣମାଧମରେ ଖବର ପ୍ରକାଶନ ପରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରୁ ପତ୍ର ଆସିବାପରେ ସ୍ଥାନୀୟ ହାଇସ୍କୁଲକୁ ୨୮ହଜାର ୨ଶହ ଟଙ୍କାର ଚେକ୍ ମିଳିଥିଲା ବୋଲି କହିଥିଲେ ।



ବୈଠକରେ ଉପସ୍ଥିତ ଅଭିଭାବକ ଓ ଶିକ୍ଷୟିତ୍ରୀଶିକ୍ଷକ।

## ଅଭିଭାବକ, ଶିକ୍ଷକ ସମ୍ମିଳନୀ

**ଦେଓଗାଁ,୧୬।୧(ଡି.ଏନ.ଏ.)**

ଦେଓଗାଁ ବ୍ଲକ ଜରାସିଂହା ନେତ୍ରଭାନୁ ହାଇସ୍କୁଲରେ ଗୁରୁବାର ଅଭିଭାବିକା, ଅଭିଭାବକ ଓ ଶିକ୍ଷକଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅଗ୍ନୀ କୁମାର ନାଏକଙ୍କ ସଭାପତିତ୍ୱ ତଥା ସରୋଜ କୁମାର ଦଣ୍ଡସେନାଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ମିଳନୀରେ ଅତିଥି ଶିକ୍ଷକଭାବେ ଶିକ୍ଷାବିତ୍ ସୂର୍ଯ୍ୟ କୁମାର ପାଣିଗ୍ରାହୀ, ପରିଚାଳନା କମିଟି ସଭାପତି ଲୋକନାଥ ବାଗ, ଶିକ୍ଷକ ଅରବିନ୍ଦ ଘିଭେଲା, ସିଆରସିସି ଜ୍ୟୋତି ପ୍ରକାଶ ଷଡଙ୍ଗୀ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ସାମଗ୍ରିକ ବିକାଶରେ ପିତାମାତା ଓ ଶିକ୍ଷକଙ୍କ ଗୁରୁ ଭୂମିକା ଥିବା ବିଷୟ ମତପ୍ରକାଶ ପାଇଥିଲା। ଏଥିସହ ସ୍କୁଲର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ସମ୍ମିଳନୀରେ ୧୫୪ ଜଣ ଅଭିଭାବିକା ଅଭିଭାବକ ଉପସ୍ଥିତ ଥିଲେ। ଶିକ୍ଷୟତ୍ରୀ ନିର୍ମଳା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଛନଛଡ଼ା ଫୁଟବଲ ଟୁର୍ନାମେଣ୍ଟ: ଫାଇନାଲରେ ଟିକ୍ରାପଡ଼ା

**ଟିକ୍ରାପଡା, ୧୬।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ କରମତଲା ପଞ୍ଚାୟତ ଅଧିନ ଛନଛଡାଠାରେ ପାଟଣେଶ୍ୱରୀ ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଷୋଡଶ ବର୍ଷ ସାତଦିନିଆ ଫୁଟବଲ ଟୁର୍ନାମେଣ୍ଟର ଗୁରୁବାର ଥିଲା ପଞ୍ଚମ ଦିବସ । ଅନୁଷ୍ଠିତ ପ୍ରଥମ ସେମି ଫାଇନାଲ ମ୍ୟାଚରେ ବଡମାଲକୁ ୧-୦ ଗୋଲରେ ହରାଇ ଟିକ୍ରାପଡା ଫାଇନାଲରେ ପ୍ରବେଶ କରିଛି। ଗଣେଶ ଭୋଇ ଖେଳ ପରିଚାଳନା କରିଥିଲେ । ସୁବ୍ରତ ବେହେର, ହେମନ୍ତ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ । ଶୁକ୍ରବାର କେନ୍ଦୁଉଡାର ବନାମ ଚଲକି ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ସୂତ୍ରରୁ ପ୍ରକାଶ ।

## ସିଦ୍ଧେଶ୍ୱର କ୍ରିକେଟ: ଦେଓଗାଁ ଚାମ୍ପିୟନ

**ଦେଓଗାଁ,୧୬।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସିକୁଆଁ ଖେଳପଡିଆରେ ୫ଦିନ ଧରି ଚାଲିଥିବା ସିଦ୍ଧେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଦେଓଗାଁ ଓ କୁଠୁର୍ଲା ମଧ୍ୟରେ ଫାଇନାଲ ଖେଳ ହୋଇଥିଲା। ଦେଓଗାଁ ଦଳ ୮ରନରେ ମ୍ୟାଚ ଜିତି ଚାମ୍ପିୟନ ହୋଇଥିଲା। ରାମ ପଧାନ ଓ ଜୟନ୍ତ ପଧାନ ଖେଳ ପରିଚାଳନା କରିଥିଲେ। ନରେଶ ଭୋଇ ଧାରା ବିବରଣୀ ପ୍ରଦାନ କରିଥିଲେ । ପ୍ରଶାନ୍ତ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ବରିଷ୍ଠ କଂଗ୍ରେସ ନେତା ରାମଜୀ ଚୌଧୁରୀ ଓ ସ୍ଥାନୀୟ ସରପଞ୍ଚ କବିତା ବିଶି ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ। ଟୁର୍ନାମେଣ୍ଟର ସଫଳ ସମାପନରେ ବିବେକ ପଧାନ, ଲଳିତ ପଧାନ, ଉପେନ୍ଦ୍ର ସାହୁ, ଯୁଧିଷ୍ଠିର ପଧାନ ପ୍ରମୁଖ ସହଯୋଗ କରିଥିଲେ।



ଚାମ୍ପିୟନ ଦେଓଗାଁ ଦଳକୁ ପୁରସ୍କୃତ କରାଯାଉଛି।

## ୨୫ ବଛର ହେଲା ଜଂଗଲରେ ନୀଳ

- ନିଜର ବଲି ଦୁନିଆଁରେ କେହି ନାଇଁ
- ପାଇଖାନା ପାଲଟିଛେ ଭଁଡ଼ାର ଘର
- ଭତା, ଆବାସ ଯୋଜନାରୁ ବଁଚିତ୍ ନୀଳ
- ବିଡିଓ କହିଲେ ଜିଲାପାଳକୁଁ ପଚାର

**ସଇଁତଲା, ୧୬।୧ (ଡି.ଏନ୍.ଏ)**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ସଦର ପଁଚେତ୍ ଅଧୀନ କର୍ଲାବାହାଲି ଗାଁର ନୀଳ ନାଏକ(୬୦) । ସେ ଝନେ ନିହାତି ଗରିବ୍, ଗାଁରେ ଘରଦୁଆର ବଲି କିଛି ନାଇଁ। ବାପ୍‌ଅଜା ଗାଁ ତରେ ଥିବାର ଜଂଗଲ ପାସେ ଜମିଟିକେ ଘିନିଥିଲେ। ନୀଳ ସେଠାନେ ନଡ଼ାଛପର କୁରିଆଟେ କରି ଅନେକ ବଛର ହେଲା ରହିଆସୁଛନ୍। ଆଏଜ୍‌ତକ ସେ ଅନେକ ସରକାରୀ ସୁବିଧା ସୁଯୋଗରୁ ବଁଚିତ୍ ହେଇ ରହିଛନ୍।

ସୂଚନା ଅନ୍‌ସାରେ କର୍ଲାବାହାଲି ନୀଳ ନାଏକ। ସେ ବିହାଚୁରା ହେଇଥିଲେ। ହେଲେ ବିହାର ଦିନାକେତେ ଉତାରୁ ମାଏକିନା ଆରପାରକେ ଚାଲିଗଲେ। ସେଦିନ୍‌ଠାନୁ ନୀଳ ଏକ୍‌ଟିଆ ଜୀବନ୍ ବିତଉଛନ୍। ଗାଁରେ ଘରଦୁଆର ନାଇଁଥିବାର ଲାଗି ନୀଳ ଆଏଜ୍‌କେ ୨୫ ବଛର ହେଲା ଗାଁରୁ ଖଁଡ଼େଦୂରେ ଜଂଗଲ ତରେ ଥିବାର ନିଜର ଜମିରେ ନଡ଼ାଛପର କୁରିଆଟେ କରି ରହି ଆସୁଛନ୍। ହେଲେ ସେ କୁରିଆର ଅବସ୍‌ତା ଏନ୍‌ତା ଯେ, କେତେବେଲେ ଧୁକାଗରେଲ, ବରଷାରେ ମାଡ଼ିବସ୍‌ବା। ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ନୀଳକଁର ଲାଗି ଗୁଟେ ପାଇଖାନା ତିଆର ହେଇଛେ। ହେଲେ ସେ ପାଇଖାନାକେ ନୀଳ ନିଜର ଭଁଡ଼ାର ଘର ହିସାବେ ବେଭାର କରୁଛନ୍। ପାଇଖାନାରେ ନିଜର ବ୍ୟାଙ୍କ ପାସବୁକ, ରାଶନକାର୍ଡ, ଆଧାରକାର୍ଡ, ଗାଁବାସୀ ଦେଇଥିବାର ଚାଉଲଗଉଲ ରଖି ତାଲାଟେ ପକେଇଛନ୍। ସେନ୍‌ତା ନୀଳ ଫିମାସ ପଁଚେତ୍‌ରୁ ୫ କେ.ଜି. ଚାଉଲ ପାଉଥିଲାବେଲେ ଆଏଜ୍‌ତକ ବୁଢ଼ାବୁଢ଼ି ଭତା ଆର ଆବାସ ଯୋଜନାରେ ଘରଖଁଡ଼େ ପାଏବାରୁ ବଁଚିତ୍ ହେଇ ରହିଛନ୍। ଗାଁର ବିରଞ୍ଚି ସର୍ବକଁର କହେବାର ହିସାବେ ମାସ୍‌କେତେ ତଲେ ନୀଳକଁର ନାଁରେ ଗୁଟେ ପକାଘର ଆସିଥିଲା। ପଁଚେତ୍‌ର କେତେ ଅଧିକାରୀ ଆସି ତାକର କାଗଜପତର କରବାର ସଂଗେ ଘର ମିଲିଛେ ଆକାଉଣ୍ଟରେ ଟଁକା ଜମା ହେଲେ ଘର ତିଆରି କରବ ବଲି କହିଥିଲେ। ହେଲେ ଆଏଜ୍‌ତକ ସେ ପକାଘରର ଖୋଜଖବର ନାଁଇନ। ସେନ୍‌ତା ଗାଁର କପୁର ପୁଟା କହିଛନ୍ ଯେ, ନୀଳ ଜଂଗଲ ତରେ ପୂରା ଅସୁରକ୍ଷିତ ଅବସ୍‌ତାରେ ରହୁଥିଲାବେଲେ ତାକର ବଲ୍‌ବଏସ୍ ବି ଖସି ଗଲାନ। ଏନ୍‌ତାଥି ତାହାକୁ ନିହାତି ଗୁଟେ ପକାଘର ଦରକାର ବଲି କହିଛନ୍। ଗାଁର ପିଣ୍ଟୁ ସାହୁ ଦିନାକେତେ ତଲେ ସାଂଗ୍‌ସାଥି ସଂଗେ ଜଂଗଲକେ ବୁଲି ଯାଇଥିଲାବେଲେ ନୀଳକଁର ଦୁରଦଶା ଦେଖିଥିଲେ। ସେ ତାକର ଫଟୋ, ଘରର ଫଟୋ ଉଠେଇ ସୋସିଆଲ ମିଡିଆରେ ଛାଡ଼ିଥିଲେ ଆର ଥାନୀଅ ଧରିତ୍ରୀ ପରତିନିଧିକୁଁ ଇ ବାବ୍‌ଦେ ସୂଚନା ଦେଇଥିଲେ। ସେନ୍‌ତା ନୀଳକୁଁ ମାସିକ୍ ୩୫ କେ.ଜି. ଚାଉଲ ଆର ବୁଢ଼ାବୁଢ଼ି ଭତା ଯୁଗେଇ ଦେବାକେ ସେ ଦାବି କରିଛନ୍। ଇ ବାବ୍‌ଦେ ଥାନୀଅ ବିଡିଓ ପ୍ରଦୀପ କୁମାର ପଟ୍ଟନାୟକଙ୍କୁଁ ପଚ୍‌ରାଲାରୁ ଇ ବାବ୍‌ଦେ ମୁଇଁ କିଛି କହି ନାଇଁପାରେଁ। କାରନ୍ ଆମକୁ ଗଣମାଧମ ଆଘେ କେହେନ୍‌ସି ବିଷେରେ କହିବାର ଲାଗି ବାରନ୍ କରାଯାଇଛେ। ଇ ବାବ୍‌ଦେ ଜିଲାପାଳ କହିପାରବେ ବଲି ସେ କହିଥିଲେ।


ନୀଳ ନାଏକ ନିଜର ଦଦ୍‌ରା ଘର ଆଘେ ଠିଆ ହେଇଛନ୍।



ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।

- କାର୍ଲାଇଲ

# ଜିଲା ଯୋଗାଣ ଅଧିକାରୀଙ୍କ ଅଫିସ୍‌ରେ ହଟ୍ଟଗୋଳ

**ନୂଆପଡ଼ା ଅଫିସ,୧୬।୧**

ଚାଷୀଙ୍କୁ ଧାନ ବିକ୍ରି ପାଇଁ ଟୋକନ ଦିଆଯାଉଛି। ଟୋକନ ମିଳିବା କ୍ଷଣି ଚାଷୀ ଧାନ ଆଣି ମଣ୍ଡିରେ ରଖୁଛନ୍ତି। ସପ୍ତାହ ବ୍ୟାପି ଧାନକୁ ଜଗି ରଖିଲେ ମଧ୍ୟ ଧାନ ଉଠୁନାହିଁ । ଅନ୍ୟଥା ମଣ୍ଡିର ଧାନ ଟାର୍ଗେଟ ସରିଯାଉଥିବାବେଳେ ଟୋକନର ଅବଧି ଶେଷ ହୋଇଯାଉଛି। ଏଥିପାଇଁ ଚାଷୀ ଅସନ୍ତୋଷ ବଢି ଚାଲିଛି। ସ୍ଥାନୀୟ ନୂଆପଡା ମଣ୍ଡିରେ ଚାଷୀମାନେ ଧାନ ବିକ୍ରି କରିବାରେ ନାହିଁ ନ ଥିବା ଅସୁବିଧା ହେବା ପରେ ଜିଲା ଯୋଗାଣ ବିଭାଗ କାର୍ଯ୍ୟାଳୟ ଘେରାଉ କରିଥିଲେ। ଜିଲା ଯୋଗାଣ ବିଭାଗଙ୍କ ନିରୁତ୍ସାହଜନକ ମନ୍ତବ୍ୟକୁ ନେଇ ଦୁଇ ପକ୍ଷ ମଧ୍ୟରେ ହଟ୍ଟଗୋଳ ହୋଇଛି। ଏଥିରେ କ୍ଷୁବ୍ଧ ଚାଷୀମାନେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

ପ୍ରକାଶ ଯେ, ନୂଆପଡା ମଣ୍ଡିରେ ନୂଆପଡା ଏନଏସି ସମେତ ଟାନୱାଟ ଏବଂ ଗୋଡଫୁଲା ଗ୍ରାମପଞ୍ଚାୟତ ଚାଷୀମାନେ ଧାନ ବିକ୍ରି କରିବାକୁ ଧାର୍ଯ୍ୟ ହୋଇଛି। ଏହି ମଣ୍ଡିରୁ ଆଜି ସୁଦ୍ଧା ମୋଟ ୫୦ ହଜାର ୬୬୨ କୁଇଣ୍ଟାଲ ଧାନ କିଣାକୁ ଟାର୍ଗେଟ ମିଳିଥିଲା । ବୁଧବାର ସୁଦ୍ଧା ଏଠାରୁ ୪୮ ହଜାର ୮୨୩.୧୫ କୁଇଣ୍ଟାଲ ଧାନ କିଣା ସରିଛି। ପାଖାପାଖି ଟାର୍ଗେଟ ଶେଷ ହୋଇଯାଇଛି। ଏଭଳି ପରିସ୍ଥିତିରେ ଆଜକୁ ସପ୍ତାହେ ହେବ ଟାନୱାଟରୁ ଧାନ ଆଣି ଚାଷୀମାନେ ଜଗି ରହିଥିଲେ। ଶେଷରେ ବୁଧବାର ସେମାନଙ୍କୁ ଟାର୍ଗେଟ ସରିଯାଇଥିବା ନେଇ ଫେରାଇ ଦିଆଗଲା। ଅନ୍ୟପଟେ ଗତ ଡିସେମ୍ବରରେ ଲାଗ ଲାଗ ମଣ୍ଡି ବନ୍ଦ ହୋଇଥିବା ଯୋଗୁ ଶହେରୁ ଊର୍ଦ୍ଧ୍ୱ ଚାଷୀଙ୍କ ଟୋକନ ଅବଧି ଶେଷ ହୋଇଯାଇଛି। ଏତେ ସଂଖ୍ୟକ ଚାଷୀଙ୍କ ଧାନବିକ୍ରି ଅନିଶ୍ଚିତତା ମଧ୍ୟରେ ରହିଛି। ଏହାକୁ ନେଇ ଚାଷୀମାନେ ଗୁରୁବାର ସ୍ଥାନୀୟ ପ୍ୟାକ୍ସ କାର୍ଯ୍ୟାଳୟକୁ ଯାଇଥିବାବେଳେ ପ୍ୟାକ୍ସ କର୍ମଚାରୀ ଟାର୍ଗେଟ ଶେଷ ହୋଇଛି। ପୁଣି ଟାର୍ଗେଟ ଆସିଲେ କିଣି ପାରିବେ। ଏହା ଯୋଗାଣ ବିଭାଗ କାର୍ଯ୍ୟାଳୟ ଉପରେ ନିର୍ଭର କରେ ବୋଲି କହିବାରୁ ଅସନ୍ତୋଷ ଚାଷୀମାନେ ଜିଲା ଯୋଗାଣ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘ ସମୟ ଧରି ଧାରଣାରେ ବସିଥିଲେ। ଜିଲା ଯୋଗାଣ ବିଭାଗ ଅଧିକାରୀଙ୍କୁ ଭେଟି ଜଣାଇବା ପରେ ତାଙ୍କ ପାଖକୁ କାହିଁକି ଆସିଛନ୍ତି । ଏହା ଉପରେ ପ୍ୟାକ୍ସ ସବୁ କିଛି ଉତ୍ତର ରଖିବ ବୋଲି କଡା ଜବାବ ଦେବାରୁ ଚାଷୀ ଉତ୍ତ୍ୟକ୍ତ ହୋଇପଡିଥିଲେ। କାର୍ଯ୍ୟାଳୟ ଭିତରକୁ ଧସେଇ ପଶିଥିଲେ। ଠିକ ସମୟରେ ପୋଲିସ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ହୋଇଥିଲା। ଏଭଳି ପରିସ୍ଥିତିରେ ଅଧିକାରୀ ଦୁର୍ବ୍ୟବହାର ଦେଖାଇଛନ୍ତି ବୋଲି ଚାଷୀମାନେ ଥାନାରେ ଲିଖିତ ଭାବେ ଜଣାଇଛନ୍ତି । ଏହା ଉପରେ ଜିଲା ଯୋଗାଣ ଅଧିକାରୀ ଅଶୋକ ଦାସଙ୍କୁ ପଚାରିବାରୁ ଟାର୍ଗେଟ ଆସିଲେ ସବୁ ଧାନ ଉଠାଯିବ। ଏଥିରେ ବ୍ୟସ୍ତ ହେବାର କିଛି ନାହିଁ । କିଛି ଲୋକ ଆସି ଅପ୍ରିତିକର ସ୍ଥିତି କରିଛନ୍ତି ସେ ଉପରେ ଜିଲାପାଳଙ୍କୁ ଜଣାଇବେ ଏବଂ ଦରକାର ହେଲେ ଆଇନର ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। ଏହା ଜିଲାର ଏକ ନମୁନା ମାତ୍ର। ଏହାକୁ ଜିଲା ପ୍ରଶାସନ ଗୁରୁତ୍ୱର ବିଚାରକୁ ନେବାକୁ ଚାଷୀ ସଙ୍ଗଠନ ସବୁ ଦାବି କରିଛନ୍ତି ।



ଜିଲା ଯୋଗାଣ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ଧାରଣାରେ ବସିଛନ୍ତି ।

- ମଣ୍ଡିରୁ ଉଠୁନି ଧାନ, ତେଜୁଛି ଅସନ୍ତୋଷ
- ପ୍ୟାକ୍ସ-ଯୋଗାଣ ବିଭାଗ କାଦୁଅ ଫିଙ୍ଗାଫିଙ୍ଗି
- ଚାଷୀ ଥାନାର ଦ୍ୱାରସ୍ଥ

## ସଂକ୍ଷେପରେ

### ୧୯ କେନ୍ଦ୍ରରେ ପରୀକ୍ଷା ଦେଲେ ୪୫୦୮ ଛାତ୍ରୀଛାତ୍ର

**ଭବାନୀପାଟଣା,୧୬।୧(ଡି.ଏନ.ଏ.):** ଆସନ୍ତା ୨୦୨୦-୨୧ ଶିକ୍ଷା ବର୍ଷରେ ନବୋଦୟ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ କଳାହାଣ୍ଡି ଜିଲାରେ ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ନେଇ ଚୟନ ପରୀକ୍ଷା ଅନୁଷ୍ଠିତ ହୋଇଛି। ଜିଲାର ୧୩ଟି ବ୍ଲକରେ ୧୯ଟି ପରୀକ୍ଷା କେନ୍ଦ୍ରରେ ୪୫୦୮ ଜଣ ପରୀକ୍ଷା ଦେଇଥିବା ନେଇ ଜିଲା ଶିକ୍ଷା ଅଧିକାରୀ ସଞ୍ଜୀବ ସିଂହ ସୂଚନା ଦେଇଛନ୍ତି । କଳାହାଣ୍ଡି ଜିଲାର ୧୩ଟି ଗୋଷ୍ଠୀ ଶିକ୍ଷା ଅଧୀନରେ ରହିଥିବା ବିଭିନ୍ନ ସ୍କୁଲରୁ ୫୨୧୨ ଜଣ ଛାତ୍ରୀଛାତ୍ର ନବୋଦୟ ଚୟନ ପରୀକ୍ଷା ପାଇଁ ଆବେଦନ କରିଥିଲେ। ସେଥିମଧ୍ୟରୁ ଜିଲାର ୧୯ଟି ପରୀକ୍ଷା କେନ୍ଦ୍ରରେ ୪୫୦୮ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୬୦୪ ଜଣ ଅନୁପସ୍ଥିତ ଥିଲେ। ଗତ ୧୧ ତାରିଖରେ ସାଢେ ୧୧ଟାରୁ ସାଢେ ୧ଟା ପର୍ଯ୍ୟନ୍ତ ପରୀକ୍ଷା କରାଯାଇଥିବା ବେଳେ ଜିଲା ଶିକ୍ଷା ନିରୀକ୍ଷକ ସଞ୍ଜୀବ ସିଂହ ଓ ଅତିରିକ୍ତ ଜିଲା ଶିକ୍ଷା ନିରିକ୍ଷକ ବିଜୟ କୁମାର ସିଂ ପ୍ରମୁଖ ଜିଲାର ବିଭିନ୍ନ ପରୀକ୍ଷା କେନ୍ଦ୍ର ବୁଲି ତଦାରଖ କରିଥିଲେ। କଳାହାଣ୍ଡି ଜିଲାରେ ୧୯ଟି ପରୀକ୍ଷା କେନ୍ଦ୍ର ମଧ୍ୟରୁ କେସିଙ୍ଗା ପାଇଁ ୨ଟି ପରୀକ୍ଷା କେନ୍ଦ୍ର ହୋଇଥିଲା । କେସିଙ୍ଗାର ୨ଟି କେନ୍ଦ୍ରରେ ୧୬୮ଟି ବିଦ୍ୟାଳୟର ୫୯୨ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୫୩୧ ଜଣ ପରୀକ୍ଷା ଦେଇଥିଲେ।

### ଅଭିଭାବକ, ଶିକ୍ଷକ ବୈଠକ

**ଖପ୍ରାଖୋଲ, ୧୬।୧(ଡି.ଏନ.ଏ.):** ସରକାର ବିଦ୍ୟାଳୟମାନଙ୍କରେ ଅଭିଭାବକମାନଙ୍କୁ ଅଧିକ ସାମିଲ କରିବା ପାଇଁ ଏକା ଦିନରେ ସବୁ ବିଦ୍ୟାଳୟରେ ଅଭିଭାବକ ଶିକ୍ଷକ ବୈଠକ ପାଇଁ କହିଥିଲେ। ଏହିକ୍ରମରେ ଖପ୍ରାଖୋଲ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଅଭିଭାବକ ଶିକ୍ଷକଙ୍କ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ କ୍ଷୀରୋଦିନି ଭୋଇଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟ ପିଟିଏ ସଭାନେତ୍ରୀ ନମିତା ନାଏକ, ଶିକ୍ଷୟିତ୍ରୀ ନମିତା ମଣ୍ଡଳ, ମନୋରମା ନାଏକ, ତୁଳାରାମ ସୁନା ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ବିଦ୍ୟାଳୟର ସାମଗ୍ରିକ ବିକାଶ ନେଇ ଆଲୋଚନା ହୋଇଥିଲା । ଏଲଇପି ପୋଗ୍ରାମ, ଗାରିମା ଏୱାର୍ଡ, ମୋ ସ୍କୁଲ ଅଭିଜାନ, ଛାତ୍ରୀଛାତ୍ରଙ୍କ ଉପସ୍ଥାନ, ଶିକ୍ଷାଦାନ ବ୍ୟବସ୍ଥା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଅଭିଭାବକମାନେ ନିଜ ପିଲା କିଭଳି ବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି ତାହା ବୈଠକର ଆଲୋଚନା ପରିସରେ ରହିଥିଲା। ଅନ୍ୟମାନଙ୍କ ମଧ୍ୟରେ ପରକ୍ଷିତ ବେହେରା, ବବିତାରାଣୀ ଭୋଇ, ଅମିତ ବାରିକଙ୍କ ସମେତ ଶତାଧିକ ଅଭିଭାବିକା ଅଭିଭାବକ ଉପସ୍ଥିତ ଥିଲେ । ସେହିପରି ବ୍ଲକର ଧଣ୍ଡାମୁଣ୍ଡା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ଅଭିଭାବକ ଶିକ୍ଷକ ବୈଠକ ସରସ୍ୱତୀ ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ମୁଖ୍ୟ ଅତିଥି ସମିତି ସଭ୍ୟ ଶୋଭନମୟ ମିଶ୍ର, ସିଆରସିସି ସୁବାଷ ନାଗ, ପ୍ରଧାନ ଶିକ୍ଷୟିତ୍ରୀ ଜୋସ୍ନାମୟୀ ପାଣିଗ୍ରାହୀ, ଚାରିକାନ୍ତ ପାଣିଗ୍ରାହୀ, ଗୋପୀନାଥ ସାହୁ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବିକା ଅଭିଭାବକ ଯୋଗଦେଇଥିଲେ ।

# ବିଜେଡିର ପଞ୍ଚାୟତସ୍ତରୀୟ ସଭାପତି, ସମ୍ପାଦକଙ୍କ ବୈଠକ

**ସିନାପାଲି,୧୬।୧(ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲି ପଞ୍ଚାୟତ ସମିତି ବିଶ୍ରାମ ଗୃହଠାରେ ସିନାପାଲି ବ୍ଲକ ବିଜୁ ଜନତା ଦଳର ସମସ୍ତ ପଞ୍ଚାୟତସ୍ତରୀୟ ସଭାପତି ଓ ସମ୍ପାଦକଙ୍କୁ ନେଇ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଦଳର ବରିଷ୍ଠ ସକ୍ରିୟ ସଦସ୍ୟ ଦୈତାରୀ ମେହେର ଓ ସାଧାରଣ ସମ୍ପାଦକ ବିରେନ୍ଦ୍ର ଖମାରୀଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ଜିଲା ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ ସଭାପତିତ୍ୱ କରିଥିବା ବେଳେ ସିନାପାଲି ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତ ନବନିର୍ବାଚିତ ସଭାପତି ଓ ସମ୍ପାଦକମାନଙ୍କ ସହ ଦଳୀୟ ସକ୍ରିୟ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ବୈଠକରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋଚନା କରାଯାଇ ଯୋଜନାଗୁଡିକ କିପରି ଭାପରେ ଲୋକଙ୍କ ପାଖରେ ପହଞ୍ଚିବ ସେ ଉପରେ ବିଷେଶ ଆଲୋଚନା କରାଯାଇଥିଲା। ପରେ ବିଜୁ ଜନତା ଦଳର ସମସ୍ତ ସଭ୍ୟାସଭ୍ୟମାନଙ୍କୁ ନେଇ ସଭ୍ୟ ସଂଗ୍ରହ ଅଭିଯାନରେ ଆଧାର ଲିଙ୍କ ହୋଇ ନ ଥିବା ସମସ୍ତ ବିଜୁ ପ୍ରେମୀମାନଙ୍କୁ ସଂଯୋଗ କରିବାକୁ ଆହ୍ୱାନ କରାଯାଇଥିଲା।



ବୈଠକରେ ଯୋଗଦେଇଥିବା ବିଜେଡିର ପଞ୍ଚାୟତସ୍ତରୀୟ କର୍ମକର୍ତ୍ତା ।



ବୈଠକରେ ଯୋଗ ଦେଇଥିବା ଅଧିକାରୀବୃନ୍ଦ।

# ପ୍ରବାସୀ ଶ୍ରମିକଙ୍କ ସମସ୍ୟା ସମାଧାନ ପାଇଁ ଜିଲାସ୍ତରୀୟ ସଚେତନ କାର୍ଯ୍ୟକ୍ରମ

**ଭବାନୀପାଟଣା,୧୬।୧(ଡି.ଏନ.ଏ.)**

ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସରକାରଙ୍କ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମିଳିତ ଆନୁକୂଲ୍ୟରେ କଳାହାଣ୍ଡି ଜିଲାର ୪ଟି ବ୍ଲକରେ ଦାଦନ ରୋକିବା ପାଇଁ ଏକ ମିଳିତ କାର୍ଯ୍ୟକ୍ରମ ନିଷ୍ପତ୍ତି ନିଆଯାଇଛି। ଏହି କ୍ରମରେ ଲୋକକଳା ମାଧ୍ୟମରେ ଜିଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଶୁଭାରମ୍ଭ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ଶରତଚନ୍ଦ୍ର ଶ୍ରୀଚନ୍ଦନ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିବା ବେଳେ ପିଡିଡିଆରଡିଏ ଏଥିରେ ଅଧକ୍ଷତା କରି ସଚେତନ କାର୍ଯ୍ୟକ୍ରମ ବିଭିନ୍ନ ଦିଗ ବିଷୟରେ ଆଲୋକପାତ କରିଥିଲେ। ଏମ୍‌ଜିଏନ୍‌ଆରଇଜିଏ ସଂଯୋଜିକା ପ୍ରଭାତି ପଟ୍ଟନାୟକ, ସହାୟକ ପ୍ରକଳ୍ପ ଅଧିକାରୀ ଜୀବନ ଜୀବିକା ମିଶନ, ବିଦ୍ୟାଧର ସାହୁ, ରାଜ୍ୟ କଳା ସାଧନ କର୍ମୀ ଡ. ଅଜୟ ମିଶ୍ର, ଜିଲା କ୍ରୀଡା ଅଧିକାରୀ ଶୁଭାଶିଷ ନାୟକ, ଗୋଲାମୁଣ୍ଡା ବ୍ଲକ କଳା ସଂସ୍କୃତି ଉପସଭାପତି ପ୍ରଦୀପ କୁମାର ମିଶ୍ର, ସାମାଜିକ କର୍ମକର୍ତ୍ତା ଦେବୀ ପ୍ରସାଦ ମିଶ୍ରଙ୍କ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥା କର୍ମକର୍ତ୍ତା, ବିଦ୍ୟାଳୟ ଶିକ୍ଷକ ଓ କଳାକାର ଯୋଗଦେଇଥିଲେ। ଜିଲା ସଂସ୍କୃତି ଅଧିକାରୀ ଅର୍ପିତା ବେହେରା କାର୍ଯ୍ୟକ୍ରମ ପରିଚାଳନା କରି ଧନ୍ୟବାଦ ଅର୍ପଣ କରିଥିଲେ।

## ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

**ମୁରିବାହାଲ, ୧୬।୧ (ଡି.ଏନ.ଏ)**

ମୁରିବାହାଲ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନେଇ ସ୍ଥାନୀୟ ଏବିଡିଓ ନରେଶ ଚନ୍ଦ୍ର ବେହେରା ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉକ୍ତ ଦିବସରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ନେଇ ଆଲୋଚନା ହୋଇଥିଲା। ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ତରର ଛାତ୍ରୀଛାତ୍ରଙ୍କ ମଧ୍ୟରେ ହେବାକୁ ଥିବା ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତିବିଶେଷ, ଅନୁଷ୍ଠାନ, ଶ୍ରେଷ୍ଠ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମଧ ସମ୍ମାନୀତ କରାଯିବ। ଏହି ପ୍ରସ୍ତୁତି ବୈଠକରେ ବ୍ଲକ ଅଧ୍ୟକ୍ଷ ହଂସରାଜ ଜୈନ, ଉପାଧ୍ୟକ୍ଷା ସୁନ୍ଦରମତୀ ବାଗ, ବିଇଓ ଜଗନ୍ନାଥ ଧରୁଆ, ସିଡିପିଓ ସରସି ପଣ୍ଡା, ଆରଡବ୍ଲୁଏସଏସ ଜେଇ ସଂଯୁକ୍ତା ଲାକ୍ରା, ଡିଗ୍ରୀ କଲେଜ ଅଧ୍ୟକ୍ଷ ସରୋଜ ନାୟକ, ରାଜସିଂ ବାବୁ, ଛୋଟରାୟେ ମାରାଣ୍ଡି, କଶ୍ୟପ ସରାଫ, ତ୍ରିଲୋଚନ ବାଗ, ରୁପେଶ ଷାଣ୍ଢ, ମଳୟ ପୁଟେଲ, ଜ୍ୟାକଶନ ବାଗ, ପ୍ରଫୁଲ୍ଲ ବଘାର, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ପୋଖରୀ, ନଳକୂଅ ସଫା କଲେ

**ନୂଆପଡା ଅଫିସ/ସିନାପାଲି, ୧୬।୧(ଡି.ଏନ.ଏ.)**

ସରକାର ସ୍ୱଚ୍ଛ ଭାରତ ମିଶନ ଜରିଆରେ କୋଟି କୋଟି ଟଙ୍କାର ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏଥିରେ ସଚେତନତା ଏବଂ କାର୍ଯ୍ୟକାରୀ କରିବାକୁ ସରକାରୀସ୍ତରରେ ବଡବାବୁମାନେ ରାତି ଦିନ ଗଣିତ କଷୁଛନ୍ତି । ତଥାପି ଆଶାନୁରୂପ ସୁଫଳ ମିଳିପାରୁନାହିଁ । ଏଭଳି ଗ୍ରାମାଞ୍ଚଳରେ ପରିମଳ ବ୍ୟବସ୍ଥାକୁ ସୁଦୃଢ କରିବାକୁ ବିଶେଷ କରି ଯୁବ ସମାଜ ଆଗକୁ ଆସିଛନ୍ତି । ନୂଆପଡ଼ା ଜିଲା ସିନାପାଲି ବ୍ଲକ ସିଙ୍ଘଝର ଗାଁରେ ନେହେରୁ ଯୁବ କେନ୍ଦ୍ର ତତ୍ତ୍ୱାବଧାନରେ ସ୍ଥାନୀୟ ଯୁବକ ସଂଘର ଯୁବ ସ୍ୱେଚ୍ଛାସେବୀମାନେ ସଫେଇ ଅଭିଯାନ ଆରମ୍ଭ କରିଛନ୍ତି । ସଫେଇ ଅଭିଯାନରେ ସ୍ଥାନୀୟ ସରପଞ୍ଚ ବୈକୁଣ୍ଠନାଥ ମାଝି ମୁଖ୍ୟଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିବାବେଳେ ନାଏବ ସରପଞ୍ଚ ଚନ୍ଦ୍ରଧ୍ୱଜ ବୈଠାରୁ, ବଜରଙ୍ଗ ଅଗ୍ରୱାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପୂର୍ବାହ୍ନରେ ସିଙ୍ଘଝର ଗାଁର ବୀଣାପାଣି ଯୁବକ ସଂଘ ପକ୍ଷରୁ ଯୁବ ସ୍ୱେଚ୍ଛାସେବୀମାନେ ବୁଢାରଜା ମନ୍ଦିର ଏବଂ ଶିବ ମନ୍ଦିର ସଫେଇ କରିଥିଲେ। ସମସ୍ତଙ୍କ ହାତରେ କୋଦାଳ ଝାଡୁ ରହିଥିଲା। ପ୍ରଥମେ ମନ୍ଦିରରେ ପୂଜାର୍ଚ୍ଚନା ପରେ ଗାଁକୁ ସଫେଇ କରିବାକୁ ସଂକଳ୍ପ ନେଇଥିଲେ। ଅପରାହ୍ନରେ ଗୁରୁଘାସିଦାସ ସତ୍ୟସ୍ତମ୍ଭ କମିଟି ପକ୍ଷରୁ ଯୁବ ସ୍ୱେଚ୍ଛାକର୍ମୀ ଏକ ରାଲିରେ ବାହାରି ଗାଁରେ ସ୍ୱଚ୍ଛ ଭାରତ ବାର୍ତ୍ତା ଦେଇଥିଲେ। ଗାଁ ରାସ୍ତା ଦୁଇପାର୍ଶ୍ୱ ସଫେଇ କରିଥିବାବେଳେ ନଳକୂଅଗୁଡିକର ଚାରି କଡକୁ ସଫା କରିଥିଲେ। ଏଥିରେ କମିଟି ସଭାପତି ଘାସିରାମ ସତନାମୀ, ସମ୍ପାଦକ ଲାବଣ୍ୟ କୁମାର ନେତୃତ୍ୱ ନେଇଥିଲେ । ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ସ୍ୱେଚ୍ଛାସେବୀ ନୀଳାମ୍ବର ମେହେର, ଅଜିତ ବୈଠାରୁ କାର୍ଯ୍ୟକ୍ରମ ପରିଚାଳନା କରିବାରେ ଉତ୍ସାହିତ କରିଥିଲେ। ଏହାକୁ ପାଖଆଖ ଗାଁକୁ ମଧ୍ୟ ସଂପ୍ରସାରିତ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି । ନିଶ୍ଚିତ ଭାବେ ଏହି ଯୁବକମାନଙ୍କ କାର୍ଯ୍ୟ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେବ ବୋଲି କୁହାଯାଉଛି।



ଯୁବକମାନେ ନଳକୂଅ ଚାରିକଡ଼ ସଫେଇ କରୁଛନ୍ତି ।

# ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଶୁଭାରମ୍ଭ

**ଭବାନୀପାଟଣା,୧୬।୧(ଡି.ଏନ.ଏ.)**

ଜଳସମ୍ପଦ ବିଭାଗ ପକ୍ଷରୁ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ୨୦୧୯-୨୦୨୦ ଗୁରୁବାର ଶୁଭାରମ୍ଭ ହୋଇଛି। ଆୟୋଜିତ ସଭାରେ ସଭାପତି ଭାବେ ଅତିରିକ୍ତ ଜିଲାପାଳ ଶରତଚନ୍ଦ୍ର ଶ୍ରୀଚନ୍ଦନ ଯୋଗଦେଇଥିବା ବେଳେ ମୁଖ୍ୟଅତିଥି ଭାବେ ନର୍ଲା ବିଧାୟକ ଭୁପିନ୍ଦର ସିଂ, ସମ୍ମାନିତ ଅତିଥି ଭାବେ ଭବାନୀପାଟଣା ଜଳସେଚନ ମଣ୍ଡଳ ପଶ୍ଚିମାଞ୍ଚଳ ଅଧୀକ୍ଷଣ ଯନ୍ତ୍ରୀ ଶିଶିର କୁମାର ଶତପଥୀ ଯୋଗଦେଇଥିଲେ। କଳାହାଣ୍ଡି ଜଳସେଚନ ବିଭାଜନ ନିର୍ବାହୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ଦାସ ସଭାରେ ଅଧକ୍ଷତା କରିଥିଲେ। ସଭାରେ ନିର୍ବାହୀ ଯନ୍ତ୍ରୀ କ୍ଷୁଦ୍ର ଜଳସେଚନ ବିଭାଗ, ନିର୍ବାହୀ ଯନ୍ତ୍ରୀ ଉଠା ଜଳସେଚନ ବିଭାଗ, ନିର୍ବାହୀ ଯନ୍ତ୍ରୀ ଅପର ଇନ୍ଦ୍ରାବତୀ ବାମ କେନାଲ କୁସୁମଖୁଣ୍ଟି, ନିର୍ବାହୀ ଯନ୍ତ୍ରୀ ଅପରଇନ୍ଦ୍ରାବତୀ ଧାନ କେନାଲ ମୁଖିଗୁଡା ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଜିଲାର ଜଣେ ମାତ୍ର ବିଧାୟକ ଭାବେ ଭୁପେନ୍ଦ୍ର ସିଂ ଉପସ୍ଥିତ ଥିଲେ। ବିଧାୟକ ସିଂ ଇନ୍ଦ୍ରାବତୀ ବାମ ଦକ୍ଷୀଣ କେନାଲ ବାବଦରେ ଆଲୋଚନା କରିବା ସହିତ ପାଣି ପଞ୍ଚାୟତ ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ। ରେତ ଉତେଇ ଏବଂ ରେତ ଉପରବାଲା କେମିତି ଆସିଲେ ନାହିଁ ସେଥିପ୍ରତି ଉଦ୍‌ବେଗ ପ୍ରକାଶ କରିଥିଲେ। ଜୁନାଗଡଠାରେ ଚାଷୀମାନଙ୍କ ସହିତ ମଧ ଆଲୋଚନା କରିଥିଲେ। ରାଇଟ କେନାଲ ପାଣି ଆସନ୍ତ ଶୁକ୍ରବାର ସୁଦ୍ଧା ନାନ୍ଦୁଲ ପର୍ଯ୍ୟନ୍ତ ପହଞ୍ଚିବ ବୋଲି ସିଂ କହିବା ସହ ଇନ୍ଦ୍ରାବତୀରେ ଜଣେ ଛାତ୍ର ବୁଡି ମରିଥିବାରୁ କେନାଲରେ ପାଣି ଛଡା ଯାଇ ନ ଥିବା କହିବା ସହ ଖୁବ ଶୀଘ୍ର ଆଘକୁ ମଧ ପାଣି ମାଡିବ ବୋଲି କହିଥିଲେ। ଉଦ୍‌ଘାଟନୀ ଉତ୍ସବ ପରେ ୨ଟି ପାଣିପଞ୍ଚାୟତ ରଥକୁ ଅତିରିକ୍ତ ଜିଲାପାଳ ଚନ୍ଦନ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜାନୁୟାରୀ ୧୬ରୁ ୩୦ ତାରିଖ ପର୍ଯ୍ୟନ୍ତ ପାଣିପଞ୍ଚାୟତ ରଥ ଜିଲାର କେନାଲ ଦ୍ୱାରା ଜଣସେଚିତ ହେଉଥିବା ଅଞ୍ଚଳଗୁଡିକୁ ପରିକ୍ରମା କରିବ। ଏହି ଅବସରରେ ଅନୁଷ୍ଠିତ ହୋଇଥିବା ଜିଲାସ୍ତରୀୟ ଓ ବିଭାଜନସ୍ତରୀୟ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।



ପାଣିପଞ୍ଚାୟତ ବୈଠକରେ ଆଲୋଚନା କରାଯାଉଛି।

# ଜଳସେଚନ ସୁବିଧା ଚାଷୀଙ୍କ ଅମୂଲ୍ୟ ସମ୍ପଦ

**ନୂଆପଡା ଅଫିସ,୧୬।୧**

**ନୂଆପଡ଼ା, ଜୋଙ୍କ ପ୍ରଭାଗସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ**

ଚାଷୀଙ୍କୁ ଜଳ ସେଚନର ସୁବିଧା ଯୋଗାଇ ଦେବାକୁ ସରକାର ସବୁବେଳେ ଅଣ୍ଟା ଭିଡିଛନ୍ତି । ଏହି ଜଳ ସେଚନ ସୁବିଧା ଚାଷୀଙ୍କ ପାଇଁ ଅମୂଲ୍ୟ ସମ୍ପଦ ବୋଲି ଚାଷୀନେତାମାନେ ମତ ରଖିଛନ୍ତି । ଗୁରୁବାର ପ୍ରଭାଗସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ଅତିଥିମାନେ ଏହି ମତ ରଖିଥିଲେ। ସ୍ଥାନୀୟ ନୂଆପଡା ଜଳ ସେଚନ ବିଭାଗ କାର୍ଯ୍ୟାଳୟରେ ନୂଆପଡା ପ୍ରଭାଗ ଏବଂ ପତୋରା ଡ୍ୟାମ ପରିସରରେ ଜୋଙ୍କ ପ୍ରଭାଗସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଇଛି ।

ସ୍ଥାନୀୟ କାର୍ଯ୍ୟାଳୟରେ ଆୟୋଜିତ ନୂଆପଡା ବିଭାଗ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲାପାଳ ମଧୁସ୍ମିତା ସାହୁ ଏବଂ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ଯୋଗଦେଇ ପାଣି ପଞ୍ଚାୟତ ସଚେତନତା ରଥକୁ ଉଦ୍‌ଘାଟନ କରିଥିଲେ। ପରେ ନିର୍ବାହୀ ଯନ୍ତ୍ରୀ ସୁରେଶ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏସଡିଓ ସମରେନ୍ଦ୍ର ସାହୁ, ୱିଲସନ କେର୍କେଟା, ଝାରବନ୍ଧ ଜଳ ସେଚନ ପ୍ରକଳ୍ପ ସଭାପତି ଡୋଳାଚନ୍ଦ୍ର ସାହୁ, ଡୁମେରବାହାଲରୁ ଉଗ୍ରେସନ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହିଭଳି ପତୋରା ଡ୍ୟାମ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ନିର୍ବାହୀ ଯନ୍ତ୍ରୀ ଗୌରାଙ୍ଗ ଚରଣ ସାହୁଙ୍କ ସଭାପତିତ୍ୱରେ ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ମୁଖ୍ୟଅତିଥି, ଏପେକ୍ସ ସମ୍ପାଦକ ଧନୀରାମ ସାହୁ, ଏସଡିଓ କବିରାଜ ବେହେରା, ତରୁଣ କୁମାର ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ପ୍ରବନ୍ଧ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀ ଅମ୍ରିତା ସାହୁ, ନମନ ଜୈନ, ଅନୁଗ୍ରହ ମେରି, ନ୍ୟାସ ଯୋଷୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ସୁନ୍ଦର ଏବଂ ଜୋଙ୍କ ଜଳ ସେଚନ ପ୍ରକଳ୍ପ ଅଞ୍ଚଳର ଶତାଧିକ ଚାଷୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚାଷୀ ନେତା ପ୍ରକାଶ ଦିକ୍ଷୀତ, ଅଶୋକ କୁମାର ଦିକ୍ଷୀତ ପ୍ରମୁଖ ଯୋଗ ଦେଇଥିଲେ।



ଜିଲାପାଳ ପତାକା ଦେଖାଇ ସଚେତନତା ରଥକୁ ଶୁଭାରମ୍ଭ କରୁଛନ୍ତି ।



ପତୋରା ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।



ଯେଉଁଠାରେ ଦୁଃଖର ରାଜୁତି, ଆଶ୍ଚର୍ଯ୍ୟର କଥା
ସେଇଠାରେ ହିଁ ମହତ ଲୋକର ଜନ୍ମ ହୋଇଛି।
- ଲର୍ଡ କର୍ଜନ

# ଚାଷୀଙ୍କ ରାସ୍ତାରୋକୋ ଆନ୍ଦୋଳନ

**ପର୍ଲା,୧୬।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲାର ବିଭିନ୍ନ ମଣ୍ଡିରେ ଚାଷୀଙ୍କ ଧାନ ପଡି ରହିଥିବା ବେଳେ ଧୀରେ ଧୀରେ ଚାଷୀଙ୍କ ମଧ୍ୟରେ ଆନ୍ଦୋଳନ ସ୍ୱର ଉଠୁଛି। ଖୋଲା ଆକାଶ ତଳେ ଶୀତ କାକରରେ ମଣ୍ଡିରେ ଚାଷୀ ଧାନ ରଖି ଜଗି ରହିଛନ୍ତି। ଧର୍ମଗଡ ବ୍ଲକ ବୋଡେନ ମଣ୍ଡିରେ ହଜାର ହଜାର କୁଇଣ୍ଟାଲ ଧାନ ପଡିରହିଛି। ଗୁରୁବାର ଟୋକନ ପ୍ରଦାନରେ ବିଳମ୍ବ ପ୍ରତିବାଦ କରି ଚାଷୀମାନେ ଧର୍ମଗଡ-କୋକସରା ମୁଖ୍ୟ ରାସ୍ତା ଅବରୋଧ କରିଛନ୍ତି। ସୂଚନା ମତେ ଶତାଧିକ ଚାଷୀଙ୍କୁ ୱେବସାଇଡ ମାଧ୍ୟମରେ ଟୋକନ ପ୍ରାପ୍ତ ସୂଚନା ମିଳିଥିବା ବେଳେ ଗତ ୪ ଦିନ ତଳୁ ତାହା ଗାଏବ ହେଉଥିବା ଓ ଅଦ୍ୟାବଧି ମିଳି ନ ଥିବା ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ଏ ନେଇ ଜିଲା ଯୋଗାଣ ଅଧିକାରୀଙ୍କ ନିକଟରେ ଚାଷୀମାନେ ଅଭିଯୋଗ କରିଥିବା ବେଳେ ଏହା ଆମ ଆୟତର କଥା ନୁହେଁ, ଭୁବନେଶ୍ୱରଠାରୁ ହିଁ ଏସବୁ ହୋଇଥିବା ପ୍ରକାଶ କରିଥିବା ଚାଷୀମାନେ କହିଛନ୍ତି। ନିରୁପାୟ ହୋଇ ଗୁରୁବାର ଧର୍ମଗଡ-କୋକସରା ରାସ୍ତା ଉପରେ ଚାଷୀମାନେ ବସି ଆନ୍ଦୋଳନ କରିଥିଲେ। ଆନ୍ଦୋଳନକୁ ଯୁବ କଂଗ୍ରେସ ନେତା ଦିଗାମ୍ବର ଦୁରିଆ ସମର୍ଥନ କରିଥିଲେ। ଦୀର୍ଘ ୫ଘଣ୍ଟା ରାସ୍ତାରୋକୋ ଯୋଗୁ ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା। ଘଟଣାସ୍ଥଳରେ ଧର୍ମଗଡ ତହସିଲଦାର ଚିନ୍ମୟ କୁମାର ନାଏକ ଓ ଧର୍ମଗଡ ଏସିଏସଓ ପ୍ରଫୁଲ୍ଲ କୁମାର ଦାସ ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ଯେଉଁମାନଙ୍କ ଟୋକନ ମିଳିନାହିଁ ଓ ୱେବସାଇଡରେ ଗାଏବ ହୋଇଛି ସେମାନଙ୍କୁ ସୁନିଶ୍ଚିତ ଭାବେ ଟୋକନ ଦିଆଯିବା ସହ ଚାଷୀଙ୍କ ଧାନ ମଣ୍ଡିରୁ ଉଠିବା ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଆନ୍ଦୋଳନରେ ସନ୍ତୋଷ କୁମାର ପାଢ଼ୀ, ମହେନ୍ଦ୍ର ନିଆଲ, ହରିଶ୍ଚନ୍ଦ୍ର ଖରସେଲ, ପରମାନନ୍ଦ ଦଣ୍ଡସେନା, ସନ୍ତୋଷ କୁମାର ଶବର, ଉମେଶ ବାଗ, ନାରାୟଣ ମାଝି ପ୍ରମୁଖ ଚାଷୀ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ ଯେ, ବୋଡେନ ପ୍ୟାକ୍ସରେ ମୋଟ ୧୨୦୪ ଜଣ ଚାଷୀଙ୍କ ନାମ ପଞ୍ଜୀକୃତ ହୋଇଥିବା ବେଳେ ବର୍ତ୍ତମାନ ୬୮୩ ଜଣ ଚାଷୀଙ୍କ ଧାନ କିଣା ହୋଇସାରିଛି। ଏହି ମଣ୍ଡିର ଟାର୍ଗେଟ ୬୨ ହଜାର ୬୦୪ କୁଇଣ୍ଟାଲ ଥିବା ବେଳେ ୫୨ ହଜାର ୪୨୦ କୁଇଣ୍ଟାଲ କିଣା ହୋଇଛି। ବର୍ତ୍ତମାନ ମାସେ ହେବ ୭୦ ଜଣ ଚାଷୀଙ୍କ ପ୍ରାୟ ୫ରୁ ୬ ହଜାର କୁଇଣ୍ଟାଲ ଧାନ ମଣ୍ଡିରେ ପଡିଥିବା ବେଳେ ଶତାଧିକ ଚାଷୀଙ୍କ ଟୋକନ ପାଇ ନ ଥିବା ଜଣାପଡିଛି। ଏ ନେଇ ଧର୍ମଗଡ ଯୋଗାଣ ଅଧିକାରୀଙ୍କୁ ପଚାରିବାରୁ ଯଥା ଶୀଘ୍ର ଟୋକନ ଦେବା ବ୍ୟବସ୍ଥା କରାଯିବା ସହ ଚାଷୀଙ୍କ ଧାନ ଉଠାଯିବ ବୋଲି ପ୍ରକାଶ କରିଛନ୍ତି।



ଧର୍ମଗଡ-କୋକସରା ରାସ୍ତାରେ ଚାଷୀମାନେ ବସି ଆନ୍ଦୋଳନ କରୁଛନ୍ତି ।

**■ବାଡେନ ମଣ୍ଡିରେ ତେଜିଲେ ଚାଷୀ**

**■ଟୋକନ ପ୍ରଦାନରେ ବିଳମ୍ବର ପ୍ରତିବାଦ**

## ସଂକ୍ଷେପରେ

### ସ୍କୁଟିରୁ ପଡ଼ି ଜଣେ ମୃତ, ଜଣେ ଗୁରୁତର

**ଜୁନାଗଡ଼,୧୬।୧(ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମହିଚଲା ମଣ୍ଡି ନିକଟ ୨୬ ନଂ. ଜାତୀୟ ରାଜପଥରେ ଗୁରୁବାର ଅପରାହ୍ନରେ ସ୍କୁଟିରୁ ପଡି ଜଣକର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତ ବ୍ୟକ୍ତି ଜଣକ ଭବାନୀପାଟଣା ସହର ମହାବୀରପଡାର ଶମ୍ଭୁପ୍ରସାଦ ବେହେରା ଓ ଗୁରୁତର ବ୍ୟକ୍ତି ହେଲେ ଭବାନୀପାଟଣା ନକଟିଗୁଡାର ଭବାନୀ ଶଙ୍କର ନାଏକ (୪୦)। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଉଭୟ ଏକ ସ୍କୁଟି (ନଂ.ଓଡି୦୮ଏଫ୍ ୫୯୩୦)ରେ ଜୁନାଗଡ ଆଡକୁ ଆସୁଥିବାବେଳେ ମହିଚଲା ମଣ୍ଡି ବୁଲାଣି ନିକଟରେ ଭାରସମ୍ୟ ହରାଇ ରାସ୍ତା କଡକୁ ପଡିଯାଇଥିଲେ। ରାସ୍ତା କଡରେ ଥିବା ଟିଣ ବାଡରେ କଟିଯାଇ ଘଟଣା ସ୍ଥଳରେ ଶମ୍ଭୁଙ୍କ ମୃତ୍ୟୁ ହୋଇଛି। ଭବାନୀଙ୍କୁ ଗୁରୁତର ଅବସ୍ଥାରେ ମହିଚଲା ସରପଞ୍ଚ ଅଜୟ ବେହେରାଙ୍କ ଉଦ୍ୟମରେ ୧୦୮ ଆମ୍ବୁଲାନ୍ସ ଯୋଗେ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପରେ ସେଠାରୁ ତାଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଭବାନୀଙ୍କ ମୁଣ୍ଡରେ ଆଘାତ ଲାଗିଥିବା ଜଣାପଡିଛି। ଜୁନାଗଡ ଭାରପ୍ରାପ୍ତ ଥାନାଧିକାରୀ ଉତ୍ତମ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚ ପ୍ରାଥମିକ ତଦନ୍ତ ଆରମ୍ଭ କରିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝିଅ ଅଲିଅଳି ହୋଇ ବଢ଼ିଛନ୍ତି,**
**ଭାତ ଟୋକି ଟୋକି ଖାଉଛନ୍ତି,**
**ହାତ ମୁଠି ମୁଠି କରୁଛନ୍ତି,**
**ହଂସୁଲି ଢୁଳିରେ ଗଡୁଛନ୍ତି ।**

ବାପଘରେ ବେଶ୍ ଅଲିଅଳରେ ବଢ଼ି ଆସିଥିବା ଝିଅ ଯେବେ ବୋହୂ ହୋଇ ଶାଶୁଘରକୁ ଆସେ ସେତେବେଳେ ତା'ର କାର୍ଯ୍ୟ ପରିସର ବୃଦ୍ଧିପାଏ। ଦାୟିତ୍ୱରେ ଖିଲାପ ହେଲେ ଅସନ୍ତୋଷ ବୃଦ୍ଧି ପାଇବା ସହ ସ୍ଥଳ ବିଶେଷରେ ନିନ୍ଦା ଶରବ୍ୟର ପାତ୍ରୀ ହେବାକୁ ପଡ଼ିଥାଏ। ଖାଇପିଇ ବେଶ୍ ଆରାମରେ ଶୋଇ ରହୁଥିବା ବୋହୂର ଏତାଦୃଶ ଦିନଚର୍ଯ୍ୟା ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଠାପୁଆ କପାଳକୁ ବର୍ଷା ହେବା ।**

ଯେ ଅଳସୁଆ ବା ଠାପୁଆ ସେ କାମ ନ କରିବାକୁ ସବୁବେଳେ ଓର ଉଣ୍ଡୁଥାଏ। ତାକୁ ଟିକିଏ ବାହାନା ମିଳିଗଲେ କାମ ନ କରି ରହିଯାଏ। ମେଘ ହୋଇ ପାଗ ଖରାପ ହେଲେ କାମ କରିବା ଦରକାର ପଡ଼େନି । ଫଳସ୍ୱରୂପ କାମ ନ କରି ବସି ରହିବାକୁ ସୁବର୍ଣ୍ଣ ସୁଯୋଗ ମିଳିଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ୧୫ ଶହ କି.ଗ୍ରା. ମହୁଲ ପୋଚ ନଷ୍ଟ କଲା ଅବକାରୀ ବିଭାଗ



ମହୁଲ ପୋଚ ନଷ୍ଟ ସମୟରେ ଅବକାରୀ ଜିଲା ଭ୍ରାମ୍ୟମାଣ ଗୋଷ୍ଠୀ ।

**ଭବାନୀପାଟଣା,୧୬।୧(ସ୍ୱ.ପ୍ର.)**

କଳାହାଣ୍ଡି ଜିଲାପାଳ ଡ. ପରାଗ ହର୍ଷଦ ଗାଭାଲି ଓ ଜିଲା ଅବକାରୀ ଅଧୀକ୍ଷକ ଡମ୍ବରୁଧର ଖଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଜୟପାଟଣା ଥାନା ଡୁମୁଡିଖୋଲ ଗ୍ରାମ ନିକଟରେ ଥିବା ନାଳଗୁଡିକରେ ଦେଶୀ ହାତରନ୍ଧା ମଦ ତିଆରି ହେଉଥିବା ଖବର ପାଇ ଅବକାରୀ ଜିଲା ଭ୍ରାମ୍ୟମାଣ ଗୋଷ୍ଠୀ ଓ ଜୟପାଟଣା ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା। ସେଠାରେ ଖାନତଲାସି ପରେ ମଦ ରନ୍ଧା ସାମଗ୍ରୀ ଜବତ କରାଯାଇଥିଲା। ଘଟଣାସ୍ଥଳରେ ୧୫ଶହ କିଗ୍ରା ମହୁଲ ପୋଚ ନଷ୍ଟ କରାଯାଇଥିଲା। ସେହିପରି ଡୁମୁଡିଖୋଲ ଗ୍ରାମର ମସ୍କୁ ଜାନିଙ୍କୁ ୨୦ ଲିଟର ଚୋରା ହାତ ତିଆରି ମଦ ସହ ଗିରଫ କରାଯାଇ ଜୟପାଟଣା ଜେଏମ୍ଏଫସି କୋର୍ଟ ଚାଲାଣ କରାଯାଇଥିଲା। ଅବକାରୀ ଜିଲା ଭ୍ରାମ୍ୟମାଣ ଗୋଷ୍ଠୀ ନିରୀକ୍ଷକ କୁବେର ସେଠିଙ୍କ ତତ୍ତ୍ୱାବଧାନରେ ଅବକାରୀ ଉପନିରୀକ୍ଷକ ଦିଲୀପ କୁମାର ରଥ, ସୁଧାଂଶୁ ମୁଣ୍ଡା, ଏଏସ୍ଆଇ ଛବିଲାଲ ତାଣ୍ଡି, ଅଶୋକ କୁମାର ସାହୁ, କନଷ୍ଟେବଳ ଈଶ୍ୱର ଭୋଇ, ପ୍ରଦ୍ୟୁମ୍ନ ନାଏକ, ଅରୁଣାକ୍ଷ ଧଙ୍ଗଡାମାଝି, ରାଜକୁମାରୀ ଶବର, ରଶ୍ମୀ ସାହୁ ପ୍ରମୁଖ ଚଢାଉରେ ସାମିଲ ଥିଲେ।

**ଜଣେ କୋର୍ଟ ଚାଲାଣ**

# ନବୋଦୟ ପରୀକ୍ଷାରୁ ବଞ୍ଚିତ ଛାତ୍ରୀଛାତ୍ର ଜିଲାପାଳଙ୍କୁ ଭେଟିଲେ

**ଭବାନୀପାଟଣା,୧୬।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁର ଗପବନ୍ଧୁ ବିଦ୍ୟାଳୟରେ ଗତ ଶନିବାର ଅନୁଷ୍ଠିତ ନବୋଦୟ ଚୟନ ପରୀକ୍ଷାରୁ ବଞ୍ଚିତ ଛାତ୍ରୀଛାତ୍ର ମଙ୍ଗଳବାର ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଲାଞ୍ଜିଗଡ ବିଧାୟକ ପ୍ରତିନିଧି ପ୍ରଦୀପ ଘଡେଇ, ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରଧାନୀ ଓ ବ୍ଲକ ପୂର୍ବ ଉପାଧ୍ୟକ୍ଷ ଜଗଦୀଶ ବେନିଆ ଭବାନୀପାଟଣା ଯାଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ବିଧାୟକ ପ୍ରଦୀପ ଦିଶାରୀ ମଧ୍ୟ ଜିଲାପାଳଙ୍କୁ ଏହି ବିଷୟରେ ଆଲୋଚନା କରିଛନ୍ତି ବୋଲି ବିଧାୟକ ପ୍ରତିନିଧି ଘଡେଇ ପ୍ରକାଶ କରିଛନ୍ତି। ଅଭିଯୋଗ ଅନୁସାରେ, ଏହି ଛାତ୍ରୀଛାତ୍ରମାନେ ଆବେଦନ ପତ୍ର ଅଫ୍ ଲାଇନରେ ବିଇଓ ଅଫିସରେ ଏବିଇଓ କାଶୀନାଥ ରଉତରାୟଙ୍କୁ ଦେଇଥିଲେ। ଆଡମିଟ କାର୍ଡ ନ ଆସିବାରୁ ଛାତ୍ରୀଛାତ୍ରମାନେ ପରୀକ୍ଷାରୁ ବଞ୍ଚିତ ହୋଇଛନ୍ତି। ଜଗନ୍ନାଥପୁର ପଞ୍ଚାୟତର ମଙ୍ଗୁଲୁ ହରିଜନଙ୍କ ପୁଅ ଶକ୍ତି ହରିଜନ, ଡଙ୍ଗରଗଡ ନୂତନ ପ୍ରାଥମିକ ବିଦ୍ୟାଳୟ ଛାତ୍ର ଅରୁଣ ମାଝି, ଛାତ୍ରୀ ମିନତି ହରିଜନ, ବିଶ୍ୱନାଥପୁର ପ୍ରାଥମିକ ବିଦ୍ୟାଳୟ ଛାତ୍ରୀ ଅର୍ଜିତା ଦଣ୍ଡସେନା, ଛାତ୍ର ସରୋଜ ନାଗ ଓ ଗୁପ୍ତେ କୌଶଲ୍ୟା, ବିଶ୍ୱନାଥପୁର ବ୍ଲକ କଲୋନି ପ୍ରାଥମିକ ବିଦ୍ୟାଳୟ ଛାତ୍ରୀ ନିହା ବାରିକ, ପୂଜା ସିନା, ସଂଯୁକ୍ତା ବଥଲିଆ, ଛାତ୍ର ଗଣେଶ କରୁଆ, ସିନ୍ଧି ଗଉଡ, ଜଗନ୍ନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସଞ୍ଜୟ ମାଝି, ଉମେସ ଗରଡିଆ ପ୍ରମୁଖ ପରୀକ୍ଷାରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ବିଇଓ ସଞ୍ଜୀବ ନାଏକଙ୍କୁ ପଚାରିବାରୁ ଗତ ଶନିବାର ଆଡମିଟ କାର୍ଡ ନ ଆସିବାରୁ ପିଲାମାନେ ପରୀକ୍ଷାରୁ ବଞ୍ଚିତ ହୋଇଛନ୍ତି। ଅଭିଭାବକମାନେ ଫର୍ମ ଅତିରିକ୍ତ ଶିକ୍ଷା ଅଧିକାରୀ କାଶୀନାଥ ରାଉତରାୟଙ୍କୁ ଦେଇଥିବା କହୁଛନ୍ତି। ରାଉତରାୟ ମଧ୍ୟ ନର୍ଲା ନବୋଦୟ ସ୍କୁଲକୁ ପଠାଇଥିବା କହୁଛନ୍ତି। କାହିଁକି ପିଲା ପରୀକ୍ଷାରୁ ବଞ୍ଚିତ ହେଲେ ତାହା ତଦନ୍ତ ପରେ ଜଣା ପଡିବ ବୋଲି ସେ ପ୍ରକାଶ କରିଥିଲେ।

# ଧର୍ମଗଡ଼ରେ କଳାହାଣ୍ଡି ଉତ୍ସବ ଘୁମୁରାର ଦ୍ୱିତୀୟ ସନ୍ଧ୍ୟା

**ଧର୍ମଗଡ,୧୬।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡଠାରେ ଆୟୋଜିତ ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୦ର ଗୁରୁବାର ଦ୍ୱିତୀୟ ସନ୍ଧ୍ୟାରେ ମନମୋହିଥିଲା ଜାତୀୟ କଳାକାରମାନଙ୍କ ନୃତ୍ୟ। ଧର୍ମଗଡ ଉପଜିଲପାଳ ତଥା ଉତ୍ସବ କମିଟି ଅଧ୍ୟକ୍ଷ ପଦ୍ମନାଭ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦେଇ ଧର୍ମଗଡଠାରେ ପାଳନ ହେଉଥିବା ଉତ୍ସବର ମଞ୍ଚ ସବୁବେଳେ ନୂଆ ରୂପ ନେଇ ଆସିଥାଏ। ସେହି ପରି ସମଗ୍ର ଜିଲାରେ କଳାକ୍ଷେତ୍ରରେ ଧର୍ମଗଡର ଉଡ ସ୍ୱତନ୍ତ୍ର ପରିଚୟ ରହିଛି ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଧର୍ମଗଡ ତହସିଲଦାର ଚିନ୍ମୟ କୁମାର ନାଏକ ଯୋଗଦେଇ ଏହି ଉତ୍ସବର ଦୀର୍ଘାୟୁ କାମନା କରିଥିଲେ। ଅଧ୍ୟାପକ ଲିଙ୍ଗରାଜ ପାତ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ପରେ ଏକ ବର୍ଣାଢ୍ୟ ପରିବେଶରେ ଆରମ୍ଭ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ଯୁବ ସଂଯୋଜକ ମାନସ ମୁଣ୍ଡ, ଘନଶ୍ୟାମ ମେହେର, ଗୋପାଳ ମେହେର, ସଞ୍ଜୀବ କୁମାର ମୁଣ୍ଡ,ରାଜେନ୍ଦ୍ର କୁମାର ମୁନି ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଦ୍ୱିତୀୟ ସନ୍ଧ୍ୟାରେ କଳାହାଣ୍ଡିର ବିରବାଦ୍ୟ ଘୁମୁରା, ଆସାମର ବିହୁ, କଳାହାଣ୍ଡିର ପ୍ରତିଭା, ମଣିପୁରର ଲୋକ ନୃତ୍ୟ, ରାଜସ୍ଥାନର ନୃତ୍ୟ, ଝାଡ଼ଖଣ୍ଡର ଲୋକନୃତ୍ୟ, ମହାରାଷ୍ଟ୍ରର ଲୋକନୃତ୍ୟ, ପଞ୍ଚାୟତ କଲେଜ ଧର୍ମଗଡ ତଥା ରାଜ୍ୟ ଓ ରାଜ୍ୟ ବାହାର କଳାକାର ନୃତ୍ୟ ପରିବେଷଣ କରିଥିଲେ।



ଧର୍ମଗଡ଼ରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

BALAJI FINANCE
(Reg.No. KA4535FDH852KL)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୨ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଡା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
9415512879

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍ଚର, ଦୁଇ ଚକିଆ, ଗ୍ରୁପ୍ ଋଣ ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ସହଜ କିସ୍ତିରେ ଘରେ ବସି ପାଆନ୍ତୁ
ମହିଳା ତଥା କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ମୁଦ୍ରା ଫାଇନାନ୍ସ
89291-25571
89296-19951
M.P. Nagar, Zone-1, Bhopal, Madhya Pradesh.

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485
7608013153
Salt Lake City, Kolkata-700091, Panditagaon, Khalikote, Ganjam

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday

BUSINESS

JOB JOB
ଶିବାନୀ SMS ଜବ୍ ପାର୍ଟ ଟାଇମ୍/ଫୁଲ୍ ଟାଇମ୍ JOB ALL ଓଡ଼ିଶାର ସବୁ ଜିଲ୍ଲା ଅନୁସାରେ ପୁଅ/ଝିଅ, ବେରୋଜଗାର, ଗୃହିଣୀ, ବେରୋଜଗାରୀ/ମାନ୍ଦାବସ୍ଥା ସମୟରେ ଆୟର ସୁବର୍ଣ୍ଣ ସୁଯୋଗ 15,000/-ରୁ 20,000/- ରୋଜଗାର କରନ୍ତୁ । ଲାପଟପ୍, ମୋବାଇଲ, ବାଇକ୍ ମାଗଣା । ଅନ୍‌ଲାଇନ୍ SMS କରନ୍ତୁ । ଜବ୍ ଆଇ.ଡି. ପାଇଁ ଯୋଗାଯୋଗ କରନ୍ତୁ ।
7265982706
7064678575

2003ଠାରୁ ଆପଣଙ୍କ ସେବାରେ
TOWER VISION CO.
ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ସିଧା କମ୍ପାନୀ ସହ କଥା ହୋଇ ନିଜର ଖାଲି ଜମି, ଛାତ, କ୍ଷେତ ଓ ପ୍ଲଟ୍‌ରେ ମଲ୍ଟିମିଡିଆ ଡିଜିଟାଲ ଟାୱାର୍ ଲଗାନ୍ତୁ ।
ଅଗ୍ରିମ: 65 ଲକ୍ଷ | ଭଡ଼ା: 60 ହଜାର
+ କୋର୍ଟ ଏଗ୍ରିମେଣ୍ଟ + ବାଇକ୍
ଜମିର ନିରୀକ୍ଷଣ କରାନ୍ତୁ ଓ ନିଜ ଜମିକୁ ରୋଜଗାରର ମାଧ୍ୟମରେ ପରିଣତ କରନ୍ତୁ
073762-57896
094994-92906
ADDRESS: T-51, GAUTAMPURI, DELHI

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ
2 ଘଣ୍ଟାରେ 100% ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା, ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ପ୍ରେମବିବାହ, ଗୃହକ୍ଳେଶ, ପ୍ରପର୍ଟି, କୋର୍ଟ-କେସ୍, ଯାଦୁ-ଟୋନା, ବିଦେଶ ଯାତ୍ରା, ବଶୀକରଣ, ଗୁଣି-ଗାରେଡ଼ି
AtoZ ସମସ୍ୟାର ସମାଧାନ ଘରେ ବସି।
ବାବା ଅଲାଉଦ୍ଦିନ ବଙ୍ଗାଲି
ସ୍ପେ. ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦେବେ ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
କାମ ନ ହେଲେ ଟଙ୍କା ଫେରସ୍ତ
8376889657
9971793786

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଁପର୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଳେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
8527425449

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଳେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରଷ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଉଚ୍ଚପଦସ୍ଥ ଅଧିକାରୀଙ୍କ ଡିଏଭି ସ୍କୁଲ ପରିଦର୍ଶନ

**ଝାରସୁଗୁଡା/ଲଖନପୁର,୧୬।୧(ଡି.ଏନ.ଏ.):** ଡିଏଭି କଲେଜ ମ୍ୟାନେଜିଂ କମିଟି ନୂଆଦିଲ୍ଲୀର ସମ୍ପାଦକ ଜେ.କେ. କାପୁର, ଆର୍.କେ ସେଠୀ, ଡ. ଡି.ଭି. ସେଠୀ ଏବଂ ଓଡ଼ିଶା ଜୋନ–୨ ଡିଏଭିର ଆଞ୍ଚଳିକ ଅଧିକାରୀ ଲୋକନାଥ ପ୍ରଧାନ ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲ ପରିଦର୍ଶନରେ ଆସିଥିଲେ । ଏହି ଅବସରରେ ଅଧିକାରୀମାନେ ବିଦ୍ୟାଳୟର ବିକାଶ ନେଇ ସ୍କୁଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ । ଆୟୋଜିତ ସଭାରେ ସମ୍ପାଦକ ଜେ.କେ. କାପୁର ଛାତ୍ରୀଛାତ୍ରମାନଙ୍କୁ ଉତ୍ତମ ଚରିତ୍ର ଗଠନ ଉପରେ ଗୁରୁତ୍ୱ ଦେବାକୁ କହିଥିଲେ । ଆର୍.କେ. ସେଠୀ ଛାତ୍ରୀଛାତ୍ରମାନଙ୍କ କିପରି ସର୍ବାଙ୍ଗୀନ ବିକାଶ ହୋଇପାରିବ ସେ ନେଇ କହିଥିଲେ । ଡ. ସେଠୀ ଶିକ୍ଷା ଉପରେ ବିଭିନ୍ନ ମାର୍ଗଦର୍ଶନ କରିଥିଲେ । ଓଡ଼ିଶା ଜୋନ–୨ ଡିଏଭିର ଆଞ୍ଚଳିକ ଅଧିକାରୀ ପ୍ରଧାନ ଛାତ୍ରୀଛାତ୍ରମାନଙ୍କୁ ନିଜ ଲକ୍ଷ୍ୟରେ ପହଞ୍ଚିବାକୁ କହିଥିଲେ । ଅଧିକାରୀମାନଙ୍କୁ ସ୍ୱାଗତ ଉଦ୍ଦେଶ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଲୋହରି ପର୍ବ ପାଳନ କରାଯାଇଥିଲା । ଅଧିକାରୀମାନେ ବିଦ୍ୟାଳୟର ଆନୁଷଙ୍ଗିକ ବ୍ୟବସ୍ଥା ଦେଖି ସ୍କୁଲ କର୍ମଚାରୀଙ୍କୁ ପ୍ରଶଂସା କରିବା ସହିତ ବିଦ୍ୟାଳୟକୁ ଏକ ମଡେଲ ସ୍କୁଲ ଆଖ୍ୟା ଦେଇଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା ଅତିଥିଙ୍କ ପରିଚୟ ପ୍ରଦାନ କରିବା ସହିତ ବିଦ୍ୟାଳୟର ବିକାଶ ନେଇ ଅଧିକାରୀଙ୍କ ସହଯୋଗ ଲୋଡିଥିଲେ । ଏହି ଅବସରରେ ବିଦ୍ୟାଳୟ ପ୍ରାଙ୍ଗଣରେ ଚାରାରୋପଣ ଏବଂ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଉପରେ ମାଲ୍ୟାର୍ପଣ କରାଯାଇଥିଲା ।


ଉଚ୍ଚପଦସ୍ଥ ଅଧିକାରୀଙ୍କମାନେ ସ୍କୁଲ ପରିସରରେ ଚାରାରୋପଣ କରୁଛନ୍ତି ।

# भारतीय वायु सेना / Indian Air Force

**INVITES UNMARRIED MALE CANDIDATES TO APPEAR IN RECRUITMENT RALLY FROM 04 FEBRUARY 2020 TO 08 FEBRUARY 2020 TO JOIN AS AIRMEN IN GROUP 'Y' (NON-TECHNICAL) AUTOMOBILE TECHNICIAN (AUTO TECH), INDIAN AIR FORCE (POLICE) [IAF(P)] AND MEDICAL ASSISTANT (MED ASST) TRADES AT BERHAMPUR UNIVERSITY GROUND, BERHAMPUR, GANJAM, ODISHA FOR INTAKE: 01/2021**

**CAUTION**
**SELECTION IN THE INDIAN AIR FORCE IS 'FREE & FAIR' AND ON MERIT ONLY. AT NO STAGE ANY MONEY IS REQUIRED TO BE PAID TO ANYONE FOR SELECTION OR RECRUITMENT IN THE INDIAN AIR FORCE. CANDIDATES SHOULD NOT FALL PREY TO UNSCRUPULOUS PERSONS POSING AS RECRUITING/SELECTING AGENTS.**

1. **Indian Air Force** offers opportunities for **UNMARRIED MALE INDIAN/NEPALESE CITIZENS** from **all Districts of State of Odisha** to join as Airmen. The Recruitment Test for **Group 'Y' (Non-Technical) Automobile Technician (Auto Tech), Indian Air Force (Police) {IAF(P)} And Medical Assistant (Med Asst) Trades** will be held at **Berhampur University Ground, Berhampur (Brahmapur), Ganjam, Odisha** as per the Selection Programme given below.

2. The Recruitment Test shall be conducted from **6 AM** onwards as per the details given below. Candidates (of **state of Odisha)** fulfilling the domicile requirements and eligibility conditions reporting up to **10 AM** on **04 February 2020 and 07 February 2020** at **Berhampur University Ground, Berhampur (Brahmapur), Ganjam, Odisha** (Rally venue) shall only be permitted to appear in the Recruitment Test.

**Note: The Recruitment Test is not for selection as Commissioned Officers/ Pilots/Navigators.**

| DATE | TRADE | ACTIVITIES | DISTRICTS TO BE COVERED |
|---|---|---|---|
| 04 February 2020 | Med Asst | Physical Fitness Test & Written Test | All districts of State of Odisha |
| 05 February 2020 | | Adaptability Test - 1 & Adaptability Test - 2 | |
| 06 February 2020 | Reserve day | | |
| 07 February 2020 | Auto Tech & IAF(P) | Physical Fitness Test & Written Test | All districts of State of Odisha |
| 08 February 2020 | | Adaptability Test - 1 & Adaptability Test - 2 | |

***ELIGIBILITY CONDITIONS***

3. **Date of Birth Block.** Candidates born between **17 January 2000** and **30 December 2003 (both days inclusive)** are eligible to appear in the Recruitment Rally.

4. **Educational Qualification.**

(a) **For Group 'Y' (Non-Technical) {Auto Tech & IAF(P) Trades}:-** Candidate should have passed **Intermediate / 10+2 / Class XII or Equivalent Examination** in any stream/subjects approved by Central / State Education Boards with minimum **50% marks** in aggregate as well as in English in Class XII or equivalent examination.

**OR**

Passed two years vocational course from Education Boards listed as **COBSE** member with minimum **50% marks** in aggregate and **50% marks** in English in vocational course or in Intermediate/Matriculation if English is not a subject in Vocational Course.

(b) **For Group 'Y' (Non-Technical) Medical Assistant Trade**. Candidate should have passed **Intermediate / 10+2 / Class XII or Equivalent Examination** with Physics, Chemistry, Biology and English approved by Central / State Education Boards with minimum **50% marks** in aggregate as well as in English in Class XII or equivalent examination.

**Note - 1:** Education Boards listed in Council of Boards for School Education (COBSE) website as members, shall only be permitted.
**Note - 2:** Exact aggregate % of marks before decimal as written in the marks sheet of 10+2/Intermediate/Equivalent OR calculated as per the rules of concerned Education Board shall only be considered (For example 49.99% should be taken as 49% and not to be rounded off to 50%).

5. **Domicile Requirement.** To be eligible to appear in the rally at **Berhampur University Ground, Berhampur (Brahmapur), Ganjam, Odisha** the candidates shall be required to satisfy the following conditions:-

(a) The School / College / Institute from where candidates have passed the qualifying examination should be within the geographical / administrative limits of **districts of State of Odisha**. If the name of **District** is not mentioned with the name of Institution in the certificate / marks sheet of qualifying examination, the candidates shall produce **'Domicile Certificate'** issued by **DM/SDM, Tehsildar or any official authorized by the State Government of Odisha.**

(b) Permanent Domicile of **districts of State of Odisha** who have passed the qualifying examination from anywhere in India shall produce the Domicile Certificate prior to **commencement of examination** from appropriate authority as given in sub-paragraph 5(a) above.

(c) Sons of serving Air Force personnel {Officer/Airmen/NCs(E) and Unit cadre Civilians paid from Defence Estimates} whose father/mother is presently serving in any Air Force Unit/any other Organisation located in the **districts of State of Odisha** irrespective of their domicile status, shall be permitted to appear in the rally subject to production of latest SOAFP (Son of Air Force Personnel) Certificate (format available at CASB site on AFNET).

(d) Sons of Air Force personnel {Officers/Airmen/NCs(E) and Unit Cadre Civilians paid from Defence Estimates} whose father/mother is Retired/ Discharged/ Deceased and they are residing in the **districts of State of Odisha** shall be permitted to appear in the rally subject to production of proof of minimum stay of one year along with original and photocopy of Service Book/Discharge Book/Casualty Service Certificate/Service Particular Certificate (issued from DPO-3/DAV, as applicable) in case of Officers/Airmen/NCs(E) and a Certificate duly signed by OIC Civil Admin and countersigned by CO/C Adm O of the last served unit, in case of Civilians.

6. **Medical Standards.**

(a) **General Medical Standards shall be as follows: -**

(i) **Chest:** Minimum range of expansion: 5 cm (ii) **Weight:** Proportionate to height and age. (iii) **Corneal Surgery (PRK/LASIK)** shall not be acceptable. (iv) **Hearing:** Candidate should have normal hearing i.e. able to hear forced whisper from a distance of 6 meters with each ear separately. (v) **Dental:** Should have healthy gums, good set of teeth and minimum 14 dental points. (vi) **General Health:** Candidate should be of normal anatomy without loss of any appendages. He should be free from any active or latent, acute or chronic, medical or surgical disability or infection and skin ailments. Candidate must be physically and mentally **FIT** to perform duty in any part of the world, in any climate and terrain.

(b) **Height, Leg Length, Visual Standards and Colour Vision are as follows:**

| Trades | Height | Leg length | Visual Acuity | Maximum limits of Ref Error | Colour Vision |
|---|---|---|---|---|---|
| Auto Tech | 165 cm | Minimum leg length required is 99 cm | 6/12 each eye correctable to 6/6 each eye | Hypermetropia: +2.0D Myopia: -1D including ± 0.50 Astigmatism | CP-II |
| IAF(P) | 175 cm | Not applicable | Unaided visual acuity of 6/6 | Not applicable | CP-II |
| Med Asst | 152.5 cm | Not applicable | 6/36 each eye correctable to 6/9 each eye | Not exceeding ± 3.50D including Astigmatism | CP-III |

7. **Consumption of Narcotic Drugs and Psychotropic Substance (NDPS).** Consumption of Narcotic Drugs and Psychotropic substances banned under the NDPS Act 1985 **shall be a reject criteria for selection into the IAF** and Airmen found either in possession or storing or distributing or consuming such drugs and substances after enrolment shall be liable for disciplinary action including dismissal from the IAF.

8. **Body Tattoo.** Permanent body tattoos shall not be permitted. However, tattoos only on inner face of the fore arms (inside of elbow to the wrist), back (dorsal) part of the hand/reverse side of palm and for Tribals tattoos which are as per custom and traditions of their tribes may be considered. However, right to decide on acceptability/unacceptability of the individual shall rest with the Selection Centre. **Candidates with permanent body tattoos shall submit two photographs (close up and distant view) with details of size and type of the Tattoo.**

9. **Only Sikh candidates**, whose religion prohibits the cutting of the hair or shaving of face of its member, shall be permitted to grow hair and/or retain beard and moustache. Accordingly, those Sikh candidates willing to retain the same as per laid down specification are to get their photographs with beard and moustache. Such candidates shall not be permitted to grow/shave beard/Moustache at later stages after enrolment.

10. Candidates discharged from Indian Army/Indian Navy/Any other Government Organisation shall also be eligible subject to their discharge with **NO ADVERSE ENTRIES.** Such candidate has to declare at the rally venue that he is an Ex-employee of the Organisation discharged from and produce original Discharge Certificate. In case of serving individuals, they must be in possession of NOC from their employer at the time of rally. If any candidate does not disclose the fact of being employed or that of being an Ex-employee, his candidature shall be cancelled at any stage during the selection process and if selected shall be liable for discharge/dismissal for hiding the fact of his employment and discharge/dismissal from service. **Candidates discharged from Indian Air Force for any reason are not eligible to appear in the rally.**

11. **Writing Materials and Documents Required.** Candidates are to bring the following:-

(a) **HB Pencil, Eraser, Sharpener, Gum tube, Stapler and Black/Blue Ball Point Pen for writing.**
(b) Seven un-attested recent (**taken not before January 2020**) passport size colour photographs (front portrait in light background without head gear except for Sikhs). **The photograph is to be taken with candidate holding a black slate in front of his chest with his Name and Date of Photograph taken, clearly written on it with white chalk in capital letters.**
(c) **Original and four self-attested photocopies of Matriculation Passing Certificate (required for Date of Birth verification).**
(d) **Original and four self-attested photocopies of Intermediate/10+2/ Equivalent Examination Passing Certificate and Marks Sheet.**
(e) Original and four self-attested photocopies of Domicile Certificate **(or)** Original and four self-attested photocopies of duly filled Son of Air Force Personnel (SOAFP) Certificate (format available on AFNET CASB webpage) for Sons of serving Air Force personnel **(or)** Original and four self-attested photocopies of Service Book/Discharge Book/Causality Service Certificate/Service Particular certificate (issued from DPO-3/DAV, as applicable) in case of Officer/Airmen/NCs(E) and a certificate duly signed by OIC Civil Admin and countersigned by CO/C Adm O of the last served unit, in case of civilians for sons of retired/deceased/discharged Air Force Personnel and proof of minimum stay of one year as per Para 5 (d) above. .
(f) **Candidates discharged from Indian Army/Indian Navy/Any other Government Organisation.** Original and four Self-attested photocopies of Discharge Certificate (as issued from Indian Army/Indian Navy/Government Organisation).
(g) NOC in original and four self-attested photocopies from the employer for candidates presently serving in any government organization (if applicable).
(h) Original and four self-attested photocopies of NCC 'A', 'B' or 'C' Certificate (if applicable).

**Note. Under no circumstances shall the candidates be permitted to appear in the Rally without Original Educational Marks Sheets/Passing Certificates & Documents mentioned above in paragraph 11 (c) to (h). However, candidates with photocopies of Educational Marks Sheets/Passing Certificates may be permitted to appear in the Rally only on production of a certificate from College/School Principal certifying that Educational Certificates/Marks sheets are deposited with College/School.**

(j) **CONSENT FORM FOR PHYSICAL FITNESS TEST AND MEDICAL TESTS.** Candidates shall bring the "Consent Form' (as per the format given below) to the Rally Venue {**Berhampur University Ground, Berhampur (Brahmapur), Ganjam, Odisha}** and submit it before the Physical Fitness Test. Candidates below 18 years of age shall get the Consent Form filled and signed by their parent/guardian. The candidates of 18 years of age and above can sign the consent form themselves.

---

**CONSENT FORM FOR PHYSICAL FITNESS TEST AND MEDICAL TESTS**

(Applicable in respect of candidates both **above** and **below** 18 years of age)

1. I, ………………….son/father/guardian of ……………………..whose date of birth is ………… do hereby give my consent for myself/son/ward to appear in the physical fitness/medical tests, as prescribed for selection in the Indian Air Force, at my/his own risk. I am aware that no compensation in any form shall be claimed, in respect of injuries/casualty if any, sustained by myself/ my son/my ward, during such tests.

Signature……………………………………………
Name of candidate/parent/guardian………………
Date: Relationship with the candidate…………………..

---

**TERMS AND CONDITIONS**

12. **Tenure & Training.** Enrolment shall be for an initial period of 20 years (subject to condition) which may be extended up to the age of 57 years (subject to service conditions). Initially, candidates shall be sent for a Joint Basic Phase Training (JBPT) at designated Basic Training Institute located at various Air Force Stations. On successful completion of JBPT candidates will be sent for trade training of specific duration which shall include security training or any other training as per service requirements. Training is however liable to be terminated at any time if the trainee fails to achieve the required standards in academics, profession, physical fitness and discipline or is found to be medically unfit. **AFTER SUCCESSFUL COMPLETION OF ALL STAGES OF TRAINING, THE AIRMEN SHALL BE DEPLOYED ON JOBS AS PER THEIR ALLOTTED TRADES. ALLOTTED TRADE SHALL NOT BE CHANGED ON CANDIDATE'S REQUEST ON ANY GROUNDS.**

13. **Pay & Allowances.** During training, a stipend of **Rs. 14,600/-** per month shall be paid. On completion of training the **starting gross emoluments at the minimum of scale of pay** including Military Service Pay (MSP) shall be **Rs. 26,900/- per month** plus Dearness allowance (as applicable) which, in subsequent years, may rise as per the career progression of the individual.

14. Other allowances such as Transport Allowance, Composite Personal Maintenance Allowance (CPMA), Leave Ration Allowance (LRA), Children Education Allowance, HRA etc. shall also be admissible to Airmen, as per relevant Government instructions.

15. **Higher Education.** Airmen shall be permitted to pursue higher education qualification only after acquiring prescribed skill grade in their trade.

16. **Perks.** Perks such as **Ration, Clothing, Medical facilities, Accommodation, CSD facilities, Leave (60 days Annual and 30 days Casual in a Calendar year as a privilege, subject to service exigencies), Recreational facilities, Transport for school going children and Leave Travel Concession (LTC)** shall also be provided as per the existing rules. **Group Insurance Cover of Rs. 37.5 Lakhs at a premium of Rs. 2300/- per month** for all airmen and facility of Group Housing Scheme are also extended.

17. **Job Specification.**

(a) **Automobile Technician.** As an Automobile Technician you will drive all types of light, medium and heavy automobiles, load carriers and specialist vehicles like cranes, towing tractors, fork lifters etc., subject to service exigencies. You will also carry out minor repairs, day to day maintenance and basic level servicing of the common user vehicles and specialist vehicles in the Indian Air Force inventory.

(b) **Indian Air Force (Police).** As an Indian Air Force (Police) your responsibilities involve assuming police duties and investigation of offences. You are also in-charge of maintenance of security.

(c) **Medical Assistant.** Operating as a Medical Assistant, you are made familiar with nursing and first-aid. You are also involved in management of medical stores, dispensaries and ward supervision.

**Note: Airmen shall also have to undertake any other tasks as assigned by superior authorities.**

**SELECTION PROCEDURE**

18. **Verification of Eligibility.** Original Educational Certificates (10th passing Certificate and 12th passing Certificate & Marks Sheets) and other required applicable original documents like NCC 'A', 'B' or 'C' certificate, Son of serving Air Force Personnel (SOAFP) certificate **(or)** , Discharge Book, Service Book, Service Particular Certificate/Casualty Service Certificate **(or)** Discharge Certificate (if discharged from Army/Navy/Government organisation), Consent Form (signed by parents if candidate below 18 years of age) and passport size colour photographs shall be required and scrutinized/verified at the examination venue prior to commencement of Physical Fitness Test to ascertain the eligibility prima-facie. Detailed verification will be carried out later in respect of candidates who pass Physical Fitness Test and subsequently the Written Test. Candidature of those who do not meet the laid down educational criteria shall be rejected during **Initial verification of original certificates & mark sheets** prior to conduct of Physical Fitness Test and also during **detailed verification** on clearing the Physical Fitness Test as well as Written Test or if found at subsequent stage.

**Note: The original Passing Certificates / Marks Sheets will not be retained by the Selection Centre. The same will be returned to the candidates on completion of detailed verification.**

**SEQUENCE OF EXAMINATION**

19. **Group 'Y' (Non-Technical) Auto Tech, IAF(P) & Med Asst Trades**

(a) **Physical Fitness Test (PFT).** PFT consists of a **1.6 Km** run to be completed within **6 minutes 30 Seconds. Candidates shall also have to complete 10 push-ups, 10 sit-ups and 20 squats within the stipulated time to qualify in the Physical Fitness Test**.

**Note:** Candidates are advised to bring their **sports shoes** and **shorts/track pant.**

(b) **Written Test.** All candidates who qualify PFT shall undertake Written Test on the same or subsequent day depending on the local conditions. The Written Test will be objective type and question paper shall be bilingual (English & Hindi) except for English paper. Answers are to be annotated on OMR sheet. Detailed procedure shall be explained before conduct of the examination. Duration of the written test will be **45 minutes** and shall comprise of **English** as per 10+2 CBSE syllabus and **Reasoning & General Awareness (RAGA)**. **CANDIDATES ARE TO QUALIFY IN EACH PAPER SEPARATELY**. Results of the written test shall be declared on the same day.

(c) **Marking Pattern for Written Test:-** (i) 01 mark for every correct answer. (ii) Nil (0) marks for un-attempted question. (iii) 0.25 marks shall be deducted for each wrong answer or choosing more than one option as answer.

(d) **Adaptability Test-1.** All candidates who pass the Written Test shall undertake Adaptability Test-1 on the same or subsequent day depending on the local conditions. Adaptability Test - 1 is to assess suitability of a candidate for employment in the IAF which involves deployment in varied geographic terrain, weather and operational conditions.

(e) **Adaptability Test-2.** All candidates who pass Adaptability Test-1 will have to undertake Adaptability Test-2 as per policy in vogue. Adaptability Test-2 is to select candidates who can adapt to the environment of Indian Air Force and are able to adjust to the military way of life.

**Note:** The question paper is a confidential document of Indian Air Force. All candidates to note and understand that access to the question paper is permitted only during the examination (R) only during the examination. Question paper in any form whatsoever will not be provided to the candidate after examination.

20. **Medical Examination.** Candidates who qualify Adaptability Test -2 shall be medically examined in the month of **July 2020** at **4 Air Force Hospital, Kalaikunda.** Medical Examination shall be conducted by Air Force Medical Team as per IAF medical standards and existing policy in vogue. Medical Examination would also include Baseline Investigation of: -

(a) Blood Haemogram - Hb, TLC, DLC (b) Urine RE/ME (c) Biochemistry:- (i) Blood Sugar Fasting & PP (ii) Serum Cholesterol (iii) Urea, Uric acid, Creatinine (iv) LFT- Serum Bilurubin, SGOT, SGPT
(d) X- Ray chest (PA view) (e) ECG (R) (f) Tests for Narcotic Drug and Psychotropic Substance Abuse (if required)

Candidates declared Medically Unfit can avail the option for Appeal Medical Board (AMB) against their Unfitness by depositing Rs. 40/- in a Government Treasury/RBI/SBI through Military Receivable Order (MRO). The application for AMB along with original copy of MRO, photocopy of Unfitness Certificate are to be submitted to the representative of **9 ASC, AF** within three working days of Medical examination. AMB Centre will be **SMC, Air Force Station, Barrackpore.**

**Note : Candidates are advised to get tartar & stains removed from their teeth before appearing for the medical examination. Ears should be free of wax. Candidates should be prepared to travel / stay for the medical test for four to five days under their own arrangement. No TA/DA shall be admissible.**

21. The recruitment Medical Officer and the specialist doctors of Armed Forces are the final authorities on declaring a candidate Fit or Unfit during initial medical examination, appeal medical board and medical examination prior to enrolment. **The candidate shall be governed by Armed forces standards which may be at variance from civil standards. There is no provision for representation or review after the appeal medical board.**

22. **Publishing of PSL.** The Provisional Select List (PSL) will be displayed at **9 Airmen Selection Centre, Near Rajdhani College, Baramunda, Bhubaneswar, Odisha-751003** on **31 October 2020**. Copies of the Display List will also be sent to District Collector of **Ganjam, Odisha** (through Airmen Selection Centre) and will also be available at Central Airmen Selection Board webportal **www.airmenselection.cdac.in.** The inclusion of names of the candidates in the PSL depends upon the performance of the candidates in the Rally. Inclusion of name in the PSL does not guarantee automatic enrolment. Enrolment is strictly in order of merit from the PSL subject to medical fitness, availability of vacancies, not exceeding the age of 21 years on date of enrolment and meeting other laid down eligibility criteria as and when called for enrolment. The validity of PSL shall be 06 months from the date of display and shall be applicable only for **Intake No. 01/2021.**

23. Candidates figuring in the PSL published in respect of ibid Rally and also figuring in one or more PSLs published on the same date, shall be called for enrolment only in any one Group/Trade as per the requirement of IAF. President CASB reserves the right to allocate any Group/Trade for candidates appearing in more than one PSL published on same date.

24. If any such candidate absents himself or expresses unwillingness to join IAF or his candidature gets cancelled due to any reason in the Group/Trade in which he was called for enrolment, then the candidate shall be marked as absent/unwilling/candidature cancelled in all other PSLs published on the same date wherever his name figures.

25. If there is any variation between English & Hindi/any other regional language versions of the advertisement, English version shall to be taken as authentic.

26. Any CORRIGENDUM/CHANGES/UPDATES shall be available ONLY on our webportal www.airmenselection.cdac.in and NO INTIMATION SHALL BE GIVEN IN ANY NEWS PAPER/ANY OTHER MEDIA. All candidates are required to see the website of this office from time to time.

**FOR ANY QUERY CONTACT, PRESIDENT, CENTRAL AIRMEN SELECTION BOARD, BRAR SQUARE, DELHI CANTT, NEW DELHI – 110010, TELEPHONE NO. 011- 25694209 /25699606 AND e-mail : casb@iaf.nic.in / casbiaf@cdac.in OR COMMANDING OFFICER, 9 AIRMEN SELECTION CENTRE, NEAR RAJDHANI COLLEGE, BARAMUNDA, BHUBANESWAR, ODISHA-751003.TELE: 0674-2561336 AND E-MAIL: co.9asc-od@gov.in**

**FOR CAREER DETAILS, PROMOTION PROSPECTS, POST RETIREMENT BENEFITS, DETAILED SYLLABUS, MODEL QUESTION PAPERS, PROVISIONAL SELECT LIST AND ENROLMENT LIST, LOG ON TO CENTRAL AIRMEN SELECTION BOARD WEBPORTAL: www.airmenselection.cdac.in**

**DISCLAIMER: The terms and conditions given in the advertisement are guidelines only and orders issued by the Government as amended from time to time will apply for the selected candidates.**

***MOBILE PHONES/SMART WATCHES/ELECTRONIC DEVICES WILL NOT BE PERMITTED IN TESTING AREA***

**IMPERSONATORS WILL BE CAUGHT**

DAVP/10801/11/ 0041/1920



ଉପଦେଶ ଦେବା ସରଳ କିନ୍ତୁ ଉପାୟ ବତାଇବା ଭାରି କଷ୍ଟ।
- ରବୀନ୍ଦ୍ରନାଥ ଠାକୁର



## ସଂକ୍ଷେପରେ

### ସଡ଼କ ସୁରକ୍ଷା ଓ ସଚେତନତା କାର୍ଯ୍ୟକ୍ରମ

**ରିଆମାଳ, ୧୬।୧ (ଡି.ଏନ.ଏ.):** ରାଷ୍ଟ୍ରୀୟ ସଡ଼କ ସୁରକ୍ଷା ପାଳନ ଅବସରରେ ଦେବଗଡ଼ ଜିଲା ପରିବହନ ବିଭାଗ ପକ୍ଷରୁ ଗୁରୁବାର ରିଆମାଳରେ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ରିଆମାଳରେ ଦେବଗଡ଼ ଆଞ୍ଚଳିକ ପରିବହନ ଅଧିକାରୀ ପ୍ରମୋଦ ସାହୁ ତତ୍ତ୍ୱାବଧାନରେ ଆଞ୍ଚଳିକ ପରିବହନର ଜେଏନଏମଭି ଆଇ ତୁଷାର ହେମ୍ବ୍ରମ୍, ରିଆମାଳ ଥାନା ଅଧିକାରୀ ପ୍ରଦୀପ କୁମାର କେରକେଟା, ରିଆମାଳ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପାତ୍ର, ଦେବଗଡ଼ ପରିବହନର ତୁଷାନ୍ତ କୁମାର ପ୍ରଧାନ, ବିଶ୍ୱଜିତ୍ ରାଉତ, ଗିରିଧାରୀ ସାହୁ, ରୋଶନ, ବୁର୍ହ, ରିଆମାଳ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ସୁକାନ୍ତ କୁମାର ନନ୍ଦ, ଠଣ ସୁନ୍ଦର ସାହୁ ପ୍ରମୁଖ ସହାୟତାରେ ସଚେତନତା ରାଲି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରିଆମାଳ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଏହି ରାଲିରେ ସଡ଼କ ସୁରକ୍ଷା ଭିତ୍ତିକ ପ୍ଲାକାର୍ଡ ଧରି ସଚେତନତା ରାଲି ମାଧ୍ୟମରେ ରିଆମାଳ ଗ୍ରାମରେ ପରିକ୍ରମା କରି ଜନସାଧାରଣଙ୍କୁ ଅବଗତ କରିଥିଲେ।

# ପଲସମା ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ

**ରିଆମାଳ, ୧୬।୧ (ଡି.ଏନ.ଏ.)**

ଦେବଗଡ ଜିଲା ରିଆମାଳ ବ୍ଲକ ପଲସମା ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଡିଆର୍‌ଡିଏ ପିଡି ଭୀନସେଣ୍ଟ ପୁନମ୍‌କାନ୍ତ ଏକ୍କା, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଫେସର ସଦାଶିବ ପ୍ରଧାନ, ସମ୍ମାନିତ ଅତିଥି ଭାବେ ରିଆମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସ ପ୍ରସାଦ ପ୍ରଧାନ, ସମାଜସେବୀ ଇଂ. ଚିତ୍ତ ରଞ୍ଜନ ପ୍ରଧାନ, ପଲସମା ସରପଞ୍ଚ ଦମୟନ୍ତୀ ପ୍ରଧାନ, କରଲଗା ସରପଞ୍ଚ ଗିନି ରାଉତ ଯୋଗଦେଇ ଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଗବନ୍ଧୁ ରଣା ବିବରଣୀ ପାଠ କରିଥିଲେ। ବନ୍ଧୁମିଳନ, ଗୁରୁପୂଜନ, ସଭାକାର୍ଯ୍ୟ ସହ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଅପରାହ୍ନରେ ହୋଇଥିବା ଉତ୍ସବରେ ମୁଖ୍ୟ ଅତିଥିଭାବେ ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବ, ମୁଖ୍ୟବକ୍ତା ପ୍ରଫେସର ଶରତ ଚନ୍ଦ୍ର ମାଝି, ସମ୍ମାନିତ ଅତିଥି ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ରିଆମାଳ ବ୍ଲକ ଅଧକ୍ଷା ରୀତାଞ୍ଜଳି ହାତୀ, ଜୀବନ ଚୈତନଜୀ ମହାରାଜ ଯୋଗଦେଇଥିଲେ। ଶିକ୍ଷକ, ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କଲେ ଶିକ୍ଷାର ମାନ ବୃଦ୍ଧି ହେବା ସହ ଶିକ୍ଷାନୁଷ୍ଠାନରେ ଶୈକ୍ଷିକ ବାତାବରଣ ସ୍ଥାପନ ହୋଇ ପାରିବ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ବିଦ୍ୟାଳୟ ପ୍ରତି ଅବଦାନ ଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ଭବାନୀ ଶଙ୍କର ପ୍ରଧାନ, ସମ୍ପାଦକ ବଂଶୀଧର ଗଡ଼ନାୟକଙ୍କ ତତ୍ତ୍ୱାବଧାନରେ ହୋଇଥିବା ଉଭୟ ଉଦ୍‌ଘାଟନୀ ଓ ଉଦ୍‌ଯାପନୀ କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରାଣବନ୍ଧୁ ଘଡ଼େଇ, ଅଧ୍ୟାପକ ରାଜେଶ ସାହୁ ସଂଯୋଜନା କରିଥିଲେ। ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ବିକାଶ ଚନ୍ଦ୍ର ସାହୁଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା।




ପଳାସମା ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥିମାନେ।

- ଶିକ୍ଷକ-ଅଭିଭାବକ ସମନ୍ୱୟରେ ଶିକ୍ଷାନୁଷ୍ଠାନରେ ଶୈକ୍ଷିକ ବାତାବରଣ ସ୍ଥାପନ ହୋଇ ପାରିବ
- ବିଦ୍ୟାଳୟ ପ୍ରତି ଅବଦାନ ଥିବା ବ୍ୟକ୍ତି ସମ୍ବର୍ଦ୍ଧିତ
- ଓଏଏସ ପାଇଥିବା ବିକାଶ ସାହୁ ସମ୍ମାନୀତ

# ନିଷ୍ଠା, ସାଧନା ବଳରେ ଅସାଧ୍ୟ ସାଧନ ହୁଏ

**ରିଆମାଳ, ୧୬।୧ (ଡି.ଏନ.ଏ.)**

ଦେବଗଡ଼ ଜିଲା ରିଆମାଳ ବ୍ଲକ ନାଉଲିପଡ଼ା ଉଚ୍ଚ ବିଦ୍ୟାଳୟର ପଚାଶ ବର୍ଷ ପୂର୍ତ୍ତି ଉପଲକ୍ଷେ ଗୁରୁବାର ବିଦ୍ୟାଳୟ ପରିସରରେ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ ଏକ ମଣିଷ ତିଆରି କାରଖାନା ବୋଲି କହିଥିଲେ। ସମସ୍ତ ଛାତ୍ରୀଛାତ୍ର ଭଲ ପାଠ ପଢ଼ିବାକୁ ମାର୍ଗ ଦର୍ଶନ କରିବା ସହିତ ଆଗାମୀ ଦିନରେ ବିଦ୍ୟାଳୟର ବିକାଶ କରିବି ବୋଲି ସେ ପ୍ରକାଶ କରିଥିଲେ। ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷା ଓ ଶିକ୍ଷାୟନର ବିକାଶ ସାମଗ୍ରିକ ପ୍ରଚେଷ୍ଟାରେ ସମ୍ଭବ ବୋଲି କହିଥିଲେ। ସେହିପରି ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ମୁଖ୍ୟବକ୍ତା ଭାବେ ଯୋଗଦେଇ ନିଷ୍ଠା ଓ ସାଧନା ବଳରେ ଅସାଧ୍ୟ କାର୍ଯ୍ୟ ସାଧନ କରିହୁଏ। ଏଥିପାଇଁ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କ ପ୍ରଚେଷ୍ଟା ଆବଶ୍ୟକ ବୋଲି ପ୍ରକାଶ କରିଥିଲେ। ଅବସରପ୍ରାପ୍ତ ଅଧ୍ୟାପକ ଗୋଲବଦନ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଟଙ୍କଧର ଦେହୁରୀ ବାର୍ଷିକ ବିବରଣୀ ପାଠ କରିଥିଲେ। ସୁବର୍ଣ୍ଣ ଜୟନ୍ତୀ କମିଟିର ସଭାପତି ଦିଲ୍ଲୀପ କୁମାର ସାହୁ ସଭାପତିତ୍ୱ କରିଥିଲେ। ସମ୍ପାଦକ ପ୍ରଶାନ୍ତ କୁମାର ପ୍ରଧାନ ବିଦ୍ୟାଳୟକୁ ବିକାଶ କରିବା ପାଇଁ ଅତିଥିମାନଙ୍କୁ ଅନୁରୋଧ କରିଥିଲେ। ବିଜ୍ଞାନ ଶିକ୍ଷକ ବସନ୍ତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରିଥିଲେ। ଅପରପକ୍ଷରେ ସ୍ମରଣିକା ସାହୁ, ଲିଜି ଦେହୁରି, ଗାୟତ୍ରୀ ଦେହୁରି, ବିଦ୍ୟୁତ୍‌ମୟୀ ଦେହୁରି, ଧରିତ୍ରୀ ସାହୁ ସ୍ୱାଗତନୃତ୍ୟ ପରିବେଷଣ କରିଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ବିଶ୍ୱନାଥ ପ୍ରଧାନ, ଦାଶରଥି ପ୍ରଧାନ, ସତ୍ୟାନନ୍ଦ ପ୍ରଧାନ, ନାରାୟଣ ପ୍ରଧାନ, ଭଗବାନ ପ୍ରଧାନ, ଚକ୍ରଧର ପ୍ରଧାନ ଓ ରସାନନ୍ଦ ବିଶ୍ୱାଳଙ୍କୁ ଅତିଥିମାନେ ସମ୍ବର୍ଦ୍ଧନା ଦେଇଥିଲେ। କମିଟିର ଉପସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ସହ ସମ୍ପାଦକ ଦେବେନ୍ଦ୍ର ସାହୁ, କୋଷାଧ୍ୟକ୍ଷ ଗୋଲୋକ ବିହାରୀ ପ୍ରଧାନ, ସହ କୋଷାଧ୍ୟକ୍ଷ ଅଭିଷେକ ପ୍ରଧାନ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ସମସ୍ତ କର୍ମଚାରୀ, ସୁବର୍ଣ୍ଣ ଜୟନ୍ତୀ କମିଟି ସଦସ୍ୟ ସହଯୋଗ କରିଥିଲେ।

# 'ସ୍ୱଚ୍ଛ ରହିବା-ସ୍ୱଚ୍ଛ ରଖିବା' ସ୍ଲୋଗାନ ସହ ସାମୂହିକ ସଫେଇ କାର୍ଯ୍ୟକ୍ରମ

**ଦେବଗଡ, ୧୬।୧ (ଡି.ଏନ.ଏ.)**

ସ୍ୱଚ୍ଛ, ସୁସ୍ଥ ଓ ସୁନ୍ଦର ଦେବଗଡ ଅଭିଯାନରେ ଅଂଶସ୍ୱରୂପ ପ୍ରତ୍ୟେକ ମାସର ତୃତୀୟ ରବିବାର ଜିଲାର ସମସ୍ତ ଗ୍ରାମାଞ୍ଚଳ ସହିତ ସହରାଞ୍ଚଳରେ ଏକକାଳୀନ ସାମୂହିକ ସଫେଇ କାର୍ଯ୍ୟକ୍ରମ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଜିଲାର ଅଧିକରୁ ଅଧିକ ଲୋକଙ୍କୁ ସାମିଲ କରିବାର ଉଦ୍ଦେଶ୍ୟରେ ଜିଲାପାଳ ସୁଧାଂଶୁ ମୋହନ ସାମଲ 'ସ୍ୱଚ୍ଛ ରହିବା-ସ୍ୱଚ୍ଛ ରଖିବା' ସ୍ଲୋଗାନ ଜରିଆରେ ପ୍ରତ୍ୟେକ ପରିବାରର ସଦସ୍ୟମାନଙ୍କର କାର୍ଯ୍ୟକ୍ରମରେ ଅଂଶଗ୍ରହଣ ନିମନ୍ତେ ଆହ୍ୱାନ ଦେଇଛନ୍ତି। ୨୦୨୦ ନବବର୍ଷର ପ୍ରଥମ ତୃତୀୟ ରବିବାର ୧୯ତାରିଖ ଜିଲାରେ କାର୍ଯ୍ୟକ୍ରମର ବ୍ୟାପକ ସଫଳତା ନିମନ୍ତେ ଜିଲାପାଳ ସାମଲ ଗୁରୁବାର ଓସ୍ୱାନ ହଲଠାରେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ସମସ୍ତ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ, ପଞ୍ଚାୟତସ୍ତରୀୟ ଅଧିକାରୀ ଏବଂ ସରପଞ୍ଚମାନଙ୍କ ସହିତ ଆଲୋଚନା କରିଛନ୍ତି। ଅଭିଯାନରେ ପ୍ରତ୍ୟେକ ପରିବାରର ଅଂଶଗ୍ରହଣ ନିଶ୍ଚିତ କରିବା ନିମନ୍ତେ ଶନିବାର ପୂର୍ବାହ୍ନ ସୁଦ୍ଧା ନୋଡାଲ ଅଧିକାରୀ ଓ ଅନ୍ୟ କର୍ମଚାରୀମାନେ ଘରକୁ ଘର ବୁଲି ଅଂଶଗ୍ରହଣକାରୀ ପରିବାର ସଦସ୍ୟଙ୍କ ନାମ ଓ ମୋବାଇଲ ନମ୍ବର ସଂଗ୍ରହ କରିବେ। ଏହା ବ୍ୟତୀତ ସେମାନେ ନିଜେ ସ୍ୱଚ୍ଛ ରହିବା ଓ ନିଜ ଅଞ୍ଚଳକୁ ସ୍ୱଚ୍ଛ ରଖିବାର ବାର୍ତ୍ତା ଲୋକମାନଙ୍କ ପାଖରେ ପହଁଞ୍ଚାଇବା ସଙ୍ଗେ ସଙ୍ଗେ ଘରେ ଥିବା ଶୌଚାଳୟ ବ୍ୟବହାର ନିମନ୍ତେ ସଚେତନତା ସୃଷ୍ଟି କରିବେ। ଭିଡିଓ କନଫରେନ୍ସିଂରେ ବାରକୋଟଠାରେ ଅତିରିକ୍ତ ଜିଲାପାଳ ଧରମ ହାଁସଦା, ରିଆମାଳଠାରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭିନସେଣ୍ଟ ପୁନମକାନ୍ତ ଏକ୍କା ଏବଂ ତିଲେଇବଣିଠାରେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ ପଟେଲ ନୋଡାଲ ଅଧିକାରୀ ଭାବେ ଉପସ୍ଥିତ ରହିଥିଲେ। ଜିଲା ସଦର ମହକୁମା ଓସ୍ୱାନ ହଲଠାରେ ଉପଜିଲାପାଳ ବ୍ରଜବନ୍ଧୁ ଭୋଇ, ଡେପୁଟି କଲେକ୍ଟର ସିପ୍ରା ସେଠୀ, ବିକ୍ରାଣି କିସପଟା, ଗୀତାଞ୍ଜଳି ବେହେରା, ସହକାରୀ କଲେକ୍ଟର ଦିବ୍ୟଶଙ୍କର ଜୟପୁରିଆ, କୈବଲ୍ୟ କର, ଯଶୋବନ୍ତ ଦେହୁରୀ ଉପସ୍ଥିତ ଥିଲେ।



ଭଲିବଲ ଟୁର୍ନାମେଣ୍ଟର ଏକ ଦୃଶ୍ୟ।

# ଭଲିବଲ ଟୁର୍ନାମେଣ୍ଟ: କୁଣ୍ଡେଇଗୋଲା ଚାମ୍ପିୟନ

**ଦେବଗଡ଼, ୧୬।୧ (ଡି.ଏନ୍.ଏ.)**

ତିଲେଇବଣି ବ୍ଲକ ଟାଇଁସର ଗ୍ରାମ ପଞ୍ଚାୟତ ଅଧିନ କୁରଡ଼ ଗ୍ରାମରେ କୁରଡ଼ ୟୁଥ କ୍ଲବ ପକ୍ଷରୁ ଏକ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ କୁଣ୍ଡେଇଗୋଲା ଓ ଚଢ଼େଇମରା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କୁଣ୍ଡେଇଗୋଲା ଦଳ ଚଢ଼େଇମରା ଦଳକୁ ୨-୦ ପଏଣ୍ଟରେ ପରାଜିତ କରି ଚାମ୍ପିୟନ ହୋଇଛି। ଉକ୍ତ ଟୁର୍ନାମେଣ୍ଟରେ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ତିଲେଇବଣି ପଞ୍ଚାୟତ ସମିତି ଅଧକ୍ଷା ସୁବାସିନୀ ଦେହୁରୀ, ଜିଲାପରିଷଦ ସଭ୍ୟା ବୃନ୍ଦାବତୀ ଭୋଇ, ବିଭୂତି ଗଙ୍ଗଦେବ, ଇଂ.ଚିତ୍ତରଞ୍ଜନ ପ୍ରଧାନ, ସୁବାସ ଚନ୍ଦ୍ର ଭୋଇ, ଯୋଗେଶ ପ୍ରଧାନ, ରୋହିତ ଭୁକ୍ତା, ସୁଦାମ ସାହୁ, ଦିପକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କ୍ଲବର ସଭାପତି ଚୂଡ଼ାମଣି ପ୍ରଧାନ, ସମ୍ପାଦକ ସୌରଭ କୁମାର ସାମଲ, କୋଷାଧ୍ୟକ୍ଷ ରଞ୍ଜନ କୁମାର ବେହେରା ଓ କ୍ଲବର ସମସ୍ତ ସଭ୍ୟ ଟୁର୍ନାମେଣ୍ଟରେ ସକ୍ରିୟ ସହଯୋଗ କରିଥିଲେ।

# ପାଣି ପଞ୍ଚାୟତ ସଚେତନତା ରଥ ଶୁଭାରମ୍ଭ

**ଦେବଗଡ, ୧୬।୧ (ଡି.ଏନ୍.ଏ.)**

ଜିଲାରେ ଜାନୁୟାରୀ ୧୬ ରୁ ୩୦ ତାରିଖ ପର୍ଯ୍ୟନ୍ତ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯିବ। ଏହି ଅବସରରେ ସ୍ଥାନୀୟ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଏବଂ ଜିଲାପାଳ ସୁଧାଂଶୁ ମୋହନ ସାମଲ ପାଣି ପଞ୍ଚାୟତ ସଚେତନତା ରଥର ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗୋହୀରା ଜଳସେଚନ ବିଭାଗର ଏସ୍‌ଡିଓ ଇଂ. ଘନଶ୍ୟାମ ଦ୍ୱିବେଦୀ, କ୍ଷୁଦ୍ର ଜଳସେଚନର ସହକାରୀ ନିର୍ବାହୀ ଯନ୍ତ୍ରୀ, ଗୋହିରା ମଧ୍ୟମ ଜଳସେଚନ ପ୍ରକଳ୍ପ ଇଂ. ଘନଶ୍ୟାମ ଦ୍ୱିବେଦୀ, ହୃଦାନନ୍ଦ ପୃଷ୍ଟି, ବିଭାଗୀୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଏହି ସଚେତନତା ରଥ ଜିଲାର ସମସ୍ତ ବ୍ଲକ ପରିକ୍ରମା କରି ପାଣି ପଞ୍ଚାୟତ ପକ୍ଷ ପାଳନ ସମ୍ପର୍କରେ ସଚେତନତା ସୃଷ୍ଟି କରିବ। ଚଳିତ ଜାନୁୟାରୀ ୨୩ରେ ପାଣି ପଞ୍ଚାୟତ ରଥର ପରିକ୍ରମା ଶେଷ ହେବାର କାର୍ଯ୍ୟକ୍ରମ ରହିଛି।




ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଏବଂ ଜିଲାପାଳ ସୁଧାଂଶୁ ମୋହନ ସାମଲ ପାଣି ପଞ୍ଚାୟତ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

# ବେଆଇନ ଗଞ୍ଜେଇ କାରବାର, ୫ ଗିରଫ

**ଦେବଗଡ଼, ୧୬।୧ (ଡି.ଏନ.ଏ.)**

- ଗଞ୍ଜେଇ ସହ ବୋଲେରୋ, ବାଇକ୍, ମୋବାଇଲ ଓ ନଗଦ ୩୦ହଜାର ଟଙ୍କା ଜବତ

ଦେବଗଡ଼ ଜିଲା ରିଆମାଳ ବ୍ଲକ କୁଣ୍ଡେଇଗୋଲା ଥାନା ଅଧିନ କରଲଗା ଗ୍ରାମରେ ବେଆଇନ ଗଞ୍ଜେଇ କାରାବାର ଚାଲିଥିବାବେଳେ ବୁଧବାର ଧରାପଡ଼ିଛି। କୁଣ୍ଡେଇଗୋଲା ଥାନା ପୋଲିସ ଚଢାଉକରି ୫ ଜଣଙ୍କୁ ଗିରଫ କରିଛି। ଗୁରୁବାର ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ୨୯କେଜି ୫୦୦ଗ୍ରାମ ଗଞ୍ଜେଇ, ୩ଟି ବାଇକ, ଗୋଟିଏ ବୋଲେରୋ, ୬ ମୋବାଇଲ ଫୋନ, ଏଟିଏମ୍ କାର୍ଡ, ଡ୍ରାଇଭିଂ ଲାଇସେନ୍ସ ଓ ନଗଦ ୩୦ହଜାର ଟଙ୍କା ପୋଲିସ ଜବତ କରିଛି। ଖବର ମୁତାବକ କରଲଗା ଗ୍ରାମଦେଇ ଯାଇଥିବା ବୁଢାପାଳ-ରେଙ୍ଗାଲୀ ରାସ୍ତାକଡରେ ଚା'ଦୋକାନ ଖୋଲିଥିବା ଉକ୍ତ ଗ୍ରାମର ଅରୁଣ କୁମାର ସାହୁ(୪୭) ବେଆଇନ ଗଞ୍ଜେଇ କାରବାର ଚଳାଇଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନାପାଇ ଉକ୍ତ ଦୋକାନ ଉପରେ ପୋଲିସ ନଜର ରଖିଥିଲା। ସକାଳେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ରିଆମାଳ ଅତିରିକ୍ତ ତହସିଲଦାର ମନୋରଞ୍ଜନ ବଘାରଙ୍କ ଉପସ୍ଥିତିରେ କୁଣ୍ଡେଇଗୋଲା ଥାନା ଭାରପ୍ରାପ୍ତ ଅଧିକାରୀ ମଳୟ କୁମାର ନାୟକ ସଦଳବଳେ ସେଠାରେ ଚଢାଉ କରିଥିଲେ। ଚଢାଉ ସମୟରେ ଅରୁଣ ସହ ସେଠାକୁ ଗଞ୍ଜେଇ ଯୋଗାଣ କରିବାକୁ ସମ୍ବଲପୁରରୁ ବୋଲେରୋରେ ଆସିଥିବା ଅନ୍ୟ ୪ଜଣଙ୍କୁ ପୋଲିସ ଗିରଫ କରିଥିଲା। ଆଉଁଳି ଗ୍ରାମର ଚୁନା ପ୍ରଧାନ ଏକ ବୋଲେରୋ ନଂ. ଓଡି ୧୯ ଏଫ୍ -୫୫୩୫ ଯୋଗେ ତାଙ୍କ ସହଯୋଗୀ କରଲଗା ଗ୍ରାମର ରିନୁନ ବେହେରା (୩୦), ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅନ୍ତର୍ଗତ ଖଇରବେର୍ଣ୍ଣୀ ଗ୍ରାମର ବିନୋଦ କୁମାର ସାହୁ(୨୭), ସମ୍ବଲପୁର ଜିଲା ନାକଟିଦେଉଳ ଥାନା ଅଧିନ କୁଣ୍ଡାମରା ଗ୍ରାମର ପୁରୁଷୋତ୍ତମ ସାହୁ(୩୧)ଙ୍କୁ ନେଇ ଗଞ୍ଜେଇ ଯୋଗାଣ କରିବାକୁ ଆସିଥିଲେ। ପୋଲିସ ଚଢାଉ କରି ଏହି ୫ଜଣଙ୍କୁ ଗିରଫ କରିଥିବାବେଳେ ଅନ୍ୟ ଜଣେ ଫେରାର୍ ହୋଇଯାଇଥିଲେ। ଅଭିଯୁକ୍ତମାନେ ଗଞ୍ଜେଇ ଯୋଗାଣ କରୁଥିବା ପୋଲିସ ନିକଟରେ ସ୍ୱୀକାର କରିବା ପରେ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଏଥିସହ ସେଠାରୁ ବେଆଇନ କାରବାରରେ ବ୍ୟବହୃତ ଯାନବାହାନଗୁଡିକୁ ଜବତ କରିଥିଲା।




ଗିରଫ ୫ ଅଭିଯୁକ୍ତ ଓ ଜବତ ଗଞ୍ଜେଇ ସହ ବୋଲେରୋ, ବାଇକ୍ ଓ ଟଙ୍କା।

# ସର୍ବଭାରତୀୟ ବହୁଭାଷୀ ନାଟକ ପ୍ରତିଯୋଗିତା ଉଦ୍‌ଯାପିତ

**ମଣିପୁରୀ ନାଟକ 'ଓଁ ଶାନ୍ତି' ଶ୍ରେଷ୍ଠ ପ୍ରଯୋଜିତ ନାଟକ : ଦିଲ୍ଲୀପ କୁମାର ଗୁରୁ ଓ ମନୋଜ କୁମାର ପାଢୀଙ୍କୁ 'ଜାଗରଣ ସମ୍ମାନ-୨୦୨୦' ପ୍ରଦାନ**

**ଦେବଗଡ, ୧୬।୧ (ଡି.ଏନ.ଏ)**

ସ୍ଥାନୀୟ ଟାଉନହଲ୍‌ଠାରେ ଜାଗରଣ ଆର୍ଟ ଇଣ୍ଟରନ୍ୟାସନାଲ୍ ପକ୍ଷରୁ ଗତ ୧୦ତାରିଖଠାରୁ ଆରମ୍ଭ ହୋଇଥିବା ୧୭ତମ ସର୍ବଭାରତୀୟ ବହୁଭାଷୀ କ୍ଷୁଦ୍ର ନାଟକ ଓ ନୃତ୍ୟ ପ୍ରତିଯୋଗିତା ବୁଧବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଅଶୋକ ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଜୟ କୁମାର ମିଶ୍ର ଓ ସାମାଜିକ କର୍ମୀ ଇଂ.ଚିତ୍ତରଞ୍ଜନ ପ୍ରଧାନ ଯୋଗଦେଇ ପ୍ରତିଯୋଗୀ, ଆୟୋଜକ ଏବଂ ଉପସ୍ଥିତ ଦର୍ଶକମାନଙ୍କୁ ଉତ୍ସାହିତ କରିଥିଲେ। ଏହାସହ କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର, ଟ୍ରଫି ସହ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ସୁଜିତ କୁମାର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପସଭାପତି ପ୍ରକାଶ କୁମାର ଦେବତା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜନ୍ମେଜୟ ନାୟକ ମଞ୍ଚ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ଦୀର୍ଘ ୬ଦିନ ଧରି ଚାଲିଥିବା ଉପରୋକ୍ତ ବହୁଭାଷୀ ନାଟକ ଓ ନୃତ୍ୟ ପ୍ରତିଯୋଗିତାରେ ମୋଟ ୧୦ଟି ଦଳ ଅଂଶଗ୍ରହଣ କରିଥିଲେ। ମଣିପୁରର ଇମ୍ଫାଲ ସ୍ଥିତ ଲେଇମାରେମ୍ବି ଆର୍ଟ ଏଣ୍ଡ କଲଚରାଲ ଆସୋସିଏଶନ ଦ୍ୱାରା ପରିବେଷିତ ମଣିପୁରୀ ନାଟକ 'ଓଁ ଶାନ୍ତି' ପ୍ରଥମ ଶ୍ରେଷ୍ଠ ପ୍ରଯୋଜିତ ନାଟକ, ବରଗଡ ଜିଲା ସୋହେଲାର ଚେତନା ନାଟ୍ୟାନୁଷ୍ଠାନ ଦ୍ୱାରା ପରିବେଷିତ ସମ୍ବଲପୁରୀ ନାଟକ 'ରଘୁପତି ରାଘବ ରାଜାରାମ' ଦ୍ୱିତୀୟ ଶ୍ରେଷ୍ଠ ପ୍ରଯୋଜିତ ନାଟକ ଓ ଝାଡ଼ଖଣ୍ଡର ଜାମସେଦପୁର ସ୍ଥିତ ଝାଡ଼ଖଣ୍ଡ ସାଂସ୍କୃତିକ ମଞ୍ଚ ଦ୍ୱାରା ପରିବେଷିତ ହିନ୍ଦୀ ନାଟକ 'ସମ୍ବୋଧନ' ତୃତୀୟ ଶ୍ରେଷ୍ଠ ପ୍ରଯୋଜିତ ନାଟକ ଭାବେ ପୁରସ୍କୃତ ହୋଇଥିଲା। ଶ୍ରେଷ୍ଠ ନାଟ୍ୟକାର ଭାବେ 'ରଘୁପତି ରାଘବ ରାଜାରାମ'ର ନାଟ୍ୟକାର ନାଟ୍ୟରଶ୍ମୀ ଅଶୋକ ବହିଦାର ଓ ଦ୍ୱିତୀୟ ଶ୍ରେଷ୍ଠ ନାଟ୍ୟକାର ଭାବେ ନାଟକ 'ଗଛ'ର ନାଟ୍ୟକାର କବି ଶତପଥି ପୁରସ୍କୃତ ହୋଇଥିଲେ। ମଣିପୁରୀ ନାଟକ 'ଓଁ ଶାନ୍ତି'ର ନିର୍ଦ୍ଦେଶକ ଡକ୍ଟ.ସମରେନ୍ଦ୍ର ସିଂ ଶ୍ରେଷ୍ଠ ନିର୍ଦ୍ଦେଶନା ଓ ସମ୍ବଲପୁରୀ ନାଟକ 'ରଘୁପତି ରାଘବ ରାଜାରାମ'ର ନିର୍ଦ୍ଦେଶକ ଡକ୍ଟର ତୁଷାରକାନ୍ତ ସାହୁଙ୍କୁ ୨ୟ ଶ୍ରେଷ୍ଠ ନିର୍ଦ୍ଦେଶନା ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଶ୍ରେଷ୍ଠ ଅଭିନେତା ମଣିପୁରର ଲେମ୍ବାରେମ୍ବି ଆର୍ଟ୍‌ସ ଏଣ୍ଡ କଲଚରାଲ ଆସୋସିଏଶନର ଡକ୍ଟ.ସମରେନ୍ଦ୍ର ସିଂ (ନାଟକ 'ଓଁ ଶାନ୍ତି'), ୨ୟ ଶ୍ରେଷ୍ଠ ଅଭିନେତା ବରଗଡ ଜିଲା ସୋହେଲାର ନାଟ୍ୟଚେତନା ଅନୁଷ୍ଠାନର କ୍ଷିରୋଦ ଚନ୍ଦ୍ର ସାହୁ (ନାଟକ ରଘୁପତି ରାଘବ ରାଜାରାମ) ଏବଂ ୩ୟ ଶ୍ରେଷ୍ଠ ଅଭିନେତା ଭାବେ ଝାଡ଼ଖଣ୍ଡ ସାଂସ୍କୃତିକ ମଞ୍ଚର ଶିବଲାଲ ସାଗର (ନାଟକ 'ସମ୍ବୋଧନ')ଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା ଭାବେ ଝାରସୁଗୁଡା ଜିଲା ବେଲପାହାଡ ମିରର ଥିଏଟରର ଚିନ୍ତାମଣି ମେହେର (ନାଟକ 'ସ୍ମାଇଲ ପ୍ଲିଜ'), ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଝାଡ଼ଖଣ୍ଡ ସାଂସ୍କୃତିକ ମଞ୍ଚର ଶ୍ରୀମତୀ ପଦ୍ମା କୁନୀ (ହିନ୍ଦୀ ନାଟକ 'ସମ୍ବୋଧନ'), ଦ୍ୱିତୀୟ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ମଣିପୁରର ଇମ୍ଫାଲ ସ୍ଥିତ ଲେଇମାରେମ୍ବି ଆର୍ଟ ଏଣ୍ଡ କଲଚରାଲ ଆସୋସିଏଶନର ଡକ୍ଟ. ନଗନଜ ଥୋଇ (ମଣିପୁରୀ ନାଟକ 'ଓଁ ଶାନ୍ତି') , ତୃତୀୟ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ସମ୍ବଲପୁରର ଆର୍ଟିଷ୍ଟ ଆସୋସିଏଶନ ପରିଚୟର ମଧୁସ୍ମିତା ପ୍ରଧାନ (ସମ୍ବଲପୁରୀ ନାଟକ 'ବାଗଡି') ଶ୍ରେଷ୍ଠ ଖଳନାୟକ ଭାବେ ସମ୍ବଲପୁରର ଆର୍ଟିଷ୍ଟ ଆସୋସିଏଶନ ପରିଚୟର ନରେନ୍ଦ୍ର ବେହେରା (ସମ୍ବଲପୁରୀ ନାଟକ 'ବାଗଡି'), ଶ୍ରେଷ୍ଠ ହାସ୍ୟ ଅଭିନେତା ଭାବେ ସୋନପୁର ବୀଣାପାଣି ସାହିତ୍ୟ ସଂସଦର ସମୀର ସାହୁ (ସମ୍ବଲପୁରୀ ନାଟକ 'ନାଇଟ ହସପିଟାଲ') ଶ୍ରେଷ୍ଠ ଶିଶୁ କଳାକାର ଭାବେ ଝାରସୁଗୁଡା ଜିଲା ବେଲପାହାଡ ମିରର ଥିଏଟରର ଭାବେଶ ପ୍ରଧାନ (ସମ୍ବଲପୁରୀ ନାଟକ 'ସ୍ମାଇଲ ପ୍ଲିଜ'), ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଭାବେ ମଣିପୁର ଇମ୍ଫାଲ ସ୍ଥିତ ଲେଇମାରେମ୍ବି ଆର୍ଟ ଏଣ୍ଡ କଲଚରାଲ ଆସୋସିଏଶନର ଡକ୍ଟ. ସମରେନ୍ଦ୍ର ସିଂ (ମଣିପୁରୀ ନାଟକ 'ଓଁ ଶାନ୍ତି')ଙ୍କୁ ମିଳିଥିବା ବେଳେ ଶ୍ରେଷ୍ଠ ମଞ୍ଚସଜ୍ଜା ରାଉରକେଲାର ସ୍ୱସ୍ତିକ ନାଟ୍ୟ ଝଙ୍କାର (ନାଟକ 'ଗଛ'), ଶ୍ରେଷ୍ଠ ଆଲୋକ ସଜ୍ଜା ନିମନ୍ତେ ମଣିପୁର ଇମ୍ଫାଲ ସ୍ଥିତ ଲେଇମାରେମ୍ବି ଆର୍ଟ ଏଣ୍ଡ କଲଚରାଲ ଆସୋସିଏଶନର ଏଲ.ଲାମ୍ବା ଶର୍ମା (ମଣିପୁରୀ ନାଟକ 'ଓଁ ଶାନ୍ତି)' , ଶ୍ରେଷ୍ଠ ଶୃଙ୍ଖଳିତ ନାଟ୍ୟସଂସ୍ଥା ଭାବେ ମଧ୍ୟପ୍ରଦେଶର ଭୋପାଳସ୍ଥିତ ନିଳେଶ ତିୱାରୀ ସ୍ମୃତି ଶିକ୍ଷା ଓ ସମାଜ କଲ୍ୟାଣ ସମିତି ଓ ଦର୍ଶକ ପସନ୍ଦର ଅଭିନେତା ଭାବେ ସୋନପୁର ବୀଣାପାଣି ସାହିତ୍ୟ ସଂସଦର ସୁମନ ଭୋଇ (ସମ୍ବଲପୁରୀ ନାଟକ 'ନାଇଟ ହସପିଟାଲ')ଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ଚଳିତବର୍ଷ ପାଇଁ ଭୁବନେଶ୍ୱର ସ୍ଥିତ ଓଡିଶା ନାଟ୍ୟ ସଂଘର ସମ୍ପାଦକ ଲାଲା ବିରେନ ରାୟ, ଦେବଗଡର ଦିଲ୍ଲୀପ କୁମାର ଗୁରୁ ଓ ମନୋଜ କୁମାର ପାଢୀଙ୍କୁ 'ଜାଗରଣ ସମ୍ମାନ-୨୦୨୦' ପ୍ରଦାନ କରାଯାଇଥିଲା । ଦୀର୍ଘ ୬ ଦିନ ଧରି ଅନୁଷ୍ଠିତ ହୋଇଥିବା ସର୍ବଭାରତୀୟ ବହୁଭାଷୀ ନାଟକ ଓ ନୃତ୍ୟ ପ୍ରତିଯୋଗିତାରେ ବିଚାରକ ଭାବେ ମଣିପୁର ଇମ୍ଫାଲ କେ.ବି. ଶର୍ମା, ଦେବଗଡର ଅତୁଲ୍ୟ କୁମାର ପୂଜାରୀ ଓ ଦିଲ୍ଲୀପ କୁମାର ଗୁରୁ ଯୋଗଦେଇଥିଲେ । ଆଜିକାର ଉଦ୍‌ଯାପନୀ ଉତ୍ସବ ପୂର୍ବରୁ ଭୁବନେଶ୍ୱର ସ୍ଥିତ ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ପ୍ରଦର୍ଶନୀ ନାଟକ 'ଅଶାନ୍ତ' ପରିବେଷିତ ହୋଇଥିଲା । ଶେଷରେ ଅନୁଷ୍ଠାନର ସଦସ୍ୟ ବଂଶୀଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଉଦ୍‌ଯାପନୀରେ ନାଟ୍ୟଦଳ ଓ କଳାକାରଙ୍କୁ ପୁରସ୍କୃତ କରାଯାଉଛି।



ଉଦ୍‌ଯାପନୀ ନାଟକର ଏକ ଦୃଶ୍ୟ।

ଧରିତ୍ରୀ DHARITRI
ସମ୍ବଲପୁର, ଶୁକ୍ରବାର, ୧୭ ଜାନୁୟାରୀ, ୨୦୨୦



ଈଶ୍ୱର ଯାହାଙ୍କୁ ରକ୍ଷା କରନ୍ତି, ପୃଥିବୀର କୌଣସି ଶକ୍ତି ତା'ର କିଛି କରିପାରେ ନାହିଁ।
- ସନ୍ଥ କବୀର ଦାସ



**ସଂକ୍ଷେପରେ..**

## ବିଶ୍ୱ କଲ୍ୟାଣ ନାଗରିକ କମିଟିର ବୈଠକ

**ଲୋଇସିଂହା,୧୬।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଜମିଦାରଙ୍କ ରାଜବାଟି ପରିସରରେ ବିଶ୍ୱକଲ୍ୟାଣ ନାଗରିକ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସମ୍ପାଦକ ପ୍ରଶାନ୍ତ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ କମିଟି ସଭାପତି ତଥା ଜମିଦାର ଜୟକୃଷ୍ଣ ସିଂରାଏ ଅଧ୍ୟକ୍ଷତା କରିଥିଲେ। ଲୋଇସିଂହା କଲ୍ୟାଣ ମଣ୍ଡପର ସୁରକ୍ଷା ଓ ରକ୍ଷଣାବେକ୍ଷଣ ପାଇଁ ବିଧାୟକ ଅନୁଦାନ ବ୍ୟବସ୍ଥା କରିଥିବାରୁ କମିଟି ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ନିକଟରେ ଲୋଇସିଂହା ଡାକ୍ତରଖାନାରେ ଡାକ୍ତର ନିଯୁକ୍ତି ମିଳିଥିବାରୁ ଏଥିପାଇଁ ଆନ୍ଦୋଳନ କରିଥିବା ଅନୁଷ୍ଠାନ ସଦସ୍ୟଙ୍କୁ ବୈଠକରେ ସାଧୁବାଦ ଦିଆଯାଇଥିଲା। ଏହାପରେ ଲୋଇସିଂହାର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା ।

# ମରାମତିର ଦିନକ ପରେ ଫାଟିଲା ପିଚୁ

**କୁଆଁରମୁଣ୍ଡା,୧୬।୧(ଡି.ଏନ.ଏ)**

■ ୧୪୩ ନମ୍ବର ଜାତୀୟ ରାଜପଥ ମରାମତି ନିମ୍ନମାନର



କୁଆଁରମୁଣ୍ଡା ଲୋକନାଥ ମନ୍ଦିର ନିକଟସ୍ଥ ୧୪୩ ନମ୍ବର ଜାତୀୟ ରାଜପଥ ମରାମତି ହେବାର ଦିନକ ଭିତରେ ପିଚୁ ଉଠିଯାଇଛି ।

୧୪୩ ନମ୍ବର ଜାତୀୟ ରାଜପଥର ବେଦବ୍ୟାସଠାରୁ ବୀରମିତ୍ରପୁର ପର୍ଯ୍ୟନ୍ତ ଅଂଶ ଖାଲଖମାପୂର୍ଣ୍ଣ ହୋଇଛି । ଏ ନେଇ ଗଣମାଧ୍ୟମ ଓ ସ୍ଥାନୀୟ ଅଞ୍ଚଳବାସୀ ଅନେକବାର ଅଭିଯୋଗ କରିବା ପରେ ଗତ ପ୍ରାୟ ଏକ ସପ୍ତାହ ହେଲା ମରାମତି କାର୍ଯ୍ୟ ଚାଲୁ ରହିଛି। ହେଲେ ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣଭାବେ ନିମ୍ନମାନର ହେଉଛି । ଏହାର ଜ୍ୱଳନ୍ତ ଉଦାହରଣ ହେଉଛି କୁଆଁରମୁଣ୍ଡାର ଲୋକନାଥ ମନ୍ଦିର ସମ୍ମୁଖସ୍ଥ ରାଜପଥ। ଉକ୍ତ ସ୍ଥାନରେ ବୁଧବାର ସମ୍ପୃକ୍ତ ଠିକାଦାର ପିଚୁକରଣ କରିଥିଲେ। ହେଲେ ମାତ୍ର ଦିନକ ଭିତରେ ଅର୍ଥାତ ଗୁରୁବାର ସକାଳ ୧୦ଟାରେ ଗାଡି ଚଳାଚଳ ସମୟରେ ପିଚୁ ଫାଟି ଖଣ୍ଡଖଣ୍ଡ ହୋଇ ରାଜପଥରୁ ଉଠିଯାଇଥିଲା। ସ୍ଥାନୀୟ ସାମଜିକ କର୍ମୀ ଶୈଳେଶ ତିୱାରୀ, ଯୁବନେତା ରାଜେଶ କେର୍କେଟା, ଶରତ ତନ୍ତୀ, ସରୋଜ ମହାନ୍ତ ଓ ଅନ୍ୟମାନେ ଘଟଣାସ୍ଥଳରେ ପହଞ୍ଚି ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣଭାବେ ନିମ୍ନମାନର ହେଉଥିବା ଅଭିଯୋଗ କରିଥିଲେ। ଏହା ପରେ ସମ୍ପୃକ୍ତ ଠିକାସଂସ୍ଥା ପକ୍ଷରୁ ପୁର୍ନବାର ଉକ୍ତ ସ୍ଥାନକୁ ମରାମତି କରାଯାଇ ପିଚୁ କରାଯାଇଛି। ଏଠାରେ ପ୍ରଶ୍ନ ଉଠୁଛି ଯେ,ରାଜପଥରେ ମରାମତି କାର୍ଯ୍ୟ ଠିକାସଂସ୍ଥା କରୁଥିଲା ବେଳେ କାର୍ଯ୍ୟସ୍ଥଳରେ ରାଜପଥ ବିଭାଗର କୌଣସି କ୍ଷେତ୍ର ଅଧିକାରୀ ରହୁ ନାହାନ୍ତି। ଫଳରେ ମନମୁଖୀଭାବେ ଠିକାସଂସ୍ଥା ମରାମତି କାର୍ଯ୍ୟ କରୁଥିବାରୁ ମାତ୍ର ଦିନକ ଭିତରେ ପିଚୁ ଫାଟି ରାଜପଥରୁ ଉଠିଗଲା ବୋଲି ସାଧାରଣରେ ଆଲୋଚନା ହେଉଛି। ଏ ନେଇ ରାଜପଥ ବିଭାଗର ଉଚ୍ଚ ଅଧିକାରୀ ସ୍ୱତନ୍ତ୍ର ଦେଇ ମରାମତି କାର୍ଯ୍ୟକୁ ଠିକ୍ ଭାବେ ତଦାରଖ କରାଇଲେ ଏଭଳି ନିମ୍ନମାନର କାର୍ଯ୍ୟକୁ ରୋକାଯାଇପାରନ୍ତା।

## ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଉଦ୍‌ଘାଟିତ





ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରାଯାଉଛି।

**ସୁନ୍ଦରଗଡ, ୧୬।୧ (ଡି.ଏନ୍.ଏ)**

କୃଷି ଓ କୃଷକଙ୍କ ବିକାଶ ତଥା ଜଳର ସୁପରିଚାଳନା ପାଇଁ ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଗୁରୁବାର ଉଦ୍‌ଘାଟିତ ହୋଇଛି। ଜାନୁୟାରୀ ୧୬ରୁ ୩୦ ତାରିଖ ପର୍ଯ୍ୟନ୍ତ ଏହି ଓଡିଶା ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ଜିଲାରେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ବିକାଶ ଭବନ ଠାରେ ଆୟୋଜିତ ସମାରୋହରେ ଅତିରିକ୍ତ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାଣି ପଞ୍ଚାୟତ ଗଠନ ଓ ଏହାର ସୁପରିଚାଳନା ପାଇଁ ଜନସାଧାରଣଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ୨ଟି ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ସମାରୋହରେ ସୁନ୍ଦରଗଡ ଜଳସେଚନ ମଣ୍ଡଳ ଅଧୀକ୍ଷଣଯନ୍ତ୍ରୀ, ସୁନ୍ଦରଗଡ ଜଳସେଚନ ବିଭାଜନ ନିର୍ବାହୀ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ନିର୍ବାହୀ ଯନ୍ତ୍ରୀ, ଉଠାଜଳସେଚନ ବିଭାଜନ ନିର୍ବାହୀ ଯନ୍ତ୍ରୀ, ଇଵ୍ ଅନୁସନ୍ଧାନ ବିଭାଜନ, ଓଡିଶା ଆଗ୍ରୋ ଇଣ୍ଡଷ୍ଟ୍ରି ସୁନ୍ଦରଗଡ, ଜିଲା ମୁଖ୍ୟ ପଶୁପାଳନ ନିର୍ଦ୍ଦେଶକ ଏବଂ ପାଣି ପଞ୍ଚାୟତ ଆପେକ୍ସ କମିଟିର ଅଧ୍ୟକ୍ଷ, ପିତାମହଲ ,ସୁନ୍ଦରଗଡ, ତଳସରା ଜଳସେଚନ ପ୍ରକଳ୍ପ ଅଧୀନ ପାଣିପଞ୍ଚାୟତ କମିଟି ଅଧ୍ୟକ୍ଷ ଅଗ୍ରଣୀ ଜୟମଙ୍ଗଲ ପଟେଲ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ଏହା ପରେ ଏକ ସାଧାରଣ ସଭା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧୀକ୍ଷଣ ଯନ୍ତ୍ରୀ ପାଣିପଂଚାୟତ ପକ୍ଷ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ସହକାରୀ ଯନ୍ତ୍ରୀ ଶଙ୍କର କିଶାନ ସଭା ପରିଚାଳନା କରିଥିଲେ । ଅଶ୍ୱିନୀ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଜୀବନ ବୀମା ନିଗମ ଅଭିକର୍ତ୍ତା ସଂଘର ବାର୍ଷିକ ସାଧାରଣ ସଭା

**ସୁନ୍ଦରଗଡ , ୧୬।୧ (ଡି.ଏନ୍.ଏ)**

ସ୍ଥାନୀୟ ବରିଷ୍ଠ ନାଗରିକ ସଂଘ ସଭା ଗୃହଠାରେ ଗୁରୁବାର ଭାରତୀୟ ଜୀବନ ବୀମା ନିଗମ ଅଭିକର୍ତ୍ତା ସଂଘ ସୁନ୍ଦରଗଡ ଶାଖାର ୧୪ତମ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି ଶଶିଭୂଷଣ ଶାସିନିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ରୁପେ ଅଭିକର୍ତ୍ତା ମହାସଂଘର କାର୍ଯ୍ୟକାରୀ କମିଟିର ବରିଷ୍ଠ ସଭ୍ୟ ସୁନିଲ କୁମାର ମହାପାତ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୁପେ ସମ୍ବଲପୁର ମଣ୍ଡଳର ସମ୍ପାଦକ ସୁନ୍ଦରମଣି ନାଏକ,ଜୀବନ ବୀମା ନିଗମ ସୁନ୍ଦରଗଡ କାର୍ଯ୍ୟାଳୟର ଶାଖା ପ୍ରବନ୍ଧକ ଜନ୍ କେରକେଟା, କୋଷାଧ୍ୟକ୍ଷ ଲାଡେ ରମେଶ କୁମାର, ମୁଖ୍ୟବକ୍ତା ରୁପେ ଜୀବନ ବୀମା ନିଗମର ବରିଷ୍ଠ ଉପଦେଷ୍ଟା ବିଜୟ କୁମାର ପଟେଲ ତଥା ସୁନ୍ଦରଗଡ ଶାଖା ଅଭିକର୍ତ୍ତା ସଂଘର ସମ୍ପାଦକ ଡିଲେଶ୍ୱର ଖଣ୍ଡା ଯୋଗ ଦେଇଥିଲେ । ସଂପାଦକ ଖଣ୍ଡା ବାର୍ଷିକ ବିବରଣି ପାଠ କରିବା ସହ ମଂଚ ପରିଚାଳନା କରିଥିଲେ। ଏହି ବାର୍ଷିକ ସାଧାରଣ ସଭାରେ ଅନ୍ୟମାନଙ୍କ ମଧ୍ୟରେ ସଂଘର ଶତାଧିକ ଅଭିକର୍ତ୍ତା ଯୋଗ ଦେଇଥିଲେ । ସମ୍ପାଦକ ଖଣ୍ଡା ସୁନ୍ଦରଗଡ ଶାଖାରେ ଅଭିକର୍ତ୍ତାମାନଙ୍କ ପାଇଁ କରାଯାଇଥିବା ସାମୂହିକ ବୀମା ବିଷୟରେ ପୁଙ୍ଖାନୁପୁଙ୍ଖ ସୂଚନା ଦେଇଥିଲେ। ସଭା ପ୍ରାରମ୍ଭରେ ଉପସ୍ଥିତ ସମସ୍ତ ଅତିଥିମାନଙ୍କୁ ସଂଘ ତରଫରୁ ପୁଷ୍ପଗୁଚ୍ଛ ସହ ଉପଢୌକନ ପ୍ରଦାନ କରାଯାଇଥିଲା । ସଭା ଶେଷରେ ଦେବପ୍ରିୟ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶ୍ୟାମସୁନ୍ଦର ଭିତିରିଆ, ସତ୍ୟବାନ ନାଏକ, ଶ୍ୟାମସୁନ୍ଦର ଗର୍ଡିଆ, ଗିରିଧାରି ମେହେର, ସଂଜିତ କୁମାର ନାଏକ ପରିଚାଳନାରେ ସହଯୋଗ କରିଥିଲେ।

## ଅଙ୍ଗନୱାଡି ସଂଘର ଧାରଣା ପ୍ରତ୍ୟାହୃତ

**ସୁନ୍ଦରଗଡ,୧୬।୧ (ଡି.ଏନ.ଏ)**



ଅଙ୍ଗନୱାଡ଼ି କର୍ମୀମାନେ ଧାରଣା ଦେଉଛନ୍ତି।

ସୁନ୍ଦରଗଡ ଜିଲାରେ ବହିଷ୍କୃତ ୪ଜଣ ଅଙ୍ଗନୱାଡି କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଦାବିରେ ଭାରତୀୟ ମଜଦୁର ସଂଘ ଦ୍ୱାରା ଅନୁବନ୍ଧିତ ଅଲଓଡିଶା ଅଙ୍ଗନୱାଡି ୱାର୍କସ ଆସୋସିଏଶନ ତରଫରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଧାରଣା ଗୁରୁବାର ପ୍ରତ୍ୟାହୃତ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା ଓ ଜିଲା ସମାଜ ମଙ୍ଗଳ ଅଧିକାରୀ ଧାରଣାସ୍ଥଳରେ ପହଞ୍ଚି ଆସନ୍ତା ୨୪ ତାରିଖ ପୁନଃ ନିଯୁକ୍ତି ଦେବା ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ବହିଷ୍କୃତ କର୍ମଚାରୀଙ୍କୁ ପ୍ରଶାସନ ପକ୍ଷରୁ ପୁନଃ ନିଯୁକ୍ତି ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲେ ହେଁ ଏହା କାର୍ଯ୍ୟକାରୀ ହେଉ ନ ଥିବାରୁ ଗତ ୧୩ ତାରିଖରୁ ଅଙ୍ଗନୱାଡି ୱାର୍କସ ଆସୋସିଏଶନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅହୋରାତ୍ର ଧାରଣା ଆରମ୍ଭ ହୋଇଥିଲା। ହେଲେ ଏହା ସତ୍ତ୍ୱେ ମଧ୍ୟ ପ୍ରଶାସନ କୌଣସି ତତ୍ପରତା ପ୍ରକାଶ ନ କରିବାରୁ ଗୁରୁବାର ଜିଲାରେ କାର୍ଯ୍ୟରତ ଅଙ୍ଗନୱାଡି କର୍ମୀମାନେ କାର୍ଯ୍ୟବନ୍ଦ କରି ଗୁରୁବାର ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ଆସୋସିଏଶନର ନେତୃବୃନ୍ଦ ଅଞ୍ଜଳି ପଟେଲ, ଜିଲା ସଭାନେତ୍ରୀ ବାସନ୍ତୀ ବାଗ୍, ସମ୍ପାଦିକା ବିମଳା ଲାକ୍ରାଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଜାରି ରହିଥିଲା।

## ଛନଛଡ଼ା ଫୁଟବଲ ଟୁର୍ନାମେଣ୍ଟ

**ଟିକ୍ରାପଡା, ୧୬।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ କରମତଲା ପଞ୍ଚାୟତ ଅଧିନ ଛନଛଡାଠାରେ ପାଟଣେଶ୍ୱରୀ ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଷୋଡଶ ବର୍ଷ ସାତଦିନିଆ ଫୁଟବଲ ଟୁର୍ନାମେଣ୍ଟର ଗୁରୁବାର ଥିଲା ପଞ୍ଚମ ଦିବସ । ଅନୁଷ୍ଠିତ ପ୍ରଥମ ସେମି ଫାଇନାଲ ମ୍ୟାଚରେ ବଡମାଲକୁ ୧–୦ ଗୋଲରେ ହରାଇ ଟିକ୍ରାପଡା ଫାଇନାଲରେ ପ୍ରବେଶ କରିଛି। ଗଣେଶ ଭୋଇ ଖେଳ ପରିଚାଳନା କରିଥିଲେ । ସୁବ୍ରତ ବେହେର, ହେମନ୍ତ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ । ଶୁକ୍ରବାର କେନ୍ଦୁଡାର ବନାମ ଚଲକି ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ସୂତ୍ରରୁ ପ୍ରକାଶ।

## ଅସହାୟ ମା' ଛେଉଣ୍ଡ ପିଲାଙ୍କ ପାଇଁ ସହାୟତାର ହାତ ବଢେଇଲେ ଆଇନସେବା ପ୍ରାଧିକରଣ

**ସୁନ୍ଦରଗଡ଼, ୧୬।୧ (ଡି.ଏନ୍.ଏ)**

ସୁନ୍ଦରଗଡର ସଦର ଥାନା ଅନ୍ତର୍ଗତ ବାଘୁପଡା ଗ୍ରାମରେ ଗତ ୫ ତାରିଖରେ କୁଶମାଝୀ (୪୦) ନାମକ ଜଣେ ବ୍ୟକ୍ତି ସ୍ତ୍ରୀ ସୁବାସିନୀ (୩୨)କୁ ତଣ୍ଟିଚିପି ହତ୍ୟା କରିବା ପରେ ପୋଲିସ ଦ୍ୱାରା ଗିରଫ ହୋଇ ଜେଲ ଯାଇଛନ୍ତି। ଅସହାୟ ହୋଇ ପଡିଥିବା ୧୨ବର୍ଷର ପୁଅ ଓ ୨ଟି ଝିଅଙ୍କ ପାଇଁ ସହାୟତାର ହାତ ବଢେଇଛନ୍ତି ଜିଲା ଆଇନ୍ ପ୍ରାଧିକରଣ ସଚିବ। ଏହି ଘଟଣା ନଜରକୁ ଆସିବା ପରେ ଜିଲା ଆଇନ୍ ସେବା ପ୍ରାଧିକରଣର ସଚିବ ବିମଳ ରାଉଳ ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବନ୍ତ ଜେନା କୁଶ ମାଝୀଙ୍କ ଘରକୁ ଯାଇ ଘରେ ବୁଢୀମାଁଙ୍କ ସାଥୀରେ ଥିବା ଅସହାୟ ପିଲାଙ୍କ ଅବସ୍ଥା ପଚାରି ବୁଝିଥିଲେ। ଏହାପରେ ୧୨ବର୍ଷର ପୁଅକୁ ଚାଇଲଡ କେୟାର ସେଣ୍ଟରରେ ନେଇ ରଖିବା ପରେ ତାହାର ଖାଇବା ,ପିଇବା ଓ ପାଠ ପଢିବା ପାଇଁ ସମସ୍ତ ବ୍ୟବସ୍ଥା କରିଛନ୍ତି। ଏହାପରେ ନବର୍ଷର ବଡଝିଅ ଓ ୫ବର୍ଷର ସାନଝିଅକୁ ସରକାରୀ ସ୍କୁଲରେ ପାଠପଢିବା ବ୍ୟବସ୍ଥା କରିବା ସହ ସଦର ଥାନା ପୋଲିସ ଜରିଆରେ ପିଲାମାନଙ୍କ ଭବିଷ୍ୟତ ପାଇଁ ଦୋଷୀ ଅନୁକମ୍ପା ସହାୟତା ପାଇଁ ବ୍ୟବସ୍ଥା କରିଛନ୍ତି। ପିଲାମାନଙ୍କ ବୁଢୀ ମା'ଙ୍କ ଜରିଆରେ ପିଲାମାନଙ୍କ ପାଇଁ ଆର୍ଥିକ ସହାୟତା ପ୍ରଦାନ ପାଇଁ ପଦକ୍ଷେପ ନିଆଯାଇଛି।

# ଅଉଁଲାବାହାଲ ଡେଜଲିଙ୍ଗ୍ ଷ୍ଟାର କ୍ଲବ୍ ପକ୍ଷରୁ କ୍ରିକେଟ୍ ଟୁର୍ନାମେଣ୍ଟ

**ଲେଫ୍ରିପଡା,୧୬।୧(ଡି.ଏନ.ଏ)**



ସମ୍ବଲପୁର ଏମ୍ଏମ୍ସିସି ଚାମ୍ପିୟନ, ସୁନ୍ଦରଗଡ କୋବ୍ରା ଏକାଦଶ ରନର୍ସଅପ୍

ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ଅଉଁଲାବାହାଲ ଗ୍ରାମର ଡେଜଲିଙ୍ଗ୍ ଷ୍ଟାର କ୍ଲବ୍ ପକ୍ଷରୁ ୨୮ତମ କ୍ରିକେଟ୍ ଟୁର୍ନାମେଣ୍ଟ ପାଞ୍ଚ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ଗୁରୁବାର ସୁନ୍ଦରଗଡ ସଦର ବିଧାୟକ ଯୋଗେଶ କୁମାର ସିଂ, ସୁନ୍ଦରଗଡ ଜିଲା ପରିଷଦ ଉପାଧ୍ୟକ୍ଷ କାଶୀନାଥ ରାଉତ, ପୂର୍ବତନ ଝୁମ୍ମିଲ ସରପଞ୍ଚ ମୀନକେତନ ମାଝୀ, ଧନୀରାମ ଖଣ୍ଡା, ବିମଳ ପଟେଲ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ଟୁର୍ନାମେଣ୍ଟର ଫାଇନାଲ ଖେଳ କୋବ୍ରା ଏକାଦଶ ସୁନ୍ଦରଗଡ ଏବଂ ଏମ୍ଏମ୍ସିସି ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଏମ୍ଏମ୍ସିସି ସମ୍ବଲପୁର ଚାମ୍ପିୟନ ଏବଂ କୋବ୍ରା ଏକାଦଶ ସୁନ୍ଦରଗଡ ରନର୍ସ ଅପ୍ ହୋଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସୁନ୍ଦରଗଡ ଜିଲା ପରିଷଦ ଉପାଧ୍ୟକ୍ଷ ଏବଂ ଅନ୍ୟତମ ଅତିଥିଙ୍କ ଦ୍ୱାରା ଚାମ୍ପିୟନ ଦଳକୁ ଚାଳିଶ ହଜାର ସହିତ ଟ୍ରଫି ଏବଂ ରନର୍ସଅପ୍ ଦଳକୁ ତିରିଶ ହଜାର ସହିତ ଟ୍ରଫି ଦିଆ ଯାଇଥିଲା। ଆମ୍ପାୟାର ଭାବେ ନକୁଳ ରାଉତ ଏବଂ ଉମେଶ ଷଣ୍ଢ ଖେଳ ପରିଚାଳନା କରିଥିଲେ। ଏହାର ଉଦ୍‌ଘାଟନୀ ଉତ୍ସବରେ ଗତ ୧୨ତାରିଖ ରବିବାର ଭାଜପା ନେତା କଳାକୃଷ୍ଣ ଓରାମ ଏବଂ ଶଶୀଧର ମାଝୀ ଅତିଥି ଭାବେ ଯୋଗଦାନ କରି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଆୟୋଜିତ ଟୁର୍ନାମେଣ୍ଟକୁ ଅଉଁଲାବାହାଲ ଡେଜଲିଙ୍ଗ ଷ୍ଟାର କ୍ଲବ୍‌ର ସଭାପତି ଦିଲୀପ ମାଝୀ, ସମ୍ପାଦକ ସୁମନ୍ତ ପଟେଲ ପ୍ରମୁଖ କ୍ଲବ୍ ସଦସ୍ୟଙ୍କ ଦ୍ୱାରା ଆୟୋଜନ କରାଯାଇଥିଲା।

## ଅଭିଭାବକ ଓ ଶିକ୍ଷକ ସମ୍ମିଳନୀ

**ନୂଆଗାଁ, ୧୬।୧ (ଡି.ଏନ.ଏ)**

ଶିକ୍ଷାବିଭାଗର ନିର୍ଦ୍ଦେଶ ମୁତାବକ ଗୁରୁବାର ସବୁ ବିଦ୍ୟାଳୟରେ ଆୟୋଜିତ ହୋଇଥିଲା ଅଭିଭାବକ ଓ ଶିକ୍ଷକ ସମ୍ମିଳନୀ । ସୁନ୍ଦରଗଡ ଜିଲା ନୂଆଗାଁ ବ୍ଲକର ୧୩ଟି କ୍ଲଷ୍ଟରରେ ଥିବା ସମସ୍ତ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ଶିକ୍ଷକ ତଥା କ୍ଲଷ୍ଟରର ସିଆରସିସି ଅନଦାଶଙ୍କର ପାଢ଼ୀ, ସିଆରସିସି ପ୍ରଶାନ୍ତ କେର୍କେଟା, ରୋଶନ ଲାକ୍ରା, ରଞ୍ଜିତ ଏକ୍କା, କାମିଲ ତିର୍କୀ ପ୍ରମୁଖ ନିଜ ନିଜ କ୍ଲଷ୍ଟରରେ ରହି ବିଭିନ୍ନ ସ୍କୁଲ ଗୁଡିକରେ ଆୟୋଜିତ ଅଭିଭାବକ ଓ ଶିକ୍ଷକ ସମ୍ମିଳନୀରେ ଯୋଗଦେଇ ନିଜ ନିଜ ମତବ୍ୟକ୍ତ କରିବା ସହ ଏହାର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରିଥିଲେ । ନୂଆଗାଁ ବିଇଓ ସସ୍ମିତା ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାଯର୍ୟକ୍ରମ ଗୁଡିକରେ ବ୍ଲକର ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ବନମାଳୀ ମଲ୍ଲିକ, ବାନେ କେନ୍ଥୁଆ ପ୍ରମୁଖ ବିଭିନ୍ନ ସ୍କୁଲ ପରିଦର୍ଶନ କରି ସରକାରଙ୍କ ଉକ୍ତ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଅବଗତ କରିଥିଲେ ।

## ସିଏଏ ସପକ୍ଷରେ ଭାଜପାର ପଦଯାତ୍ରା

**ହେମଗିର, ୧୬।୧ (ଡି.ଏନ.ଏ)**

ସମଗ୍ର ଦେଶରେ ନାଗରିକତା ସଂଶୋଧନ ଆଇନ (ସିଏଏ)କୁ ନେଇ ତୁମ୍ବି ତୋଫାନ ଲାଗି ରହିଥିବା ବେଳେ ଏହାର ଉଦ୍ଦେଶ୍ୟ ସମ୍ପର୍କରେ ସର୍ବସାଧାରଣରେ ଅବଗତ କରାଇବା ପାଇଁ ଭାଜପା ଓ ଏହାର ସହଯୋଗୀ ଦଳମାନଙ୍କ ପକ୍ଷରୁ ଉଦ୍ୟମ ଜାରି ରହିଛି । ଏହି ପରିପ୍ରେକ୍ଷୀରେ ହେମଗିର ଓ ବିଲେଇମୁଣ୍ଡା ଉଭୟ ଜୋନର ଭାଜପା କର୍ମକର୍ତ୍ତାମାନଙ୍କ ପକ୍ଷରୁ ଏକ ରାଲିର ଆୟୋଜନ କରାଯାଇଥିଲା । ଏହାର ନେତୃତ୍ୱ ସଦର ବିଧାୟିକା କୁସୁମ ଟେଟେ ନେଇଥିବା ବେଳେ ହେମଗିର ବିଧାୟିକା ପ୍ରତିନିଧି ସରୋଜ ପାଣିଗ୍ରାହୀ ଏହାର ଆୟୋଜନ କରିଥିଲେ। ପ୍ରଥମେ ହେମଗିର ଡାକବଙ୍ଗଳାଠାରୁ ଭାଜପା ସଭ୍ୟାସଭ୍ୟମାନଙ୍କୁ ନେଇ ଏକ ରାଲି ବାହାରିଥିଲା। ସମସ୍ତେ ସିଏଏ ସପକ୍ଷରେ ସ୍ଲୋଗାନ ଦେବା ସହ ଲୋକଙ୍କୁ ଲିଫଲେଟ ମଧ୍ୟ ବାଣ୍ଟିଥିଲେ । ରାଲିଟି ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇ ଏକ ପଥପ୍ରାନ୍ତ ସଭାର ଆୟୋଜନ କରାଯାଇଥିଲା । ଦଳର ବରିଷ୍ଠ ସଭ୍ୟ ତଥା ଏମ୍‌ପି ପ୍ରତିନିଧି ବିଶିକେଶନ ସା, ସୁଶାନ୍ତ ରଞ୍ଜନ ପଟ୍ଟନାୟକ, ସୁରଥ ପଧାନ, ପ୍ରେମସାଗର ଓରାମ, କଳାକୃଷ୍ଣ ଓରାମ ପ୍ରମୁଖ ସିଏଏ ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ବୁଝାଇଥିଲେ । ଏହି ପଦଯାତ୍ରାରେ ମହେଶ ଶତପଥି, ସନ୍ତୋଷ ସିଂ, ଅରୁଣ ପଧାନ, ସୁକାନ୍ତ ମାଝୀ, ଅଜୟ ଦାସ, ସୀମା ଦାସ, ରୁବି ପଟେଲ, ରାଜୁ ନାଏକ, ରୁଦ୍ର ପଧାନ ତଥା ଶତାଧିକ ଭାଜପା କର୍ମୀ ସାମିଲ ହୋଇଥିଲେ ।





ଭାଜପା କର୍ମକର୍ତ୍ତା ଶୋଭାଯାତ୍ରାରେ ଯାଉଛନ୍ତି।

# କୁମଝରିଆରେ ୮ ଶହ ଅଭିଭାବକଙ୍କ ସମାବେଶ

**କୁଆଁରମୁଣ୍ଡା,୧୬।୧(ଡି.ଏନ.ଏ.)**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶମତେ ଗୁରୁବାର ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନ କୁମଝରିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଭିଭାବକ ସମାବେଶ ହୋଇଥିଲା। ୮ଶହରୁ ଅଧିକ ଅଭିଭାବକ ଯୋଗଦେଇ ବିଦ୍ୟାଳୟର ସୁନ୍ଦରବଗିଚା ବୁଲିଦେଖିବାସହ ବିଦ୍ୟାଳୟର ପରିବେଶକୁ ଦେଖି ଆନନ୍ଦିତ ହୋଇଥିଲେ। ପରେ ଆୟୋଜିତ ବୈଠକରେ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସଞ୍ଜୟ କୁମାର ସାମଲ ଯୋଗଦେଇ ଅଭିଭାବକମାନଙ୍କ ପ୍ରେରଣା ଯୋଗୁ ସବୁ କିଛି ସମ୍ଭବ ହେଉଛି ବୋଲି କହିଥିଲେ। ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ବିକାଶ ଅଧିକ କରିବାକୁ ବିଦ୍ୟାଳୟର ପରିବେଶକୁ ସୁନ୍ଦର କରାଯାଇଛି। ତା' ସହିତ ଶିକ୍ଷୟିତ୍ରୀ/ଶିକ୍ଷକଙ୍କର ଗୁରୁ ଦାୟିତ୍ୱ ରହିଥିବାବେଳେ ଅଭିଭାବିକା/ଅଭିଭାବକମାନଙ୍କର ମଧ୍ୟ ସହଯୋଗ ରହିଛି। ଛାତ୍ରୀଛାତ୍ର କିଭଳି ନିୟମିତ ଭାବେ ବିଦ୍ୟାଳୟ ଆସିବେ ସେଥିପ୍ରତି ମା'ବାପା ଯତ୍ନବାନ ହେବା ଆବଶ୍ୟକ ବୋଲି ପ୍ରଧାନଶିକ୍ଷକ ସାମଲ ଉପସ୍ଥିତ ଅଭିଭାବିକା/ଅଭିଭାବକମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ କୁଆଁରମୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ସଦାନନ୍ଦ ପଧାନ ଯୋଗ ଦେଇ ବହୁ ସଂଖ୍ୟାରେ ଉପସ୍ଥିତ ଥିବା ଅଭିଭାବିକା/ଅଭିଭାବକଙ୍କୁ ଧନ୍ୟବାଦ ଦେଇଥିଲେ। ଜାତି/ଜନଜାତିବହୁଳ ଅଞ୍ଚଳରେ ଗଢି ଉଠିଥିବା ଏହି ବିଦ୍ୟାଳୟର ଶିକ୍ଷୟିତ୍ରୀ/ଶିକ୍ଷକଙ୍କ ଭଳି ମାତାପିତାମାନଙ୍କର ପୂର୍ଣ୍ଣ ସହଯୋଗ କାରଣରୁ ଛାତ୍ରୀଛାତ୍ର ପ୍ରତିବର୍ଷ ୩ୟ, ୫ମ ଏପରିକି ମାଟ୍ରିକ ପରୀକ୍ଷାରେ ଜିଲାରେ ଉତ୍ତମ ଫଳାଫଳ କରିଆସୁଛନ୍ତି ବୋଲି ଗୋଷ୍ଠୀ ଶିକ୍ଷାଧିକାରୀ ପଧାନ ବକ୍ତବ୍ୟରେ କହିଛନ୍ତି। ଏହି ଅବସରରେ ଛାତ୍ରୀଛାତ୍ରଙ୍କର ଷାଣ୍ମାସିକ ପରୀକ୍ଷା ଫଳ,ଏଲଇପି, ଉଜ୍ଜ୍ୱଳ, ଉତ୍‌ଥାନ କ୍ଲାସ ସମ୍ପର୍କରେ ଉପସ୍ଥିତ ଅଭିଭାବିକା/ଅଭିଭାବକଙ୍କ ସହ ଶିକ୍ଷୟିତ୍ରୀ/ଶିକ୍ଷକମାନେ ଆଲୋଚନା କରିଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଉଦେଇ ଟପ୍ପୋ, ସିଆରସିସି ଯାଗେଶ୍ୱର ରାଏଙ୍କ ସହ ଅନ୍ୟ ଶିକ୍ଷୟିତ୍ରୀ/ଶିକ୍ଷକମାନେ ଉପସ୍ଥିତ ଥିଲେ।





କୁମଝରିଆ ହାଇସ୍କୁଲରେ ଅନୁଷ୍ଠିତ ଅଭିଭାବକଶିକ୍ଷକ ବୈଠକରେ ପ୍ରଧାନ ଶିକ୍ଷକ, ବ୍ଲକ ଶିକ୍ଷାଧିକାରୀଙ୍କ ସହ ଅନ୍ୟମାନେ।

